ନଭେମ୍ବର ୨୦୨୦



ISSN NO – 2582-208X

**[ଜ୍ଞାନକୁ ପରିମାର୍ଜିତ କରୁଥିବା ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ପତ୍ରିକା]**

**...ପ୍ରତ୍ୟେକ ଓଡିଆଙ୍କ ପାଇଁ ସମ୍ପୂର୍ଣ୍ଣ ଓଡିଆରେ ପ୍ରକାଶିତ ଏକ ପାରିବାରିକ ଇ-ପତ୍ରିକା...**

**(ଅଗଷ୍ଟ ୧, ୨୦୧୫ରୁ ପ୍ରତିମାସରେ ପ୍ରକାଶିତ)**

## ପ୍ରତିଷ୍ଠାତା – ଅରବିନ୍ଦ ମିଶ୍ର



ଯୋଗାଯୋଗ

Whatsapp:+ 91 9594993733

ଭ୍ରାମ୍ୟଭାଷ - +91 9594993733

**Website: www.vedantimagazine.com**

**Email ids:**

**vedantimagazine@gmail.com**

**editor.vedantimagazine@gmail.com**



ଅରବିନ୍ଦ ମିଶ୍ର

ପ୍ରିୟ ପାଠକବନ୍ଧୁ,

ବେଦାନ୍ତୀ ପରିବାର ତରଫରୁ ସମସ୍ତ ପାଠକବୃନ୍ଦଙ୍କୁ ଦୁର୍ଗାପୂଜା ର ଅନେକ ଅନେକ ଶୁଭେଚ୍ଛା ।

ଅଶ୍ୱିନ ମାସ ଶୁକ୍ଳପକ୍ଷ ଦଶମୀ ତିଥିକୁ ହିନ୍ଦୁ ଧର୍ମ ରେ ବିଜୟ ଦଶମୀ ଭାବେ ପାଳନ କରାଯାଏ । ଶୁକ୍ଳପକ୍ଷ ସପ୍ତମୀଠାରୁ ଦୁର୍ଗାପୂଜା କରାଯାଇଥାଏ । ଦେବୀ ତିନଦିନ ପୂଜା ପାଇବା ପରେ ଦଶମୀ ଦିନ ବିସର୍ଜନ ହୁଅନ୍ତି । ଦେଶର ବିଭିନ୍ନ ସ୍ଥାନରେ ଦୁର୍ଗାପୂଜା ବହୁତ ଯାକଯମକରେ କରାଯାଇଥାଏ । କୋଲକତା ଓ କଟକକୁ ବାଦ ଦେଲେ ମୈଶୁର, କୁଲୁ, ରାଜସ୍ଥାନ ଏବଂ ନେପାଳରେ ସେଠାକାର ରୀତି ନୀତି ଅନୁସାରେ ପୂଜା କରାଯାଇଥାଏ ଏବଂ ଏହା ବିଶ୍ୱରେ ପ୍ରସିଦ୍ଧ ।

ହିନ୍ଦୁ ଧର୍ମର ପ୍ରତ୍ୟେକ ପର୍ବ ପାଳନ ପଛରେ ଅନେକ ପୌରାଣିକ ଆଖ୍ୟାନ ରହିଥାଏ । ପୁରାଣ ଅନୁସାରେ ଏହି ଦିନ ଦେବୀ ଦୁର୍ଗା ମହିଷାସୁରର ବଧ କରିଥିଲେ । ଏଣୁ ଏହି ଦିନ ରାବଣପୋଡି ମଧ୍ୟ କରାଯାଇଥାଏ । ରାମାୟଣ ଗ୍ରନ୍ଥ ଅନୁସାରେ ପ୍ରଭୁ ରାମଚନ୍ଦ୍ର ଦଶମୀ ଦିନ ହିଁ ଦୁର୍ଗାଙ୍କ ଆଶୀର୍ବାଦରେ ରାବଣ ବଧ କରିଥିଲେ ଏବଂ ସେଥିପାଇଁ ଏହି ଦିନଟିକୁ ବିଜୟାଦଶମୀ ଭାବରେ ନାମିତ କରାଯାଇଛି ।

ସେ ଯାହା ହେଉ ନା କାହିଁକି, ସମାଜରୁ ଅନ୍ୟାୟ, ଅତ୍ୟାଚାରକୁ ବିତାଡିତ କରି ଧର୍ମ ପ୍ରତିଷ୍ଠାର ପ୍ରତୀକ ରୂପେ ଦୁର୍ଗାପୂଜା କୁ ପାଳନ କରାଯାଇଥାଏ । ଏହି ପର୍ବ ଆମ ଭିତରେ ସ୍ନେହ ଶ୍ରଦ୍ଧା ବଢାଇ ଏକତା ରକ୍ଷା କରିବାରେ ସାହାଯ୍ୟ କରିଥାଏ ।

କରୋନା ର ପ୍ରକୋପ ଲାଗି ରହିଥିବା ସତ୍ତ୍ୱେ ମଧ୍ୟ ଏହି ବର୍ଷ ସାରା ଭାରତରେ ଏହି ପର୍ବଟିକୁ ଅନେକ ଯାକଯମକରେ ପାଳନ କରାଯାଇଛି । ଏହାର କାରଣ ହେଉଛି ଏହି ବର୍ଷ ଅନେକ

ସଂଘର୍ଷ ପରେ ଅଯୋଧ୍ୟାରେ ରାମ ମନ୍ଦିର ପାଇଁ ରାସ୍ତା ଖୋଲିଛି ଆଉ ଅଯୋଧ୍ୟା ହେଉଛି ରାମଙ୍କ ନଗରୀ । ଏଥିପାଇଁ ଏଠାରେ ପ୍ରଥମ ଥର ପାଇଁ "ଅଯୋଧ୍ୟା ରାମଲୀଳା" ର ଆୟୋଜନ ମଧ୍ୟ କରାଯାଇଛି । ସମାଜରେ ସତ୍ୟ ଏବଂ ଧର୍ମର ଭାବନା ବଢାଇବା ଏବଂ ଏକତା ପାଇଁ ରାମଲୀଳା ଯେ ଅନେକ ସାହାଯ୍ୟ କରେ ଏଥିରେ ତିଳେ ମାତ୍ର ସନ୍ଦେହ ନାହିଁ ।

ହିନ୍ଦୁ ଧର୍ମରେ ସମସ୍ତ ପର୍ବପର୍ବାଣୀ ଆମମାନଙ୍କୁ କିଛି ନା କିଛି ଶିକ୍ଷା ପ୍ରଦାନ କରିଥାଏ । ସନାତନ ଧର୍ମ ଅତି ପୁରୁଣା ଏବଂ ଅନେକ ପ୍ରକାରର ଶାସ୍ତ୍ର ମଧ୍ୟ ରହିଛି । ଏପରିକି ଆମର ଦୈନନ୍ଦିନ ଜୀବନ କପରି ଅତିବାହିତ କରିବା, ତାହା ମଧ୍ୟ ଶାସ୍ତ୍ରରେ ଲେଖାଯାଇଛି । ଯେପରିକି ବାସ୍ତୁ ଶାସ୍ତ୍ର, ଜ୍ୟୋତିଷ ଶାସ୍ତ୍ର, କାମ ଶାସ୍ତ୍ର, ନାଟ୍ୟ ଶାସ୍ତ୍ର, ଯୋଗ ଶାସ୍ତ୍ର, ତନ୍ତ୍ର ଶାସ୍ତ୍ର ଇତ୍ୟାଦି । ଶାସ୍ତ୍ରରେ ଅନେକ କ୍ଷେତ୍ରରେ ମନୁଷ୍ୟର ସମସ୍ତ କାର୍ଯ୍ୟପ୍ରଣାଳୀକୁ ଦର୍ଶାଯାଇଛି । ପୁରାତନ ଭାରତରେ ମନୁଷ୍ୟ ଜୀବନକୁ ଉନ୍ନତରୁ ଉନ୍ନତତର କରିବାପାଇଁ ବିଭିନ୍ନ ପ୍ରକାର ଗବେଷଣା କରାଯାଇ ସେହି ତଥ୍ୟକୁ ପିଢି ପରେ ପିଢି ସଂଗ୍ରହ କରାଯାଉଥିଲା । ଆଜି ଆମେ ମାନପାରୁ ବା ନମାନପାରୁ, କିନ୍ତୁ ଆମ ପୂର୍ବପୁରୁଷ ମାନେ ଅନେକ ପ୍ରକାର ସାରତତ୍ତ୍ୱ ଏହି ଶାସ୍ତ୍ର ଆକାରରେ ଆମ ସମାଜକୁ ଦେଇ ଯାଇଛନ୍ତି । ଆଉ ଏହାକୁ ଆଗକୁ ବଢାଇବା ହେଉଛି ଆମମାନଙ୍କର ଦାୟିତ୍ୱ ।

ବିଜୟ ଦଶମୀ ର ଏହି ପାବନ ଅବସରରେ ମାନବ ଜାତିର ଉନ୍ନତି ହେଉ, ଏହା ହିଁ ମାଁ ଦୂର୍ଗା ଙ୍କ ଚରଣ ରେ ପ୍ରାର୍ଥନା ।

"ଯା ଦେବୀ ସର୍ବ ଭୂତେଷୁ ମାତୃ ରୂପେଣ ସଂସ୍ଥିତା,
ନମସ୍ତସ୍ୟୈ ନମସ୍ତସ୍ୟୈ ନମସ୍ତସ୍ୟୈ ନମୋ ନମଃ"

ଅରବିନ୍ଦ ମିଶ୍ର

# ଭିତର ପୃଷ୍ଠାରେ....



| | | |
|---|---|---|
| ମନ ବଗିଚ୍ଚ | ଡକ୍ଟର ବିଜ୍ଞାନୀ ଦାସ | ୧୩ |
| କ୍ଷମାର ଭିତ୍ତିଭୂମି ପ୍ରସ୍ତୁତିରେ | ଭାସ୍କର ଚନ୍ଦ୍ର ଖଣ୍ଡା | ୨୨ |
| ସନ୍ଦେହ | ଡ. ପ୍ରସନ୍ନ କୁମାର ବଳ | ୨୪ |
| ନାୟିକା ସୁରଙ୍ଗୀ ନୟନା | ଆଶୁତୋଷ ମେହେର | ୨୬ |
| କଥାର କବିତା | ଡକ୍ଟର ମନୋରଞ୍ଜନ ବିଷୋୟୀ | ୨୭ |
| ଅସାଧାରଣ ସୁନ୍ଦରବନ | ଅଶୋକ ବିଶ୍ୱାଳ | ୨୮ |
| ଛାଡିଗଲୁ କାହିଁ ଅଧା ବାଟରେ | ଶାନ୍ତିଲତା ମିଶ୍ର | ୩୫ |
| କବିତା | ଅର୍ଜୁନ ମେହେର (ଆଶ୍ରିତ) | ୩୭ |
| ଅମାନିଆ ସେ | ସାବିତ୍ରୀ ମହାପାତ୍ର | ୩୮ |
| ବିଶ୍ୱ ଦରବାରେ | ରାଜକିଶୋର ସାଇଁ | ୩୯ |
| ସଂହତି | ଶଶଧର ମହାପାତ୍ର | ୪୦ |
| ମନ | ନମିତା ଦାଶ | ୪୩ |
| ଏଇ ଶରତେ | ପ୍ରଭାତ ନଳିନୀ ସାହୁ | ୪୪ |
| ଦୁଃଖିନୀ ସ୍ରବନ୍ତୀ | ଲିପିକା ମହାପାତ୍ର | ୪୫ |
| ଚଲାପଥ | ଡଃ ପ୍ରତିମା ଉପାଧ୍ୟାୟ | ୪୭ |
| ଦୀର୍ଘଜୀବନ ବିପକ୍ଷରେ | ଡକ୍ଟର ପ୍ରଦୀପ ମହାପାତ୍ର | ୪୮ |
| ମୁଖାର ବୟସ କେତେ | ଅସୀମା ସାହୁ | ୫୪ |
| ହେ ବନ୍ଧୁ! | ପ୍ରତିମା ମେହେର | ୫୫ |
| ମା' ଦୁର୍ଗା | ପୁଷ୍ପିତା ଭୂୟାଁ | ୫୬ |
| ମାନସର ମାନସ ସରୋବର | ରାଜଶେଖର ସି 'ଚମା' | ୫୭ |
| ସେଇ ଅନ୍ଧାର ରାତିରେ | ବିଜୟ କୁମାର ପଣ୍ଡା | ୫୯ |
| ଓଠ ଉତ୍କଳୀୟ | ନନ୍ଦିନୀ ରାଉତ | ୭୨ |

| | | |
|---|---|---|
| ମନ | ତନୁଶ୍ରୀ ଅନନ୍ଦିତା ପଟ୍ଟନାୟକ | ୬୩ |
| ବାତ୍ସଲ୍ୟର ଛ'ମାଣ ଆଠଗୁଣ୍ଠ | ପ୍ରାଧାପିକା ଜ୍ୟୋସ୍ନା ରାୟ | ୬୪ |
| ଥରେ ଆମ ଗାଁ ଆଡେ ଆସ | ବିନୟ ମହାପାତ୍ର | ୬୬ |
| 'ସଖା' ବୋଲି ଡାକଲା ପରେ | ଦୂର୍ବାଦଳ କର୍ଲି | ୭୨ |
| ବର୍ଷା | ଅଶୋକ କୁମାର ପ୍ରଧାନ | ୭୩ |
| ଆଶା ସୂର୍ଯ୍ୟ | ଅଶୋକ କୁମାର ପ୍ରଧାନ | ୭୪ |
| ପ୍ରକୃତି ରାଣୀ | ଲକ୍ଷ୍ମଣ ମହାନ୍ତି | ୭୬ |
| ପ୍ରଶ୍ନବାଚୀ | ଅମ୍ବିକା ସ୍ୱାଇଁ | ୭୭ |
| ଶାରଦୀୟ ଅନୁଚନ୍ତା | ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି | ୮୪ |
| ଭଗ୍ନ ଅଭିସାର | ଅଧାପକ ଶରତ କୁମାର ଦାସ | ୮୬ |
| ସହିଦ ସଲାମ | ହେମନ୍ତ ଦାଶ | ୮୮ |
| ପାୟୋଜୀ ମୈନେ ରାମରତନ ଧନ ପାୟୋ | ଆରତୀ ସାହୁ (ଆଶା) | ୮୯ |
| ପୀତବାସଙ୍କ ସ୍ମୃତିରେ | ସନାତନ ମହାକୁଡ | ୯୫ |
| ନିର୍ବାଣ | ସମ୍ୟଜିତ ପାତ୍ର | ୯୬ |
| ମୃଣ୍ମୟୀ | ଶୈଳାଧି ରାଜତନୟା ଶତପଥୀ | ୯୭ |
| ଘର ବାହୁଡ଼ା | ସଂଘମିତ୍ରା ସାମନ୍ତରାୟ | ୯୯ |
| ମୁଁ ସନ୍ୟାସିନୀ | ବିନ୍ଧ୍ୟାରାଣୀ ଦାଶ | ୧୦୧ |
| ଜୀବନ ଓ ନଦୀ | ସଂଯୁକ୍ତା ମହାପାତ୍ର | ୧୦୫ |
| ଲୋଡ଼ାନାହିଁ ମୋର | ମଧୁସ୍ମିତା ପୃଷ୍ଟି | ୧୦୬ |
| ନୂଆ କଛି ସୃଷ୍ଟି କର | ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ | ୧୦୭ |
| ଅପରାଜିତା | ସୁଷମା ପରିଡା | ୧୦୮ |
| କଳ୍ପିତ ଖଳନାୟକ | ପୂର୍ଣ୍ଣଚନ୍ଦ୍ର ରଣା | ୧୧୩ |
| ଜୀବନ ଜଞ୍ଜାଳ ଓ ଜୁଇ | ଚିନ୍ମୟୀ ଗଜେନ୍ଦ୍ର | ୧୧୪ |

| | | |
|---|---|---|
| ଆଧ୍ୟାତ୍ମବାଦ ବନାମ ମାନବବାଦ | ଡ. ଅର୍ଜୁନ ଚରଣ ବାରିକ୍ | ୧୧୫ |
| କରୋନା ଭାଗବତ | ଶମ୍ଭୁନାଥ ଦାସ | ୧୧୮ |
| ମନେପଡେ | ଡ. ଜ୍ଞାନେଶ୍ୱର ମିଶ୍ର | ୧୧୯ |
| ସଲାମ୍ ଶହୀଦ୍ | ଭାରତୀ ପଣ୍ଡା | ୧୨୦ |
| ସାରସ୍ୱତ ପ୍ରତିଭାଧର- ବୈଷ୍ଣବ ପାଣି | କୁଞ୍ଜ ବିହାରୀ ସାହୁ | ୧୨୧ |
| ଜଗନ୍ନାଥ ରଥଯାତ୍ରା | ଶଶିଭୂଷଣ ଗୌଡ | ୧୩୨ |
| ଦୁଃଖ ଏପଟେ, ସୁଖ ସେପଟେ | କିଶୋର ମହାନ୍ତି | ୧୩୩ |
| କାଶତଣ୍ଡୀ | ସନ୍ତୋଷ ପଟ୍ଟନାୟକ | ୧୩୪ |
| ନାରୀ କିଛି କଥା କିଛି ବ୍ୟଥା | ତେଜସ୍ୱିନୀ ସାମଲ | ୧୩୫ |
| ଦୁଃଖ ଭେଦି ପ୍ରଶ୍ନ, ପରମେଶ୍ୱରଙ୍କୁ | କଳ୍ପନା ରାୟ | ୧୩୮ |
| ଶାନ୍ତି ରୂପେଣ ସଂସ୍ଥିତା | ବିଜୟଲକ୍ଷ୍ମୀ ପାଣିଗ୍ରାହି | ୧୩୯ |
| ଜହ୍ନ ସହ କିଛିକ୍ଷଣ | ସୁଭଦ୍ରା ରାଉତ | ୧୪୦ |
| କନ୍ୟା ରତ୍ନ | ବାସନ୍ତୀ ଲତା ଜେନା | ୧୪୧ |
| ରାଫେଲ ଆସିଛି | ପ୍ରକାଶ ଚନ୍ଦ୍ର ପଣ୍ଡା | ୧୪୩ |
| ଗାନ୍ଧୀ ତୁମେ ଫେରିଆସ | ସ୍ୱାଗତ ମିଶ୍ର | ୧୪୪ |
| ଛବିଶ | ସୌମ୍ୟ ରଞ୍ଜନ ପାଲ | ୧୪୫ |
| ଦୁର୍ନୀତିର ମୂଳ | ବିଜୟ କୁମାର ଜେନା | ୧୪୬ |
| ପ୍ରିୟଜନ | ତ୍ରିପତି ପ୍ରଧାନ | ୧୫୧ |
| ତୁମେ ଯଦି ଆସିଥାନ୍ତ | ପ୍ରତାପ ମିଶ୍ର | ୧୫୨ |
| ନାରୀ ତୁମେ ମହାନ୍ ନାୟିକା | ହାସ୍ୟମୟୀ ରାଜ୍ | ୧୫୩ |
| ଜୀବନ ଓ ସଂଘର୍ଷ | ମଧୁସ୍ମିତା ସେନାପତି | ୧୫୫ |
| ସୁନା ସଂସାର | ରାମ ଚନ୍ଦ୍ର ପ୍ରଧାନ | ୧୫୭ |
| ମାଆ/ମାତୃଭୂମି /ମାତୃଭାଷା | ବୈଦ୍ୟନାଥ ପଣ୍ଡା | ୧୫୮ |
| ତ୍ୟାଗ | ନେପାଳ କୁମାର ବେହେରା | ୧୫୯ |

| | | |
|---|---|---|
| ଏମିତିବି ହୁଏ | ସତ୍ୟବ୍ରତ ସାହୁ | ୧୬୦ |
| ତୁମେ ସତ୍ୟ ଶିବ ସୁନ୍ଦର | ପୁଷ୍ପଲତା ବେହେରା | ୧୬୩ |
| ବୃକ୍ଷ ହିଁ ଜୀବନ | ନରେନ୍ଦ୍ର ପ୍ରସାଦ ବେହେରା | ୧୬୫ |
| ଶ୍ମଶାନ ବୈରାଗ୍ୟ | ପ୍ରବୋଧ ଚନ୍ଦ୍ର ମୁଦ୍ରା | ୧୬୬ |
| ଅଚହ୍ନା ବନ୍ଧନ | ଜୟଲକ୍ଷ୍ମୀ ସେଠୀ | ୧୬୯ |
| ଶାରଦୀୟ ମା ଦୁର୍ଗା | ଅମରନାଥ ବାରିକ | ୧୭୫ |
| ସ୍ୱଚ୍ଛ ଭାରତ ମାତା | କୀର୍ତ୍ତି ଦେବୀ | ୧୭୬ |
| ଶିଶୁ | ଅଲେଖ ମେହେର | ୧୭୭ |
| ଜନ୍ମଭୂମି | ନିରଞ୍ଜନ ସାହୁ | ୧୭୮ |
| ଏକ ଦେଶ, ଏକ ବଜାର | ଡ଼ି ଶୁଭମ୍ | ୧୭୯ |
| କାଶତଣ୍ଡୀ ର ସୌନ୍ଦର୍ଯ୍ୟ | ବିଶ୍ୱ ରଞ୍ଜନ ମହାନ୍ତି | ୧୮୨ |
| ନାରୀ ସଶକ୍ତିକରଣ | ଲଲାଟେନ୍ଦୁ ବାରିକ | ୧୮୩ |
| ମହିଷାସୁର ର ଦୁର୍ଗାପୂଜା | ପଣ୍ଡିତ ମଧୁସୂଦନ ମିଶ୍ର | ୧୮୪ |
| ଗଣତନ୍ତ୍ର ରାଷ୍ଟ୍ରରେ ନାରୀଶିକ୍ଷା: କେତେ ସ୍ୱପ୍ନ କେତେ ବାସ୍ତବ | ଅଧ୍ୟାପକ ସୌଭାଗ୍ୟ ରଞ୍ଜନ ମହାପାତ୍ର | ୧୮୫ |
| ପ୍ରସଙ୍ଗ - ଆମ ଓଡିଶା | ସରୋଜ କୁମାର ସାହୁ | ୧୯୧ |
| ପୃଥିବୀକୁ ବିଶ୍ରାମ ଲୋଡା | ଦିନବଂଧୁ ବେଜ | ୧୯୨ |
| ଲୁହରେ ଲେଖୁଛି ଚଠି | କୁମୁଦିନୀ ବେହେରା | ୧୯୩ |
| ଭାଗ୍ୟ ଡୋରି | ନବ କୁମାର ଦାସ | ୧୯୪ |
| ମନ ମିଶିଲେ ସମୁଦ୍ର ଶୁଖେ | ସୁବଳ ମହାପାତ୍ର | ୧୯୫ |
| କବି ମାନସ | ଅନାଦି ସେଠ | ୧୯୯ |
| ଫୁଲ | ବିଜୟ କୁମାର ଛାଟୋଇ | ୨୦୦ |
| ନାରୀ | ତ୍ରିଲୋଚନ ସାହୁ | ୨୦୧ |
| ବୋଉ | ସସ୍ମିତା ପଟ୍ଟନାୟକ | ୨୦୨ |

| | | |
|---|---|---|
| କପାଳରେ ଥିବ କାନ୍ଦିବା | ଶିଶିର କୁମାର ପଣ୍ଡା | ୨୦୪ |
| ମରୀଚକା | ସୁଲୋଚନା ବେହେରା | ୨୦୫ |
| ଲୁଣ୍ଠନ | ଡ. ତନ୍ମୟ କବି | ୨୦୬ |
| ଆସ୍ପୃଶ୍ୟତା | ଅଜିତ ପାଢ଼ି | ୨୦୭ |
| ଜମିନ | ଅଶ୍ୱିନୀ କୁମାର | ୨୦୯ |
| ଅମାନବୀୟ ପ୍ରଥା | ବେଣୁଧର ସୁରୁଜାଲ | ୨୧୧ |
| ଲକ୍ଷେ ନବାବଙ୍କ ସହର ଲକ୍ଷ୍ନୌ: କାଲି ଓ ଆଜି | ପ୍ରିୟବ୍ରତ ପାତ୍ର | ୨୧୩ |
| କବିତା ଲେଖା ନହେଲା ନାହିଁ | ସୌଭାଗ୍ୟ ଗିରି | ୨୧୮ |
| ଭାବନାରେ ତୁ | ସରୋଜ ଲକ୍ଷ୍ମୀ ମହାନ୍ତି | ୨୨୦ |
| ଛୋଟ ମୋର ନାଆଟି | ପ୍ରଫେସର ଅନନ୍ତା ପଣ୍ଡା | ୨୨୧ |
| ତଟିନୀ | ସୂର୍ଯ୍ୟକାନ୍ତି ରାଉତ | ୨୩୦ |
| ମୁଁ କ ପାଳବି ପାର୍ବଣ? | ସସ୍ମିତା ଚୌଧୁରୀ | ୨୩୧ |
| ଗୃହବନ୍ଦୀ | ଖଗେଶ୍ୱର ବାଗ | ୨୩୨ |
| ରାମ ଅବତାର, ସୀତା ବିବାହ | ଡ. ସୀମାନ୍ତ ନନ୍ଦ | ୨୩୩ |
| ମୁଁ କଳୁଷିତ | ଶରତ କୁମାର ନାଏକ | ୨୩୬ |
| ମା ଭୈରବୀ | ଦେବାର୍ଚ୍ଚନ ମେହେର | ୨୩୭ |
| ଓଡିଆ ସାହିତ୍ୟ କଥା | ସେବାକାନ୍ତ ନନ୍ଦ | ୨୩୯ |
| ୧୩୦୦୦ ପତ୍ନୀଙ୍କ ପତି | ସୁଧାଂଶୁ ଶେଖର ଦ୍ୱିବେଦୀ | ୨୪୨ |
| ତୁମ ନୂଆ ରୂପ | ସିଦ୍ଧେଶ୍ୱର ତ୍ରିପାଠୀ | ୨୪୪ |
| ଶେଫାଳ ପ୍ରତି | ବିଶ୍ୱଜିତ ଆର୍ଯ୍ୟ | ୨୪୫ |
| ମୋ ବିକଳ୍ପ ତ ମହାସଙ୍କଟ | ପଙ୍କଜିନ ଭୋଇ | ୨୪୬ |
| କବିତାକୁ ପ୍ରଶ୍ନ | ସଂଯୁକ୍ତା ସାହୁ | ୨୪୭ |
| ଅନୁଭୂତିରୁ ପଦେ | ଲକ୍ଷ୍ମୀ ଆଗ୍ରର୍ଯ୍ୟ | ୨୪୮ |

# ନଭେମ୍ବର - ୨୦୨୦


| | | |
|---|---|---|
| ଅଫେରା ଅତୀତ | ଅନିଲ୍ ପ୍ରଧାନ | ୨୫୨ |
| ଆସୁଛନ୍ତି  ମାଆ | ପ୍ରିୟଦର୍ଶିନୀ ମହାପାତ୍ର | ୨୫୨ |
| ଥୁଣ୍ଟା ବରଗଛ | ତାରାପ୍ରସାଦ ଜେନା | ୨୫୩ |
| ଏଣୁ ତେଣୁ ପ୍ରଶ୍ନ | ସଂଗ୍ରାମ ମହାରଣା | ୨୫୪ |
| ସଂକ୍ଷେପରେ ସଂସ୍କୃତି | ମେନନ୍ ସାହୁ | ୨୫୬ |
| ମୋ ଶାଶୁ ଘର | ରୀତାରାଣୀ ମହାପାତ୍ର | ୨୭୨ |
| ଧନ୍ୟ ତୁ ବିଧାତା | ଅଜୟ କୁମାର ବେହେରା | ୨୭୪ |
| ବନ୍ଧୁତ୍ୱ | ବାଙ୍କାବିହାରି ମହାକୁର | ୨୭୫ |
| ଜୀବନ | ଭବାନୀ ଶଙ୍କର ଗିରି | ୨୭୬ |
| ତଥାପି ନିଆରା | ସ୍ମୃତି ମହାନ୍ତି | ୨୭୭ |
| ବିତା (ଶୁଷ୍କାଞ୍ଚଳ ଜମିର ଅବନତି ଓ ମରୁଡି ବିରୁଦ୍ଧରେ ସଂଗ୍ରାମ) | ଦେବାଶିଷ ପଧାନ | ୨୭୦ |
| ମହାମାରୀ କରୋନା | ସାଇପ୍ରସାଦ ସାହୁ | ୨୭୨ |
| ଜୀବନ ସାଥି | ରାଜୁ କୁମାର ପାତ୍ର | ୨୭୪ |
| ମାଟି ଝୁରେ | ଦୁଷ୍ମନ୍ତ ବେହେରା | ୨୭୬ |
| କେମିତି ଏମିତି ବଦଳଗଲ ? | ହରେରାମ ପଣ୍ଡା | ୨୭୯ |
| ପୋଷା ପ୍ରେମିକ | ତୁଷାରକାନ୍ତ ପ୍ରସାଦ | ୨୮୦ |
| ଜୟ ଜଗନ୍ନାଥ | ନିଲେଶ କୁମାର ଭୋଇ | ୨୮୧ |
| ରଂଗ ସହ  ସମ୍ପର୍କ | ବେବୀ ନାଏକ | ୨୮୩ |
| ଅପରିଚିତା ପ୍ରେମିକା | ଚୁଲେଶ୍ୱର ନାୟକ | ୨୮୪ |
| ପୋଡା ପାଉଁଶ | କରଣ ମନୀଷା ମହାନ୍ତି | ୨୮୫ |
| ଜଗନ୍ନାଥ | କେଶରୀ ପ୍ରସାଦ ମହାନ୍ତି | ୮୬ |
| ଅମାନିଆଁ ବର୍ଷା ଆଜି | ଆଶିଷ ଜ୍ୟୋତିଷ | ୨୮୭ |
| ମୋ କଷ୍ଟ | ସଙ୍ଗୀତା ମହାନ୍ତି | ୨୮୮ |

| | | |
|---|---|---|
| ଭଗବାନ କେ ଘର ଦେର୍ ହେ | ବାଲ୍ମୀକ ନାୟକ | ୨୮୯ |
| ତୁମ ଅପେକ୍ଷାରେ | କାହ୍ନୁ ଚରଣ ସାହୁ | ୨୯୩ |
| ମୋ'ଗାଆଁ ମୋ'ମାଆଁ, ମୋ'ଜନମ ମାଟି | ମନୋରଞ୍ଜନ ସୁରୁଜାଲ | ୨୯୪ |
| କାହାକୁ କହିବ ମନ କଥା ଖୋଲି | ଗୁପ୍ତେଶ୍ୱର ଗୁନ୍ଦ୍ | ୨୯୫ |
| ଗୃହ ବିବାଦରେ ସନ୍ତାନ ନଷ୍ଟ | କୁନ୍ତଳା କୁମାରୀ ଦେଇ | ୨୯୬ |
| କରେ଼ାନା ରୁ ନସ୍ତାର | କୈଳାସ ମେହେର | ୩୦୦ |
| ଗାନ୍ଧିଜୀଙ୍କୁ ପତ୍ର | ରେ଼ାଜାଲିନ ଗଡନାୟକ | ୩୦୧ |
| ତୁମେ ଗଲ୍ ପରେ | ଉଦୟ ଭାନୁ ରାଉତ | ୩୦୩ |
| ଶ୍ରୀମଦ୍ ଭଗବତ୍ ଗୀତାର ପଞ୍ଚଦଶ ଅଧ୍ୟାୟର ସାରକଥା | ନରେନ୍ଦ୍ର ପ୍ରସାଦ ବେହେରା | ୩୦୪ |
| ସାଜିଲ ମନ ବିରହର ଦହନରେ | ପ୍ରଶାନ୍ତ କୁମାର ପଧାନ | ୩୦୬ |
| ଅଗଷ୍ଟ ପନ୍ଦର | ଚୈତନ୍ୟ ବାଗ | ୩୦୭ |
| କଥା ଥିଲା | ସ୍ୱପ୍ନାବତୀ ବେହେରା | ୩୦୮ |
| ଗରିବଙ୍କୁ LOCKDOWN ର ଦଣ୍ଡ | ବିରେନ୍ଦ୍ର ରାଜହଂସ | ୩୧୦ |
| ଗୋପବନ୍ଧୁ ସ୍ମରଣେ | ଶେଷଦେବ ପଣ୍ଡା | ୩୧୪ |
| ଶିକ୍ଷିତ କଏ | ନବୀନ କୁମାର ପଧାନ | ୩୧୬ |
| କଙ୍କାଳ | ଧୀରେନ୍ଦ୍ର କୁମାର ପ୍ରଧାନ | ୩୧୭ |
| ଲହରୀ | ଗଜାନନ ମିଶ୍ର | ୩୧୯ |
| ଶାନ୍ତିର ମହକ | ଘନ ମେହେର | ୩୨୦ |
| ଶକ୍ତିଶାଳୀ କାନ୍ଧ | ମନୋଜ କୁମାର ବେହେରା | ୩୨୧ |
| ତୋ ପାଇଁ ତ | ଲିନା ମହାନ୍ତି | ୩୨୩ |
| କଣ୍ଟକତ ପଥ | ରଶ୍ମୀ ବାଳା ଶତପଥୀ | ୩୨୪ |
| ଲେଖିବି କ | ଜୟଶ୍ରୀ ମେହେର | ୩୨୫ |

| | | |
|---|---|---|
| ଗପ ହେଲେ ବି ସତ | ଜନ୍ମଜୟ ନାୟକ | ୩୨୬ |
| ତୁମେ ବର୍ଷାକୁ ଭଲ ପାଅ ବୋଲି | ମୈତ୍ରେୟୀ ତ୍ରିପାଠୀ | ୩୨୮ |
| ଯନ୍ତ୍ର ମାନବ | ମିତ୍ରଭାନୁ ବିଶ୍ୱାଳ | ୩୨୯ |
| ସହଯାତ୍ରୀ | କାର୍ତ୍ତିକ ତ୍ରିପାଠୀ | ୩୩୦ |
| ଶ୍ରୀ ରାଧାଦାମୋଦର | ମିନତୀ କୁମାରୀ ଦାଶ | ୩୩୬ |
| ଦୁଃଖ ଏପଟେ, ସୁଖ ସାଥି | ସଞ୍ଜୟ କୁମାର ନାଏକ | ୩୩୭ |
| ଅସହାୟ ମଣିଷର ସଙ୍ଘର୍ଷ | ସୁବାଷ ଚନ୍ଦ୍ର ବେହେରା | ୩୩୮ |
| ସ୍ୱପ୍ନ ସବାରୀରେ ପ୍ରେମ କୁମାର | ସୁଦାମ ଲେଙ୍କା | ୩୪୧ |
| କବି ପ୍ରାଣ | ସରୋଜିନୀ ବେହେରା | ୩୪୨ |
| ଉଦବୋଧନ ଭାଗ | କୌସ୍ତୁଭ ଜାଲ | ୩୪୩ |
| ବ୍ୟଙ୍ଗ  ଆଧୁନିକତା | ସନାତନ ଦାସ | ୩୪୬ |
| ରାସ୍ତା | ପ୍ରଦୀପ କୁମାର ଷଡଙ୍ଗୀ | ୩୪୮ |
| ବୋଉ | ହିମାଂଶୁ ଶେଖର ଦାଶ | ୩୪୯ |
| ପ୍ରେମର ପୂଜାରୀ | ଶ୍ରଦ୍ଧାଞ୍ଜଳୀ ପଣ୍ଡା | ୩୫୩ |
| ଗାନ୍ଧୀଙ୍କୁ ଝୁରେ ସାରା ସଂସାର | ସରୋଜ କୁମାର ଜେନା | ୩୫୪ |
| ଯୁବ ଭାରତ ସୁସ୍ଥ ଭାରତ | କୃଷ୍ଣଚନ୍ଦ୍ର ମହାପାତ୍ର | ୩୫୫ |
| ମୋ ବିଦ୍ୟାଳୟ | ସତ୍ୟବ୍ରତ ନାୟକ | ୨୫୭ |
| ତୃତୀୟ  ବିଶ୍ୱଯୁଦ୍ଧ- ମାନବ ଓ ପ୍ରକୃତି ମଧ୍ୟେ | ଲିଜନ କୁମାର ନାଏକ | ୩୫୮ |


# ଆଞ୍ଚଳିକ


| | | |
|---|---|---|
| ସିନ୍ଦୁର୍ ବାଲ୍ | ସତ୍ୟନାରାୟଣ ମିଶ୍ର | ୩୬୧ |
| ବହି | ବିଶ୍ୱନାଥ ସେଠୀ | ୩୬୪ |
| ସମିଆଁ | ଡ. ସୁଧାଂଶୁ ମେହେର | ୩୬୫ |

| | | |
|---|---|---|
| ବିଶ୍ୱ କର୍ମା କେ ମୋର୍ ଗୁହାରି | ମୀର୍ ପାଣିଗ୍ରାହୀ | ୩୬୬ |
| ଗରିବ୍ | ସହଦେବ ଧରୁଆ | ୩୬୭ |
| ସପନ୍ | ସୁନୀଲ କୁମାର ଅଗସ୍ତି | ୩୬୮ |
| ବିଦେଶ ଖବର | ବେଦାନ୍ତୀ ପରିବାର | ୩୬୯ |


# ଶିଶୁ ବିଭାଗ


| | | |
|---|---|---|
| ତିନ ଆଖିଆର ଗ୍ଲେପା | ଡ଼ଃ ରଞ୍ଜିତ କୁମାର ସାହୁ | ୩୭୨ |
| ଟୁନାର ଶୁଆ କଣା | ନୀଳମାଧବ ସାହୁ | ୩୭୬ |
| କୁହାଳଆ | ମହେଶ୍ୱର ସାହୁ | ୩୮୦ |
| ଚଗୁଲୁ ହେଲ୍ ସୁନା ପିଲ୍ | ଜନ୍ମଜୟ ନାୟକ | ୩୮୩ |
| ଆମେ ହସିବୁ ଆମେ ପଢ଼ିବୁ | ଧରିତ୍ରୀ ଦାସ | ୩୮୬ |
| ବର୍ଣ୍ଣବୋଧ | ରୋହିତ ସେଠୀ | ୩୮୭ |
| ସଞ୍ଜ ବେଳ | ରାଜଶେଖର ସି 'ଚମା' | ୩୮୮ |
| ଚନ୍ଦ୍ର | ତୃପ୍ତିମୟୀ ସେଠୀ | ୩୮୯ |
| ନଭେମ୍ବର ମାସରେ ପଡୁଥିବା ପର୍ବପର୍ବାଣୀ | ସଂଗୃହୀତ | ୩୯୦ |
| ଚନ୍ଦ୍ର କଥା କହେ | ବେଦାନ୍ତୀ ପରିବାର | ୩୯୧ |

# ମନ ବଗିଚ୍ଚ



ଡକ୍ଟର ବିଜ୍ଞାନୀ ଦାସ

କାହିଁକି କେଜାଣି ଆଜି ମନ ବଗିଚ୍ଚରେ ଫୁଲ କଢ ସବୁ ଉଙ୍କି ମାରି ଆସୁଥିଲେ ଓ ଫୁଟିବା ପାଇଁକି ସତେକି ଅନେଇ ରହିଥିଲେ । କିଛି ବି କାରଣ ଯେମିତି ସବୁବେଳେ ଅବସାଦ ନେଇ ଆସିବା ପାଇଁ ଅପେକ୍ଷା କରି ରହିଥାଏ, ଆଜି ସେମିତି କିଛି ନଥିଲା । ଆଜି ଯେମିତି ଆନନ୍ଦର ସମସ୍ତ କାରଣ ଏକତ୍ରିତ ହୋଇ ଗୋଟିକ ପରେ ଗୋଟିଏ ସ୍ମୃତି ପଟରେ ଭାସି ଆସୁଥିଲେ । "ଏ ମନଟାକୁ ସତରେ ବୁଝିବା ବଡ କଷ୍ଟ । ଆପେଆପେ ଅନେକ କଥା ମନ ଭିତରେ ହୋଇଯାଏ, ଏମିତିକି ମସ୍ତିଷ୍କ ସେ ବିଷୟରେ କିଛି ଭାବିବା ପୂର୍ବରୁ । ଏଇ ଦେଖନା, ଆକାଶଙ୍କର ସେ ପ୍ରଥମ ଆଲିଙ୍ଗନ ସମୟଟା କାହିଁକି ମନକୁ ଆସିଯାଉଛି ।" ଏମିତି ମନକୁ ମନ ସ୍ୱଗତୋକ୍ତି କରି ପୁଣି ଗପ ବହିଟିରେ ମନ ପୂରେଇବାକୁ ଚେଷ୍ଟା କଲା ଇତି ।

ଆକାଶ ଗାଡି ଚଲାଉଥିଲେ । ହିନ୍ଦି ଗଜଲର ମୁର୍ଚ୍ଛନା ହୃଦୟ ତନ୍ତ୍ରୀରେ ଶିହରଣ ସୃଷ୍ଟି କରୁଥିଲା । ଏମିତି ଲାଗୁଥିଲା କି ସେ ଗୀତ ସବୁର ସୁର ସହିତ ମିଶିଯାଇ ପବନରେ ଭାସିଭାସି ଆକାଶରେ ଉଡି ଆସନ୍ତି କି । ଆଜି ବହୁତ ଦିନ ପରେ, ଦୀର୍ଘ ଛ ମାସ ପରେ ଏତେ ଦୂର ଡ୍ରାଇଭ୍ କରି ସ୍ୱାମୀ, ସ୍ତ୍ରୀ ଦୁହେଁ ଶରତ ଋତୁର ରଙ୍ଗୀନ ପ୍ରକୃତିକୁ ଅନୁଭବ କରିବାକୁ ଆସିଥିଲେ । ହୁଏତ ସେଇଥିପାଇଁ କି କଣ, ସେ ରଙ୍ଗୀନ ଦିନ ସବୁ ମନେ ପଡୁଥିଲା । ଗଛର ପତ୍ରରେ ସବୁ ରଙ୍ଗ ଭରିଯାଇଥିଲା । ସବୁଜ, ନାଲି, ହଳଦିଆ, ଗୋଲାପି, ନାରଙ୍ଗୀ ଏମିତି ଅନେକ ରଙ୍ଗରେ ଧାଡିଧାଡି ହୋଇ ସଜେଇ ରହିଥିଲେ ରାସ୍ତାକଡର ଗଛ ସମସ୍ତ । ଫାଙ୍କା ରାସ୍ତା, ସୁନ୍ଦର ସୂର୍ଯ୍ୟ କିରଣ, ରଙ୍ଗର ମେଖଳା, ଲାଗୁଥିଲା ଯେମିତି ପ୍ରକୃତି ନିଜକୁ ସଜେଇ ଆଜି ସେମାନଙ୍କ ମିଳନକୁ ସ୍ୱାଗତ କରୁଛି ।

କିଛିଦିନ ପୂର୍ବରୁ ସାନ ଝିଅ ମିନି ପ୍ରଶ୍ନଟିଏ ପଚାରି ଦେଇଥିଲା । "ତମ ଦୁଇଜଣଙ୍କ ଭିତରେ କିଏ ପ୍ରଥମେ ପ୍ରପୋଜ୍ କଲା।"

ଇତି ସେ ପ୍ରଶ୍ନ ଆଡେଇ ଦେବାକୁ ଚାହିଁଲା । "ହେ, ସେ ପ୍ରପୋଜ୍ ଫ୍ରପୋଜ୍ କଛି ଜାଣିନଥିଲୁ ଆମେ ।"

"ତାହେଲେ ତମେ କେମିତି ଜାଣିଲ ଯେ ପାପା ତମକୁ ବାହାହେବାକୁ ଚାହୁଁଥିଲେ ବୋଲି ।" - ମିନର ଅନେକ ଆଗ୍ରହ ଜାଣିବାକୁ ବାପା, ମାଙ୍କ ପ୍ରେମ କାହାଣୀ ।

କହି ପାରିଲାନ ଇତି କ କେତେ ନାଟକ ସେ ଭିତରେ ଘଟି ଯାଇଥିଲା । ସ୍ୱାଧୀନତା ମଧ୍ଯରେ ବି କେତେ ପରାଧୀନତାର ଜୀବନ ଥିଲା ସେତେବେଳେ । ଏମିତି ତ ବାହାରକୁ ଦେଖିଲେ ସମସ୍ତେ ସ୍ୱାଧୀନ, ଉଚ୍ଚଶିକ୍ଷିତ, ଚାକରି କରି ନଜ ଗୋଡରେ ନଜେ ଠିଆ ହୋଇଛନ୍ତି । ହେଲେ ସମାଜର ଅଲିଖିତ ଆଇନକାନୁନର ହାତ ଯେ କେତେ ଲମ୍ବା, ଆଉ ସେ ଭିତରେ କେତେ ନର୍ଯ୍ୟାତନା ସହିବାକୁ ହୁଏ ପ୍ରେମୀ ମାନଙ୍କୁ, ସେ ଧାରଣା ଆମେରିକାରେ ବଢୁଥିବା ପିଲାମାନେ କଳ୍ପନା ବି କରିପାରିବେନ ।

"ସେମିତି ଜଣା ପଡିଯାଏ । ତାପରେ ଆମେ ଆମ ପରିବାରକୁ ଜଣେଇଲୁ | କଥା ସରିଗଲା ।" - ଆକାଶ କହିଲେ ।

"ସେଇଟା ବହୁତ ବୋରିଙ୍ଗ୍ ହେଲା ପାପା । ତମର ବେଶି ରୋମାନ୍ସ୍ ହୋଇପାରିଲାନ ।" - ମିନ ମନ୍ତବ୍ୟ ଦେଇ ହସିଲା ।

ଏଠି ପିଲାମାନେ ଯେମିତି ସ୍ୱାଧୀନ ଭାବେ ବାପା, ମାଙ୍କ ସଙ୍ଗେ ପ୍ରେମ, ବିବାହ, ଓ ଅନ୍ୟ ସମସ୍ତ କଥା ବିନା ସଙ୍କୋଚରେ କହିପାରୁଛନ୍ତି, ସେକଥା ଭାବି ବି ହେଉନ । ଏତେ ସ୍ମାର୍ଟ ଥାଇ ମଧ୍ଯ, ଆକାଶଙ୍କୁ ସିଏ ଭଲ ପାଉଛି ବୋଲି କହିବାକୁ କେତେ ମାଧ୍ଯମ ଦେଇ ଯାଇଥିଲା ଇତି । ପ୍ରଥମେ ସାଙ୍ଗ ସୁନାକୁ ଜଣେଇଥିଲା । ସୁନା ତା' ଭାଉଜଙ୍କୁ କହିଲା। ତା' ଭାଉଜ ଯାଇ ସୁନାର ଖୁଡିକୁ କହିଲେ । ସୁନାର ଖୁଡି ଇତିର ବୋଉକୁ କହିଲେ । ଇତିର ବୋଉ ଇତିର ବାପାକୁ ଜଣେଇଲେ । ତାପରେ ଖଣ୍ଡ ପ୍ରଳୟ ହୋଇଗଲା । ବାପା ଯେତେବେଳେ ଏକଥା ବଡବାପା ଓ ଦାଦାଙ୍କୁ ଜଣେଇଲେ, ବଡବାପା ବଡ ହଙ୍ଗାମା କଲେ। ବାପାଙ୍କୁ ଗାଳି ଦେଇ କହିଲେ, "ଲେଖେ ଇତିକୁ, ଦିଲ୍ଲୀରୁ ଚାଲିଆସୁ । ଓଡିଶାରେ ଚାକରି କରୁ । ଓଡିଆ ପୁଅ ଦେଖି ବାଛୁ । ସେ ପଞ୍ଜାବୀ ପିଲା କିଏ, ତା ଜାତି, ଧର୍ମର ଠିକ୍ ଠିକଣା ନାହିଁ, ସେଠି ଆମେ ଆମ ଝିଅକୁ ବାହା ଦେବା । ଆରେ ଦୁନିଆ କଣ କହିବ ?

ବନ୍ଧୁବାନ୍ଧବରେ ନାକ କଟିଯିବ । ଆଉ କଏ ଜାଣିବା ପୂର୍ବରୁ ତୁ ଇତିକୁ ଓଡିଶା ଫେରି ଆସିବାକୁ ଚଠି ଲେଖେ ।"

ଇତି ସେତେବେଳେ ଦିଲ୍ଲୀରେ ମାଷ୍ଟର୍ସ୍ କରୁଥିଲା । ଚାକରି ପାଇଁ ବି ଖୋଜାଖୋଜି କରୁଥିଲା । ସୁନା ଏକଥା ଯେତେବେଳେ ଚଠି ଲେଖି ଜଣେଇଲା, ଇତିର ମୁଣ୍ଡ ମଧ୍ୟ ଚକ୍କର ଖାଇଗଲା । ଏବେ କଣ ହେବ ? ଏତେକଥା ସିଏ ଭାବିପାରୁନଥିଲା । ପ୍ରେମ ତ ଆକସ୍ମିକ ହୋଇଯାଏ ନା । କଏ କଣ ଭାବିଚନ୍ତି, ଯୋଜନା କରି ପ୍ରେମ କରିପାରେ ? ହେଲେ ଏବେ କୁଆଡେ ସେମିତି ହେଉଛି । ଲୋକ ଡେଟିଙ୍ଗ୍ ଆପ୍ ରେ କଣ କରି ସବୁ ପ୍ରେମିକ, ପ୍ରେମିକା ପାଉଛନ୍ତି ।

ଆକାଶଙ୍କ ଘରେ ମଧ୍ୟ ସେମିତି ହୋ ହଲ୍ଲା ହେଲା । ଆକାଶଙ୍କ ସହିତ ତାଙ୍କ ଭଉଣୀର ନଣନ୍ଦ ସହିତ ବାହାଘର ହେବାର ଯୋଜନା ତାଙ୍କ ପରିବାର କରିଥିଲେ । ଏବେ ଇତି ଆସି ମଝିରେ ପାଚେରି ଠିଆ କରେଇଲା ।

ଇତି ବହୁତ ଡରିଯାଇଥିଲା । ଆକାଶଙ୍କ ବାପା କୁଆଡେ ବହୁତ କ୍ରୋଧୀ । ତା' ସହିତ ମଦ୍ୟପାନ କରିବା ପରେ ସିଏ ନିଜ ହୋସରେ ରହନ୍ତିନି । ସିଏ କୁଆଡେ ଆକାଶକୁ କହିଲେ, "ତୁ ସେ ଝିଅ ଠାରୁ ଦୂରେଇ ରହ । ନହେଲେ ସେ ଝିଅକୁ ଉଡେଇଦେବି ।"

ଆକାଶ ଯେତେବେଳେ ଇତିକୁ ଏକଥା ଜଣେଇଲେ, ଦୁଇଜଣଙ୍କର ମୁଣ୍ଡ ଘାବରେଇ ଗଲା । ସେମାନଙ୍କ ପ୍ରେମର ପରିଣାମ କଣ ସିନେମାରେ ଘଟୁଥିବା ପ୍ରେମ ଜନିତ ହତ୍ୟା ଭଳି ଏମିତି ଜଘନ୍ୟ ହେବ ?

ଯାହାବି ଡରିନଥାନ୍ତେ ସାଙ୍ଗ ସମୀମାର ଅନର୍ କିଲିଙ୍ଗ୍ ବା ସମ୍ମାନ ହତ୍ୟା ସେମାନଙ୍କୁ ଡରେଇ ଦେଇଥିଲା । ଓଃ, କି ବିଭତ୍ସ ସେ କାହାଣୀ । ନିଜ ପରିବାର ସୁପାରି ଲଗେଇ ନିଜ ଝିଅର ହତ୍ୟା କରେଇଲେ ? ଭାବିବି ହେଉନଥିଲା ଏମିତି ଜଘନ୍ୟ କଥା ଘଟିପାରେ । ସାଙ୍ଗର ମୃତ୍ୟୁରେ ଯେତିକି ମର୍ମାହତ ହୋଇଥିଲା, ଆକାଶକୁ ନେଇ ଭବିଷ୍ୟତର କଳ୍ପନା କରିବା ବି ସେମିତି ଅନ୍ଧକାରମୟ ଦିଶୁଥିଲା ।

ଶେଷରେ ସେମାନେ ନିଷ୍ପତ୍ତି ନେଲେ, ଗୋଟିଏ ନାଟକ କରିବେ । ଘରର ଗୁରୁଜନଙ୍କ କଥାରେ କିଛି ବି ପ୍ରତିବାଦ କରିବେନି । ଆମେରିକାରେ ପି.ଏଚ୍.ଡି. କରିବାକୁ ଆପ୍ଲାଏ

କରିବେ । ତାପରେ ଆମେରିକା ଗ୍ଲିଯିବେ ଓ ସେଇଠି ବିବାହ କରିବେ ଏସବୁ ଅପ୍ରୀତିକର ପରିସ୍ଥିତିରୁ ବଞ୍ଚିଯିବେ ।

ହେଲେ ଦୀର୍ଘ ଦେଢବର୍ଷ ଲାଗିଗଲା ସେ ସ୍ୱପ୍ନ ସଫଳ ହେବାକୁ । ଇତି ତା' ସାଙ୍ଗ ସୁନା ମାଧ୍ୟମରେ ପୁଣି ଚିଠି ଦେଇ ଜଣେଇଲା ଯେ, ସିଏ ସବୁ ବୁଝିପାରିଛି । ନିଜ କୁଳର ମର୍ଯ୍ୟାଦା ସିଏ ରକ୍ଷା କରିବ । ଏବେ ସିଏ ତାର ଉଚ୍ଚଶିକ୍ଷା ନେଇ ପଢାପଢି କରୁଛି । ତେଣୁ ବାପା, ବୋଉ ଯେମିତି ବିଶେଷ ଚିନ୍ତା କରିବେନି । ଯଦିଓ ତାପରେ ଶୀତ ଛୁଟିରେ ସିଏ ଘରକୁ ଯାଇଥିଲା ଓ ସମସ୍ତଙ୍କ ସହିତ ତାର ଭେଟ ହୋଇଥିଲା, ହେଲେ ସେତେବେଳେ ଏମିତି ନଥିଲା ଯେ ନିଜ ପ୍ରେମ ଓ ବିବାହ ବିଷୟରେ ପିଲାମାନେ ବାପା, ମାଙ୍କ ସହିତ ଖୋଲାଖୋଲି କଥା ହୋଇପାରିବେ ।

ଆକାଶ ମଧ୍ୟ ସେମିତି କଲେ । ତାଙ୍କ ବାପାଙ୍କୁ ନିଜ ଭଉଣୀ ମାଧ୍ୟମରେ ଜଣେଇଦେଲେ ଯେ ସିଏ ବାପାଙ୍କ କଥା ବୁଝିପାରିଛନ୍ତି । ଏତେ ଦୂର ଲୋକଙ୍କ ସହିତ ବନ୍ଧୁ ବାନ୍ଧିବାରେ କିଛି ମଜ୍ଜା ରହିବନି କି ସେମାନଙ୍କ ସହିତ ସୁସଂପର୍କ ରଖିହେବନି । ହେଲେ ସିଏ ଏବେ ବିବାହ କରିବେନି । ଉଚ୍ଚଶିକ୍ଷା ପାଇଁ ଆମେରିକା ଯିବା ଯୋଜନାରେ ଅଛନ୍ତି । ପରୀକ୍ଷା ଗୁଡିଏ ଦେବାକୁ ପଡିବ ।

ଦେଢବର୍ଷ ପରେ ଦୁହେଁ ଆମେରିକା ଆସିଗଲେ । ହେଲେ ଯୋଗ ତଥାପି ସେମାନଙ୍କ ଅନୁକୂଳ ନଥିଲା । ଇତିକୁ ମିଳିଥିଲା ମେରୀଲାଣ୍ଡରେ ଓ ଆକାଶଙ୍କୁ ମିଳିଥିଲା ଚିକାଗୋରେ। ସ୍ୱଳ୍ପ ବୃତ୍ତିରେ ବାରମ୍ବାର ଯିବାଆସିବା କରି ମିଳାମିଶା କରିବା ମଧ୍ୟ ସମ୍ଭବ ହେଉନଥିଲା । ଆକାଶ ପି.ଏଚ୍.ଡି ଶେଷ ନକରି ଗୋଟିଏ ଗ୍ଟକରି ପାଇ ଦୁଇବର୍ଷ ପରେ ମେରୀଲା ଆସିଲେ । ସେମାନେ କିଛି ସାଙ୍ଗସାଥୀଙ୍କ ସାହାଯ୍ୟରେ ଅତି ନିରାଡମ୍ବର ଭାବେ ବାହା ମଧ୍ୟ ହୋଇଗଲେ । ଏମିତି କି ବାହାହେବାର ପାଞ୍ଚ ବର୍ଷ ପର୍ଯ୍ୟନ୍ତ ମଧ୍ୟ ଘରେ ଜଣେଇନଥିଲେ ।

ଇତିର ସାନ ଭଉଣୀ ନିତିର ବିବାହ ସ୍ଥିର ହୋଇ ଯାଇଥିଲା । ବାପା ଜିଦ୍ ଧରିଥିଲେ କି ଇତିର ବାହାଘର ନ ହେବା ପୂର୍ବରୁ ନିତିର ବାହାଘର କରେଇବେନି । ସେଥିପାଇଁ ଇତି ଉପରେ ଗ୍ଟପ ପକେଇବାକୁ ଚିଠି ଲେଖି ପଠେଇଥିଲେ । ଇତି ଜଣେଇଲା, "ପାଠପଢା ସରିଲା ସିନା, ଏବେ ଗ୍ଟକରି ଖୋଜା ଗ୍ଲିଛି । ଗ୍ଟକରି ପରେ ହଠାତ୍ ଛୁଟି ତ ମିଳିବନି। ତେଣୁ ସେମାନେ ନିତିର ବାହାଘର କରେଇଦିଅନ୍ତୁ । ଇତି ପାଇଁ ଅପେକ୍ଷା ନ କରନ୍ତୁ ।"

ଏତେ ବଡ କଥାଟା ବାପା, ବୋଉଙ୍କ ଠାରୁ ଲୁଚେଇ ରଖିବାକୁ ଭଲ ଲାଗୁନଥିଲା । ତଥାପି କାଳେ ନତିର ବାହାଘର ଭାଙ୍ଗିଯିବ, କିଛି ବିଭ୍ରାଟ ହେବ, ସେ ନେଇ ବି ଆଶଙ୍କା ଥିଲା । ନତିର ଯଦି ବାହାଘର ସରିଯିବ, ତା ଦୁଇ ବର୍ଷ ପରେ ଜଣେଇଲେ ହୁଏତ ପରିସ୍ଥିତି ସମ୍ଭାଳ ନେଇହେବ ।

ଏ ପିଲା ଦୁହିଁଙ୍କୁ ବି ସବୁକିଛି ଜଣେଇନଥିଲେ ସେମାନେ । ଦୀର୍ଘ ଦଶବର୍ଷ ପରେ ସବୁ କଥା ଖୋଲି ଜଣେଇଥିଲା ସିଏ ଘରେ । ସେତେବେଳକୁ ଦୁନିଆ ବଦଳିବାକୁ ଆରମ୍ଭ କରିସାରିଥିଲା । ତା' ନିଜ ପରିବାରରେ ବଡବାପାଙ୍କ ସବା ସାନ ଝିଅ ବାଙ୍ଗାଲୋରରେ ପଢୁପଢୁ ସେଇଠି ଜଣକୁ ବାହା ହୋଇଗଲା । ସେଇ ବଡବାପା ଇତି ବାହାଘରରେ ଏତେ ପ୍ରତିବାଦ କରୁଥିଲେ । ଆକାଶଙ୍କ କଥା କିନ୍ତୁ ଅଲଗା । ସେମାନଙ୍କ ବିବାହର ପ୍ରାୟ ପାଞ୍ଚବର୍ଷ ପରେ ଅତ୍ୟଧିକ ମଦ୍ୟପାନ କରି ଗାଡି ଚଲାଉଥିବା ବେଳେ ଆକ୍ସିଡେଣ୍ଟ କରି ଆକାଶଙ୍କର ପିତାଙ୍କର ଦେହାନ୍ତ ହୋଇଗଲା । ଆକାଶ ଭାରତ ଯାଇ ତାଙ୍କ ମାଆକୁ ନେଇ ଆସିଥିଲେ । ତାଙ୍କ ମାଆ ସବୁ କିଛି ବୁଝିଥିଲେ ଓ ତାଙ୍କ ପୁଅ ଓ ଇତିର ବୁଦ୍ଧିକୁ ତାରିଫ୍ କରିଥିଲେ, "ଭଲ କଲରେ ତମେମାନେ । ସେତେବେଳେ ତୋର ବାପା ଯେମିତି କ୍ରୋଧୀ ପ୍ରକୃତିର ଥିଲେ, ସିଏ ଖୁନ୍ କରିବାକୁ ବି ପଛେଇ ନଥାନ୍ତେ ।"

ଆକାଶର ମାଆ ସେମାନଙ୍କ ସହିତ ଅନେକ ଦିନ ଧରି ରହିଥିଲେ । ଗତ ଦୁଇବର୍ଷ ତଳେ ତାଙ୍କର ବି ଦେହାନ୍ତ ହୋଇଗଲା ହାର୍ଟ ଆଟାକ୍ ରେ ।

ଆଉ ଦେଖ ଆଜିକାଲିକା ପିଲାଙ୍କୁ । ଫେସ୍‌ଟାଇମ୍‌ଠାରୁ ଆରମ୍ଭ କରି ଗୁଗୁଲ୍ ମିଟ୍ ପର୍ଯ୍ୟନ୍ତ । ଘଣ୍ଟାଘଣ୍ଟା ଧରି ନିଜ ପ୍ରେମୀ ସହିତ ଗପୁଛନ୍ତି, ନିଜ ଫଟୋ ଶେୟାର୍ କରୁଛନ୍ତି, ନିଜ ଖାଇବାପିଇବା, ବସିବା, ଉଠିବା ସବୁ କିଛି ସଂଯୋଜିତ । ଏମିତି କି ବିବାହ ପୂର୍ବରୁ ପ୍ରେମୀ ମାନେ ଏକାସାଙ୍ଗରେ ସ୍ୱାମୀ, ସ୍ତ୍ରୀ ଭଳି ରହି ଦେଶବିଦେଶ ବୁଲି ବି ଯାଉଛନ୍ତି । ସତରେ ପ୍ରେମିକ, ପ୍ରେମିକାଙ୍କ ପାଇଁ ଏ ଯୁଗ ସୁବର୍ଣ୍ଣ ଯୁଗ ।

ବେଳେବେଳେ ଇତି ଭାବି ବସେ, ସିଏ ଓ ଆକାଶ ଯଦି ଏ ସମୟରେ ପ୍ରେମିକ ପ୍ରେମିକା ହୋଇଥାନ୍ତେ, ଏସବୁ ସୁଯୋଗ ପାଉଥାନ୍ତେ, ତେବେ କଣ କରୁଥାନ୍ତେ । ଆଉ ଧରାଯାଉ, ସେମାନେ ଦିଲ୍ଲୀରେ ହିଁ ଥାଆନ୍ତେ । ତେବେ **?**

ଆଜି ସେଥିପାଇଁ ରୋମାଣ୍ଟିକ୍ ମୁଡ୍ ରେ ଥିଲା ଇତି । ଧରାଯାଉ ଏବେ ଇତି ଆକାଶଙ୍କ ସହିତ ନୂଆନୂଆ ପ୍ରେମରେ ପଡିଛି । ସେମାନେ ଦୁଇଜଣ ଶରତ ଋତୁର ରଙ୍ଗଭରା ସୌନ୍ଦର୍ଯ୍ୟକୁ ଉପଭୋଗ କରିବାକୁ ବୁଲି ଆସିଛନ୍ତି । ତେବେ ସେଇଟା କେମିତି ହେବା ଦରକାର ।

କନଙ୍ଗହାମ୍ ଫଲ୍ସ୍ ପାଖରେ ପହଞ୍ଚିବା ବେଳକୁ ଦିନ ପ୍ରାୟ ଗୋଟିଏ ବାଜିଯାଇଥିଲା । ହେଲେ ଦେଖୁନ । କେତେ ଲୋକ ସେଠି ? ଏ କୋଭିଡ୍ ସମୟରେ ବି ଏତେ ଲୋକ ବାହାରେ ବୁଲୁଛନ୍ତି ? ପୁଣି ଆଜି ଶୁକ୍ରବାରଟାରେ ? ଆଖିକୁ ବିଶ୍ୱାସ କରିପାରିଲାନ ଇତି । ତେବେ ଗେଟ୍ ପାଖ ଅତିକ୍ରମ କଲା ପରେ ଏତେ ଖରାପ ଲାଗିଲାନ । ସେମାନେ ଗୋଟିଏ ସ୍ଥାନରେ ଗାଡି ରଖି ଅନ୍ୟମାନଙ୍କଠାରୁ ଟିକେ ଦୂରତା ରକ୍ଷା କରି ଘରୁ ନେଇଥିବା ବେଡ୍‌ସିଟ୍ ପକେଇ ସେଥିରେ ବସିଲେ । ଯଦିଓ ପାର୍କରେ ଅନେକ ସବୁ ଚେୟାର୍ ପଡିଥିଲା, ହେଲେ କଏ ସବୁ ସେଥିରେ ବସିଥିବେ, ସେ ନେଇ ଯଦି କୋଭିଡ୍‌ର ସଂକ୍ରମଣ ହୁଏ, ଏମିତି ଭାବି ସେମାନେ ନଜର ସ୍ୱତନ୍ତ୍ରତା ରକ୍ଷା କଲେ । ଘରୁ ଖାଦ୍ୟ ସବୁ ଭର୍ତ୍ତି କରି ନେଇଥିଲା ସେ, ଛୋଲେ, କୋବି ଭଜା ଓ ସୋୟାବିନ୍ । ସେସବୁ ଖାଇସାରିବା ପରେ ସେମାନେ ରଙ୍ଗୀନ ଗଛମାନଙ୍କ ସହିତ କିଛି ସେଲ୍‌ଫି ଫଟୋ ଉଠେଇଲେ । ଓଃ, ସୌନ୍ଦର୍ଯ୍ୟ ମ ! ଈଶ୍ୱର ସତରେ କେତେ ଦୟାଳୁ, କେତେ ବଡ ଚିତ୍ରକର । ଏମିତି କରି ଏ ପୃଥିବୀକୁ ଗଢିଛନ୍ତି ଓ ସଜେଇଛନ୍ତି, ତାର ଥଳକୂଳ ପାଇବା ସାଧାରଣ ମଣିଷ ପକ୍ଷେ ବଡ କଠିନ ।

ଖାଇସାରି ସେମାନେ ହାତ ଧରାଧରି ହୋଇ ଛୋଟପିଲାଙ୍କ ଭଳି ବୁଲିଲେ । ହ୍ରଦର ପାଣିରେ ରଙ୍ଗୀନ ପତ୍ରମାନଙ୍କର ପ୍ରତିବିମ୍ବ ଆହୁରି ସୁନ୍ଦରତା ସୃଷ୍ଟି କରୁଥିଲା । ଇତିର ପର୍ସ ଭିତରେ କ୍ୟାମେରାଟା ଥିଲା । ସେଇଟା ଟିକେ ଭାରି ଥିଲା। ତାକୁ ଧରି ପାହାଡ ଚଢି ଜଳପ୍ରପାତ ଦେଖିବାକୁ ଯିବା ବାଟରେ ହାଲିଆ ହୋଇଗଲା ଇତି । ସେତେବେଳକୁ ଆକାଶ ପାଞ୍ଚଶହ ଫୁଟ ଆଗକୁ ଗ୍ଲିଗଲେଣି ।

"ହଜାର ଥର କହିଲି ଏତେ ଭାରି କ୍ୟାମେରା ଧରିକି ଆସେନ । କାହିଁକି ତୋର ଜିଦ୍ କହିଲୁ?"

"କ୍ୟାମେରା ଧରି ଯାଉଛି ବୋଲି ସିନା କେତେକେତେ ଫଟୋର ସ୍ମୃତି ସବୁ ରହିଛି । ହେଲେ ତମେ କେମିତି ସ୍ୱାମୀ କ ହୋ । ସ୍ତ୍ରୀ ସହିତ ଆସି ପଛକୁ ନ ଚାହିଁ ଏମିତି ଆଗକୁ ଆଗକୁ ମାଡିଚାଲିଛ । ଯଦି ମୁଁ ହଜିଯିବି କ କଏ ମୋତେ ଅପହରଣ କରିନେବ, କ କଏ ମୋ ଉପରେ ଆକ୍ରମଣ କରିବ, ତେବେ କଣ ହେବ ?" - ଇତି ଅଭିମାନ କରି କହିଲା ।

"ତତେ ପରା ପଚାଶ ଟପିଲାଣି । ତୁ କଣ ଯୁବତୀ ହୋଇ ରହିଛୁ ଯେ କଏ ତତେ ଅପହରଣ କରିନେବ ?" – ଆକାଶ ଚଡେଇବାକୁ କହିଲେ ।

"ମଲା ଯା, ମୁଁ ତ ଆଜି ସେଇ ନବଯୁବତୀ ମୁଡ୍ ରେ ଅଛି । ତମେ ବୟସକୁ ମନେ ପକେଇଦେଇ ମୋ ମୁଡ୍ କାହିଁକି ଖରାପ କରୁଚ ଶୁଣେ ? ଏବେ ଭାବ ଯେ, ଆମେ ଜଷ୍ଟ ପ୍ରେମ କରୁଛନ୍ତି । ଓକେ ।" - ଇତି ଷ୍ଟାଇଲ୍ କରି କଟାକ୍ଷ ଛାଡିଲା ।

ଇତିର କଥାରେ ହସିହସି ଆକାଶ ଇତିର ପାଖକୁ ଆସି ତା' ହାତରୁ ଭାରି ଥିବା ପର୍ସ ନେଲେ ଓ କହିଲେ, "ଏବେ ତ ମୁଁ ଭାରି ପର୍ସ ଧରିଲି । ତୁ ତାହେଲେ ଶୀଘ୍ର ଚାଲେ ।"

ଏମିତି ତିନ ଘଣ୍ଟା କେମିତି ବିତିଗଲା, ଜଣାପଡିଲାନ । ଯଦିଓ ଘରକୁ ଫେରିବାକୁ ଇଚ୍ଛା ହେଉନଥିଲା, ତେବେ ଅଧିକ ସମୟ ପରିସ୍ରା ନିୟନ୍ତ୍ରଣ କରିବା ବି ମୁସ୍କିଲ୍ କଥା । ସେମାନେ ଚାହୁଁ ନଥିଲେ ଯେ ଏ କୋଭିଡ୍ ସମୟରେ ପାର୍କର କେଉଁ ଶୌଚାଳୟକୁ ଯିବେ । ତେଣୁ ସେମାନେ ତିନଘଣ୍ଟା ବୁଲାବୁଲି କରି ଘରକୁ ଫେରି ଆସିଲେ ।

ଘରେ ପହଞ୍ଚିଛନ୍ତି କି ନାହିଁ, ହଠାତ୍ ଫୋନ୍ ବାଜିଲା । ଏମିତି ଆମେରିକାର ଏ ନିର୍ବାଚନ ପାଇଁ ଆଜିକାଲି ଅନେକ ବେକାରିଆ କଲ୍ ସବୁ ଆସୁଛି । ତା ସହିତ ଅନେକ ରୋବୋ କଲ୍ ଓ ଠକୁଥିବା ଲୋକଙ୍କର କଲ୍ ବି ଆସୁଛି । ସେମାନେ ତେଣୁ କୌଣସି କଲ୍ ସାଙ୍ଗେସାଙ୍ଗେ ଧରନ୍ତିନି । ସେ କଲ୍କୁ ଖାତିର ନକରି ସେମାନେ ଅପେକ୍ଷା କରି ରହିଲେ, ହୁଏତ କଏ ମେସେଜ୍ ଛାଡିବ । ମେସେଜ୍ ନ ପାଇବାରୁ ସେମାନେ ଆଉ ସେ କଲ୍ ପାଇଁ ବ୍ୟସ୍ତ ନ ହୋଇ ଲୁଗାପଟା ବଦଳାଇ ଚାହା ପିଇବାକୁ ପ୍ରସ୍ତୁତି ଆରମ୍ଭ କଲେ । ଇତି ଚାହା ତିଆରି କଲା ଓ ଆକାଶ ଗୋଟିଏ ପ୍ଲେଟ୍ ରେ ବିସ୍କୁଟ୍ ଆଣି ଫ୍ୟାମିଲି ରୁମ୍ର କଫି ଟେବୁଲ୍ ଉପରେ ରଖିଲେ ଓ ଟିଭି ଅନ୍ କଲେ ।

ଏବେ ପୁଣି ଇତିର ଫୋନ୍ ରେ ମେସେଜ୍ ଆସିଲା । "ମୁଁ ସ୍ୱପ୍ନା ଟେକ୍ସାସ୍ ରେ ରହୁଛି । ମୋ ମା' ଆପଣଙ୍କ ସହିତ କଥା ହେବାକୁ ଚାହୁଁଛନ୍ତି । ସିଏ ଆପଣଙ୍କ ଗାଁର । ତାଙ୍କ ନାଁ ସ୍ୱର୍ଣ୍ଣଲତା ।" ସେଥିରେ ସେ ସ୍ୱର୍ଣ୍ଣଲତାର ହ୍ୱାଟ୍ସ୍ଆପ୍ ନମ୍ବର ମଧ୍ୟ ଥିଲା ।

"ସ୍ୱର୍ଣ୍ଣଲତା ପୁଣି କଏ ? କାହିଁ ମୁଁ ତ କୋଉ ସ୍ୱର୍ଣ୍ଣଲତାକୁ ଜାଣିନ । କ ସ୍କୁଲ୍ କଲେଜରେ ମୋର ସେମିତି ନାମରେ କୌଣସି ସାଙ୍ଗ ନଥିଲେ ।" ଇତି ଏମିତ ଭାବୁଥିବା ବେଳେ ଆକାଶ କହିଲେ, "ଟିକେ କଲ୍ କରିଦେଇ ବୁଝୁନ । ଇଏତ ଗ୍ରେବୋ କଲ୍ ନୁହେଁ ତମେ ବୁଝିଲ । ଏବେ ଡାକ ଦେଇ ବୁଝିନଅ ।"

ଗ୍ରିଭୋଜନ ପରେ ଇତି ସେ ନମ୍ବରରେ ଡାକଲା । ଇତି ଠାରୁ ଫୋନ୍ ପାଇ ସେପଟରେ ଥିବା ମହିଳା ଜଣକ ଅତି ଭାବପୂର୍ଣ୍ଣ ହୋଇଗଲେ । କହିଲେ, "ଇତି, ତତେ ଦେଖିବି ବୋଲି କେତେ ମନ କରିଛି । ହେଲେ ତୁ ତ ମୋ କଥା କେବେ ବି ମନେ ପକେଉନ । ଜାଣିଛୁ, କେତେ ମନ କରିଥିଲି ଝିଅ ପାଖକୁ ଯିବି ଓ ତାପରେ ତୋ ପାଖକୁ ଯିବି ବୋଲି । ହେଲେ ଏ କୋଭିଡ୍ ସବୁ ବଦଳେଇଦେଲା । ତୋ ଖବର ମୁଁ ମୋ ନଣନ୍ଦଙ୍କଠାରୁ ପାଇଥିଲି । ମୋ ନଣନ୍ଦର ପୁଅ ସହିତ ତୋ ଝିଅର ଡେଟ୍ ଚାଲିଛି ତ । ସିଏ ଯେତେବେଳେ ତୋ ନା କହିଲେ ଓ ତୋ ସହିତ ଉଠେଇଥିବା ଫଟୋ ଦେଖେଇଲେ ମୁଁ ଚହ୍ନି ପାରିଲି ।

ଇତିର ପଚାରିବାକୁ ଇଚ୍ଛା ହେଉଥିଲା, "ହେଲେ ତମେ କଏ ?" କନ୍ତୁ କଣ କହି ସେ କଥା ଆଦାୟ କରିବ ଜାଣିପାରିଲାନ ।

ସେପଟରୁ ମହିଳା ଜଣକ ନଜ ପରିଚୟ ଏଥର ଦେଇଦେଲେ । "ମୁଁ ମୋ ନଣନ୍ଦଙ୍କୁ କହିଦେଲି ଯେ ତୁ ମୋର ପିଲାବେଳର ସାଙ୍ଗ ବୋଲି । ସୁନା ଆଉ ଇତି, କ୍ଷୀର ନୀରର ସଂପର୍କ ବୋଲି ସାରା ଗାଁରେ ଖବର ବ୍ୟାପିଥିଲା । ମୋ ନଣନ୍ଦ ତ ବହୁତ ଖୁସିହେଲେ ।"

"ହେଇ ତୁ ସୁନା, ତୋର ସେ ଗୁଇନ୍ଦା ଗୁଣ ଏପର୍ଯ୍ୟନ୍ତ ରହିଛି । ତୁ ମୋ ବିଷୟରେ ଏତେ ସବୁ ଖବର ସଂଗ୍ରହ କରିଛୁ, ଆଉ ମୁଁ ଖାଲି ଶୁଣୁଛି । କମାଲ୍ କରିଦେଇଛୁ ସାଙ୍ଗ । ଧନ୍ୟବାଦ ।"

ଆକାଶ ଚକତ ହୋଇ ଚାହିଁ ରହିଥିଲେ । ଇତି ତାର ସାଙ୍ଗ ସହିତ ଏମିତି ଗପୁଥିଲା ଯେମିତି ସେଠି ଆକାଶ ହିଁ ନାହାନ୍ତି । ସତକୁ ସତ ତାଙ୍କର ପଞ୍ଚାବନ ବୟସୀ ପତ୍ନୀ ନବଯୁବତୀ ପାଲଟି ଯାଇଥିଲା । ଇତିକୁ ଏମିତି ପ୍ରଗଲ୍ଭ ହୋଇ କଥାବାର୍ତ୍ତା କରିବାର ସିଏ

ବହୁତ ଦିନ ପରେ ଦେଖିଲେ । କାହିଁ କେଉଁ ଦିନରୁ ସଞ୍ଚିତ ସମସ୍ତ ମନର କଥା ସିଏ ଅନର୍ଗଳ ଗପି ଗ୍ଲିଥିଲା ନିଜ ବାନ୍ଧବୀ ସହିତ । କେଉଁ ସାଙ୍ଗ ସହିତ କାହାର ଆଫେୟାର୍ ଥିଲା, କିଏ କାହା ହାତକୁ ଟିକେ ଛୁଇଁବ ବୋଲି କେତେ ଯୋଜନା କରିଥିଲା, କିଏ କାହା ପାଟିରେ ନେଇ ଭେଗ ଖୁଆଇ ପ୍ରେମ ଦେଖାଉଥିଲା, ଏ ସବୁ ନୂଆ ନୂଆ ରଙ୍ଗ ଲଗିଥିବା ଯୁବକ, ଯୁବତୀଙ୍କ ଗପ ସେମାନେ ସବୁ କରୁଥିଲେ । ଏମିତ ତିନି ଘଣ୍ଟା ଫୋନରେ କଟିଗଲାଣି, ଇତିର ଖିଆଲ ହିଁ ନାହିଁ । ଶେଷକୁ ଅଥୟ ହୋଇ ଆକାଶ କହିଲେ, "ତମ ମନ ବଗିଗ୍ଚରେ ଏତେ ସବୁ ଫୁଲ ଥିଲେ, କାହିଁ ମୁଁ ତ ସେ ବାସ୍ନା କେବେ ପାଇନଥିଲି ।"

ଇତି ହସି କହିଲା, "ଆଜି ସେଥିରେ ସେମିତି ପବନ ବାଜିଲା, ସେମିତି ପାଣି ପଡିଲା, ସେମିତି ଉତ୍ତାପ ବି ମିଳିଲା । ସେସବୁ ଦେଇକରି ଦେଖ ତ, ମୋ ମନ ବଗିଗ୍ଚରୁ କେତେ ସବୁ ଫୁଲ ତମକୁ ଉପହାର ଦେବି ।"

ସେପଟୁ ସୁନା ପଗ୍ଚରିଲା, "କାହା ସହିତ କଥା ହେଉଚୁ କି ଇତି ? କାହା ମନ ବଗିଗ୍ଚରେ ଫୁଲ ଫୁଟିଲା ?"

ଆଖିରେ ଠାର ମାରି ଇତି ଆକାଶଙ୍କୁ ଏମିତି ସଙ୍କେତ ଦେଲା ଯେ ସିଏ ସିଧା ଯାଇ ଇତି ଉପରେ ଲୀନ ହୋଇଗଲେ ।

ସେପଟରେ ସୁନା ଫୋନରେ ଥିଲା । କହିଲା, "ଏ ମୁହୂର୍ତ୍ତ ଏମିତି ହିଁ ବିତିଯାଉ । ଆମେମାନେ ଯେତେ ସ୍ନେହ, ପ୍ରେମ ଯାହା ଉପରେ ଅଜାଡି ଦେବାର କଥା, ସେମିତି ଅଜାଡି ଦେଉ । ନହେଲେ କିଏ ଜାଣେ, କେତେବେଳେ କଣ ହେଇଯିବ, ସେ ସୁଯୋଗ ଗ୍ଲିଯିବ? ଗୋଟିଏ ମୁହୂର୍ତ୍ତରେ ଦୁନିଆ ଓଲଟପାଲଟ ହୋଇଯିବ । ଠିକ୍ ମୋ ଭାଗ୍ୟ ଭଳି।"

ପରେ ଇତି ଜାଣିଲା, ସୁନାର ସ୍ୱାମୀ ତିନିମାସ ତଳେ କରୋନା ଭୂତାଣୁ ଦ୍ୱାରା ଆକ୍ରାନ୍ତ ହୋଇ ପ୍ରାଣତ୍ୟାଗ କରିଥିଲେ ।

ରଦରେଫାର୍ଡ ୱେ, ଡେଟନ୍, ମେରୀଲାଣ୍ଡ,
ଯୁକ୍ତରାଷ୍ଟ୍ର ଆମେରିକା

# କ୍ଷମାର ଭିତ୍ତିଭୂମି ପ୍ରସ୍ତୁତିରେ



ଭାସ୍କର ଚନ୍ଦ୍ର ଖଣ୍ଡା

କରିଥାଏ ମଣିଷ ହିଁ ଦୋଷ ତ୍ରୁଟି
ହେଲେ ମଧ୍ୟ ଶ୍ରେଷ୍ଠ ପ୍ରାଣୀ
ନୁହଁ ସିଏ ଦେବତୁଲ୍ୟ
କରିବାକୁ ସ୍ୱୀକାରୋକ୍ତି
ଥାଏ କ ସଭିଙ୍କର ସତସାହସ
ହେଉ ପଛେ
ଜ୍ଞାତ ଆଉ ଅଜ୍ଞାତ ସାରରେ
କରେ ଯେବେ ହୃଦୟଙ୍ଗମ
ତା'ର ସ୍ୱୀକାରୋକ୍ତି ରେ
ପଛଘୁଞ୍ଚା ଦେବ ସେ କାହିଁକ ?
ମେଲି ଦେଇ ତା ପ୍ରଶସ୍ତ ଡେଣା
ଉଡୁ ପକ୍ଷୀ ନୀଳ ଆକାଶରେ
ଦେଖୁ ସେଇ ଦୂର ଦିଗବଳୟକୁ
ସାଗର କୂଳରେ ଭାବୁକ ଦର୍ଶକ ପରି
ଅବଲୋକନରତ ସୁଦୂର ଆରପାରିକୁ
ସେଇ ତା'ର ପ୍ରଶସ୍ତ ଭିତ୍ତିଭୂମି |୧|

ଯଦି ହାରେ ବ୍ୟାପକତା
ହୁଏ ଅନ୍ତର୍ମୁଖୀ
ପାରେନାହିଁ ଉଠି ସଂକୀର୍ଣ୍ଣତାରୁ ଉର୍ଦ୍ଧରେ
ଆସିଥାଏ ବିଭେଦତା
କରିଥାଏ ତା କାୟା ବିସ୍ତାର
ମାଜି ହୋଇ କଥାର ଶବ୍ଦ ଗୁଛ
ନଏ ପୁଣି ମାଳାର ସ୍ୱରୂପ
କରିଥାଏ ସେ ମାଳାକୁ ପରିଧାନ
କରେ ନାହିଁ ସେଇ ମାଳା
କାହାର ଶୋଭା ବର୍ଦ୍ଧନ |୨|

କାହିଁକ ହେବ ସେ ବଂଚତ
ଅମୃତର ସେଇ ପରଶରୁ
ଢାଙ୍କିବାକୁ ନ କରି ପ୍ରୟାସ
ନଟାଣି ପରଦା ତହିଁରେ
ମାଗି ଦେଖୁ ଥରେ ସେ କ୍ଷମାକୁ
ବିନା କାନ୍ଦଣାରେ ଶିଶୁ
ପାଏ ନାହିଁ କ୍ଷୀର |୩|

ଉଚତ ନୁହେଁ ଆପଣାଇବାକୁ
ସେଇ ମହାନତା
ନ ଥାଏ ଯେଉଁଠି ତୃଟିର ହୃଦୟଙ୍ଗମତା
ଉପୁଜେନ ଟାଂଗର୍ ଭୂମିରେ ବୀଜ
କରିଥାଏ କୃଷକ କେତେ ପରିଶ୍ରମ
ତେବେ ଯାଇ ହୁଏ ପ୍ରସ୍ତୁତି
ସେଇ ଆଶାର ସଂଗ୍ରର
ଭିତ୍ତିଭୂମି ଫସଲ ଉପୁଜାଇବାର
ଉପୁଜେ ସବୁଜ ଫସଲ
କରିଥାଏ କଲ୍ୟାଣ ସମାଜର
କରି ଅନ୍ତରରୁ ହୃଦୟଙ୍ଗମ
ନକରି କାଳ ବିଳମ୍ବ
ଦେଇ ପରିଚୟ ସେଇ ମହାନତାର
ଆଗେଇ ଗ୍ଲୁ ଜୀବନ ଯୁଦ୍ଧରେ
କରିବାକୁ ପ୍ରସ୍ତୁତି
ଭିତ୍ତିଭୂମି ସେ କ୍ଷମାର ।୪।

ଗ୍ରେଡ୍ ନମ୍ବର ୩,
ଜଗନ୍ନାଥ ନଗର, ଭୁବନେଶ୍ୱର

# ସନ୍ଦେହ



ଡ. ପ୍ରସନ୍ନ କୁମାର ବଳ

ସନ୍ଦେହ ଗୋଟିଏ ଏହିପରି ଶବ୍ଦ ବିପରୀତ ବୋଧ ଦିଏ,
ଯାହାପ୍ରତି ଏହା ଲାଗୁ ହୋଇଯାଏ ସମାଜେ ଧିକ୍କାର ପାଏ ।୧।
ସନ୍ଦେହର ବୀଜ ଥରେ ଚାଷକଲେ ଅମଳ ତ ଶିଘ୍ର ହୁଏ,
ସୁନ୍ଦର ଜୀବନ ନିମିଷକ ମାତ୍ର ଛାରଖାର ହୋଇଯାଏ ।୨।
ସ୍ୱାମୀ, ସ୍ତ୍ରୀ ମଧ୍ୟେ ଭଲ ବୁଝାମଣା ଥିବା କଥା ନିରନ୍ତର,
ତେବେ ଯାଇ ଧରା ସ୍ୱର୍ଗପରି ଲାଗେ ଝରୀତ ଆସଇ ନୀର ।୩।
ସ୍ନେହର ମୂଲ୍ୟ ବହୁ ଭାରୀପଡେ ଯେବେ ଆସେ ପରିବାରେ,
ସନ୍ଦେହ ଅଗ୍ନିରେ ସବୁ ଝାସଦିଏ ନ କରି ବାଛ ବିଚାରେ ।୪।
ବିଷତୁଲ୍ୟ ଇଏ କରିପାରେ ପୁଣି ସବୁ ସୁଖର ସଂସାର,
ଭାବିଚନ୍ତି ସବୁ ଦୂର କର ଭାଇ କୁହୁଳିକା ସନ୍ଦେହର ।୫।
ପୋଲିସ୍ ସନ୍ଦେହ ଅବଶ୍ୟ ଥାଏ ତ ଚୋର ତସକର ଲାଗି,
ଏ ସନ୍ଦେହ କିନ୍ତୁ ଆବଶ୍ୟ ଥାଏ ସମାଜ ମଙ୍ଗଳ ଲାଗି ।୬।
ଶିକ୍ଷକ ସନ୍ଦେହ ପ୍ରଖରୀତ ଥାଏ ପରୀକ୍ଷାର କୋଠରୀରେ,
ଏହାର ଉଦ୍ଦେଶ୍ୟ ଅବଶ୍ୟ ମହତ୍ ସତ ପରୀକ୍ଷାର୍ଥି ଠାରେ ।୭।
କର୍ମକ୍ଷେତ୍ରେ ପୁଣି ଅବଶ୍ୟ ଲାଗଇ ନିଷ୍ଠାବାନ ଓ ସାଧୁତା,
ଅସାଧୁ କର୍ମୀ ତ ସନ୍ଦେ ଘେରରେ ରହିବା ସ୍ୱାଭାବିକତା ।୮।
ସମାଜ ମଧ୍ୟରେ "ବିଶ୍ୱାସ" ହେଉଛି ଆସ୍ଥାର ହିଁ ତ ପ୍ରତୀକ,
ସନ୍ଦେହ ଆଣେ ତ "ଅବିଶ୍ୱାସ" ଭାବ ଅନାସ୍ଥାର ହିଁ ତ ସ୍ରୋତ ।୯।

କାଲି ଏ ସନ୍ଦେହ ସାରା ଜଗତରେ ସମୂହ ପାଇଁ ନ ଥିଲା,
ଆଜି କନ୍ତୁ ଇଏ କଣ ହୋଇଗଲା ବିଶ୍ୱକୁ ସନ୍ଦେହ କଲା ।୧୦।
କେହି କାହାରିକୁ ଏହି ମୂହୁର୍ତ୍ତରେ ବିଶ୍ୱାସ କରୁ ନାହାନ୍ତି,
କାଳେ ସେ ଭୂତାଣୁ ବାହକ ବୋଲି କ ଦୂରରେ ଯାଇ ରହନ୍ତି ।୧୧।
ଭଗବାନଙ୍କର ଇଏ କବା ଖେଳ ଅଦଭୂତ ଲାଗେ ସତେ,
ସାରା ଜଗତଟା ପରସ୍ପରକୁ ତ ସନ୍ଦେହ ଦୃଷ୍ଟିରେ ଦେଖେ ।୧୨।
ମାନବ ଜାତିକୁ ଏହା ପୁଣି ଏକ ସର୍ବଶ୍ରେଷ୍ଠ ଶିକ୍ଷା ଜାଣ,
ନଜର ଦୋଷକୁ ବିଶ୍ଳେଷଣ କରି ସୁଧୁରିବା ବାଟ କଣ ।୧୩।
ତେବେ ଯାଇ ସୁଖ ସମୃଦ୍ଧି ମିଳବ ଏହି ଭବ ସଂସାରରୁ,
ସନ୍ଦେହର ବୁନ୍ଦା କେଉଁଠି ନଥିବ ଭବସାଗର ମଧୁଅରୁ ।୧୪।

ଉପ ମହାପ୍ରବନ୍ଧକ,
ପଞ୍ଜାବ ନେସନାଲ୍ ବ୍ୟାଙ୍କ, କୋଲକତା

ବେଦାନ୍ତୀକୁ ପଢିବା ସଙ୍ଗେ ସଙ୍ଗେ ଆପଣମାନଙ୍କୁ ଅନୁରୋଧ ଯେ ଆପଣଙ୍କ ପରିବାର ଏବଂ ସମ୍ପର୍କୀୟଙ୍କୁ ମଧ ଏହା ପଠାନ୍ତୁ । ଏହାଦ୍ୱାରା ଓଡିଆ ଭାଷାର ଲୋକପ୍ରିୟତା ନିଶ୍ଚିତ ରୂପେ ବଢିପାରିବ

# ନାୟିକା ସୁରଙ୍ଗୀ ନୟନା



ଆଶୁତୋଷ ମେହେର

ପଦର ବିନ୍ୟାସେ ଲାଳାତ୍ୟ ର ଛନ୍ଦେ ଛୋଟ ଧାରେ ଟିକ ହସ
ଚୁମ୍ବକ ଚୁମ୍ବକେ ମୋହି ନଏ ସେତ' ମନ କରି ଦେଇ ବସ।
ପାହାଡି ଝରଣା ସୁରଙ୍ଗୀ ନୟନା ରୁଣୁଝୁଣୁ ଯାଏ ବହି
କବିତା ନାୟିକା ତନୁ ପାତଳୀ ସେ କେତେ କଥା ଯାଏ କହି।

ଟିକ ଟିକ ହସେ ଓଠର ଲାଳମା ଇନ୍ଦ୍ରଧନୁ ରଙ୍ଗେ ଭରା
ବଖାଣି ପରସେ ମୋହି ରସେ ମନ ସୁଗନ୍ଧ କବିତା ଧାରା।
ଛୋଟ ଲାଗେ ସିନା ସାଗର ବୁକୁର ଗାଢ ନୀଳ ଜଳ ରାଶି
ଢେଉ ଗଣୁ ଥାଏ ମତ୍ସ୍ୟ କନ୍ୟା କବା ମୋହଦଧି ତୀରେ ବସି।

ଗପ ପରି ସିଏ ଗପି ତ ପାରେନା ଅଳପେ ଅଳପ କଥା
ଛୋଟ ଦୁଇ ପଦେ ଗାଇ ଦିଏ ସିଏ ଜୀବନ ଜଂଜାଳ ବ୍ୟଥା।
ଫରଦ ଫରଦ ବହେ ନାହିଁ ସିଏ ଟିକ ପାଖୁଡାରେ ବନ୍ଧା
ଛୋଟ ଫୁଲ ସମ ସୁଗନ୍ଧେ ମୋହିତ ସୁରମ୍ୟ ଲାଳତ୍ୟେ ଛନ୍ଦା ।।

ଆର୍ଯ୍ୟପଲ୍ଲୀ, କଟ ଛକ,
ପଟିଆ, ଭୁବନେଶ୍ୱର

# କଥାର କବିତା



ଡକ୍ଟର ମନୋରଞ୍ଜନ ବିଷୋୟୀ

ତୁମକୁ ଦେଖିଲେ
ମୁଖରିତ ହୋଇଉଠେ
ମୋ ମନ ଅନ୍ତର
କୁହତ ତୁମେ
କଏ ମୋର**?**
ତୁମେ କ ମୋ
କଥାର କବିତା
କାଳ ହୋଇ
ଝରିଯାଅ
କାଗଜ ପୃଷ୍ଠାରେ**?**
ଚେତନା ଚହ୍ନିତ ହୁଏ
ତୁମ ରୂପରେ
କଲମ ଲେଖୁଛି
ତୁମକୁ କଥାରେ
କଥା ନୁହେଁ
ସେ ତ ଖାଲି
କବିତାରେ ।

ସ୍ନାତକୋତ୍ତର ଓଡିଆ ବିଭାଗ
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ

# ଅସାଧାରଣ ସୁନ୍ଦରବନ - ୨



ଅଶୋକ ବିଶ୍ୱାଳ

ଆଗକୁ ବଡ଼ କାଦୁଆ ଚଡାରେ ହେନ୍ତାଳବନର ଶ୍ୱାସମୂଳ ସବୁ ବର୍ଚ୍ଛା ଭଳି ବାହାରି ଆସିଥିଲା । ଏକ ଗଛର ମଲା ଡାଳ ଉପରେ କେନା ହୋଇ ଯାଇଥିଲା ଆଉ ପାଣି ଆଡକୁ ବଙ୍କେଇଥିବା ସେହି କେନାରେ ଏକ ଧଳା ପେଟୁଆ ଇଗଲ ଚୁପଚାପ ବସି ପାଣିକୁ ଅନାଉଥିଲା । ବୋଟ ପାଖକୁ ଆସିଲାରୁ ପକ୍ଷୀଟି ନିଜର ବିଶାଳ ଡେଣା ଝପଟାଇ ପାଣିକୁ ପ୍ରାୟ ଛୁଇଁ ଉଡିଗଲା ଆଉ ଟିକଏ ପରେ ତା'ର ବଡ଼ ନଖ ଥିବା ପଞ୍ଝାଥିବା ବାହାରି ଆସିଲା ଏବଂ ପାଣିଠାରୁ ଟିକଏ ଦୂରରେ ଥିବା ଏକ ଥୁଣ୍ଟା ଗଛର ଡାଳକୁ ଜୋରରେ ଧରି ବସି ପଡିଲା । ଏକ ଶିକାରୀ ପକ୍ଷୀପାଇଁ ଏମିତିଆ ଖୋଲାଯାଗା ବଡ଼ ସୁବିଧା ଜନକ ଥିଲା ।

ଏକ ପତଳା କାଦୁଆଚଡାରେ ଅନ୍ୟ ଏକ ଲୁଣା ବୃକ୍ଷର ଶ୍ୱାସମୂଳ ପତଳା ମୁନିଆ ପେନସିଲ ଭଳିଆ ଥିଲା । ଗଛଟା ଟିକଏ ଦୂରରେ ଥିଲା । କିନ୍ତୁ ଏହି ମୂଳଗୁଡା ଅନେକ ଦୂର ପର୍ଯ୍ୟନ୍ତ ଲମ୍ବି ଯାଇଥିଲା । ଏମିତି ମୂଳଗୁଡିକ ନୂଆ ଯାଗାକୁ ଧୀରେଧୀରେ ଅଧିକାର କରି ନିଅନ୍ତି। ସେଇ ମୂଳମାନଙ୍କ ଭିତରେ ଥିବା ଖାଲି ଯାଗାରେ ଅନେକ ଛୋଟ ପକ୍ଷୀ ବୁଲୁଥିଲେ । କିଛି କିଛି ଖାଲି ଯାଗାରେ ସରୁ ମୁନିଆ ଘାସମାନ ଥିଲା ବଢିଥିଲା । ଏହି ଘାସ ଜଙ୍ଗଲର ତୃଣଭୋଜୀ ପ୍ରାଣୀମାନଙ୍କୁ ଆକର୍ଷଣ କରେ । କେତେକ ହରିଣ ନଦୀ ପାଣିକୁ ଅନାଇ ରହିଥିଲେ । ସେମାନଙ୍କ ଶରୀର ଜଙ୍ଗଲର ଗଛ ପତ୍ରରେ ପ୍ରାୟ ଲୁଚ ଯାଉଥିଲା । ଏ ଜଙ୍ଗଲରେ ଏତେ ଗଛ । ମଝିରେ ମଝିରେ ହରିଣମାନେ ନିଜର କାନ ହଲାଉଥିଲେ । ବେଳେବେଳେ ମୁଣ୍ଡକୁ ଉପର ତଳ କରୁଥିଲେ ।

କେତେଟା ମାଙ୍କଡ ଗଛ ଉପରେ ଡିଆଁ ଡେଇଁ କରୁଥିଲେ । ଗୋଟିଏ ମାଙ୍କଡ ଏକ ପତଳା ଡାଳ ଉପରକୁ ଆସିଗଲା । ଡାଳଟା ପ୍ରାୟ ଜମିକୁ ଛୁଇଁଗଲା ଆଉ ସେ ମାଟି ଉପରକୁ ଆସି ଗ୍ଭଲିବାକୁ ଲାଗିଲା । ତା'ର ଦେଖାଦେଖି କେତେଟା ମାଙ୍କଡ ଜମି ଉପରକୁ ଓହ୍ଲାଇ ଆସିଲେ। ସେମାନଙ୍କ ପାଉଁଶିଆ ଲୋମ ଉପରେ କୁହୁଡି ଘେରି ଯାଇଥିଲା । ଗ୍ଭଲିଲାବେଳେ ସେମାନେ ନିଜର ଗୋଡ ଆଉ ହାତର ଉପଯୋଗ କରୁଥିଲେ ।

ଏକ ବାଦାମୀ ଡେଣାଥିବା ମାଛରଙ୍କା ପକ୍ଷୀର ଜୋରଡାକ ଆସିଲା । ପକ୍ଷୀଟି ସେପଟ କୂଳରେ ଏକ ଗଛ ଉପରେ ବସି ମଝିରେ ମଝିରେ ବୋବାଉଥିଲା । ତା'ର କମଳା ରଙ୍ଗର ପଂଝା ଜୋରରେ ଡାଳକୁ ଧରିଥିଲା । ପକ୍ଷୀଟିର ଅସ୍ୱାଭାବିକ ଭାବେ ମୋଟା ଥଣ୍ଟକୁ ଏକ ଛୋଟ ମୁଣ୍ଡ ଧରି ରଖିଥିଲା । ଏକ ଛୋଟ ଶରୀର ପାଇଁ ପକ୍ଷୀଟିର ଥଣ୍ଟ ବେଶ ମୋଟା ଆଉ ଲମ୍ବା ଥିଲା । ଏହି ଥଣ୍ଟ ଯୋଗୁ ପକ୍ଷୀଟି ସହଜରେ ମାଛ ଧରିନଏ । ଚଢେଇଟି ପାଣିକୁ ଏକଧ୍ୟାନରେ ଅନାଇ ରହିଥିଲା । ତା'ର ମୁଣ୍ଡ ପାଣି ସହ ସମାନ୍ତରାଳ ହୋଇଯାଇଥିଲା, ଥଣ୍ଟ ତଳୁଆ ହୋଇ ଯାଇଥିଲା ।

ଛୋଟ ମିନଭେଟ ଚଢେଇଟିଏ ଏକ ଛୋଟ ଡାଳ ଉପରେ ବସି ପଡିଲା । ସେ ଏ ଡାଳରୁ ସେ ଡାଳ ଡେଉଁଥିଲା । କେତେଟା ଡିଆଁପରେ ପତ୍ର ଉହାଳରେ ଲୁଚିଗଲା । ଗାଢ ବାଦାମୀ ମୁଣ୍ଡଥିବା ବି-ଇଟର ପକ୍ଷୀଟିଏ ମଧ୍ୟ ଏ ଡାଳରୁ ସେ ଡାଳକୁ ଡେଉଁଥିଲା । ସେ ମୁଣ୍ଡକୁ ଜଲଦି ଉପର ତଳ କରୁଥିଲା । ମଝିରେ ମଝିରେ ନିଜ ଥଣ୍ଟକୁ ଡାଳରେ ବାଡାଉଥିଲା । ଏମିତି ପୋକଟିଏ ଧରି ସେ ପିଟି ମାରିଦେଇ ଢୋକ ଦେଉଥିଲା ।

ଖରାପଡୁଥିବା କଡରେ କାଣ୍ଠିଆ ବଗଟିଏ ଏକ ପତ୍ର ନଥିବା ଡାଳ ଉପରେ ବସିଥିଲା । ଲମ୍ବାନଖ ଡାଳକୁ ଜୋରରେ ମୁଠେଇ ଧରିଥିଲା । ପକ୍ଷୀଟି ନିଜର ଡେଣା ଝାଡିଦେଲା । ତା'ର ଉପର ପିଠି ଥରିଗଲା । ଛୋଟ ଡେଣା ଉପର ତଳ ହେଉଥିଲା । ଏକ ଦୋଳ ଭଳି ଗୋଡ ପାଖରେ ଉପର ତଳ ହେଉଥିଲା । ପକ୍ଷୀଟି ମୁଣ୍ଡ ଟେକି ସତର୍କ ହୋଇ ଅନାଉଥିଲା।

"ସୁନ୍ଦରବନର ମଧୁର ବାସ୍ନା ମୁଁ ଭୁଲିପାରୁନି ।"- ପାଓଲି କହିଲେ

"ଏ ପାଣିରେ ଏକଦମ୍ ଭିନ୍ନ ସୁଗନ୍ଧ ଅଛି । ଏ ସୁଗନ୍ଧରେ ଲୋକ ମୋହିତ ହେଇଯିବ ।"- ପାଓଲି କହିଲେ । ତାଙ୍କର ଆଖି କିଛି ସମୟ ପାଇଁ ବନ୍ଦ ହୋଇଗଲା । ସେ ଧିରେ ବହୁତ ସମୟ ପାଇଁ ପବନକୁ ନିଜର ଛାତିରେ ଧରି ରଖୁଥିଲେ । ପାଓଲି ନିଜ ଭିତରେ ପବନକୁ ବୋହି ଯିବାକୁ ଦେଉଥିଲେ । କିଛି ଚିନ୍ତା ନାହିଁ । କିଛି ଶୋଚନା ବି ନାହିଁ । ସେ ଅଳ୍ପ ସମୟ ପରେ ଆଖି ଖୋଲିଲେ । ମନରେ ଏକ ତୃପ୍ତି ।

ଉପରେ ଥିଲା ଆକାଶର ସୂର୍ଯ୍ୟ ଆଉ ତଳେ ଥିଲା ହାଲୁକାକମଳା ରୁପେଲି ରଙ୍ଗର ପ୍ରତିଫଳନର ସୂର୍ଯ୍ୟ । ପାଓଲି ସୁନ୍ଦରବନକୁ ଅନାଇ ରହିଲେ ।

"କେତେ ସୁନ୍ଦର ଏ ବନ । ମୋତେ ଭଲଲାଗେ ସୁନ୍ଦରବନର ନସ୍ତବ୍ଧତା ।"– ପାଓଲି କହିଲେ ।

"ନାହିଁ ସେଠି ସହରର କୋଳାହଳ । ନାହିଁ ସେଠି ଜୀବନ ପାଇଁ ଅହରହ ଦୌଡ଼ । ସହରରେ ନଃଶ୍ୱାସ ନେଇ ଯେ ହୁଏନା ।"- ସପନବାବୁ କହୁଥିଲେ ।

"ମୋତେ ଭଲ ଲାଗେ ପକ୍ଷୀର ସେ ଡାକ ।"- ପାଓଲି କହିଲେ ।

"ମୋତେ ଭଲଲାଗେ ଉଡନ୍ତା ସେ ପକ୍ଷୀ । ଉଡି ଯାଉଥିବ ଗଛର ଡାଳକୁ ।"- ସପନବାବୁ କହିଲେ ।

"କେତେ ସବୁଜ ଏ ବନ । ପତ୍ର ଝଡେନା ଯେ କେବେ ।"- ପାଓଲି କହିଲେ ।

"ଅମର ପ୍ରେମଭଳ ରହେ ସବୁଜ, ସତେଜ ସର୍ବଦା । ପ୍ରେମ ଫିକା ପଡିବନ କେବେବି ଏଇଠି ।"- ପାଓଲି ଭାବୁକ ହୋଇଯାଇଥିଲେ ।

"ପତ୍ର ଝଡି ତ ପାରେନା । ଆସିଲେ କେତେ ବାଆ ବା ବତାସ । ରହେ ସତେଜ ସଦା।"- ପାଓଲି କହିଚାଲୁଥିଲେ ।

"କେତେ ଜୀବନ ଏ ପବନରେ । ପ୍ରଦୂଷଣ ନାହିଁ ତ ଟିକଏ । ବୋହିଯାଉ ଜୀବନ ସୁନ୍ଦରବନର ପବନ ପର୍ଯ୍ୟେ । ନଥାଉ କେଉଁଠି କଛି ଆବିଳତା ।" – ସପନବାବୁ ଶବ୍ଦ ପୂର୍ଣ୍ଣ କରୁଥିଲେ ।

"ଜୁଆର ଭଟାରେ ବଢୁଛି ଅଗଣିତ ବୃକ୍ଷ ଯେ କୂଳରେ । ଜୀବନର ଜୁଆର ଭଟାରେ ସେମିତି ସବୁବେଳେ ସୁନ୍ଦର ଆଉ ନୂଆ ଘଟୁଥାଉ । ସବୁବେଳେ ଜୀବନ ହୋଇରହୁ ମଧୁର। ପ୍ରେମ ସୁନ୍ଦରବନର ପାଣିଭଳ କେବେବି ନଶୁଖୁ । ବିରହ କେବେବି ନଘଟୁ ।"- ପାଓଲି କହିଲେ ।

ଆକାଶର ତଳେ ସୂର୍ଯ୍ୟ । କରଣ ସେମାନଙ୍କୁ ଛୁଇଁଯାଉଥିଲା । ପାଓଲିଙ୍କ ମୁହଁ ଏକ ପ୍ରସ୍ଫୁଟିତ ନୀଳକଇଁ ପରି ଫୁଟିଉଠୁଥିଲା । ସତେଜ, କଛି ଦାଗ ନାହିଁ ତ କେଉଁଠି । ସୂର୍ଯ୍ୟରୁ ଆଲୋକ ଝରିଆସୁଥିଲା । ଆଲୋକ ନୂଆ ଜୀବନ ନେଇଆସେ, କ ଜୀବ ବା ଜନ୍ତୁର ଶିରାରେ ନୂତନ ଶକ୍ତି ଆଉ ସ୍ଫୂର୍ତ୍ତୀ ଭରିଦିଏ । ସୁନ୍ଦରବନରେ ଆଗର ଦୁନଆ ଖୋଲିଯାଉଥିଲା । ସେଦିନ ସୂର୍ଯ୍ୟ ଦିଗ୍‌ବଳୟର ଟିକଏ ଉପରେ ଥିଲା । ପାଣି ଏକଦମ

କୋଳାହଳ ଶୂନ୍ୟଥିଲା । ପାଣିରେ ସବୁବେଳେ କିଛି ନା କିଛି ଶବ୍ଦ ହୁଏ । କିନ୍ତୁ ଏବେ କିଛି ଶବ୍ଦ ନଥିଲା । ଟିକିଏ ଲହଡି ନଥିଲା । ଆଲୋକର ଧାର୍ ସୂର୍ଯ୍ୟଠାରୁ ଲମ୍ବିଆସି ଏକ ଦେଶୀ ଡଙ୍ଗାକୁ ଝଲସାଇ ଦେଉଥିଲା । ସେଦିନ ହାଡ ଥର୍ଇଲା ଭଳି ଥଣ୍ଡା ନଥିଲା । ସମସ୍ତଙ୍କୁ ଭଲ ଲାଗୁଥିଲା ।

ପାଓଲିଙ୍କ ଓଠ ଥରିଗଲା । ମନେମନେ ସେ କବିତା ସଂରଚନା କରୁଥିଲେ ।

ଅଳସ ଛାଇ ଯାଉଥିବ
ଉଦବେଳନ କାହିଁ ତ ନଥିବ
ସବୁଜିମା ମୋର ଗ୍ଭରିପାଖେ
ଆକାଶରେ ନୀଳ ପକ୍ଷୀ ଉଡୁଥିବ
ଭୁଲି ପାରୁ ମୁଁ ନଥିବି
ପକ୍ଷୀ ଡାକବାର
ଘାସଚଡା ଏତେ
ହରିଣର ଚର୍ଭୂଇଁ
କେତେ ପକ୍ଷୀ ଯେ କୂଳରେ
କାହାକୁ ଚହ୍ନିନ
ହରିଣର ମନ ମୋର
ବୋଲ ମାନୁ ତ ନଥିବ
ଆକାଶକୁ ଲମ୍ଫ ଦେଉଥିବ ।।

ବୋଟ ଏବେ ମୁଖ୍ୟ ଧାରରୁ ବାହରିଯାଇ ଏକ ଛୋଟ ଧାର୍‌ରେ ପ୍ରବେଶ କରିଥିଲା । ସରୁଆ ନାଳଗୁଡାକରେ ବେଶି ପାଣି ନଥାଏ । ଭଟ୍ଟା ସମୟରେ ପାଣିର ଛୋଟ ସିଆରମାନ ଥାଏ । ସେ ନାଳ ଗୁଡାକର କୂଳରେ ବହୁତ ଗଛ ଥିଲା । ଲୁଣାବନର ଗଛମାନ ପାଣି ପର୍ଯ୍ୟନ୍ତ ନଇଁ ଆସିଥିଲା । ନଦୀକୁ ଲାଗି ରହିଥିବା ପତଳା କାଦୁଆ ଚଡାଗୁଡାକ ସୂର୍ଯ୍ୟକିରଣରେ ଚମକୁଥିଲ।। ଜଙ୍ଗଲରେ ପକ୍ଷୀମାନେ ଲୁଚ ସବୁଆଡୁ ଡାକୁଥିଲେ । ଦେଖାଯାଉ ନଥିଲା କିନ୍ତୁ ଲମ୍ବା ଡାକମାନ ଗଛଡାଳ ଭିତରୁ ଶୁଣାଯାଉଥିଲା । ସେହି କାଦୁଆ ଜମି ଉପରେ ତଥାପି ବି କୁହୁଡିର ହାଲୁକାଧାର ଥିଲା । କାଦୁଆ ଭୂମିରୁ ବାମ୍ପ ବାହାରୁଥିଲା । ଜଙ୍ଗଲର ଅନ୍ୟପଟ ତଥାପିବି ସାମାନ୍ୟ ଅନ୍ଧାରିଆ ଥିଲା । କରଣ ଏପଟ କୂଳରେ ପଡିଥିଲା । ସେପଟେ ଏକ ହାଲୁକା କମଳା ଧଳା ଆଭା ଥିଲା ।

ଏକ ପାଣି ଗୋଧି ଗୋଟିଏ ଶୁଖିଲା ଡାଳ ଉପରେ ଚଢିଯାଇଥିଲା । ଏହା ପାଣି ଉପରୁ ପ୍ରାୟ ଫୁଟେ ଉପରେ ଥିଲା । ତା' ଉପରେ ସକାଳର କରଣ ପଡୁଥିଲା । ପାଣିଗୋଧି ଭଲ ପହଁରି ପାରେ । ମୁଖ୍ୟତଃ ଜମିରେ ରହେ । ଦରକାର ହେଲେ ଗଛ ଚଢେ । ଡାଳଟିରେ ଟିକଏ ବକଳା ନଥିଲା । ଗୋଧିଟି ପେଟ ପାରି ଡାଳରେ ଶୋଇଯାଇଥିଲା ।

କୂଳରେ କାଦୁଆ ଚଡାରେ ନାଲି ପବନା କଙ୍କଡାଗୁଡିକ ଦୌଡାଦୌଡି ହେଉଥିଲେ । ପୂରା ଚଡାରେ ସେମାନେ ଭରି ଯାଇଥିଲେ । ଚଡାରେ ଅସଂଖ୍ୟ ପତଳା ଶ୍ୱାସମୂଳ ଆଉ କଙ୍କଡାମାନଙ୍କ ସରୁଆ ଗାତ ଥିଲା । କଙ୍କଡାଗୁଡିକ ଟିକଏ ଡରିଗଲେ ସେହି ଗାତ ଭିତରକୁ ଚଟ୍ କରି ପଶି ଯାଉଥିଲେ । ସେମାନଙ୍କ ବଡବଡ ଆଖି ସେଇଠୁ ଉଙ୍କି ମାରୁଥିଲା ।

ବେଙ୍ଗଟିଏ ଚୁପଚାପ୍ ଏକ ଡାଳ ଉପରେ ବସି ଲୁଚ ଦେଖୁଥିଲା ।

ଏକ ବିଶାଳ ଅହିରାଜ ସାପ ଗଛରେ ! ଦେଖି ବିଶ୍ୱାସ ହେଉ ନଥିଲା । ପେଟ ଡାଳ ଉପର ପଡିଛି । ଲାଞ୍ଜ ଆଉ ଏକ ଡାଳ ଭଳ ତଳକୁ ଓହଳ ପଡିଛି । ମୁଣ୍ଡ ତଳୁଆ ହୋଇ ଯାଇଛି । ସାପଟା ତଳକୁ ଓହ୍ଲାଉଥିଲା । ଦେହର କାତିପାଇଁ ସାପ ଗଛ ଚଢି ଯାଇପାରେ । ଗଛରେ ଗୁଡାଇ ହୋଇ ଓହ୍ଲାଇବାର ଆବଶ୍ୟକତା ନାହିଁ । ସାପଟା ଜଲଦି ତଳକୁ ଓହ୍ଲାଉଥିଲା । ଏହି ସାପ ତଳେ ରହେ । ଗଛ ଉପରେ ଚଢି ସବୁଆଡେ ନଜର ରଖିଥାଏ । ସାପଟା ଏକ ମୋଟା ଦଉଡି ଭଳ ଦେଖାଯାଉଥିଲା । ପ୍ରାୟ ୧୫-୧୬ ଫୁଟ ଲମ୍ବା । ସାପଟା ଆଉ ଏକ ଡାଳରେ ପହଁଚଗଲା । ଡାଳଟା ୮ ଇଞ୍ଚ ମୋଟା ହେବ । ସାପର ପୂରା ଶରୀର ସେ ଡାଳ ଉପରେ ଥିଲା । ସାପଟା ଆଗକୁ ଗଲାରୁ ତା'ର ଓଜନରେ ଡାଳ ନଇଁଗଲା । କଛି କ୍ଷଣରେ ସାପଟା ପତ୍ର ଗହଳରେ କେଉଁଠି ଲୁଚଗଲା । ସେପଟୁ ସୂର୍ଯ୍ୟାଲୋକ ପଡୁଥିଲା । ଏକ ଗ୍ୱରିକୋଣିଆ ତାଗ୍ରଭଳ ପତ୍ର ଖୋଲିଯାଇଥିଲା ଆଉ ଆଲୋକ ଝରି ପଡୁଥିଲା ।

ଆଗକୁ ଧୀରେଧୀରେ ନଦୀର ଧାର ଅଣଓସାରିଆ ହୋଇଯାଉଥିଲା । ଗଛର ପତ୍ରସବୁ ପ୍ରାୟ ପାଣି ଉପରେ ଥିଲା । ଏବେ ବୋଟରେ ଯିବା କଷ୍ଟ ହୋଇ ଯାଉଥିଲା । କାଦୁଆ ଚଡାର ଆକାର ପତଳା ହୋଇଗଲାଣି । ସେଥିରେ ଯାହାକଛି ଖାଲି ଯାଗା ଅଛି ସେଇଠି ମଡସ୍କିପରମାନେ ଆଡ୍ଡା ଜମାଇ ରହୁଥିଲେ । ସେହି କାଦୁଆ ଯାଗାରେ ଭିନ୍ନ ଭିନ୍ନ ପ୍ରାଣୀ ଯଥା ଫିଡଲର କଙ୍କଡା, ମଡସ୍କିପର ଇତ୍ୟାଦି ଲୁଚ ରୁହନ୍ତି । କେତେଟା ମଡସ୍କିପର

ବଡବଡ ଆଖି କାଢି ଅନାଇଥିଲେ । ସେମାନେ ପହଁରିବା ବଦଳରେ ଲାଞ୍ଜକୁ ଏପଟ ସେପଟ କରି କାଦୁଅରେ ଖସି ଯାଉଥିଲେ ।

ପାଓଲି ଆଖି ବନ୍ଦ କରିଦେଲେ । ନିଜ ଭିତରେ ସେ ସୁନ୍ଦରବନର ଅସ୍ତିତ୍ୱ ଅନୁଭବ କରୁଥିଲେ । ଏ ଜଙ୍ଗଲ ରଙ୍ଗ ଯେ ହରାଇ ବସେନା । ତାଙ୍କ ଭିତରେ କିଛି ଝଙ୍କାର ଶୁଣିପାରୁଥିଲେ ।

ଦୃଶ୍ୟ କେତେ ମନକୁ ଧରିଛି ଯାବୁଡି
ଭାସୁଛି କାକର ବିନ୍ଦୁରେ
ଚମକୁଛି ଗଛର ଅଗରୁ
ପକ୍ଷୀ ବସି ତ ରହିଛି
ଗାଇବ ଗୀତକୁ ମୋହର ।

ପତ୍ରମାନ ସୁନ୍ଦରୀ ଗଛର
ପତ୍ରମାନ କେଉଡା ଗଛର
ଝଲସୁଛି ଭାବନାରେ ମୋର
ରଙ୍ଗେଇ ଦେଲେ ମୋହର ମନକୁ
ସବୁଜ ରଙ୍ଗ କେବେ ହଜିବନି
ଯେତେ ବର୍ଷା କାକର ପଡିଲେ
କକଡା ଗଛର ଲାଲ ଫୁଲ ଭଳି
ମନ ମୋର ନୂଆ ରହିଥିବ ।।

ଗାଢ ନୀଳ ରଙ୍ଗର ମାଛରଙ୍କା ପକ୍ଷୀଟିଏ ଏକ ବକଳା ଛାଡିଯାଇଥିବା ଡାଳ ଉପରେ ବସିଗଲା । ଚଢେଇଟି ପାଣିକୁ ଦେଖୁ ନଥିଲା । ସେ ଜଙ୍ଗଲକୁ ଅନାଇ ରହିଲା । ଏମିତି ଅନେକ ସମୟ ବିତିଗଲା ପରେ ଜଙ୍ଗଲ ଭିତରକୁ ଉଡିଗଲା । ଏଠି ଅନେକ ପ୍ରକାରର ମାଛରଙ୍କା ଚଢେଇ । ଅଳ୍ପ ଦୂରରେ ଆଉ ଏକ ମାଛରଙ୍କା ଚଢେଇ । ଏ ସୁନ୍ଦରବନଟାରେ କେତେ ପ୍ରକାରର ମାଛ ଧରୁଥିବା ଚଢେଇ ଅଛନ୍ତି କହିହେବନି । କିଏ ମାଟି ଉପରେ ଶିକାର କଲାଣି ତ କିଏ ପାଣିରେ । କିନ୍ତୁ କିଏ ନା କିଏ କିଛି ନା କିଛି ଶିକାର କରି ଗ୍ଲିଛି। ଚଢେଇଟି ଗଛର ଡାଳରୁ ଆକାଶକୁ ଉଡିଯାଇ ପାଣି ଉପରେ ସ୍ଥିରହୋଇ ଉଡୁଥିଲା ।

"ଅନାଇ ରହିଥିବି ମୁଁ ।"– ସପନବାବୁ ମାଛରଙ୍କା ପକ୍ଷୀଟିକୁ ଅନାଇ କହୁଥିଲେ । ଏ ମାଛରଙ୍କା ପକ୍ଷୀଗୁଡାକ କ ସୁନ୍ଦର ଭାବରେ ପବନରେ ସ୍ଥିର ହୋଇଯାଆନ୍ତି । ମୁଣ୍ଡ ତଳକୁ ହୋଇଯାଇଥିବ, ଆଉ ଲକ୍ଷ୍ୟ ଉପରେ ସବୁ ଧ୍ୟାନ କେନ୍ଦ୍ରିତ ହୋଇଥିବ । ସପନବାବୁଙ୍କୁ ପାଓଲିଙ୍କର ଜିଦି ଭଲ ଲାଗେ । ଏକ ସୁନ୍ଦରୀ ଭଦ୍ରମହିଳା ଏ ପାଣି ପଚପଚ, କାଦୁଅଭରା ଜଙ୍ଗଲରେ ବୁଲିବା କଥା କେବେ ଭାବିପାରନ୍ତାନ । ପାଓଲି ଏକ ନାରୀ ସିନା କନ୍ତୁ ମନ ବହୁତ ଦୃଢ । ସପନବାବୁଙ୍କୁ ଏମିତି ଦୃଢମନା ଆଉ ତା' ପୁଣି ସୁନ୍ଦରବନ ଉପରେ ଇଚ୍ଛା ରଖୁଥିବା ମଣିଷ ବହୁତ ଭଲ ଲାଗନ୍ତି ।

ପାଓଲି ମଧ୍ଯ ସେ ପକ୍ଷୀଟିକୁ ଅନାଇଥିଲେ । ପକ୍ଷୀଟି ଅନେକ ସମୟ ନଜର ଛୋଟ ଡେଣାକୁ ହଲାଇ ଚାଲିଥିଲା । ଉଜ୍ଜ୍ୱଳ ନୀଳ ଆଉ ବାଦାମୀ ରଙ୍ଗର ଛୋଟ ଚଢେଇଟିଏ ।

ସପନକୁ ମୋର
ପକ୍ଷୀମାନେ ବାନ୍ଧି ନେଇଛନ୍ତି
ଦେବେ ସେମାନଙ୍କ ସୁର ବଦଳରେ
ଗାଇବେ ମୋହର ଭିତରେ
ହୃଦୟ ତନ୍ତ୍ରୀରେ
ମନବୀଣା ବାଜି ଚାଲିଥିବ ।।

କ୍ରମଶଃ.....

ସେକ୍ଟର-୩, ସଲ୍ଟଲେକ, କଲିକତା

ବେଦାନ୍ତୀର ହ୍ୱାଟସଆପ୍ ନମ୍ବର ହେଲା – ୯୫୯୪୯୯୩୭୩୩ । ଆପଣମାନଙ୍କୁ ଆନୁରୋଧ ପତ୍ରିକାଟି ପଢିସାରିବାପରେ ଏହାର ଉନ୍ନତି ପାଇଁ ନିଜର ମତାମତ ଦିଅନ୍ତୁ ।

# ଛାଡିଗଲୁ କାହିଁ ଅଧା ବାଟରେ



ଶାନ୍ତିଲତା ମିଶ୍ର

ସମୟର ହାତ ଧରି ବୟସ ଟା ଯେବେ
ଗ୍ଳଲିଗଲ୍, ମତେ କରିଦେଇ ଏକା ।
ଖୋଜିଲି କେତେ ମୁଁ ଏ ଘର ସେ ଘର
ଏପଟ ସେପଟ କନ୍ତୁ ନ ପାଇଲି ତାର ଦେଖା ।।
କେଉଁ ଦୋଷ ଦେଖ୍ ଦୂରେଇ ଗଲ୍ ସେ
ପଛକୁ ଫେରି ଥରେ ନ ଗ୍ଳହିଁଲ୍ ।
ତା ବିନା କପରି ବଞ୍ଚିବା ସମ୍ଭବ ହୋଇବ
ଏ ସଂସାରେ, ଭ୍ବି ଟିକେ ନ ପାରିଲ୍ ।।
ଏଇ ଆମ୍ବ ଗଛ ଛାଇ ତଳେ ଦୁହେଁ ମିଶି
କେତେ ଗୋଟେଇ ତ ଥ୍ଲୁ ଆମ୍ବ ।
ପୋଖରି ତୁଠକୁ ଗାଧୋଇ ଗଲ୍ ବାଟେ
କେତେ ତୋଳଥ୍ଲ୍ ମୋ ସାଥେ କଦମ୍ବ ।।
ବାଲିଘର ତୋଳ ଫୁଲରେ ସଜେଇବାକୁ ନତି,
ଇଶାର୍‌ରେ ପ୍ରବର୍ତ୍ତାଉ ଥ୍ଲ୍ ମତେ ।
ସର୍ବଦା ଉଚ୍ଛୁଙ୍ଖଳତା ଶିଖାଇ ମାତାଲ୍
କରେଇ ବାରେ, ହାତ ତାର ଥ୍ଲ୍ କେତେ ।।
ତାର ବିନା ଯୋଉଠି ବସୁଛି ସେଇଠି ବସୁଛି
ଉଠିବାକୁ ଇଚ୍ଛା ଟିକେ ହେଉ ନାହିଁ ।
ହସିବକୁ ଆଜି ଭ୍ରି କଷ୍ଟ ଲ୍ଗେ
ବୁଲିବାକୁ ମୋଟେ ଭଲ ଲ୍ଗେ ନାହିଁ ।।

ମୋର ଚର ସାଥି ହୋଇ ସେ ରହିବ
ବଡ ଦମ୍ଭେ ଭାବି ନେଇଥିଲି ମନେ ।
ତେଣୁ ସବୁ ମନ କଥା ବାଣ୍ଟି ଆସୁଥିଲି
ତାର ସାଥେ, କଛି ନ ରଖି ଗୋପନେ ।।
ହଠାତ ତାହର ମନ ବଦଳାଇ ଦେଇ
ଗ୍ଲିଗଲ୍ ଏପରି, ଥରେ ନ ପକାଇଲ୍ ମନେ ।
ତାର ବିନା ମୋର ଜୀବନ ଆଜି ହା ହା କାର
ବଞ୍ଚି ଥାଇ ମରିବାର ଅନୁଭବ ପାଏ ।।
ପୃଥିବୀ ଭ୍ରମଣେ ସବୁ ବର୍ଷ ପରି ଏ ବର୍ଷ ବି
ମା ଦୁର୍ଗା କେତେ ଆଡମ୍ବରେ ଆସିଥିଲେ ।
ଥର ଥର ହାତେ ଧରି ନ ପାରିଲି ପୂଜାଥାଳ
ରେ ବୟସ, ବିନା ଉପଗ୍ଚରେ ଫେରିଗଲେ ।।

ରଚେଷ୍ଟର, ମିନେସୋଟା,
ଯୁକ୍ତରାଷ୍ଟ୍ର ଆମେରିକା

# କବିତା



ଅର୍ଜୁନ ମେହେର (ଆଶ୍ରିତ)

କବିତା ଗୁଡ଼ା ଘୁରି ଆଡ଼େ ବିଛେଇ ହୋଇ ପଡ଼ିଥାନ୍ତି।
ଖୋଜୁଥାନ୍ତି ସମସ୍ତେ ଯେପରି ନଜର ପରିଚୟ ।
କବି ପାଖରେ ସମୟ କାହିଁ **?**
ସମୟର ଅଭାବ ସ୍ପଷ୍ଟ ରୂପେ ବାରି ହେଉଥାଏ
କବିର ବ୍ୟସ୍ତତା ଭିତରେ ସାହିତ୍ୟର ସାଧନା।
କ'ଣ ସାହିତ୍ୟ ଆଜି ପଙ୍ଗୁ,
ଚାଲିବାର ହରାଇ ବସିଛି ସାମର୍ଥ୍ୟ **?**
ଆଶା ବାଡ଼ିର ସାହାଯ୍ୟ ହିଁ ଏକ ରକମ କରିଦେଇଛି ବାଧ୍ୟ ।
ଆଗକୁ ବଢିବାର ଅଛିତ କାହାରି ସହାୟତାହାତି ଦରକାର ।
ହଁ କବିତା ମାନେତ କଥା ହେଉଥିଲେ ଶୁଣିଛି।
ବିନା ଆଶ୍ରେ ନ ବର୍ଦ୍ଧ୍ୟନ୍ତି କବିତା ବନତା ଲତା ।
ସତରେ ସ୍ୱାର୍ଥପର ମଣିଷ ନଜର ପରିଚୟ ପାଇଁ
କେତେ ନ କରୁଛି ଉଦ୍ୟମ ।
ହାତ ଗୋଡ଼ ଯୋଡ଼ି କାକୁତି ମିନତି ପୁଣି ଭୁଲୁନ
ତ ସୁପାରିସ କରିବା।
ହଁ କବିକୁ ଚାଲ୍ ଫଟା ହେଉ ନା ସାଦା କାଗଜଟିଏ
ଦରକାର ଆଉ ପାଖରେ କଲମ ।
ହାତ ଗୋଡ଼ ନ ଥିବା କବିତାର ଚାଲେ ଅନବରତ ସୃଷ୍ଟି ।
କଥା କହି ପାରୁଥିବା କବିତା ମାନନ୍ତିନ କବିର ବୋଲ ।
ସମୟ ସୁଯୋଗ ଉଣ୍ଡି ମାରନ୍ତି ଚମ୍ପଟ ।

*ହେ ଶ୍ରଦ୍ଧେୟ ସାହିତ୍ୟ ସାଧକ*, *ସାଧୀକା  ଜାଣି ଜାଣି କର*
*ନାହିଁ ଜନ୍ମ ଅଯଥା ସାହିତ୍ୟର*, *କରନାହିଁ "କବିତା" ର ଅପମାନ*............**?** (*କବି*)

ଗୈ।ଡ଼ପାଲି, ବୁର୍ଲା

# ଅମାନିଆ ସେ



ସାବିତ୍ରୀ ମହାପାତ୍ର

ଅମାନିଆ ମାନେନା ସେ
କୌଣସି ନିୟମ
ଏ ଗଳିରୁ ସେ ଗଳିକୁ
ବୁଲୁଥାଏ ଦିନ ତମାମ ।

ଖାତିର କରେନା ସେ
ଲାଠି ମାଡର ପ୍ରହାର
ବୁଲିବାକୁ ଭଲପାଏ,
ସକାଳ ହଉ ବା ଦିନ ଦ୍ୱିପ୍ରହର ।

ଶୁଣେନା ବି ପ୍ରଶାସନ
କରୁଥିବା ବାରଣ,
ମଉକା ପାଇଲେ କରେ
ଚଳନ୍ତା ଗାଡ଼ିରୁ ସୁନା ଅପହରଣ ।

ନଥାଏ ମୁଖେ ମାସ୍କ,
ନରଖେ ଦୂରତା
ଡରେନା ସେ କାହାକୁ ବି
କାହାର ନିୟମ ।

ଲାଠି ମାଡରେ ବି ତାର
ବନ୍ଦ ହୁଏନା ସେହି
ନିତି ଦିନିଆ ତା କାମ ।

ବୁଲି ବୁଲି କରୋନା କୁ
ବାଂଟିଥାଏ ପରି
ସବୁ ନିୟମ ର ବହିର୍ଭୂତ
ସେ, ନଦିଏତ ଧରି ।

ଯାହାହେବ ଦେଖାହେବ
ଭାବନା ତା ଏମିତି,
ସେ ପରି ଅମାନିଆ
ଡରିବ ବା କେମିତି ।

ଓର୍କିଡ୍ ରୟାଲ ଆପାର୍ଟମେଣ୍ଟ,
ନଗେଶ୍ୱର ଟାଙ୍ଗୀ, ଭୁବନେଶ୍ୱର

# ବିଶ୍ୱ ଦରବାରେ



ରାଜକିଶୋର ସାଇଁ

ଜୟ ଜଗନ୍ନାଥ ତୁହି ଏକା ସତ
ଏଇ ମିଛ ଦୁନିଆରେ,
ତୋ ସକାଶେ ଆଜ ଆମ ଏ ରାଇଜ
ଖ୍ୟାତ ବିଶ୍ୱ ଦରବାରେ ।୦।
ନାଆଁ ଶ୍ରୀମନ୍ଦିର ଦେବାଳୟ ତୋର
ନିର୍ମିତ ଏ ସିନ୍ଧୁକୂଳେ
ରୋହିଣୀର ସୁତ ଭଗିନୀ ସହିତ
ଲୀଳା କରୁ କଳିକାଳେ ।
ଏ ତୋ ପ୍ରିୟ ପୀଠ ମର୍ତ୍ତ୍ୟେ ବଇକୁଣ୍ଠ
ଏଇ ଅସାର ସଂସାରେ ।୧।
ଫରଫର ହୋଇ ନେତ ତୋ ଉଡଇ
ପତିତପାବନ ନାମ,
ଉଦ୍ଧାରିବା ପାଇଁ ପତିତଙ୍କୁ ତୁହି
ବିଜେ ନୀଳାଚଳ ଧାମ ।
ଭାବ ନିକତିରେ ଭଜେ ଯେ ଚଉରେ
ତୋଳନେଉ ଶ୍ରୀଭୁଜରେ ।୨।
ଶ୍ରୀକ୍ଷେତ୍ରେ ବାରିଧି ନାଆଁ ମହୋଦଧି
ଶମଶାନ ସ୍ୱର୍ଗଦ୍ୱାର,
ଜାତି ଧର୍ମବର୍ଣ୍ଣ ନଥାଏ ବାରଣ
ସବୁ ଧର୍ମେ ସମାଦର ।

ଦୟା କ୍ଷମା ସାମ୍ୟ ମୈତ୍ରୀ ଆଉ ପ୍ରେମ
ବିତରୁଛୁ ଏ ସଂସାରେ ।୩।
ସବୁ କରୁ ତୁହି ଅନ୍ତରାଳେ ରହି
ଦୁନିଆ ତୋ ଖେଳଘର
ତୋ ବିନା ଇଚ୍ଛାରେ କହ ରେ କାଳିଆ
ହଲେ କି କେବେ ପତର ।
ଭାବର ଠାକୁର ଅଭାବକୁ ଦୂର
ବାନ୍ଧା ତୁ ଭକତି ଡୋରେ ।୪।
ନ ଦେଲେ ଶରଣ ଦିଅ ହେ ମରଣ
ହେ ମୋ କାଳିଆ ଠାକୁର,
କରୁଛି ଦଇନ ଯୋଡି କର ବେନି
ଏତିକି ସୁଦୟା କର ।
ଅଧିର ମୋ ପ୍ରାଣ ହୁଏ ତନୁ ମନ
ଆଶ୍ରା ଲାଗି ଶ୍ରୀପୟରେ ।୫।

ଅବସରପ୍ରାପ୍ତ ଉପ ଆରକ୍ଷୀ ଅଧିକ୍ଷକ
ନୂଆପଡା, ନୂଆବଜାର, କଟକ

# ସଂହତି



ଶଶଧର ମହାପାତ୍ର

ମୋ' ଜୀବନରେ ଘଟିଥିବା ଏ' ଏକ ବିରଳ ଘଟଣା । ଅଙ୍ଗେ ନଭେଇଥିବା ଏକ ଘଟଣା । କହିବାକୁ ଟିକଏ ଲଜ ଲାଗୁଛି । କିନ୍ତୁ, ମୋ' ମତରେ ସମସ୍ତଙ୍କପାଇଁ ଏ' ଏକ ଶିକ୍ଷଣୀୟ ବିଷୟ ବସ୍ତୁ ।

ତେବେ ଆସନ୍ତୁ, ଶୁଣିବେ ମୋ' କଥା । ବନ୍ଧୁଗଣ ! ମୋ' ଜୀବନରେ ମୁଁ ଅନେକ ଥର ମୃତ୍ୟୁ ସହ ସାମ୍ନା ସାମ୍ନି ହେଇଛି । ମୃତ୍ୟୁକୁ ଖୁବ୍ ପାଖରେ ଦେଖିଛି, କିନ୍ତୁ, ହାତଛଡା ହେଇଛି, ତାକୁ ଠକ ଦେଇ ଆସିଛି । ସେଥିପାଇଁ ମୁଁ ଭଗବାନଙ୍କ ନିକଟରେ ଋଣୀ । ମୋତେ ଲାଗେ ଏତେ ଶୀଘ୍ର, ମୋ'ର ସେ' କଞ୍ଚା ବୟସରେ ବୋଧହୁଏ ଭଗବାନ ଉପରକୁ ନେବାପାଇଁ ଚାହିଁ ନଥିଲେ । ଜମଦଣ୍ଡ ଭୋଗିବାକୁ କିଛି ସମୟ ବାକି ଥିଲା । ସ୍ୱୟଂ ଯମରାଜ ଆସିଥିଲେ, ଦେଖିଥିଲେ, ନିରାଶ ହେଇ ଫେରିଯାଇଥିଲେ । ସେଥିପାଇଁ ତାଙ୍କ ନିକଟରେ ମୁଁ ମଧ୍ୟ ଋଣୀ । ତାଙ୍କୁ ଏ' ଅଧମର କୋଟି କୋଟି ପ୍ରଣାମ ।

୧୯୭୬ ମସିହା । ମୁଁ ସେତେବେଳେ ବାଣୀବିହାରରେ "ପଦାର୍ଥ ବିଜ୍ଞାନ' ଡିପାର୍ଟମେଣ୍ଟରେ ଏମ୍, ଏସ୍.ସି ଶେଷ ବର୍ଷର ଛାତ୍ର । ବାଣୀବିହାରରେ ଦ୍ୱିତୀୟ ଛାତ୍ରାବାସରେ ରହୁଥାଏ । ହଷ୍ଟେଲ ପିକ୍‌ନିକ୍ ରେ ଭଟାରିକା ଯାଇଥାଉ । ଦୁଇଟି ବସରେ ହଷ୍ଟେଲର ସମସ୍ତ ଛାତ୍ର ଯାଇଥିଲୁ । ଆମ ହଷ୍ଟେଲରେ ଅଧିକାଂଶ ପିଲା ଜଗତସିଂହପୁର, ପୁରୀ ଓ ଯାଜପୁର ଅଞ୍ଚଳରୁ ଥିଲେ । ବସ୍‌ଯାଇ ଭଟାରିକାରେ ପହଞ୍ଚିଲା । ପାଖରେ ବିସ୍ତୃତ ମହାନଦୀ । ନଈ କୂଳରେ ମା' ଭଟାରିକା ଠାକୁରାଣୀଙ୍କର ଗୋଟିଏ ଛୋଟିଆ ମନ୍ଦିର । ସୁନ୍ଦର ପରିବେଶ । ଆମେ ସମସ୍ତେ ନଈରେ ପହଁରିବାକୁ ଚାଲିଲୁ । ବାଜି ପଡିଲା ଯେ ଯେଉଁ ଅଞ୍ଚଳର ପିଲା

ବେଶି ବାଟ ପହଁରି ଯିବ ସିଏ ଜିତିବ । ଜଗତସିଂହପୁର ସାଙ୍ଗମାନେ ବେଶିବାଟ ନଯାଇ କୂଳ ପାଖରେ ପହଁରୁଥାନ୍ତି । ପୁରୀ ସାଙ୍ଗମାନେ ଆଉ ଟିକଏ ଦୂରକୁ ଯାଇଥାନ୍ତି କାରଣ ପୁରୀ ସମୁଦ୍ରରେ ସେମାନଙ୍କର ପହଁରିବାର ଅଭ୍ୟାସ ଥିଲା । ମୁଁ, ମୋ'ର କ୍ଲାସମେଟ୍ "ମୋହନ ଦାଶ" ଓ ଆମର ଜଣେ ସାଙ୍ଗ "ଗୀତାପତି ମହାନ୍ତି" ଯିଏକ ଷ୍ଟାଟିଷ୍ଟିକ୍ସରେ ପିଜି କରୁଥିଲେ, ଆମେ ତିନି ଯାଜପୁର ବନ୍ଧୁ ନିଜ ବାହାଦୂରୀ ଦେଖେଇବାପାଇଁ ପହଁରି ପହଁରି ବହୁତ ବାଟ ଚ୍ଚଲିଗଲୁ । ବାହାଦୁରୀ ଦେଖେଇ ଚ୍ଚଲିଗଲୁ ସିନା କିନ୍ତୁ ଫେରିବାକୁ ଯେ ପଡିବ ଓ ଫେରିଲାବେଳକୁ ବେଶୀ ହାଲିଆ ହେଇଯାଇଥିବୁ ସେ' କଥା ଭୁଲିଯାଇଥିଲୁ । ବାସ୍ତବରେ ଗୋଡ, ହାତ ସେତେବେଳକୁ ଭାରି ହାଲିଆ ହେଲାଣି । ଯେଉଁମାନେ ଗଛ ଚଢେଇ ଦେଇଥିଲେ ସେମାନେ ଥିଲେ ବହୁତ ଦୂରରେ । ପାଟି କଲେବି କୂଳକୁ ଶୁଭିବନି । ମୁଁ ଭାବିଲି ବଞ୍ଚିବାର ଆଉ ରାହା ନାହିଁ । ତିନି ଜଣ ବନ୍ଧୁଙ୍କର ସେହି ଏକା ଅବସ୍ଥା । ପାଣି ପିଇଗଲେ ଅବସ୍ଥା ଖରାପ ହେବ, ମରିବା ସୁନିଶ୍ଚିତ । ସବୁବେଳେ ହାତ ଗୋଡ ଛାଟି ଭାସିବା ଦରକାର । କିନ୍ତୁ, ଦେହରେ ସେତେବେଳକୁ ଆଉ ଶକ୍ତି ନଥିଲା । ଶେଷରେ ଗୋଟିଏ ବୁଦ୍ଧିପାଞ୍ଚି ଡକା ଡକି ହୋଇ ମୋହନ, ଗୀତାପତି ଓ ମୁଁ ତିନି ସାଙ୍ଗ ଏକାଠି ହେଲୁ। ସିଦ୍ଧାନ୍ତ କଲୁ ଯେ ଦୁଇଜଣ ପହଁରିବେ ଓ ଅନ୍ୟଜଣକୁ ଟାଣିବେ । ସେଇଆ କଲୁ । ଏମିତି ଅଦଳ ବଦଳ କରି କୂଳରେ ପହଞ୍ଚିଲା ବେଳକୁ ଅନେକ ସମୟ ହେଇଯାଇଥାଏ । ସେତେବେଳକୁ କୂଳରେ କେହି ନଥାନ୍ତି । ସେମାନେ ଭାବୁଥିଲେ ଯେ ଆମେ ଖୁସିରେ ବୋଧହୁଏ ପହଁରୁଛୁ । ଆମ ଯେ ମୃତ୍ୟୁ ସହିତ ସଂଗ୍ରାମ

କରୁଥିଲୁ ସେ' କଥା ସେତେବେଳେ ସେମାନେ ଜାଣି ନଥିଲେ । କୂଳରେ ପହଞ୍ଚିଲାବେଳକୁ ଜୀବନ ପ୍ରାୟ ନଥିଲା, ଏକରକମର ଦରମଲା ହେଇଯାଇଥାଉ । ଭାଗ୍ୟ ଆମର ଭଲ ଯେ ଆମେ ସେଦିନ ବଞ୍ଚିଗଲୁ। ଆମେ ଯଦି ଡକା ଡକି ନହୋଇ, ଏକାଠି ନହୋଇ ଏ' ପଦକ୍ଷେପ ନନେଇଥାନ୍ତୁ ତେବେ ତିନିଜଣ ବାଣୀବିହାର ଛାତ୍ରଙ୍କର ସଲୀଳ ସମାଧି ସେ'ଦିନ ନିଶ୍ଚୟ ହେଇଥାନ୍ତା, ଏଥିରେ ତିଳେ ମାତ୍ର ସନ୍ଦେହ ନାହିଁ। ଆମରି ଭାଗ୍ୟରେ ବଞ୍ଚିବାକୁ ଥିଲା। ବୋଧହୁଏ ସେଥିପାଇଁ ଭଗବାନ ସେ' ବୁଦ୍ଧି ଆମକୁ ଦେଲେ। ମୋ'ର ମନେ ଅଛି

ମା' ଭଟ୍ଟାରିକା ଠାକୁରାଣୀଙ୍କୁ ମୁଣ୍ଡିଆଟିଏ ମାରି ପାଣିକୁ ଡେଇଁଥିଲି ସେଦିନ । ତାଙ୍କରି କରୁଣାବଳରେ ନିଶ୍ଚୟ ବଞ୍ଚିଗଲି ସେ'ଦିନ । ସେ' ମା'ଟିକୁ କୋଟିକୋଟି ପ୍ରଣାମ ।

ତା'ର ଦି' ଦିନ ପରେ ଖବରକାଗଜରେ ବାହାରିଥିଲା ଯେ ଭଟ୍ଟାରିକାରେ ପିକ୍‌ନିକ୍ ରେ ଯାଇ ପହଁରୁଥିଲା ବେଳେ ଦୁଇଜଣ ଇଞ୍ଜିନିୟରିଂ କଲେଜ ଛାତ୍ର ପାଣିରେ ବୁଡି ମରିଗଲେ । ସେମାନଙ୍କର ମୃତ ଦେହ କିଛି ଦୂରରେ ମହାନଦୀ କୂଳରେ ପାଣିରେ ଭାସୁଥିଲା । ସେ' ଖବର ପଢି ସେ'ଦିନ ଦେହଟା ଶିତେଇ ଆସିଥିଲା । ସେମାନଙ୍କ କଥା ଶୁଣି ଦୁଃଖ ଲାଗିଥି । ଏହା ଭିତରେ ପ୍ରାୟ ଶହେ ବର୍ଷରୁ ଊର୍ଦ୍ଧ ସମୟ ବିତି ଗଲାଣି । ସେ'କଥା ଏବେ ମନେ ପଡିଲେ ସାଙ୍ଗ ଦି'ଜଣଙ୍କୁ ଧନ୍ୟବାଦ ଦେବା ସହ ଭଗବାନଙ୍କ ପ୍ରତି ମୁଣ୍ଡ ନଇଁଯାଏ । ଏବେ ପାଣି ଭିତରକୁ ଗଲେ ବହୁତ ଭାବି ଚିନ୍ତି, ବୁଦ୍ଧି ଅକଲ ଖଟେଇ ଯାଉଛି ।

ହିଡେନ୍ ଭ୍ୟାଲି ଲେନ୍, ସିଲଭର୍ ସ୍ପ୍ରିଙ୍ଗ୍
ମେରୀଲ୍ୟାଣ୍ଡ, ଯୁକ୍ତରାଷ୍ଟ୍ର ଆମେରିକା

# ମନ



ନମିତା ଦାଶ

କଏ ସେ କହିବ କୁହ
ନିର୍ଜନ ଦ୍ୱୀପରେ ବେନାମି ଚିଠିଟି,
କଏ ସେ ପଢ଼ିବ କୁହ?

ଭେଜାଲ ସଂପର୍କ, ଦେଖାଣିଆ ଭାବ,
କଏ ସେ ଯୋଡିବ କୁହ?
ସପନ ଦେଖାଇ ବଣିକ ଭାଇରେ
ବିରହର ଲୁହ....କଏ ସେ ପୋଛିବ କହ?

ଉଚ୍ଛୁଳା ଯୌବନ ଅମାନିଆ ମନ,
ନମାନଇ ବାନ୍ଧବାଡ,
ସମୟ ଗଡିଲେ, ଉନ୍ମାଦ କମିଲେ,
ପ୍ରଶଂସାର ହାର କଏ ପିନ୍ଧାଇବ କୁହ
ବଞ୍ଚିବାକୁ ଗୃହେଁ ବିଷ ପିଇ ପିଇ
ଅମୃତ ସନ୍ଧାନ କଷ୍ଟ.....
ଯଦି ମରିଯାଏ ନ ପାଇ ପ୍ରଶଂସା
ତୁମେ ହୋଇଯିବ ଶ୍ରେଷ୍ଠ ॥

ଖାରଗର, ସେକ୍ଟର-୩୫, ନବୀ ମୁମ୍ବାଇ

# ଏଇ ଶରତେ



ପ୍ରଭାତ ନଳିନୀ ସାହୁ

ଏଇ ଶରତେ
ନରିମଳ ଶୋଭ୍
ଦେଖ ମରତେ।୦।

ମୁକୁତା ର ବିନ୍ଦୁ
ଘାସରେ ଶୋହେ,
ସଂଜରେ ଶେଫାଳି
ବାସରେ ମୋହେ।
ଭସା ବାଦଲ ଯେ
ନଭ ପଣତେ।୧।

ଏଇ ଶରତେ,,,,,, ।
ହରଗୋଉର୍ ଓ
ରଙ୍ଗ ରଙ୍ଗଣୀ,
ଚଉଁର୍ ମୂଳରେ
ହେଲେ ମଣ୍ଡଣି।
କାଶତଣ୍ଡୀ ହସେ
ଧୋବ ପଣତେ।୨।

ଏଇ ଶରତେ,,,,,, ।
କମ୍ପିଉଠୁଅଛି
ଗାଁଆ, ସହର,
ପୁଲକ, ଉଲ୍ଲାସ
ସବୁ ମନର।
ମାଆ ଆଗମନ
ହେବ ମରତେ।୩।

ଏଇ ଶରତେ,,,,,, ।
ଶୁଭଦା, ବରଦା
ମଙ୍ଗଳମୟୀ
ଦୁଃଖ, ରୋଗ, ଶୋକ
ଦେବେ ହଟାଇ।
ଶାନ୍ତି ପରଶିବେ
ସାର୍ ମରତେ।୪।
ଏଇ ଶରତେ,,,,, ।

ଛେଣ୍ଡ କଲୋନୀ,ରାଉରକେଲା

# ଦୁଃଖିନୀ ସ୍ରବନ୍ତୀ



ଲିପିକା ମହାପାତ୍ର

ହେ ସ୍ରବନ୍ତୀ
କାହିଁକି ଭାବୁଛୁ ତୁ ନିଜକୁ ବନ୍ଧ୍ୟା
ବେନିକୂଳ ତୋର ଦୁଃଖେ ଯେ ଆହତ
ତୋ ଆକୃତି ଲାଗେ ବାଳ ଚପଳ ସଦୃଶ୍ୟ
ବକ୍ଷ ଶୁଖି ବାଲୁ ଶିଳା ଦିଶେ ମଧ୍ୟେ ମଧ୍ୟେ
ଅବୟବ ଦୁର୍ବଳ ପତଳା ଜୀର୍ଣ୍ଣ ଶୀର୍ଣ୍ଣ ସମ ।।।।।।।।

ହେ ତଟିନୀ
ରୌଦ୍ରତାପେ ହୋଇଛି କି ତୋ ଚର ହରଣ
ଉନ୍ମୁକ୍ତ ଅଗଭୀର ତୋର ପୂର୍ଣ୍ଣ ଅବୟବ
ସତେ ଝିନବସ୍ତ୍ର ଏକ ଦୃଶ୍ୟମାନ ଆବରଣ
ତରଣୀ କାତ ପାଉନି ତୋ ବକ୍ଷ ଘନରେ
ପଥିକ ଦେଖୁଛନ୍ତି ଆକୁଳେ ନିରେଖି ତୋତେ
ଚୁଲୁ ଚୁଲୁ ଦିପାଦେ ନୀରରେ ଦର୍ପଣ ତୋ ଦେହ
ତୋ ବିଳାପେ ମନସ୍ତାପେ ଶୁଷ୍କ ଚତୁର୍ପାଶ୍ୱ
ମହକୁନି ପୁଷ୍ପ ଉପବନ ଚକଚୁନି ସରସୀ କାନନ।।।।।।

ହେ ନଦୀ
ପ୍ରିୟତମ ନୀରଦ ଆଜି ସାଜିଛି ବଇରୀ
ଶ୍ଳେଷ କରିଛି ନଦୀ ନାରୀ ପ୍ରେୟସୀ ପାଶେ
ରସମତି ହୋଇ ରସାଇ ନପାରିଲୁ ତୁହି

ଅଦିନରେ ଅବେଳରେ ଆସି ସୁଧା ବର୍ଷିଥାନ୍ତା
ପୁଷ୍ପଧ୍ୱଜ ପୁଷ୍ପଶରେ ଜର୍ଜରିତ ତନୁମନ
ମିଳନ ସମ୍ଭାର ତୋତେ କରନ୍ତା ଉଚ୍ଛନ୍ନ
କ୍ଷଣ କ୍ଷଣ ଲଭିଥାନ୍ତା ଆହ୍ଲାଦ ତୋ ପ୍ରାଣ
ବନ୍ଧ୍ୟାତ୍ୱ ନିନ୍ଦା ଦୂରିତେ ହୋଇ ତୁ ଗୁର୍ବିଣୀ
ଆନନ୍ଦେ ଉଚ୍ଛୁଳିଥାନ୍ତୁ ଗର୍ଭେ ଭରି ଭ୍ରୁଣ ।।।।।।

ହେ ପ୍ରିୟ
ଆଉ ସହିବିନି ବନ୍ଧ୍ୟା ବୋଲି ତିରସ୍କାର
ବାରେ କର ଦୟା ଅବାରିତ ବର୍ଷି ବର୍ଷି
ଉଲ୍ଲାସେ ଉଚ୍ଛୁଳିବି ଦୁଇକୂଳ ଲଙ୍ଘିଯିବି
ବନ ଉପବନ କ୍ଷେତ ଭରିଦେବ ବାରିସ୍ରୋତ
ପ୍ଲାବୀତ ହୋଇବ ମରୁ ସବୁଜ ଦୁନିଆଁ
ଧରିତ୍ରେ ଖେଳିବ ଢେଉ କର ହେ କମିଆଁ
କୃଷକ ଜାତି କଷଣ ଲାଘବ କରିବି
ମୁଁହିଁ ଧୂନି (ନଦୀ)ଉଦରିଣୀ ସମ୍ପୂର୍ଣ୍ଣ ହୋଇବି ।।।।।।

ହେ ପ୍ରିୟ ମେଘ
ତୁମେ କାନ୍ତ ମୁ ତୁମର କାନ୍ତା ପ୍ରିୟତମା
ଧରିତ୍ରୀ ମାତା ପାଦ ସ୍ପର୍ଶ କରି ଲଭିଯାଅ ପୁଣ୍ୟ
ସଂଗଲାଭ ସଙ୍ଗମରେ ଭରିଦିଅ ମନ
ଲଙ୍ଘିଯାଅ ପ୍ରେମର ସୀମା ପରିସୀମା
ଭରିଯାଉ ଗର୍ଭ ମୋର ବନ୍ଧ୍ୟାତ୍ୱର ନାଶ
ସସତ୍ୱା ମାତୃପଣେ ତନୁକୁ ବିସ୍ତାରି ମୋର
ସାର୍ଥକ କରେ ନାମକୁ "ପୁଣ୍ୟଗର୍ଭା" ମୁଁହି
ଜଗତ ହସୁଥାଉ ପ୍ଲାବୀତ ଯେ ହୋଇ ।।।।।।

# ଚଲ୍‌ପଥ



ଡଃ ପ୍ରତିମା ଉପାଧ୍ୟାୟ

ସମୟ ବେଳାରେ ପାଦ ଚହ୍ନ ଯେତେ
ଲହରି ରେ ହଜିଯାଏ ।
ଅତୀତ କୁ ଯେତେ ଝୁରି ହେଲେ
ସତେ କେହି କ'ଣ ଖୋଜିପାଏ ?
ଆଜି ର କଥା କାଲି ଭାବିବାକୁ ହୁଏ
ଆଜି ଯାଏ ଯେବେ ସରି ....
ମଣିଷ କୁ ଏଠି ଗ୍ଲିବାକୁ ହୁଏ
ବିଶ୍ୱାସ ହାତ ଧରି ।
ମିଛ ମାୟା ରେ ହଜିବା କୁ ହୁଏ
ସ୍ନେହ ଏଠି ମୃଗ ତୃଷ୍ଣା ।
ସ୍ୱାର୍ଥ ର ଭିଡ଼ ରେ ପାଏନା ନଜକୁ
ସମ୍ପର୍କ ପଡ଼ି ଫିକା ।
ତଥାପି ମଣିଷ ଦୁଃଖ ଦରିଆରୁ
ଖୋଜେ ସୁଖ ର ଶାମୁକା ।
ସତ ମିଛ ପର୍ ଖର୍ ଛାଇ ଖେଳ
ଶାନ୍ତି ଏଠି ମରୀଚକା ।
ହାରିବା ଜିତିବା ଲ୍ଗିଛି ଜୀବନେ,
ମାରିବାକୁ ହୁଏ ନତି ।

ଗ୍ଲିବାକୁ ହେବ ଆଗକୁ ଆଗକୁ,
ପଡ଼ିଥାଉ ପଛେ ଝୁଣ୍ଟି .......
ଜନ୍ମ ଠାରୁ ମୃତ୍ୟୁ ପଥ ଯେତେ ଦୂର
ଦୂରତା ମଣିଷ ଜୀବନ ।
ମାପି ସେ ପାରେନା କେତେ ବାସ୍ତବତା,
କେତେ ପୁଣି ବୃଥା ସପନ
କୁସୁମ ରୁ ବାସ, ଗଛ ରୁ କୁସୁମ
ପଡ଼ିବ ତ ଦିନେ ଝଡି,
ରହିଯିବ ଦିନେ ଅବୁଝା ପାଦ ଟି
ସବୁ ଖେଳ ଯିବ ସରି .......।

ମାରୁତି ଭିଲ୍ଲା,
ପଟିଆ ଭୁବନେଶ୍ୱର

# ଦୀର୍ଘଜୀବନ ବିପକ୍ଷରେ

ଡକ୍ଟର ପ୍ରଦୀପ ମହାପାତ୍ର

ମନୁଷ୍ୟର ଦୀର୍ଘଜୀବନ ସପକ୍ଷରେ ଯୁକ୍ତି ବଢ଼ାଯାଉଥିବା ସ୍ଥଳେ ବିପକ୍ଷରେ ମଧ୍ୟ ଯୁକ୍ତିର ଅଭାବ ନାହିଁ । ଏକବିଂଶ ଶତାବ୍ଦୀରେ ମନୁଷ୍ୟର ଜୀବଦ୍ଦଶା ସଭ୍ୟତାର ଇତିହାସରେ ସର୍ବୋଚ୍ଚ ସୀମାରେ ପହଞ୍ଚିଛି ।

ଜାତିସଂଘର ଜନସଂଖ୍ୟା ମଣ୍ଡଳ ପକ୍ଷରୁ ଆନ୍ତର୍ଜାତିକ ସ୍ତରରେ ୨୦୨୦ରେ ଜନ୍ମ ଗ୍ରହଣ କରୁଥିବା ଶିଶୁଙ୍କ ଜୀବଦ୍ଦଶା ହାରାହାରି ୭୩.୨ ବର୍ଷ ଆକଳନ କରାଯାଉଥିବା ସ୍ଥଳେ ହଙ୍ଗକଙ୍ଗ ଓ ଜାପାନରେ ସର୍ବୋଚ୍ଚ ୮୫ ବର୍ଷ ଏବଂ ସୋମାଲିଆ, ନାଇଜେରିଆ ଓ ସେଣ୍ଟ୍ରାଲ ଆଫ୍ରିକାନ ରିପବ୍ଲିକରେ ୫୮ ରୁ ୫୪ ବର୍ଷ ନିର୍ଦ୍ଧାରିତ । ସମକାଳରେ ଆମଦେଶରେ ଜୀବଦ୍ଦଶା ୭୦.୪୨ ତଥା ଚୀନରେ ୭୭.୪୭ ଓ ପାକିସ୍ଥାନରେ ୬୭.୭୯ ବର୍ଷ ହିସାବ କରାଯାଏ ।

ଭାରତରେ ନୀତି ଆୟୋଗ ଦ୍ୱାରା ଉପସ୍ଥାପିତ ତଥ୍ୟ ଅନୁଯାୟୀ ୧୯୦୦ ବେଳକୁ ୨୨.୦୧ ବର୍ଷରେ ସୀମିତଥିବା ଜୀବଦ୍ଦଶା କ୍ରମାଗତ ଭାବେ ବୃଦ୍ଧିପାଇ ୧୯୫୦ରେ ୩୩.୯୪, ୧୯୭୦ରେ ୪୬.୧ ଏବଂ ୨୦୦୦ରେ ୬୧.୪୭ ବର୍ଷରେ ପହଞ୍ଚିଥିଲା । ଓଡ଼ିଶାରେ ୨୦୧୦ରୁ ୧୪ ମଧ୍ୟରେ ଜନ୍ମିତ ଶିଶୁଙ୍କ ଜୀବଦ୍ଦଶା ୬୫.୮ ବର୍ଷ ।

ଜନସଂଖ୍ୟା ଓ ଜୀବଦ୍ଦଶା ବୃଦ୍ଧି କାରଣରୁ ସମଗ୍ର ବିଶ୍ୱରେ ବରିଷ୍ଠ ନାଗରିକଙ୍କ ସଂଖ୍ୟା ବଢ଼ିଚାଲିଛି । ଏହି ପରିବେଶ ଏକ ପକ୍ଷରେ ବରିଷ୍ଠ ନାଗରିକମାନଙ୍କ ନିମନ୍ତେ ବ୍ୟକ୍ତିଗତ, ବ୍ୟାବସାୟିକ ଓ ସରକାରୀସ୍ତରରେ ବିଭିନ୍ନ କଲ୍ୟାଣକାରୀ ଯୋଜନା ରୂପାୟନର ଆବଶ୍ୟକତା ସୃଷ୍ଟି କରିଥିବା ସ୍ଥଳେ ଅପରପକ୍ଷରେ ଦୀର୍ଘଜୀବନ ଯାପନର ନୈତିକ ମୂଲ୍ୟବୋଧ ନେଇ ପ୍ରଶ୍ନ ମଧ୍ୟ ଚର୍ଚ୍ଚାର ପରିସରରେ ପହଞ୍ଚିଲାଣି । ମନୁଷ୍ୟ ସ୍ୱାସ୍ଥ୍ୟରକ୍ଷାର ବିଭିନ୍ନ ଉପାୟ ଅବଲମ୍ବନ କରି କିପରି ଶତାୟୁ ହୋଇପାରିବ ସେଦିଗରେ ଯତ୍ନବାନ

ହେଉଥିବା ଅବସରରେ କେତେକ ବୁଦ୍ଧିଜୀବୀ ମନୁଷ୍ୟ ପକ୍ଷେ ଦୀର୍ଘଜୀବନ ଅନାବଶ୍ୟକ ବୋଲି ମଧ୍ୟ ବିଗ୍ଭର ପ୍ରସାର କରିବାକୁ ପଛାଉ ନାହାନ୍ତି ।

ଇସ୍ରାଏଲି ବଂଶୋଦ୍ଭବ ମାର୍କିନ ଚିକିତ୍ସକ ଡାକ୍ତର ଏଜେକେଲ ଇମାନୁଏଲ ମନୁଷ୍ୟର ଜୀବଦ୍ଦଶା ୭୫ ବର୍ଷରେ ସୀମିତ ରହିବା ଶ୍ରେୟସ୍କର ବର୍ଣ୍ଣନା କରି ଏକ ପ୍ରବନ୍ଧ ରଚନା କରିଥିଲେ । ଯୁକ୍ତରାଷ୍ଟ୍ର ଆମେରିକାର ଖ୍ୟାତନାମା ମାସିକ ପତ୍ରିକା 'ଦି ଆଟଲାଣ୍ଟା'ରେ ୨୦୧୪ ଅକ୍ଟୋବର ସଂଖ୍ୟାରେ ଏହା ପ୍ରକାଶିତ ହେବା ପରେ ବିଶ୍ୱବ୍ୟାପୀ ଦୀର୍ଘକାଳ ବ୍ୟାପୀ ଚର୍ଚ୍ଚିତ ହୋଇଥିଲା । ସେତେବେଳକୁ ଲେଖକଙ୍କ ବୟସ ୫୮ ବର୍ଷ ଥିଲା । ଏଜେକେଲ ଜଣେ କର୍କଟରୋଗ ବିଶାରଦ । ସେ ପେନସିଲଭିନଆ ବିଶ୍ୱବିଦ୍ୟାଳୟର ନୈତିକତା ଓ ସ୍ୱାସ୍ଥ୍ୟ ନୀତି ବିଭାଗର ଅଧ୍ୟକ୍ଷ ରୂପେ ଅବସ୍ଥାପିତ । ଯୁକ୍ତରାଷ୍ଟ୍ର ଆମେରିକାରେ ରାଷ୍ଟ୍ରପତି ବାରକ ଓବାମା ପ୍ରବର୍ତ୍ତିତ ସରକାରୀ ସ୍ୱାସ୍ଥ୍ୟ ନୀତି 'ଓବମାକେର' ପ୍ରଣୟନରେ ପ୍ରମୁଖ ଭୂମିକା ନିର୍ବାହ କରିଥିଲେ । ୨୦୨୦ ନଭେମ୍ବର ନିର୍ବାଚନରେ ଜୋ' ବାଇଡ଼ନ ରାଷ୍ଟ୍ରପତିରୂପେ ନିର୍ବାଚିତ ହେଲେ ସେ ଅନ୍ୟତମ ସ୍ୱାସ୍ଥ୍ୟନୀତି ପରାମର୍ଶଦାତା ରୂପେ ନିଯୁକ୍ତ ହେବା ନିଶ୍ଚିତ ।

ପ୍ରବନ୍ଧଟିର ସ୍ଥୁଳ ଆଲୋଚନା କଲେ ଏକବିଂଶ ଶତାବ୍ଦୀରେ ବିକଶିତ ମନୁଷ୍ୟ ଜୀବନଚର୍ଯ୍ୟାର କେତେକ ମହତ୍ତ୍ୱପୂର୍ଣ୍ଣ ଦିଗ ଦୃଷ୍ଟି ଆକର୍ଷଣ କରିଥାଏ ।

ପ୍ରବନ୍ଧ ଆରମ୍ଭରେ ମୃତ୍ୟୁର ପ୍ରଭାବ ବିଗ୍ଭର କରିବାକୁ ଯାଇ ଲେଖକ ଦର୍ଶାଇଛନ୍ତି ଯେ ମୃତ୍ୟୁ ଜୀବନର ସମସ୍ତ ମୂଲ୍ୟବୋଧରେ ସଂପୃକ୍ତିର ଅନ୍ତ ଘଟାଇ ବିପୁଳ କ୍ଷତି ପହଞ୍ଚାଇଥାଏ । କିନ୍ତୁ ଅପରପକ୍ଷରେ ଦୀର୍ଘଜୀବନ ଜନିତ ଶାରିରୀକ ଅକ୍ଷମତା, ଶଯ୍ୟାଶାୟୀ ଜୀବନ ଓ ଯନ୍ତ୍ରଣା ମଧ୍ୟ ଅପୂରଣୀୟ କ୍ଷତିର କାରଣ ପାଲଟିଥାଏ । ଉତ୍ତର-ବାର୍ଦ୍ଧକ୍ୟ ସର୍ଜନଶୀଳତା, କର୍ମଠତା ଏବଂ ସାର୍ବଜନୀନ ଜୀବନରୁ ଦୂରେଇ ନେଉଥିବା ହେତୁ ସାମାଜିକ ବ୍ୟବସ୍ଥାରେ ବ୍ୟକ୍ତିବିଶେଷଙ୍କ ଗୁରୁତ୍ୱ କ୍ରମଶଃ ମଳିନ ପଡ଼ିଆସେ । ଏକଦା ପ୍ରତିପତ୍ତି ବିସ୍ତାର କରିଥିବା ବ୍ୟକ୍ତିତ୍ୱ ସହଜରେ ଅବହେଳାକୁ ବରଦାସ୍ତ କରିପାରେ ନାହିଁ ।

ଅଧିକାଂଶ କ୍ଷେତ୍ରରେ ଅତି-ବାର୍ଦ୍ଧକ୍ୟ ବା ଉତ୍ତର-ବାର୍ଦ୍ଧକ୍ୟ ଜୀବନଚର୍ଯ୍ୟା ପୂର୍ବ-ଜୀବନ ତୁଳନାରେ ନିମ୍ନମାନ ପରିଲକ୍ଷିତ ହୋଇଥାଏ । ଏଜେକେଲ ମାର୍କିନ ସଭ୍ୟତାର ଉଦାହରଣ ଉପସ୍ଥାପନ କରି କହିଛନ୍ତି ଯେ ୧୯୬୦ରୁ ଜୀବଦ୍ଦଶା କ୍ରମାଗତଭାବେ ବୃଦ୍ଧି ପାଇଗ୍ଭଲିଥିବା

ସ୍ଥଳେ ବରିଷ୍ଠ ନାଗରିକଙ୍କ ମଧ୍ୟରେ ୧୯୯୮ ରୁ ୨୦୦୬ ମଧ୍ୟରେ ଶାରୀରିକ ଅକ୍ଷମତା ହାର ବୃଦ୍ଧି ପାଇଥିଲା । ୧୯୯୮ରେ ୮୦ ବର୍ଷୋତ୍ତରଙ୍କ ମଧ୍ୟରୁ ୨୮ ପ୍ରତିଶତ ମାର୍କିନ ନାଗରିକ ବିଭିନ୍ନ କାରଣରୁ ଶାରିରୀକ ଅକ୍ଷମ ଥିଲେ ଏବଂ ୨୦୦୬ରେ ସେମାନଙ୍କ ସଂଖ୍ୟା ୪୨ ପ୍ରତିଶତରେ ପହଞ୍ଚିଥିଲା । ପୁରୁଷଙ୍କ ତୁଳନାରେ ମହିଳାମାନଙ୍କ ସଂଖ୍ୟା ଆନୁପାତିକଭାବେ ଅଧିକ ରହିଥିବା ଗବେଷଣାରୁ ଜଣାଯାଇଥିଲା । ହୃଦଘାତ ହେତୁ ମୃତ୍ୟୁ ସଂଖ୍ୟା ୨୦୦୦ରୁ ୨୦୧୦ ଦଶ ବର୍ଷ ମଧ୍ୟରେ ୨୦ ପ୍ରତିଶତ କମିଛି । କିନ୍ତୁ ହୃଦଘାତ ପରେ ଜୀବନରକ୍ଷା ପାଇଥିଲେ ହେଁ ୬୮ ଲକ୍ଷ ମାର୍କିନ ନାଗରିକ ପକ୍ଷଘାତ କିମ୍ବା ବାକଶକ୍ତି ହରାଇ ଜୀବନ ବିତାଇବାକୁ ବାଧ୍ୟ ହେଉଛନ୍ତି ।

ଯୁକ୍ତରାଷ୍ଟ୍ର ଆମେରିକା ଭଳି ବିକଶିତ ରାଷ୍ଟ୍ରରେ ୮୫ ବର୍ଷୋତ୍ତର ତିନିଜଣ ବରିଷ୍ଠ ନାଗରିକଙ୍କ ମଧ୍ୟରୁ ଜଣେ ଆଲଜମିରର୍ସ ରୋଗାକ୍ରାନ୍ତ ଏବଂ ଏକବିଂଶ ଶତାବ୍ଦୀ ଦ୍ୱିତୀୟ ଦଶକ ମଧ୍ୟଭାଗ ସୁଦ୍ଧା ସେମାନଙ୍କ ସଂଖ୍ୟା ପ୍ରାୟ ୫୦ ଲକ୍ଷ ହିସାବ କରାଯାଇଥିଲା । ଆଲଜମିରର୍ସ ରୋଗ ପ୍ରତିଷେଧ କିମ୍ବା ଚିକିତ୍ସା ନିମନ୍ତେ ଫଳପ୍ରଦ ବ୍ୟବସ୍ଥା ଅଭାବରୁ ଭବିଷ୍ୟତରେ ଦୀର୍ଘଜୀବନଧାରୀ ବରିଷ୍ଠ ନାଗରିକଙ୍କ ଜୀବନଚର୍ଯ୍ୟା ସମସ୍ୟାବହୁଳ ହୋଇପଡ଼ିବା ଆକଳନ କରାଯାଏ ।

ଜୀବଦ୍ଦଶା ବୃଦ୍ଧି ରୋଗଗ୍ରସ୍ତ ଜୀବନ ବୃଦ୍ଧିରେ ପର୍ଯ୍ୟବସିତ ହେଉଥିବା ସ୍ଥଳେ ରୋଗବିହୀନ ଜୀବନଚର୍ଯ୍ୟା ହ୍ରାସ ପାଇଚାଲିଥିବା ଦେଖିବାକୁ ମିଳେ । ଉତ୍ତର-ବାର୍ଦ୍ଧକ୍ୟରେ ଶାରିରୀକ ସ୍ତରରେ ରୋଗଗ୍ରସ୍ତ ହେବା ସାଙ୍ଗକୁ ମାନସିକସ୍ତରରେ ଅବସାଦ ଓ ମତିଭ୍ରମ ଇତ୍ୟାଦି ଜୀବନଯାତ୍ରାକୁ ଯନ୍ତ୍ରଣାମୟ କରିପକାଏ । ଚିକିତ୍ସା ବିଜ୍ଞାନରେ ପ୍ରଗତି ହେତୁ ବିଭିନ୍ନ ରୋଗ ସଂକ୍ରମଣ ପ୍ରତିଷେଧକ ଭେକସିନ, ଆଣ୍ଟିବାୟୋଟିକ ଓ ଜୀବନରକ୍ଷାକାରୀ ସାଜସରଞ୍ଜାମ ଉପଯୋଗରେ ସାଧାରଣ ରୋଗାରେ ଆକ୍ରାନ୍ତଙ୍କ ମୃତ୍ୟୁ ସଂଖ୍ୟା କମି ଆସିଛି । ବାର୍ଦ୍ଧକ୍ୟଜନିତ ମୃତ୍ୟୁ ଏଣିକି ଦୀର୍ଘସ୍ଥାୟୀ ଉଚ୍ଚରକ୍ତଚାପ, ମଧୁମେହ, ହୃଦରୋଗ, ହୃଦଘାତ, କର୍କଟ, ଆଲଜମିରସ ଭଳି ଦୁରାରୋଗ ଜନିତ ଜଟିଳ ସ୍ୱାସ୍ଥ୍ୟବସ୍ଥାର ଅସଫଳ ଚିକିତ୍ସା ଉପରେ ନିର୍ଭରଶୀଳ ବୋଲି କୁହାଯାଇପାରେ ।

ବାର୍ଦ୍ଧକ୍ୟରେ ଆମେ ଶାରିରୀକ ଓ ମାନସିକସ୍ତରରେ ସୀମାବଦ୍ଧତା ସହ ସାଲିସ କରିନେଉ । ସମୟକ୍ରମେ ନିଜ ଅଜାଣତରେ ଜୀବନର ଅଭୀପ୍ସା କମି ଆସେ । କାର୍ଯ୍ୟକ୍ଷେତ୍ରର ପରିସୀମା ସଙ୍କୁଚିତ ହୋଇଯାଏ ଏବଂ ସାମାନ୍ୟ ଫଳାଫଳରେ ସନ୍ତୁଷ୍ଟ ହୋଇପଡୁ ।

ବୃତ୍ତିଗତ ଜୀବନରୁ ଅବସର ନେବାପରେ ଘରକରଣା ତଥା ସାଧାରଣ ରୁଚି ମଧ୍ୟରେ ଦୈନନ୍ଦିନ ଜୀବନ ଛନ୍ଦି ହୋଇପଡ଼େ । ଶରୀର ଦୁର୍ବଳ ହୋଇ ଆସିଲେ ଚଲ୍‌ବୁଲ୍, ପର୍ଯ୍ୟଟନ ଭଳି ଅଭ୍ୟାସ ପରିବର୍ତ୍ତିତ ହୋଇ ଗୃହାବଦ୍ଧ ଅବସ୍ଥାରେ ଟେଲିଫୋନ, ଅଡ଼ିଓ ଓ ଭିଡ଼ିଓ ଦେଖାଶୁଣାରେ ସମୟକଟେ । ଅଧିକାଂଶଙ୍କ ଜୀବନରେ ବାର୍ଦ୍ଧକ୍ୟ ଅସ୍ତମିତ ସୂର୍ଯ୍ୟପ୍ରଭାରେ ପ୍ରଲିପ୍ତ ବିଦାୟ ପୂର୍ବରୁ ଅବସର ବେଳ । ତେବେ ଏହି ଶୂନ୍ୟତାର ଦୀର୍ଘ ଅବଧି ବିରକ୍ତିକର ବି ହୋଇପାରେ ।

ଉତ୍ତର ବାର୍ଦ୍ଧକ୍ୟରେ ସହାୟତାଯୁକ୍ତ ଜୀବନଚର୍ଯ୍ୟା ଓ ନଅଣ୍ଟିଆ ଆର୍ଥିକ ସ୍ଥିତି ମଧ୍ୟ ସମସ୍ୟା ସୃଷ୍ଟି କରିଥାଏ । ପାରିବାରିକ ପରିବେଷ୍ଟନୀରେ ବସବାସ କରୁଥିବା ବରିଷ୍ଠ ନାଗରିକ ଓ ସନ୍ତାନସନ୍ତତି ଉଭୟଙ୍କ ଯତ୍ନର ସନ୍ତୁଳନ ଅନେକ ସ୍ଥଳରେ ଗୃହସ୍ୱାମୀ ରକ୍ଷା କରିପାରନ୍ତି ନାହିଁ । ଏହି ପରିବେଶ ନିର୍ଯ୍ୟାତନାର କାହାଣୀମାନ ଗଢ଼ି ତୋଳେ । କନିଷ୍ଠଙ୍କ ଆଚରଣ, ବିଗ୍ରହଧାରାରେ ବରିଷ୍ଠଙ୍କ ହସ୍ତକ୍ଷେପ ସଂଘର୍ଷର ରୂପ ନେଉଥିବା ଉଦାହରଣର ଅଭାବ ନଥାଏ ।

ଏବେକାଲ ଦୀର୍ଘଜୀବନ ବିରୋଧ କରୁଥିବା ସ୍ଥଳେ ୭୫ ବର୍ଷ ବୟସରେ ଯଥାସଂଭବ ପ୍ରାକୃତିକ ଭାବେ ଦେହତ୍ୟାଗ କରିବା ନିମନ୍ତେ ନିଜସ୍ୱ ଆଗ୍ରହ ପ୍ରବନ୍ଧରେ ଉଲ୍ଲେଖ କରିଛନ୍ତି। ସାର ଉଇଲିଅମ ଅସଲରଙ୍କ 'ଦି ପ୍ରିନ୍ସପଲସ ଏଣ୍ଡ ପ୍ରାକ୍ଟିସ ଅଫ ମେଡ଼ିସିନ'ରେ ସୂଚିତ ନିମୋନିଆରେ ଯନ୍ତ୍ରଣାଯୁକ୍ତ ମୃତ୍ୟୁର ଉଦାହରଣକୁ ବ୍ୟାଖ୍ୟାକରି ସେ କହିଛନ୍ତି ଯେ ୭୫ ବର୍ଷରେ ପହଞ୍ଚିବା ପରେ ସେ ଜୀବଦ୍ଦଶା ବୃଦ୍ଧି ଉଦ୍ଦେଶ୍ୟରେ ଚିକିତ୍ସା ବିଜ୍ଞାନ ଉପଯୋଗରୁ ବିରତ ରହିବେ । ମୁଖ୍ୟତଃ ବିଭିନ୍ନ ଦୁରାରୋଗ ନିମନ୍ତେ ନିଦାନ ବ୍ୟବସ୍ଥାରେ ଅଂଶ ଗ୍ରହଣ କରିବେ ନାହିଁ ।

ସେ ଲେଖିଛନ୍ତି ଯେ ୭୫ ବର୍ଷପରେ କର୍କଟ ରୋଗାକ୍ରାନ୍ତ ହେଲେ ଚିକିତ୍ସା କରିବେ ନାହିଁ । ହୃଦରୋଗ ହେତୁ ବାଇପାସ 'ସର୍ଜରୀ' ହାର୍ଟଭଲଭ ପୁନଃରୋପଣ ବା ପେସମେକରର ଆବଶ୍ୟକତା ପଡ଼ିଲେ ମନା କରିଦେବେ । ମୋଟାମୋଟି ଭାବେ ସାଧାରଣ ସ୍ୱାସ୍ଥ୍ୟରକ୍ଷା ଓ ଚିକିତ୍ସାରେ ସୀମିତ ରହି ଜଟିଳ ଚିକିତ୍ସା ପଦ୍ଧତି ଅନୁସରଣ କରିବେ ନାହିଁ । ଭେଣ୍ଟିଲେଟର, ଡାଏଲେସିସ, ସର୍ଜରୀ, ଏଣ୍ଟିବାୟୋଟିକ୍ସରୁ ଦୂରେଇ ରହିବେ ।

ଏଜେକଲ ଏକ ନିର୍ଦ୍ଦିଷ୍ଟ ବୟସସୀମାରେ ଦେହତ୍ୟାଗ କରିବା ସପକ୍ଷରେ ଯୁକ୍ତି ବାଢୁଥିଲେ ହେଁ ଆତ୍ମହତ୍ୟା କିମ୍ବା ଇଚ୍ଛାମୃତ୍ୟୁର ବିରୋଧୀ । ବିବର୍ତ୍ତନବାଦ ଆଧାରରେ ବିଶ୍ଳେଷଣ କଲେ ମନୁଷ୍ୟ ଯେତେ ଅଧିକ ସଂଭବ ସେତେ କାଳ ଯାଏଁ ବଞ୍ଚିବା ନିମନ୍ତେ ସଂଗ୍ରାମ ଜାରୀ ରଖିଥାଏ । ଜୀବଦ୍ଦଶା ସଂପର୍କରେ ମନୁଷ୍ୟ ସଦା ସର୍ବଦା ଆଶାବାଦୀ ।

ଏଜେକଲ ନିଜ ପ୍ରବନ୍ଧରେ ସ୍ପଷ୍ଟ ସ୍ୱୀକାରୋକ୍ତିରେ କହିଛନ୍ତି ଯେ ୭୫ ବର୍ଷରେ ସୀମାବଦ୍ଧ ଜୀବଦ୍ଦଶାର ଉପପାଦ୍ୟ ପ୍ରଚାରଲାଗି ତାଙ୍କରି ଅଭିପ୍ରାୟ ନାହିଁ । ଏହି ବିଷୟରେ ତାଙ୍କରି ମତବାଦ ଠିକ ଓ ଅନ୍ୟମାନେ ଭୂଲ ରାସ୍ତାର ପଥିକ ବୋଲି ସେ ବିଚାର କରନ୍ତି ନାହିଁ । ଅପରପକ୍ଷେ ଜଣେ ଚିକିତ୍ସକଭାବେ ଜୀବନରକ୍ଷା ପରାମର୍ଶ ଲୋଡୁଥିବା ବ୍ୟକ୍ତିବିଶେଷଙ୍କୁ ସେ ସର୍ବୋତ୍ତମ ଉପଲବ୍ଧ ଚିକିତ୍ସା ପଦ୍ଧତି ସଂପର୍କରେ କ୍ରମାଗତ ଅବଗତ କରାଇଥାନ୍ତି । କେବଳ ସ୍ୱାଭାବିକ ଜୀବନଯାତ୍ରା କାହିଁକି ଶାରୀରିକ ଓ ମାନସିକ ଅକ୍ଷମତା ଭଳି ପ୍ରତିକୂଳ ପରିସ୍ଥିତିରେ ମଧ୍ୟ ଯେଉଁମାନେ ବଞ୍ଚିବାକୁ ଆଗ୍ରହୀ ସେମାନଙ୍କ ନିଷ୍ପତ୍ତିକୁ ଭ୍ରମାତ୍ମକ ବିଚାର କରନ୍ତି ନାହିଁ ।

ଏଜେକଲ ସୀମିତ ଜୀବଦ୍ଦଶା ସଂପର୍କୀତ ନିଜସ୍ୱ ମତବାଦ ବ୍ୟକ୍ତିଗତଭାବେ ନିଜ ପାଇଁ ସଂରକ୍ଷିତ ରଖିଥିବା ସୂଚନା ଦେଇଥାନ୍ତି । ଅପରପକ୍ଷେ ଦୀର୍ଘଜୀବନ ବିପକ୍ଷରେ ତାଙ୍କରି ଯୁକ୍ତି ସର୍ବ ସାଧାରଣରେ ଚର୍ଚ୍ଚିତ ହେଲେ ମୃତ୍ୟୁ ସଂପର୍କରେ ବିଚାରବିମର୍ଷ ନିମନ୍ତେ ସୁଯୋଗ ସୃଷ୍ଟି ସଂଭବପରବୋଲି ତାଙ୍କର ବିଶ୍ୱାସ । ସଭ୍ୟତାର ବିକାଶରେ ମନୁଷ୍ୟ କିପରି ସ୍ୱଚ୍ଛନ୍ଦରେ ଜୀବନଯାପନ କରିପାରିବ ସେ ଦିଗରେ ଅଧ୍ୟୟନ ଓ ଯୋଜନା ପ୍ରଣୟନରେ ଜୀବନବ୍ୟାପୀ ସଂପୃକ୍ତ ରହୁଥିବା ସ୍ଥଳେ ନିଜ ମୃତ୍ୟୁ ସଂପର୍କୀତ ପ୍ରଶ୍ନ ଠାରୁ ଦୂରେଇ ରହିଥାଏ । କିନ୍ତୁ ଏଦିଗରେ ମଧ୍ୟ ମାନସମନ୍ଥନ ସର୍ବାଧିକ ଗୁରୁତ୍ୱ ବହନ କରେ ।

ଦୀର୍ଘଜୀବନର ସମାଜତାତ୍ତ୍ୱିକ ତଥା ଅର୍ଥନୀତିକ ଦିଗକୁ ତର୍ଜମା କରି ଏଜେକଲ ବାର୍ଦ୍ଧକ୍ୟ ଜୀବନଚର୍ଯ୍ୟାରେ ବିନିଯୋଗ ଓ ଫଳାଫଳକୁ ନେଇ ପ୍ରଶ୍ନ ଉଠାଇଥିଲେ । ତାଙ୍କରି ଯୁକ୍ତିଥିଲା ଯେ ସୀମିତ ବାର୍ଦ୍ଧକ୍ୟରେ ମୃତ୍ୟୁକୁ ଆଦରି ନେଲେ ବ୍ୟକ୍ତିଗତସ୍ତରରେ ଯନ୍ତ୍ରଣା, ଅବହେଳାରୁ ମୁକ୍ତି ମିଳୁଥିବା ସ୍ଥଳେ ପାରିବାରିକ ସ୍ତରରେ ଅନ୍ୟପ୍ରତି ବୋଝରେ ପରିବର୍ତ୍ତିତ ନହେବା ତଥା ସାମାଜିକ ସ୍ତରରେ ସାମଗ୍ରୀ ଓ ସେବା ସଂରକ୍ଷଣର ସୁଯୋଗ ସୃଷ୍ଟି ହୋଇଥାଏ ।

ଏଜେକଲଙ୍କ ବିଗ୍ଯରରେ ୭୫ ବର୍ଷରେ ପଦାର୍ପଣ କଲ୍ବେଳକୁ ଏକରକମ ଜୀବନର ପୂର୍ଣ୍ଣତା ପ୍ରାପ୍ତି ଆଶା କର୍ଯାଇପାରେ । ନଜ ବିଦାୟବାର୍ତ୍ତା ନଜର ସଖାସହୋଦରଙ୍କ ମଧରେ ସ୍ୱାଭିବିକ ପରିବେଶରେ ପ୍ରସାର କରିବା ତାଙ୍କରି ଅଭିପ୍ରାୟ । ଏଥି ନମନ୍ତେ ସେ ଏକ ପ୍ରାକ୍-ଶ୍ରଦ୍ଧସ୍ତୋବ 'ମେମୋରିଆଲ ସର୍ଭିସ' ଆୟୋଜନର ଯୋଜନା ରଖିଥିବା ଉଲ୍ଲେଖ କରିଥିଲେ ।

ଏଜେକଲଙ୍କ ରଚନା ପ୍ରକାଶନରେ ପାଞ୍ଚବର୍ଷ ପରେ 'ଟେକନୋଲଜି ରିଭ୍ୟୁ' ନାମକ ଏକ ଅନଲାଇନ ପତ୍ରିକା ପକ୍ଷରୁ ୨୦୧୯ ଅଗଷ୍ଟରେ ସାକ୍ଷାତକାରରେ ମୃତ୍ୟୁ ସଂପର୍କୀତ ତାଙ୍କ ବିଗ୍ଯରଧାର୍ରେ କଛି ପରିବର୍ତ୍ତନ ଘଟିଛି କ ବୋଲି ପ୍ରଶ୍ନ ପଚର୍ ଯାଇଥିଲ୍ । ସେତେବେଳକୁ ତାଙ୍କରି ବୟସ ୭୨ ବର୍ଷ । ଏହି ଅବସରରେ ଦୀର୍ଘଜୀବନ ବିପକ୍ଷରେ ତାଙ୍କରି ଯୁକ୍ତି ଅପରିବର୍ତ୍ତିତ ରହିଥିବା ସ୍ୱୀକାର କରିଥିଲେ ।

ଭପୁର ବଜାର, ବ୍ରହ୍ମପୁର, ଓଡିଶା

ଓଡିଶା ବାହାରେ ରହୁଥିବା ପ୍ରତ୍ୟେକ ଓଡିଆଙ୍କ ପାଖରେ ପହଞ୍ଚିବା ହେଉଛି ବେଦାନ୍ତୀର ଲକ୍ଷ୍ୟ ଆଉ ଏହି ଲକ୍ଷ୍ୟପଥରେ ଆଗେଇ ଯିବା ଦିଗରେ ଅନେକ ସାହାଯ୍ୟ କରୁଛନ୍ତି ବେଦାନ୍ତୀ ପାଇଁ ନଜର ବହୁମୂଲ୍ୟ ସମୟଦେଇ ଲେଖା ପଠାଉଥିବା ଲେଖକ ଓ ଲେଖିକାମାନେ । ସେମାନଙ୍କ ସହଯୋଗପାଇଁ ବେଦାନ୍ତୀ ପରିବାର ତରଫରୁ ଅନେକ ଅନେକ ସାଧୁବାଦ

# ମୁଖାର ବୟସ କେତେ...



ଅସୀମା ସାହୁ

ବ୍ୟସ୍ତ ଲାଗୁଛି କ ମୁଖାରେ
ଖୋଲା ପବନ ଖୋଜୁଛ କ ନିଶ୍ୱାସରେ
ବ୍ୟତିବ୍ୟସ୍ତ ହେଉଛ କ ଘରେ

ହେଲେ
ତୁମେ ମୁଖା ପିନ୍ଧି ଘରେ ରହିବା ପରଠୁ
ତୁମ ସହରର ଆକାଶ ସାରା ପକ୍ଷୀଙ୍କ
କିଚିରିମିଚିରି ସଙ୍ଗୀତ
କଅଁଳ ପତ୍ରରେ ବିଞ୍ଚିହେଇଛି ଚକମିକ
ସୁରୁଜର ହସ
ଗାଁ ତୁଠ ପଥରର ଦେହସାରା ଶିଉଳର
ଶାଗୁଆ ତାରକସି
ଝରଣା ଜଳର ରୂପେଲି ମାଛ ଅଣ୍ଡା
ଦୋହଲେଇ ଖୁସି

କୁହ କହିର ବେକ କଟୁନ ପୂଜା ଅବା
ପ୍ରେମର ଉପହାର ପାଇଁ
ଡିଜେ କ ବାଣ ଫୁଟେଇ ସ୍ୱାର୍ଥର ମଜା
ମନେଇ ହେଉନ
ନିଜ ଖୁସିପାଇଁ ନୂଆ ପଶୁପକ୍ଷୀଙ୍କୁ ଘରେ
ବାନ୍ଧି କ ରଖୁନ

ଏବେ ତ
ପ୍ରକୃତିର ଉତ୍ସବ ଚାଲିଛି
ସମ୍ପର୍କର ରଙ୍ଗମାଖି ବୈଶାଖୀ ଆସିଛି
ଧର୍ମ ସାମ୍ପ୍ରଦାୟିକତା ଖାଲି ମିଛର ବାହାନା
ମାନବିକତାର ପୂଜା ଦେଖେଇ ଦେଉଛି

ଧୈର୍ଯ୍ୟ ଧର ଆଉ ନିଜ ସ୍ପନ୍ଦନକୁ ବି ଶୁଣ
ସ୍ୱାଧୀନତାର ମନ୍ତ୍ର ସେଠି ଉଚ୍ଛୁଳି ଉଠୁଛି

ହେ ଈଶ୍ୱରଙ୍କ ଶ୍ରେଷ୍ଠ କୃତି
ଏବେ ଶିଖିବାର ଋତୁ ଆସିଛି,
ଶିଖ, ମୁଖାର ବା ବୟସ କେତେ
କାଲିକି ନଥିବ...
ଆଜି ସିନା ମୁହଁ ବନ୍ଧା ଅଛି ।

ମଧୁବନ, ବାରିପଦା

# ହେ ବନ୍ଧୁ!



ପ୍ରତିମା ମେହେର

ସାଉଁଟିଛି କଛି ସ୍ମୃତି'ର ମୁକୁତା
ଯତନେ ରଖିବି ବୋଲି
ପଦଚହ୍ନ ତୁମ ଏବେ ବି ସତେଜ
ହେ ବନ୍ଧୁ!
ତୁମେ ହଜିଗଲ କାହିଁ?

ତୁମ ହୃଦୟ'ର ଗଭୀରତା ଯେତେ
ମାପିବାକୁ ବଳ ନାହିଁ
ମଳନ ପଡ଼ିନ ତୁମରି ସୁଗନ୍ଧ
ହେ ବନ୍ଧୁ!
ଭୁଲି ତୁମେ ଗଲ କାହିଁ?

ଉଁଆସି ଗ୍ତି'ର ଘନ ଅନ୍ଧକାରେ
ମନ'ର ଦୀପଟି ଜାଳେ
ପ୍ରତିଚ୍ଛବି ତୁମ ଉଦ୍ ଭ୍ସିତ ହୁଏ
ହେ ବନ୍ଧୁ !
ତୁମେ ଲିଭିଗଲ କାହିଁ?

ଗହନ ମନ'ର ନଭୃତ କୋଣରେ
ବାଜେ ରହି ରହି ସୁର
ଶୂନ୍ୟେ ହଜିଯାଏ ଗୀତ ଟି ମୋର
ହେ ବନ୍ଧୁ!
ଛନ୍ଦ ତୋଳଲ କାହିଁ ?

ଶୁଭେ ପଦଶବ୍ଦ ନଗ୍ଳୋ ବେଳାରେ
ଚମକ ଉଠେ ମନ
ଏଠି ସେଠି ଖୋଜେ ଅସ୍ତିତ୍ୱ ତୁମରି
ହେ ବନ୍ଧୁ!
ଶୂନ୍ୟ ଅଛ କ ଗୃହିଁ?

ପାଟଣାଗଡ଼, ବଲାଙ୍ଗିର

# ମା' ଦୁର୍ଗା.......



ପୁଷ୍ପିତା ଭୂୟାଁ

ମା'ଦୁର୍ଗା
ଧରା ପୃଷ୍ଠେ ଅବତରୀ ଆସ
ପାଦ ଦିଅ...
ଅପେକ୍ଷା କରିଛି ତୁମକୁ
କାଶତଣ୍ଡୀର
ସଫେଦ ମୁଲାୟମ ଗାଲିଚ୍ଛ,
ଶରତ ର ବୁନ୍ଦା ବୁନ୍ଦା
ଶିଶିର ବିନ୍ଦୁ,
ଆକାଶ ରେ
ଦୋଳାୟି ମାନ ତୁଳା ପରି
ମେଞ୍ଚା ମେଞ୍ଚା ବଉଦମାଳା,
ସହର ର ଉଚ୍ଚ ଉଚ୍ଚ ତୋରଣ,
ରଙ୍ଗୀନ ଆଲୁଅାର ସାଜସଜ୍ଜା .......
ହେ ମା' ଦୁର୍ଗା
ରକ୍ଷା କର ଦୁନଆକୁ
ବିନାଶ କରି
ରାକ୍ଷାସ ରୂପୀ
ରୋଗର ଯନ୍ତ୍ରଣା,
ଛଟପଟ ଏ ମାନବ ସମାଜ
ଅସାଧ୍ୟ ମହାମାରୀ ର ପୀଡ଼ାରେ,

କେତେ ଆଶା କେତେ ଆକାଂକ୍ଷା ନେଇ
ଅପେକ୍ଷା କରିଛି ଏ ମାନବ ସମାଜ .....
ଜନ କଲ୍ୟାଣରେ
ଅବତୀର୍ଣ୍ଣ ହୁଅ ମା'
ସବୁ ଦୁଃଖ କଷ୍ଟ
ହଟି ଯାଉ ତା'ର,
କରୋନା ରୂପୀ
ମହିଷାସୁର ର ହଉ ବିନାଶ,
ଭୟ, ହିଂସା, ଦ୍ୱେଷ, କ୍ଲେଶ
ଅପସରି ଯାଉ ସମାଜରୁ ,
କୋଟି ଜନତାର ଆକୁଳ ପ୍ରାର୍ଥନା.......
ହେ ମା'ଦୁର୍ଗା
ଅବତରୀ ଆସ
ଧରା ପୃଷ୍ଠେ ,
ମାନବ ଜାତିର ବିଶ୍ୱାସର ହେଉ ଜୟ
ତୁମ କୃପା ବରସି ଯାଉ
ହସି ଉଠୁ ଧରା ।

# ମାନସର ମାନସ ସରୋବର



ରାଜଶେଖର ସି 'ଚମା'

ଜୀବନରେ ମନ ନହେଲେ ଅନେକ ପ୍ରକାର,
ଯୌବନରେ ପ୍ରଣୟ କେତେଯେ ମନୋହର,
ଯାହାର ଆନନ୍ଦଜନକ ପ୍ରୀତି ଯେ ପ୍ରକାରାନ୍ତର,
ହୃଦୟରେ ସୃଷ୍ଟିହୁଏ ନିର୍ମଳ ହିମାଳୟ ପରିସର।୧।

ହେଲା ଯେବେ ତୁମସହ ସାକ୍ଷାତ୍କାର,
ମୋ ମନରେ ଦିଶିଲା ମାନସରୋବର,
ପ୍ରେମଭାବ ପହଞ୍ଚିଲା କୈଳାଶ ଶିଖର,
କେବେ ହୋଇନଥିଲି ଏତେ ପ୍ରେମାତୁର।୨।

ମୋର ନିରଙ୍ଗ ମାନସକୁ କରିଲ କେତେ ରଙ୍ଗବେରଙ୍ଗ,
ସରସ ସୁରଭିତ କରିଲ ମୋର ଅନ୍ତଃପୁରର ଅନ୍ତରଙ୍ଗ,
ସ୍ୱେଚ୍ଛାକ୍ରମେ ସୃଜନହେଲା ଅନୁପମ ଅନୁରାଗ ତରଙ୍ଗ,
ରାଜହଂସ ହୋଇ ନଭରେ ଉଡ଼ିଲା ମୋ ପ୍ରେମ-ବିହଙ୍ଗ।୩।

ମାନସ ହଂସ ସନ୍ତରଣ ସୁନ୍ଦର କରେ ମାନସ ସରୋବର,
ବସୁନ୍ଧରାର ଯାହା ନିତ୍ୟ ନିର୍ମଳ ନିର୍ମଳୋପଳ ମଣିହାର,
ଇହ ଲୋକରେ ଦର୍ଶାଏ ସ୍ୱର୍ଗଲୋକର ବିରଳ ସମାହାର,
ଅପୂର୍ବ ନିଃଶବ୍ଦତା ଜଣାଏ ବାଣୀଙ୍କର ପୁଣ୍ୟତୋୟ ବିହାର।୪।

ଏହି ମଳୟ ଭୂମିରେ ହେଲା ସୌନ୍ଦର୍ଯ୍ୟ ଲହରୀର ସୁମଧୁର ସଞ୍ଚାର,
ମୋର ରସାତୁର ରସଗ୍ରାହୀ ଚନ୍ଦନରେ ହେଲା ରସଜ୍ଞାନର ପ୍ରସାର,
ତୁମ ଆରାଧନା ଦ୍ୱାରା ବୃଦ୍ଧିହେଲା ନବ୍ୟକାବ୍ୟ କୌମୁଦୀର ବିସ୍ତାର,
ମୋ ମାନସର ମାନସ ସରୋବର ସାର୍ଥକହେବ ପାଇ ତୁମ ଅଙ୍ଗୀକାର |୫|

chvrajasekhar@gmail.com

ବେଦାନ୍ତୀର ଆଗାମୀ ସଂଖ୍ୟା  ମାସ ୧ ତାରିଖରେ ପ୍ରକାଶ ପାଇବ । ଏହି ସଂଖ୍ୟା ପାଇଁ ଆପଣମାନଙ୍କ ଲେଖା ପଠାଇବାପାଇଁ ଅନୁରୋଧ । ଆପଣମାନଙ୍କ ଲେଖା ପ୍ରତିମାସ **5** ତାରିଖ ସୁଦ୍ଧା ଆମ ପାଖକୁ ପଠାନ୍ତୁ । ଆପଣମାନେ ଲେଖା ଇମେଲ୍ କମ୍ବା ହ୍ୱାଟସଆପ୍ ଜରିଆରେ ପଠାଇପାରିବେ ।

ଇମେଲ୍ – vedantimagazine@gmail.com / editor.vedantimagazine@gmail.com
ହ୍ୱାଟସଆପ୍ ନଂ-9594993733

# ସେଇ ଅନ୍ଧାର ରାତିରେ: ଭାଗ -୧



ବିଜୟ କୁମାର ପଣ୍ଡା

ଗରିବ ପରିବାର ରେ ଜନ୍ମ ବୁବୁର । ବିଧବା ମା', ବଡ଼ ଭଉଣୀ କୁ ଛୋଟ ସଂସାର । ଗାଁ ର ଧୂଳି ଖେଳ, ସାଙ୍ଗ ସାଥୀଙ୍କ ସଙ୍ଗେ ମିଶି ନଈ ପହଁରା, ଗୋଟି ଖେଳ ଆଦିରେ ପିଲାଦିନ କଟିଯାଇଥିଲା । ପିଲାବେଳୁ ବୁବୁ ମେଧାବୀ ଛାତ୍ର ଥିଲା, ସେଥିପାଇଁ ଗାଁ ସ୍କୁଲ, ଉଚ୍ଚ ବିଦ୍ୟାଳୟରେ ମଧ୍ୟ ଶିକ୍ଷକ ମାନଙ୍କ ସହାୟତା ତଥା ବିନା ଶୁଳ୍କରେ ଟ୍ୟୁସନ ପାଇ ମ୍ୟାଟ୍ରିକ ପରୀକ୍ଷା ରେ ୯୦% ମାର୍କ ରଖି ଉତ୍ତୀର୍ଣ୍ଣ ହୋଇଥିଲା । ଯୁକ୍ତ ଦୁଇ ପରେ ମେଡିକାଲ ଏଣ୍ଟ୍ରାନ୍ସ ରେ ବି କୃତକାର୍ଯ୍ୟ ହୋଇ ଥିଲା । ପଛୁଆ ବର୍ଗ ମେଧାବୀ ପିଲାଙ୍କ ପାଇଁ ଧାର୍ଯ୍ୟ ସ୍କଲାରସିପ ଦ୍ୱାରା ଦୂର ସହରରେ ମେଡିକାଲ କଲେଜ ପାଠପଢ଼ା ଆରମ୍ଭ କରିଥିଲା । ବଡ଼ ଭଉଣି ର ବାହାଘର ହୋଇଯାଇଥାଏ ।

ବୋଉ ଟି ତାର ପୁଅ ଝିଅ ଦୁହିଁଙ୍କୁ ପାଖରେ ନପାଇ ଟିକେ ଭାଙ୍ଗି ଯାଇଥିଲା । ପୁଅ ତା'ର ପାଠ ପଢା ସାରି ଡାକ୍ତର ହେବ । ଇଶ୍ୱର ଙ୍କ କୃପାରୁ ଯଦି ଗାଁ ପାଖ ମେଡିକାଲ ରେ ଚାକରୀ ପାଇଯିବ ତାହେଲେ ଦଶ ଖଣ୍ଡ ଗାଁ ଲୋକଙ୍କ ସେବା କରିବ ଏମତି କେତେ ସପନ ଦେଖୁଥାଏ । ପ୍ରବଳ ଇଶ୍ୱରଙ୍କ ବିଶ୍ୱାସୀ ସେ, ଜଗା ଉପରେ ଭରସାକରି ପୁଅର ପାଠପଢା ଶେଷ ହେବା ଦିନକୁ ଚାହିଁ ରହିଥାଏ ।

ସକାଳର ସୁରୁଜ ଉଇଁବା ପରଠୁଁ କେଉଁଠି କ୍ଷଣିକ ବସେନ । ଘର ଦୁଆର ଲିପା ପୋଛା, ବାସନ ମଜା, ଗାଧୁଆ ପାଧୁଆ, ଠାକୁର ପୂଜା ଏ ସବୁ ସାତଟା ପୂର୍ବରୁ ସାରିଦେଇ କ୍ଷେତ ବାଡ଼ି କାମରେ ଲାଗିଯାଏ ।

ସେଦିନ ଝିଅ ଜ୍ୱାଇଁ ଘରକୁ ବୁଲି ଆସିଥିଲେ। ଝିଅ ସହ କଥା ହେଉ ହେଉ ସେ ଆଭାସ ପାଇ ଯାଇଥିଲା ଯେ ବୁବୁ ତାର କ୍ଲାସରେ ପଢୁଥିବା ଜଣେ ବଡ଼ ଲୋକ ଘରର ଝିଅକୁ

ଭଲପାଉଛି । ମନରେ ତାର ବଡ଼ ଆଶଙ୍କା, ଆମ ଭଳ ସାଧାରଣ ମଣିଷ ମାନେ ବଡ଼ ଲୋକଙ୍କ ସମକକ୍ଷ !! କାହିଁକି ପୁଅଟା ଏମିତି ଭୁଲ କରୁଛି ?

ଦୀର୍ଘ ଛ ମାସପରେ ପୁଅ ଥରେ ଗାଁକୁ ବୁଲି ଆସିଥିଲା । କେବେ ଟଙ୍କା ପଇସା ନ ମାଗିବା ପିଲା ବୁବୁ ସେଥର ମା'କୁ କିଛି ଟଙ୍କା ମାଗିଥିଲା । "ପୁଅର ପାଠ ପଢିବାରେ କିଛି ଅସୁବିଧା ନହେଉ.." ଏଣୁ ମା' କିଛି କାରଣ ନ ପଗ୍ଚରି ବଢ଼ାଇ ଦେଇଥିଲା ବର୍ଷଯାକ ସଞ୍ଚୟ କରି ରଖିଥିବା ଟଙ୍କା ତକ ।

ପାଠ ପଢ଼ା, ପ୍ରାକ୍ଟିକାଲ ଲ୍ୟାବ, ଆସାଇନମେଣ୍ଟ ଆଦି ସବୁ ଥିରେ ବୁବୁ ଥାଏ ଆଗରେ । ଆଉ ସେଥିପାଇଁ ବୋଧେ ସାଙ୍ଗ ସାଥି ମାନେ ବହୁତ ଆଦର କରନ୍ତି ତାକୁ । ସେଇଠୁ ଆରମ୍ଭ ହୋଇଥିଲା ଲୁସି ସହ ସମ୍ପର୍କ । ଲୁସି ବୁବୁକୁ ତାର ସବୁ ଆସାଇନମେଣ୍ଟ ଲେଖିବାକୁ ଦେଇଦିଏ । ବୁବୁର ସବୁ ନୋଟ୍ସ ବି ଆଗେ ଲୁସି ପାଖେ ପହଞ୍ଚେ ଆଉ ତାପରେ ଅନ୍ୟ କାହା ପାଖେ ଜେରକସ ହୋଇ। ସାଥୀହେଇ ଲ୍ୟାବ ପ୍ରାକ୍ଟିକାଲ, କ୍ଲାସ, ଅଡ଼ିଟୋରିଅମ.. ଲାଗିଯାଇଥିଲା ସମ୍ପର୍କର ଡୋରୀ । ଦୁହେଁ ଦୁହିଁଙ୍କର ନିବିଡ଼ ହୋଇଯାଇଥିଲେ ।

ଗାଁରୁ ଫେରି ଲୁସି ପାଇଁ ଏକ ପେଣ୍ଡାଣ୍ଟ ଗିଫ୍ଟ ଧରି ହଷ୍ଟେଲରେ ପହଞ୍ଚିଲା। ଏଥର ବୁବୁ ଆଉ ଲୁସି ର ସେକ୍ସନ ଅଲଗା ହୋଇଯାଇଥିଲା । ତେଣୁ ସିଧା ସଳଖ ଲ୍ୟାବ ପ୍ରାକ୍ଟିକାଲ ହଲ କୁ ଗ୍ଚଲିଯାଇଥିଲା ବୁବୁ ।

ଲ୍ୟାବ ପ୍ରାକ୍ଟିକାଲ ସାରି ସମସ୍ତେ ଫେରିଯାଇଥିଲେ । ରାତି ହେଇଯାଇଥିଲା, ପ୍ରାକ୍ଟିକାଲ ସାରିବା ପରେ ଲ୍ୟାବ ରେ କିଛି ଗୁରୁତ୍ୱ ପୂର୍ଣ୍ଣ ତଥ୍ୟ ଧ୍ୟାନ ଦେଇ ନୋଟ୍ସରେ ଲେଖା ଲେଖି କରୁଥାଏ ବୁବୁ । ହଠାତ ଗୋଟିଏ ଝିଅର ହସ ଶୁଣି ଧ୍ୟାନ ହଟିଲା ବୁବୁର । ଝରକା ଦେଇ ବାହାର ଆଡ଼କୁ ନରେଖି ଗ୍ଚହିଁଲା ବୁବୁ । କଟି କଟି ଅନ୍ଧାର, କାହିଁ କିଛି ଦିଶୁ ନଥିଲା, ନଜର ଫେରେଇ ପୁଣି ନୋଟ୍ସ ଲେଖିବାରେ ଧ୍ୟାନ ଦେଲା ବୁବୁ ।

ଲ୍ୟାବ ର ପଛ ପଟକୁ ଘଞ୍ଚ ଗଛ ଲତା ଥାଇ ଛୋଟିଆ ଜଙ୍ଗଲ ଭଳି ଜାଗାଟିଏ ଥାଏ । ଲ୍ୟାବ ରୁ ସେ ଜାଗା ମଧ୍ୟରେ ମାତ୍ର ଗୋଟିଏ ଷ୍ଟ୍ରିଟ ଲାଇଟ । କିଛି ସମୟ ପରେ ପୁଣି ପୂର୍ବ ପ୍ରକାର ହସ ଶୁଣି ଏଥର ମନରେ ସନ୍ଦେହ ଆସିଲା ବୁବୁର । ବ୍ୟାଗ ଧରି ଲ୍ୟାବ ରୁ ବାହାରକୁ ବାହାରିଗଲା । ଶବ୍ଦକୁ ଅନୁସରଣ କରି ଲ୍ୟାବ ପଛ ପଟ ରାସ୍ତାରେ ଆଗେଇବାକୁ ଲାଗିଲା ।

କିଛି ପାଦ ଗଲାପରେ ସେ ଲୁସିର ସାଙ୍ଗ ମିନୁକୁ ଦେଖି ଟିକେ ଆଶ୍ୱସ୍ତ ହେଲା, କିନ୍ତୁ ମନେ ମନେ ଭାବୁଥିଲା ରାତି ରେ ଏକୁଟିଆ ଏ ଏଠି କଣ କରୁଛି !!

+++

କିଛି ଦୂର ଗଲାପରେ ମିନୁ ହଠାତ ରାସ୍ତା ମଝିଟାରେ ବସି ପଡ଼ିଲା । "ଏ ମିନୁ..। ତୁ ରାତିରେ ଏକୁଟିଆ ଟା ଏଠି କଣ କରୁଛୁ ? ଆଉ ଲୁସି କୁଆଡ଼େ ଗଲା ? ତୁମେ ଦୁହେଁ ତ କଲେଜରେ ପ୍ରାୟ ସମୟରେ ସାଥିରେ ଥାଅ ।"

ଏଥର ହସ ପରିବର୍ତ୍ତେ ଧିରେ ଧିରେ କାନ୍ଦ ଶୁଭିବାକୁ ଲାଗିଲା । ମିନୁ କହିଲା "ଲୁସି କଥା କଣ ତୁ ଜାଣିନୁ ?"

"ନାହିଁ ,ମୁଁ ତ ଗାଁରୁ ଫେରି ସିଧା କଲେଜ ପହଂଚଲି । ତା ଛଡ଼ା ଲୁସିର ଆଉ ମୋର ସେକ୍ସନ ଅଲଗା ହେଇ ଯାଇଛି ଏଇ ସେମିଷ୍ଟରରେ ..।"

"ଜଲଦି ଯା.. ଲୁସି କଥା ବୁଝିବୁ ଶୀଘ୍ର ଯା । ମୁଁ ଆସୁଛି.." କହି ମିନୁ ଜୋର ଜୋର ରେ ପାଦ ଉଠେଇ ଲାବ ରାସ୍ତା ଦେଇ କଲେଜ ଆଡ଼କୁ ଗ୍ଲିବାକୁ ଲାଗିଲା ।

ଦେଖୁ ଦେଖୁ ସେ କଲେଜ ଭିତରକୁ ଯାଇ କୁଆଡ଼େ ଉଭାନ ହେଇଗଲା ଯେମିତି । ବୁବୁ ତା ପିଛା କରି କଲେଜ ସାରା ଆସି ଖୋଜି ଖୋଜି ବିଫଳ ହେଲା ..।

(କ୍ରମଶଃ..)

ସମ୍ପାଦକ "କନକପ୍ରଭା"
ସବଙ୍ଗ, ସିମୁଳଆ, ବାଲେଶ୍ୱର

# ଉଠ ଉତ୍କଳୀୟ



ନନ୍ଦିନୀ ରାଉତ

ରହିବାକ ଆମେ ମଉନ
ହୋଇ ଓଡ଼ିଆ ଜାତି,
କପରି ହୋଇବ କୁହ ହେ
ଭାଇ ଦେଶ ପ୍ରଗତି... ୧

ସୌର୍ଯ୍ୟ ବୀର୍ଯ୍ୟ ଆଉ ବୀରତ୍ୱ
ଯା'ର କୁହେ ଅତୀତ,
ସେହି ସୁପୁରୁଷ ନରବ
କୁହ କେଉଁ ନମିତ୍ତ...୨

ଅବିଚ୍ଛେଦ୍ୟ ଆମେ ରଖିବା
ପାଇଁ ମାଆ କୁ ଆମ,
ହସି ହସି ଆମେ କରିବା
ଆସ ସବୁ ସୁକର୍ମ ... ୩

ମଣିଷ ଜୀବନ ଅଟଇ
ପାଣି ଫୋଟକା ପରା,
ରହିଯିବ ସିନା କରତୀ
ଅନ୍ୟ ସବୁ ଅସରା... ୪

ତିରିଶି ଜିଲ୍ଲା କୁ ନେଇଣ
ରାଜ୍ୟ କେଡେ ସୁନ୍ଦର,
ପ୍ରକୃତି ରାଣୀର ମୋ ରାଜ୍ୟ
ଅଟେ ଗନ୍ତାର ଘର... ୫

ଜାଗ୍ରତ ହୁଅ ହେ ସରବେ
ମାତା ଉନ୍ନତି ପାଇଁ,
ତନୁ ମନ ଧନ ସମର୍ପି
ଦେବା ସବୁ ତା ପାଇଁ.... ୬

ଦେଶ ସେବା ବ୍ରତ
କର ହେ ଆପଣାର,
ତେବେ ଯାଇ ସିନା ଭାବିବେ
ଲୋକ କଥା ତୁମର... ୭

ବାଲିପଟା, ଅନୁଗୁଳ

# ମନ



ତନୁଶ୍ରୀ ଅନନ୍ଦିତା ପଟ୍ଟନାୟକ

ଆଜି କାଇଁ ହୁଏ ମନ
କାଳଆ ହାତରେ ବଇଁଶୀ ହୋଇ ସଦା ବାଜିବାକୁ
ପୁଣି ହେଉଥାଏ ମନ
ରାଧିକାରାଣୀ ପାଦର ନୁପୁର ହୋଇ ରୁଣୁଝୁଣୁ ହେବାକୁ ।

ଆଉ କେତେବେଳେ କରେ ମନ
ପକ୍ଷୀଟିଏ ହୋଇ ଆକାଶେ ଉଡିବାକୁ
ପୁଣି କେବେକେବେ ହୁଏ ମନ
କଳାମେଘ ଦେଖି ମୟୂର ହୋଇ ନାଚବାକୁ

ଆଉ ବେଳେବେଳେ ହୁଏ ମନ
ଝରଣା ହୋଇ କଳକଳ ନାଦରେ ବହିବାକୁ
ପୁଣି କେତେବେଳେ କରେ ମନ
ସଙ୍ଗୀତର ସାତସୁରେ ହଜିଯିବାକୁ

ଆଉ କେବେକେବେ ହୁଏ ମନ
ପାଗଳ ପ୍ରେମିକା ସାଜି ପ୍ରିୟତମ କଥା ଭାବିବାକୁ
ସୁଖରେ ହେଉ ବା ଦୁଃଖରେ ହେଉ
ସଭିଁଙ୍କର ଭଲ ସାଥୀଟିଏ ହୋଇଯିବାକୁ ॥

ମଠସାହି, ତୁଳସିପୁର

# ବାତ୍ସଲ୍ୟର ଛ'ମାଣ ଆଠଗୁଣ୍ଠ



ପ୍ରାଧାପିକା ଜ୍ୟୋସ୍ନା ରାୟ

ଫି ବର୍ଷ ଏ କୁଆଁରୀ କାଶତଣ୍ଡୀ ହିଁ
ପ୍ରଥମ କରି ଧାଇଁଆସି
କହିଦିଏ ମୋ କାନରେ
ତୋ ଆଗମନର ଶୁଭବାର୍ତ୍ତା..
ଛମଛମ୍ ପାଉଞ୍ଜି ପିନ୍ଧି ପାଦରେ
ଝୁମିଝୁମି ନାଚଯାଏ ମୁଁ
ଭେଦୁଅର ଟାଁ ଟାଁ ଖର୍‌ରେ
ତୁ ଆସିବୁ ଏଇ ଖୁସିରେ...

ତୁ ସିନା ଆସୁ ଅଗଣରେ
ଥାପି ଥାପି ପଦ୍ମପାଦ ଝୋଟି ଚିତା
ଶେଫାଳିର ସୁବାସିତ
ଫୁଲ ଗାଲିଚ୍ଚରେ
ଶରତର ତୋଫାଜହ୍ନ
ଭିଜା ଜୋଛନାରେ
କସ୍ତୁରୀ ଚନ୍ଦନ ଧୂପ ଝୁଣା ମହକରେ
ନନାଦିତ ବେଦମନ୍ତ୍ର ସ୍ୱାଗତ ଗୀତିରେ
ହେଲେ ...ଶେଯରେ ମୁଁ ଶୋଇଥାଏ
ଏକାଏକା ନୀଳନର୍ଜନରେ
ତୋ ରୂପ ହସୁଥାଏ ଆଖି ପଲକରେ।।

ଭାବୁଥାଏ ମନେମନେ
ଏଥର ଆସିଲେ ତୁ
ମୁହୂର୍ତ୍ତେ ହେଉପଛେ
ଶାନ୍ତିରେ ପଡ଼ିବି ଶୋଇ
ତୋରି କୋଳରେ..
ହଜିବି ତୋ ସ୍ନେହ ପଣତରେ
ସୁଖ ନେଇ ଦୁଃଖ ସବୁ ବାନ୍ଧିଦେବି
ତୋରି କାନରେ ...
ବାତ୍ସଲ୍ୟର ଛମାଣ ଆଠଗୁଣ୍ଠ
ମୁକୁଳେଇ ଆଣିବି ମୋ
ଦେଣାପାଉଣାରେ...
ଛାଡିବିନ ଜମା ଆଉ
ଏଥର ତୁ ଗଲ୍‌ବେଳେ
ରାଣଦେଇ ରଖିବି ସାଥିରେ।।

ଅଥଚ.. ଏମିତି ଘଟେନା ମାଆ
କେବେ ମୋ ଭାଗ୍ୟରେ ...
ପାରେନା ଶାନ୍ତିରେ ଶୋଇ
କେବେ ଦିନେ ତୋରି କୋଳରେ
ତୁ ମୋତେ ଭୁଲିଯାଉ ଭକ୍ତ ଗହଳରେ...

ହସି ହସି ଆସୁ ମାଆ
ଶରତର  ତୋଫା ଜୋଛନାରେ
କାଶତଣ୍ଡୀ ମୋତି ଝର୍‌
ପୁଷ୍ପକଦୋଳାରେ
ଅବତରୁ  ଏ ଧରାରେ
ପ୍ରଫୁଲ୍ଲଚଉରେ
ପାପତାପ  ଦୁଃଖ ହରୁ
ସାର୍‌ ସଂସାରରେ
ଜଗତ ଜନନୀ ବୋଲି
ସଭିଏଁ କରନ୍ତି ପୂଜା
ଧୂମଧାମ୍‌  ଯଥାବିଧି
ଷୋଡ଼ଶ  ଉପଚ୍ଚାରେ ।।
ଊଁ ଚୁଁ କଛି ତ ପାରେନା କହି
ପାରେନା ପଣତ ଛୁଇଁ
ଏତେ ଭିଡ଼  ଭକତ ମେଳରେ
ମା' ବୋଲି  ଆକୁଳରେ
ଡାକଲ୍‌ ବେଳକୁ ତୋତେ
ହଜିଯାଉ  ତୁ କେଉଁଠି
ଦଶର୍‌ ଭିଡ଼ରେ
ମୋ ଡାକ ଶୁଣୁ ତୁ କାହିଁ
ମୋ ମନ ବୁଝୁ ତୁ କାହିଁ
ଜୀଉଁଥାଏ ମରୁଥାଏ
ଅଲୋଡା ପଣରେ
ସବୁକଥା ରହିଯାଏ
ଲୁହ ଭିଜାଅନ୍ତର ଭିତରେ।।

ଆଜିମାବାଦ, ବାଲେଶ୍ୱର, ଓଡିଶା

# ଥରେ ଆମ ଗାଁ ଆଡେ ଆସ



ବିନୟ ମହାପାତ୍ର

କେବେ ଯଦି ଆମ ଗାଆଁ ଆଡକୁ ଆସିବାର ପ୍ରୋଗ୍ରାମ ହୁଏ, ତେବେ ଟିକଏ ସମୟ ବାହାରକରି, ଦୁଇ ମିନଟ୍ ପାଇଁ ଆମ ଘରଆଡେ ଆସିବ, ଥରେ ମୁହଁ ମାରିଦେଇ ଯିବ । ବହୁତ ଦିନ ପରେ ଆସୁଛ, ସବୁକିଛି ମନେଥିବ କି ନାହିଁ, ତେଣୁ ତୁମକୁ ଦି'ପଦ ଆଗୁଆ କହିରଖେ, ଯେପରି ଘର ଖୋଜିବାରେ କିଛି ଅସୁବିଧା ନହେବ । ଆଗୁଆ କହି ଦେବାଟା ଠିକ୍ ହେବ । ବହୁତ କିଛି ବଦଳ ଯାଇଛି ଏଇ ଜନପଦରେ । ଯେମିତି ସମୟ ସହିତ ସମସ୍ତେ ବଦଳ ଯାଆନ୍ତି । ଟିକଏ ବର୍ଷା ହେଲେ ରାସ୍ତାଘାଟ ଆଉ କାଦୁଅରେ ପଚ୍ ପଚ୍ ହଉନ ଆମ ଗାଆଁରେ, ଝଡି ବର୍ଷାରେ ରାସ୍ତାମଝିରେ ଆଉ ଝର ଫିଟି ଯାଉନ । ବର୍ଷା ହେଲେ ଗାଆଁ ମଝିଦାଣ୍ଡରେ ଆଗରୁ ଯେମିତି ପାଣିର ସୁଅ ଚାଲୁଥିଲା, ଆମେ ସେ ପାଣିରେ କାଗଜ ଡଙ୍ଗା ଭସେଇ କେତେ ମଜା କରୁଥିଲୁ, ବର୍ଷାରେ ଭିଜି ଭିଜି କାଗଜ ଡଙ୍ଗା ପଛରେ ଗୋଡେଇ ଗୋଡେଇ ଯାଉଥିଲୁ, କାହା ଡଙ୍ଗା ଓଲଟିଗଲା, କାହାର ସିଧା ଆଗକୁ ଚାଲିଗଲା ଦେଖିବାକୁ । ଏବେ ଆଉ ସେମିତି ପାଣି ବୋହୁନ ଗାଆଁ ମଝିଦାଣ୍ଡରେ । ପିଲାବି ନାହାନ୍ତି କାଗଜ ଡଙ୍ଗା ଭସେଇବା ପାଇଁ । ଗାଆଁ ରାସ୍ତାସବୁ ସିମେଣ୍ଟ କଂକ୍ରିଟ ହୋଇ ଯାଇଛି, ବର୍ଷାପାଣି ଏବେ ରାସ୍ତା କଡ ଡ୍ରେନ୍ ରେ ବୋହୁଛି । ବର୍ଷାପରେ ରାସ୍ତା ଏକଦମ ସୁଖିଲା, ପାଦରେ ପାଣିବି ଲାଗୁନ ।

ଗାଆଁରେ ଏବେ ଚାଳଘର କଁ ଭାଁ ଗୋଟେ ଅଧେ କେଉଁଠି କେଇମିତି ଦିଶିଯିବ, ବାକି ସବୁ କୋଠାଘର ହୋଇଗଲାଣି । ମୋ ଘରଟି କିନ୍ତୁ ଯେଉଁଠି ଥିଲା, ସେଇଠି ସେଇମିତି ମିଳିଯିବ ତୁମକୁ । ସେଇ ପୁରୁଣା ଧୂସର ନଡା ଛପର ଚାଳ, ଝାଟି ଆଉ ମାଟିବୋଳା କଚ୍ଚାଘର । ନାଲି ରଙ୍ଗମାଟିର ଲିପା ଚକ୍କଣ କାନ୍ଥ, କାନ୍ଥରେ ଚାଉଳ ପିଠଉର ଚିତା, ଶେଷ ମାଗୁଶିର ଗୁରୁବାର ପାଇଁ, ଭାଉଜ ପକେଇ ଥିଲା, ଏବେଯାଏ ସେମିତି ଝଟକୁଛି । ତୁମେ ଆସିଲେ ନିଶ୍ଚୟ ଦେଖିବ । ଗୋବରରେ ଲିପା କସରା କଳା ରଙ୍ଗର, ଚକ୍କଣିଆ ଉଚା ପିଣ୍ଡା, ଏବେ

ବି ଗୋବରର ବାସ୍ନା ମହକ ଉଠେ । ସେ ମହକ ସତେ ଆମ୍ଭରେ ଛୁଇଁଯିବ । ତୁମେ ଯେବେ ଆସିବ ମୋତେ ମୋ ପିଣ୍ଡା ଉପରେ ସେଇ ଶିଶୁକାଠର ପୁରୁଣା ଆରାମ ଚୌକିରେ ଖଣ୍ଡେ ପୁରୁଣା ବହି, ଅବା ବାସି ଖବର କାଗଜ ଧରି ଧୋବ ଫରଫର ଧୋତିପିନ୍ଧା ଲୋକଟିଏ ବସିଥିବାର ଦେଖିବ । ସେ ଆଉ କେହି ନୁହେଁ ମୁଁ ଥିବି । ମୋତେ ଛାଡିଦେଲେ ଧୋତି ପଞ୍ଜାବୀ ପିନ୍ଧୁଥିବା ଲୋକ ଆମ ଗାଆଁରେ ଆଉ କେହି ନାହାନ୍ତି ।

ଏବେ ଏଇ ଗାଆଁରେ ତୁମକୁ ଦେଖି କେତେ ଜଣ ଚିହ୍ନି ପାରିବେ କେଜାଣି, ତୁମେବି ଚିହ୍ନି ପାରିବନି କେତେ ଲୋକଙ୍କୁ । କାଲି ଯେଉଁ ଛୁଆସବୁ ଏଇ ଗାଆଁ ଦାଣ୍ଡରେ ଲଙ୍ଗଳା ହୋଇ ବୁଲୁଥିଲେ, ଏଇ ଦାଣ୍ଡରେ ଗୁଲିଦଣ୍ଡା, ବାଟି କ କବାଡି ଖେଳୁଥିଲେ, ଆଜି ସେମାନଙ୍କର ପିଲାମାନେ ବି ବଡ ବଡହୋଇ ଫୁଲ୍ ପେଣ୍ଟପିନ୍ଧା ବାବୁ ହୋଇଗଲେଣି । କିଏ ସ୍କୁଲ ତ କିଏ କଲେଜରେ ପଢିଲେଣି । ଏବେ ମୋଟର ସାଇକେଲରେ ଗାଆଁରେ ଚକ୍କର କାଟୁଛନ୍ତି । ଆମର କେତେ ସାଙ୍ଗସାଥି ଏବେ ଆଉ ନାହାନ୍ତି । ଗଲା ମାସରେ ମଦନ ଭାଇ ଚାଲିଗଲେ । ବ୍ଲଡ ପ୍ରେସର ବଢି ପାରାଲିସିସ୍ ହୋଇଯାଇଥିଲା ତାଙ୍କୁ । ପିଲାମାନେ ସହରରେ ରହୁଛନ୍ତି, ବୁଢାବୁଢି ଦି'ଜଣ ରହୁଥିଲେ ଗାଆଁରେ । ପୁଅ ଝିଅମାନେ କେବେ କେମିତି ଆସୁଥିଲେ, ଦେହ'ପା ଖବର ବୁଝିଯାଉଥିଲେ । ସହରରୁ ଔଷଧପତ୍ର ଆଣି ଦେଇଯାଉଥିଲେ । ବୁଢିପାଖରେ ମୋବାଇଲ ଫୋନଟିଏ ବି ଦେଇଥିଲେ । ଯେତେବେଳେ ବେଶି ଜରୁରି ହେବ ଫୋନ କରିବାକୁ କହିଥିଲେ ।

ହଠାତ୍ ଦିନେ ରାତିରେ ମଦନ ଭାଇର ଦେହ ବେଶି ଖରାପ ହେଲା, ଭାଉଜ ଫୋନ କଲାରୁ ବଡପୁଅ ଆସି କଟକ ନେଇଯାଇଥିଲା, ବଡ ଡାକ୍ତରଖାନାରେ ଦୁଇ ଦିନ ରହି ଶେଷରେ ମଦନଭାଇ ଚାଲିଗଲା । ଗାଁରେ ଅଳ୍ପବହୁତ ସମସ୍ତଙ୍କର ଖବର ସେମିତି ଏକାପରି । ଜୀବନ ସାରା ଗଧ ପରି ଖଟି ଖଟି, ପାଠଶାଠ ପିଲା ମାନଙ୍କୁ ବଡ କଲେ, ହେଲେ ଏଇ ବୁଢା ବୟସରେ ପିଲାଙ୍କଠାରୁ ଦୂରରେ ଏକୁଟିଆ ନିର୍ବସିତ ଜୀବନ କାଟୁଛନ୍ତି । ପିଲାଏ ଭାବୁଛନ୍ତି କିଛି ଟଙ୍କା ପଇସା ପଠେଇଦେଲେ ମାଆ ବାପାଙ୍କ ପାଇଁ ତାଙ୍କ ଦାୟିତ୍ୱ ଶେଷ ହୋଇ ଯାଉଛି । ମାଆ ବାପା କଣ କେତେଟା ଟଙ୍କାପାଇଁ ପିଲାଙ୍କୁ ପାଠଶାଠ ପଢାଇ ବଡ କରିଥାଆନ୍ତି । ସେମାନଙ୍କର ସ୍ନେହ ମମତାର ମୂଲ୍ୟ କିଛି ନାହିଁ ? ପିଲାଏ କେମିତି ବୁଝିବେ, ଏ ବୁଢା ବୟସରେ ମାଆ ବାପା ଟଙ୍କା ପଇସା ନୁହେଁ ପିଲାଙ୍କ ସାହଚର୍ଯ୍ୟ, ସେମାନଙ୍କ ଠାରୁ ଟିକିଏ ସେବା ଆଦର ପାଇବା ପାଇଁ ବ୍ୟାକୁଳ ହୃଦୟରେ ଚାହିଁ ରହିଥାଆନ୍ତି । ପିଲାଏ ପାଖରେ ଥିଲେ ବାପା ମାଆଙ୍କୁ କେବେ ଲାଗେନା ସେମାନେ ବୁଢା

ହୋଇଗଲେଣି ବୋଲି । ପୁଅ ଝିଅ ପାଖରେ ଥିଲେ କେତେ ସାହାସ ଆସେ ମନରେ । ନାତି ନାତୁଣୀଙ୍କ ସାଥିରେ ଦି'ଘଡ଼ି ହସି ଖେଳ ଦେଲେ ଏ ବୁଢା ବୟସରେ ସେମାନେ ପୁଣି ଥରେ ପିଲାଟିଏ ପରି ହୋଇଯାଆନ୍ତି । ଏଇ ଟିକଏ ଆନନ୍ଦ ପାଇବା ଦେଖିଲେ, ଯମ ବି ମାଆ ବାପାଙ୍କ ବୟସରେ ଆଉ କେଇଟା ଦିନ ଜୋଡିଦେଇ ଯାଏ ।

ତୁମର ମନେଥିବ ବନ୍ଧୁ, ଆମ ଘର ସାମ୍ନା ଦାଣ୍ଡରେ, ଯେଉଁଠି ହଳେ କାଳିଆ କସରା ବଳଦ ବନ୍ଧା ହେଉଥିଲେ, ତାର ଟିକେ ଆଗକୁ ଖାଲି ଶଗଡ ଗାଡିଟାଏ ଦି'ପହର ସାରା ସେମିତି ଠିଆହୋଇ ରହୁଥିଲା । ସେଇ ଶଗଡ ଦଣ୍ଡାରେ ବସି କେତେ ମସ୍ତି କରୁଥିଲେ ଆମେ । ଏବେ ସେଇଠି କାହାର ଗୋଟେ, ମାରୁତି କାର ଠିଆ ହେଉଛି । ଆଜି କାଲି ଗାଆଁରେ ଲୋକବାକ ଚାଷକାମ ଛାଡି ସାରିଲେଣି, ଆଉ କାହା ପାଖରେ ହଳ ବଳଦ ନାହିଁ, କି ଶଗଡ ବି ନାହିଁ । ପିଲାମାନେ ସବୁ ସହରରେ, ଗାଆଁରେ ଘର ଛପର କି ଚାଷକାମ ପାଇଁ ମୂଲିଆ ମିଳୁ ନାହାନ୍ତି । ଟଙ୍କିକଆ ଚାଉଳ ଖାଇ କାମିକା ଲୋକ ଗୁଡାକ ଅଳସୁଆ ହୋଇ ସାରିଲେଣି। ସବୁତ ମାଗଣା ମିଳୁଛି, ଗାଆଁ ଗାଆଁରେ ମଦ ଦୋକାନ । ପେଟରେ ଭୋକଥିଲେ ସିନା କଏ କାମ କରିବାକୁ ଯିବ । ମାଗଣା ସବୁ ମିଳଗଲେ କଏ କାହିଁକି ହାତ ହଲେଇବ । ଗାଆଁରେ ଚାଷ ଜମି ସବୁ ପଡିଆ ପଡିଛି । ସମସ୍ତେ ଭାବୁଛନ୍ତି ଚାଷ ନହେଲେ ନାହିଁ, ବଜାରରେ ସବୁକିଛି କଣିବାକୁ ତ ମିଳୁଛି, ଚାଷକରିବା କଣ ଦରକାର ? କିନ୍ତୁ କହିଲ ଦେଖି, ସମସ୍ତେ ଯଦି ଏମିତି ଭାବି ଚାଷ ଛାଡିଦେବେ, ତେବେ ବଜାରକୁ ଏତେସବୁ ଜିନଷ ଆସିବ କେଉଁଠୁ ?

ତୁମେ ତ ଜାଣିଛ, ଆମ ଗାଁ ଚାରିପାଖେ ଚାରୋଟି ପୋଖରୀ । ପୋଖରୀରେ ଗାଧୋଇବା ପାଇଁ ନୁଆବୋହୂ ଆଉ ତୁଠକୁ ଯାଉନ । ପୋଖରୀ ତୁଠରେ ଆଉ ସେ ଗହଳ ଚହଳ, ନଣନ୍ଦ ଭାଉଜଙ୍କ ଟାହି ଟାପରା ଶୁଭୁନ । କାହାଘର ବୋହୂ କଣ କଲା, କାହା ଘରେ କଣ ହେଲା ସେକଥା ଆଉ ଚର୍ଚ୍ଚା ହୁଏନ । ପୋଖରୀ କୂଳର ତୁଠ ପଥର ଏବେବି ବାହୁନୁଛି, ନହୁଲି ବୟସର ବଧୂଲି ବୋହୁର ନରମ ପାଦର ପରଶ ଟିକଏ ପାଇଁ, ରୁଣୁଝୁଣୁ ପାଉଜିର ମଧୂର ସଙ୍ଗୀତ ଶୁଣିବା ପାଇଁ । ଘରେ ଘରେ ଗାଧୁଆଘର ପାଇଖାନା ସବୁ ହୋଇଗଲାଣି । ଆମେ ସଭ୍ୟତା ଦିଗରେ ବହୁତ ଆଗକୁ ମାଡି ଗଲୁଣି । ହେଲେ ଗ୍ରାମ୍ୟ ଜୀବନର ସେଇ ସରସତା ମଧୂରତା ଆପଣା ପଣ ସବୁ ଯେପରି ଇତିହାସ ହୋଇଯାଉଛି । ଆମେ ଯେତେଦିନ ବଞ୍ଚିଛେ, ଆମ ନାତି ନାତୁଣୀ ମାନଙ୍କୁ ଶୁଣେଇ ଯିବା ଏସବୁ କଥା । ହେଲେ ସେମାନେ କଣ ଏସବୁ ଶୁଣିବେ ? ନା ଶୁଣିଲେ ବିଶ୍ୱାସ କରିବେ ? ବିଶ୍ୱାସ କଲେ ବି ନାକ

ତେବେ, କହିବେ ପୋଖରୀର ସେଇ ଅସନା ପାଣିରେ କିଏ କଣ ଗାଧାଏ? ଏସବୁ ଅନହାଇଜିନକ । ହେଲେ ସେ କଣ ବୁଝିବେ, କେଉଁ ଯୁଗରୁ ଆମ ବାପା ଜେଜେବାପା ଏଇ ପାଣିରେ ଗାଧୋଉଥିଲେ, ହେଲେ କେହି କେବେ ପାଣିଲାଗି ବେମାର ପଡିନ । ଧୋବା ତୁଠ କନ୍ତୁ ଏବେବି ଅଛି ସେଇଠି । ତୁମେ ଆସିଲେ, ଦିନ ଦି'ପହରରେ ଧୋବା ଧୋବଣୀ ସେଇଠି ଲୁଗା ପିଟୁଥିବାର ଦେଖିବ । ହୁଡା ଉପରେ ମାଟି ହାଣ୍ଡିରେ ଖାରସୋଡା ପାଣିରେ ଲୁଗା ଶିଝୁଥିବାର ଦେଖିବ । ଧୋବ ଫରଫର ଲୁଗା ସୁଖୁଥିବାର ବି ଦେଖିବ ।

ସେଇ ପୋଖରୀରେ ଏବେବି ପଞ୍ଚାୟତି ମାଛଚାଷ ହୁଏ । ଖରା ଦିନେ ଯଦି ଆସିବ ଆମ ଗାଆଁର ସୁଆଦିଆ ମାଛ ତିଅଁଣ ଖାଇବ । ଯଦି ଅନ୍ୟଦିନ ମାନଙ୍କରେ ଆସିବ ତେବେବି ଚନ୍ତାନାହିଁ, ଗାଆଁରେ ଏବେ ଗୁରୁବାରକୁ ଛାଡିଦେଲେ, ସବୁଦିନ ସବୁକଛି ମିଳ ଯାଉଛି, ମାଛ ମାଂସ ବଏଲର ଚକେନ ଅଣ୍ଡା ସବୁକଛି । ଆଇଁଶ ଟିକଏ ଖାଇବା ପାଇଁ ଆଉ ସାପ୍ତାହିକ ହାଟପାଳ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡୁନ । ଗାଁମୁଣ୍ଡର ସେଇ ଛୋଟ ବଜାରଟି ଏବେ ବଡ ହୋଇଗଲାଣି । ସବୁ ଦିନ ସବୁକଛି ମିଳଯାଉଛି । ସପ୍ତାହରେ ମଙ୍ଗଳବାର, ଶୁକ୍ରବାର ହାଟ ଏବେବି ଲାଗୁଛି ।

ଆଜିବି ମନେପଡେ ପିଲାଦିନ କଥା । ମାଆ, ବାପାଙ୍କୁ କହେ, ଏତେ ବଡ ପରିବାର ଖାଇବାକୁ, ହାଟ ପରିବା ପାଇଁ ପାଞ୍ଚଟଙ୍କା ଦିଅ, ହାଟରୁ ପରିବା ନଆଣିଲେ ଏଇ ଗାଆଁରେ କଛିବି ମିଳବନ । ପାଞ୍ଚଟଙ୍କା ହାତରେ ଧରେଇଦେଇ ମାଆ ମୋତେ, ହାଟକୁ ପଠେଇଦିଏ। ଗଲାବେଳେ ବଡ ବଡ ଦୁଇଟା ବ୍ୟାଗ୍ ହାତରେ ଧରାଇ ଦିଏ । ହାଟ ସଉଦା ବଡ କଷ୍ଟକର କାମ, ଦଶ ଜାଗା ଦାମ ବୁଝ, ଭଲ ଭଲ ପରିବା ଶସ୍ତାରେ ବାଛି ବାଛି କଣ। ପାଞ୍ଚ ଟଙ୍କା ପରିବାରେ ଦୁଇବ୍ୟାଗ ପୁରା ହୋଇଯାଉଥିଲା, ତଥାପି ଆଠଣି ଚାରଣି ପକେଟ ଖର୍ଚ୍ଚ ବଞ୍ଚିଯାଉଥିଲା । ହାଟସାରି ଯେତେବେଳେ ମୁଁ ଘରକୁ ଫେରେ, ବ୍ୟାଗ ଦୁଇଟା ପରିବାରେ ଭରିଯାଇଥାଏ । ମୁଁ ଉଠାଇ ପାରେନ, ବଡ କଷ୍ଟରେ କୁନ୍ଥେଇ କୁନ୍ଥେଇ ଘରେ ପହଞ୍ଚେ । ମନେ ମନେ ଖୁବ୍ ରାଗିଯାଏ, ମାଆ ବାପାଙ୍କୁ ମନେମନେ କେତେ କଥା ବକଯାଏ । କହେ ପିଲାଟା ଉପରେ ଟିକଏ ହେଲେ ଦୟା ନାହିଁ କାହାର । ମୁଁ ପରା ଛୋଟ ପିଲାଟିଏ, ଛୋଟ ପିଲାଙ୍କୁ ପାଞ୍ଚ ଟଙ୍କାର ପରିବା ଆଣିବା ପାଇଁ କିଏ କଣ ହାଟକୁ ପଠାଏ ? ପାଞ୍ଚ ପାଞ୍ଚ ଟଙ୍କାର ପରିବା ପାଇଁ ଯାହା ମାଆ ମୋତେ ହାଟକୁ ପଠାଇ ଦିଅନ୍ତି ।

ହେଲେ ବନ୍ଧୁ, ଆଜି ଆଉ ସେଇକଥା ନାହିଁ, ଭାବିଲେ ଗପ ପରି ଲାଗୁଛି । ପରିବାର ଛୋଟ ହୋଇଗଲା । ଏବେ ତ ଘରେ ଆମେ ଦୁଇଜଣ, ପିଲାମାନେ ସବୁ ସହରରେ ରହୁଛନ୍ତି ।

ହେଲେ ପରିବା ମହଙ୍ଗା ହୋଇଗଲାଣି । ହାଟ ପାଳରେ ଘରଣୀ ଦୁଇଶହ ଟଙ୍କା ଧରେଇ ଦିଅନ୍ତି, ଆଉ ବ୍ୟାଗ କେବଳ ଗୋଟିଏ ଦିଅନ୍ତି । କୁହନ୍ତି ବୁଢା ହୋଇ ଗଲଣି, ବେଶି କଛି ବୋହି ପାରିବନ, ଏତିକ ଟଙ୍କାରେ ଅଧା ମୁଣି ଭରିଯିବ, ଆଣିବାକୁ ତୁମକୁ କଷ୍ଟ ବି ହେବନ । ଭାବିଲେ ଆଶ୍ଚର୍ଯ୍ୟ ଲାଗେ । ପରିବା ଦାମ ବଢିଗଲା ନା ପଇସାର ମୂଲ୍ୟ କମିଗଲା ।

ଏବେ ଆମ ଗାଆଁ ଆଉ ଗାଆଁ ପରି ଲାଗେନ, ଛୋଟ ମୋଟ ସହରରେ ବଦଳ ଗଲାଣି, ସହରକୁ ଯିବାପାଇଁ ବସ୍ ଲାଗି ଏବେ ଆଉ ନୂଆ ବୋହୁକୁ ପାଞ୍ଚ କୋଶ ଶଗଡରେ ଯିବାକୁ ପଡୁନ । ଆଜିବି ମନେପଡୁଛି, ପିଲାଦିନେ ମାମୁଁ ଘରକୁ ଯିବାକୁ ହେଲେ, ସକାଳ ଗ୍ଧରିଟାରୁ ଉଠିବାକୁ ପଡୁଥିଲା । ହଳଆ ଶଗଡଗାଡି ସଜାଡିଦିଏ । ସେଥିରେ ବସି ପାଞ୍ଚ ମାଇଲିଯାଏ ଯିବାକୁ ହୁଏ । ସେଇଠି ଗୋଟିଏ ସ୍କୁଲ ଥିଲା ସେତେବେଳେ । ସେଇ ସ୍କୁଲ ବାରଣ୍ଡାରେ ଆମେ ବସି ଅପେକ୍ଷା କରୁ । ସକାଳ ଛଟା ବେଳେ ଗୋଟିଏ ବସ୍ ଆସେ, ସେଥିରେ ବସି ଆମେ ମାମୁଁ ଘରକୁ ଯାଉ । ଯଦି ସେ ବସ ଫେଲ ହୋଇଗଲ, ତାହେଲେ ଆଉ ବସନାହିଁ ସେଦିନ । ପୁଣି ଆସନ୍ତା କାଲି ମିଳିବ ବସ । ତେଣୁ ଆଗୁଆ ବାହାରିବାକୁ ପଡେ । ଏବେ ପିଲାଏ ସହରକୁ କଲେଜ ପଢିବା ପାଇଁ ଯାଉଛନ୍ତି । ପୁଅ ଛୁଟିରେ ଘରକୁ ଆସିଲେ ସହର ଫେରିବା ପାଇଁ ବସ ଧରିବାକୁ ସାଇକେଲ ଖୋଜା ପଡେନ, ବସଯାଏ ଯିବାପାଇଁ । ଗାଆଁରୁ ଏବେ ତିନ ଟାଇମ ସହର ବସ ଆରାମରେ ମିଳଯାଉଛି ।

ତୁମ ସହରର ସୂର୍ଯ୍ୟ ପରି, ମୋ ଗାଆଁ ସୁରୁଜ, ବେଳ ଉଛୁର ଯାଏ ଶୋଇ ରୁହେନାହିଁ । ମୋ ଗାଆଁର ଚଞ୍ଚଳଆ କାଉ, ସିନ୍ଦୁରା ଫିଟିବା ଆଗରୁ, ସୂରୁଜ ଉଇଁବା ଖବର କହିଦେଇ ଯାଏ । ନୂଆ ବୋହୁ ମାଛି ଅନ୍ଧାରରୁ ଉଠି ଅଗଣାରେ ଝାଡୁ ଲଗାଇ ଗୋବରର ପିଣି ସିଞ୍ଚିଦିଏ । ଏବେ ବି ସେମିତି ସହଳ ସକାଳୁ, ହଳ ବଳଦଙ୍କ ସଙ୍ଗରେ କ୍ଷେତ ଯୋଚବାକୁ ଗ୍ଧଷି ଟାକରା ଫୁଟାଇ ବାହାରିଯାଏ । ସଂଜ ସକାଳେ ସେଇମିତି ମନ୍ଦିରରେ ଘଣ୍ଟ ଘଣ୍ଟା ମୁର୍ଦ୍ଦଳ ବାଜେ, ଚଉରା ମୂଳରେ ବୃନ୍ଦାବତୀଙ୍କ ପାଖରେ ସଂଜ ସଳତା ଜଳେ ।

ଗାଆଁରେ ବାର ମାସରେ ତେର ଯାତ ଏବେବି ହେଉଛି । ରଥଯାତ୍ରା, ଦୋଳ ମେଲଣ, ଗ୍ଧସନାଚ, ପଣା ସଂକ୍ରାନ୍ତି ଆଦି । ଆଜି କାଲି ବଡ ଧୂମ ଧାମରେ ହେଉଛି ସବୁ ଜାନଯାତରା । ପୂଜା ଛୁଟିରେ ପିଲାଏ ସହରରୁ ଘରକୁ ଆସନ୍ତି, କଛିଦିନ ପାଇଁ ଗାଆଁ ପୁଣି ଭରପୁର ଲାଗେ, ଗହଳ ଚହଳ ହୁଏ । ପିଲାମାନଙ୍କୁ ପାଖରେ ପାଇ ମାଆ ବାପାଙ୍କର ଗୋଡ ତଳେ ଲାଗେନ । ମାଆ ଜାଣିଥାଏ ପୁଅକୁ କଣ ଖାଇବାକୁ ଭଲ ଲାଗେ । ବାପାଙ୍କୁ

ଦଶଥର ବଜାର ପଠେଇଦିଏ ଅମୁକଟା ନେଇଆସ, ସମୁକଟା ନେଇଆସ । ନାତି ନାତୁଣୀଙ୍କ ପାଇଁ କେତେକଥା ସାଇତି ରଖିଥାଏ ଜେଜେମାଆ । ପାଖରେ ବସି ଏଇଟା ଖାଆ ସେଇଟା ଖାଆ କହି କହି ପେଟପୂରାଇ ଖୁଆଇଦିଏ ପିଲାମାନଙ୍କୁ । ହେଲେ ଏ ଖୁସି ବେଶିଦିନ ରହେନ, ଦିନ ଦୁଇ ଚାରିଦିନ ପରେ ପୁଣି ପିଲାମାନେ ସହରକୁ ଫେରିଯାଆନ୍ତି । ଘରବାରି ଖାଲିଖାଲି ଲାଗେ, ଘର ଖାଁ ଖାଁ କରି ଗୋଡାଏ । ଗାଆଁ ରାସ୍ତା ପୁଣି ଶୁନଶାନ ହୋଇଯାଏ ।

ଗାଆଁ ଏବେ ବଡ ଶୁନ୍ ଶାନ୍, ଖାଲି ଖାଲି ନଛାଟିଆ ଲାଗେ । ଯୁଆନ ଭେଣ୍ଡିଆ ଯେତେକ ସବୁ କାମପାଇଁ ଗାଆଁଛାଡି ସହରକୁ ଚାଲି ଯାଉଛନ୍ତି । ଗାଆଁ ଏବେ କେବଳ ବୁଢାବାପା, ବୁଢିମାଆଙ୍କର ଜିମାରେ ଅଛି । ବୁଢା ବୁଢି ଯେତେକ କେବଳ ଘରକୁ ଜଗିରହିଛନ୍ତି । ସଂଜ ହେଲେ କେହି ଆଉ ଘରୁ ବାହାରକୁ ଯାଉନା । ଅଗଣାରେ ଦଉଡିଆ ଖଟଟା ଉପରେ ଆମେ ବୁଢାବୁଢି ବସୁ, ଅତୀତର କଥା କହୁ ଶୁଣୁ, ଏଇ ଅଗଣାରେ ପିଲାଙ୍କର ଖେଳ କୁଦ, ଗହଳ ଚହଳ କଥା, ଭାଇ ଭଉଣୀର ଖେଣ୍ଡା ଖେଣ୍ଟି, ଛୋଟ ଛୋଟ ଲଢେଇ, ରାଗ ରୁଷା, ମାନ ଅଭିମାନ, ୟାର ତାର ଅଭିଯୋଗ, ପିଲା ମାନଙ୍କର ଛୋଟବେଳର କଥା ମନେପକାଉ, ଗପୁଥିଲେ କଥା ସରେ ନାହିଁ, ସେଇ ସ୍ମୃତି ଟିକକ ପରା ଆମ ଅସରନ୍ତି ଖୁସିର ଭଣ୍ଡାର । କେବେ କେବେ ମିଞ୍ଜି ମିଞ୍ଜି ଆଲୁଅରେ ପୁରୁଣା ଆଲବମ ଅଣ୍ଡାଳୁ, ପିଲାଙ୍କ ଫଟୋ ଦେଖି ପୁଣି ସେଇ ପୁରୁଣା ଦିନରେ ହଜିଯାଉ ।

ହଉ, କହୁ କହୁ ବହୁତ କଥା କହି ଦେଲିଣି, ଏବେ ମୁଁ ରହୁଛି, ଯେବେ ଆସିବ, ଦୁଇ ଚାରିଦିନ ରହିବ ଆମ ସାଙ୍ଗରେ । ବହୁତ ଗପିବା, ରିଟାୟଡ ପରେ ଏବେ କରିବାକୁ ଆଉ କଛି କାମ ବାକ ନାହିଁ । ପୁଅ ଝିଅଙ୍କର ବାହାଘର ସାରିଦେଇଛି । ସେମାନେ ନଜ ନଜ ପରିବାର ନେଇ ସହରରେ ରହୁଛନ୍ତି । ଏଇଠି ଆମେ ବୁଢାବୁଢି ଦିଟା ଘର ଜଗିବା ପାଇଁ ରହିଛୁ । ତୁମେ ଆସିଲେ ରୋଷେଇ ପାଖରେ ବସିବା, ବହୁତ ଗପିବା, ଭାଉଜ ବି ଶୁଣିବ, ଦି' ପଦ ସିଏ ବି କହିବ, ବଡ ଆନନ୍ଦ ଆସିବ । ପୁଣି ଥରେ ଅତୀତକୁ ମନ ଭରି ଜିଇଁବାର ବାହାନା ମିଳିଯିବ ।

******

କଟ୍ ସ୍କୋୟାର, ପଟିଆ, ଭୁବନେଶ୍ୱର

# 'ସଖା' ବୋଲି ଡାକଲ୍ ପରେ



ଦୂର୍ବାଦଳ କରାଲି

ସଖା ବୋଲି
ସଖାବୋଲି ଡାକଲ୍ ପରେ
ଜୀବନର ସବୁ ଦୁଃଖ
ଅମାପ ଶୋକ, ସନ୍ତାପ
ଭକତିରେ
ନଇଁ ଯାଏ ତୋ ଚରଣରେ ।

ତୁମେ କହ
ତମହାତ ରଖି ଛାତିରେ
ମୀରାର ହୃଦ ସ୍ପନ୍ଦନ
କାହିଁକି ବାନ୍ଧିଛ ଶ୍ୟାମ
ଦୋଳପ୍ରିୟା
ରାଧାର ପଣତ କାନରେ ।

ଲୁଚ କାନ୍ଦ
ଭକତକୁ ଦଣ୍ଡ ମିଳଲେ
ଭକତର ଭାବ ଜାଣି
ଦାସୀଆ ନଡିଆ ଘେନ
ଶରଧାରେ
ରଖିଦିଅ ଶ୍ରୀ ମନ୍ଦିରରେ ।

ତୁମ ରୂପ
ତମରୂପ ଦେଖିଲ୍ ପରେ
ଦିଶେନା ମତେ ଅନ୍ଧାର
ଶୁଖିଛି ଅଶ୍ରୁର ଧାର
କେତେଦିନୁ
ଉଇଁଛି ସୁରୁଜ ମୋ ଘରେ ।

ଭାବେ ବନ୍ଧା
ଭକତର ଭାବ ଡୋରିରେ
ସେ ଡୋରି କୁ ଟାଣି ମତେ
ରଖ ତୋ ପାଦପଦ୍ମରେ
ତୋର ପାଦ
ଧୋଇଦେବି ନୟନ ନୀରେ ।

ଅବସର ପ୍ରାପ୍ତ ମଣ୍ଡଳ ପ୍ରବନ୍ଧକ
ଭାରତୀୟ ଜୀବନ ବୀମା ନଗମ
ଝରଣା ନବାସ, ବାବୁଆ ବଗିଚା, ଝାରସୁଗୁଡା

# ବର୍ଷା



ଅଶୋକ କୁମାର ପ୍ରଧାନ

ଆକାଶ ଆଖିରୁ ଦରଦୀ ବରଷା ଝରଏ ବରଷା ଧାର
ସିକ୍ତ ମହୀରେ ଆଖିର ଲୋତକେ ଟାଣୁଛି ସେ କେତେ ଗାର
ବହଳ ପାଣିରେ ବରଷା ଆଘାତେ ଉଠଇ ଫୋଟକା ଗର୍ବେ
ନିମିଷେ ଉଠଇ ନିମିଷେ ଲିଭଇ ସୃଷ୍ଟିର ସତ୍ୟତା ଭାବେ ।

ଏପଟେ ଝରକା ଫାଙ୍କରେ ବରଷା ଦେଖି ପ୍ରିୟା ହୁଏ ଖୁସି
ଭାବୁଛି ମନରେ ପ୍ରିୟ ପାଶେ ଯାଇ ଭିଜିବୁ ବର୍ଷାରେ ବସି
ସେପଟେ ବରଷା ଫୋଟକାକୁ ଦେଖି ଦୁଃଖୀ ମନ ହୁଏ ଦୁଃଖୀ
କହେ ସେ ଦୁଃଖରେ ଏ କଅାଁ ମୋ ଭାଗ୍ୟେ ବିଧାତା ଦେଇଛି ଲେଖି ।

ଉଲ୍ଲାସ ବରଷା ଦେଖି ଶିଶୁ ଏଠି ହସୁଛି ଖେଳିବା ପାଇଁ
ହାତେ ଗଢିଥିବା କାଗଜ ଡଙ୍ଗାକୁ ଭସାଇବ ଗୀତ ଗାଇ
ସେପଟେ ବର୍ଷାରେ ନୀରିହ ଶିଶୁଟି କାଢୁଅଛି ଘରୁ ପାଣି
ସରଳ ସ୍ୱପ୍ନ ତା ବର୍ଷା ପାଣି ପରି ଲିଭି ଯାଏ କ୍ଷଣି କ୍ଷଣି ।

କହରେ ବରଷା ଏମିତି ତୁ କଅାଁ କା ପାଖେ କେମିତି ଭାବ
ତୋ ମନ ସାଥିରେ ଯୋଡି ସବୁମନ ଚଳାଉ ଭାବର ନାବ ।

ଶିକ୍ଷକ, ଗୋବିନ୍ଦପୁର ଉଚ୍ଚ ବିଦ୍ୟାଳୟ
ସେହିଗାଁ, ଗଞ୍ଜାମ

# ଆଶା ସୂର୍ଯ୍ୟ



ଅଶୋକ କୁମାର ପ୍ରଧାନ

ସଂଜର ଅନ୍ଧାରରେ
ବଡବଡ ନୟନରେ ରାସ୍ତାକୁ ଚାହିଁଲି
ଦେଖିଲି ଚନ୍ଦକାରଟିଏ
ତା'ରି ତୁଳୀରେ ସମଗ୍ର ଜଗତକୁ କଳା ରଙ୍ଗରେ ବୋଳଦେଉଛି
ହଜି ଯାଉଛି ସମସ୍ତ ଅସ୍ତିତ୍ୱ ।
ପ୍ରକୃତିର ରଙ୍ଗବେରଙ୍ଗ ଶାଢ଼ୀ ଧୀରେଧୀରେ
ରଂଗହୀନ ହୋଇ ପଡୁଛି
କବିଗଣ ଲେଖି ପାରୁନାହାନ୍ତି କବିତା
ଚନ୍ଦକର ଆଉ କଳ୍ପନା କରିପାରୁ ନାହାନ୍ତି
ଗୀତିକାର ବୋଲୁନାହିଁ ଆଉ ଗୀତ
କେବଳ ବାସ୍ତବରେ ନୁହେଁ
ଏ ରଙ୍ଗ କଳ୍ପନାରେ ମଧ୍ୟ ରଚଗଲାଣି ।
କଛିକ୍ଷଣ ମର୍ମେମର୍ମେ ଅନୁଭବ କଲି ଅନ୍ଧାରଇଜ
ନା କଳ୍ପନା ନା ସୁନ୍ଦରତାର ଆଶା
ସବୁରି ତ ରୂପ ଗୋଟାଏ
କାହାର ରଙ୍ଗ ନାହିଁ ନା ତୁଳନା
ସମସ୍ତେ ସମାନ ।

ଗୋଟିଏ ଦୃଶ୍ୟ ବିଚଳତ କଲା
ତୁଳଟି ଏତେ ଶକ୍ତ ହେଲେ
ତାରି ରଙ୍ଗରେ ବୋଳ ପାରୁନାହିଁ ଆକାଶକୁ
ଯେତେବୋଳଲେ ବି ଗୋଟାଏ ଚନ୍ଦ୍ର ଓ କେତୋଟି ତାରା
ଦବଦବ ଜଳୁଛନ୍ତି
ଲିଭେଇ ପାରୁନ ସେ ତୁଳ
ସେମାନେ ବୋଧେ ଜାଣିଛନ୍ତି ତୁଳୀର ରଙ୍ଗ ସରିଆସୁଛି
ଆଉ କିଛି କ୍ଷଣ ଅପେକ୍ଷା କଲେ
ପୁଣିଥରେ କଳାରଙ୍ଗ ଉପରେ ନୂତନ ଚନ୍ଦ୍ର ଆଙ୍କିପାରିବେ ।

ଓଡିଶା ଆଦର୍ଶ ବିଦ୍ୟାଳୟ କଲ୍ୟାଣସିଂହପୁର,
ରାୟଗଡା

ବେଦାନ୍ତୀକୁ ପଢିବା ସଙ୍ଗେ ସଙ୍ଗେ ଆପଣମାନଙ୍କୁ ଅନୁରୋଧ ଯେ ଆପଣଙ୍କ ପରିବାର ଏବଂ ସମ୍ପର୍କୀୟଙ୍କୁ ମଧ୍ୟ ଏହା ପଠାନ୍ତୁ । ଏହାଦ୍ୱାରା ଓଡିଆ ଭାଷାର ଲୋକପ୍ରିୟତା ନିଶ୍ଚିତ ରୂପେ ବଢିପାରିବ

# ପ୍ରକୃତି ରାଣୀ



ଲକ୍ଷ୍ମଣ ମହାନ୍ତି

ମନୁଷ୍ୟ ଜନ୍ମିଲା ପ୍ରକୃତି କୋଳେ
ତା' ସ୍ୱାର୍ଥେ ହାଣିଲା ବୃକ୍ଷ ସମୂଳେ
ପ୍ରକୃତି ରହିଲା କ୍ରନ୍ଦନରତ
ତା' ଭରଣେ ମାଗେ ମାନବ ରକ୍ତ।।
ପ୍ରକୃତି ତାଣ୍ଡବ ଆରମ୍ଭ କଲା
ମହାବାତ୍ୟା କେତେ ସୃଷ୍ଟି ହୋଇଲା
ମନୁଷ୍ୟ ସମାଜ ସେ ବାତ୍ୟା ମଧ୍ୟେ
ଆତ୍ମୀୟ ବିରହେ ବାହୁନ କାନ୍ଦେ।।
କରୁଣାମୟୀ ସେ ପ୍ରକୃତିରାଣୀ
ଧରା ରଖିଥିଲା ଢାଙ୍କି ଓଢଣି
ମୂଲ୍ୟହୀନ ମୁଦେ ମୂଢ ମନୁଷ୍ୟ
ଶ୍ରେଷ୍ଠତ୍ୱକୁ ନିଜ କରେ ବିନାଶ।।
ପ୍ରାଣୀଙ୍କ ହିତରେ ବରଷେ ବାରି
ବରଷା ବରଷେ ବୃକ୍ଷ ଆଧାରି
ଅଳ୍ପବୃକ୍ଷେ ହେଲା ସ୍ୱଳ୍ପ ବରଷା
ସର୍ବପ୍ରାଣୀଙ୍କ ଏ ବଡ଼ ଦୁର୍ଦ୍ଦଶା।।
ଅମୂଲ୍ୟ ସମ୍ପଦ ଅଟେ ପ୍ରକୃତି
ଅକଳନ୍ତ ଅଟେ ତା' ଦିବ୍ୟଭୁତୀ
ଆସହେ କରିବା ଏକନ୍ର-ପଣ
ସତ୍ୱରେ କରିବା ବୃକ୍ଷରୋପଣ।।
ସ୍ରିଜିତ କରିବା ଧରା ଶ୍ୟାମଳ
ପ୍ରକୃତି ପୁଲକ ହେବ ଉଚ୍ଛୁଳ
ଢାଳଦେବ ଖୁସି ପ୍ରକୃତିରାଣୀ
ଆନନ୍ଦେ ଇତର ହସିବ ପୁଣି।।
କେହି ନୋହଇ ପ୍ରକୃତି ସମାନ
ଏହିତ ଦେବତାଙ୍କ ଦିବ୍ୟଦାନ।।

ସୌରୀପାଲି, ଖଟଖଟିଆ, ବୌଦ୍ଧ

# ପ୍ରଶ୍ନବାଚୀ



ଅମ୍ବିକା ସ୍ୱାଇଁ

ଆଜି ଯାଏ ଭୁଲି ପାରୁନ, ସେ ଦିନର ଘଟଣା । ଅଫିସ ରୁ ଫେରୁଥାଏ ଅଟୋ ରୁ ଓହ୍ଲାଇ ରାସ୍ତା ପାରି ହେବା ସମୟରେ ଏକ ବାଇକ୍ ରେ ତିନ ଜଣ ଯୁବକ କୁଆଡ଼େ ଥିଲେ କେଜାଣି ମଝି ରାସ୍ତାରେ, ମୋ ଆଡ଼କୁ ହଠାତ୍ ପବନ ବେଗରେ ମାଡ଼ି ଆସିଲେ । ମୁଁ କଛି ଭାବିବା ପୂର୍ବରୁ ସେ ମୋତେ ଧକ୍କା ଦେଇ ଚାଲିଗଲେ| ରାସ୍ତାର ସେପଟେ ଏକ ଛୋଟ ପିଲାଟି ବଡ଼ ପାଟି କରି ହେ, ପ୍ରଭୁ ରକ୍ଷାକର କହି ମୋ ପାଖକୁ ଦୌଡ଼ି ଆସିଲା, ମୋ ହାତ ଧରି ଉଠାଇ ଦେଲା। କହିଲା ମାଡାମ ଏବେ ଆପଣଙ୍କର କ"ଣ ହୋଇ ଥାନ୍ତା ଯେ ? ଭଗବାନ୍ ଆପଣଙ୍କୁ ରକ୍ଷା କରି ଦେଲେ । କହିଲି ହଁ ବେଟା ତୁମର ସେ ସରଳ ମନ ର ବ୍ୟାକୁଳତା ପଣ ର ବିକଳ ଡାକ ବୋଧେ ଭଗବାନ୍ ଶୁଣିଲେ। ସେଥିପାଇଁ ମୁଁ ଏତେ ବଡ଼ ଆକ୍ସିଡେନ ରୁ ରକ୍ଷା ପାଇ ଗଲି, ମରୁ ମରୁ ବଞ୍ଚିଗଲି । ଆଜିକାଲି ର ପିଲାତ ଗାଡିଖଣ୍ଡେ ହାତରେ ପାଇଗଲେ ଇନ୍ଦ୍ର ଚନ୍ଦ୍ର ମାନୁ ନାହାନ୍ତି । ତୁମେ ବଡ଼ ହେଲେ ଏମିତି ବେପରୁଆଭାବେ କେବେ ବି ଗାଡି ଚଲେଇବନ, କଣ କହୁଛ ବେଟା ? ହଁ ମାଡାମ୍ କେବେ ବି ନୁହେଁ ।

ଏମିତି କଥବାର୍ତ୍ତା ଭିତରେ ରାସ୍ତା ଆର ପଟକୁ ଏକା ସଙ୍ଗେ ଦୁହେଁ ଏକା ରାସ୍ତା ରେ କଥା ହୋଇ ଚାଲିଲୁ ପରସ୍ପର । ତା"ସହିତ କଥା ବାର୍ତ୍ତା ରୁ ଜାଣିଲି ସେ ଷଷ୍ଠ ଶ୍ରେଣୀରେ ପାଠ ପଢୁଛି। ୧୧/ ୧୨ ବର୍ଷ ବୟସ ହେବ । କହିଲା ମାଡାମ୍ ମୁଁ ଆପଣଙ୍କୁ ସବୁଦିନେ ୪ ଟା ବେଳେ ଟିଉସନ୍ ଗଲା ବେଳେ ଦେଖେ। ଭାରି ଇଚ୍ଛା ହୁଏ କଥା ହେବାକୁ ହେଲେ କଥା ହୋଇ ପାରେ ନାହିଁ । ଭାରି ଡର ଲାଗେ, ସାହସ ହୁଏ ନାହିଁ। ମନରେ ମୋର କେତେ ପ୍ରଶ୍ନ ଉଙ୍କି ମାରେ। ପଚାରିବି, ପଚାରିବି ଭାବି ରହି ଯାଏ । ଭଗବାନଙ୍କୁ ଅଶେଷ ଧନ୍ୟବାଦ । ସେ ବୋଧେ ମୋ ମନ କଥା ଜାଣିପାରି ଆପଣଙ୍କ ସହ ମୋତେ କଥା ହେବାର ସୁଯୋଗ ଦେଲେ । ଆଜି ମୋତେ ବହୁତ ଖୁସି ଲାଗୁଛି ମାଡ଼ାମ୍ ଅନେକ ଦିନ ର ଇଛା ମୋର ପୂରଣ ହେଲା । କହିଲା ସତରେ, ମୁଁ ଯେ ଆଜି ଏତେ ଖୁସି ଭାଷା ପାଉନ ବ୍ୟକ୍ତ କରିବା କୁ । ଆଜି ମୋର ବହୁତ୍ ବଡ଼ ଭାଗ୍ୟ । ଆପଣଙ୍କ ସହ ଭେଟ ହେଲା

ଏମିତି ଦୁର୍ଯୋଗ ରେ ..କନ୍ତୁ ମୋ ପାଇଁ ଏହା ବଡ଼ ସୌଭାଗ୍ୟ । ସବୁ ଦିନ ଦୂରରୁ ଦେଖି ଭାବୁଥିଲି ଆପଣ ଜଣେ ଭଲ ମଣିଷ ହୋଇ ଥିବେ । ଆଜି କନ୍ତୁ ପାଖରୁ ଅନୁଭବ କରୁଚ ଆପଣ କେତେ ଭଲ ସ୍ନେହୀ ମଣିଷ ଟିଏ । ଯାହା ହେଉ ଭଗବାନ ଙ୍କ ଦୟାରୁ ଆଜି ଆପଣ ଙ୍କ ସହ କଥା ହେବାର ସୁଯୋଗ ମିଳଲା ।

ମୁଁ କହିଲି ଆଚ୍ଛା !!!! ତେବେ କ"ଣ ପାଇଁ ଇଚ୍ଛା ହୁଏ ମୋ ସହ କଥା ହେବାକୁ ? କହିଲା ମାଡାମ ମୁଁ ଜାଣିନ, କନ୍ତୁ ଆପଣ ଙ୍କୁ ଦେଖିଲେ ମୋତେ ଖୁବ୍ ଭଲ ଲାଗେ ଆପଣ ଯେମିତି ମୋର କଏ ଅତି ନଜର ପରି ମନେ ହୁଏ । କଛି ବୁଝି ପାରିଲିନ ପିଲାଟି ଏମିତି କହିବା ର

କାରଣ କ"ଣ ? ତତ୍ କ୍ଷଣାତ ତାକୁ ପଚାରିଲି ବେଟା ତୁମ ଘରେ ସବୁ କଏ ଅଛନ୍ତି ? କହିଲା ମୋ ବାବା ମାଆ, ଆଉ ମୁଁ । ତେବେ ତୁମେ କଣ କେବଳ ଗୋଟିଏ ପୁଅ ? ହଁ!! ଏମିତି କଥବାର୍ତ୍ତା ଭିତରେ ଆମ ଘରକୁ ଯିବା ରାସ୍ତା ର ଛକ ର ବାମହାତି ତା ଘରକୁ ଯିବା ରାସ୍ତା ପଡ଼ିଲା ମୋତେ ବିନମ୍ର ନମସ୍କାରଟି ପକାଇ ଯିବାକୁ ଉଦ୍ୟତ ହେଲା, ମୁଁ ମଧ୍ୟ ତା" ମୁଣ୍ଡରେ ହାତ ରଖି ତାକୁ ଆଶିର୍ବାଦ କଲି। ଭଲ ପାଠ ପଢି ଭଲ ମଣିଷ ଟି ହେବାର ସଂକଳ୍ପ ରେ... ହଁ ବେଟା ଶୁଣ ଜୀବନ ରେ ବଡ଼ ଚାକରି କରି ବଡ଼ ମଣିଷ ଟି ନ ହୋଇ ପାରିଲେ ବି ସବୁବେଳେ ମନେ ରଖିବ ଭଲ ମଣିଷ ଟି ହେବାକୁ ଚେଷ୍ଟା କରିବ । ହଁ ମ୍ୟାଡମ ନିଶ୍ଚୟ ମୁଁ ଭଲ ମଣିଷ ହେବାକୁ ଚେଷ୍ଟା କରିବି । ଆପଣଙ୍କ ଆଶୀର୍ବାଦ ଏମିତି ଥାଉ ।

ମାଡାମ ଗୋଟେ କଥା କହିବି ? କୁହ ବେଟା । ଜାଣିଛନ୍ତି ନା ମୋର ନଜ ମା ନାହିଁ, ମୁଁ ଟିକେ ଛୋଟ ଥିଲାବେଳେ ମୋ ମା"ର ଦେହ ଖରାପ ଥିଲା ସେ ହସ୍ପିଟାଲ ରେ ମରିଗଲା । ମୋ ବାପା ଆଉ ଥରେ ବାହା ହେଲେ, ମୋ ମାଆ" କଥା ସବୁବେଳେ ମୋର ଭାରି ମନେ ପଡୁଛି । ଓଃ.!!

କାହିଁକି କେଜାଣି ତା"ଠାରୁ ଏକଥା ଶୁଣି ମନଟା ଭାରି ବ୍ୟସ୍ତ ଲାଗିଲା । ଏତିକ ଆଶ୍ୱାସନା ଦେଲି, ହଉ ବେଟା ବ୍ୟସ୍ତ ହୁଅନ ମୁଁ କଣ ତୁମ ମା ନୁହେଁ ? ।

କଣ ଭାବିଲା କେଜାଣି ମୋ ମୁହଁକୁ ଚାହିଁ ଟିକେ ମୁରୁକ ହସିଦେଲା। ତା କଅଁଳ ନଛିନ୍ଦ ହସରେ କ ଯାଦୁ ଥିଲା କେଜାଣି ! ତା ସ୍ନେହ ର ଆକର୍ଷଣ ରେ ମୁଁ ବାନ୍ଧି ହୋଇ ଗଲି...

ତା"ପର ଦିନ ମୁଁ ମୋ କାର୍ଯ୍ୟରେ ବାହାରି ପଡ଼ିଲି ଘରୁ ଠିକ୍ ୪ ଟା ବେଳେ । ରାସ୍ତା ଚାଲୁଚାଲୁ ଟିକେ ଦୂରରୁ ଦେଖିଲି ସେହି ଛକରେ ସେ ଛିଡ଼ା ହୋଇ ମୋତେ ଚାହିଁଛି ଓ

ମୁରୁକ ମୁରୁକ ହସୁଛି। ମୁଁ ତା" ପାଖରେ ଆସି ପହଂଚଲା ମାତ୍ରେ ବିନମ୍ର ନମସ୍କାର ଟି ପକାଇଲା ମୁଁ ତାକୁ ପ୍ରତି ନମସ୍କାର ଜଣାଇ, ପଗ୍ଚରିଲି ଆରେ ବେଟା ଏଠି ଠିଆ ହୋଇଛ ଯେ ! ହଁ ଆପଣ ଙ୍କୁ ଅପେକ୍ଷା କରି ଛିଡ଼ା ହୋଇ ଥିଲି, ମାଡାମ୍ । ମୁଁ ଜାଣିଛି ଆପଣ ଏହି ସମୟ ରେ ଆସିବେ । ଆଚ୍ଛା !!!! କଣ ପାଇଁ ? ଅପେକ୍ଷା କରିଥିଲ !!! ନା ମାଡ଼ାମ୍ କଛି ନାହିଁ, ଏମିତି !!! ମୁଁ କହିଲି ଆରେ ବେଟା ମାଡ଼ମ ନୁହେଁ ଆଣ୍ଟି ବୋଲି ଡାକ । ହଠାତ୍ ଜିଭ୍ କାମୁଡ଼ି ପକାଇ କହିଲା ଆରେ ବାପରେ ନା ନା ମୁଁ ଆପଣଙ୍କୁ ଆଣ୍ଟି ବୋଲି କେବେ ଡାକବିନ । ଆରେ କାହିଁକ ? ନା କେବେ ନୁହେଁ । ମୁଁ କଣ ବା ତାକୁ କହିବି କଛି ବୁଝି ପାରିଲିନ, ଆଶ୍ଚର୍ଯ୍ୟ ହେଲି ତା" କଥା ଶୁଣି । ଗଲାବେଳେ ତା" ପିଠି ରେ ହାତ ଥାପୁଡେଇ ଆରେ ଚଗଲାଟା କହି ଗ୍ଚଲିଗଲି ।

ସେହିଦିନ ଠାରୁ ମୁଁ ତାକୁ ଗ୍ଚଗଲା ବୋଲି ଡାକେ । ସବୁ ଦିନ ସେ ମୋ ଆସିବା ବାଟକୁ

ଗ୍ଚହିଁ ରହି ଥାଏ ଦୁରୁ ରୁ ଦେଖି ମୁରୁକ ହସିଦେଇ ନମସ୍କାର ଟିଏ ପକାଇ ମୋ ସହିତ ପାଦ ପକାଇ ଆଗକୁ ଗ୍ଚଲେ । ଏହା ଏକ ନତିଦିନଆ ଘଟଣା ହୋଇଗଲା । ଯଦି କେଉଁଦିନ ସେ ଠିଆ ହୋଇ ନଥାଏ, ମୋ ଆଖି ବି ତାକୁ ଗ୍ଚରିଆଡେ ଖୋଜେ ।

ମୋର ଯେମିତି କଛି ମୂଲ୍ୟବାନ ଜିନଷ ହଜିଗଲା ପରି ଅନୁଭବ କରେ । କନ୍ତୁ ମୁଁ ଫେରିଲା ବେଳକୁ ଦେଖେ ସେ ସେହି ନର୍ଦ୍ଦିଷ୍ଟ ଜାଗାରେ ଠିଆ ହୋଇ ମୋତେ ଅପେକ୍ଷା କରିଥାଏ । ସେ ମୋତେ ଦେଖୁ ଦେଖୁ ଦୁଇ ପାଦ ଆଗକୁ ଗ୍ଚଲିଆସେ । ଆଜି ୪ ଟା ରେ କାହିଁକ ଆସି ନଥିଲ ବୋଲି ପଗ୍ଚରିବା ପୂର୍ବରୁ ସେ ଆଗତୁରା କାରଣ କହି ପକାଏ । ଧିରେ ଧିରେ ମୁଁ ଅନୁଭବ କରେ ମୋ ପ୍ରତି ତାର ଯଥେଷ୍ଟ ସମ୍ମାନ ଓ ଖୁବ୍ ଭଲ ପାଇବା ଅଛି । ମୁଁ କେଉଁଦିନ କେଉଁ ରଙ୍ଗ ଶାଢ଼ୀ ପିନ୍ଧିଚ କଣ ଗହଣା ଲଗେଇଛି, କେଉଁଦିନ କେତେ ସୁନ୍ଦର ଦିସୁଛି ସବୁ ର ତର୍ଜମା ସେ କରେ । ମୁଁ କନ୍ତୁ ତା ଠାରୁ ଏମିତି କଥା ଶୁଣି ବି ରାଗିକ କଛି କହି ପାରେନ। କାରଣ ଏତେ ଛୋଟ ପିଲାଟି ଏତେ ଶ୍ରଦ୍ଧାରେ କହୁଛି, କଛି କହିଲେ କାଳେ ତା"ମନରେ କଷ୍ଟ ହେବ, ସେଥିପାଇଁ ମୁଁ ବି ସ୍ନେହରେ ତା" ଗାଲରେ ହାତ ମାରି ଦୁଷ୍ଟଟିଏ କହି ଗ୍ଚଲିଯାଏ । ସେ ବି ଫୁଲେଇ ହୋଇ କଅଁଳ ସ୍ୱରରେ କହି ପକାଏ ମାଡାମ୍ ମୁଁ ମୋଟେ ଦୁଷ୍ଟ ନୁହେଁ ମୁଁ ପୁରା ଭଲ ପିଲା ଟିଏ। ମୁଁ କହେ ଭଲ ପିଲା ନା ଆହୁରି କଣ !!! ତୁ ପୁରା ଦୁଷ୍ଟ ଟେ ....ଏମିତି କହି କେତେ ଥର ଯେ ତା"କାନ ମୋଡିଥିବି ହିସାବ ନାହିଁ । ବେଳେ ବେଳେ ଅଭିମାନ ରେ କହିବ ହଉ ମ୍ୟାଡାମ୍ ଆଉ ଆପଣଙ୍କୁ କଛି କହିବିନ । କନ୍ତୁ ପୁଣି ତା"ପର ଦିନ ସେହି ଏକାକଥା । ମାଡାମ ସତରେ ଆପଣ ଆଜି

ଭାରି ସୁନ୍ଦର୍ ଦିସୁଛନ୍ତି, ଆଜି ଏଇ ଡ୍ରେସ ଟା ନା ଆପଣ ଙ୍କୁ ଖୁବ୍ ମାନୁଛି । ଏମିତି ନତି ଦିନ ଦେଖା ସାକ୍ଷାତ ଓ କଥା କର୍ତ୍ତାରେ ଦୀର୍ଘ ଦୁଇ ବର୍ଷ କଟି ଗଲା କପରି ସମୟ ଜଣା ପଡିଲାନ ।

ଭଲ ଭାବେ ମନେ ଅଛି ଦିନକର କଥା ....ସେଦିନ ମୁଁ ଭଲ ପାଟ ଶାଢ଼ିଟିଏ ପିନ୍ଧି ପଥର ସେଟିଂ ସୁନା ହାର ଓ କାନ ର ଲଗାଇ ସଜେଇ ହୋଇ ବାହାରି ପଡ଼ିଥାଏ। ଚକସ୍ତା କେନ୍ଦ୍ର ରେ ନତି ଦିନଆ ସେବା କାର୍ଯ୍ୟ ସାରି ସେହି କେନ୍ଦ୍ର ରୁ ଏକା ଥରେ ଯିବି ମୋ ସାଙ୍ଗ ଭଉଣୀ ର ବାହାଘର ରେ ଯୋଗ ଦେବାକୁ । ମୁଁ ଚାଲିଥାଏ ରାସ୍ତା ରେ ସେ ଚଗଲା ଦୂରରୁ ଦେଖି ଆଁ କରି ଆଶ୍ଚର୍ଯ୍ୟ ନୟନ ରେ ଚାହିଁ ରହିଥାଏ ।

ମୁଁ ପାଖକୁ ଗଲା ମାତ୍ରେ ନମସ୍କାର ଟି ପକାଇ କହି ପକାଇଲା, ମାଡାମ୍ ଆଜି କଣ ଦିଶୁଛନ୍ତି !!!! ପୁରା ସ୍ୱର୍ଗ ର ପରୀ । ହେ, ହେ ଚଗଲା ତୁମକୁ ମାଡ଼ ଦରକାର । ହଁ ମାରନ୍ତୁ ପଛେ ମୋତେ କନ୍ତୁ ସତ କଥା ଆଜି ଆପଣଙ୍କ ପଛରେ ଚୋର ପଡି ଯିବେ ...ହଉ ହଉ ଚୋର ପଡନ୍ତୁ ତୁମେ କଛି ଚନ୍ତା କରନ ମୁଁ ପୋଲିସ କୁ ଡାକ ଦେବିନ...!!! ଏହା କହି ସ୍ମିତହାସ୍ୟଟିଏ ଦେଇ ମୋ କାମରେ ମୁଁ ଚାଲି ଗଲି ।

ତା"ପର ଦିନ ଠିକ୍ ସେହି ସମୟରେ ମୁଁ ଆସିଲା ବେଳକୁ ସବୁଦିନ ପରି ମୋତେ ଅପେକ୍ଷା କରି ଛିଡ଼ା ହୋଇଛି । ମୋତେ ଦେଖୁ ଦେଖୁ ମୋ ହାତକୁ ଏକ dairy milk ଚକୋଲେଟ ଟି ବଢାଇ ଦେଇ କହିଲା ମାଡ଼ାମ୍ ଆଜି ମୋର ଜନ୍ମଦିନ । ମୁଁ ଏକଥା ଶୁଣି ତାକୁ" ଜନ୍ମ ଦିନର ଶୁଭେଚ୍ଛା ଜଣାଇ, ଯେତିକ ଖୁସି ହୋଇଥିଲି, ବେଶି ଦୁଃଖିତ ହୋଇଥିଲି ଅଭିମାନ, ରାଗ ମିଶା ସ୍ୱରରେ ତାକୁ କହିଥିଲି ଆରେ ବେଟା ତୁମେ ମୋତେ କାଲି କହିଲନ କାହିଁକ? ତୁମ ପାଇଁ ମୁଁ କଛି ଗିଫ୍ଟ ଆଣି ଥାନ୍ତି, ମୁଁ ତୁମ ସହ ଆଜିଠୁ ଆଉ କଥା ହେବିନ । ମନ ଦୁଃଖ କରି କହିଲା ମ୍ୟାଡାମ୍ ସେମିତି କୁହନ୍ତୁ ନ । ଆପଣ ମୋ ସହ କଥା ନ ହେଲେ

ନା ! ମୁଁ ମରିଯିବି । ମୁଁ ତା' ମୁହଁରୁ ଏପରି ଅମଙ୍ଗଳଆ କଥା ଶୁଣି ଚମକ ପଡିଥିଲି, ତା"ପାଟିରେ ହାତ ଦେଇ ତାକୁ ଅଟକାଇ ଥିଲି...ସେ ଦିନ ମୋ ଆଖି ଛଳ ଛଳ ହୋଇ ଯାଇଥିଲା । ଅଜାଣତରେ ମୋ ଆଖିରୁ ଅଶ୍ରୁ ବୁନ୍ଦା ବୋହି ଆସିଥିଲା । ମୁଁ ଅନୁଭବ କରୁଥିଲି ସତରେ ସେ କେତେ ଭଲ ପାଏ ମୋତେ...!! ମୋ ପାଟିରୁ ବାହାରି ଆସିଥିଲା ସେମିତି କାଳ କଥା କୁହନ୍ତିନ ରେ ଚଗଲା....ଏହା କହୁ କହୁ ସେ କହି ପକାଇଲା ଆପଣ ସତ କୁହନ୍ତୁ ମୋ ସହ ଅପଡ କରି ବେନ ତ ? ଆରେ ବେଟା ନା "ରେ ବିଲକୁଲ୍ ନୁହେଁ

ମୋ ସୁନା ଗେହ୍ଲା ଚଗଲ୍ କୁ ଛାଡ଼ି କଣ ମୁଁ ରହି ପାରିବି **!!!!!** ଏହା କହି ତା ଗାଲ କୁ ଗେଲରେ ଟାଣିଦେଲା ଭିତରେ ଜାଣିଲି ତା" ଦେହ ଖୁବ୍ ତାତିଛି । ପଚ୍ଛରିଲି ଆରେ ତୋ ଦେହ କଣ ଏତେ ତାତିଛି **?**

କହିଲା ମ୍ୟାଡାମ୍ ମୋ ମୁଣ୍ଡ ଟିକେ ବିନ୍ଧୁଚ ଥଣ୍ଡା ଧରିଛି ତ, ସେଥିପାଇଁ ଦେହ ବୋଧେ ଉଷୁମ ଅଛି । ହଉ ତେବେ ଆସ ମୋ ସାଙ୍ଗରେ ସିଦ୍ଧ ଚକସ୍ସା କେନ୍ଦ୍ରକୁ । ସେଇଠି ତୁମକୁ **treatment** କରି ଦେବି ସଙ୍ଗେ ସଙ୍ଗେ ଭଲ ହୋଇ ଯିବ । କହିଲା ନାଇଁ ମାଡାମ ମୋର ଟିଉସନ୍ ଅଛି ତ ମୁଁ ଗଲେ ଡେରି ହୋଇଯିବ । ସାର ଗ୍ଭଗିବେ । ଆପଣ ଯାଆନ୍ତୁ ମୁଁ ମେଡ଼ିସିନ୍ ଦୋକାନ ରୁ ଗୋଟେ **crocin** କଣି ଖାଇଦେବି ଜର ଥଣ୍ଡା ସବୁ ଭଲ ହୋଇଯିବ। ଆପଣ ଚନ୍ତା କରନ୍ତୁ ନ । ମୁଁ କହିଲି ହଉ ଠିକ୍ ଅଛି । **Take care** ମୁଁ ଆସୁଛି ବେଟା । କହିଲା ମାଡାମ ଗୋଟେ କଥା କହିବି **?** ମୁଁ କହିଲି କଣ କୁହ **?** ଆପଣଙ୍କ ଫୋନ ନମ୍ବର ଟିକେ ଦେବେ । ମୁଁ କହିଲି ହଁ ଦେବିନ କାହିଁକ ରେ **..**ଏହା କହି ଭ୍ୟାନଟି ବ୍ୟାଗ୍ ରୁ କାଗଜ କଲମ ବାହାର କଲା ଭିତରେ ଆମ ଚକସ୍ସା କେନ୍ଦ୍ର ରୁ ଜଣେ ପେସେଣ୍ଟଙ୍କ ର ଫୋନ ଆସିଲା । ତେଣୁ ତାଙ୍କ ସହ କଥା ହୋଇ ହୋଇ ଗ୍ଭଲି ଆସିଲି । ତାକୁ କହିଲି କାଲି ଗୋଟେ କାଗଜ ରେ ଲେଖି ଆଣିଥିବି ନମ୍ବର୍ କାଲି ଦେବି । ସେ କହିଲା ହଉ ଠିକ୍ ଅଛି ।

ଏହା କହି ଆମେ ନଜ ନଜ କାମରେ ଗ୍ଭଲିଗଲୁ । ମୁଁ କେନ୍ଦ୍ରରୁ ଘରକୁ ଗ୍ଭତି ୮ ଟା ରେ ପହଞ୍ଚି ଦେଖେତ ମୋ ହଜବ୍ୟାଣ୍ଡ ଗେଟ୍ ପାଖରେ ମୋ ଆସିବା ବାଟକୁ ଖୁବ୍ ଉତ୍କଣ୍ଠାର ସହ ଗ୍ଭହିଁ ରହିଛନ୍ତି । ପହଞ୍ଚୁ ପହଞ୍ଚୁ କହି ପକାଇଲେ ହଁ ଶୁଣ ମୋର ଡେପୁଟେସନ ରେ ଦିଲ୍ଲୀ ଯିବାର ଅଛି ଅନିର୍ଦ୍ଦିଷ୍ଟ ସମୟ ପାଇଁ । ତେଣୁ ଜିନଷ ପନ୍ ପ୍ୟାକ୍ କର । ଆସନ୍ତା ସୋମବାରେ ଦିଲ୍ଲୀ ଯିବା । ଫ୍ଲାଇଟ୍ ଟିକେଟ ବି ହୋଇ ଯାଇଛି । ମୁଁ ଶୁଣି ଆଶଚର୍ଯ୍ୟଚକତ ହେଲି । ଆରେ ଏମିତି ହଠାତ ହଠାତ କଣ ଯେ**?** ଯାହା ବି ହେଉ ଅଫିସ ର ଆଦେଶକୁ ମାନବାକୁ ହେବ, ଦିଲ୍ଲୀ ଯିବାକୁ ହିଁ ପଡ଼ିବ । ସେହି ସମୟରୁ ହିଁ ମାନସିକ ଭ୍ଭବେ ପ୍ରସ୍ତୁତ ହେଲି ଦିଲ୍ଲୀ ଯିବା ପାଇଁ ।

ତା"ପର ଦିନ ଚଗଲାକୁ ଫୋନ ନମ୍ବର ଦେବି ଓ ଆମର ଦିଲ୍ଲୀ ଯିବା କଥା ଜଣାଇବି ବୋଲି ଏକ ଦ୍ୱନ୍ଦ ମନରେ ସନ୍ତାପି ହେଲି । ସେ ମୋ ଯିବା କଥାକୁ କପରି ଭ୍ଭବରେ ଗ୍ରହଣ କରିବ କ ନାହିଁ ବୋଲି ମନରେ ଅନେକ ଭ୍ଭବନା ଆସୁଥାଏ । ଯାହା ବି ହେଉ ସବୁଦିନ ପରି ଅପରାହ୍ନ ୪ ଟାରେ ବାହାରି ପଡିଲି, ମୋ କାର୍ଯ୍ୟ କ୍ଷେତ୍ରକୁ । ସେଦିନ ଦେଖିଲି ସବୁଦିନ ପରି ଚଗଲା ମୋତେ ଗ୍ଭହିଁ ସେଠି ଠିଆ ହୋଇ ନାହିଁ । ଗ୍ଭରିଆଡ଼େ ଆଖି ବୁଲେଇ, ଭଲ

ଭାବରେ ଦେଖି ନେଲି । ସେଦିନ ଆଉ ଚଗଲାର ଦେଖା ପାଇଲିନ । ଭାବିଲି ତା" ପର ଦିନ ଚଗଲା ସହ ଦେଖାହେବ ତାହା ବି ହେଲାନ । ଏମିତି ଅପେକ୍ଷାରେ ଅପେକ୍ଷାରେ ୫ ଦିନ କଟିଗଲା । ହେଲେ ତାକୁ ଦେଖା ନକରି ମୁଁ ଦିଲ୍ଲୀ ଚାଲିଗଲି । କିନ୍ତୁ ମନ ବହୁତ କଷ୍ଟ ହେଲା । ତାକୁ ମନରେ ଭାବି ଭାବି ଦିଲ୍ଲୀ ରେ କିଛି ବର୍ଷ କଟିଗଲା । ଅନେକ ସମୟରେ ତା"କଥା ମନେ ପଡେ । ଦିଲ୍ଲୀ ରୁ ଫେରିବା ପରେ ଭାବିଥିଲି, ମୋ ସ୍ନେହର ଚଗଲାକୁ ମୁଁ ପୁଣି ପାଇ ଯିବି । କିନ୍ତୁ ଆଜିଯାଏ ତାକୁ ଆଉ ପାଉନାହିଁ । ମୋ ଆଖିରେ ତା"ଦରୋଟି ହସ ଦିଶି ଯାଉଛି । ତା" ତୁଲ୍ ବୁଲିଆ ଚଗଲିଆ କଥା ମୋ କାନରେ ଯେମିତି ବାର ବାର ଶୁଭି ଯାଉଛି । ତା"ର ସେହି ହରୀହ ଚକ୍ଷୁ ପଟଲ୍ ର ଚାହାଣୀ ମୋ ସାମ୍ନାରେ ଯେମିତି ପ୍ରତି ମୁହୂର୍ତ୍ତରେ ନାଚ ଯାଉଛି **!!!** ।ଆବେଗ ଭରା ମନ ରେ ମୁଁ ତାକୁ ଅପେକ୍ଷା କରିଛି, ଚାହିଁ ରହିଛି । ହୃଦ ସ୍ପନ୍ଦନ ବଢ଼ି ଯାଉଛି, ମନର ଆଶଙ୍କା ବାର ବାର ଆନ୍ଦୋଳତ କରୁଛି ଆତ୍ମା କୁ । ତା"ର କିଛି ଅସୁବିଧା ହୋଇନ ତ **!!?**

ଆରେ ଚଗଲା ତୁ କୁଆଡେ ଗଲୁ ରେ **?** ତୋ ପ୍ରିୟ ମାଡ଼ାମ କୁ ଭୁଲି ତୁ କେମିତି ରହିଛୁ ରେ **...!!!** ତୋର ମନେ ପଡୁନ ମୋ କଥା **?** ମୋର କିନ୍ତୁ ତୋ କଥା ସବୁବେଳେ ମନେ ପଡୁଛି । ଏ ଆଖି ତୋତେ ସବୁଆଡେ ଖୋଜୁଛି, ଏ ସହରର ଗଳି କନ୍ଦି ରେ, ପ୍ରତି ଜାଗାରେ, ହେଲେ ତୁ ଦେଖା ଦେଉନୁ । କାହିଁକି ବା ଦେଖା ଦେବୁ **!!!** ତୁ କଣ ଆଉ ମୋତେ ମନେ ରଖିଥିବୁ **?** ତୁ ତ ଏବେ ବଡ ହୋଇ ଯିବୁଣି କଲେଜ ରେ ପାଠବୁଣି । କେତେ ସାଙ୍ଗ ସାଥିଙ୍କ ମେଳରେ ମିଶୁଥିବୁ ମଜା ମାଜଲିସ୍ କରୁଥିବୁ । ତୋ କିଶୋର

ମନରେ କେତେ ଚଗଲାମି, ଚପଳା , ଧସେଇ ପଶୁଥିବ **...**ତୋ ମନ ରେ କେତେ ନୂତନ ଶିହରଣ ଜାଗୁଥିବ, ପାଠ ପଢ଼ିବୁ, ଭଲ ଚାକରୀ କରିବୁ, କେତେ ବାସ୍ତବ ଅବାସ୍ତବ ସ୍ୱପ୍ନ ଭିତରେ ବୁଡ଼ି ରହି ଥିବୁ। ଫୁଲ ବଗିଚାରେ ପ୍ରଜାପତି ଙ୍କ ମେଳରେ ଘୂରି ବୁଲୁ ଥିବୁ **...**। ତୁ ବା କାହିଁ ମୋତେ ମନେ ପକେଇବୁ **!!!** ମୁଁ ତୋର କିଏ କି**?** ମୁଁ ଯଦି ତୋର ଆପଣାର ହୋଇଥାନ୍ତି ତୁ କିଣ୍ଟୋତେ ଭୁଲି ରହି ଥାନ୍ତୁ **?** ଆରେ ଏସବୁ ମୁଁ କଣ କହୁଛି ମ **!!!!** ମୁଁ ଆଜି ତୋ ସ୍ଥିତି ପରିସ୍ଥିତି କୁ ନେଇ ବହୁତ ଚିନ୍ତିତ **.....!!**

ଭାବୁଥିଲି ଦିଲ୍ଲୀ ରୁ ଆସିଲା ପରେ ତୋ ସହ ମୋର ନିଶ୍ଚୟ ଦେଖା ହେବ, ହେଲେ **...!**

ନା **!!** ଆଜି ଯାଏଁ ଦେଖା ହେଲା ନାହିଁ । ତୁ ଭଲରେ ଅଛୁ ତ ଚଗଲା **?** ମୋ ମନରେ ଆଜି ଅନେକ ପ୍ରଶ୍ନ ବାଚୀ **!!!!!** ସେଦିନ ତୋତେ ମୋ ଫୋନ ନମ୍ବରଟି ନଦେଇ

ଗ୍ଭଲିଗଲି ସେଥିପାଇଁ ମୋ ଉପରେ ଗ୍ଭଗିକ ଏତେ ବଡ଼ ନଷ୍ପତ୍ତି ନେଇ ଗଲୁ । ମୋତେ ଦେଖା ନ କରିବାର ସଙ୍କଳ୍ପରେ ରହି ଗଲୁ **?**

ନା ଆଉ କଛି **!!!!** ସତ ରେ ଚଗଲ୍ ମୁଁ ବହୁତ୍ ବଡ଼ ଦୋଷୀ ତୋ ପାଖରେ**....** ମୁଁ ଆଜି ହାରି ଯାଇଛି ରେ **!!!** ନଜକୁ କ୍ଷମା କରି ପାରୁନ**,** ସେଦିନ ଯଦି ତୋତେ ଫୋନ ନମ୍ବର ଟି ଦେଇ ଥାନ୍ତି**,** କମ୍ବା ତୋ ଫୋନ୍ ନମ୍ବର୍ ଟି ମୁଁ ରଖି ଥାଆନ୍ତି ତେବେ ଆଜି ମୁଁ ତୋତେ ଅନ୍ଧ ପରି ଚର୍ତୁଦିଗରେ ଅଣ୍ଡାଳ ବୁଲି ନଥାନ୍ତି ବର୍ଷ ବର୍ଷ ଧରି**....**ଏମିତି ମାୟା ଡୋରି ରେ ମୋତେବାନ୍ଧି ରଖିଥିଲୁ । ପୁଣି ଏମିତି ଭ୍ଭବରେ ସେ ଡୋରିର ବନ୍ଧନକୁ ଛିଡାଇ କୁଆଡେ ହଜି ଗଲୁ ତୁ**?**

ଆଜି ମୋ ମନରେ ଉଙ୍କି ମାରୁଛି ଅନେକ ପ୍ରଶ୍ନ **!!!** ତୁ କ ମାୟା ମୋ ସହ ଲଗେଇ ଥିଲୁ**,** କାହିଁକ ମୋତେ ଏତେ ଭଲ ପାଉଥିଲୁ**...** କ ସୁଖ ପାଉଥିଲୁ କ ଶାନ୍ତି ପାଉଥିଲୁ । ପୁଣି ହଠାତ୍ ଏମିତି ମୋତେ ପର କରି ମୋ ସହ ଲୁଚକାଳ ଖେଳଲୁ ଯେ ମୋତେ ଆଉ ଧର୍ଭ ଦେଲୁନ । ସାତ ପର କରି କୁଆଡେ ଲୁଚଗଲୁ । ମୁଁ ଆଖିରେ ଅନ୍ଧ ପୁଟୁଳ ବାନ୍ଧି ତୋତେ ଅଣ୍ଡାଳ ବୁଲୁଛି ବିଗ୍ଭଟ ପୃଥିବୀ ର କୋଣ ଅନୁକୋଣ । ତୁ ଯାହାକୁ ଏତେ ଭଲ ପାଉଥିଲୁ ଦିନେ ନ ଦେଖିଲେ ତୋ ପାଠ ପଢାରେ ଖାଇବା ପିଇବା ରେ ମନ ଲ୍ଭଗୁ ନଥିଲ୍ ବୋଲି**,** କେତେ ଥର କହିଥିବୁ ମୋତେ **!!** ତୁ ପୁଣି ତାକୁ କଛି ନ ଜଣେଇ କାହିଁକ ତା" ଠାରୁ ଦୂରେଇ ଗଲୁ **?** ଏବେ କେଉଁଠାରେ ଅଛୁ**,** କେମିତି ଅଛୁ **?** ତୁ ଠିକ୍ ଠାକ୍ ଅଛୁ ନା ଚଗଲ୍ **?** କେବେ ପୁଣି ଫେରି ଆସିବୁ ମୋ ପାଖକୁ ସେହି ମାୟା ଜାଲରେ ଛନ୍ଦି ଦେବା ପାଇଁ**..**ମୋତେ**.!!** ମୋ କୋହ ଭର୍ଭ ହୃଦୟରେ ପାଗଲିନ ପରି ଆପେକ୍ଷା କରିଛି ଆଦର ରେ କୋଳେଇ ନେବା ପାଇଁ ତୋତେ **!!!!**

ମୋ ସୁନା ଚଗଲ୍ ଟା ମୋ ଧନ ତୁ ମୋ ପାଖକୁ ଫେରି ଆ ରେ**.....**ତୋ ପ୍ରିୟ ମାଡାମ କୁ ଭୁଲି ତୁ କେମିତି ରହିଛୁ ରେ **?** ମୁଁ କଣ ତୋର ସେହି ସ୍ୱର୍ଗୀୟ ଅମୃତ ମୟୀ ମା"ର ସ୍ନେହ ଦେଇ ପାରିବିନ ତୋତେ**.....!!!! ?**

ଶ୍ୟାମପୁର, ଭୁବନେଶ୍ୱର

# ଶାରଦୀୟ ଅନୁଚିନ୍ତା



ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି

ମ୍ଳାନ ଆଜି ଶାରଦୀୟ ଶୋଭା
କୁମୁଦ ଓଠରୁ ହଜିଯାଏ ହସ;
ଭୂଲୁଣ୍ଠିତ-ଗଙ୍ଗଶିଉଳି
ଅକାଳରେ ପଡିଛି ଝାଉଁଳି
ନଦୀପଠା ଜଳାର୍ଣ୍ଣବ;
କାଶତଣ୍ଡୀ ଦିଶୁଛି ଉଦାସ ।
କରୋନାର ସଂକ୍ରମଣ
ଲୁଟିନେଲା ମାନବର ସୁଖ, ଶାନ୍ତି,
ହସ, ଖୁସି ବାଣ୍ଟୁଥିବା ପୂଜା, ପାର୍ବଣକୁ
ଅବସାଦ ମନ ନେଇ ମର୍ତ୍ତ୍ୟବାସୀ
କରିଛି ପ୍ରତୀକ୍ଷା;
ମହିଷା-ମର୍ଦ୍ଦିନୀଙ୍କର ଫେରିବା ପଥକୁ ।
ପୃଥିବୀର ଅଗଣିତ ନର
ମହାମାରୀ କରୋନାର ହୋଇଛି ଶିକାର;
ପାଉନ ନସ୍ତାର, କବଳରୁ ତାର;
ହରାଉଛି ଜୀବନଜୀବିକା;
ଆତ୍ମୀୟ-ସ୍ୱଜନଙ୍କ ମୃତ ଦେହ-
ପାରୁନାହିଁ ଛୁଇଁ;
ପାରୁନାହିଁ କରି ତାଙ୍କ ଶବକୁ ସତ୍କାର ।
ମୋ କୁଳର ଅଧିଷ୍ଠାତ୍ରୀ ଦେବୀ-
ଦୁର୍ଗତି-ନାଶିନୀ-ଦୁର୍ଗା-ମାଆ ମୋର,

ଦୁର୍ଦ୍ଦିନରେ କରୁଛି ପ୍ରୟାସ;
ମାଗୁଅଛି ଏହି ଭିକ୍ଷା,
ତୋ ସୃଷ୍ଟିକୁ କର ରକ୍ଷା,
କରୋନାକୁ କରି ମାତା! – ସମୂଳେ ବିନାଶ ।
ଘଣ୍ଟ ଘୋଡେଇ ରଖିଥା-ସମସ୍ତଙ୍କୁ;
ସୁରକ୍ଷିତ, ପ୍ରଶସ୍ତ ତୋ ପଣତ କାନରେ;
କଲ୍ୟାଣମୟୀ-ଜନନୀ! ଆଶିଷ-ଝରାଇଦିଅ-
ଅସହାୟ-ତୋ ସନ୍ତାନ ଶିରେ ।
ମନ୍ଦିର, ମସଜିଦ, ଗୀର୍ଜା ଶୂନ୍ୟ ଆଜି-
ଶୂନ୍ୟ ବିଦ୍ୟାଳୟ ପୁଣି ଶୂନ୍ୟ ଦେବାଳୟ;
ମଣିଷ ପାଉନ ଖୋଜି-କରୋନାର ପ୍ରତିକାର;
କରୋନାକୁ ରୋକିବାର ନିର୍ଦ୍ଦିଷ୍ଟ ଉପାୟ ।
ସୁଖ ଶାନ୍ତି ଭରି ଦିଅ ପୁନଷ୍ଚ ସୃଷ୍ଟିରେ;
ଆଶାର ବର୍ତ୍ତିକା ଜାଳଦିଅ
ମୃତ-ସଞ୍ଜିବନୀ କରୋଗୋ ! ସିଞ୍ଚନ;
ଭକ୍ତି-ପୂତ-ଚିତ୍ତେ ମୁହିଁ-କରେ ନିବେଦନ;
ଶାରଦୀୟ-ଅନୁଚିନ୍ତା କର ମୋ ପୂରଣ,
କବିତାର ଅର୍ଘ୍ୟ ମୁହିଁ ପାଦେ ତୋର କରୁଛି ଅର୍ପଣ ॥

ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ,
ରାଉରକେଲା, ଓଡିଶା

# ଭଗ୍ନ ଅଭିସାର



ଅଧ୍ୟାପକ ଶରତ କୁମାର ଦାସ

ଯାହା କଛି ବାକ ଅଛି
ଜଣା କ ଅଜଣା ଅବା ଶୁଣା କ ଅଶୁଣା
କହିଦିଅ କାନେ ମୋର
ଚୁପି ଚୁପି ଗୋପନରେ ଆସି
ପାଉଁଶିଆ ଲାଗିଲାଣି ଅନ୍ଧକାର
ଲିଭିଲେଣି ସରଗରେ ତାରା
ପାହିବାକୁ ରାତି ଆଉ ଅଳ୍ପ ବାକ ଅଛି।

ଯେତେ ମାନ ଅଭିମାନ ତୁମ
ଅଜାଡିଦିଅ ମୋ ହାତ ପାପୁଲିରେ
ସନ୍ତର୍ପଣେ ମିଠା ମିଠା ମଧୁର ଆଳପେ
ଯଦି କଛି ବାକ ଅଛି ଅବରୁଦ୍ଧ ଛାତି ତଳେ
କାହିଁକ ନା ସରିଲାଣି ବାଟ
ଲକ୍ଷ୍ୟସ୍ଥଳ ଧୀରେ ଧୀରେ ନକଟ ହେଲାଣି ।

ଝଡିଲାଣି ଫୁଲ ଗୋଟି ଗୋଟି
ବହିଲାଣି ଅଣଗୃଶ ବାଆ
ଭାଙ୍ଗିଲାଣି ବାଲିଘର
ଚୂନା ଚୂନା ସ୍ୱପ୍ନର ସମ୍ଭାର
ଢାଙ୍କିଲାଣି ଆଖି ପତା
କାହିଁ କେତେବେଳୁ
ଅୟୁତ ଯୁଗର ନଦ ସବାର ହେଲାଣି ।

ରଙ୍ଗ ଆଉ ମାଖ ନାହିଁ
ତୁଳୀ ଆଉ ଧର ନାହିଁ
ଦିଅ ନାହିଁ ଜୀବନ୍ୟାସ ନିର୍ଜୀବ ଚନ୍ଦ୍ରକୁ
ଚନ୍ଦ୍ରପଟ ଯେତେ ଦିଅ ଧୀରେ ଫିଙ୍ଗି
ସମୁଦ୍ରର ଉତ୍ତାଳ ନାଭିକୁ ।

ଲୋଡା ନାହିଁ ଆଉ ଗୋପନ ପ୍ରଣୟ
ଗୋପନ ବିଜୟ, ସିକ୍ତ ଅଭିସାର
ରାଗ ଅନୁରାଗ ହସ ଅବା ଲୁହ
ବେଳ ଆସି ଉଚ୍ଛୁର ହେଲାଣି ।

ଉଡିଲେଣି ପକ୍ଷୀ ଦଳ ଦଳ
ଫର୍ଚ୍ଚା ଫର୍ଚ୍ଚା ଦିଶିଲାଣି ପଥ
ପାରିବ ତ ଯଦି ରହିଯାଅ କ୍ଷଣେ
ଯିବା ଆମେ ସାଥୀ ହୋଇ
ପାହିବାକୁ ରାତି ଆଉ ଅଳ୍ପ ବାକି ଅଛି ।

ରାଜନୀତି ବିଜ୍ଞାନ ବିଭାଗ,
ବଡବିଲ ମହାବିଦ୍ୟାଳୟ, ବଡବିଲ, କେନ୍ଦୁଝର

# ସହିଦ ସଲାମ



ହେମନ୍ତ ଦାଶ

ସ–ସହସ୍ର ଜନ୍ମର କୋଟି ପୁଣ୍ୟ ଫଳେ
ହେଲ ତୁମେ ସଇନକ,
ଜନମ ଭୂଇଁର ସେବାବ୍ରତୀ ହେଲ
ରଖିଲ ତାହାରି ଟେକ ।

ଲା-ଲାଟ ଠାରୁ ବଡ ଜିତିଅଛ ଗଡ
ଭାରତ ମାତାର ସୁତ,
ତବ ବଳଦାନ ଅମର ରହିବ
ଘେନ କୋଟି ପ୍ରଣିପାତ ।

ମ-ମନେ ଗର୍ବ ବହି ପ୍ରତିକାନେ କହି
ଦେଉଅଛୁ ଶ୍ରଦ୍ଧାଜଳ,
ତୁମରି ବୀରତ ହେବ ଗୁଞ୍ଜରିତ
ଯିବୁନାହିଁ କେବେ ଭୁଲି ।

ସ-ସମର୍ପଣ ଭାବେ ସମର୍ପି ଦେଲ ହେ
ମାତୃ ଚରଣରେ ମଥା,
ତୁମରି ଗାରିମା ଗଗନେ ପବନେ
ଗାଉଅଛି ଦେଖ ଗାଥା ।

ହି-ହିମାଳୟ ଠାରୁ ଆକନ୍ୟା କୁମାରୀ
କରେ ବୀରତ୍ୱର ଗାନ,
ମାତୃଭୂମି ପାଇଁ ହସିହସି ତୁମେ
ଦେଇଦେଲ ବଳଦାନ ।

ଦ-ଦରଶନ ଦିଅ ପୂଜିବି ତୁମକୁ
ହୃଦ ସିଂହାସନେ ଥୋଇ,
ଦିନାନଶି ତବ ପୟର ସେବିବି
ଭକତି ସୁମନ ଦେଇ ।

ସଂପାଦକ ସମ୍ବାଦ ସାହିତ୍ୟ ଘର,
ଗୁଡଭେଲା, ତୁଷୁରା, ବଲାଙ୍ଗିର

# ପାୟୋଜୀ ମୈନେ
# ରାମରତନ ଧନ ପାୟୋ

......



ଆରତୀ ସାହୁ (ଆଶା)

ପାଦଟା ଥମକ ଯାଏ ଅଜିତର । ବହଳଆ ହେଜଘେରା ସେ କ୍ୱାର୍ଟର ସାମନାରେ ତାର ସାଇକଲ ପେଡାଲ ମାରିବା ଅଟୋମେଟିକ ବନ୍ଦ ହେଇ ଯାଏ । ଜାଣି ଜାଣି ପଛୁଆ ପେଡାଲ ମାରେ ସିଏ ସତେ ଯେମିତି ସାଇକଲଟା ବ୍ୟାକ୍ ଗ୍ଲିଚ୍ । ବ୍ୟାକ୍ ଗ୍ଲୁ କ ନଗ୍ଲୁ ଚେନଟା ବେଳେବେଳେ ତାର ମନଃସ୍ଥିତିକୁ ବୁଝି ପାରେ କ କଣ ଖସି ଯାଏ ସେହି ଉଜ୍ଜ୍ୱଳ ଗୋଲାପି କାଗଜଫୁଲ ଛାଉଣୀ ଲୁହା ଗେଟ୍ ପାଖରେ ।

ଚେନ୍ ଲଗାଉ ଲଗାଉ ତୀର୍ଯ୍ୟକ ନଜରଟାଏ ଅବଶ୍ୟ ପ୍ରକାଶର ସରଳରେଖା ନିୟମ ପାଳନ କରି ପଶିଯାଏ ଇଟାପକା ରାସ୍ତାରେ । ତା ପରେ ଆଉ ଭିତରକୁ ଭେଦିବା ପାଇଁ କିଛି ନିୟମ ଏଯାଏଁ ଉଦ୍ଭାବନ ହେଇ ନାହିଁ । ମୋଟା ଶାଳକାଠର ବନ୍ଦ ଦରଜା ସେପାଖର ଦୃଶ୍ୟ ଦେଖିବା ପାଇଁ ନା ତ ଅଜିତ ଅଦୃଶ୍ୟ ହେଇ ପାରିବ ନା ସେ କାଠ ଦରଜାଟା । ଶବ୍ଦ ଭେଦ କରି ପାରେ ସବୁ ଜିନିଷକୁ । କାଠ ଦରଜା, ସିମେଣ୍ଟ କାନ୍ଥ, କାନର ସୂକ୍ଷ୍ମ ପରଦା ଆଉ ସୂକ୍ଷ୍ମତର ମନର ପରଦା ବି । ସେଇଟା ଏବସଲ୍ୟୁଟ୍ । ଧ୍ୱନିର ସୂକ୍ଷ୍ମ ତରଙ୍ଗ ସମସ୍ତ ସ୍ଥୁଳତାକୁ ଭେଦି ଅଜିତର କାନରେ ଅମୃତ ଭାଣ୍ଡ ଅଜାଡ଼ି ଦିଏ । ସେଇଠି ଅଜିତ ହୋଇଯାଏ ସମାଧିସ୍ଥ । ପାଲଟିଯାଏ ଛାତ୍ରରୁ ଯୋଗୀ । କାୟାରୁ ଛାୟା ।

ନାରୀକଣ୍ଠର ମଧୁର ସଙ୍ଗୀତ ଆଳାପ ମଗ୍ନ କରେ ତାକୁ । କଳ୍ପନା ରାଜ୍ୟକୁ ନେଇଯାଏ କିୟତ୍ କ୍ଷଣ ସକାଶେ ।

"ମେରେ ତୋ ଗିରିଧର ଗୋପାଲ ଦୂସରୋ ନ କୋଇ ....'

ଅଜିତ ଭାବେ ସେ ନିଜେ ସେହି ଗୋପାଲ୍ । ଆଉ ସେ ଶ୍ରୁତିମଧୁର ସ୍ୱରଟା ହେଇଥିବ କି ରାଧା ?

ଆଜି ପର୍ଯ୍ୟନ୍ତ ସେହି ସ୍ୱରଟିର ଉତ୍ପତ୍ତିକୁ ଆବିଷ୍କାର କରି ପାରି ନାହିଁ ସେ ।

- ମାଆ, ମୁଁ ଗୀତ ଶିଖିବି ।

ମାଆ ଗ୍ୱହିଁଲେ ଟିକେ ଅବିଶ୍ୱାସ ଭରା ଦୃଷ୍ଟିରେ । ହଠାତ ଏହି ଅଭିନବ ଇଚ୍ଛା ? ତାଙ୍କର ଇଚ୍ଛା ଥିଲେ ମଧ କେବେ ତାକୁ କହି ନାହାନ୍ତି । ନିଜର ଇଚ୍ଛା ଅନିଚ୍ଛାକୁ କେବେହେଲେ ଅଜିତ ମୁଣ୍ଡରେ ଥୋପିବାକୁ ଗ୍ୱହିଁ ନାହାନ୍ତି କେବେ । ଅବଶ୍ୟ ତାଙ୍କ ମନରେ ଗୋଟିଏ ହଜିଯାଇଥିବା ସୂକ୍ଷ୍ମ ବୀଣାର ତନ୍ତ୍ରୀଟିଏ ଝଂକୃତ ହେଉଥାଏ ଅହରହ । ସେହି ଝଂକାର ସମୟେ ଅସମୟେ ବୋହିଆସେ ଆଖିକୋଣରୁ ଅନାୟାସରେ ।

- ଗୋଟିଏ ହାର୍ମୋନିୟମ ଦରକାର ।

ଅଜିତ ଦେଖି ପାରିଲା ନାହିଁ ମାଆଙ୍କ ଆଖିର ବନ୍ୟା, ବନ୍ଧ ଭାଙ୍ଗିବା ପୂର୍ବରୁ ଆଖିର ପଲକ ଲୁହଧାରକୁ ସାଉଁଟି ନେଇଥିଲା ଅତି ଯତ୍ନର ସହିତ ।

ତା ପରଦିନ ସକାଳୁ ମାଆ ସଫା କରୁଥିଲେ ଗୋଟିଏ ପୁରୁଣା ହାର୍ମୋନିୟମକୁ ।

ଅଜିତ ଖୁସି ହେଇ ଯାଇଥିଲା ।

- ଏଇଟା ହେଉଛି ତୋ ବାବାଙ୍କ ହାର୍ମୋନିୟମ । ମୁଁ ଭାବିଥିଲି ତୋ ବାବାଙ୍କ ଜିନଟା ବୋଧେ ଦୁର୍ବଳଆ ହେଇ ତୋ ଭିତରର ଜେନେଟିକ କୋଡକୁ ଅଲଗା କରି ଦେଇଛି ।

- ମୋତେ ତ କେବେ ଦେଖେଇ ନଥିଲୁ ।

- ତୁ କେବେ ଏମିତି ଇଚ୍ଛାଟିଏ କରିଥିଲୁ କି ?

ଅଜିତର ବାବା ରାଉରକେଲା ଷ୍ଟିଲ ପ୍ଲାଣ୍ଟରେ କାମ କରୁଥିଲେ । ଏକ ମର୍ମନ୍ତୁଦ ଦୁର୍ଘଟଣାରେ ତାଙ୍କର ମୃତ୍ୟୁ ହୋଇଥିଲା । ବ୍ଲାଷ୍ଟ ଫର୍ନେସର ସର୍ବଗିଳା ଗର୍ଭରେ ଗଳିପଡ଼ିଥିଲେ ସେ । ଲୁହାକୁ ପାଣି କରିଦେଉଥିବା ଅଗ୍ନି ତାଙ୍କ ଶରୀରକୁ ବି ଗଳାଇ ଦେଇଥିଲା ଆଖି ପିଛୁଳାକେ। ତାଙ୍କର ଅସ୍ଥି ଖଣ୍ଡେ ବି ମିଳି ନଥିଲା । ସେତେବେଳେ ଅଜିତ ଦୁଇବର୍ଷର ଅଜ୍ଞାନ ଶିଶୁ ଥିଲା । ମାଆଙ୍କୁ କମ୍ପେସନେଟ ଗ୍ରାଉଣ୍ଡରେ ନର୍ସ ଚାକରୀ ମିଳିଥିଲା ଆଇ ଜି ଏଚ୍ ରେ । ସେକ୍ଟର ପନ୍ଦରର କ୍ୱାର୍ଟର ମଧ ରିଟେନ୍ ହେଇଥିଲା ମାଆଙ୍କ ନାମରେ । ଜେଜେମାଆ ବାପାଙ୍କୁ ଝୁରିଝୁରି ବର୍ଷ ଦୁଇଟାରେ ତାଙ୍କର ପଥ ଅନୁସରଣ କରି ସଂସାର ଛାଡ଼ିଲେ । ସେହି ଦିନଠାରୁ ମାଆପୁଅଙ୍କ ଛୋଟ ସଂସାର ନାବଟି ଭାସି ଚାଲିଛି ସୁଖ ଦୁଃଖ ଦୁଇକୂଳ ମଧରେ ସ୍ଥିର ହୋଇ । ପରିସ୍ଥିତି ସହ ସାଲିସ କରି ।

ଅଜିତ ଇସ୍ପାତ କଲେଜର କଳା ବିଭାଗରେ ଇଣ୍ଟରମିଡିଏଟ୍ ଛାତ୍ର । ସେକ୍ଟର ସତରରେ ରହୁଥିବା ତାର ସାଙ୍ଗ ସହିତ ସିଏ କଲେଜ ଯାଏ । ଆଉ ସେହି ସେକ୍ଟର ସତରର ଏଗାର ନମ୍ବର କ୍ୱାର୍ଟରଟି ତାର ପ୍ରେରଣାସ୍ଥଳ ବନିଯାଏ ଗୋଟିଏ ଦୁର୍ବଳ ମୁହୂର୍ତ୍ତରେ । ବୀଣାଜିଣା

କଣ୍ଠସ୍ୱରର ଇନ୍ଦ୍ରଜାଲରେ ଛନ୍ଦିହୋଇ ତାର ଲୁପ୍ତ ସୁପ୍ତ ଇଚ୍ଛା ବଳବତ୍ତର ହୁଏ । ବାବାଙ୍କର ଗୁଣସୂତ୍ର କଡ଼ ଲେଉଟାଏ ।

ସେ ଆଡମିସନ୍ ନଏ ଭଞ୍ଜଭବନରେ ଚାଲିଥିବା ସଙ୍ଗୀତ କ୍ଲାସରେ । ରିଆଜ କରେ ଦିନରାତି । ନିଜକୁ ତଉଲେ ସେହି କଣ୍ଠସ୍ୱର ସହିତ । କଛିଟା ଇନ୍ଦ୍ରଧନୁଷୀ ଯୁଗଳବନ୍ଦୀ କରେ କଳ୍ପନାରେ । ଫିଲୋସଫିରେ ପୋଷ୍ଟ ଗ୍ରାଜୁଏଟ୍ ହେବା ସହିତ ସଙ୍ଗୀତ ବିଶାରଦ ପରୀକ୍ଷାରେ ସମ୍ମାନର ସହିତ ପାଶ୍ କରେ ।

ଏତେ ବର୍ଷର ଏହି ସାଧନାରେ କିନ୍ତୁ ତାର ଚରାଚରିତ ପଥ ବିସ୍ମୃତ ହୁଏ ନାହିଁ । ସେକ୍ଟର ପନ୍ଦରରୁ ଇସ୍ପାତ କଲେଜ, ସେକ୍ଟର ପନ୍ଦରରୁ ଭଞ୍ଜଭବନ, ଏହା ହିଁ ତ ତାର ସାଧନାପଥ। ସେକ୍ଟର ସତରର ସେହି ଏଗାର ନମ୍ବର କ୍ୱାର୍ଟରଟା ତାର ସାଧନା ମନ୍ଦିର । ତାର ସଫଳତାର ରହସ୍ୟ ।

ବର୍ତ୍ତମାନ ସିଏ ସେହି ଇସ୍ପାତ କଲେଜରେ ଆଡ ହକ୍ ଫିଲୋସଫି ଲେକ୍ଚରର୍ ସହିତ ସଙ୍ଗୀତ ଶିକ୍ଷକ । ସଙ୍ଗୀତ କ୍ଷେତ୍ରରେ ତାର ଖ୍ୟାତି ଓଡ଼ିଶା ଟପି ଅନ୍ୟାନ୍ୟ ରାଜ୍ୟକୁ ବ୍ୟାପି ଯାଇଛି । ମାଆ ଅଜିତ ଠାରେ ଦେଖନ୍ତି ତାର ବାବାଙ୍କୁ । ଦାରିଦ୍ର୍ୟର କଷାଘାତରେ ଯିଏ ନିଜର ଇଶ୍ୱରଦତ୍ତ ପ୍ରତିଭାକୁ ପୁଷ୍ପିତ କରି ପାରି ନଥିଲେ । ସଙ୍ଗୀତ ପ୍ରତି ପ୍ରବଳ ଦୁର୍ବଳତାକୁ ଚପେଇ ବିତାଇଦେଲେ ତାଙ୍କର ସମସ୍ତ ମଧୁମୟ ବସନ୍ତ । ଭାବିଥିଲେ ସମୟ ଯାଇନାହିଁ, ଜିଇବେ ସିଏ ବି ଦିନେ ନିଜ ଇଚ୍ଛା ଅନୁସାରେ । ଚାକରୀ ପାଇବା ପରେ ପଇସା ସଞ୍ଚି କିଣିଥିଲେ ଏହି ହାରମୋନିୟମଟି । ନିଜର ଅଧ୍ୟବସାୟ ବଳରେ ଆୟତ୍ତ କରିଥିଲେ ସପ୍ତସ୍ୱରୀ । ସ୍ୱର ସଙ୍ଗମ କରୁଥିଲେ ହାରମୋନିୟମର ତାଳେ ତାଳେ । କଛି ଓଡ଼ିଶୀ, ଶାସ୍ତ୍ରୀୟ ସଙ୍ଗୀତ ଧୁନ ବାହାର କରି ପାରୁଥିଲେ ହାରମୋନିୟମ କି-ବୋର୍ଡରେ । ଅଜିତର ମାଆଙ୍କୁ ଓ ଜେଜୀଙ୍କୁ ଦର୍ଶକ ଦୀର୍ଘାରେ ବସେଇ ଆତ୍ମହରା ହେଉଥିଲେ ଖୁବ । କହୁଥିଲେ ସେ ପ୍ରଥମ ପାହାଚରେ କିନ୍ତୁ ଅଜିତକୁ ସ୍ଥାପିତ କରିବେ ସର୍ବୋଚ୍ଚ ପାହାଚରେ ।

କିନ୍ତୁ ହାୟ !!!

ସ୍ୱପ୍ନ ଦରଖଣ୍ଡିଆ ହେଇଯାଏ ବେଳେବେଳେ । ସ୍ୱପ୍ନ ଧରା ଦିଏନା ସମସ୍ତଙ୍କ ହାତରେ । ତାଙ୍କର ସ୍ୱପ୍ନ ବି ଅଧାରେ ରହିଲା ।

ମାଆ ଆଜି ଅଜିତ ପାଇଁ ଗର୍ବିତା । ତାର ବାବାଙ୍କର ସ୍ୱପ୍ନର ଦରଗଢ଼ା କାନ୍ଥରେ ଇଟା ଖଞ୍ଜି ଠିଆ କରିଛି ସମ୍ପୂର୍ଣ୍ଣ ଏକ ସୁରମ୍ୟ ଅଟ୍ଟାଳିକା ।

ସେଦିନ କଲେଜରେ ଏଡମିସନ ପାଇଁ ଫର୍ମ ସବୁ ଦେଖିବାର ଦାୟିତ୍ୱ ପ୍ରିନ୍ସିପାଲ୍ ଦେଇଥିଲେ ଅଜିତକୁ । ଗୋଟିଏ ଫର୍ମର ଠିକଣାରେ ତାର ଦୃଷ୍ଟି ଅଟକଗଲା । ସେକ୍ଟର- **17,** କ୍ୱାର୍ଟର ନମ୍ବର **- 11** । ଝିଅଟିଏ ।

ହୃଦୟର ସ୍ପନ୍ଦନ କ୍ଷୀପ୍ରତର ହେଲା । ଦେହ ମନ ଭିଜି ଯାଉଥିଲା । ବିଷୟରେ ଝିଅଟି ମଧ୍ୟ ଫିଲୋସଫି ଭରିଛି । ନାମଟି ଟିପି ରଖିଲା । ପିଆଲୀ ଘୋଷ । ବଙ୍ଗାଳ ।

ଇଣ୍ଟରମିଡିଏଟ୍ ପ୍ରଥମ ଫିଲୋସଫି କ୍ଲାସ । ଅଜିତ କମ୍ପମାନ ହୃଦୟ ନେଇ ଆଟେଣ୍ଡେନ୍ସ ଡାକଲା ।

- ପିଆଲୀ ଘୋଷ ।

- ୟେସ୍ ସର୍ ।

ଅତ୍ୟନ୍ତ ସୁନ୍ଦରୀ ଓ ଚୁଲବୁଲି ଝିଅଟିଏ । ଫଡ଼ଫଡ଼ ହେଉଥାଏ ଖୁବ୍ । ହେଉ ନହେଉ ତାର ସାଧନାଦାନ୍ତୀ ନିଶ୍ଚିତ ୟାର ବଡ଼ ଭଉଣୀ ହେଇଥିବ । କ୍ଲାସ ପରେ ସେ ଅଟକାଇଲା ଝିଅଟିକୁ ।

- ଗୀତ ବୋଲ ତୁମେ **?**

- ନା ସାର୍ । **I am not interested at all.** ଆପଣ ବି ଶିଖେଇ ପାରିବେ ନାହିଁ ମୋତେ । ମୋର ଟୋନ ହିଁ ମୋ ବାପାଙ୍କ ଭଳିଆ ।

ସତକୁ ସତ ତାର ତାର କଣ୍ଠ ଟିକେ ମସ୍କୁଲାଇନ୍ । ପ୍ରଗଲ୍ଭା ମଧ୍ୟ ।

- ଆଚ୍ଛା **?** ତାହେଲେ ତୁମ ଘରୁ ଯେଉଁ ଗୀତ ଶୁଣାଯାଏ **?** ସିଏ କଣ ତୁମ ବଡ଼ ଭଉଣୀ**?**

- ଆପଣ ସାର୍ ତେବେ ଡିଟେକ୍ଟିଭ ମଧ୍ୟ । ଆପଣ ଆସନ୍ତୁ ଆମ ଘରକୁ ରବିବାର ଦିନ ।

ଅଜିତର ପ୍ରଶ୍ନର ଉତ୍ତର ନଦେଇ କେଜାଣି କଣ ପାଇଁ ରହସ୍ୟମୟୀ ହୋଇ ଏ ଅବାନ୍ତର ନିମନ୍ତ୍ରଣ ଦେଇ ଏଇ କଥାଟି କହିଲା ଓ ସେମିତି ତାକୁ ରହସ୍ୟ ମଧ୍ୟରେ ରଖି ଧାଇଁ ପଳାଇଲା ।

ବଙ୍ଗାଳ ଝିଅ ଭାରି ସ୍ମାର୍ଟ । ଭାବିଲା ଅଜିତ ।

ରବିବାର ପର୍ଯ୍ୟନ୍ତ ଅଜିତର ସମୟ ବହୁତ ଉତ୍କଣ୍ଠାରେ ବିତିଲା । ପିଆଲୀର ଆଉ କ୍ଲାସ ମଧ୍ୟ ନଥିଲା ଏ ମଧ୍ୟରେ । ଆଉ ସେ ଧରା ମଧ୍ୟ ଦେଲାନାହିଁ ।

ମାଆ କେତେ କହିଲାଣି ବିବାହ ପାଇଁ ହେଲେ ଅଜିତ ଟାଳୁଛି ଗୂଢ ରହସ୍ୟ ରଖି । ଚଉତିରିସ ବର୍ଷ ହେଲାଣି ତାକୁ ।

ମାଆ ବେଶି ବିରକ୍ତ କଲେ ହସିଦେଇ କୁହେ ହାର୍ମୋନିୟମ ଦେଖାଇ ।

- ଏଇ ପରି ତୋର ବୋହୁ । ଇଆରି ପ୍ରେମରେ ପଡ଼ି ମୁଁ ଆଜି ଏତେ ଉଚ୍ଚରେ । ଅନ୍ୟ କଏ ଆସିଲେ ଇଆର ସପତଣୀ ହେବ ଯେ । ଆଉ କଣ ମୋର ସାଧନା ହେଇ ପାରିବ?

- ଯାଚ୍ଛାତା କର । ମୁଁ ମଲେ ବୁଝିବୁ ଯେ । ତ୍ରିପାଠୀ ମଉସା କେତେଥର କହିଲେଣି । ସବିତା ତ ସର୍ବଗୁଣ ସମ୍ପନ୍ନା ଝିଅଟିଏ । ତାର ବି ଇଚ୍ଛା ଅଛି ।

- ଆଚ୍ଛା , କାହିଁ ମୋତେ ତ କହିନ କେବେ ।

- ହୁଶ୍ । କରୁଥା ଥଟ୍ଟା । ମୁଁ ମଲେ ବୁଝିବୁ ଯେ ।

ରବିବାର ଦଶଟା ବେଳେ ତାର ଚର ଇପ୍ସିତ ଗେଟକୁ ସ୍ପର୍ଶ ମାତ୍ରକେ ସାରା ଶରୀରରେ ବିଜୁଳର ଶୀହରଣ । ମସ୍ତିଷ୍କରେ ବିଗ୍ସର ସବୁଆଡ଼। ତିରଛା ଧୂମାକୁସ୍ତା ହେଉଥାନ୍ତି । ଭିତରୁ ତାର ସାଧନାମୟୀର କଣ୍ଠସ୍ୱର ବିବ୍ରତ ସହିତ ଆଶ୍ୱସ୍ତ କରୁଥାଏ ତାର ଉତ୍କଣ୍ଠିତ ମନକୁ ।

"ଆମାର ଶାଦ ନା ମିଟିଲୋ ଆଶା ନା ପୁରିଲୋ, ଶକଲେ ପୁରାଏ ଯାୟ ମା ......"

ପିଆଲୀର ବଡ଼ ଭଉଣୀ ତାରି ଭଳି ସୁନ୍ଦରୀ ହେଇଥିବ ନିଶ୍ଚିତ । ନହେଲେ ବି କଛି କଥା ନାହିଁ । ହୁଏତ ସୁନ୍ଦରୀ ନହୋଇ ଥାଇପାରେ । ନହେଲେ ଏତେଦିନ ପର୍ଯ୍ୟନ୍ତ ଅବିବାହିତା? ହଁ ସେଇଆ ହେଇଥାଉ । ବିବାହ ପାଇଁ କଣ ତାଙ୍କ ଘରେ ମନା କରିବେ ? ନା ନା, ଅଜିତକୁ ଜାମାତା କରିବା ପାଇଁ କେତେ କେତେ ଲୋକ ଆଗ୍ରହୀ । କେତେ ଝିଅଙ୍କ ପ୍ରେମପତ୍ର ମାଆ ପଢ଼ି ପଢ଼ି ହସେ ।

କଲିଂବେଲ୍ ଟିପୁ ଟିପୁ ସେ ସମ୍ମୋହିତ ହେଇଯାଏ ତାର ଅଧିଷ୍ଠାତ୍ରୀର କଣ୍ଠସ୍ୱର ଶୁଣି,- ପିଆଲୀ, ଦେଖ୍ ତୋ କେ ଏଶେଛେ ।

ପିଆଲୀ କବାଟ ଖୋଲି ଟିକେ ଖେଳାଲ୍ ପରି ଏପଟ ସେପଟ ହେଇ ତାକୁ ବାଟ ଛାଡ଼ିଲା ନାହିଁ ।

ଏକ କୋମଳ ମଧୁର ଭର୍ତ୍ସନା, - ଏ କ ହୋଚ୍ଛେ , ବୋଲ ତୋ ? ଦୁଷ୍ଟୁ, ପାଜି ।

ଭିତରେ ସଙ୍ଗୀତର ଆସର । ବିଭିନ୍ନ ବାଦ୍ୟଯନ୍ତ୍ର ମଧ୍ୟରେ ମହିୟସୀ ମହିଳା ଜଣେ । ଅଜିତର ଆଖି ତନ୍ନ ତନ୍ନ ଖୋଜିଗଲା ସବୁଆଡ଼କୁ ଦୃଷ୍ଟିର ଡୋମେନରେ । ତାହେଲେ କଣ ........

ପିଆଲୀ ପରିଚୟ କରାଉଥିଲା ।

- ଇଏ ହେଉଛନ୍ତି ମୋର ଗାୟିକା ମା, ଆଉ

- ମା , ଏ ହୋଚ୍ଛେନ୍ ଆମାଦେର୍ ଫିଲୋସଫି ଲେକ୍ଚରର୍  ଆର୍ ମ୍ୟୁଜିକ ଟିଚର, ପ୍ରଶିଦ୍ଧ ଶ୍ରୀ ଅଜିତ କୁମାର ଆଗ୍ରର୍ଯ୍ୟ ।

ଆକାଶରୁ ଖସି ପଡ଼ିଲା ପରି ଅନୁଭବ ହେଲା । ଦୁନଆରେ ଆଶ୍ଚର୍ଯ୍ୟ ଜନକ ଅନେକ କଛି ଘଟେ । ହର୍ଷ ଶୋକ ଉଭୟ ଭାବନାରୁ ଊର୍ଦ୍ଧ୍ୱକୁ ଉଠି ଯାଉଥିଲା ଅଜିତ ।

ଭଦ୍ର ମହିଳାଙ୍କର ପଦସ୍ପର୍ଶ ପୂର୍ବକ ଅଭିବାଦନ କଲା ଅଜିତ । ତା ହାତରେ ସେହି ପୂର୍ବ ଗୁଞ୍ଜଲ୍ୟକର ଶିହରଣ । କନ୍ତୁ ତାହା ନଶ୍ଚୟ  ଏକ ପ୍ରେରଣାଦାୟିନୀ ଦେବୀଙ୍କ ପଦସ୍ପର୍ଶ ଜନତ । ଯାହାଙ୍କ ସ୍ୱରକୁ ଅନୁସରଣ କରି ସେ ଆଜି ପ୍ରତିଷ୍ଠିତ ସେ ତ ଦେବୀ ଆସନରେ ହିଁ  ଅଧିଷ୍ଠିତ ହେବେ ନା ।

ସେ ବୁଝି ଯାଉଥିଲା ପ୍ରକୃତ ପ୍ରେମର ପ୍ରଭାବ ସବୁବେଳେ ସକାରାତ୍ମକ ।

ପ୍ରତ୍ୟାବର୍ତ୍ତନ ସମୟରେ ଫିଆଟ୍ କାରର ଗତି ସହିତ ତାର ମନ ମଧ୍ୟ ଏକ ସଳଖ ରେଖାରେ ଗତି କରୁଥିଲା । ମସ୍ତିଷ୍କର ସେହି ଆଡ଼। ତିରଛା ଭାବନା ମାନେ ମିଶି ଛବିଟିଏ ତିଆରି କରୁଥାନ୍ତି ।

ସେ ଛବିଟି ତ୍ରିପାଠୀ ମଉସାଙ୍କ ସୁନ୍ଦରୀ ଝିଅ ସବିତାର ବୋଧେ ।

ବସନ୍ତ ବିହାର, ନୂଆ ଦିଲ୍ଲୀ

# ପୀତବାସଙ୍କ ସ୍ମୃତିରେ



ସନାତନ ମହାକୁଡ

ଶିକ୍ଷା ସାହିତ୍ୟର ଜାଗ୍ରତ ପ୍ରହରୀ
ଗ୍ଭଲିଗଲ ଶୂନ୍ୟହସ୍ତେ
ଜୀବନ ପ୍ରଦୀପ ଲିଭିଗଲା ତୁମ
ସଂସାରର ମଧ୍ୟ ରାସ୍ତେ ।
ଝୁରେ ନଶିଗନ୍ଧା ଝୁରେ ପରିବାର
ଝୁରନ୍ତି ସୃଷ୍ଟି ଓ ସ୍ରଷ୍ଟା
ନୀରବରେ ତୁମ ନୀରବି ଗଲହେ
ପାଲଟି ନୀରବ ଦ୍ରଷ୍ଟା ।
ପୀତବାସଙ୍କର ବାସ ମିଳିଗଲା
ଶରଗପୁରରେ ସିନା
ପତ୍ନୀ ପରିବାର ସାହିତ୍ୟ ସମାଜ
ହୋଇଗଲେ ଆନମନା ।
ଏ ଓଡିଆ ଜାତି ଭୁଲି ପାରିବନ
ତବ ତ୍ୟାଗ ସେବାକର୍ମ
ନଶିଗନ୍ଧା କେବେ ପାସୋରି ଦେବନ
ପାଳିବାକୁ ତାର ଧର୍ମ ।

ବେରୁଆଁବାରୀ, ନୟାଗଡ, ଓଡିଶା

# ନିର୍ବାଣ



ସମ୍ୟଜିତ ପାତ୍ର

ଜନନୀଠାରରୁ ଏମର୍ତ୍ତ୍ୟ ମଣ୍ଡଳେ
ଜନମ ସିନା ପାଇଲି।
ନିଜେ କଏ ବୋଲି ନ ଜାଣି ପାରି
ମୋହ ମାୟାରେ ବାଇୟା ହୋଇଲି ।

ଧନ ସମ୍ପତ୍ତିର ମୋହରେ ପଡି
ମାୟାରେ ହୋଇଛି ବନ୍ଦୀ,
ଛାଡିଣ ସଂସାର ଗଲ୍‌ବେଳେ
କେହି ପାରିବେନି ଛନ୍ଦି।

ଆସିଅଛି ଏକା ଯିବି ଏକା
ସାହା କଏ ହେବେ କାହିଁ,
ପୁତ୍ର, କନ୍ୟା  ଜାୟା କ୍ଷଣିକର ପାଇଁ
କେହିବି କାହାର ନାହିଁ।

ମାନବ ଜନମ ନିର୍ବାଣର  ଦ୍ୱାର
ଜଗନ୍ନାଥ ନାମ ଭଜିଲେ ହେଇଯିବା ପାର।

ଗ୍ରାମ/ପୋଷ୍ଟ-ଗଡିଆ
ଜିଲ୍ଲା-ମୟୁରଭଞ୍ଜ

# ମୃଣ୍ମୟୀ

ଶୈଳାଧି ରାଜତନୟା ଶତପଥୀ

ମୁଁ କ'ଣ ଦେବୀ ଯେ'
ମୋ ଦୁଃଖ ସବୁ ଲୁଚଯିବ
ମିଛ ସୁଖର ମାନସିକ ତଳେ,,
ଏକା ନିଃଶ୍ୱାସକେ
ପିଇଯାଉଥିବି ଲୁହ ସବୁ
ତୁମ ହଳଦୀ ଚନ୍ଦନ ମିଶା
ପବିତ୍ର ପାଦୁକା ପାଣି ନାଁରେ
ମନର ନିର୍ଲ୍ଲେଜ ପଣରେ????

ତୁମେ ଗଢି ଗ୍ଭଲିଥିବ କାଳ କାଳ
ମୋର ସବୁ ଚରିତ୍ରକୁ
ରଙ୍ଗ ମାଖି କରୁଥିବ
ଗୋଟେ ଗୋଟେ ଦେବୀ ,,,
ଭଙ୍ଗୁର ମୃଣ୍ମୟୀ ପ୍ରତିମା,
କାମନାର ପର୍ବ ପୂର୍ତ୍ତିରେ,,,
ଫିଙ୍ଗୁଥିବ ମୋର ଅବୟବକୁ
ଛିନ୍ନ କରି ବିସର୍ଜନ ନାଁରେ
ମାନବତ୍ୱ ଠୁ ଅନେକ ଦୂରରେ !!
ଆଉ ମୁଁ ସାକ୍ଷାତ୍ ମୂର୍ତ୍ତିଟେ ହୋଇ
ସନ୍ନିବଦ୍ଧ  ଦେବୀର ଗରିମାରେ
ଦେଖୁଥିବି ନିର୍ବିକାରେ
ମୋ ପରି ତୁମ ହାତ ଗଢ଼ା

କେତେ କେତେ ଦେବୀଙ୍କର
ବିକୃତ ଶୃଙ୍ଗାର,,,,,,
କପାଳରେ କୁଞ୍ଚିତ ଭାଗ୍ୟ ରେଖା
ମୁହୁର୍ମୁହୁଃ ବିସର୍ଜନରେ
ଆତଙ୍କିତ ଅଗ୍ନିପରୀକ୍ଷା !!!

ନିପୁଣ ଶିଳ୍ପୀ ତୁମେ
ଦେବୀ ଗଢିବାର
କଳାରେ ଖୁବ ନିଖୁଣ,,
ସ୍ୱଚ୍ଛନ୍ଦରେ କରିପାର
ଶୀତଳ ଯୁଦ୍ଧର ଆବାହନ,,,
ଅନାୟାସେ ଚଟ୍ ପଟାଙ୍କ ହୁଏ
ସମ୍ପର୍କର ଆକାଂକ୍ଷିତ ସୌଧ,
ଉଲଗ୍ନ ସମୟ ଛାତିରେ
ଅଣ୍ଟା ସଳଖି ନପାରୁଥିବା
ମୋ ଦେବୀପଣର  ଦମ୍ଭପଣ !!

ଅସମର୍ଥ ଦେବୀ ମୁଁ !!
ଉଚ୍ଛିଷ୍ଟ କୁ ମହାପ୍ରସାଦ କରି
ବାନ୍ଧି ରଖିଥାଏ ଶେଷ ଜୀବନଯାଏ.....
ବୋଲୁଥାଏ ପ୍ରତିକ୍ଷଣରେ,
ପୁଣ୍ୟ ବିଭୂତି ପରି,,,,,,
ଆଡେଇ ପାରେନି ଦେବୀପଣର

ପ୍ରଲୁବ୍ଧ ମାଧ୍ୟାକର୍ଷଣ,
ସ୍ୱତ୍ୱ ଦିଏ /ସମର୍ପିଦିଏ ଅକୁଣ୍ଠ ରେ
ମୋ ଦେବୀତ୍ୱର ତମାମ  ଜୀବନ ।

ସିଂହାସନ ଦେଇ ଥାଅ
ତୁମ ଇଚ୍ଛାରେ ସମର୍ପିତା ଦେବୀ କରି,,
ମୁଁ ସାଉଁଟି ଗୁଲୁଥାଏ
କାକୁସ୍ଥ ଆଞ୍ଜୁଳରେ,
ମୋ ଅନଚ୍ଛାର ବୋଝ ତଳେ
ନତି ଜୀବନ୍ତ ସମାଧି ନେଉଥିବା
ଅସହାୟ ଦେବୀପଣକୁ...
ନୂଆ  ପ୍ରଶସ୍ତି ପତ୍ରରେ
ଆଉ ଏକ ବଳଦାନ ଲେଖିବାକୁ....

ମୁଁ ଗୁହେଁନ
ତୁମ ଅଯାଚତ ମାଦଳ  ଦେବୀତ୍ୱ
ଭାଗ୍ୟଦେବୀର ସୁନାକଳସରେ
ଦାନବତ୍ୱର ଉତ୍କଟ  ବାସ,,,
ତୁମ  ଆସମୁଦ୍ର ଶୋଷକୁ
ନଅଣ୍ଟ ମୋ ଦେବୀତ୍ୱର ଆଶିଷ /ଆୟୁଷ
ଏବେ ଦେବୀତ୍ୱର ସର୍ଜନାରେ
ଗଢିବି ମୁଁ ଦେବତ୍ୱର
ମୃଣ୍ମୟ /ଜୀବନ୍ତ ମଣିଷ ।

ପ୍ରଧାନ ଶିକ୍ଷକ (ଓ ଇ ଏ ସ 2),
ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ,
ୟୁନଟ 8, ଭୁବନେଶ୍ୱର

# ଘର ବାହୁଡ଼ା



ସଂଘମିତ୍ରା ସାମନ୍ତରାୟ

ସେ ଫେରିଲା ଯନ୍ତ୍ରଣାର ବୋଝ ବୋହି
କଛି କ୍ରୁର କ୍ଷତକୁ ଦେହର ସଂବଳ କରି
ରାତିର ଅନ୍ଧାରକୁ ଯେତେ ଡର ନଥିଲା
ଡରଥିଲା ମଣିଷ ଆଖିର ଉଜ୍ଜ୍ୱଳତାକୁ
ଯାହା ଖିନ୍ ଭିନ୍ କରେ ସଶରୀର ଆତ୍ମାକୁ ।

ପ୍ରାକୃତିକତାରେ କୃତ୍ରିମ ରଂଗର
ଶୋ'ଳ କମକୁଟୀ ଭରା ପୈଶାଚିକ ପ୍ରବୃତ୍ତି,
ତଫାତ୍ କେମିତି ବାରିଥାନ୍ତା ଆଉ
ସେଇତ ଏକାପରି ସଭିଙ୍କର ଦୁଇ ଗୋଡ଼, ଦୁଇ ହାତ
ମନ ବି ଗୋଟିଏ ହେଲେ ମାନବିକତା...
ମାନବିକତା ଐଶରୀକତାରୁ ଉର୍ଦ୍ଧ୍ୱ ବୋଲି
କଏ ବୁଝେ ଯେ ସେ ଫେରିଥାନ୍ତା ଅକ୍ଷତ ।

କଏ ସେ ଦରଦୀ ଅଛି, ପୋଛିଦେବ ଲୁହ
ଧୋଇଦେବ ସର୍ବାଙ୍ଗ, ବୋଳଦେବ ଦେହସାରା
ସ୍ନେହବୋଳା ହାତର ପରଶ, ହତାଶାର ଅନ୍ଧଗଳରୁ
ଦେଖାଇବ ଆଲୋକର ପଥ ।


www.vedantimagazine.com

ହଁ ଅଛି, ନିଶ୍ଚୟ ଅଛି,
ଅଛି ବୋଲି ତ' ସେ ଫେରିଛି
ବିଶ୍ୱାସ ଓ ବିଶ୍ୱସ୍ତତାର ରଜ୍ଜୁକୁ ମଜବୁତ୍ କରି
ନିରୂତା ପ୍ରେମର ମନ୍ତ୍ରରେ ଅଭିମନ୍ତ୍ରିତ ହେବାଲାଗି,
ସେ ବାହୁଡ଼ି ଆସିଛି ତା' ବୁନିଆଦି ସଂସ୍କାରର ଛାଇ ତଳକୁ ।

ସେ ଚହ୍ନିପାରିଛି ମଣିଷ ଗଛର ବର୍ଣ୍ଣ ଓ ବିଭ୍ରମ
ବୁଝିଛି ସରଳ ଜୀବନର ଜଟିଳ ଜ୍ୟାମିତିକ ସୂତ୍ରକୁ
ପଳାୟନ ପରିପନ୍ଥୀ ହୀନମନ୍ୟତାକୁ ଫୋପାଡ଼ି,
ଫେରି ଆସିଛି ସେଇ କୁଜ୍ଝଟିକାର ବଳୟକୁ ଭେଦୀ,
ନିରୀହ ଜୀବଙ୍କ ବିକଳପଣର ବିନିମୟରେ
ଖୁବ୍ ଗହଳ ଚହଳ ଏଠି, ବୃଥା ଆଡ଼ମ୍ବରର ଉହାଡ଼ରେ
ପ୍ରବଳ ପ୍ରାଦୁର୍ଭାବ ଛନ୍ତି ନିର୍ବୋଧ ମଣିଷଙ୍କର,
ସ୍ୱତଃ ତା' ମନରେ ଏବେ,
ସେମାନଙ୍କ ପାଇଁ ଖୁବ୍ ଦୟା ଆସୁଛି ।

# ମୁଁ ସନ୍ୟାସିନୀ



ବିନ୍ଧ୍ୟାର୍ଣୀ ଦାଶ

ସମୟ ପାଖାପାଖି ସକାଳ ୬ ଟା। ମୁଁ ମୋର ନିତ୍ୟକର୍ମ ସାରି ମୋର କର୍ତ୍ତବ୍ୟ ପଥରେ। ରୋଷେଇ ଘରେ ସକାଳ ଜଳଖିଆ ତିଆରି କରୁଛି। ଦୂର ମନ୍ଦିରରୁ ଶୁଭୁଛି ଓଁକାର ଧ୍ୱନି, ପାହାନ୍ତି ସକାଳର ଶାନ୍ତ ବାତାବରଣ ରେ ସେହି ଧ୍ୱନି ରେ ହଜେଇ ଦେଇଛି ନିଜକୁ। ହଜେଇ ଦଉଛି ମୋର ପରିଚୟ। ଜଳଖିଆ କରି ପୁଣି ସମସ୍ତ ଙ୍କୁ ନିଦରୁ ଉଠେଇବାକୁ ହେବ। ସ୍ୱାମୀଙ୍କ ଅଫିସ, ପିଲାଙ୍କ ସ୍କୁଲ। ସମସ୍ତେ ନିଜ ନିଜ କର୍ମ ପଥରେ ଗଲେ ମୁଁ ଟିକଏ ଶାନ୍ତିରେ ନିଶ୍ୱାସ ନେବି। ଠିକ ଏତିକି ବେଳେ ଡୋରବେଲ୍ ବାଜିଲା...। ପାଦର ଗତି ତୀବ୍ର କରି ମେନଡୋର ପାଖରେ ପହଞ୍ଚିଲି। କବାଟ ଖୋଲି ଦେଖେ ତ.... ଆଶ୍ଚର୍ଯ୍ୟ ! ଦ୍ୱାର ରେ ଛିଡା ହୋଇଥିଲେ ଚାରିଜଣ ସ୍ତ୍ରୀଲୋକ। ଶ୍ୱେତବସ୍ତ୍ର ନା ମଥାରେ ସିନ୍ଦୁର ଅଛି ନା ହାତରେ ଶଙ୍ଖା, ଶ୍ୱେତ ଚନ୍ଦନର ଚିତା ଲଗାଇ ନିରୀହତା ଭଙ୍ଗୀରେ ମୋ ଆଡ଼କୁ ଅନାଇଛନ୍ତି। କିଛି ଚାହୁଁଥିଲେ ବୋଧେ ! ତାଙ୍କର ପରିଚୟ ପଚାରି ବୁଝିଲି ସେମାନେ କୁଆଡେ ସନ୍ୟାସିନୀ। ତିନି ଦିନ ହେଲା ଆମ କଲୋନୀ ରେ ଯୋଉ ଭାଗବତ ଗୀତା ର ଆସର ଜମିଛି ଏମାନେ ତା ହେଲେ ସେଠି ଭାଗବତ ଗାଉଛନ୍ତି। ବହୁତ ପ୍ରଶଂସା ଶୁଣିଛି ଏଇ ସନ୍ୟାସିନୀ ମାନଙ୍କର। କଲୋନୀ ର ସମସ୍ତେ ନିଜ କର୍ମ ବ୍ୟସ୍ତତା ଜୀବନରୁ ସମୟ ବାହାର କରି ସେଠି ଭାଗବତ ଶୁଣୁଛନ୍ତି। ଏମାନଙ୍କୁ ଘରକୁ ଡାକ ଅତିଥି ସେବା କରୁଛନ୍ତି, ପୁଣ୍ୟ କମାଉଛନ୍ତି। ମୁଁ କିନ୍ତୁ ଯାଇନି ତେଣୁ ବୋଧେ ଏମାନେ ଆସିଛନ୍ତି ! ପଚାରି ଜାଣିଲି ସେମାନଙ୍କ ମନ୍ତବ୍ୟ ମଧ୍ୟ ଠିକ ସେଇୟା। ମୁଁ ବିରକ୍ତି ଭାବ ପ୍ରକାଶ କଲି। ମୋ ପାଖରେ ସେତେବେଳେ ଥିବା ଏକାବନ ଟଙ୍କା ସେଇ ସନ୍ୟାସିନୀ ମାନଙ୍କ ପରିଚାଳିକା ହାତକୁ ବଢ଼େଇଦେଇ..କହିଲି ମୋ ପାଖରେ ସମୟ ନାହିଁ ଏ ସବୁ କାମ ପାଇଁ। ମୋର ଏଣେ ବହୁତ କାମ ଆପଣ ମାନେ ଯାଆନ୍ତୁ। ପରିଚାଳିକା ମତେ ସନ୍ୟାସିନୀ ର ମହତ୍ତ୍ୱ

ବୁଝେଇବାରେ ଲାଗିଲେ, ମୁଁ କନ୍ତୁ ଶୁଣିଲି ନାହିଁ। ଆପଣ ଯାଆନ୍ତୁ କହି କବାଟ ବନ୍ଦ କରି ଦେଲି। ମୁଁ ପୁଣି ମୋର କର୍ତ୍ତବ୍ୟ ପଥରେ... ।

ସମୟ ସକାଳ ୧୦ ଟା । ସ୍ୱାମୀ, ପିଲାମାନେ ଯେ ଯାହା କାମରେ ଚାଲିଗଲେ। ମୁଁ ଘରେ ଏକା, ଖୋଜୁଥାଏ ନଜ ଭିତରେ ନଜକୁ। କଏ ମୁଁ.....ସନ୍ୟାସିନୀ ନା ସଂସାରୀ ? ମନେ ପଡି ଯାଉଥାଏ ସେଇ ସକାଳର ଦୃଶ୍ୟ। ଆରେ....ଇଏ କଣ...! ଝରକା ଆଡେ ଦେଖେତ ପୁଣି ସେଇ ସନ୍ୟାସିନୀ..ଯିଏ ସକାଳୁ ଆସିଥିଲେ। ସେ ତ ଆମରି ଘରକୁ ଆସୁଛନ୍ତି। ମନ୍ତବ୍ୟ କ'ଣ ୟାଙ୍କର ? ଇଚ୍ଛା ନଥିଲେ ମଧ ଭିତରକୁ ଡାକଲି। ବସିବାକୁ କହିଲି....ମକମଲ ସୋଫା ଉପରେ ବସିବା ପାଇଁ ସେ ବୋଧ ସଂକୋଚ କରୁଥିଲେ। ଦ୍ୱିତୀୟ ଥର କହିବାରୁ ବସିଲେ। ମୁଁ ବି ବସିଲି ତାଙ୍କ ପାଖରେ । ଆସିବାର କାରଣ ପଚାରିବାରୁ ଓଲଟା ସେ ମତେ ପ୍ରଶ୍ନ କଲେ....ଆପଣ ଏ ସଂସାରୀ ଜୀବନରେ ଖୁସି ? ଆଶ୍ଚର୍ଯ୍ୟ ପ୍ରଶ୍ନ...! ମୁଁ ରାଗିଗଲି..କ'ଣ କହିବାକୁ ଚାହୁଁଛନ୍ତି ଆପଣ, ମୁଁ ପ୍ରଶ୍ନ କଲି। ସେ କହି ଚାଲିଲେ ........

ଆଜିଠୁ ଦଶ ବର୍ଷ ତଳର ଘଟଣା। ମୁଁ ଥିଲି ସାଧାରଣ ଝିଅ ଟିଏ। ଘୁରି ବୁଲୁଥାଏ ଚାରିଆଡେ। ପାହାଡ଼, ପର୍ବତ, ବନ, ଝରଣା କାହାକୁ ଡର ନ ଥିଲା। ବାପା ବୋଉ ଙ୍କର ମୁଁ ଗୋଟିଏ ବୋଲି ଝିଅ। ତେଣୁ ମତେ ନେଇ ସେମାନେ ସବୁ ବେଳେ ଚନ୍ତିତ ରହୁ ଥିଲେ। ମୋର ଭବିଷ୍ୟତ ପାଇଁ। ଦିନେ ଆମ ଗାଁ ର ଜମିଦାର ବାବୁ ଆସିଲେ ବାପା ପାଖକୁ ମୋର ହାତ ମାଗିବା ପାଇଁ। ତାଙ୍କର ଦୁଇ ପୁଅ। ବଡ଼ ପୁଅ ବାହା ସାହା ହେଇ ରହୁଛି ସହରରେ। ସାନ ପୁଅ ପାଇଁ ଝିଅ ଖୋଜା। ତେଣୁ ସେ ଆସିଥିଲେ। ବାପାଙ୍କ ଦୁଇ ଏକର ଜମି ବନ୍ଧା ପଡିଛି ଜମିଦାର ପାଖରେ। ଝିଅ ବାହା ଦେଲେ ଜମିଦାର ସବୁ ଋଣ ଛାଡ କରି ଦେବେ। ବାପା ବୋଉଙ୍କର ଆନନ୍ଦର ସୀମା ରହିଲା ନାହିଁ। ଝିଅ ତାଙ୍କର ବାହା ହବ ଜମିଦାର ଘରେ। ସାଆନ୍ତାଣୀ ହବ, ତାର ସବୁ ଦୁଃଖ ଦୂର ହେବ। ବାପା ସଂଗେ ସଂଗେ ସମ୍ମତି ଦେଇଦେଲେ। ମୋର ଅନଚ୍ଛା ସତ୍ୱେ ବାହାଘର ଦିନ ଠିକ ହେଲା। ଆଷାଢ଼ ମାସ ଶୁକ୍ଳ ପକ୍ଷ ସପ୍ତମୀ ତିଥିରେ ବାହାଘର। ବାପା ବୋଉ ଲାଗି ପଡିଲେ ବାହାଘର ପ୍ରସ୍ତୁତି ରେ। ଚାରି ଆଡ଼େ ଯିଏ ଯେଉଁଠି ଥିଲେ ବନ୍ଧୁ ବାନ୍ଧବ ସମସ୍ତଙ୍କୁ ନମନ୍ତ୍ରଣ କରାଗଲା। ବାହାଘର ଦିନ ପାଖେଇ ଆସିଲା। ଗୋଟିଏ କାଳରାତ୍ରି....! ବାହା ବେଦୀ ରେ ବସିବା ଆଗରୁ ମୋର ସବୁ ସ୍ୱପ୍ନ ଭାଙ୍ଗି ଗଲା। ଯାହାକୁ ଭାବି ସ୍ୱାମୀ କରି ଥାନ୍ତି ସେ ହିଁ ମୋର ଜୀବନ ନଷ୍ଟ କରିଦେଲା।

କୋଉଠି ଥିଲା ସେ ରାକ୍ଷସ ଆସିଥିଲା ମୋ ଜୀବନକୁ ଅନ୍ଧାର କରିବା ପାଇଁ। ଯାହାକୁ ମନର ମଣିଷ କରିବି ବୋଲି ଭାବି ଥିଲି ସେଇ ଜମିଦାର ର ପୁଅ ପଶି ଆସିଲା ଘରଭିତରକୁ ତାର ଚାରିଟି ସାଙ୍ଗ ସାହିତ। ଇଂଲିଶ ମଦ ତାକୁ ନର ଠୁ ରାକ୍ଷସ କରି ସାରିଥିଲା। ସମ୍ପୂର୍ଣ୍ଣ ଭାବେ ସେ ଥିଲା ବଶୀଭୂତ। ବାପା ବରଣ କରିବାରୁ ପାଇଲେ ଶକ୍ତ ପ୍ରହାର। ସେଇଠି ଶୋଇଗଲେ ଚରନଦ୍ୱାରେ। ବୋଉ ମୋର ଟଳ ପଡିଲା ସେଇଠି ଗୋଟିଏ ଜୀଅନ୍ତା ଶବ ପରି। ଆଉ ମତେ ଟେକ ନେଲେ ଜଙ୍ଗଲ ଭିତରକୁ....ତା ପରେ କ'ଣ ହେଲା ମୋର କଛି ମନେ ନାହିଁ।

ଅମାବାସ୍ୟା ର ସେଇ କାଳ ରାତ୍ରି କଟିଗଲା, ଆଉ ମୋ ପାଇଁ ଛାଡ଼ିଦେଇ ଗଲା ତାର ଚିହ୍ନ। ସମାଜର ଘୃଣା ମୋ ପାଇଁ ଥିଲା ଅସହ୍ୟ। କଛି ଦୋଷ ନ ଥାଇ ମଧ୍ୟ ଗାଁରୁ ତଡା ଖାଇଲି। ବୋଉ କୁ ନେଇ ଚାଲି ଆସିଲି। କୁଆଡେ ଯିବି, କଣ କରିବି କଛି ଜଣା ନ ଥାଏ। ସେଇ ଅଜଣା ରାସ୍ତାରେ ଦେଖା ହେଲା ଏଇ ସନ୍ୟାସିନୀ ମାନଙ୍କ ସହିତ। ଏମାନଙ୍କ ସହ ରହିଲି ଆଉ ପାଲଟି ଗଲି ସନ୍ୟାସିନୀ। ଦୁଇ ବର୍ଷ ତଳେ ବୋଉ ମଧ୍ୟ ମତେ ଏଇ ଜୀବନ ଦୁଃଖ କୁ ଏକା ସାହିବା ପାଇଁ ଛାଡି ଗଲା। ମନ ସବୁବେଳେ ଖୋଜୁଥାଏ ମଣିଷ ଟିଏ। କଏ ଆସନ୍ତା କ ଯେ ମତେ ଏଇ ଅନ୍ଧାର ରୁ ଟାଣି ନେଇ ଛିଡା କରି ଦିଅନ୍ତା ଆଲୋକର ସଂସ୍ପର୍ଶରେ। ମୋର ଅଧୁରା ସ୍ୱପ୍ନ ପୁରା କରି ଦିଅନ୍ତା। ମୋର ସୁଖ ଦୁଃଖ ରେ ମୋର ହାତ ଧରି ଚଳନ୍ତା। ହେଲେ ବେଳେବେଳେ ଭାବେ ଏ ସଂସାର ଦୁଃଖପୂର୍ଣ, କେବଳ ଯାତନା। ସେଦିନ ଦେଖିଲି ତୁମକୁ ବଜାର ପ୍ରାଙ୍ଗଣରେ। ସଂସାରୀ ଜୀବନରେ କଏ କଣ ଏତେ ଖୁସି ରହିପାରେ? ଟାଣି ହେଇ ଆସିଥିଲି ତୁମ ପାଖକୁ। ତୁମେ କଣ ସତରେ ଏତେ ଖୁସି ତୁମ ସଂସାରୀ ଜୀବନରେ ଅଥବା କରି ଚାଲିଛ ଅଭିନୟ....?

ସନ୍ୟାସିନୀ ଜଣକ ପ୍ରଶ୍ନ କଲେ ଓ ନିରବ ରହିଲେ କଛି କ୍ଷଣ। ଠିକ ସେତିକ ବେଳେ ତାଙ୍କର ଜଣେ ଶିଷ୍ୟା ଆସି ଡାକଲେ ଭାଗବତ ଗାନର ସମୟ ହେଇଯାଇଛି ମାତା...! ମୁଁ ଆସୁଛି କହି ସୋଫାରୁ ଉଠି ଚାଲିଗଲେ। ତାଙ୍କର ପ୍ରଶ୍ନ ର ଉତ୍ତର ନ ନେଇ। ସେ ଚାଲି ଗଲେ ସିନା ମତେ ବଡ଼ ଦ୍ୱନ୍ଦ ରେ ପକେଇ ଗଲେ।

ସନ୍ୟାସିନୀ.........!

ସଂସାରୀ............!

ମାତା................!

**କଏ....କଏ ସନ୍ୟାସିନୀ...? କଏ ସଂସାରୀ...? ଓ କଏ ମାତା......?**

ଜନ୍ମରୁ ଦେଖି ଆସିଛି ମା ବାପା ରୂପରେ ସାକ୍ଷାତ ଦେବତା। ଅଜାଡି ଦେଇଥିଲେ ଅଜସ୍ର ସ୍ନେହ, ପ୍ରେମ। ମୁହଁ ଖୋଲିବା ଆଗରୁ ପୁର୍ଣ୍ଣ ହେଇଯାଉଥିଲା ସବୁ ଇଚ୍ଛା। ପକ୍ୱ ବୟସରେ ଉପନୀତ ହେବା କ୍ଷଣି ପାଇଲି ମନର ମଣିଷ। ତାଙ୍କୁ ଭଲ ପାଇବାର ଟିକେ ବି ଉଣା କରିନ କେବେ। ମନ ଜାଣି ପାଇଛି ଦୁଇଟି ଗଣ୍ଠିଧନ। ସମ୍ପର୍କ, ସଂସାର କୁ ସାଉଁଟି ରଖିଛି ସାରା ଜୀବନ। ପରିବାର ପାଇଁ କେତେ ତ୍ୟାଗ ନିଜ ଖୁସିକୁ ମଧ୍ୟ ଜଳାଞ୍ଜଳି ଦେଇ ବାଣ୍ଟିଛି ସୁଖ।ଝିଅ, ସ୍ତ୍ରୀ, ମାତା ,ଭଗିନୀ ସବୁ ଅଭିନୟ ସାରି ଯାଇଛି। କେତେବେଳେ ଏ ଜୀବନ ଡୋର ଛିଣ୍ଡିଯିବ, ଏ ଅଭିନୟ ସାରିଯିବା କଏ ଜାଣେ। ସ୍ନେହ, ପ୍ରେମ, କାମନା, ବାସନା ସବୁ କଛି ଜୀବନର ଶେଷ ପାହାଚରେ। ସବୁ ଆଶା, ସ୍ୱପ୍ନ ପୁର୍ଣ୍ଣତାର ଶିଖରରେ। ନା ଆଉ କଛି ପାଇବାର ଇଚ୍ଛା, ନା କଛି କାମନା...ଠିକ ଜଣେ ସନ୍ନ୍ୟାସୀନୀ ପରି।

ଆଉ ଏ ସନ୍ୟାସିନୀ.... ତାଙ୍କର ତ ଆଶା ଆଶାରେ ହି ରହି ଯାଇଛି। ଏବେ ବି ସେ କଛି ପାଇବା ପାଇଁ ଅପେକ୍ଷାରତ। ସବୁ କମନା କୁ ଛାତିରେ ଗୁପି ଧରି କରୁଛନ୍ତି ସନ୍ୟାସିନୀ ର ଅଭିନୟ ମାତ୍ର।

ସେ ସନ୍ୟାସିନୀ ହେଇ ମଧ୍ୟ ସଂସାର ପାଇଁ ବ୍ୟାକୁଳ ଆଉ ମୁଁ.......

ମୁଁ ସଂସାରୀ ହେଇ ମଧ୍ୟ ସନ୍ୟାସିନୀ......... ।

କମିତ୍ର
ସୁବର୍ଣ୍ଣପୁର

# ଜୀବନ ଓ ନଦୀ



ସଂଯୁକ୍ତା ମହାପାତ୍ର

କେହି ଜଣେ କହିଲା,
ମଣିଷ ବଞ୍ଚିଛି, କେବଳ ମରିନ ବୋଲି
ସତରେ ଗହନ କଥାଟିଏ ଭାବିବାର ପାଇଁ ।
ହେଲେ ବୁଝି ହୁଏନା,
ମଣିଷ ମରିନାହିଁ ବଞ୍ଚିଛି ବୋଲି
ଅବା ବଞ୍ଚିଛି ମରିବାର ପାଇଁ ?
କେବଳ ସମୁଦ୍ର କବା
ମଣିଷ ଜୀବନ ନଦୀର ଲକ୍ଷ ?
ନଦୀ କଣ ଏଥି ପାଇଁ ବୋହିଯାଏ
ଅବଶେଷେ ମିଳିଯିବ
ଦିନେ ସମୁଦ୍ରର ବକ୍ଷ ।
ଗଛରେ ଫୁଲ ଫୁଟେ ପତ୍ର କଅଁଳେ,
ବଢେ ଶେଷେ ସୁଖି ଯାଏ,
ସମୟ ଆସିଲେ ଅବଶେଷେ ଝଡିଯାଏ ।
ମଣିଷବି ଜନ୍ମ ହୁଏ, ବଞ୍ଚେ ବଢେ
ଅବଶେଷେ ମରିଯାଏ, ରହେନା କେ ଦୃଢେ
ମଣିଷ ସେମିତି ସମୟର କରାଳ ସ୍ରୋତରେ
ଭାସି ଯାଏ ଭେଟିବାକୁ ମୃତ୍ୟୁ ମହାସିନ୍ଧୁ,
ତେବେ ଜୀବନରେ ଥାଏ କିଏ
ପ୍ରିୟଜନ ବନ୍ଧୁ ?
ଜୀବନଟା କଣ ?

ଜନ୍ମରୁ ମତ୍ୟୁ ମଝିରେ ଯେତିକି ସମୟ
କେବଳ ସେତିକି ଜୀବନ ।
ତେବେ ଏ ଜୀବନ ଯାତ୍ରା କଣ
କେବଳ ଟ୍ରେନରେ ବସିଯିବା
ଏବଂ ଶେଷ ଷ୍ଟେସନର ଓହ୍ଲେଇ ପଡିବା ?
ଜୀବନଟା ନଦୀଟିଏ ପରି
ବୋହିଯିବ କଳ କଳ ବାରିଧାର୍ ଧରି
ଭିଜାଇ ଦେବ ସୁଷ୍କ ଧରିତ୍ରୀ
ଭରିଦେବ ଲକ୍ଷ କ୍ଷୁଧାର୍ଥ ଉଦର
ସୁଷ୍କ କଣ୍ଠରେ ଭରିଦେବ ଜଳ
ତେବେ ଯାଇ ମିଳିଯିବ ଜୀବନର ମାନେ
ରହିଯିବ ନାମ କାଳ କାଳ ଯାଏ
ସଂସାରର ମନେ ।

ମାର୍ଫତ-ବିନୟ ମହାପାତ୍ର
ପଟିଆ, ଭୁବନେଶ୍ୱର

# ଲୋଡ଼ାନାହିଁ ମୋର...



ମଧୁସ୍ମିତା ପୃଷ୍ଟି

ଲୋଡ଼ାନାହିଁ ମୋର ସୁଦୀର୍ଘ ପ୍ରାସାଦ
ଖୁସିରେ ରହିବା ପାଇଁ,
ଝାଟିମାଟି ମୋର ଗ୍ଭଳ ଛପରରେ
ଶାନ୍ତି ମୋତେ ମିଳୁଥାଇ ।

ଧନରତ୍ନ ମୋର କହେବ କାଳଆ
ମୋହ ମାୟା ଜାତ ହେବ,
ତୋର ପୂଜା ପାଠ ଜପ, ତପ, ଧ୍ୟାନ
ମୋକ୍ଷ ପ୍ରାପ୍ତ କରାଇବ ।

ଶାଗ, ପଖାଳରେ ଖୁସି ମୁଁ କାଳଆ
କହେବ ଦିବ୍ୟ ଭୋଜନ,
ଷାଠିଏ ପଉଠି ଭୋଗରୁ ତୋହର
ଟିକଏ କରିବୁ ଦାନ ।

ହୃଦରେ ମୋହର କରିବୁରେ ବାସ
ଜୀବନ ମୋ ଧନ୍ୟ ହେବ,
ଶୟନେ,ସ୍ୱପନେ ଅନୁଭବୀ ତୋତେ
ଦିନ ମୋର ବିତିଜୀବ ।

ମୋଘରେ କାଳଆ ପୂଜା ପାଉଛୁରେ
ସବୁତ ଦେଖୁଛୁ ତୁହି,
ମନ, ଆତ୍ମା ମୋର ସମର୍ପି ଦେଇଛି
ତୋ ଚରଣ ତଳେ ମୁହିଁ ।

କେଉଁ ଭାବ ଅଛି ମୋମନେ କାଳଆ
ପରଖି ନେ ତୁ ଥରେ,
ସୁଖ,ଦୁଃଖ ସାଥି ହେବୁ ମୋ ଧନରେ
ପୁଜେ ତୋତେ ନିରନ୍ତରେ ।

ଛୋଟ ନିବେଦନ ତୋପାଶେ ମୋ ଧନ
ମନା କରିବୁନି ମୋତେ,
ଶେଷ ସମୟରେ ଦେବୁ ଦରଶନ
ନୟନେ ଦେଖିବି ତୋତେ ।

ଭି.ଏସ୍.ଏସ୍. ନଗର, ଭୁବନେଶ୍ୱର

# ନୂଆ କିଛି ସୃଷ୍ଟି କର



ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ

ହାତ ଥାଇ କି ଲାଭ କୁହ ଯଦି
ଦିନେ ନକରିଲ ଦାନ
ପୁରାଣ ଶାସ୍ତ୍ର ନଶୁଣିଲ ଯଦି
କି ଲାଭ ଥାଇ ସେ କାନ,
ଜିଭ ଥାଇ କୁହ କି ଲାଭ ମୁଖରେ
ଯଦି ନକୁହେ ମିଠା ବଚନ......
ନକୁହେ ମିଠା ବଚନ......
ପାଦ ଅଛି ହେଲେ ଯାଇ ନପାରିଛି
ଦିନେ ବୁଲିବାକୁ ଧାମ
ହୃଦ ଅଛି ଯଦି ଦିନେ ଧାୟୀଲ ନ
ପରମ ପୁରୁଷ ନାମ
ନୟନରେ ଜ୍ୟୋତି ଥାଇ କିବା ଲାଭ
ଯଦି ନ ଦେଖିଲ ପୂର୍ଣ୍ଣ ବ୍ରହ୍ମ......
ନ ଦେଖିଲ ପୂର୍ଣ୍ଣ ବ୍ରହ୍ମ......
ବିବେକ ଥାଇ ଲାଭ କିବା କୁହ
ପଶୁ ହୁଏ ଯଦି ନର
ଶିକ୍ଷା ଦୀକ୍ଷା ଥିଲେ କି ହୋଇବ କୁହ
କରେନ ପରୋପକାର
ପ୍ରକାଶେ ପ୍ରକାଶ ନାଶି ଅମଣିଷ
ପ୍ରଭୁ ନୂଆ କିଛି ସୃଷ୍ଟି କର.....
ନୂଆ କିଛି ସୃଷ୍ଟି କର......

ଚକାପଦା, ବେଗୁନିଆ, ଖୋର୍ଦ୍ଧା

# ଅପରାଜିତା



ସୁଷମା ପରିଜା

ଭାରତ ଇତିହାସର ପୃଷ୍ଠାରେ ଅନେକ ବୀରାଙ୍ଗନାଙ୍କର ନାମ ରହିଛି, ଯେଉଁମାନେପ୍ରତିପକ୍ଷ ପୁରୁଷ ଯୋଦ୍ଧାମାନଙ୍କ ସହିତ ରଣକ୍ଷେତ୍ରରେ ସମ୍ମୁଖ ରଣରେ ଅବତୀର୍ଣ୍ଣ ହୋଇ ନିଜର ଶେଷ ନିଶ୍ୱାସ ଥିବାଯାଏଁ ନିଜର ଆଉ ନିଜ ଦେଶ ର ଅସ୍ମିତାକୁ ଅକ୍ଷୁର୍ଣ୍ଣ ରଖି ଯାଇଛନ୍ତି। ସେମାନଙ୍କର ସେଇ ଶୌର୍ଯ୍ୟ ଆଉ ବଳିଦାନର କାହାଣୀ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିଛି ଇତିହାସର ଅନେକ ପୃଷ୍ଠାରେ, ସେମାନଙ୍କୁ ନେଇ ଆଜି ମଧ୍ୟ ଏ ଦେଶ, ଏ ଜାତି ନିଜକୁ ଗୌରବାନ୍ୱିତ ମନେକରେ। ସେଇ ବୀରାରମଣୀ ମାନଙ୍କର ମଧ୍ୟରେ ମେବାରର ରାଣୀ ପଦ୍ମାବତୀ, ଝାନସୀର ରାଣୀ ଲକ୍ଷ୍ମୀ ବାଈ, ପେଶାଓ୍ୱର ରାଣୀ ଅହଲ୍ୟାବାଇ ହୋଲକାର ସବୁଠାରୁ ବେଶୀ ଚର୍ଚ୍ଚିତ ନାମ ବୋଲି ଆମେ ସମସ୍ତେ ଜାଣନ୍ତି । କିନ୍ତୁ ଆମ ଓଡିଶାର ଗୋଟିଏ ଛୋଟ ରାଜ୍ୟ ବାଙ୍କୀଗଡର ରାଣୀ ଶୁକଦେଈଙ୍କର ବୀରତ୍ୱର ଗାଥା ଆଜି ମଧ୍ୟ ଲୋକଲୋଚନର ଆଢୁଆଳରେ ରହି ଯାଇଛି। ଉପଯୁକ୍ତ ପ୍ରଚାର ଓ ପ୍ରସାର ଅଭାବରୁ ହେଉ କିମ୍ବା ଅନ୍ୟ କୌଣସି କାରଣରୁ ହେଉ ଓଡିଶାର ଏଇ ମହିମାମୟୀ ବୀରାଙ୍ଗନାଙ୍କୁ ଏଯାବତ୍ ଯଥାଯୋଗ୍ୟ ସମ୍ମାନ ମିଳି ପାରିନାହିଁ ଯଦିଓ ତତ୍କାଳୀନ ଓଡିଶାର ଇତିହାସରେ ତାଙ୍କର ନାମ ଏକ ସଶ୍ରଦ୍ଧ ଉଚ୍ଚାରଣ। ମାତ୍ର ଚାଳିଶି ବର୍ଷର ଜୀବନ କାଳ(1686 AD- 1726 AD ) ମଧ୍ୟରେ ସେ ଯେଉଁ ଅଭୂତପୂର୍ବ ପରାକାଷ୍ଠା ଦେଖାଇ ଯାଇଛନ୍ତି ତାହା ସମଗ୍ର ଭାରତ ଇତିହାସରେ ବିରଳ, କାରଣ ଭାରତୀୟ ଚର୍ଚ୍ଚିତ ଯୋଦ୍ଧା ନାରୀମାନେ ସମସ୍ତେ ଯୁଦ୍ଧକ୍ଷେତ୍ରରେ ପରାଜିତ ହୋଇ ଯୁଦ୍ଧରେ ପ୍ରାଣ ହରାଇଛନ୍ତି କିମ୍ବା ସସମ୍ମାନେ ଆତ୍ମବଳିଦାନ କରିଛନ୍ତି। ହେଲେ ବାଙ୍କୀ ର ରାଣୀ ଶୁକଦେଈ ତାଙ୍କ ପ୍ରତିପକ୍ଷ ଯୋଦ୍ଧାଙ୍କୁ ସମ୍ମୁଖରଣରେ ପରାସ୍ତ କରିବା ପରେ ମଧ୍ୟ ନିଜର ମହନୀୟତାରେ ତାଙ୍କ ଶତ୍ରୁକୁ ହତ୍ୟା ନକରି କ୍ଷମା ଦାନ କରି ସାରା ସଂସାରରେ ନାରୀଜାତିର ମହନୀୟତାର ନିଦର୍ଶନ ରଖିଛନ୍ତି। ସେଥିପାଇଁ ସେ ଓଡିଶା ଆଉ ଓଡିଆର ଧର୍ମ ଏବଂ ଗର୍ବର ପ୍ରତୀକ।

**1686 AD,** ଓଡିଶାରେ ରାଜତନ୍ତ୍ରର ସମୟ । ସେଇ ସମୟରେ **1686** ଖ୍ରୀଷ୍ଟାବ୍ଦରେ ଓଡିଶାର ବଡମ୍ବା ରାଜ୍ୟର ମହାରାଜା ଶ୍ରୀ ଶ୍ରୀ ବଳଭଦ୍ର ବୀରବର ମଙ୍ଗରାଜ ଏବଂ ମହାରାଣୀ ଜୟନ୍ତାଦେବୀଙ୍କର କୋଳ ମଣ୍ଡନ କରି ଜନ୍ମ ନେଇଥିଲେ କନ୍ୟାରତ୍ନଟିଏ। ଅପୂର୍ବ ତେଜୋମୟୀ ଅପରୂପା ଲାବଣ୍ୟବତୀ କନ୍ୟାଟିର ପିତାମାତା ଶ୍ରଦ୍ଧାରେ ନାମ କରଣ କରିଥିଲେ "ଶୁକ" । ପିଲାଟିଦିନରୁ ଜ୍ୟେଷ୍ଠଭ୍ରାତା ରାଜକୁମାର ଫକୀରଚନ୍ଦ୍ରଙ୍କୁ ତରବାରୀ ଚାଳନା ଶିକ୍ଷା କରୁଥିବାର ଦେଖି ଅଲିଅଳୀ ଜେମା ଶୁକଦେଇଙ୍କର ମଧ ଆଗ୍ରହ ହେଲା ତରବାରୀ ଚାଳନା ଶିକ୍ଷା କରିବା ପାଇଁ। କନ୍ୟାର ଆଗ୍ରହ ଦେଖି ମହା ଆନନ୍ଦରେ ମହାରାଜା ବୀରଭଦ୍ର ମଙ୍ଗରାଜ ତତକ୍ଷଣାତ୍ ଜଣେ ବିଚକ୍ଷଣ ଅସ୍ତ୍ରଶସ୍ତ୍ର ବିଶାରଦଙ୍କୁ ଗୁରୁ ରୂପେ ନିଯୁକ୍ତ କରିଦେଲେ ଶୁକଦେଇଙ୍କୁ ଶିକ୍ଷାଦେବା ଲାଗି। ଖୁବ୍ କମ ସମୟ ମଧରେ ତରବାରୀ ଚାଳନା ସହ ଅନ୍ୟାନ୍ୟ ଅସ୍ତ୍ରଶସ୍ତ୍ର ଚାଳନା ଏବଂ ଯୁଦ୍ଧକୌଶଳ ସବୁ ଶିଖିଗଲେ ଶୁକ ଦେଇ। ବୟସ ବଢିବା ସହିତ ତାଙ୍କର ରୂପ ଲାବଣ୍ୟର ଚର୍ଚ୍ଚା ଏବଂ ରଣକୌଶଳ ନିପୁଣତାର ଯଶ ଖ୍ୟାତି ଚତୁର୍ଦ୍ଦିଗରେ ବ୍ୟାପ୍ତ ହେଉଥିଲା। ବୟୋଃପ୍ରାପ୍ତିପରେ ବଡମ୍ବା ରାଜଜେମା ଶୁକଦେଇଙ୍କର ବିବାହ ହେଲା ନଦୀ ସେପାରି ବାଙ୍କୀଗଡର ରାଜା ଶ୍ରୀ ଶ୍ରୀ ଧନଞ୍ଜୟ ତ୍ରୈଲୋକ୍ୟନାଥ ହରିଚନ୍ଦନ ଦେବଙ୍କ ସହିତ। ଦୁଇଟି ଛୋଟ ଛୋଟ ରାଜ୍ୟ ବନ୍ଧୁତାସୂତ୍ରରେ ଆବଦ୍ଧ ହୋଇ ନିଜନିଜର ଶକ୍ତିବୃଦ୍ଧି କଲେ। ଅପରୂପା ସୁନ୍ଦରୀ, ବିଚକ୍ଷଣ ବୁଦ୍ଧିମତୀ, ରଣକୌଶଳ ନିପୁଣା ପତ୍ନୀଙ୍କ ରାଜକାର୍ଯ୍ୟରେ ଆଗ୍ରହ ଦେଖି ରାଜା ଧନଞ୍ଜୟ ତ୍ରୈଲୋକ୍ୟନାଥ ହରିଚନ୍ଦନଦେବ ରାଜ୍ୟ ଶାସନର ସବୁ କ୍ଷେତ୍ରରେ ରାଣୀ ଶୁକଦେଇଙ୍କର ପରାମର୍ଶ ନେଉଥିଲେ। ବଡମ୍ବା ଏବଂ ବାଙ୍କୀ ର ମିଳିତ ସେନାମାନଙ୍କ ଶକ୍ତି ସୁରକ୍ଷିତ କରି ରଖିଥିଲେ ଦୁଇ ସାମ୍ରାଜ୍ୟକୁ।

ବାଙ୍କୀ ଗଡର ରାଜା ପ୍ରାଣରୁ ବଳି ଭଲ ପାଉଥିଲେ ନିଜର ପ୍ରିୟତମା ପତ୍ନୀଙ୍କୁ। ଥରେ ରାଣୀ ଶୁକଦେଇଙ୍କର ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରିବା ଲାଗି ଆଗ୍ରହ ହେଲା। ରାଜା ଧନଞ୍ଜୟ ତ୍ରୈଲୋକ୍ୟନାଥ ହରିଚନ୍ଦନଦେବ ସହର୍ଷେ ପତ୍ନୀଙ୍କ ଅନୁରୋଧ ରକ୍ଷାକରି ପତ୍ର ଲେଖିଲେ ଜଗନ୍ନାଥ ପୁରୀର ତତ୍କାଳୀନ ଗଜପତି ମହାରାଜଙ୍କୁ । ଗଜପତି ମହାରାଜାଙ୍କର ଆନୁଷ୍ଠାନିକ ନିମନ୍ତ୍ରଣ ଆସିଲା ବାଙ୍କୀ ରାଜ ନବରକୁ। ରାଜା ରାଣୀ ପୁରୀ ଯାଇ ଗଜପତି ମହାରାଜାଙ୍କର ଆତିଥେୟତା ଗ୍ରହଣ କରି ନୀଳାଚଳ ଧାମରେ ମହା ଆନନ୍ଦରେ ଚତୁର୍ଦ୍ଧାମୂର୍ତ୍ତି ଶ୍ରୀ ଜୀଉମାନଙ୍କୁ ଦର୍ଶନ କଲେ। ସେଇ ସମୟରେ ଖୋରଧାର ରାଜା ଗୋପୀନାଥ ଗଜପତିଦେବଙ୍କ ତରଫରୁ ସେମାନଙ୍କୁ ନିମନ୍ତ୍ରଣ ଆସିଲା ଫେରିବାବେଳକୁ ଖୋରଧା ରାଜ୍ୟର ଅତିଥି ହେବା ଲାଗି। ଖୋରଧା ଥିଲା ବାଙ୍କୀଠାରୁ ଢେର ବଡ ଏବଂ ଶକ୍ତିଶାଳୀ

ରାଜ୍ୟ। ସେ ରାଜ୍ୟର ନିମନ୍ତ୍ରଣକୁ ନିଜର ଅହୋଭାଗ୍ୟ ମନେକରିଥିଲେ ବାଙ୍କୀ ର ରାଜଦମ୍ପତି।

ଖୋର୍ଦ୍ଧାଗଡ଼ର ନିମନ୍ତ୍ରଣକୁ ସହର୍ଷେ ସ୍ୱୀକାର କରି ବାଙ୍କୀ ର ରାଜା ଧନଞ୍ଜୟ ତ୍ରୈଲୋକ୍ୟନାଥ ହରିଚନ୍ଦନଦେବ ପୁରୀରୁ ଫେରିବା ବାଟରେ ସପତ୍ନୀକ ପହଞ୍ଚିଲେ ଖୋର୍ଦ୍ଧା ରାଜ ଉଆସରେ ଅତିଥି ହୋଇ। ଅପରୂପ ଲାବଣ୍ୟମୟୀ ରାଣୀ ଶୁକଦେଇଙ୍କର ସୌନ୍ଦର୍ଯ୍ୟ ତାଙ୍କର ରୂପ ଦର୍ଶନ କରି ଖୋରଧା ରାଜା ଗୋପୀନାଥ ଗଜପତି ଏଭଳି ମୋହିତ ହୋଇଥିଲେ ଯେ ସେଦିନ ରାତି ତାଙ୍କରି କଥା ଭାବି ହେଉଥିଲେ। ରାଣୀ ଶୁକଦେଇଙ୍କର ଅସାମାନ୍ୟ ସୌନ୍ଦର୍ଯ୍ୟ ପାଗଳ କରିଥିଲା ଖୋରଧା ରାଜା ଗୋପୀନାଥ ଗଜପତିଙ୍କୁ। ରାଣୀ ଶୁକଦେଇଙ୍କ ପ୍ରେମରେ ଏମିତି ଘାରିହେଲେ ଯେ କଳେବଳେ କୌଶଳେ ଯେକୌଣସି ଉପାୟରେ ତାଙ୍କୁ ପାଇବା ପାଇଁ ବ୍ୟାକୁଳ ହେଲେ।ଖୋରଧା ରାଜ୍ୟର ଆତିଥେୟତାରେ ମୁଗ୍ଧହୋଇ ବାଙ୍କୀର ରାଜ ଦମ୍ପତି ସସମ୍ମାନେ ଫେରିଯାଇ ନିଜ ରାଜ୍ୟରେ ପହଞ୍ଚିଲାପରେ ପରେ ହିଁ ମିଳିଥିଲା ଖୋରଧା ରାଜା ଗୋପୀନାଥ ଗଜପତିଦେବଙ୍କର ଧମକପୂର୍ଣ୍ଣ ସନ୍ଦେଶ । "ନିଜର ଆଉ ନିଜ ରାଜ୍ୟର ମଙ୍ଗଳ ଚାହୁଁତ ତୁରନ୍ତ ରାଣୀ ଶୁକଦେଇଙ୍କୁ ଖୋରଧା ରାଜାଙ୍କୁ ଉପହାର ଦେଇ ତାଙ୍କର ଶରଣାଗତ ହୁଅ, ନଚେତ ଯୁଦ୍ଧ ଅବଶ୍ୟମ୍ଭାବୀ" । ଖୋରଧା ରାଜାଙ୍କ ଦୁଃସାହସ ଯେତିକି ଲଜ୍ୟାଜନକ ଥିଲା ସେତିକି ଅପମାନଜନକ। କ୍ରୋଧିତ ବ୍ୟଥିତ ହୋଇ ବାଙ୍କୀର ରାଜା ଉତ୍ତର ଦେଲେ "ଆପଣଙ୍କ ଭଳି ଜଣେ ବୃହତ ରାଜ୍ୟର ଶକ୍ତିଶାଳୀ ରାଜାଙ୍କ ନିକଟରୁ ଏମିତି ହୀନମନ୍ୟତା ଆଶାକରି ନଥିଲୁ। ଆମେ ଛୋଟ ରାଜ୍ୟ ହେଲେ ମଧ୍ୟ ନିଜର ଅସ୍ମିତା ରକ୍ଷା କରିବା ପାଇଁ ନିଜର ମୁଣ୍ଡ ଦେଇ ପାରୁ, ଅନ୍ୟର ମୁଣ୍ଡ ମଧ୍ୟ ନେଇ ପାରୁ। ଆପଣଙ୍କର ଯୁଦ୍ଧର ଆହ୍ୱାନ ସ୍ୱୀକାରକରୁଛୁ, ଏ ଶରୀରରେ ଶେଷ ରକ୍ତବିନ୍ଦୁ ଥିବାଯାଏଁ ରାଣୀ ଶୁକଦେଇଙ୍କୁ କେହି ସ୍ପର୍ଶ କରିପାରିବେ ନାହିଁ।" ଖୋରଧା ରାଜା ଶ୍ରୀ ଗୋପୀନାଥ ଗଜପତିଦେବ ଅପମାନ ଜର୍ଜରିତ ହୋଇ ବାଙ୍କୀ ଗଡକୁ ତୁରନ୍ତ ଆକ୍ରମଣ କରିବାପାଇଁ ସୈନ୍ୟସାମନ୍ତ ଘେନି ଆଗେଇ ଆସିଲେ।

ସେତେବେଳକୁ ଗୋପୀନାଥ ଗଜପତିଦେବଙ୍କର ହୀନ ଚକ୍ରାନ୍ତର କଥାଶୁଣି ବଡମ୍ବା ରାଜା ମଧ୍ୟ ତାଙ୍କର ସୈନ୍ୟବାହିନୀ ସହ ବାଙ୍କୀ ରାଜାଙ୍କର ସହିତ ମିଶି ଖୋରଧା ରାଜ୍ୟ ବିରୁଦ୍ଧରେ ଲଢେଇ କରିବା ନିମନ୍ତେ ଆଗେଇ ଆସି ଥାଆନ୍ତି। ମହାନଦୀ କୂଳରେ ରଗଡି ଗ୍ରାମଠାରେ ଦୁଇ ରାଜ୍ୟଙ୍କର ମଧ୍ୟରେ ଘମାଘୋଟ ଲଢେଇ ହେଲା। ଖୋର୍ଦ୍ଧାଗଡ଼ର ବିପୁଳ

ସୈନ୍ୟବାହିନୀ ଆଉ ଅସ୍ତ୍ରଶସ୍ତ୍ର ସମ୍ମୁଖରେ ବାଙ୍କୀ ଏବଂ ବଡମ୍ବାର ସଂଯୁକ୍ତ ସୈନ୍ୟବାହିନୀ ବେଶୀ ସମୟ ତିଷ୍ଠି ପାରିଲେନ। ପ୍ରବଳ ପରାକ୍ରମରେ ଲଢେଇ କରିବା ସତ୍ତ୍ୱେ ମଧ୍ୟ ଯୁଦ୍ଧରେ ନହତ ହେଲେ ବାଙ୍କୀ ରାଜା ଧନଞ୍ଜୟ ତ୍ରୈଲୋକ୍ୟନାଥ ହରିଚନ୍ଦନ ଦେବ। ତଥାପି ବାଙ୍କୀର ସେନା ଯୁଦ୍ଧ ଜାରି ରଖିଥିଲେ। ରାଜାଙ୍କର ନହତ ହେବା ସମ୍ବାଦ ପହଞ୍ଚିଲା ରାଜ ଉଆସରେ। ମନେ ମନେ ଶୋକାକୁଳ ହେଲେ ମଧ୍ୟ ଭାଙ୍ଗି ପଡିଲେ ନାହିଁ ବୀରା ରାଣୀ ଶୁକଦେଇ। ନଜର ନଜ ରାଜ୍ୟର ରକ୍ଷା କରିବା ପାଇଁ ଆଗେଇ ଆସିଲେ। ପ୍ରଜାମାନଙ୍କୁ ଏକତ୍ରିତ କରି ସାହସ ଦେଲେ ଏବଂ ନଜେ ବୀର ବେଶ ହୋଇ ବାହାରି ଆସିଲେ ସେନାର ନେତୃତ୍ୱ ନେବା ଲାଗି। ଶ୍ୱେତ ଅଶ୍ୱାରୋହୀ ସେଇ ବୀରାଙ୍ଗନାଙ୍କର ଅପୂର୍ବ ସାହସିକତା ଦେଖି ଦୁଇଗୁଣ ଶକ୍ତିନେଇ ଲଢିଲେ ବାଙ୍କୀ ସେନା। ରାଣୀ ଶୁକଦେଇଙ୍କର ସେ ଧୁରନ୍ଧର ଭୟଙ୍କର ଅସୀଚାଳନାରେ ସହସ୍ରାଧିକ ସୈନକ ମୃତାହତ ହେଲେ, ମହାନଦୀର ବାଲୁକା ଶଯ୍ୟା ରକ୍ତରେ ଭିଜିଲା। କୁହାଯାଏ ଯେ ଲକ୍ଷାଧିକ ସୈନକମାନଙ୍କର ରକ୍ତରେ ଲାଲ୍ ହୋଇ ଯାଇଥିଲା ମହାନଦୀର ଜଳଧାର। ପରାଜିତ ହୋଇବନ୍ଦୀ ହୋଇଥିଲେ ଖୋରଧା ରାଜା ଗୋପୀନାଥ ଗଜପତିଦେବ।

ଯୁଦ୍ଧର ନୟମ ଅନୁଯାୟୀ ପରାଜିତ ରାଜାଙ୍କୁ ହତ୍ୟା କରି ବିଜୟ ଘୋଷଣା କରାଯିବା କଥା। ହେଲେ ସେମିତି କଛି କରିନଥିଲେ ରାଣୀ ଶୁକଦେଇ। ଖୋରଧା ରାଜା ଗୋପୀନାଥ ଗଜପତିଙ୍କର ହୀନ ଚକ୍ରାନ୍ତ ଏବଂ ଦୁଷ୍ଟବୁଦ୍ଧି ପାଇଁ ତାଙ୍କୁ ହତ୍ୟା କରାଯାଉ ବୋଲି ବିଜୟୋଲ୍ଲାସରେ ଉନ୍ମତ୍ତ ପ୍ରଜାମାନଙ୍କ ପ୍ରବଳ ଦାବୀ ସତ୍ତ୍ୱେ ମଧ୍ୟ ରାଣୀ ଶୁକଦେଇ ତାଙ୍କୁ ନଜର ମହତ ଗୁଣ ହେତୁ କ୍ଷମା ଦେଇଥିଲେ। ସେ କହିଲେ "ତାଙ୍କୁ ମୃତ୍ୟୁଦଣ୍ଡ ଦେଲେ ତାଙ୍କ ସ୍ତ୍ରୀ ବିଧବା ହେବେ, ଜଣେ ବିଧବା ର ଜୀବନ କେତେ କଷ୍ଟକର, କେତେ ଦୁର୍ବିସହ ତାହା ମୁଁ ନଜେ ଅନୁଭବ କରୁଛି। ତେଣୁ ମୁଁ ଚାହୁଁନାହିଁ ଆଉ ଜଣେ କେହି ମୋ' ଭଳ ଏଇ ଦୁଃଖ ସହୁ" । ଆଉ ଶ୍ରୀ ଗୋପୀନାଥ ଗଜପତିଦେବଙ୍କର ଦୋଷ ପାଇଁ ଦଣ୍ଡର କଥା। ମୁଁ ତାଙ୍କୁ ଏଇଥିପାଇଁ ଜୀବନଦାନ ଦେଲି ଯେ ସେ ସାରା ଜୀବନ ଜଣେ ନାରୀ ହାତରେ ପରାଜିତ ହେବାର ଅପମାନ ମନେ ରଖନ୍ତୁ। ସାରା ଜଗତ ଜାଣୁ ଯେ ସିଏ ଜଣେ ନୀଚମନା ପରସ୍ତ୍ରୀ ଲୋଭୀ କାପୁରୁଷ। ନାରୀର ସୌନ୍ଦର୍ଯ୍ୟ ପିପାସୁ ଏଇ ରାଜା ବୁଝନ୍ତୁ ଯେ ନାରୀ ଅବଳା କ ଦୁର୍ବଳା ନୁହେଁ। ସେ ଦେବୀ ଦୁର୍ଗା, ମହାକାଳୀଙ୍କ ଭଳ ସଂହାରକାରିଣୀ, ଦୁଷ୍ଟ ନବାରିଣୀ ମଧ୍ୟ। ସେ ଏଇ ଯୁଦ୍ଧରୁ ଶିକ୍ଷା ଲାଭ କରନ୍ତୁ, ନଜର ଶକ୍ତିକୁ ପ୍ରଜାପାଳନରେ, ନଜର ରାଜ୍ୟକୁ ସୁରକ୍ଷା ଦେବାରେ ବିନଯୋଗ କରନ୍ତୁ"। ବନ୍ଦୀ ଅବସ୍ଥାରେ ମୁଣ୍ଡ ତଳକୁ

ଝୁଙ୍କାଇ ଠିଆ ହୋଇଥିଲେ ଗୋପୀନାଥ ଗଜପତି ଦେବ। ରାଣୀ ଶୁକଦେଇଙ୍କର ଓଜସ୍ୱିନୀ କଥାଗୁଡିକ ତାଙ୍କର ମର୍ମକୁ ଭେଦି ଯାଉଥିଲା। ପଶ୍ଚାତାପର ଅଶ୍ରୁ ଝରି ପଡୁଥିଲା ତାଙ୍କର ଆଖିରୁ। ରାଣୀ ଶୁକଦେଇ ତାଙ୍କୁ ମୁକ୍ତ କରି ନିଜ ରାଜ୍ୟକୁ ଫେରାଇ ଦେଇଥିଲେ। ଇତିହାସ ସାକ୍ଷୀ ଅଛି ଖୋରଧାର ଅନ୍ୟ କୌଣସି ରାଜା ଶ୍ରୀ ଗୋପୀନାଥ ଗଜପତିଦେବ ଙ୍କ ଭଳି ଏମିତି ହୀନମନ୍ୟ ନଥିଲେ । ସମସ୍ତେ ନିଜର ମାତୃଭୂମିକୁ ସୁରକ୍ଷା ଦେଇ ନିଜକୁ ଗୌରବାନ୍ୱିତ କରିଥିଲେ। ଓଡିଶା ସ୍ୱାଧୀନତା ସଂଗ୍ରାମର ମୂଳଦୁଆ ଖୋରଧାରୁ ହିଁ ପଡିଥିଲା ଏବଂ ବିକଶିତ ହୋଇ ଦ୍ରୁମ ଆକାର ଧାରଣ କରିଥିଲା।ଏଥିପାଇଁ ଖୋରଧା ମାଟି ଚିରକାଳ ବୀରର ମାଟି, ସେ ସବୁବେଳେ ପ୍ରଣମ୍ୟା।

ବାଙ୍କୀର ରାଣୀ ଶୁକଦେଇଙ୍କର ଏଇ ମହାନ ବ୍ୟକ୍ତିତ୍ୱର ଗାଥା କାଳକାଳକୁ ଲିପିବଦ୍ଧ ହୋଇ ରହିଗଲା ଓଡିଶାର ଇତିହାସରେ। ଆଜି ମଧ୍ୟ ବାଙ୍କୀରେ ମହାନଦୀର ସେହି ସ୍ଥାନଟି ରଣନଦୀ ନାମରେ ନାମିତ ହୋଇଅଛି ଏବଂ ଅପରାଜିତା ରାଣୀ ଶୁକଦେଇଙ୍କର ବିଜୟଗାଥା ଗାଉଛି, ଗାଉଥିବ କାଳେକାଳେ।

ଶାରଳା ଭବନ, ପୋତାପୋଖରୀ,
ନୂଆବଜାର, କଟକ

"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

# କଳ୍ପିତ ଖଳନାୟକ



ପୂର୍ଣ୍ଣଚନ୍ଦ୍ର ରଣା

ମୁଁ ଯେ ମୂକସାକ୍ଷୀ
ସାଜିଛି ଖଳନାୟକ
ସାକ୍ଷୀ ହିନ ମୁଁ ଏକ କଳଙ୍କ
କଳଙ୍କିତ ଆଜି
କଳ୍ପନା ଭିତରେ
ହଜି ଯାଇଛି ଅସ୍ଥିତ୍ୱ
ସେ ଅସ୍ଥିତ୍ୱର ଜର୍ଜରିତ ବହ୍ନି
ଦୃଶ୍ୟମାନ ଖଦ୍ୟୋତର ଆଲୋକ ସମ
ମିଞ୍ଜି ମିଞ୍ଜି ଦିଶେ ପର୍ବତ ଶିଖରୁ,
ଦିବା ଯାଏ ଦୂରେଇ ଦୂରେଇ
ଅମା ନିକଟେ ଦଣ୍ଡାୟମାନ
ଅନ୍ଧକାରର କରାଳ ବିଗ୍ରହ
ମୂର୍ଚ୍ଛିତ କରେ ବାରମ୍ବାର
ଦିଶା ହିନ ହୁଏ
ଜୀବନର ପ୍ରତି ମୂହୁର୍ତ୍ତ
ଚଉ ସ୍ୱୟଂ ଭୟଭିତ
କଳ୍ପିତ ଚଉେ ମୋର
ସାଜିଛି ମୁଁ ଖଳନାୟକ
ଅପହରଣ କରିଛି
ଏ କଳଙ୍କିତ ମନକୁ
ଏ ବିଗ୍ରହ ଭିତରୁ
ଦେବା ପାଇଁ ପ୍ରଶିକ୍ଷଣ
ହେବାକୁ ଲୁହାଠୁ କଠିନ
ଆଉ ଗ୍ଳିବାକୁ ପଡିବ
ଏ କଣ୍ଟକତ ପଥେ ନିର୍ଦ୍ୱନ୍ଦରେ
ନାୟକ ସାଜିବି ଏ ଜୀବନ ଅଧ୍ୟାୟେ
କରିବି ସାଫଲ୍ୟ ମଣ୍ଡିତ
ଆଉ କର୍କଶଠୁ ହେବି ବହୁ ଦୂର ।

ହାଟସିଂହାପୁର, ଯାଜପୁର

# ଜୀବନ ଜଞ୍ଜାଳ ଓ ଜୁଇ



ଚନ୍ମୟୀ ଗଜେନ୍ଦ୍ର

ନିବିଡ଼ ସମ୍ପର୍କର ଅଦୃଶ୍ୟ ରଜ୍ଜୁରେ ବନ୍ଧା
ଜୀବନ ଜଞ୍ଜାଳ ଆଉ ଜୁଇ,
ଜୀବନର ଅନ୍ୟ ନାମ ଯେ ଜଞ୍ଜାଳ
ଜଞ୍ଜାଳର ନାମ ଜୁଇ।(1)
ଗୋଟିଏ ନ ସରୁ ଆନ ଆସିଯାଏ
ମାଳ ମାଳ ଯେ ଜଞ୍ଜାଳ,
ଜୀବନର ମୋଡ ଯାଏ ଯେ ବଦଳ
ଭାବିବାକୁ ନାହିଁ ବେଳ।(2)
କେବେ ହୁତୁ ହୁତୁ ଜଳେ ଯେ ଜୀବନ
ଆନନ୍ଦେ ଉତଫୁଲ ହୋଇ,
କେବେ ସେ କୁହୁଳେ ଦୁଃଖ ଦାବାନଳେ
ସେ ଦୁଃଖର ସୀମା ନାହିଁ।(3)
ଜଳ ଓ କୁହୁଳ ଲିଭେ ସେ ଜୁଇରେ
ସବୁ ଯାଏ ଶେଷ ହୋଇ,
ଜୀବନ ଜଞ୍ଜାଳ ସମାଧି ନଅନ୍ତି
ସ୍ମୃତି ଉଙ୍କି ମାରୁଥାଇ।(4)
ଜଞ୍ଜାଳେ ହଜି ଯେ ଜିଇଁବା ଶିଖିଛି
ସେ ଅଟେ ମହତ୍ ଜନ,
ଜୀବନ ତାହାର ହୁଅଇ ସାର୍ଥକ
ରଖିଯାଏ ପଦଚହ୍ନ।(5)

# ଆଧାତ୍ମ୍ୟବାଦ ବନାମ ମାନବବାଦ



ଡ. ଅର୍ଜୁନ ଚରଣ ବାରିକ୍

ଆଧାତ୍ମ୍ୟବାଦ କେଉଁ ଆବାହମାନ କାଳରୁ ପ୍ରଚଳିତ । ଆଧାତ୍ମ୍ୟବାଦୀ ବହୁ ଦିଗ୍ ଦର୍ଶକ, ଦାର୍ଶନୀକ, ପଥ ପ୍ରଦର୍ଶକ, ଜ୍ଞାନୀମାନୀ ଓ କବି ମାନେ ଏ ସଂପର୍କରେ ସେମାନଙ୍କର ଲେଖନୀ ଚାଳନା କରିବା ସହିତ ମତ ମାନ ମଧ୍ୟ ବ୍ୟକ୍ତ କରି ଆସିଛନ୍ତି । "ଅ" କାରରୁ ହିଁ ଆଧାତ୍ମ୍ୟବାଦର ମୂଳ ସୃଷ୍ଟି। ମାନବବାଦର ମୂଳ ହେଉଛି "ମ" କାର। "ଅ" କାର ହେଉଛି ଈଶ୍ୱର ସତ୍ତା "ଉ" କାର ହିଁ ଉତ୍ପତ୍ତି ସ୍ଥଳ। ଏହି "ଅ", "ଉ", "ମ" ତ୍ରିବୀଜର ମିଳନରେ ବା ମିଶ୍ରଣରେ ହିଁ ମୂଳ ଆଧାତ୍ମ୍ୟବାଦ ପର୍ଯ୍ୟବେସିତ। ଏହି ତ୍ରିବୀଜ ହେଉଛି ଆଦ୍ୟ, ମଧ୍ୟ ଓ ପ୍ରାନ୍ତର ମୌଳିକ ଭାବଧାରା। ଓଁକାର ରୂପୀ ତ୍ରିବୀଜ ମଧ୍ୟରେ ତ୍ରିଦେବଙ୍କର ଅବସ୍ଥାନ। ସେମାନେ ହେଲେ ଯଥାକ୍ରମେ ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱର। ତନ୍ମଧ୍ୟରୁ ଏ ସୃଷ୍ଟିର କର୍ତ୍ତା ହେଉଛନ୍ତି ବ୍ରହ୍ମା, ପାଳନକର୍ତ୍ତା ହେଲେ ବିଷ୍ଣୁ ଓ ସଂହାରକର୍ତ୍ତା ହେଲେ ଶିବ। ସ୍ୱୟଂ ବ୍ରହ୍ମା ହେଉଛନ୍ତି ବିଷ୍ଣୁଙ୍କର ନାଭି କମଳରୁ ଜାତ। ତେଣୁ ବିଷ୍ଣୁଙ୍କର ଅନ୍ୟନାମ "ପଦ୍ମନାଭ"।

ଏହି ଆଧାତ୍ମ୍ୟବାଦର ମୂଳ ଉତ୍ସ ହେଉଛି ବେଦ। ବେଦକୁ ବାଦ ଦେଲେ ଆଧାତ୍ମ୍ୟବାଦର ସ୍ଥିତି ନାହିଁ। ଯେପରି ଭଗବାନ ବିନା ଭକ୍ତ ଓ ଭକ୍ତ ବିନା ଭଗବାନ। ବେଦବ୍ୟାସ ବା ବ୍ୟାସଦେବ ହେଉଛନ୍ତି ବେଦ ବିଭାଜନର ସ୍ରଷ୍ଟା। ସେ ବେଦକୁ ମାନବ ହାତରେ ମୁଖ୍ୟତଃ ଚାରି ଭାଗରେ ବିଭକ୍ତ କରି ପଞ୍ଚମ ବେଦର ନାମ "ଶିଶୁବେଦ" ରଖିଥିଲେ। ବେଦ ହିଁ ମାନବ ବାଦର ମୂଳ ଉତ୍ସ। ବେଦରେ ସମସ୍ତ ଦେବତାଙ୍କର ସ୍ତୁତ ବର୍ଣ୍ଣିତ। ବେଦ ହେଉଛି ସକଳ ଜ୍ଞାନର ଗନ୍ତାଘର। ମାନବକୁ ସନ୍ମାର୍ଗରେ ଗତି କରିବା ପାଇଁ ବେଦର ନିର୍ଦ୍ଦେଶ – "ମନୁର୍ଭବ ଜନୟା ଦିବ୍ୟଂ ଜନମ।" – ହେ ମାନବ, ତୁମ୍ଭେ ଦିବ୍ୟ ମନୁଷ୍ୟ ହୁଅ। ଆଉ ଏଥି ନିମନ୍ତେ ତୁମ୍ଭେ ମୋତେ ହିଁ ଆଧାର କର। ମୋତେ ଆଧାର ନକଲେ ତୁମ୍ଭେ ରାକ୍ଷସ ପାଲଟିଯିବ ଅର୍ଥାତ୍ ଦାନବ ପାଲଟିଯିବ।

ବେଦର ନିର୍ଦ୍ଦେଶ ମାନବ ପାଇଁ ଏକ ସତ୍ ଚେତନା । ବେଦବାଣୀକୁ ପାଥେୟ କରି ମାନବ ମାନବତ୍ୱରୁ ଦେବତ୍ୱ ପ୍ରାପ୍ତ ହୋଇପାରିବ । ଏଥି ନିମନ୍ତେ ସତ୍ ମନୁଷ୍ୟ ହେବା ପାଇଁ ଆଧ୍ୟାତ୍ମବାଦକୁ ଆଦରି ନେବାକୁ ପଡିବ । ଭାଗବତକାରଙ୍କ ଭାଷାରେ "ମନୁଷ୍ୟ ଦେବେ ଦିବ୍ୟଜ୍ଞାନ । ଦେଖି ସନ୍ତୋଷ ଭଗବାନ ॥ ମାନବ ସ୍ୱର୍ଗ ଆଉ ପାତାଳର ମଧ୍ୟବର୍ତ୍ତୀ ସ୍ଥାନ ମଧ୍ୟଭୁବନର ଅଧିକାରୀ । ତେଣୁ ସେ ତାର ସାତ୍ତ୍ୱିକ ଗୁଣ ବଳରେ ସ୍ୱର୍ଗ ପ୍ରାପ୍ତି ହୋଇ ଦେବତ୍ୱ ଲାଭ କରିପାରିବ । ନତୁବା ତାମସ ଗୁଣର ସମନ୍ୱୟରେ ନର୍କକୁ ଆଦରି ନେଇ ଦାନବ ଜନ୍ମ ଲାଭ କରିବ । ଏ ମଧ୍ୟ ଭୁବନ ଅର୍ଥାତ ମରଧାମର ଅଧିକାରୀ ହୋଇ ସାତ୍ତ୍ୱିକ ଗୁଣ ବ୍ୟତରେକେ ରାଜସିକ ଗୁଣକୁ ଆଶ୍ରୟ କଲେ ବାରମ୍ବାର ଜନ୍ମ ମରଣଚକ୍ରରେ ଘାଣ୍ଟି ଦେବାକୁ ପଡେ । ଅତଏବ ସର୍ବ ଶ୍ରେଷ୍ଠ ସାତ୍ତ୍ୱିକ ଗୁଣ ହିଁ ସଭିଙ୍କର କାମ୍ୟ ହେବା ଉଚତ ।

ଏ ମନବ ଶରୀର ବହୁ କଷ୍ଟରେ ଲାଭ କରାଯାଇଥାଏ । ଭାଗବତରେ ଏଥି ନିମନ୍ତେ ଉକ୍ତିଟି "ଏଣୁ ଏ ନର କଳେବର । ଦୁର୍ଲ୍ଲଭ କ୍ଷଣିକ ଭଙ୍ଗୁର ।" ତେଣୁ ଏହାର ସଦ୍ ବିନିଯୋଗ ହେବା ନିତ୍ୟାନ୍ତ ବାଞ୍ଛନୀୟ । ପୁନଶ୍ଚ ଅନ୍ୟ ଏକ ଉକ୍ତିକୁ ଅବଲୋକନ କଲେ ଦେଖାଯାଏ "ଅନେକ ଜନ୍ମ ତପ ଫଳେ । ମାନବ ଜନ୍ମ ମହୀତଳେ" ॥ ଅର୍ଥାତ ବହୁ ଜନ୍ମର ତପସ୍ୟା ଫଳରେ ନର ଜନ୍ମ ପ୍ରାପ୍ତ ହୁଏ । ଈଶ୍ୱର ଅନେକ ଜୀବ ଯଥା ଛପନ କୋଟୀ ଜୀବ ସୃଷ୍ଟି କରି ସଭିଙ୍କର ହୃଦଦେଶରେ ଅବସ୍ଥାନ କଲେ । କିନ୍ତୁ କୌଣସି ପ୍ରାଣୀ ଦେହରୁ ଦିବ୍ୟ ଅନୁଭୂତି ଲାଭ କଲେନାହିଁ । ଶେଷରେ ସେ ତାଙ୍କର ଅପୂର୍ବ ସୃଷ୍ଟିରେ ମାନବ ସର୍ଜନ କରି ଚିର ଆନନ୍ଦ ଲାଭ କଲେ । କାରଣ ମାନବ ହେଉଛି ଈଶ୍ୱରଙ୍କର ପୂର୍ବବର୍ତ୍ତୀ ଦାୟାଦ । ମାନବ ସୃଷ୍ଟି ତାଙ୍କର ଶ୍ରେଷ୍ଠ ଏବଂ ସର୍ବଶ୍ରେଷ୍ଠ କୃତୀ । ଏହି ସୃଷ୍ଟିପାଇଁ ଈଶ୍ୱର ଆତ୍ମତୃପ୍ତି ଲାଭ କରନ୍ତି ।

ମାନବବାଦ ହେଉଛି ଆଧ୍ୟାତ୍ମ୍ୟବାଦର ଅଂଶ ବିଶେଷ । ଆଧ୍ୟାତ୍ମିକତା ମାନବର ଉତ୍କୃଷ୍ଟତା ପ୍ରତିପାଦନ କରିଥାଏ । ମାନବ ଏହି ଆଧ୍ୟାତ୍ମ୍ୟବାଦକୁ ପାଥେୟ କରି ଅସ୍ୱୀକାରରୁ ନିରାକାରତ୍ୱ ପ୍ରାପ୍ତ ହୋଇପାରିବ । ଆଧ୍ୟାତ୍ମ୍ୟବାଦ ବଳରେ ମନୁଷ୍ୟ ଅସମ୍ଭବକୁ ସମ୍ଭବ କରିବାରେ ସମର୍ଥ ହୋଇଥାଏ । ଯଦ୍ୱାରା ମନୁଷ୍ୟ ଏପରି ସାମର୍ଥ୍ୟବାଦ ହୋଇଥାଏ ଯେ ସେ ସବୁକିଛି କରିବାରେ ସମର୍ଥ ହୋଇଥାଏ । ଏଣୁ କୃଷ୍ଣ ଓ ଅର୍ଜୁନର ଉଦାହରଣ ଅତ୍ୟନ୍ତ ପ୍ରଣିଧାନ ଯୋଗ୍ୟ ଅଟେ । ଅର୍ଜୁନ ହେଉଛନ୍ତି ନର ଓ ଶ୍ରୀକୃଷ୍ଣ ହେଉଛନ୍ତି ନାରାୟଣଙ୍କର ସ୍ୱରୂପ । କୃଷ୍ଣଙ୍କର ବଳରେ ଅର୍ଜୁନ ଏକ ସର୍ବ ସାମର୍ଥ୍ୟବାନ ପୁରୁଷ । ଅସମ୍ଭବକୁ ସମ୍ଭବ

କରିବାରେ ସିଦ୍ଧହସ୍ତ । ହନୁ-ଅର୍ଜୁନ କଳ ସମୟରେ ଅର୍ଜୁନକୃତ ଶର ବନ୍ଧ ଉପରେ ହନୁ ବିଶ୍ୱରୂପ ଧାରଣ କରି ଗ୍ଭଲିବାରେ ସମର୍ଥ ହୁଏ । ଏପରିକି ବନ୍ଧର ଏ ପାର୍ଶ୍ୱରୁ ସେପାର୍ଶ୍ୱ ଅନାୟାସରେ ଗତି କରିପାରିଛି । ଏହାର ସୂତ୍ରଧର ହେଉଛନ୍ତି ଶ୍ରୀକୃଷ୍ଣ । କାରଣ ସ୍ୱୟଂ ଶ୍ରୀକୃଷ୍ଣ ହିଁ ପାର୍ଥର ମାନ ରକ୍ଷଣାର୍ଥେ ତାର ଶର ବନ୍ଧଟିକୁ ଜଳ ମଧ୍ୟରେ ଥାଇ ଶିର ପରେ ବହନ କରଥିଲେ । ତେଣୁ ସକଳ ସାମର୍ଥ୍ୟ ପଛରେ ହିଁ ବାସୁଦେବଙ୍କର ସ୍ଥିତି ସ୍ୱିକାର୍ଯ୍ୟ ।

ଏ ମର ଧାମରେ ଈଶ୍ୱର ହିଁ ଚର ସତ୍ୟ । ସକଳ ଶକ୍ତିର ଆଧାର । ସର୍ବ ଅନ୍ତର୍ଯ୍ୟାମୀ; ସର୍ବ ବିଦ୍ୟମାନ । ତାଙ୍କୁ ବାଦ ଦେଇ ସୃଷ୍ଟିର ପରିକଳ୍ପନା କରାଯାଇ ନପାରେ । ତେଣୁ ସର୍ବଶକ୍ତିର ଉତ୍ସ ପରମେଶ୍ୱରଙ୍କୁ ସମସ୍ତ ଆଧାର ରୂପେ ମାନନେବା ସମସ୍ତଙ୍କର କର୍ତ୍ତବ୍ୟ । କଥାରେ ଅଛି "ଈଶ୍ୱର ଯାହା କରନ୍ତି ସର୍ବଦା ପ୍ରାଣୀର ମଙ୍ଗଳପାଇଁ ।" ଈଶ୍ୱରଙ୍କ ସୃଷ୍ଟି ବଡ ବିଚତ୍ର । ତାଙ୍କର ଅନ୍ୟ ଏକ ନାମ ମଧ୍ୟ "ବିଚତ୍ରକର୍ମା" । ଅଦ୍ଭୁତ ତାଙ୍କର କରଣୀ । ଅପରିସୀମ ତାଙ୍କର ଗୁଣ ଓ ଗାରିମା । ସେ ମଙ୍ଗଳମୟ । ସମସ୍ତ ପ୍ରାଣୀଙ୍କ ମଙ୍ଗଳ ବିଧାନ କରିଥାନ୍ତି । ତାଙ୍କର ଗୁଣ ନାମ ରୂପଲୀଳାଧାମ ଆଦି ସକଳପାବନ ଯାହାକ କ୍ଷୁଦ୍ର ମନୁଷ୍ୟର ଚନ୍ତା ଓ ଚେତନାର ବାହାରେ । ଅତଏବ ମଙ୍ଗଳମୟ ସ୍ରଷ୍ଟାଙ୍କର ସୃଷ୍ଟି ମଧ୍ୟ ମଙ୍ଗଳମୟ ।

ଯୁଗେଯୁଗେ ଭକ୍ତ ଭଗବାନର ଓ ଭଗବାନ ଭକ୍ତର । ମାନବ ଶରୀରରେ ହିଁ ମାଧବଙ୍କର ସ୍ଥିତ । ମାଧବ ଜ୍ୱଳନ୍ତ ଅଗ୍ନିପିଣ୍ଡ ହେଲେ ମାନବ ତାର ଅଗ୍ନି ସ୍ଫୁଲିଙ୍ଗ ମାତ୍ର । ସେଥିପାଇଁ ଯଥାର୍ଥରେ କୁହାଯାଇଛି "ମାନବ ସେବା ହିଁ ମାଧବ ସେବା ।" ଏହି ସେବାକୁ ମାଧ୍ୟମ କରି ମାନବ ଈଶ୍ୱରାନୁବର୍ତ୍ତି ହୋଇ ଈଶ୍ୱରଙ୍କର ଦିବ୍ୟ ଅନୁଭବ ଲାଭ କରିଥାଏ । "ନର ସେବା ହିଁ ନାରାୟଣ ସେବା ଉକ୍ତିଟିକୁ ପାଥେୟ କରି ମାନବ ଈଶ୍ୱରଙ୍କର ନିକଟବର୍ତ୍ତୀ ହୋଇଥାଏ । ଭକ୍ତ ଓ ଭଗବାନ ଅଭିନ୍ନ । ଏପରିକି ପ୍ରାଣୀ ଭକ୍ତ ହାତୀର ପ୍ରାର୍ଥନା ମଧ୍ୟ ଭଗବାନ ଶୁଣି ତାର ଆପଦହରଣ ଇମନ୍ତେ ସ୍ୱୟଂ ଆବିର୍ଭୁତ ହୋଇ ସୁଦର୍ଶନ ପ୍ରେରଣକରି ଶିର ଛେଦନ କରିଥିଲେ । ସେ ତ ସଭିଙ୍କର ସ୍ରଷ୍ଟା । ତେଣୁ ଭଗବାନଙ୍କର ପ୍ରାର୍ଥନା ହିଁ ଭକ୍ତର କର୍ତ୍ତବ୍ୟ ।

ଅଧାପକ, ଇଂରାଜୀ ଭାଷା ସାହିତ୍ୟ,
ସା:ପୋ-ମହୁ, ଜି-କେନ୍ଦ୍ରାପଡା

# କରୋନା ଭାଗବତ-୪



ଶମ୍ଭୁନାଥ ଦାସ

କରୋନା କରୋନାର ନାଦ । କରି ଆସିଲେ ଶ୍ରୀ ନାରଦ ॥
ଶୁଣି ଚକତ ନାରାୟଣ । ନାରଦେ ପୁଛିଲେ କାରଣ ॥
ହୋଇଛି କିବା ମତିଭ୍ରମ । କରୋନା ଦେଇ ମୋର ନାମ ॥
ନାରଦ ବୋଲଇ ଉତ୍ତର । ମୁଁ ଯାଇଥିଲି ମର୍ତ୍ତ୍ୟପୁର ॥
ଦେଖିଲି କରୋନା ରାକ୍ଷସ । ମାରି ଖାଉଛି ଯେ ମଣିଷ ॥
ଭୟେ ମୁଁ ପଳାଇ ଆସିଲି । କରୋନା ବୋଲି ବାଉଳଲି ॥
ପ୍ରଭୁଙ୍କ ନାମ ବିସ୍ମରଣ । କ୍ଷମା କରନ୍ତୁ ନାରାୟଣ ॥
କୁହନ୍ତୁ ପ୍ରଭୁ ପୀତବାସ । ସେ କିଏ କରୋନା ରାକ୍ଷସ ?
ହସି ବୋଲନ୍ତି ନାରାୟଣ । ଏ ନୁହେଁ ଆମ୍ଭ ଦୈବ-ବାଣ ॥
ସୃଷ୍ଟି ସୃଜନ ଆତ୍ମକର୍ମ । ସୁରକ୍ଷା ମାନବର ଧର୍ମ ॥
ଜାଣ ତ ଦଇବ ବିଧାନ । ଅମାନ୍ୟ କରଇ ବିଜ୍ଞାନ ॥
ଅମାନ୍ୟ କଲେ ଦୁଃଖ ନାହିଁ । କୁତ୍ସିତ କରେ କାହିଁପାଇଁ ?
ବିଜ୍ଞାନ ଅଟେ ଆଶୀର୍ବାଦ । ଅପବ୍ୟବହାର ଯେ ମନ୍ଦ ॥
ମନ୍ଦ କର୍ମର ଫଳ ବିଷ । ସେ ବିଷେ ମାନବ ବିନାଶ ॥
ହସି କହିଲେ ଚକ୍ରଧର । ନାରଦ ହେଲେ ନିରୁତ୍ତର ॥
ଏମନ୍ତ କଥାର ନିର୍ଯ୍ୟାସ । ଭାଳବେ ସମ୍ଭୁନାଥ ଦାସ ॥

ମୁଖ୍ୟ ସଂପାଦକ:"ଅଭିଯାନ"
୧୭୫-ଏ/୧, ବିଶ୍ୱଲକ୍ଷ୍ମୀ ତାଲ୍ ରୋଡ
କୋଲକତା

# ମନେପଡେ



ଡ. ଜ୍ଞାନେଶ୍ୱର ମିଶ୍ର

ବହୁ ଦେବାଦେବୀ ପୂଜି
ମନେ ଆଶା ସଞ୍ଚି ସଞ୍ଚି
ମାଟି ଖୋଳ ମଞ୍ଜି ପୋତିଥିଲି
ଆଖିରେ ମୋ ଅସୁମାରୀ ସ୍ୱପ୍ନ ଦେଖୁଥିଲି
ଗଜା ବାହାରିଲା, ପତ୍ର କଅଁଳଲା
ଛେଳ ବାଛୁରୀଙ୍କ ଭୟ ପଶିଲା
ମଧ୍ୟବିତ୍ତ ବତା ବାଡି କାଠିରେ
ବାଡ ଘେରାଇଲି ଚାରିପାଖରେ
ପାଣି, ଔଷଧ ଓ ପିଡିଆ ସାର
ଯୋଗାଇଲି ଆଣି ଭାରକୁ ଭାର
ଗଛ ବଢ଼ିଲା, ଡାଳ ମେଲିଲା, ବାଡ ହଟିଲା
ଫୁଲ ଫୁଟିଲା, ଶୋଭା ଦିଶିଲା
ଆଶା ବଢ଼ିଲା, ଖୁସି ବଢ଼ିଲା
ଦେଖିଦେଲେ ଥରେ ଦୁଃଖ ହରିଲା
ଚାହୁଁ ଚାହୁଁ ଡାଳ ଶକତ ହେଲା
ପାଚେରୀ ଡେଇଁଲା, ବାଡ ଭାଙ୍ଗିଲା
ଅମାନିଆ ସେ ଉଦ୍ଧତ ହେଲା

ବିଦେଶୀ ଡାଳରେ ନଜେ ମିଶିଲା
ସେ ଡାଳରେ ଠିକଣା ଠିକ୍ ନଥିଲା
ତାକୁ ପାଇ ଏ ଡାଳ ସବୁ ଭୂଲିଲା
ଦୁଃଖ ବଢ଼ିଲା ସୁଖ ହଜିଲା
ଉଦ୍ଧତ ଡାଳକୁ କାଟିବି ରାଗ ବଢ଼ିଲା
ଟାଙ୍ଗିଆ ଧରି ତା ପାଖକୁ ଗଲି
ତା ମୁହଁକୁ ଥରେ ଅନାଇ ଦେଲି
ଟାଙ୍ଗିଆ ହାତରୁ ପଡିଲା ଖସି
ଫେରିଲି ଘରକୁ ନମିଷେ ବସି
ସବୁ ଦୁଃଖ ହୃଦୟରେ ଜାକିଲି
ଘର ଦୁଆର ସବୁ ତାଲା ମାରିଲି
ଡାଳକୁ ନଚାହିଁ ବାହାରିଗଲି
ଋଷିକେଶ ଟ୍ରେନରେ ଟିକେଟ କାଟିଲି
ଟ୍ରେନରେ ବସି ଭାବି ଚାଲିଲି
ମଂଜି ପୋତି ସତେ କଣ ପାପ କରିଲି?

୪୯/୫/ଏଚ୍-୫୫, କାର୍ଲ ମାର୍କ୍ସ
ସରଣୀ, କୋଲକତା

# ସଲାମ୍ ଶହୀଦ୍



ଭାରତୀ ପଣ୍ଡା

ହେ ବୀର ସୈନିକ ତୁମକୁ ସଲାମ୍
ଦେଶପାଇଁ ପ୍ରାଣବଳୀ ଦେଇ
ତୁମେଁ ହୋଇଅଛ ମହାନ୍।
ତୁମକୁ ସଲାମ୍।

ଗୋଳା ବାରୁଦର ଭୀମ ଗର୍ଜନ
ତୁହାକୁ ତୁହା ବୋମା ବିସ୍ଫୋରଣ।
ଡରିତ ଯାଇନ ହେ ବୀର ପୁଙ୍ଗବ
ପୋଛି ଦେଲ ଲୁହ ମାତୃ ଭୂମିର।

ମାଁର ପଣତ, ମାଁର କୋଳ
ଭୁଲି ହୋଇଗଲ ଦେଶ ମାତୃକାର।
ଭଗିନୀ ଆଖିରୁ ଶୁଖିନ ଯେ ଲୁହ
ଉଜୁଡିଗଲା ସୀମନ୍ତିନୀ ସିନ୍ଦୂର।

ସଲାମ୍ ତୁମକୁ ହେ ବୀର ସୈନିକ
ସେ ମାତାକୁ ସଲାମ୍, ଯା ଗରଭୁ
ତୁମେଁ ହୋଇଅଛ ଜାତ।
ସଲାମ୍ ସେ ଶିଶୁ ମୁଖାଗ୍ନି ଯିଏ ତବ।

ଜାତି ଧର୍ମର ଊର୍ଦ୍ଧରେ ରହି
ରଚଯାଅ ତୁମେଁ ଜାତି ଇତିହାସ।
ତ୍ରିରଙ୍ଗାରେ ଆବୃତ ଶରୀର ତୁମର
ସଲାମ୍ କରେ ମୁଁ ତାକୁ ବାରମ୍ବାର।

ଶ୍ରଦ୍ଧା ସୁମନ ଘେନ ହେ ବୀର
ବଳଦାନ ତୁମ ହେବନାହିଁ ଅକାରଣ।
ସୂର୍ଯ୍ୟ, ଚନ୍ଦ୍ର, ତାରା ଥିବେ ଯେତେଦିନ
ଫରଫର ଉଡୁଥିବ ତ୍ରିରଙ୍ଗା ଆମର।

ସଲାମ୍ ଶହୀଦ୍ ବ୍ୟର୍ଥ ହେବନାହିଁ ବଳଦାନ
ତବ।

ବୁର୍ଲା, ସମ୍ବଲପୁର

# ସାରସ୍ୱତ ପ୍ରତିଭାଧର- ବୈଷ୍ଣବ ପାଣି

କୁଞ୍ଜ ବିହାରୀ ସାହୁ

୧୮୮୨ ମସିହା କୁମାର ପୂର୍ଣ୍ଣିମୀ ତିଥୀରେ କଟକ ଜିଲ୍ଲାର ପ୍ରସିଦ୍ଧ ସାରସ୍ୱତ ଭୂମି ମାହାଙ୍ଗା ବ୍ଲକ ଅନ୍ତର୍ଗତ କୋଠପଦା ଗାଁରେ ପୁଅଟିଏ ଜନ୍ମନେଲା । ବାପା ସୁଦର୍ଶନ ପାଣି ଓ ମାତା ଛାୟାଦେବୀ ପୁଅଟିର ନାଁ ରଖିଲେ ଶତ୍ରୁଘ୍ନ । ପୁତ୍ର ଜନ୍ମରେ ଖୁସି ହେଲେ । ଅଥଚ ପୁତ୍ରଟି ରୋଗଗ୍ରସ୍ତ ହେତୁ ବାପା ମା ମାନସିକ ଭାରସାମ୍ୟ ହରାଇ ବସିଲେ । ସୁସ୍ଥ ହେବାପାଇଁ ଇଛା ପୋଷଣ କରି ପୁରୀର ବଡଛତା ମଠସ୍ଥିତ ଏକ ବଟବୃକ୍ଷକୁ ସମର୍ପି ଦେଇଥିଲେ । ବୈଷ୍ଣବ କରାଇ ନାଁ ରଖିଥିଲେ ବୈଷ୍ଣବ ପାଣି ।

ସପ୍ତମ ଶ୍ରେଣୀରୁ ହିଁ ପାଠରେ ଡୋରି ବନ୍ଧା ହେଲେ ବି ନଜର ଧୀଶକ୍ତି ବଳରେ ସେ ପାଲା ଗାୟକ ରୂପେ ପରିଚତି ପାଇଥିଲେ । ଯେମିତି ନାଟ ତାମସାରେ ଯାହାର ମନ, ତାହାର ବା ପାଠ ହେବ କେମିତି । ମାତ୍ର ସରସ୍ୱତୀଙ୍କ ଅପାର କରୁଣା ଲଦି ହୋଇପଡ଼ିଥିଲା ବୈଷ୍ଣବ ପାଣିଙ୍କ ଉପରେ । ସଂସ୍କୃତ ବ୍ୟାକରଣ ଓ ସାହିତ୍ୟ ପ୍ରତି ପ୍ରଗାଢ଼ ଅନୁରକ୍ତି ତାଙ୍କୁ ସାରସ୍ୱତ ସାଧନାର ଶୀର୍ଷରେ ପହଂଚାଇ ପାରିଥିଲା । ପିଲାଟି ବେଳୁ ହିଁ ଭକ୍ତି ଚେତନାରେ ଉବୁଟୁବୁ ହୋଇଥିଲେ । ଗାଁ ର ବିନୋଦବିହାରୀଙ୍କ ଅଶେଷ କୃପା ଲାଭ କରି ଅଗଣିତ ଜନମାନସରେ ରହିଗଲେ ଚରଦିନ ପାଇଁ ।

ପରାଧୀନ ଭାରତ ଥିଲା ବିଦେଶୀ ଶାସନ କବଳତ । ଇଂରେଜୀ ମାନଙ୍କର ଅମାନବିକତା, ଅସଞ୍ଜତ ଆଚରଣ, ଅଶାନ୍ତ ବାତାବରଣରେ ଅତିଷ୍ଠ ହୋଇଥିଲେ ଭାରତବାସୀ । ଏମିତି ଏକ ସମୟରେ ଜନ୍ମନେଇ ବୈଷ୍ଣବ ପାଣି ଅବହେଳତ ସମାଜକୁ ନଜ ଆଖିରେ ଦେଖି ସହ୍ୟ କରିପାରୁ ନଥିଲେ ସହଜରେ । ମନ ଭିତରେ କାବ୍ୟିକ ଚେତନା ସ୍ଫୁରି ଉଠୁଥିଲା । ସାହିତ୍ୟର ସମସ୍ତ ବିଭାଗରେ କଲମ ଚାଳନା କରି ତତ୍କାଳୀନ ସାମାଜିକ ମୂଲ୍ୟବୋଧକୁ ପରିବର୍ତ୍ତନ କରିବାରେ ସକ୍ଷମ ହୋଇପାରିଥିଲେ । ରୋଗଗ୍ରସ୍ତ ହୋଇ ବି ସାହିତ୍ୟକୁ ଜୀବନଠୁ ଅଧିକ ଭଲପାଉଥିଲେ । ପୁରପଲ୍ଲୀରୁ ନଗର ପର୍ଯ୍ୟନ୍ତ ଅଗଣିତ ଜନତାଙ୍କୁ ମନ୍ତ୍ରମୁଗ୍ଧ କରିପାରିଥିଲେ । ସାରସ୍ୱତ ସାଧନାରେ ଯେତିକ ଧୂରୀଣ, ଆଧୁନକ ଓ

ସ୍ପଷ୍ଟବାଦୀ ପୁରୁଷ ଭାବେ ସେତିକି ଚର୍ଚ୍ଚିତ ଥିଲେ । 'ସମର ସଂଗୀତ' ରଚନାରୁ ଆନୀତ କବିତା ଥିଲା ଏହିପରି -

କପାଁ ଆମ ରାଜା ଆମଦେଶକୁ
ଦେଇ ପରକୁ କାନ୍ଦିବା ଶେଷକୁ ।
ଖଂଟ ଏ ଦେଶରେ କରି ବେଉସା
ଲୁଟି ନେଉଥିଲା ଟଙ୍କା ପଇସା ।
ଯହିଁ ସୁଆଦ ଲାଗିଲା ପାଟିକୁ
ତହୁଁ କେବେ ବସିଲେ ଏ ମାଟିକୁ ।

ଯୁଦ୍ଧ ଅବସାନ ପରେ ଭାରତରୁ ସେ ଗୋଟେ କୋଇଲି (ଗୀତଟିଏ) ବର୍ମା ଦେଶ ଦେଇ ଜାପାନ ପଠାଇଥିଲେ । ଖୁବ୍ ରସାଣିତ ଓ କଟାକ୍ଷ ଭାବରେ ଲିଖିତ ହୋଇଥିବା ଗୀତଟି ନମ୍ନୋକ୍ତ ଲେଖାଶୈଳୀରୁ ବାରି ହୋଇପଡ଼େ ।

ଯାଆ ଲୋ କୋଇଲି ଉଡ଼ି
ଜାପାନକୁ କହ ଡରକୁ ଏଡ଼ି ଲୋ କଳା ଜୋଇଲି
ଆମ ବରମାକୁ ଯାଉ ଛାଡ଼ି ।(୧)
ପର ଦେଶ ପରଧନ
ଲୁଟିଲୁ କପାଁ ଏଣେ ତୋ ମନ ଲୋ କହ କୋଇଲି
ଯାଉ ଘେନ ନିଜ ସନମାନ ।(୨)

ବୈଷ୍ଣବ ପାଣିଙ୍କ କବିତାର ମଧୁର ମୂର୍ଚ୍ଛନା ସବୁଦିଗରେ ଚହଳ ପକେଇଦେଲା । ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶର ତତ୍କାଳୀନ ପ୍ରଥମ ପ୍ରଧାନମନ୍ତ୍ରୀ ହରେକୃଷ୍ଣ ମହତାବଙ୍କ ସହ ସାକ୍ଷାତ ହେବାର ସୁଯୋଗ ପାଇଥିଲେ ସେ । କଥୋପକଥନରେ ସେ ମହତାବଙ୍କୁ ନିଜ କାବ୍ୟପ୍ରତିଭାର ଝଲକ ଦେଖାଇଥିଲେ । ଲେଖିଥିବା 'ପ୍ରଳୟଭେରୀ 'କବିତାକୁ ଶୁଣାଇଥିଲେ–

ଭାରତ ବୀରେ ବିରତ ନୁହଁ
ତୁରିତ ଭିଡ଼ ଅଂଟା

ବିରତ ନୁହେଁ କାହାର ଏ ଦେହ
ବଜାଅ ବିଜୟ ଘଂଟା । (୧)
ବର୍ଜନ କର ପ୍ରାଣ ମମତା
ଅର୍ଜନ କର ଯଶ
ଅହିଂସା ଭେରୀ ଗର୍ଜନ ଶୁଣ
କମ୍ପାଏ ଦିଗଦଶ । (୨)

ଏକ ସାକ୍ଷାତକାରରେ ତତ୍କାଳୀନ ଓଡ଼ିଶାର ପ୍ରଥମ ପ୍ରଧାନମନ୍ତ୍ରୀ ହରେକୃଷ୍ଣ ମହତାବ ବୈଷ୍ଣବ ପାଣିକୁ କବିତା ବିଷୟରେ ପଗ୍ଭରୁପଗ୍ଭରୁ ବୈଷ୍ଣବ ପାଣି କହିଲେ – କବିତାଟିଏ ଶୁଣାଇଲେ ।

ଦେଖ ଦେଖ ଭାଇ ଭାଙ୍ଗିଲାଣି ଆଜି
ଗୋରାଙ୍କ ଜିଅଲଖାନା ହେ
କାଲିର କାଇଦା ନାହିଁ ଆଜି ଆଉ
ପଶନ୍ତି ସ୍ୱରାଜସେନା ହେ ।
ଚହ୍ଲିଲାଣି ସରକାର
ଲାଭ ହାନ ପୁଣି କେତେ କା'ର । (୧)
ଆଗ ବାଗାନରୁ ଆଳୁ କଦଳୀ ସେ
ବିକୁଥିଲା ଖୋଳ ତୋଳ
ଶାଗକେରା ଆଜି ଖୋଜିଲେ ନ ମିଳେ
ମୁହଁ ପଡ଼ିଲାଣି କାଳ ହେ
କେତେ ଦେବ ଆଣି କାହୁଁ
ଟାଣିଝିଙ୍କି ତ ହେଲାଣି ସେହୁ । (୨)
ଜଗବନ୍ଧୁଙ୍କର ଦେଉଳ ଦରଜା
ହୋଇଛି କାରା ଫାଟକ
ପଶୁଛନ୍ତି ଆସୁଛନ୍ତି ନତି ନତି
ଯାତ୍ରୀଙ୍କ ସମାନ ଦେଖ ହେ

ଆମ୍ଭ ରଜା ବନ୍ଦୀଗଣ
ଆଉ ନାହିଁ ସେ ପୂରୁବ ଟାଣ ହେ ।( ୩)

ମହତାବଙ୍କ ଅନୁରୋଧରେ ସେ ପୁଣି ବିଦେଶୀ ଗର୍ଜନ ନାମରେ ଏକ ଲୋମ ଟାଙ୍କୁର ଗୀତଟିଏ ଶୁଣାଇଲେ ।

ଶୁଣ ମୋ ଭଉଣୀମାନେ
ବେଶ ହେବା କେଶ ସଜାଡ଼ିବା ବେଳ
ଏ ନୁହେଁ ହେଜ ମନେ । ୧
ତୁମ୍ଭ ଶାଶୁ ପରଦାସୀ
ତୁମ୍ଭେ ସାଜ ଶେଯ ଗେଲ ଅବସରେ
ଗରବେ ନ ଯାଅ ଭାଷି । ୨

ବୈଷ୍ଣବ ପାଣିଙ୍କ କବିତା ବିବିଧ ରୂପରେ ରଙ୍ଗାୟିତ । ସମାଜର ସବୁ ଚରିତ୍ରକୁ ସେ ସାମ୍ନା କରି ସୁନ୍ଦର ସୁଲଭ ଢଙ୍ଗରେ କବିତା ଲେଖିଛନ୍ତି । ବିଶେଷ କରି ସେ ଅନେକ ଗୁଡ଼ିଏ ଗୀତାଭିନୟ ରଚନା କରିଛନ୍ତି ଯେଉଁଥିରେ ଭାବପୂର୍ଣ୍ଣ ଗୀତଗୁଡ଼ିକୁ ସ୍ଥାନ ଦେଇ ଲୋକାଭିମୁଖୀ କରିପାରିଛନ୍ତି ।

ହାସ୍ୟରସ – ବୈଷ୍ଣବ ପାଣିଙ୍କ ରୁଚଶୀଳ ସାହିତ୍ୟରେ ହାସ୍ୟରସ ଭୂମିକା ଅତୁଳନୀୟ । ପ୍ରତ୍ୟେକ ଗୀତାଭିନୟରେ ହାସ୍ୟରସର ସୃଷ୍ଟି ଦେଖାଣାହାରିଙ୍କ ହୃଦୟରେ ହସିବାର ଖୋରାକ ଯୋଗାଇପାରିଛି । ସତେ ଯେମିତି ଦର୍ଶକ ହସିହସି ବେଦମ୍ । ଦୁଆରି, ରଜକ, ମୃଦୁସୁଲି, ବିଦୁଷକଙ୍କ ମୁଖରେ ହାସ୍ୟରସର ଗୀତିକା ଦେଇ ଅଗଣିତ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିପାରିଛନ୍ତି । ମୁଢ଼ି ଉପରେ ଟିପ୍ପଣୀ ଦେଇ ଗୀତଟିଏ 'କଂସ ଦିଗବିଜେ 'ନାଟକରେ ଲେଖିଥିଲେ –

ଧନ୍ୟ ଧନ୍ୟ ଧନ୍ୟରେ ମୁଢ଼ି !
ତୋତେ ଖାଇ ଟୋକୀ ହୁଅନ୍ତି ବୁଢ଼ୀ
ନରୋଳା ସୋରିଷ ତେଲ ମାଖି ଯେତେ ରଖିବ
ପାଟିରୁ ନ ଯାଉ ଛାଡ଼ି ।

ରଜକର ତୁଣ୍ଡରେ ବାଢ଼ି ଦେଇଛନ୍ତି ସୁନ୍ଦର ମଜାଳଆ ଗୀତଟିଏ 'ରଙ୍ଗସଭା' ଗୀତିନାଟ୍ୟରେ -

ହାଣିଗଲି ବରଖୋବା ଲୋ ବୋଇଲା
ହାଣିଗଲି ବରଖୋବା
ଉଠା ଭାତୁଆଣି ବସା ଜାଉପାଣି
ଖାଇଲେ ବେଠିଆ ଧୋବା ।

ଗୀତ ଭିତରେ ହସି ହସି ବେଦମ କରିବାର ତରିକା ସେ ଭଲ ଭାବରେ ଜାଣନ୍ତି । ଗାଉଁଲି ଶବ୍ଦକୁ ଯୋଡ଼ି ଗୀତଟିଏ ଭେଟି ଦେଇଛନ୍ତି –

ବାଃ ବାଃ ରେ ବାହାରେ କାଞ୍ଜି
ତୋର ଋଣ କଏ ପାରିବ ଶୁଝି
ଶୀତ ତୋର ମିତ ତୁହି ତାକୁ ହିତ
ପିତ ତ ପଳାଏ ଗ୍ଲାଇଜ ତେଜି ।

ଏହା ଛଡ଼ା 'ଦକ୍ଷଯଜ୍ଞ ଗୀତିନାଟ୍ୟ' ଆଉ ଏକ ମଜାଳଆ ଗୀତଟେ ମନକୁ ହସେଇଦିଏ -

ପଳେଇ ଆ ରେ କାଳଆ ମାଆ
ଧନଆକୁ ପାଖେ ଧଅ
କୁଆଡ଼େ ଯିବାରେ କାହିଁକି କାଳଆ
କେଉଁ କଥା ମୋତେ କହ ।

ସମାଜିକ ମୂଲ୍ୟବୋଧ - ବୈଷ୍ଣବ ପାଣିଙ୍କ ସମାଜ ସଚେତନାଶୀଳତା ତାଙ୍କର ଗୀତାଭିନୟରେ ପରିସ୍ଫୁଟିତ ହୋଇଛି ।

ମହାତ୍ମାଗାନ୍ଧିଙ୍କ ଅହିଂସା ନୀତିକୁ ସ୍ୱାଗତ କରିଛନ୍ତି ସେ । ଲାଂଚ, ମିଛ, ଦୁର୍ନୀତି, କଳାବଜାରି, ଗୋତି ବିରୋଧରେ ସେ ସମାଜକୁ ସଜାଗ କରିପାରିଛନ୍ତି । ମେଘନାଦ ବଧ ଗୀତିନାଟ୍ୟରେ ଲେଖିଛନ୍ତି –

କାହାରି ଅଧୀନ ନୋହିତା ଏଣିକ କଣିବି ଦୁଇଗୋଟି ହଡ଼ା
ହଳ ବୁଲାଇଣ କାଳ କଟାଇବି ହେବି ପଛକେ ଭୁଇଁତଡ଼ା ।

ସେହିପରି 'ଅର୍ଜୁନ ଲାଖବିନ୍ଧା'ରେ ସମାଜରେ ଘଟୁଥିବା ଅସହାୟତା, ହୀନମନ୍ୟତା ତଥା ଶାସନର ଜୁଲୁମକୁ ସୁନ୍ଦର ଭାବଭଙ୍ଗୀରେ ପ୍ରକାଶ କରିଛନ୍ତି ।

ଗ୍ଲାଲିଗ୍ଲାଲି ବୁଲିବୁଲି ଠିକଲି
ଖରାଦିନେ ଶୁଖିଲି
ଏ ପରେ ଗ୍ଲାକରି ପରପଂଚ ମଉସା ଭାରି
ବୋପାକୁ ଡାକଲି ।

ଗୀତିନାଟ୍ୟ 'ଗୌରଚନ୍ଦ୍ର ଚୁଡାମଣି' କୁ ପଢ଼ିଲାପରେ ମଝିରେ ଭେଟିବାକୁ ହୁଏ ଏକ ଶାସିତ ପରିବାରର ଦୁଃଖମୟ ଗାଥା । ସତରେ ମଣିଷଟିଏ ପେଟର ଭୋକକୁ ଗ୍ଲାହିଁ ଗ୍ଲାହିଁ ନଜର ଅସହାୟପଣକୁ କେମିତି ସହିଯାଉଛି!

ରଜାଘରେ ଗ୍ଲାକରି ଖଟି
ବରଷକେ ଜମା ଦି ଦିନ ଛୁଟି
ଘର ମୁହଁ ଗ୍ଲାହିଁ ଭାରିଯା ମୋହରେ
ହରଷରେ ଦିନ ନେଉଛି କାଟି ।

ବୈଷ୍ଣବ ପାଣି ପଲ୍ଲୀର କବି, ନରକ୍ଷରତାର କବି । ଓଡ଼ିଶାର ଜନଜୀବନକୁ ଦୋହଲାଇ ଦେଇଥିବା ତତ୍କାଳୀନ ବଜାର ପରିସ୍ଥିତିକୁ ଆକ୍ଷେପ କରି 'ପ୍ରହ୍ଲାଦ ଚରିତ' ଗୀତାଭିନୟରେ ଲେଖିଛନ୍ତି -

କ୍ଷିତିକୁ ଭୀତି ହେଲା ପ୍ରବଳ
ପଇସାରେ ପାନ ପାଂଚଟା ଛଅଟା
ଟଙ୍କାରେ ଛ' ସେର ଅଧେ ଗ୍ଲାଉଳ ।

ମଦ୍ୟପାନ, ନଶାସେବନ ଏପରିକି ବେଶ୍ୟାସହ ଅନୈତିକ ସମ୍ପର୍କ ଏକ ସାମାଜିକ କଳଙ୍କ। ଏଭଳି କାର୍ଯ୍ୟରେ ମାନବିକତା ଲୋପ ପାଇଥାଏ । ବିଶେଷ କରି ଯୁବସମାଜ ଏ ଦିଗ ପ୍ରତି ଧ୍ୟାନ ଦେବା ସଙ୍ଗେ ସଙ୍ଗେ କୁପଥରୁ ବିରତି ନେବା ନହାତି ଆବଶ୍ୟକ । ସେମାନଙ୍କୁ

ଉଚତ ମାର୍ଗରେ ପାଦ ପକେଇବାକୁ ହାସ୍ୟରସ ମାଧ୍ୟମରେ କବିତା ଲେଖିଛନ୍ତି । 'ଦ୍ୱାରୀ ସଙ୍ଗୀତ' ରେ ବିଦ୍ରୁପ ଠାଣିରେ ଲେଖିଛନ୍ତି –

ତୋତେ ବର୍ଣ୍ଣିବି ମଦ ତୋ ମଜା
ତୋର ସାଙ୍ଗକୁ ମଟର ଭଜା ।

ମଦୁଆ ମଦ ପିଇଲେ କେତେ ମଜା କ ସଜା ମିଳେ ସେ ସମୟରେ ଜାଣିପାରେନା । କନ୍ତୁ ମଦ ପିଇବାର ସମୟକୁ ଆଦରି ନଏ । ସେହିଭଳ କବିତାଟିଏ ବାରି ହୋଇପଡ଼େ ତାଙ୍କ ଲେଖନୀମୁନରେ 'ରଙ୍ଗସଭ୍' ଗୀତାଭିନୟରେ । ଯେଉଁଥିରେ ସମାଜର ଅଧୋପତନର ଦୃଶ୍ୟ କାବ୍ୟିକ ରସରେ ବଖାଣ କରାଯାଇଛି ।

ଛି ଛି ମଦ ପିଇବି ନାହିରେ କଳାପାଣି ପରି ଦିଶେ
ସେଇ କଳାପାଣି ପେଟରେ ପଡ଼ିଲେ ଚଉଦ ଭୁବନ ଦିଶେ ।

ସେ ଅନୁଭବ କରିଛନ୍ତି ଯେ ସେ ଦାରିଦ୍ର୍ୟ, ନପୀଡ଼ିତ ଓଡ଼ିଆମାନେ ସମାନ୍ୟ ଦି ପଇସା ରୋଜଗାର କରି ଫୁଲୁରି ତେଲ କଣି ଦ୍ୱାରୀ ଦ୍ୱାରରେ ସବୁ ଅଜାଡ଼ି ଦିଅନ୍ତି । ଏମିତି ଏକ ଅସହାୟତାକୁ 'ଆସ କଏ ଯିବରେ କଲିକତାକୁ ଗ୍ଭଲ' କବିତାରେ ବାଢ଼ିଛନ୍ତି –

ଗୋଡ଼େ ମାଡ଼ି ଚଢ଼ାଉ ଯୋତା
ହାତେ ଧରି ଫିରିଙ୍ଗି ଛତା
ବଇଷ୍ଣବ କହି ଗଂଠିଲି ମୁଣ୍ଡାଇ
ସଡ଼କରେ ହେବା ଗେଲରେ – କଲିକତାକୁ ଗ୍ଭଲ

ବେଳେବେଳେ ସମାଜ ଜୀବନକୁ ନାନା କୁସଂସ୍କାର ତଥା ଅନ୍ଧବିଶ୍ୱସ ଗ୍ରାସ କରିଥାଏ । ଭ୍ଷାକୁ ବି କବଳତ କରିଦିଏ ଅନାୟସରେ । ଏ ପରିପ୍ରେକ୍ଷୀରେ ବୈଷ୍ଣବପାଣି ନଜ ଲିଖନକୁ ଶାଣିତ କରି ଲେଖିଛନ୍ତି -

ଦେଶ ଦଶା ଦେଖି ଉଡ଼ିଯାଉଅଛୀ ହଂସା
ଦିନକୁ ଦିନ ହୀନ ଭଜୁଛି ସାହିତ୍ୟ ଭ୍ଷା ।

ନାରୀ ଚରିତ୍ର – ସମାଜର ନାରୀ ଚରିତ୍ରର ଉପସ୍ଥାପନା ପାଣିଙ୍କ ପୌରାଣିକ ଗୀତାଭିନୟରେ ସୁସ୍ପଷ୍ଟ । ନାରୀ ମାତୃରୂପ, ପତ୍ନୀରୂପ, ଭଗିନୀ ରୂପ, ପ୍ରେମିକା ରୂପ, ପ୍ରତିଶୋଧ ପ୍ରବଣତା, ବୀରନାରୀର ସ୍ୱରୂପ, ଦେବୀ ସ୍ତୁତିର ପ୍ରତିଛବି । ଏସବୁର ଭିନ୍ନ ଭିନ୍ନ ରୂପକୁ ସେ ନଜର ଗୀତାଭିନୟରେ ରୂପଦେଇ ଏକ ନଆର୍ ପରିଚୟ ତିଆରି କରିପାରିଛନ୍ତି ।

'ଓଡ଼ିଆ ନାରୀ ଶିକ୍ଷା ପୁସ୍ତକ' ରେ ସେ ନାରୀମାନଙ୍କର ପତ୍ନୀ ଧର୍ମ ଓ କର୍ତବ୍ୟବୋଧକୁ ଖୁବ୍ ସରଳ ତରଳ ଭାବରେ ବର୍ଣ୍ଣନା କରିଛନ୍ତି ।

ଗୋବରଲିପିଲେ ଘର ମୋ, ମୋର ମାଆଟି ମାନେ
ଛାରପୋକଙ୍କର ଡର ନ ରହିବ, ଦୁରୁଗନ୍ଧ ହେବ ଦୂର ଗୋ
ମୋ ମାଆଟି ମାନେ ।

'ବାଲ୍ୟବିନୋଦ' ଗୀତାଭିନୟରେ ଯଶୋଦାଙ୍କ ମାତୃରୂପକୁ ଚମତ୍କାରିତା ଢଙ୍ଗରେ ଆଙ୍କିଛନ୍ତି–

ଆରେ କୋକ ମୋର କାହ୍ନୁକୁ ଧରି ନେଇଯାଆ
ମାନୁନାହିଁ ମୋ ବଚନ ଏଡ଼ିକ ଅଟେ ବାଇଆ ।

ସେହିଭଳି 'ରଙ୍ଗସଭା' ଗୀତିନାଟ୍ୟରେ ଲେଖିଛନ୍ତି -

ଦୁଃଖୀଧନ ନୀଳମଣିରେ
ମାଆ ବୋଲି କିଏ ଡାକବ ମୋତେ ।
ଗୋରୁ ଘେନ ଫେରି ଆସିଲାବେଳକୁ
କାହା ପାଇଁ ଜଗି ବସିବି ପଥେ ।

କଂସ ମାମୁଁର ଧନୁଯାତ୍ରା ଦେଖିବାକୁ କୃଷ୍ଣ ମଧୁପୁର ଯିବାକୁ ପ୍ରସ୍ତୁତି ବେଳେ ମାଆ ଯଶୋଦା ବିଚଳତ ହୋଇପଡ଼ିଛନ୍ତି । ପୁତ୍ର ବତ୍ସଳା ମାଆ ଦୁଃଖରେ ଅଧୀର୍ ହୋଇ ପୁତ୍ର କଥା ଭାଳ ହେଉଛନ୍ତି । କହିବାକୁ ଗଲେ ପୁତ୍ର ପ୍ରତି ଗୋଟିଏ ମାଆର ବାତ୍ସଲ୍ୟ ଭରା ସ୍ନେହ ସତେ ଯେମିତି ଅଜାଡ଼ି ହୋଇପଡ଼ିଛି ।

ନାରୀ ପ୍ରତି କୁଦୃଷ୍ଟି ରଖି ପରନାରୀକୁ ଉପଭୋଗ କରିବା ସାମାଜିକ ଅଶାଳୀନ ଆଚରଣ । ସେ ମର୍ତ୍ତ୍ୟର ମଣିଷ ହେଉ ଅବା ସ୍ୱର୍ଗର ଦେବତା ହେଉ । ଏମିତି ଏକ ସମ୍ବେଦନଶୀଳ ଘଟଣାକୁ ବୈଷ୍ଣବ ପାଣି କାବ୍ୟିକ ଠାଣିରେ ନିଜର ମତାମତ ପୋଷଣ କରିଛନ୍ତି । ଯେମିତିକି ନିମ୍ନୋକ୍ତ ଗୀତଟିକୁ ଉଦାହରଣ ରୂପେ ନିଆଯାଇପାରେ ।

'ପ୍ରହ୍ଲାଦ ଚରିତ'ଗୀତାଭିନୟରେ ଲେଖିଛନ୍ତି – ଉଚ୍ଚ ଲୋକ ହୋଇ ଇନ୍ଦ୍ର ନୀଚ କର୍ମ କରୁରେ କେଉଁ ଧର୍ମ ବଳେ ଆସି ପର ନାରୀ ହରୁରେ ।

ପ୍ରେମିକ ପ୍ରେମିକାର ନିବିଡ଼ ପ୍ରେମାନୁଭୂତିର ଆଲେଖ୍ୟ ବହନ କରିଛି ବୈଷ୍ଣବ ପାଣିଙ୍କ ପ୍ରେମ ଗୀତି କବିତା ସଂକଳନ । ବିଚ୍ଛେଦ ଓ ଅଶ୍ରୁର ନିବିଡ଼ ସମ୍ପର୍କ, ହୃଦୟର ଗଭୀର ଅନୁଭୂତି ଓ ମାଧୁର୍ଯ୍ୟ ସ୍ଥିତି । 'ସଙ୍ଗୀତ ନବ ମଲ୍ଲିକା', 'ସଙ୍ଗୀତ ସୁଧା', 'ସଙ୍ଗୀତ ମଧୁମାଳତୀ', 'ସଙ୍ଗୀତ ପ୍ରେମଲହରୀ' ଇତ୍ୟାଦି ରଚନା କରି ପ୍ରେମର ମାଧୁର୍ଯ୍ୟ ବଢ଼ାଇପାରିଛନ୍ତି । ନିମ୍ନୋକ୍ତ କବିତାରୁ ସ୍ପଷ୍ଟ ବାରିହୋଇପଡ଼େ ।

ନାହିଁ ପ୍ରେମଠାରୁ ବଳି ଆଉ ଦରବ
ତା ନେହେ ନଥାଏ କେବେ ଧନୀ ଗରିବ ।

ଲୋକପ୍ରିୟ ଗୀତିନାଟ୍ୟ ଭିତରେ ଦ୍ରୋଣାଗ୍ରୁର୍ଯ୍ୟ ବଧ, କର୍ଣ୍ଣାର୍ଜୁନ, ରଙ୍ଗସଭା, ଦକ୍ଷଯଜ୍ଞ, କର୍ଣ୍ଣଦାନ ପରୀକ୍ଷା, କର୍ଣ୍ଣବଧ, ବିଜୟ ବସନ୍ତ, ମାଧବ ସୁଲୋଚନା, ରଘୁ-ଅରକ୍ଷିତ ସୁଆଙ୍ଗ, ଚଣ୍ଡୀପର୍ବ, ନରମେଧ ଯଜ୍ଞ, ହରିଶ୍ଚନ୍ଦ୍ର, ଜାଗ୍ରଶବର, ଯଦୁବଂଶ, ବୈଲୋଚନ ବଧ, କୀଚକ ବଧ, ନଳଦମୟନ୍ତୀ, ମହୀରାବଣ ବଧ, ରାମ ବନବାସ ଇତ୍ୟାଦି ଗ୍ରାମୀଣ ଜନସମାଜରେ ଆଲୋଡ଼ନ ସୃଷ୍ଟି କରିପାରିଛି ।

କେବଳ ଯେ ଗୀତାଭିନୟ ଲେଖି ବୈଷ୍ଣବ ପାଣି ସାରସ୍ୱତ ସାଧନାରେ ବ୍ରତୀ ହୋଇଛନ୍ତି ତା ନୁହେଁ, ସନାତନଧର୍ମୀ ଭଜନ, ଜଣାଣ ଲେଖିଛନ୍ତି । ବିଭୁ ପ୍ରେମରେ ନିଜକୁ ନିୟୋଜିତ କରି ତଲ୍ଲୀନ ହୋଇପଡ଼ିଛନ୍ତି । ଭଗବାନଙ୍କ ଶରଣାପନ୍ନ ହୋଇଛନ୍ତି ଜଣାଣ ମାଧ୍ୟମରେ । ଏତଦ୍ ବ୍ୟତୀତ ସୁଆଙ୍ଗ, ଫାର୍ସ, ଖଣ୍ଡକାବ୍ୟ, ଗଦ୍ୟ ରଚନା କରି ସାହିତ୍ୟ ମନସ୍କ ହୋଇପାରିଛନ୍ତି । ଐକାନ୍ତିକ ଆବେଗକୁ ଶୂନ୍ୟବ୍ରହ୍ମ ନିରୂପଣ କରିବାରେ ସିଦ୍ଧହସ୍ତ । ସେ କଲିକତାରେ ବେଶ୍ୟାସଙ୍ଗ କରି ରୋଗଗ୍ରସ୍ତ ହୋଇ ଶ୍ରୀଜଗନ୍ନାଥ ଭଜନ ଗାନ କରିଛନ୍ତି । ଏବଂ ଶାପମୁକ୍ତ ହୋଇଛନ୍ତି । ଆଧ୍ୟାତ୍ମିକ ପାରମ୍ପରିକ ଚେତନାରେ ଉଦବୁଦ୍ଧ ହୋଇଛନ୍ତି ।

ଅବାଟରେ ବାଟ ଗୁଲରେ ମନ ତୁ
ଅତୁଠେ ସ୍ନାହାନ କର
ଅଭେଦରେ ଭେଦ, ଅଛେଦରେ ଛେଦ
ଅଣସୂନ୍ୱେ ତା'ର ଘର ।

'ଶଇଳ ଚଉତିଶା', 'ମଙ୍ଗଳା ଚଉତିଶା', 'ଓଲଟା ଚଉତିଶା', 'ନୀଳାଚଳ ଜଣାଣ ଚଉତିଶା' ଭକ୍ତି ପ୍ରାଣତାର ସ୍ୱଷ୍ଟ ଆଲେଖ୍ୟ ବହନ କରେ । ଯେମିତିକ 'ରାଧାକୃଷ୍ଣ ଚଉତିଶା' ରେ ସେ ଲେଖିଛନ୍ତି –

କାର୍ମୁକ ଧାରଣ କେଶି ନସୂଦନ କାଳୀୟମର୍ଦ୍ଦନ ନାଥ
କୌସ୍ତୁଭ ଭୂଷଣ କଷଣ ଶୋଷଣ କଂସାରି କନ୍ଦର୍ପ ଜାତ ।

ବୈଷ୍ଣବ ପାଣିଙ୍କ ସାରସ୍ୱତ ସାଧନାକୁ ସମ୍ମାନ ଜଣାଇ ଉତ୍କଳ ସାହିତ୍ୟ ସମାଜ ତାଙ୍କୁ ଗଣକବି ବୋଲି ଅଭିହିତ କରିଛନ୍ତି । ସର୍ବନ୍ୱ ଗଣବୋଧ ଭାଷା, ଭାବ ବିଭୂଷିତ ହୋଇଛି ତାଙ୍କର ପ୍ରତିଟି ସୃଷ୍ଟିରେ । ଏହା ନଶ୍ଚିତ ଏକ ଗର୍ବ ଓ ଗୌରବର ବିଷୟ ।

ଗ୍ରାମୀଣ ଜନଜୀବନର ନାୟକ ଗୀତିନାଟ୍ୟକାର ବୈଷ୍ଣବ ପାଣି ଜଣେ ଦୁଃସାହସୀ ସ୍ରଷ୍ଟା । ଯାତ୍ରା ଜଗତରେ ଏକ ଯୁଗାନ୍ତକାରୀ ପରିବର୍ତ୍ତନ ଆଣିପାରିଛନ୍ତି ସେ । ପ୍ରତ୍ୟେକ ଗୀତାଭିନୟର କଥାବସ୍ତୁକୁ ସୁନ୍ଦର ଲାଳତ୍ୟ ଢଙ୍ଗରେ ସମକାଳୀନ ସମାଜର ଚନ୍ୱ ଆଙ୍କି ପାରିଛନ୍ତି । ସଂଳାପ ଭିତରେ ଗୀତ ମାଧ୍ୟମରେ ଚରିନ୍ୱକୁ ଆହୁରି ଗତିଶୀଳ ଓ ଋଦ୍ଧିମନ୍ତ କରିପାରିଛନ୍ତି । ପ୍ରତ୍ୟେକ ସଂଳାପ ସତେ ଯେମିତି ଗୀତିମୟ ଗୀତିମୟ ଲାଗେ । ଗୀତଗୁଡ଼ିକର ଯତିପାତ ବିଶେଷ ସୁମଧୁର ଓ ରସାଣିତ । ଶବ୍ଦ ଚାତୁରୀରେ ସେ ନପୁଣ । ଯାତ୍ରା ପ୍ରତି ରୁଚ ରଖୁଥିବା ସମସ୍ତ ସାଧକଙ୍କୁ ତାଙ୍କର ଏଭଳ ଲେଖନୀ ଉତ୍ସାହ ପ୍ରଦାନ କରିପାରିଛି । ପରାଧୀନ ଦେଶର କଳୁଷ-କାଳମାକୁ ଅଙ୍ଗେ ଅଙ୍ଗେ ନଭେଇଛନ୍ତି । ବ୍ରିଟିଶ୍ ଶାସନର ଜୁଲମ ଭିତରେ ଦେଶବାସୀ କେତେ ଯେ ଯନ୍ତ୍ରଣା ଭୋଗିଛନ୍ତି, ତାହାକୁ ଗୀତ ମାଧ୍ୟମରେ ଲୋକଙ୍କୁ ସଚେତନ କରାଇପାରିଛନ୍ତି । ଦୁଃଖ, ଦାରିଦ୍ର୍ୟରେ କଷାୟିତ ହେବା ସହ ଅନେକ ନନ୍ଦା, ଅପମାନ ବି ସହ୍ୟ କରିଛନ୍ତି । ତଥାପି ନଜ ସିଦ୍ଧି ଓ ସାଧନାରେ ସେ ଜିତି ସାମାଜିକ ସ୍ଖଳନରେ ସୁଧାର ଆଣିପାରିଛନ୍ତି । ଜନମାନସରେ ଏକ ନୂଆ ଜାଗରଣ ସୃଷ୍ଟି କରି ସମସ୍ତଙ୍କର ଆପଣାର ହୋଇପାରିଛନ୍ତି । ତେଣୁ ତାଙ୍କୁ ଗଣକବି କହିବାର

ତାତ୍ପର୍ଯ୍ୟ ରହିଛି । ସେତେବେଳେ ବିପଦମୁଖୀ ସମାଜରେ ଏଭଳ ଯୁଗଜନ୍ମା ପୁରୁଷର ଆବଶ୍ୟକତା ଥିଲା, ଏହା ସ୍ୱୀକାର୍ଯ୍ୟ । କହିବାର ସୁଯୋଗ ନେଇ କହିବାକୁ ଚାହେଁ ଯେ ମୁଁ ମୋ ସାରସ୍ୱତ ସାଧନା ଜାରି ରଖୁଥିଲା ବେଳେ ଅନେକ ଗୀତିନାଟ୍ୟ ଲେଖିପାରିଛି । ପାଣିଙ୍କ ସ୍ୱତନ୍ତ୍ର ସଂଳାପ ତଥା ଗୀତର ଶୈଳୀ ମୋତେ ମନ୍ତ୍ରମୁଗ୍ଧ କରିଛି । ମୋ ପାଇଁ ଜଣେ ଆଦର୍ଶ ଗୁରୁ ।

ଡଃ ମାୟାଧର ମାନସିଂହ ବୈଷ୍ଣବ ପାଣିକୁ ସମ୍ମାନ ଜଣାଇ କହିଛନ୍ତି ଯେ ସତରେ ସେ (ପାଣି) ଓଡ଼ିଶାର ଗଣସଂସ୍କୃତି କୁ କରିଥିବା ଅବଦାନ ଅମୂଲ୍ୟ ଓ ବାସ୍ତବରେ ଅମର ।

ଆତ୍ମନିର୍ଭରଶୀଳ ଓ ସ୍ୱାଧୀନତା ଭାବେ ବଂଚରହିଲେ ମଣିଷ ସୁଖ ଶାନ୍ତି ପାଏ । ଆଧୁନିକ ସାହିତ୍ୟ ଯେତେ ମନୋରଞ୍ଜନ ଧର୍ମୀ ହେଲେ ବି ଓଡ଼ିଶାରେ ସଂସ୍କୃତି ସାହିତ୍ୟ ପରମ୍ପରାକୁ ସାଇତି ରଖି କ୍ରାନ୍ତିକାରୀ ସର୍ଜନା କରିଥିବା ସାହିତ୍ୟ ହିଁ ଲୋକାଭିମୁଖୀ ହୋଇପାରିଛି । ସଂଘର୍ଷ ଭିତରେ ସେ ଜୀବନକୁ ପରଖି ନେଇଛନ୍ତି । ସମାଜରେ ସବୁ ପ୍ରକାର ପରିସ୍ଥିତିକୁ ସାମ୍ନା କରି ନିଜର ପ୍ରତିଭାକୁ ପରିସ୍ଫୁଟନ କରିପାରିଛନ୍ତି । ତାଙ୍କର ଯୁଗାନ୍ତକାରୀ ପରିବର୍ତ୍ତନ ଆଜି ବି ଲୋକମାନଙ୍କୁ ପାଖକୁ ଟାଣିଆଣିପାରିଛି ।

ଅନନ୍ୟ ସାରସ୍ୱତ ସାଧକ ବୈଷ୍ଣବ ପାଣିଙ୍କ ତିରୋଧାନ ଘଟିଲା ୧୯୫୬ ମସିହା ବୈଶାଖ ଅମାବାସ୍ୟା ତିଥୀରେ । ପୂର୍ଣ୍ଣିମୀରେ ଜନ୍ମଗ୍ରହଣ କରି ସାରସ୍ୱତ ଭଣ୍ଡାରକୁ ସମୃଦ୍ଧି କରି ଅମାବାସ୍ୟାରେ ନିଜକୁ ହଜାଇ ଦେଇଥିଲେ । ଆଜି ବି ସେ ପୂଜନୀୟ ଓ ତାଙ୍କର ବହୁମୁଖୀ ପ୍ରତିଭା ସୁଦୂର ପ୍ରସାରୀ ।

ଏଲ୍. ଆଇ.ଜି.- ୧୫ ନୟାପଲ୍ଲୀ
ବ୍ରୀଟ୍ କଲୋନୀ, ଭୁବନେଶ୍ୱର ୭୫୧୦୧୨

# ଜଗନ୍ନାଥ ରଥଯାତ୍ରା



ଶଶିଭୂଷଣ ଗୌଡ

ପ୍ରାଣ ସଙ୍ଗିନୀରେ ବଡ ଦାଣ୍ଡକୁ ଅନା
ବଡ ଦାଣ୍ଡରେ କ ଶୋଭାପାଉଛି
ଉଡୁଅଛି ତିନ ବାନା ।
ବଡ ଦାଣ୍ଡରେ ଗହଳ ଲାଗିଛି
ଆସିଛି କାଳଆ ସୁନା ।
ବଡ ଭାଇ ସଙ୍ଗେ ଆସିବେ ଏଠାକୁ
ଭଉଣୀ ସୁଭଦ୍ରା ସିନା ।
ବଡ ଦେଉଳ ମନରେ ଭାବୁଛି
ଯିବେଟି କାଳଆ ସୁନା ।
ବଡ ଦାଣ୍ଡରେ ଭକ୍ତଙ୍କ ମେଳରେ
କୀର୍ତ୍ତନ କରିବେ ସିନା ।
ମାଉସୀ ମା ଅନାଇ ରହିଛି
ପୋଡ ପିଠା କରି ସିନା ।
ଭାଇଭଉଣୀ ଭୋଜନ କରିବେ
ମନଖୁସି ହେବ ସିନା ।
କହଇ ମୁରୁଖ ଗୋପାଳ ଗଉଡ
କଣ୍ଟଙ୍କର ସୁତ ସିନା ।

ଡୁମୁଡୁମା, ଭୁବନେଶ୍ୱର

# ଦୁଃଖ ଏପଟେ, ସୁଖ ସେପଟେ



କଶୋର ମହାନ୍ତି

ଦୁଃଖ ଏପଟେ...ସେପଟେ ସୁଖ
ଭଙ୍ଗି ପଡୁଛି କ ଆକାଶ
ମାଟି ଧସି ଯାଉଛି
ପାଦ ମୋର ତଳକୁ ତଳ
ମୁଁ ଅଣନଶ୍ୱାସୀ

ପାହାଡ ଫାଟିଗଲ୍
ନଈ ପାଇ ମାଡି ଗଲ୍
ଦୁଃଖ ଏପଟେ ସେପଟେ ସୁଖ
ବର୍ଷାରେ ଯେତେ ଥିଲ୍ ସୁଖ
ନଈ ପାଣିରେ ଭସିଲ୍
ମନ ଆଉ ଦେହ ଦୁଃଖରେ ଭେଦିଲ
ନାଁ ଘର ନାଦ୍ୱାର ମୁଣ୍ଡ ଗୁଞ୍ଜିବାକୁ ସ୍ଥଳ
ନା ପିଲ୍ବକଲ୍, ନା ସ୍ତ୍ରୀ ଘରଟା ନଶୁନ
କଏ ଆଉ ଅବା ଅଛି ଖାଲି
ଦୁଃଖ ଏପଟେ...ସେପଟେ ସୁଖ
ସୁଖ ସବୁ ନଈବଢି ନେଇଗଲ୍

ଅଣଗ୍ଣଶ ପବନ ବହିଲ୍
ବାଇଶି ପାହାଚରେ ମୀନ କ ଖେଳଲ୍
ଏପଟେ ଦୁଃଖ ସେପଟେ ସୁଖ
ଏଡେବେଗି ସୁଖ କୁ କଏବା ଚହ୍ନିଲ୍?
ଜୀବନର ଚଲ୍ ପଥେ ଭେଟ ହୁଏ
ଦୁଃଖ ବାରବାର
ହେଲେ ସୁଖ ଯେ ଅଳକ
କଏ କାନ୍ଦୁଚ ଦୁଃଖକୁ ଧରି
ସୁଖ ପାଇବା ଆଳରେ ସୁଖକୁ
କଏ ଧରୁଚ ଜାବୁଡି
ଏପଟେ ଦୁଃଖ ସେପଟେ ସୁଖ
ସତେକ ଜୀବନରେ ଜାଉଁଳ କବାଟ

# କାଶତଣ୍ଡୀ



ସନ୍ତୋଷ ପଟ୍ଟନାୟକ

ଅତି ସର୍ଗରେ ଖେଳେ କାଶତଣ୍ଡି ନୀଳ ଅମ୍ବରର ତଳେ,
ଆଗମନୀ ବାର୍ତ୍ତା ଦିଅଇ ସଧିରେ ନାଚ ନାଚ ଧର୍ କୋଳେ
ଶୁଭ୍ର ତାର ଅଙ୍ଗ ଅତି ନିରିମଳ ସତେକି ସରଗ ପରୀ
ଦଶଭୂଜା ଗାଥା ଗାଉଛି ସତେବା ଧର୍ ପରେ ଅବତରି ।।

ପୂର୍ବୁ ଦିନକର ଅରୁଣିମା ପଡ଼ି ଧରଣୀ ବକ୍ଷ ସୁଢଳ
ବରଷାର ଧାର ପ୍ରଶମିତ ଏବେ ନଭରେ ଭାସେ ବାଦଲ
କାଶତଣ୍ଡି ତାଳେ ଭାନୁ ଭ୍ରମୁଛନ୍ତି ଛାଇ ଆଲୁଅର ଖେଳେ
କ୍ଷଣିକେ କ୍ଷଣିକେ ଲୁଚ ଯାନ୍ତି ରବି ଭଷା ବାଦଲର ମେଳେ ।।

ଖଗ ଦଳ ଦଳ ଆକାଶର ବକ୍ଷେ ଭ୍ରମନ୍ତି ବାଦଲ ପ୍ରାୟ
ବାଟରେ ବାଟୋଇ ଶୋଭାକୁ ନିରେଖି କ୍ଳାନ୍ତ ଦେହ କରେ ଥୟ
ସମୀରର ତାଳେ ନାଚେ କାଶତଣ୍ଡୀ କରି ଅଙ୍ଗ ଭଙ୍ଗୀ କେତେ
ଧରଣୀ ଗଭାର ଶୋଭା ବଢାଉଚ ଦେଖି ବିମୋହିତ ଲୋକେ ।।

ଭାରି ନିରିମାଖି ଶୁଭ୍ର କାଶତଣ୍ଡୀ ଶରତ ସୁଷମା ଶିରୀ
ଅପାଶୋର୍ ସ୍ମୃତି ମନରେ ସାଇତି ବାଟଭାଙ୍ଗି ଯିବ ଫେରି ।।

ଗଞ୍ଜାମ

# ନାରୀ କହିଛି କଥା କହିଛି ବ୍ୟଥା



ତେଜସ୍ୱିନୀ ସାମଲ

ନାରୀ ସମସ୍ତ ସୃଷ୍ଟି ମଧ୍ୟରୁ ଅଦ୍ଭୁତ, ନାରୀ ଯିଏ ସମାଜରେ ଭରିଦିଏ ନୂତନତ୍ୱ। ଉପନିଷଦ କହେ କେତେବେଳେ ଭଗିନୀ, ମା ଝିଅ ସାଜିଯାଏ ତ କେତେବେଳେ ପୁଣି ସାଜିଥାଏ ମହିଷା ମର୍ଦ୍ଦିନୀ। ତା'ର ଜନ୍ମ କେବଳ ସୃଷ୍ଟି କରିବାକୁ ନୁହେଁ, ଧ୍ୱଂସ କରିବାକୁ ମଧ୍ୟ। ସେ ପୃଥିବୀର ଆଦିମାତାଙ୍କର ଆହ୍ଲାଦିନୀ ଶକ୍ତି। ଦୟା କ୍ଷମା ମୂର୍ତ୍ତିମନ୍ତ ପ୍ରତୀକ। ପ୍ରକୃତି ପ୍ରବକ୍ତା ମୃଣ୍ମୟୀ ପିଣ୍ଡଟିଏ। ସାମାଜିକ ଅନୁସରଣରେ ନାରୀ ବିଭିନ୍ନ ରୂପରେ ମିହୀୟାନ। ସେଇ ନାରୀ ଶକ୍ତିମୟୀ ସତ୍ତାର ଅଧିକାରିଣୀ। ସେ କେବଳ କାମନା ବିଳାସିନୀ, ମାୟାବିନି ନୁହେଁ ସେ ସ୍ନେହମୟୀ ଜନନୀ ଓ ପ୍ରେମମୟୀ ଜାୟା, ଭଗିନୀ ଓ ଭବାନୀ। ଜାୟା ଉପରେ ସ୍ୱାମୀର ପ୍ରେରଣା, ଜନନୀ ରୂପେ ପୁତ୍ରର ପ୍ରାଣସତ୍ତା ଓ ଭଗିନୀ ରୂପରେ ଭାଇର ବଜ୍ରଶକ୍ତି।

ମହାଭାରତରେ ଯଦି କୁନ୍ତୀ, ଦୌପ୍ରଦି ର ଚରିତ୍ର ନ ଥାନ୍ତା ବୋଧେ ମହାଭାରତ ଅସମ୍ପୂର୍ଣ୍ଣ ହୋଇଥାନ୍ତା। ସେପରି ରାମାୟଣ ଭଳି ଶାସ୍ତ୍ରରେ ଯଦି ସୀତା, ଅହଲ୍ୟା ଙ୍କ ପରି ଚରିତ୍ର ନ ଥାନ୍ତା ତାହା ହେଲେ ନାରୀର ମହାନତା ବିଷୟରେ କେହି ଜାଣି ପାରି ନଥାନ୍ତେ। ଯୁଗେ ଯୁଗେ ପରିବର୍ତ୍ତନ ପାଇଁ ନାରୀ ସାଧାରଣରୁ ଅସାଧାରଣ ରୂପ ନେଇଛି। ସବୁଜିମା ଶୁଣି ମଧ୍ୟ ନାରୀ ହୁଏ ଯୁଗେ ଯୁଗେ ଲୁଣ୍ଠିତ, ଦର୍ଷିତା, ଅତ୍ୟାଚାରିତା। ତା ଉପରେ ଅତ୍ୟାଚାର କରେ ଏଇ ସମାଜର ନର ରାକ୍ଷସ, ତାକୁ ସମାଜରେ ଘୃଣ୍ୟ ନଜରରେ ଦେଖେ। କେତେବେଳେ ଶିଶୁ ଅବସ୍ଥାରେ ଚକୋଲେଟ ଦେଇ କଏ ନିଜ ଆଡକୁ ଆଣି ଫାଇଦା ଉଠାଏ ତ କେତେବେଳେ ଶ୍ରେଣୀ ଗୃହରେ ଶିକ୍ଷକଙ୍କ ଠାରୁ ଦୁର୍ବ୍ୟବହାର ସହ୍ୟ କରିବାକୁ ପଡେ। ସମାଜ ଆଖିରେ ନାରୀ ସବୁବେଳେ ଅବହେଳିତ, ଦୁର୍ବଳା ଓ ଅବଳା। କଲେଜ ସମୟରେ

ବସରେ, ରାସ୍ତାରେ ଏବଂ ଜନଗହଳ ସ୍ଥାନରେ ନିଜକୁ ସୁରକ୍ଷିତ ମନେ କରି ପାରେ ନାହିଁ। ସମସ୍ତେ ତା ପାଇଁ ପାଲଟିଯାନ୍ତି ଅବିଶ୍ୱସନୀୟ ଘୃଣାର ପାତ୍ର।

ଏ ସମାଜର ପୁରୁଷ ପାଇଁ। ନାରୀ ଗୋଟେ ସଦ୍ୟଜାତ ରକ୍ତମାଂସ ପିଣ୍ଡୁଳାର କ୍ରୀଡନକ। ତାକୁ ଛିନ୍ନଭିନ୍ନ କରି ଖାଇବାର ହିଁ ପୁରୁଷକାରର ଜୟ ଜୟକାର। ପୁରୁଷ ପ୍ରଧାନ ଦେଶରେ କେତେବେଳେ ସେ ଦାସୀ କେତେବେଳେ କ୍ରୀତଦାସୀ।

ଯେପରି ଗୋଲାପ ଫୁଲଟି ଦେଖିବାକୁ ଯେତେ ସୁନ୍ଦର, କୋମଳ ଓ ମନୋରମ ହେଲେ ମଧ୍ୟ କଣ୍ଟକତ ମୟ। ସେପରି ନାରୀ ଯେତେ ସୁନ୍ଦର କୋମଳ ହେଲେ ବି ତା ଜୀବନ କଣ୍ଟକତ ମୟ। କନ୍ୟାଟିଏ ଜନ୍ମ ହେବା ପରେ ଜାଣିନଥାଏ ତା ସହ କ'ଣ ଘଟିବ? ସେ ସମୟରେ ତାର ଦୁନିଆ ଥାଏ ଏନ୍ତୁଡିରୁ ଶାଳ। ଏନ୍ତୁଡି ଶାଳରୁ ବାହାରି ମା ହାତ ଧରି କୁନି କୁନି ପାଦରେ ଚାଲି ଶିଖିବା ଠାରୁ ଜୀବନ ଚଲାପଥରେ ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ନାନା କଟାକ୍ଷ ଚାହାଣୀରେ ହୋଇଥାଏ ମର୍ମାହତ। କାହା ପାଖେ କରିବ ଗୁହାରୀ? କାହାକୁ କହିବ ହୃଦୟର ଯନ୍ତ୍ରଣା? କ'ଣ ତା'ର ସ୍ୱ ଜାତିକୁ? ନା ତାକୁ, ଯିଏ ଅତୀତରେ ହୋଇଛି ଅତ୍ୟାଚାରୀତ, ନା ଯିଏ ଭଦ୍ରତା ର ଖୋଳପା ପିନ୍ଧି ସମାଜରେ ବୁଲୁଛି, ନା ତାକୁ କହିବ ଯିଏ ତା ଆଗାମୀ କାଲିର ଧ୍ୱଂସକ।

ଏଠି ଆଇନ ଅଛି। ସରକାର ଅଛି ହେଲେ ଆଇନକୁ ସଠିକ ଭାବେ କାର୍ଯ୍ୟକାରୀ କରିବାକୁ କେହି ଜଣେ ହେଲେ ନାହାନ୍ତି। ଦିଲ୍ଲୀର ସେ ନିର୍ଭୟା ଘଟଣା ହେଉ କି ରାୟଗଡା ଜିଲ୍ଲାର ଶିକ୍ଷୟିତ୍ରୀ ଇତିଶ୍ରୀ, ପିପିଲିର ଗଣ ବଳାତ୍କାର ଘଟଣା ଅବା ମହାକାଳପଡା ଘଟଣା ହେଉ, ପ୍ରତି ମୁହୂର୍ତ୍ତରେ ଅଞ୍ଜନା, ବେବିନା, ଆସିଫା, ମାନସୀ, ଇତିଶ୍ରୀ ଭଳି ନାରୀ ଅବହେଳିତ ଶୋଷିତ। ନ୍ୟାୟ ପାଇବାର ଆଶା ନେଇ ପୀଡିତା ଯେତେବେଳେ ଆଇନର ଆଶ୍ରୟ ନିଏ ସେତେବେଳେ ତାକୁ ମିଳେ ପ୍ରଲୋଭନ, ହତ୍ୟାର ଧମକ ନଚେତ କୋର୍ଟର ତାରିଖ ପରେ ତାରିଖର ସାମ୍ନା କରିବାକୁ ପଡେ। ମାଟି ପଥରର ଦେବୀ ଯଦି ଜୀବନ୍ତ ଯାନୁ ଯୋନୀ ହୋଇଥାନ୍ତେ ତେବେ ସେ ବି ଏଭଳି ଅଭାବନୀୟ ଘଟଣା ଗୁଡିକରୁ ବାଦ ପଡି ନଥାନ୍ତେ।

ଏଠି ଜନ୍ମ ମୁହୂର୍ତ୍ତର କଷ୍ଟଠାରୁ ବେଶୀ କଷ୍ଟ ଥାଏ ପୁରୁଷରୂପୀ ନର ରାକ୍ଷସ ଙ୍କ ଲୋଲୁପ ଦୃଷ୍ଟିରୁ ନିଜକୁ ରକ୍ଷା କରିବା। କେତେବେଳେ କେଉଁ ରୂପରେ ଆସି ନାରୀ ବୋଲାଉଥିବା ଜୀବଟିର ମାଂସକୁ ଚାଟିଚାଟି ସଫା କରିଦିଏ ତା କେବଳ ଦେଖାଯାଏ ଭାରି ହୁଏନା। ନାରୀର ପେଟରୁ ବିହାରି, ନାରୀର କୋଳରେ ଖେଳି, ତା ଛାତିରୁ କ୍ଷୀର ପିଇ ଯିଏ ତା

ଦେହକୁ ଶକ୍ତି ଯୋଗାଏ ସେଇ ନାରୀକୁ ଖେଳନା ସଜାଇ ଉପଭୋଗର ଜିନଷ ଭଳି ଦୁର୍ଷ୍କର୍ମ ଓ ଅତ୍ୟାଚାର କରେ। ଶତ ଧିକ୍କାର ସେଇ ପୁରୁଷକୁ ତା'ର ପୁରୁଷ ପଣିଆକୁ।

ସମାଜରେ ସମସ୍ତ ପ୍ରାଣୀ ଜନ୍ମପରେ ଗୋଟିଏ ଶୃଙ୍ଖଳରେ ଆବଦ୍ଧ। ତା ମଧ୍ୟରେ ନାରୀକୁ ଟିକେ ସୁଖ ଦେବା ଆଳରେ ତା'ର ଶେଷ ସ୍ବୃ ଶକ୍ତିକୁ ଦଳଚକଟି ନଷ୍ଟ କରି ଦିଆଯାଏ। ଗୋଟିଏ ନିରୀହ ଜୀବନକୁ ତା ସ୍ନେହର ପୃଥିବୀରୁ ଉଠାଇ ନିଆଯାଏ ଏବଂ ନୃଶଂସ ଅତ୍ୟାଚାର ପରେ ତାକୁ ଅକାମୀ କରି ଦିଆଯାଏ। କେବଳ ଏତିକି ନୁହେଁ ପୁରୁଷ ବୋଲି ବାହାସ୍ଫୋଟ ମାରୁଥିବା କେତେଗୁଡିଏ ବନ୍ୟ ହିଂସ୍ର ବର୍ବର ପ୍ରାଣୀମାନଙ୍କ ଭଳି ଅତ୍ୟାଚାରର ଉତ୍ପୀଡନରେ ସେ ଚିରକାଳ ଶାଣିତ ଜୁଇରେ।

ପୁରୁଷମାନେ ନାରୀକୁ ନିଜର ଖାଦ୍ୟ ସାମଗ୍ରୀ ଭଳି ବିଭିନ୍ନ ପ୍ରଲୋଭନ ଦେଖାଇ ନିଜର କରିଥାନ୍ତି ଓ ଆଶା ପୁରିଗଲେ ଦୂରକୁ ଠେଲି ଦିଅନ୍ତି।

ଯେଉଁଦିନ ନାରୀଟିଏ ମଧ୍ୟ ପୁରୁଷ ଭଳି ସବୁ ସ୍ଥାନରେ ନିଜକୁ ସହଜ ମନେ କରିବ ସେଦିନ ସମାଜରେ *'ନାରୀ ପୁରୁଷ ସମାନ'* ଏହି ଉକ୍ତି ର ଯଥାର୍ଥତା ଅନୁଭବ ହେବ।

କେଉଁ ଆବାହନ କାଳରୁ ନାରୀ ସବୁବେଳେ ପବିତ୍ର, ପୂଜନୀୟ। ଇତିହାସର ପୃଷ୍ଠ ଉନ୍ମୋଚନ କଲେ ରାଣୀ ଲକ୍ଷ୍ମୀବାଈ, ଝାନସୀ କ ରାଣୀ, ଗାର୍ଗୀ ମଧ୍ୟ ବିଶ୍ୱ ବନ୍ଦିନୀୟା। ତେଣୁ ସଂସ୍କୃତରେ କୁହାଯାଏ -

*" ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ*
*ରମ୍ୟନ୍ତେ ତତ୍ର ଦେବତା"*

ଅର୍ଥାତ୍ ଯେଉଁ ଠାରେ ନାରୀକୁ ପୂଜା କରାଯାଏ ସେଠାରେ ଭଗବାନ ବିରାଜିତ ହୁଅନ୍ତି। ଯୁଗେ ଯୁଗେ ନାରୀର ଅପମାନ ଏଠି ସୃଷ୍ଟିର ଧ୍ୱଂସ। ପାହାଡରୁ ଝରଣା କେବେହେଲେ ଉପରକୁ ଯାଇ ପାରେନା ସର୍ବଦା ନିମ୍ନଗାମୀ କାରଣ ଏହା ତା'ର ଧର୍ମ। ସେପରି ପୁରୁଷ ଯେତେ ବି ନୃଶଂସ କାର୍ଯ୍ୟ କଲେ ସର୍ବଦା ନାରୀ ଠାରୁ ନିମ୍ନରେ ରହିଥାଏ କାରଣ ସେ ନାରୀ ଗର୍ଭରୁ ହିଁ ଜାତ।

ରାଜକନକା, କେନ୍ଦ୍ରାପଡ଼ା
ଅଧ୍ୟାପିକା, ତୁଳସୀ ମହିଳା ମହାବିଦ୍ୟାଳୟ

# ଦୁଃଖ ଭେଦି ପ୍ରଶ୍ନ, ପରମେଶ୍ୱରଙ୍କୁ

କଳ୍ପନା ରାୟ

ଡେଣା ମେଲି ଉଡିଗ୍ଲୁଥିବା ପକ୍ଷୀର
ଡେଣାକୁ କାଟିଦେଲ୍ ପରେ
ଆଉ ତୁମେ କଣ ରହୁଁ
କୁହ ଜଗନ୍ନାଥ
ତୁମ ପଥର ନା କରିଛି ଉଲ୍ଲଙ୍ଘନ
ନା ପରିବାର ପରିବେଶର କେବେ
କଷ୍ଟରେ ତ କାଟିଛି ଜୀବନ
ସ୍ୱପ୍ନସବୁ କଲ ଚୂର୍ଣ୍ଣ

ଜୀବନର ଗ୍ରନ୍ଥିକୁ କରି ଏକତ୍ରିତ
କଷ୍ଟ କରି ଫିଟେଇଲ୍ ପରେ
ସହିପାରିଲ ନାହିଁ ତୁମେ
କ ଦୋଷରୁ ମୋର
ଦେଲେ ଏତେ ବଡ଼ ଶକ୍ତ ପ୍ରହାର
ନା ଯାଇପାରୁଛି ଆଗକୁ
ନା ପଛକୁଫେରି ପାରୁଛି
ଖାଲି ଲୁହ ସାର

ତଣ୍ଟି ଶୁଖାଇ ଡାକୁଛି ଏକାଧାରରେ
ତନୁମନ ପ୍ରାଣ ସବୁକୁ ମିଳାଇ
କାନ କ'ଣ ହୋଇଛି ବଧିର
କୁହ ପରମେଶ୍ୱର
ଲୋଡା ନାହିଁ ମୋର ଧନଦୌଲତ
ଲୋଡା ନାହିଁ ଗୋପଲକ୍ଷ୍ମୀ
ରୋଗକଷ୍ଟ କରୁଛି ଅଧିର
ଫେଡ ରମେଶ୍ୱର

ସହକାରୀ ଶିକ୍ଷୟିତ୍ରୀ,
ଲଇଡା ବାଳକା ଉଚ୍ଚ ବିଦ୍ୟାଳୟ,
ଲଇଡା, ସମ୍ବଲପୁର

# ଶାନ୍ତି ରୂପେଣ ସଂସ୍ଥିତା



ବିଜୟଲକ୍ଷ୍ମୀ ପାଣିଗ୍ରାହି

ମାଆ ତୁମେ ଚର ବନ୍ଦିତା
ଘୋର  ଅନ୍ଧକାରେ ଆଲୋ୍କର ଧାର୍
ଜ୍ୟୋତି ରୂପେଣ ସଂସ୍ଥିତା

ମନ ମନ୍ଦିର ର ଜ୍ଞାନ ଦୀପଶିଖା
ପ୍ରାଣର ପୁଲକ ଧାର
ଶରୀର ର ଶକ୍ତି ଚେତନାର ଶାନ୍ତି
ଆନନ୍ଦର  ପାର୍ବାର।
ଅମା ଆକାଶର ଆଲୋ୍କର ପିଣ୍ଡ
ତୁମେ ପ୍ରଭ୍ମୟୀ ସବିତା
ମାଆ ତୁମେ ଚର ବନ୍ଦିତା।

କଦମ୍ବ ବନର ବଂଶୀ ସ୍ୱନ ତୁମେ
ପ୍ରେମ ମୟୀ ପ୍ରୀତିପର୍ଣ୍ଣା
ଦୁଃଖ ବିନାସିନୀ ଦର୍ପ ଦଳନୀ
ବହୁରୂପା ବହୁବର୍ଣ୍ଣା
ଶୂନ୍ୟ ମରୁର ପୁଣ୍ୟ ମନ୍ଦାକିନୀ
ନର୍ଝର୍ଉତ୍ସର କବିତା
ମାଆ ତୁମେ ଚର ବନ୍ଦିତା।

ଶିକ୍ଷୟିତ୍ରୀ
ଜୟପୁର,  କୋରାପୁଟ

# ଜହ୍ନ ସହ କଚ୍ଛିକ୍ଷଣ

ସୁଭଦ୍ରା ରାଉତ

ସେଦିନ ଏକ ନିର୍ଜନ ଘନ ଅନ୍ଧକାରରେ ମୁଁ
ତୁମ ଝାପସା ଆଲୁଅର ସ୍ପର୍ଶରେ, ଅଜଣା ଶିହରଣରେ, ମଧୁବୋଳା ସଙ୍ଗୀତ ସହ
କଚ୍ଛିକ୍ଷଣ ନିଜଠୁ ଦୂରେଇ ଯାଇ ତୁମ ବକ୍ଷରେ
ରହିବାକୁ ଚାହିଁ ତୁମ ସମୟ କୁ ଅପେକ୍ଷା କଲି ।
କିନ୍ତୁ ତୁମେ ଆସିଲନି ।
ଚକମିକି ତାରା ର ଓଢଣୀଟା ବି ସେଦିନ
ମୋ ପାଖେ ପହଞ୍ଚି ପାରିନଥିଲା
ଅବସାଦର ପୃଥିବୀ କୁ ଠେଲି ହେଇଯାଇଥିଲି ମୁଁ
ମୁଁ ତୁମ ଆଶ୍ରା ନିଏ ମୋ ଖୁସି ପାଇଁ
ଯେବେ ମୁଁ ଥାଏ
ମୋ ଆଖିର ଅଗଭୀର ଲୁହର ନଈରେ ।
କିନ୍ତୁ,
ତୁମେ ବି ସେଦିନ ପର କରିଦେଲ ।
ବ୍ୟସ୍ତ ହୋଇ ତୁମ ଫେରିବା ବାଟକୁ ଚାହିଁ ଦେଖେତ ତୁମେ ଆସିନି
କି, ମୋ ଓଢଣୀଟା ବି ଆଣିନି ।
ଆସିଥାନ୍ତ ବା କିପରି ?
ତୁମେ ତ ନିଜେ ସେଦିନ ଘନ କଳାବାଦଲର
ମୋଟା ଚାଦର ତଳେ ଆବୃତ ଥିଲ ।

ଗ୍ରେରମୁହାଁ, ଧର୍ମଶାଳା, ଯାଜପୁର

# କନ୍ୟା ରତ୍ନ



ବାସନ୍ତୀ ଲତା ଜେନା

ମୃତ୍ୟୁଞ୍ଜୟ ବାବୁଙ୍କ ପରିବାରରେ ମା ଶକୁନ୍ତଳା, ପତ୍ନୀ ସୁଭଦ୍ରାଙ୍କୁ ନେଇ । ସେମାନେ ଗାଁ ଛାଡି ସହରରେ ବାସ କରନ୍ତି । ସେ ଜଣେ ଇଞ୍ଜିନିୟର । ସରକାରୀ ଚାକିରୀ କରନ୍ତି । ଭୁବନେଶ୍ୱରରେ କିଛି ଦିନ ପରେ ଝିଅଟିଏ ମେଡିକାଲରେ ଜନ୍ମ ହେଲା । ଶକୁନ୍ତଳା ଦେବୀ ଚାହୁଁଥିଲେ ପୁଅଟିଏ ହେଉ । ବଂଶ ରକ୍ଷା ହେବ । ବାର୍ଦ୍ଧକ୍ୟରେ ସାହାରା ହେବ । ଝିଅ ତ ପରଘରି । ସେ ଥିଲେ କେତେ ନ ଥିଲେ କେତେ । ତେଣୁ ତାଙ୍କ ମନ ବିଷାଦରେ ଭରି ଗଲା । ମୃତ୍ୟୁଞ୍ଜୟ ବାବୁ ଏବଂ ସୁଭଦ୍ରା ଝିଅଟିକୁ ପାଇ ଖୁବ ଖୁସି ଥିଲେ । କାହିଁକି ନାଁ ତାଙ୍କର ପ୍ରଥମ ସନ୍ତାନ ଝିଅ ହୋଇଛି । ସେ ଚାହୁଁ ଥିଲେ ଝିଅ ହେଉ । ଘରକୁ ଲକ୍ଷ୍ମୀ ଆସିଛି । ମେଡିକାଲର ଷ୍ଟାଫଙ୍କୁ ମିଠା ବାଣ୍ଟିଲେ । ଖୁସିର ଝରଣା ଖେଳିଗଲା । କିନ୍ତୁ ମା ଶାକୁନ୍ତଳାଙ୍କ ମନରେ ହରଷ ନ ଥାଏ । ସେ ଗୁମ ହୋଇ ଚୁପ ଚାପ ବସି ଥାନ୍ତି । ଆଖିରୁ ଲୁହ ଝରାଉ ଥାନ୍ତି । କହୁଥାନ୍ତି ହେ ଭଗବାନ ! ତୁମକୁ କେତେ ଡାକୁଥିଲି, ମୋର ନାତି ଟିଏ ହେଉ । ତୁମେ ମୋ ଡାକ ଶୁଣିଲ ନାହିଁ । ଝିଅଟିଏ ଦେଲ ?

ଏ କଥା ଶୁଣି ଡାକ୍ତରାଣୀ କହିଲେ, ମାଉସୀ ! ତୁମେ ଜମା ମନ ଦୁଃଖ କରନା । ଏ ଝିଅ ତୁମର ନାଁ ରଖିବ । କହିଲ ମାଉସୀ ! ତୁମେ ପରା ନିଜେ ନାରୀ । ଝିଅ ନ ଥିଲେ ସଂସାର ଚଳିବ କେମିତି । ପୁଅ ତ ସୃଷ୍ଟି କର୍ତ୍ତା ନୁହେଁ । ସୃଷ୍ଟିର ସହାୟକ । ସେ ଶକ୍ତି ଭଗବାନ ଦେଇଛନ୍ତି ନାରୀକୁ । ସେ ସୃଜନ କାରିଣୀ, ଶକ୍ତିମୟୀ, ମମତା ଦାୟିନୀ । ପରିବାରର ହସ ଖୁସି । ସେ ଲକ୍ଷ୍ମୀ, ନାରାୟଣୀ, ଅନ୍ନପୂର୍ଣ୍ଣା । ବିପଦ ସମୟରେ ସେ ରକ୍ଷା କାରିଣୀ । କନ୍ୟାର ଭିନ୍ନ ଭିନ୍ନ ରୂପ । ସେ ଦୁହିତା, ଭଗ୍ନୀ, ଜାୟା ଓ ଜନନୀ । କନ୍ୟା ଖୁସିର ଝରଣା । ଭାଇର ସ୍ନେହ ମମତାର ଡୋର । ଜାୟା ରୂପରେ ସେ ସୃଜନ କାରିଣୀ, ଘରର ରକ୍ଷା କର୍ତ୍ତ୍ରୀ । ଜନନୀ ରୂପରେ ସେ ମମତା ମୟୀ, ସ୍ନେହ ପ୍ରଦାୟିନୀ । ଭାଗ୍ୟ ବଳେ କନ୍ୟା ରତ୍ନ ମିଳେ । ସମସ୍ତଙ୍କ ଭାଗ୍ୟରେ କନ୍ୟା ନ ଥାଏ ମାଉସୀ । ତୁମେ ଜମା ମନ

ଉଣା କରନାହିଁ । ତୁମେ ଖୁସି ହୁଅ । କହିଲ ମାଉସୀ ! ଆଜିର ଯୁଗରେ ପୁଅ ଠାରୁ ଝିଅ କେଉଁ କାମରେ କମ । ମୋତେ ଦେଖୁନ ! ମୁଁ ଡାକ୍ତର ହୋଇଛି । ସମସ୍ତଙ୍କର ସେବା କରୁଛି । ଏଥିପାଇଁ ମୋ ବାପା ମା ବହୁତ ଖୁସି । ତୁମେ ତାକୁ ଶିକ୍ଷା ଦୀକ୍ଷା ଦେଇ ମଣିଷ କରିବ । ସଂସ୍କାର ସଂସ୍କୃ ତି ତା ମନରେ ଭରି ଦେବ। ଦେଖିବ ସେ ଜଣେ ଭଲ ମଣିଷଟିଏ ହେବ।

ଶକୁନ୍ତଳା ମନକୁ କଥାଟା ବେସ ପାଇଲା । ଡାକ୍ତରଣୀଙ୍କ ସହିତ ତାଙ୍କର ଆଗରୁ ଚହ୍ନା ପରିଚୟ ଥିଲା । ସାତ ଦିନ ହସ୍ପିଟାଲରେ ରହି ସୁଭଦ୍ରା ଦେବୀ ଝିଅକୁ ନେଇ ଘରକୁ ଆସିଲେ । ଜେଜେ ମା ଶକୁନ୍ତଳା ନାତୁଣୀକୁ ବନ୍ଦାପନା କରି ଘର ଭିତରକୁ ନେଲେ । ଝିଅଟି ଆସ୍ତେ ଆସ୍ତେ ପୂର୍ଣିମାର ଜହ୍ନ ପରି ବଡ଼ ହେଲା । ତାର ଗୁଲୁ ଗୁଲୁ କଥାରେ ଘର ହସି ଉଠିଲା । ତାର ଟୁକୁ ଟୁକୁ ପାଦର ରୁଣୁ ଝୁଣୁ ଗୁଲିରେ ଘର ପୂରି ଉଠିଲା । ମୃତ୍ୟୁଞ୍ଜୟ ବାବୁଙ୍କର ଛୋଟ ପରିବାରରେ ହସ ଖୁସି ଭରି ଗଲା ।

ଯେଉଁ ନାତୁଣୀର ଜନ୍ମରେ ଜେଜେ ମା ପସନ୍ଦ କରୁ ନ ଥିଲେ, ସେ ନାତୁଣୀକୁ ଦଣ୍ଡେ ନ ଦେଖିଲେ ରହି ପାରନ୍ତି ନାହିଁ। ନାତୁଣୀ ମଧୁସ୍ମିତା ସହିତ ଜେଜେ ମା' ର ଖୁବ ଜମେ । ଝିଅଟି ଶିକ୍ଷା ଦୀକ୍ଷା ପାଇ ଆଜି ଦେଶର ସେବିକା ହୋଇଛି। ଉଡ଼ାଜାହାଜ ଚଳାଉଛି । ମୃତ୍ୟୁଞ୍ଜୟ ବାବୁଙ୍କୁ ସାଙ୍ଗ ସାଥି ମହଲରୁ ବଧାଇର ସୁଅ ଛୁଟି ଆସୁଛି । ଏସବୁ ଦେଖି ଶକୁନ୍ତଳା ଦେବୀ ଶାନ୍ତିରେ ନିଃଶ୍ୱାସ ମାରନ୍ତି । ଭଗବାନଙ୍କୁ ଧନ୍ୟବାଦ ଦିଅନ୍ତି । ପୂର୍ବର ଭାବନା ପାଇଁ କ୍ଷମା ପ୍ରାର୍ଥନା କରନ୍ତି ।

ଶିକ୍ଷୟିତ୍ରୀ
ଗାନ୍ଧୀନଗର, ନବରଙ୍ଗପୁର

# ରାଫେଲ ଆସିଛି



ପ୍ରକାଶ ଚନ୍ଦ୍ର ପଣ୍ଡା

ବହୁ ପ୍ରତିକ୍ଷିତ ଆଶା ଓ ଆକାଂକ୍ଷା
ହୋଇଛି ଶେଷରେ ପୂର୍ଣ୍ଣ
ଭାରତ ମାଟିରେ ପାଦ ଦେଇଅଛି
ଲଢୁଆ ଯୁଦ୍ଧ ବିମାନ ।
ଅନେକ ଦିନର ଅବଶୋଷ ଆଜି
ହୋଇଛିକି ଅବସାନ
ଭାରତୀୟ ସେନା ଗାଉଅଛି ଆଜି
ରାଫେଲର ଜୟଗାନ ।
ସ୍ଥଳ ଜଳ ଆଉ ଆକାଶ ମାର୍ଗରେ
ନାହିଁକେ ଯୋଦ୍ଧା ତାପରି
ଆଖି ପଲକରେ ନଦ ହଜାଇବ
କିଏ ହେବ ତାର ସରି ।
ଗର୍ବରେ ଯେମିତି ଫୁଲିଉଠେ ଛାତି
ସଭିଙ୍କର ଗୋଟେ କଥା
ରାଫେଲ ନାମରେ ଗୁଣଗାନ ହୁଏ
ଗର୍ବ ଗୌରବର ଗାଥା ।
ଜଳ ସ୍ୱାଗତରେ ପାଛୋଟି ନେଉଛୁ
ହେ ବୀର ଅତିଥି ତୁମେ
ବଢାଇଛ ମାନ ଏ ଦେଶ ସମ୍ମାନ
କୋଟି ଜନତାର ପ୍ରାଣେ ।

ତୁମ ଆଗମନେ ଘାରିଲାଣି ଭୟ
ପଡୋଶୀ ହେଲେଣି ବାୟା
ସମ୍ମୁଖରେ ଶାନ୍ତି ଆଲୋଚନା କରି
ପଛରେ ରଚନ୍ତି ମାୟା ।
ଦୁଃଖେ ଜର୍ଜରିତ ହୃଦୟେ ଆଘାତ
ଦିଶୁନାହିଁ ବୁଦ୍ଧି ବାଟ
ପଡୋଶୀ ଆମର ହେଲାଣି ବେଘର
ରାଗରେ କରୁଛି ନାଚ ।
ଆଖି ଉଠେଇକି ଦେଖିବ ଯିଏ ସେ
ଆଖି ତାଡିଦେବୁ ତାର
ନୂଆ ହିନ୍ଦୁସ୍ଥାନ ନୂଆ ଏ ସଂକଳ୍ପ
କାହାକୁ ନାହିଁ ତା ଡର ।
ବିସ୍ତାରବାଦୀ ନତି ଛାଡିଦିଅ
ନସ୍ତାର ନାହିଁରେ ତୋର
ତୋର ସର୍ବନାଶ କରିବାକୁ ଆଜି
ମିଳିଛି ଅଭୟ ବର (ରାଫେଲ)

କଲ୍ୟାଣପୁର, ଭୁଇଁପୁର,
ପାଣିକୋଇଲି, ଯାଜପୁର

# ଗାନ୍ଧୀ ତୁମେ ଫେରିଆସ



ସ୍ୱାଗତ ମିଶ୍ର

ଗାନ୍ଧୀ ତୁମେ ପୁଣି ଫେରିଆସ
ଗାନ୍ଧୀ ତୁମେ ପୁଣି ଫେରିଆସ
ଟେକ ଦେଇଥିଲ ଯେଉଁମାନଙ୍କ ହାତରେ
ତୁମରି ସ୍ୱାଧୀନ ଭାରତ
ସୁନାର ଦେଶକୁ ପିତ୍ତଳ କରିଲେ
କରି ସବୁ ଆତ୍ମସାତ
ରକ୍ଷକ ସବୁ ଭକ୍ଷକ ସାଜି
କରୁଛନ୍ତି ସର୍ବନାଶ
ଗାନ୍ଧୀ ତୁମେ ପୁଣି ଫେରିଆସ...

ତୁମରି ସ୍ୱପ୍ନର ରାମରାଇଜରେ
ରାମମାନେ ସବୁ ଆହତ
ରାବଣ ଶାସନେ ଅତିଷ୍ଠ ହେଲେଣି
ଯେତେ ଅଶିକ୍ଷିତ, ପଣ୍ଡିତ
ଲଙ୍କାଗଡ଼େ ଯିଏ ବିଭିଷଣ ହେଲା
କରାଯାଏ ତାକୁ ନହତ
କୋଟି ଜନତାର ରକ୍ଷାକରିବାକୁ
ରାକ୍ଷସର ହେଉ ବିନାଶ
ଗାନ୍ଧୀ ତୁମେ ପୁଣି ଫେରିଆସ...

ଆଶା ଅଛି କାଳେ ତୁମ ଫେରିବାରେ
ଦୂର ହେବ ସବୁ କଷଣ
ସତ୍ୟ, ଅହିଂସାର ମନ୍ତ୍ର ବଳରେ
ନଧନ ହୋଇବେ ରାବଣ
ତୁମକୁ ସ୍ୱାଗତ କରିବାକୁ
ତତ୍ପର ଭାରତ ସନ୍ତାନ
ଲୁହ ଶୁଖିଯିବ, ଦୁଃଖ ଦୂର ହେବ
ସଭିଙ୍କ ଓଠରୁ ପୁଣି ଫୁଟି ଉଠିବ ହସ
ଗାନ୍ଧୀ ତୁମେ ପୁଣି ଫେରିଆସ
ଗାନ୍ଧୀ ତୁମେ ପୁଣି ଫେରିଆସ....

ପଦ୍ମାଦେଈପୁର, ନୟାଗଡ

# ଛବିଶ



ସୌମ୍ୟ ରଞ୍ଜନ ପାଲ

ଛବିଶ ତାରିଖେ
ଛବିଶଟା ପୁଅ
ଛବିଶ ପ୍ରାଣକୁ ଭିଡ଼ି,
ଛବିଶ ଗୃହିରେ
ଛବିଶ ମନକୁ
ଛବିଶରେ ଦେଲେ ମୋଡ଼ି ।
ଛବିଶ ଜାଗାକୁ
ଛବିଶ ହାତରେ
ଛବିଶ ଉପାୟେ ଖୋଜି,
ଛବିଶ ଚନ୍ଦ୍ରାକୁ
ଛବିଶରେ ଭୁଲି
ଛବିଶରେ କଲେ ଭେଜି ।
ଛବିଶ ନଜର
ଛବିଶ ସାଥିରେ
ଛବିଶ ଖୋଜିଲେ ସାଥୀ,
ଛବିଶ ରମଣୀ
ଛବିଶକୁ ଛାଡ଼ି
ଛବିଶର କଲେ ଇତି ।

ଛବିଶ ଦୂରତା
ଛବିଶ ଗତିରେ
ଛବିଶ ଯାଇ ଫେରିଲେ,
ଛବିଶ ସ୍ମୃତିକୁ
ଛବିଶ ହୃଦୟେ
ଛବିଶ ବାନ୍ଧି ରଖିଲେ ।

ବଡ଼ଶୋଳ, ମୟୂରଭଞ୍ଜ

# ଦୁର୍ନୀତିର ମୂଳ



ବିଜୟ କୁମାର ଜେନା

ବିଜିନେସ୍ ଟୁଡେ ପତ୍ରିକା ଏଇ ନିକଟରେ ହିସାବ ଦେଖେଇଥିଲା ଯେ, ଏସିଆ ମହାଦେଶରେ ଦୁର୍ନୀତି ଓ ଭ୍ରଷ୍ଟାଚାରରେ ଭାରତ ଶୀର୍ଷ ସ୍ଥାନରେ ରହିଛି। ଭାରତରେ ଦୁର୍ନୀତିର ହାର ଶତକଡ଼ା ୬୨, **(62%)**।

ଆମ ଲୋକ ପ୍ରତିନିଧି ଓ ନେତାମାନେ ନିର୍ବାଚନ ପ୍ରଚାରରେ କହିବେ - "Na khaaunga na khaane dunga." । କିନ୍ତୁ ଶାସନ କାଳରେ, "Bin chabaye hi nigal jaaunga." ।

ଭାରତୀୟ ମାନେ ବହୁତ ଭଗବାନ ବିଶ୍ୱାସୀ। କିନ୍ତୁ ଭଗବାନକୃତ୍ୟ ମଣିଷ, ଏବେ ନିଜେ ନିଜର ଭଗବାନକୁ ଗଢୁଛି। ଏବଂ ଏହି ଗଢ଼ିବା ନିମନ୍ତେ ଅର୍ଥ ଆବଶ୍ୟକ କରୁଛି। ତେଣୁ ଏକଥା କହିବାରେ ଦ୍ୱିଧା ନାହିଁ ଯେ, ଆଜି ଭାରତରେ ଚାଲୁଥିବା ଭ୍ରଷ୍ଟାଚାର ଓ ଦୁର୍ନୀତିର କାରଣ କେବଳ ଭଗବାନ; ବା ପରୋକ୍ଷରେ ଭଗବାନଙ୍କୁ ଗଢୁଥିବା ବା ଭଗବାନଙ୍କ ସଂସ୍ଥା ସମ୍ଭାଳୁଥିବା ଏଇ ମଣିଷମାନେ।

ସମସ୍ତେ ଏଥିରେ ଏକମତ ଯେ, "Coruption is a way of life in Indian civilisation. In India people who are the cream of the Society are most corrupt."

ଦୁନିଆରେ ଭ୍ରଷ୍ଟାଚାର ମୁକ୍ତ ଦେଶମାନଙ୍କର ତାଲିକାରେ ଶିର୍ଷରେ ଅଛି ନ୍ୟୁଜିଲାଣ୍ଡ। ସେହି ନ୍ୟୁଜିଲାଣ୍ଡର ଜଣେ ଲେଖକ, ବ୍ରାୟାନଙ୍କ ବହୁ ଚର୍ଚ୍ଚିତ ଲେଖା ପଢ଼ିଲା ପରେ, ଏ ବିଷୟର ଉପସ୍ଥାପନା କରିବାକୁ ଆଗ୍ରହ ହେଲା।

ଗୋଟିଏ ଉଦାହରଣ - ଯାହାକି ଅତି ନିକଟରେ ଆମ ଅଞ୍ଚଳରେ ଘଟିଥିଲା; ବର୍ଷ **2010-11** ବେଳକୁ ଆମ ଅଞ୍ଚଳର ଗୋଟିଏ ସରକାରୀ ଉଦ୍ୟୋଗର ସମ୍ପ୍ରସାରଣ ହେଲା। ଏହି ସମ୍ପ୍ରସାରଣ କାମ ପାଇଁ ଅନେକ କଂଟ୍ରାକ୍ଟର ଆସିଲେ ଓ ପରେ ପରେ ନୂତନ ନିଯୁକ୍ତି ସୃଷ୍ଟି ହେଲା। ଏସବୁ ଭିତରୁ କିଛି ଆଦାୟ କରିବା ପାଇଁ, ଏଠାର ନେତା ରାଜନେତା ଓ ବ୍ୟବସାୟୀ ମିଶି ଗୋଟିଏ ବିଶାଳ ହନୁମାନ ମୂର୍ତ୍ତି ଓ ବାଟିକାର ପରିକଳ୍ପନା କରିଦେଲେ।

ଆଉ ତାପରେ ଭଗବାନଙ୍କ ନାମରେ କେତେ କୋଟି ଟଙ୍କା ଆଦାୟ ହେଇଗଲା । ଅଧେ କଂଗ୍ରେମାଲ୍ ତ ଉଦ୍ୟୋଗ ଭିତରୁ ଗଲା, ମୂର୍ତ୍ତି ନିର୍ମାଣ କରିବାକୁ । ଏବେ ବି କଛି ବୟସ୍କ ବାପା କୁହନ୍ତି, -"ଆମେ ଆମ ପୁଅର ଗ୍ଚାକରୀ ପାଇଁ ତିନ ଲକ୍ଷ ଟଙ୍କା ଦେଇଥିଲୁ; ହନୁମାନ ବାଟିକାରେ ସଂଶ୍ଳିଷ୍ଟ ଥିବା ଅମୁକ ବାବୁଙ୍କୁ...।"

ଆହୁରି ବି ଦେଖିଥିବେ, ଆମ ଅଞ୍ଚଳର ଏମ୍ ଏଲ ଏ ଆମ ଅଞ୍ଚଳ ପାଇଁ କଣ କରୁ କ ନକରୁ, ଗାଁ ପିଲାଙ୍କୁ ସରସ୍ୱତୀ ପୂଜା ଗଣେଶ ପୂଜା ଇତ୍ୟାଦି ପାଇଁ କଛି ଟଙ୍କା ଦେଇଦେଲେ ଯଥେଷ୍ଟ । କମ୍ବା ଗାଆଁ ଠାକୁରାଣୀ ମନ୍ଦିର ସାମ୍ନାରେ ରାସ୍ତା ବା ମଣ୍ଡପଟିଏ କରିଦେଲେ ଯାଏ। ଗୋରୁ ମାରି ଜୋତା ଦାନ କରି ସେମାନେ ବି ମୂଳ ଦାୟିତ୍ୱରୁ ମୁକ୍ତି।

କେବଳ ଆମ ଅଞ୍ଚଳର ରାଜନେତା କାହିଁକ; ଆମ ଦେଶର ଶାସକ ମାନଙ୍କୁ ଦେଖନ୍ତୁ - ସେମାନେ ବି ଦେଶ ପାଇଁ କୌଣସି ଉନ୍ନତି ମୂଳକ କାମ ନକରି ବି, ନିଜର ଅପାରଗତାକୁ ଘୋଡ଼େଇ ଦେବାକୁ କୋଉଠି ଗୋଟିଏ ମନ୍ଦିର ତିଆରି କରିବା ପାଇଁ ସୁଯୋଗ ସୃଷ୍ଟି କରିଦେଲେ, ଆମେ ଦେଶବାସୀ ତାଙ୍କ ସାତ ଖୁନ୍ ମାଫ୍ କରି, ଶାସକଙ୍କ ଜୟଗାନରେ ଶତମୁଖ ହୋଇ ଉଠୁଛନ୍ତି।

ଏସବୁ ଦେଖି, ବୁଝିନେବାକୁ କଷ୍ଟ ନୁହେଁ ଯେ, ଭାରତରେ କ୍ରମାଗତ ଭାବରେ ଚାଲି ଆସିଥିବା ଭ୍ରଷ୍ଟାଚାର'ର ଏକ ସାଂସ୍କ ତି କ ଆଧାର ଅଛି। ତେଣୁ ଭାରତୀୟ ମାନେ ଲାଞ୍ଚ ଯାଚବାରେ ବା ଲାଞ୍ଚ ନେବାରେ ବିଲକୁଲ ଅସହଜ ଅନୁଭବ କରନ୍ତି ନାହିଁ। ତେଣୁ, ଭାରତୀୟ ମାନେ ଲାଞ୍ଚ ନେଉଥିବା ଭ୍ରଷ୍ଟ ବ୍ୟକ୍ତିବିଶେଷଙ୍କୁ ବିରୋଧ କରିବା ବଦଳରେ, ସେମାନଙ୍କୁ ସହ୍ୟ କରିଥାଆନ୍ତି। ବରଂ ଲାଞ୍ଚ ଦେଇସାରିବା ପରେ ନିଶ୍ଚିତ ହେଇଯାଆନ୍ତି ଯେ, ତାଙ୍କ କାମ ହେଇଯିବାର ସମ୍ଭାବନା ଅଧିକ।

କୌଣସି ବି ସମାଜ ବା ଜାତି, ଜନ୍ମରୁ ଏତେ ପରିମାଣରେ ଭ୍ରଷ୍ଟ ଓ ଦୁର୍ନୀତିଖୋର୍ ହେଉ ନଥାନ୍ତି। ଭାରତୀୟ ମାନେ ଯେ କାହିଁକ ଏତେ ଦୁର୍ନୀତିଖୋର ହେଇଗଲେ, ଏହା ଜାଣିବାକୁ ହେଲେ ଆମକୁ ଭାରତୀୟ ମାନଙ୍କ ଜିବନଚର୍ଯ୍ୟା ଏବଂ ପରମ୍ପରା ପ୍ରତି ଦୃଷ୍ଟି ଆକର୍ଷଣ କରିବାକୁ ହେବ।

ଭାରତର ଅଧିକାଂଶ ଧର୍ମଗ୍ରନ୍ଥ ର ଧର୍ମୋପଦେଶ ସବୁ ଗୋଟିଏ ପ୍ରକାରର ଦେବା ନେବା ବା ଆଦାନ ପ୍ରଦାନ ବ୍ୟବସ୍ଥାକୁ ଯେମିତି କ ପ୍ରୋତ୍ସାହିତ କରୁଛି। ଭାରତରେ ଲୋକେ ଭଗବାନ - ଦେବୀ ଦେବତା ମାନଙ୍କୁ ବି ପଇସା ଦେଇଥାନ୍ତି। ତାହା ପୁଣି ଏହି ଭରସାରେ ଯେ, ଯିଏ

ଯେତେ ଅଧିକ ଦେଇ ପାରିବ ସିଏ ସେତେ ଅଧିକ ପୁଣ୍ୟ ପାଇବାକୁ ଯୋଗ୍ୟ ହେବ। ଏବଂ ଅଧିକା ଅର୍ଥ ଦେବା ଦ୍ୱାରା ବରିଷ୍ଠତା ଭିତ୍ତିରେ ଅଧିକ ଓ ଶିଘ୍ର ବରପ୍ରାପ୍ତ ହେବାକୁ ଯୋଗ୍ୟ ବିବେଚିତ ହେବ। ଅନେକ ଲୋକଙ୍କ ମନରେ ଏହି ଧାରଣା ଏତେ ଦୃଢ଼ ଭାବରେ ରହିଥାଏ ଯେ, ବରଦାନ ପାଇବାକୁ ଅଯୋଗ୍ୟ ଥିବା ବ୍ୟକ୍ତି ବି, କିଛି ଅଧିକା ଅର୍ଥ ଖର୍ଚ୍ଚ କରିପାରିଲେ ସେମାନେ ବରଦାନ ପାଇବାକୁ ଯୋଗ୍ୟ ହୋଇଯାଇ ପାରିବେ। ସେମିତି ଅଯୋଗ୍ୟ ବ୍ୟକ୍ତି ବିଶେଷଙ୍କୁ ଯୋଗ୍ୟ ବିବେଚିତ କରିବା ପାଇଁ କିଛି ଅଧିକା ଅର୍ଥ ଖର୍ଚ୍ଚ କରି, ବିଭିନ୍ନ ରିଷ୍ଟଖଣ୍ଡନ ପୂଜାପାଠ କରିବାର ବ୍ୟବସ୍ଥା ଅଛି।

ମନ୍ଦିରର ମେଘନାଦ ପାଚେରୀ ବାହାରେ ଏମିତି ସବୁ ଖର୍ଚ୍ଚ ଓ ଦିଆ ନିଆର କାରବାରକୁ ଆମେ ଲାଞ୍ଚ ଭ୍ରଷ୍ଟାଚାର ବା ଦୁର୍ନୀତି କହି ଥାଆନ୍ତି । ବହୁତ କ୍ଷେତ୍ରରେ ଧନୀ ଭାରତୀୟ ମାନେ ଟଙ୍କା ପଇସା ବଦଳରେ ମନ୍ଦିରର ଦେବୀ ଦେବତା ମାନଙ୍କୁ ସୁନା ରୂପାର ଅଳଙ୍କାରମାନ ଅର୍ପଣ କରୁଥିବାର ଦେଖାଯାଏ। ଏମାନେ ଏସବୁ ଅଳଙ୍କାର ଭଗବାନଙ୍କୁ ଅର୍ପଣ କରନ୍ତି ସିନା, କେବେ ବି ଏମିତି ଉପହାର ତାଙ୍କ ନିକଟରେ କାମ କରୁଥିବା କର୍ମଚାରୀ କିମ୍ବା ଆଖପାଖରେ ଥିବା ଗରିବ ସାଧାରଣ ଲୋକଙ୍କୁ ଦେଇ ନଥାନ୍ତି। ଏମାନେ ଭାବନ୍ତି ଯେ, ଭଗବାନଙ୍କୁ, ମନ୍ଦିରକୁ କିମ୍ବା ପୂଜାରୀ ପୁରୋହିତ ମାନଙ୍କୁ ଦାନ କଲେ ଯେତିକି ପୁଣ୍ୟ ହେବ, ଗରିବ ସାଧାରଣ ଲୋକଙ୍କୁ ଦେଲେ ସେତିକି ପୁଣ୍ୟ ପାଇବା ସମ୍ଭବ ନୁହେଁ। ଗରୀବ ଭୋକିଲା ପିଲାଙ୍କୁ ନଦେଇ ଶିବଲିଙ୍ଗ ଉପରେ କ୍ଷୀର ଢାଳିବା ସେମିତି ଏକ ମାନସିକତାକୁ ସୂଚାଇ ଥାଏ।

ଜୁନ ୨୦୦୯ ରେ "ଦି ହିନ୍ଦୁ" ପତ୍ରିକାରେ ପ୍ରକାଶ ପାଇଥିଲା, କର୍ଣ୍ଣାଟକର ଜଣେ ମନ୍ତ୍ରୀ - ଜନାର୍ଦ୍ଦନ ରେଡ୍ଡି, ପ୍ରାୟ ୪୫ କୋଟି ଟଙ୍କାରୁ ଅଧିକ ମୂଲ୍ୟର ହୀରା ନିଳା ଇତ୍ୟାଦି ରତ୍ନଖଚିତ ସ୍ୱର୍ଣ୍ଣ ଅଳଙ୍କାର ତିରୁପତି ବାଲାଜୀଙ୍କୁ ପିନ୍ଧେଇ ଥିଲେ। ଏମିତି ଭାବରେ ଭାରତର ମନ୍ଦିର ସବୁ ଏତେ ଧନ ରତ୍ନ ପାଇଥାନ୍ତି ଯେ, ଏ ଧନ ରତ୍ନ ସବୁ କିଭଳି ଖର୍ଚ୍ଚ କରିବେ ତାହା ମନ୍ଦିର ପରିଚାଳନା କରୁଥିବା ପରିଚାଳକ ମନେ ବି ନିଷ୍ପତ୍ତି ନେଇ ପାରନ୍ତି ନାହିଁ। ଆଜି ବି କୋଟି କୋଟି ଟଙ୍କା ଖର୍ଚ୍ଚ ନହୋଇ ବିଭିନ୍ନ ମନ୍ଦିର ମାନଙ୍କ କୋଷାଗାର ଓ ରତ୍ନ ଭଣ୍ଡାରରେ ପଡ଼ି ରହିଛି।

ଲକ୍ଷ କରିଥିବେ, ୟୁରୋପୀୟ ଇଂରେଜ ମାନେ ଭାରତ ଆସିଲେ ଏବଂ ଭାରତରେ ତାଙ୍କ ଧର୍ମ ପ୍ରଚାର ସହ ସ୍କୁଲ୍ ଓ ହସପିଟାଲ ନିର୍ମାଣ କରିଥିଲେ। କିନ୍ତୁ ଭାରତୀୟ ମାନେ ସେସବୁ ପାଶ୍ଚାତ୍ୟ ଦେଶ ମାନଙ୍କରେ କେବଳ କିଛି ମନ୍ଦିର ନିର୍ମାଣ କରି ଆତ୍ମସନ୍ତୋଷ ପାଇ

ଯାଉଛନ୍ତି। ହଁ, ସେସବୁ ମନ୍ଦିର ସଂଲଗ୍ନ ସ୍ଥାନରେ ଭୋଗ ପ୍ରସାଦ ସେବନ ପୂଜା ସାମଗ୍ରୀ ବିକ୍ରୀ ଆଦିର କଛି ବ୍ୟବସାୟ ହୁଏ ସିନା, ଶିକ୍ଷା ସ୍ୱାସ୍ଥ୍ୟ ସମ୍ପର୍କିତ ବିଷୟ ବହୁତ କମ୍ ଥାଏ।

ଭାରତୀୟ ମନବୃତ୍ତିରେ ଏୟା ରହି ଯାଇଛି ଯେ, ଯଦି ପୁଣ୍ୟ ପାଇବାକୁ କମ୍ବା ବରଦାନ ପାଇବାକୁ ଭଗବାନଙ୍କୁ କଛି ଅର୍ଥ ଦିଆଯାଉଛି, ସେମିତି କଛି କାମ ବା ଅନୁଗ୍ରହ ପାଇବାକୁ ହେଲେ ସେସବୁ ଦାୟିତ୍ୱରେ ଥିବା ବ୍ୟକ୍ତି ବିଶେଷଙ୍କୁ ଖୁସି କରିବା ପାଇଁ କଛି ଅର୍ଥ ଦେବା ଜରୁରୀ। ଏସବୁ ଅର୍ଥ ନେଉଥିବା ବ୍ୟକ୍ତି ମାନେ ବି ବୁଝି ନେଇଥାନ୍ତି ଯେ, ଯଦି ବରଦାନ ବା ପୁଣ୍ୟ ବଦଳରେ ଭଗବାନ କଛି ଆର୍ଥିକ ଦାନ ଦକ୍ଷିଣା ନେଉଛନ୍ତି, ତେବେ କଛି ଅନୁଗ୍ରହ ବା ସୁବିଧା ଯୋଗାଇଦେବା ନମନ୍ତେ ସେମାନେ ବି କଛି ଆର୍ଥିକ ଉପହାର ଗ୍ରହଣ କରିବା ଅନ୍ୟାୟ ନୁହେଁ।

ଏମିତି ଭାବରେ ଭାରତୀୟ ସଂସ୍କୃତି ଏସବୁ ଦେବା ନେବା କାରବାରକୁ ଅତି ସହଜରେ ଗ୍ରହଣ କରି ନେଇଥାଏ।

ଆହୁରି ଦେଖାଯାଏ, ନୈତିକତା ଦୃଷ୍ଟିରେ ବି ସମାଜରେ ଏହି ଲାଞ୍ଚ କାରବାରକୁ ଅନୈତିକ କାର୍ଯ୍ୟ କୁହନ୍ତି ନାହିଁ । ତେଣୁ ଏମିତି ଭ୍ରଷ୍ଟାଚାରରେ ଜଡ଼ିତ ଥିବା ବ୍ୟକ୍ତିମାନେ ବାରମ୍ବାର ଶାସନ ଗାଦୀ ପାଇଁ ନର୍ବାଚତ ହୋଇ ପାରନ୍ତି।

ଏମିତି ବିଭିନ୍ନ ଭ୍ରଷ୍ଟାଚାରର କାହାଣୀ ସବୁ ବିଭିନ୍ନ ଭାରତୀୟ ପୁରାଣ ଗପ ଓ ଇତିହାସରେ ଲେଖା ଯାଇଛି। ଯେମିତି କି, କେଉଁ କେଉଁ ଦୁର୍ଗର ଦ୍ୱାର ଖୋଲିବାକୁ ଦ୍ୱାରପାଳ ମାନଙ୍କୁ କିଏ କେତେ କଣ ଦେଇଥିଲା। କମ୍ବା ସେନାପତି କି ମନ୍ତ୍ରୀ ମାନଙ୍କୁ କିଏ କେତେ କଣ କଛି ଦେବାର ଆଶା ଦେଖାଇ କେଉଁ ଯୁଦ୍ଧରେ କିଏ ବିଜୟୀ ହେଇଥିଲା; ଇତ୍ୟାଦି। ଏହି ଦେବା ନେବା କାର୍ଯ୍ୟରେ କେବଳ ଅର୍ଥ କି ସୁନା ରୂପା ନୁହେଁ, ଅନେକ ସମୟରେ ସୁନ୍ଦରୀ ଯୁବତୀ, ଜମି, ରାଜ୍ୟ, ଗ୍ରାମ କମ୍ବା ପଶୁ ପକ୍ଷୀ ଇତ୍ୟାଦି ବ୍ୟବହାର ହେଇଥାଏ।

ହୁଏତ ଏଇଥି ପାଇଁ, ଭାରତ ଉପମହାଦେଶରେ ବେଶି ସଂଖ୍ୟାରେ ଯୁଦ୍ଧ ହେଇଥିବା କଥା କେଉଁଠି ବି ଉଲ୍ଲିଖିତ ନାହିଁ। ଅଧିକାଂଶ ଯୁଦ୍ଧ, ଏମିତି କଛି ଦିଆ ନିଆ ସହ ଏକ ତରଫା ଭାବରେ ସାଲିସ କରାଯାଇ ସରି ଯାଇଛି। ବିଶାଳ ସୈନ୍ୟବାହିନୀ ଥାଇ ବି ଅନେକ ଭାରତୀୟ ରାଜା, ଅଳ୍ପ ସଂଖ୍ୟକ ବିଦେଶୀ ଆକ୍ରମଣକାରୀ ମାନଙ୍କ ଦ୍ୱାରା ପରାଜିତ ହେଇଛନ୍ତି।

ପ୍ରଶ୍ନ ତ ଏଇଠି, ଯେ ଏମିତି ସଉଦାବାଜିର ଏ ସଂସ୍କୃତି ଭାରତରେ ଏତେ ଅଧିକ ଗ୍ରହଣୀୟ କେମିତି ହେଇ ପାରୁଛି !!

ଭାରତୀୟ ମାନେ ଭାବନ୍ତି କ, ସମସ୍ତେ ନୈତିକ ମୂଲ୍ୟଯୁକ୍ତ କାର୍ଯ୍ୟ କଲେ, ହୁଏତ ସମସ୍ତେ ଆର୍ଥିକ ଓ ସାମାଜିକ କ୍ଷେତ୍ରରେ ସମାନ ହେଇ ଯାଇପାରନ୍ତି; ଯାହାକ ସୁବିଧାବାଦୀ ମାନଙ୍କ ପାଇଁ ଅଡୁଆ। ଏପଟେ ଧର୍ମ ସହ ଜାତି ବିଭାଗ ଯୋଡ଼ି ହୋଇ ରହିଛି। ଅଧିକାଂଶ ଭାରତୀୟ ଏହି ଶ୍ରେଣୀ ବା ଜାତି ବିଭାଗକୁ ସମର୍ଥନ କରନ୍ତି। ଏହି ଜାତି ପ୍ରଥାରେ ଭାରତୀୟ ମାନେ ବିଭାଜିତ ହେଇ ଅଛନ୍ତି। ଯେପରିକ, ଲୁଗା ସଫା କରିବା ପାଇଁ କମ୍ବା ଅଳଆ ଆବର୍ଜ୍ଜନା ସଫା କରିବା ପାଇଁ, ଗୋଟିଏ ବିଶେଷ ଜାତି ବା ଶ୍ରେଣୀ ସୃଷ୍ଟି କରାଯାଇଛି| ଲୋକଙ୍କ ମଧ୍ୟରେ ଆର୍ଥିକ ଅସମାନତା ରହିଲେ ହିଁ ଆର୍ଥିକ ଦୁର୍ବଳ ବର୍ଗର ଲୋକେ ଏହି ସବୁ କାମ କରିବା ପାଇଁ ପ୍ରସ୍ତୁତ ରହିବେ। କାଳକ୍ରମେ ଏହି ବ୍ୟବସ୍ଥାରେ ଅତିଷ୍ଠ ହୋଇ, ଅନେକ ହିନ୍ଦୁ ନଜର ମୂଳ ଧର୍ମରୁ ଅଲଗା ହେଇ, ଜୈନ ବୌଦ୍ଧ ଶିଖ୍ ମହିମା ଇତ୍ୟାଦି, ନଜକୁ ଶୁହେଇଲା ପରି ବିଭିନ୍ନ ଧର୍ମ ଗଠନ କଲେ ଏବଂ କଛି ଧର୍ମ ପରିବର୍ତ୍ତନ କରି ମୁସଲମାନ ଓ ଖ୍ରୀଷ୍ଟିଆନ ଧର୍ମ ଗ୍ରହଣ କଲେ। ପରିଣାମ ଏୟା ହେଲା ଯେ, ବିଭିନ୍ନ ଜାତି ଓ ଧର୍ମରେ ବିଭାଜିତ ଭାରତୀୟ ମାନେ, ପରସ୍ପରକୁ ଅବିଶ୍ୱାସ କଲେ ଓ କରୁଛନ୍ତି।

ଭାରତୀୟ ମାନେ ଭୁଲି ସାରିଲେଣି ଯେ, ୨୬୦୦ ବର୍ଷ ଧରି; ଏପରିକ ୧୪୦୦ ବର୍ଷ ପୂର୍ବରୁ ସମସ୍ତେ ଗୋଟିଏ ଧର୍ମର ଲୋକ ଥିଲେ। କାଳକ୍ରମେ ଏହି ବିଭାଜନ ହିଁ ଭାରତୀୟ ସଂସ୍କୃତି କୁ ରଗଣ କରି ଦେଲା। ଏହି ଅସମାନତା ଗୋଟିଏ ଭ୍ରଷ୍ଟ ସମାଜରେ ପରିବର୍ତ୍ତିତ ହେଇଗଲା; ଯେଉଁଠି ଗୋଟିଏ ଦଳ ଭାରତୀୟ ଅନ୍ୟ ଏକ ଭାରତୀୟ ଦଳର ବିରୁଦ୍ଧରେ ରହିଲେ।

କହିବାରେ ଦ୍ୱିଧା ନାହିଁ ଯେ, ଆଜି ବି, କେବଳ ଭଗବାନଙ୍କୁ ଭୋଗ ଦାନ ଦକ୍ଷିଣା ଦେଇ ହାତରେ ରଖିବା ଚେଷ୍ଟାରେ ପ୍ରାୟ ସମସ୍ତେ ଏକମତ।

ଦାମନଯୋଡି

# ପ୍ରିୟଜନ



ତ୍ରିପତି ପ୍ରଧାନ

ଏମାୟା ସଂସାର
ନୁହଁ କଏ ପ୍ରିୟ
ଚର ପ୍ରିୟ ଦାମୋଦର
ସମୟର ସ୍ରୋତେ
ପ୍ରିୟ ଜନ ଆସେ
ଯାଏ ଦେଇ ଲୁହ ଧାର (୧)
ବାଳୁତର କାଳେ
ଥିଲେ ମାଆ କୋଳେ
ନଜର ଆଉକେ ଲୋଡ଼ା
ସଭା ସମିତିରେ
ବାପା ପାଖେ ଥିଲେ
ହାରିବା ନ ଥାଏ ଥୋଡା (୨)
ବିଦ୍ୟା ଅରଜନ
ଗୁରୁ ପ୍ରିୟଜନ
ବ୍ରହ୍ମା ବିଷ୍ଣୁ ମହେଶ୍ୱର
ଅଜ୍ଞାନ ଅନ୍ଧାର
କରିଦ୍ୟନ୍ତି ଦୂର
ସଦବୁଦ୍ଧି କର୍ମ ମହୀର (୩)

ପ୍ରେମିକା ବାସରେ
ଯୁବା ଅବସ୍ଥାରେ
ମଧୁ ପାନେ ହୋଇ ମତ୍ତ
ତା ନେବ ଗୃହାଣୀ
ନଏ ମନ କିଣି
ପ୍ରିୟା ପ୍ରିୟତମା ସେତ (୪)
ବିଦେଶ ବାସରେ
ଧନ ଅର୍ଜନରେ
ନଜ ବିଦ୍ୟା ଶ୍ରେଷ୍ଠ ବନ୍ଧୁ
ଶରୀରେ ରୋଗର
ଅତି ଆପଣାର
ଚକସ୍ୱକ ପ୍ରାଣବନ୍ଧୁ (୫)
ଦେବ ଦିଆଇବ
ଦାନାହିଁ କରିବ
ମରଣର ପ୍ରିୟ ସିଏ
ଦୀନ ଜନ ସେବା
ଭବେ ମନଲୋଭା
ସଦା ପ୍ରିୟଜନ ହୁଏ (୬)

ସଂସ୍କୃ ଶିକ୍ଷକ, ଚକଟି

# ତୁମେ ଯଦି ଆସିଥାନ୍ତ



ପ୍ରତାପ ମିଶ୍ର

ତୁମେ ଯଦି ଥରେ ଆସିଥାନ୍ତ ପ୍ରଭୁ
ଦେଖି ଥାନ୍ତ ମୋର ଯନ୍ତ୍ରଣା
ତୁମେ ଯଦି ପ୍ରଭୁ ଦେଖିଥାନ୍ତ ଥରେ
ଦେଇଥାନ୍ତ କଛି ସାନ୍ତ୍ୱନା ।

ଦୁଃଖ ତ ତେବେ ଭାବିଥାନ୍ତା ମନେ
ଦେବ କ ନଦେବ ଯାତନା
ଭାବିନେଲ ବୋଧେ ସବୁ ଠିକ୍ ଅଛି
ନାହିଁ କଛି ମୋର ବେଦନା ।

ସଂସାର ଏଠାରେ ଚାଲୁଅଛି ଠିକ୍
ପବନ ବୋହୁଛି ହସି ହସି
ବର୍ଷା ବି ନାଚେ ଖରା ବି ତ ଦିଶେ
ସବୁଜିମା ଧରା ଦିଶେ ଖୁସି ।

ବିଚାର ତୁମର କହି କ ପାରିବି
ଠିକ୍ ହେଲା ବୋଲି ନାହିଁ
ବାହାରୁ ଦେଖିଲ ଭିତରଟା ଟିକେ
ପରଖି ଦେଖିଲ ତ ନାହିଁ ।

ଘାରିଆଡେ ମୋତେ ଅନ୍ଧାର ଦିଶଇ
ସୂର୍ଯ୍ୟ ରଶ୍ମି ଆସେ ନାହିଁ
ପବନ କ ବର୍ଷା କେହି ହେଲେ ଟିକେ
ଯାତନା ମୋ ନେଇ ନାହିଁ ।

ଦୁଃଖ ଦେବ ବୋଲି ଭାବିଅଛ ଯେବେ
କୁହ ଏଡାଇ ପାରିବ କଏ
ବଂଧୁ ବୋଲି ଭାବି ଡାକ ଦେଲି ସିନା
ସାହା ଭରସା ତୋ ଛଡା କଏ ।

ଏଇ ଅବସ୍ଥା ରେ ମନେ ପଡ ସିନା
ତୁମେ ସବୁଠୁ ଅଧିକ ମୋର
ନଦି ଦେଖୁଅଛି ତୁମକୁ ହେ ପ୍ରଭୁ
ଦିବାରାତ୍ରେ ସ୍ୱପ୍ନେ ମୋର ।

ଲୋଡା ନାହିଁ ମୋର ଆଉ କଛି ଧନ
ପ୍ରଭୁ ଏତିକ ବିନତି କରେ
ଥାଅ ସବୁବେଳେ ବନ୍ଧୁ ଭଳ ହୋଇ
ମୋର ହୃଦୟର ମନ୍ଦିରରେ ।

ସିଡିଏ, କଟକ

# ନାରୀ ତୁମେ ମହାନ୍
# ନାୟିକା



ହାସ୍ୟମୟୀ ରାଜ୍

ନାରୀଟିଏ
ଜଳୁଥାଏ ସଦା
ନିଜ ଭିତରେ
ଠିକ୍ ନିଆଁ ଖଣ୍ଡ ପରି
ଗ୍ଭରିପଟେ ସ୍ୱର୍ଣ୍ଣାଭ ଆଲୋକକୁ
ବିତରଣ କରି କରି ।।

ସେ ହିଁ କରିପାରେ ସୃଷ୍ଟି
ସେ ନିଜେ ହିଁ ତ
ଧୈର୍ଯ୍ୟ ଓ ସହନଶୀଳତାର ମାପକାଠି
ସେ ସମ୍ମାନନୀୟା ସେ ବନ୍ଦନୀୟା
ସେ  ମହାଶକ୍ତି
କେବେ ସେ ମା କେବେ ସେ  ମାଟି
ସର୍ବଂସହା ସେ
ଯୁଗେ ଯୁଗେ ରଖିଯାଇଛି
ଅମର ତାର କୀର୍ତ୍ତୀ   ।।

ଲୁହ ପିଇ ପିଇ ସେ
ହସିବାକୁ ଭଲପାଏ
ନିଜ ଲୁହ ଗ୍ଭପିଗ୍ଭପି
ପରିବାର ଲୁହ ପୋଛୁଥାଏ
ତା ପଛରେ କିଏ ଥାଉ କି ନଥାଉ

ନିଜେ ନିଜେ ଅଣ୍ଟା ସଳଖି ଠିଆ ହେବାକୁ
ସେ ଋଣ ଖାଏ ।।

ସେ ପର୍ ଜନନୀ ଯାୟା ଭଗିନୀ
ତାର କ'ଣ ତୁଳନା ଥାଏ **!!**
ତାର ସ୍ୱପ୍ନକୁ ଋତି ନିଅଣ୍ଟ ହୁଏ
ନିଜକୁ ବଣ୍ଟି ବାଣ୍ଟି ଜୀବନ ସାର୍
ସେ ସମସ୍ତଙ୍କୁ ପରିପୁର୍ଣ୍ଣ କରୁଥାଏ
ତା ହିସାବ କିଏ ରଖୁ କି ନରଖୁ
ସେ କିନ୍ତୁ ସମସ୍ତଙ୍କ ହିସାବ ରଖିବାକୁ
ଖୁବ୍ ଭଲପାଏ ।।

ସେ ପର୍ ପ୍ରେମମୟୀ ସ୍ନେହମୟୀ
ଅମୃତର ଚିରସ୍ରୋତା ଧାର୍ଟିଏ
ଶେଷ ନିଶ୍ୱାସ ଯାଏ
ନିଃସର୍ତ୍ତ ସେ ଏମିତି ବହୁଥାଏ
ନିଜେ ହାରି ହାରି
ତା ପରିବାର ସନ୍ତାନ ସନ୍ତତି ପାଇଁ
ଜିତିବାର ସ୍ୱପ୍ନ ଦେଖେ
ତାର ଜିତିବା ତ
ଠିକ୍ ସେଇଠି ଲଟକିଥାଏ
ତା ପରି ମହାନ ନାୟିକା
ସତରେ ଆଉ କିଏ **!!!**

ଓଋଳ, ହାଟଡିହି, କେନ୍ଦୁଝର

# ଜୀବନ ଓ ସଂଘର୍ଷ



ମଧୁସ୍ମିତା ସେନାପତି

ସଂଗ୍ରାମ ଏବଂ ଜ୍ଞାନର ମିଶ୍ରଣ ଦ୍ୱାର୍ ଏକ ଦକ୍ଷତା ବିକାଶ କର୍ ଯାଇପାରିବ, କନ୍ତୁ ଯଦି ସଂଗ୍ରାମ ଅଜ୍ଞ୍ୟତା ସହିତ ମିଶିଯାଏ ତେବେ ଏହା ବିନାଶ ପାଇଁ ଆହ୍ୱାନ କରେ। ଆମେ ଜୀବନରେ ସଂଘର୍ଷକୁ ସ୍ୱାଗତ କରିବା ଉଚତ୍। ସଂଘର୍ଷ ବିନା ସଫଳତାପୂର୍ଣ୍ଣ ଜୀବନ ହାସଲ କରି ପରିବା ନାହିଁ। ଯେଉଁମାନେ ସଂଘର୍ଷ କରନ୍ତି, ସେମାନେ କଦାପି ପର୍‌ଜିତ ହୁଅନ୍ତି ନାହିଁ। ଜଣେ ବ୍ୟକ୍ତିର ବ୍ୟକ୍ତିତ୍ୱ ଦ୍ୱନ୍ଦରେ ମଧ ଝଲସି ଉଠେ। ଏହିପରି ବ୍ୟକ୍ତିମାନେ ସକାର୍‌ତ୍ମ୍କ ଚନ୍ତାଧାର୍ ରଖନ୍ତି, ବ୍ୟକ୍ତି ଯେଉଁମାନେ ସେମାନଙ୍କ ଆଖପାଖରେ ସେହି ସକାର୍‌ତ୍ମ୍କ କୁ ଗ୍ରହଣ କରନ୍ତି । ଆମେ ମଧ ସମସ୍ତ ଦିଗରୁ ସକାର୍‌ତ୍ମ୍କ ଭ୍ବରେ ଗ୍ରହଣ କରିବା । ନକାର୍‌ତ୍ମ୍କ ଚନ୍ତାଧାର୍‌ରୁ ଦୂରରେ ରହିବା ଉଚତ୍। ଆଗେ ଆମ ଆମ ମନ ପରିଚ୍ଛନ୍ନ କରିବା ଏଥି ସହିତ ନଜ ମାନସିକ  ବିକାଶ କ୍ଷେତ୍ରରେ ଧ୍ୟାନ ଦେବା ଉଚତ୍।

ଯେଉଁମାନେ ଜୀବନର ସଂଗ୍ରାମକୁ ସ୍ୱାଗତ କରନ୍ତି, ସେମାନେ କେବଳ ମହାନ୍ ହେବାରେ ସଫଳ ହୋଇ ପାରନ୍ତି। ଯଦି ସମାଜର ବାସ୍ତବିକ ଘଟାନଚକ୍ରକୁ ଦେଖିବା ତେବେ ଜଣାଯାଏ ଯେ ଆଜି ପର୍ଯ୍ୟନ୍ତ ଯେଉଁ ବ୍ୟକ୍ତିମାନେ ମହାନ ହୋଇ ପାରିଛନ୍ତି, ସେ କୌଣସି ପ୍ରସିଦ୍ଧ ପରିବାରରୁ ଆସିନାହାନ୍ତି କ ସେମାନଙ୍କ ପିତା କୌଣସି ପ୍ରସିଦ୍ଧ ବ୍ୟକ୍ତି ନୁହଁନ୍ତି । ତଥାପି ଜୀବନ ସଂଘର୍ଷ ଭିତର ସେ ହଜି ନଯାଇ ଜୀବନ ଯୁଦ୍ଧରେ ଆଗକୁ ବଢ଼ି ଚ୍ଲିଛନ୍ତି।

ପ୍ରାୟ ୨୨୦୦ ବର୍ଷ ପୂର୍ବେ ସମ୍ରାଟ ଚନ୍ଦ୍ରଗୁପ୍ତ କାଶ୍ମୀରରୁ ବହାମାଗିରି  (ଡେକାନ ମାଳଭୂମି) ଏବଂ ଗାନ୍ଧାରରୁ ଆସାମ ପଯ୍ୟନ୍ତ ସମସ୍ତ ଦେଶକୁ ସଂଗଠିତ କରି ଏକ ବୃହତ୍ ସାମ୍ରାଜ୍ୟ ପ୍ରତିଷ୍ଠା କରିଥିଲେ। ତାଙ୍କ ପିତା ଜଣେ ସାଧାରଣ ଲ୍ୋକ ଥିଲେ । ଯାହା ବିଷୟରେ ଆମ ପାଖରେ କୌଣସି ସଠିକ୍ ଧାରଣା ନାହିଁ । ତଥାପି ତାଙ୍କ ନଜସ୍ୱ ଜ୍ଞାନ ଓ ପରିଶ୍ରମ ହେତୁ ଚ୍ାଣକ୍ୟ ପ୍ରସିଦ୍ଧି ଲ୍ଭ କଲେ । ଏହାର ଏକମାତ୍ର କାରଣ ଯେ ସେ ନଜ ଜୀବନରେ ସଂଘର୍ଷ କରିଥିଲେ । ଯେତେବେଳେ ଏହି ଦୁଇ ମହାନ୍ ବ୍ୟକ୍ତିତ୍ୱ ସଂଗଠିତ ହେଲେ ସେବେ

ସେମାନେ ଏକ ବିରାଟ ସାମ୍ରାଜ୍ୟ ସୃଷ୍ଟି କଲେ ଏବଂ ଜୀବନର ବିଭିନ୍ନ ସଂଘର୍ଷକୁ ସମାଧାନ କଲେ । କାରଣ ରାଜା ଚନ୍ଦ୍ରଗୁପ୍ତଙ୍କ ସାହସ ଥିଲା ଏବଂ ଚାଣକ୍ୟଙ୍କ ର ଜ୍ଞାନ ଥିଲା। ଏହି ଜ୍ଞାନ ଓ ସାହସର ମିଶ୍ରଣରେ ଏକ ସୃଜନଶୀଳ ସାମର୍ଥ୍ୟ ବିକାଶ କଲା। ଯଦି ଏହି ସଂଘର୍ଷ ଅଜ୍ଞ୍ୟତା ସହିତ ମିଳିତ ହୋଇଥାନ୍ତା, ତେବେ ଏହା ବିକାଶ କ୍ଷେତ୍ରରେ ଏକ ବଡ଼ ଆହ୍ୱାନ ସାଜିଥାନ୍ତା।

ତେଣୁ ଆମକୁ ବୁଝିବାକୁ ହେବ ଯେ ଆମେ ସଂଗ୍ରାମ ସହିତ ଜ୍ଞାନକୁ ଏକତ୍ର କରିବା ଆବଶ୍ୟକ । ବିବାଦକୁ ସମ୍ମୁଖୀନ କଲେ ଆମର ଦୁଇଟି ଦିଗ ରହିବ । ଗୋଟିଏ ହେଉଛି ଆଗେ ଆହ୍ୱାନ ର ସମ୍ମୁଖୀନ ହେବା ସହିତ ଆମେ ସଂଗ୍ରାମ ସହିତ ମଧ୍ୟ ଆପୋଷ ବୁଝାମଣା କରିବା ଉଚିତ୍। ଯେତେବେଳେ ଲୋକମାନେ କହିବେ ଯେ ଆପଣଙ୍କର ସମୟ ଖରାପ ଅର୍ଥାତ୍ ଶନି ଆରୋହଣ କରିଛନ୍ତି, ସେତେବେଳ ଆମେ ସାହସର ସହିତ ଆହ୍ୱାନକୁ ସାମ୍ନା କରିବା, ସେବେ ଆମେ ଅନୁଭବ କରିବା ଯେ ସମୟ ଆମ ସପକ୍ଷରେ ଅଛି ଅର୍ଥାତ୍ ଶନି ଅବତରଣ କରିଛନ୍ତି।

*"*ନୀଳାଞ୍ଜନମ୍ ସମାଭ୍ୟାସମ୍ ରବିପୁତ୍ରମ୍ ଯମାଗ୍ରଜମ୍*
*ଛାୟା ମାର୍ତଣ୍ଡମ୍ ସମ୍ଭୂତତ୍ ନମାମି ସନେଷ୍ଟରେମ୍'**

ଜୀବନର ସଂଘର୍ଷ କେବେ ପ୍ରକୃତି ସହ ହୋଇଥାଏ ତ କେବେ ସ୍ୱୟଂ ସହିତ ସଂଘର୍ଷ କରିବାକୁ ପଡେ ତ କେବେ ନିଜ ପରିସ୍ଥିତି ସହ । ଜୀବନ ଆରମ୍ଭରୁ ଆମକୁ କିଛି ନ କିଛି ଭାବରେ ଆମ ସମସ୍ତଙ୍କୁ ସଂଘର୍ଷ କରିବାକୁ ପଡ଼ିଥାଏ। କେହି ନିଜ ପେଟ ପାଇଁ, ତ ନିଜ ଜୀବିକା ପାଇଁ ସଂଘର୍ଷ କରେ । କେହି ନିଜ ପ୍ରତିଷ୍ଠା ପାଇଁ ତ କେହି ନିଜକୁ ସମାଜ ଆଗରେ ଉପସ୍ଥାପନା କରିବା ପାଇଁ ସଂଘର୍ଷ କରିଥାଏ। ତେଣୁ ଜୀବନର ଆରମ୍ଭରୁ ଶେଷ ଯାଏଁ ଆମକୁ କୌଣସି ନ କୌଣସି ମତେ ସଂଘର୍ଷ କରିବାକୁ ପଡୁଛି। ଏକ ସୁନ୍ଦର ଜୀବନ ପାଇବାକୁ ହେଲେ ଆମକୁ ସଂଘର୍ଷକୁ ମାଧ୍ୟମ କରି ବଞ୍ଚିବାକୁ ପଡ଼ିବ। ତେବେ ଯାଇ ଆମେ ଜୀବନର ବାସ୍ତବିକ ଘଟଣାବଳୀକୁ ବୁଝିବାକୁ ସକ୍ଷମ ହୋଇ ପରିବା ତା ସହିତ ନିଜ ଜୀବନକୁ ସୁନ୍ଦର ରୂପେ ଗଢି ଫୁଲରେ ସଜ୍ଜିତ ପଥରେ ଆଗେଇ ନେବା ପାଇଁ ସକ୍ଷମ ହୋଇ ପରିବା ।

ଫୁଲନଖରା,କଟକ

# ସୁନା ସଂସାର



ରାମ ଚନ୍ଦ୍ର ପ୍ରଧାନ

ବୈକୁଣ୍ଠ ସମାନ  ଏଇ ମୋର ଘର
ଲାଗେ ଶ୍ରୀମନ୍ଦିର ପରି
ମୋ ଘର ଅଗଣା  ସଦା ହସି ଉଠେ
ସେନେହ ଶରଧା ଝରି ।
ଭାଇ ଭାଉଜ ମୋ  ଚଳନ୍ତି ଠାକୁର
ସତେ ଅବା ରାମସୀତା
ମୋ ସୁନା ସଂସାର  ହସେ ତାଙ୍କ ପାଇଁ
ହୋଇ କ' ଜଗତଜିତା ।
ଭାରି ସାଦାସିଧା  ତ୍ୟାଗର ପ୍ରତୀକ
ଭାଇ ମୋ ରାମଚନ୍ଦର
ଭାରି ସ୍ନେହମୟୀ  ମମତାର ସିନ୍ଧୁ
ଭାଉଜ ସୀତା ମୋହର ।
ବଞ୍ଚିଥିବା ଯାଏଁ  ଭାଇ ଭାଉଜଙ୍କ
ପାଖେ ସଦା ମୁଁ ରହିବି
ଲକ୍ଷ୍ମଣଙ୍କ ପରି  ନିଃସ୍ୱାର୍ଥ ଭାବରେ
ଦୁହିଁଙ୍କ ସେବା କରିବି ।
ହସିଲା ପୁରିଲା  ଏମିତି ସଂସାର
ଦେଖି ନାହିଁ କେଉଁଠାରେ
ପର ଆପଣାର  ଭେଦ ଭାବ ଯହିଁ
ନ ଥାଏ କାହା ମନରେ ।
ସବୁ ଦୁଃସମୟ  ଅପସରି ଯାଉ
ନ ଲାଗୁ କାହା ନଜର
ହେ କଳା ଠାକୁର  ତୁମ କୃପା ବଳେ
ହସୁ ମୋ ସୁନା ସଂସାର ।

ଶିକ୍ଷକ
ସାନ୍ତରାପଲ୍ଲୀ, ଗଞ୍ଜାମ

# ମାଆ / ମାତୃଭୂମି / ମାତୃଭାଷା



ବୈଦ୍ୟନାଥ ପଣ୍ଡା

ମାଆ ମାତୃଭୂମି ମାତୃଭାଷା ଠାରୁ
ବଡ଼ କେ ପାରିବ ହୋଇ
ଯା ସ୍ନେହ ମମତା ପ୍ରୀତି ପରଶକୁ
କେବେ ଭୁଲି ହୁଏ ନାହିଁ
କୋଳରେ ଯାହାର ଜନମ ନେଇ ମୁଁ
ଧୂଳି ଖେଳଲି ଯା କୋଳେ
ଭାଷାଟି ଯାହାର ଅମୃତର ଝର
ଶିଖାଇଲା କଥା ହେଲେ
ମାଆ କୋଳ ସିନା ଦିଅଇ ଆଶ୍ରୟ
ମାଟି ମାଆ ଦିଏ ଶସ୍ୟ
ମାତୃଭାଷା ମୋର ଶିଖାଏ ଶିଷ୍ଟତା
ସଦା ମୋର ସେ ନମସ୍ୟ
ଶୁଝି ପାରିବିନି କେବେ ତାଙ୍କ ଋଣ
ଜନ୍ମରୁ ମରଣ ଯାଏ
ତା ଅଙ୍ଗରୁ ଯଦି ଝରେ ସ୍ୱେଦ ବିନ୍ଦୁ
ରୁଧିର ମୋ ଝରିଯାଏ
ମାଆର ମମତା ମାଟି ମାଆ ଦାନ
କେତେ ସୁନ୍ଦର ମୋ ଭାଷା
ଭୁଲିନାହିଁ କେବେ ଭୁଲିପାରିବିନି
ଥିବାଯାଏ ଜୀବ ଦଶା
ମାତୃଭୂମି ମାଆ ମାତୃଭାଷା ପ୍ରତି
ଦରଦ ଯାହାର ନାହିଁ
ଯେତେ ଗୁଣି ଅବା ଧନପତି ହେଉ
ତାହାର ମୂଲ୍ୟତ ନାହିଁ
ସେବୁଥାଇ ଯିଏ ଏ ତିନି ମାଆ ଙ୍କୁ
ଧନ୍ୟ ତାହାର ଜୀବନ
ମରିବି ଅମର ହୋଇଥାଏ ସେହି
ଜୀବ ମଧ୍ୟେ ସେ ମହାନ।

ଅବଦଲ ପୁର, ଯାଜପୁର

# ତ୍ୟାଗ



ନେପାଳ କୁମାର ବେହେରା

ନିଜେ ଜଳି
ଅନ୍ୟକୁ ଆଲୁଅ ବୁଣିବା ଆଶାରେ
ଜନ୍ମିଛି ମୁଁ,,
କାଳେ
ହୋଇପାରିବି କି
ମହମବତୀଟିଏ ପରି।

ମୋ ପାଦତଳେ
ଘନ ଅନ୍ଧକାର
ଡର୍‌ଉଥାଉ ପଛକେ
ଦରଭଂଗା ହୃଦୟକୁ,,,
ତଥାପି
ବୁଣି ପାରିବି ତ
ମୋ ଚଉପାଶେ ଆଲୁଅର ବହ୍ନି।

ସହିଯିବି ମୁଁ
ମାଘର କନକନ ଜାଡ ବି
ବୈଶାଖର ଡହଡହ ଖରା ବି
ଶ୍ରାବଣର ଘଡଘଡି ବର୍ଷା ବି।

ଓଦା କନା ପେଟରେ ଦେଇ
ଶୋଇଯିବି ପଛକେ
ମାଆଟିଏ ପରି,
ଭୋକଲା ପେଟରେ କ'ଣ
ଦେଖିପାରିବି ସାମ୍ନାବାଲା ଦୁଃଖିକୁ।

ଜାଣିନାହିଁ ମୁଁ,
ଶିଖିନାହିଁ ମୁଁ,
ତ୍ୟାଗର ପରିଭାଷା କ'ଣ?
ସେ କଥା ବି ବୁଝିନି।

ହଁ ଏତିକି ଜାଣିଛି,,
ତ୍ୟାଗର ମାନେ
ବିନା ସ୍ୱାର୍ଥରେ
ସାହାଯ୍ୟର ହାତବଢେଇବା।।

ଜାମୁଖୋଲ, କନ୍ଧମାଳ, ବୌଦ୍ଧ

# ଏମିତିବି ହୁଏ



ସତ୍ୟବ୍ରତ ସାହୁ

ସେଦିନ ଡ୍ୟୁଟି ସାରି ବସିଥାଏ ମୋ' ରୁମରେ । ସନ୍ଧ୍ୟା ସମୟ। ଗୋଟେ ଅଜଣା ନମ୍ବରରୁ ଫୋନ୍ ଆସିଲା। ଜଣେ ଝିଅ କରିଥିଲା ଫୋନ୍ । କହିଲା, ନମସ୍କାର । ଆପଣ ସତ୍ୟବ୍ରତ ସାହୁ କହୁଛନ୍ତି ? ମୁଁ କହିଲି, ହଁ । ସେ କହିଲା, ମୁଁ ମାଣିକ ସାହୁ (ଛଦ୍ମ ନାମ) ଭୁବନେଶ୍ୱର (ଛଦ୍ମ ସହର)ରୁ କହୁଛି । ଆପଣଙ୍କ କବିତା 'ସାଆନ୍ତେ' ସମାଜ ଖବରକାଗଜରୁ ପଢ଼ିଥିଲି । ବହୁତ ଭଲଲାଗିଲା କବିତାଟି। ଆପଣଙ୍କ ଲେଖା ନଜରରେ ପଡ଼ିଲେ ସଙ୍ଗେ ସଙ୍ଗେ ପଢେ । ମୁଁ ଧନ୍ୟବାଦ ଦେଲି ମୋ' ଲେଖା ପଢ଼ି ଫୋନ୍ କରିଥିବାରୁ। ତାପରେ ଝିଅଟି କହିଲା, ମୋତେ ଟିକେ ସାହାଯ୍ୟ କରି ପାରିବେ? ମୁଁ କହିଲି କପ୍ରକାର ସାହାଯ୍ୟ ପ୍ରଥମେ ଆପଣ କୁହନ୍ତୁ ତାପରେ ମୁଁ ଚନ୍ତା କରିବି ସେ ବିଷୟରେ । ସେ କହିଲା, ଆପଣଙ୍କ ଠିକଣାରୁ ଜାଣିଲି ଆପଣଙ୍କ ଘର ଅହିୟାସ ଅଞ୍ଚଳରେ। ମୋର ଜଣେ ସମ୍ପର୍କୀୟ ଭାଇ ଅହିୟାସ ପୋଷ୍ଟ ଅଫିସରେ ଚାକିରି କରେ । ଅମ୍ଫାନ ବାତ୍ୟା ପରେ ବେଳେ ବେଳେ ତା' ଫୋନ୍ ଲାଗୁନ । ଯେବେ ବି ରିଙ୍ଗ ହେଉଛି ସେ ଫୋନ୍ ରିସିଭ୍ କରୁନ। ଅମ୍ଫାନ ଆପଣଙ୍କ ଆଡ଼େ ବେଶୀ କ୍ଷତି କରିଛି କ ? ମୁଁ କହିଲି, ନା ବେଶୀ କଛି କ୍ଷତି ହୋଇନ । ଅଳ୍ପ ଗଛ ଭାଙ୍ଗିଛି । ଦିନେ ଦୁଇଦିନ ଭିତରେ କରେଣ୍ଟ ବି ଆସିଗଲା । ଝିଅଟି ବିଚଳତ ହୋଇ କହିଲା, ତେବେ ସେ ଫୋନ୍ ଉଠାଉନ କାହିଁକ ? ମୋତେ ଭାରି ଦୁଃଖ ଲାଗୁଛି । ମନ ଥୟ ଧରୁନ। କ'ଣ ହେଲା ତା'ର ? ମୋ' ଉପରେ ରାଗିଛି କ ସେ? ଏମିତି କଛି କହିଲା ପରେ ମୁଁ କହିଲି, ହୁଏତ ତାଙ୍କ ମୋବାଇଲ ଖରାପ ହୋଇଥିବ ନଚେତ ହଜି ଯାଇଥିବ। ଝିଅଟି କହିଲା, ମୁଁ ଭାବୁଛି ସେ ମୋ' ଉପରେ ଅଭିମାନ କରିଛି ନଚେତ ତା' ମନ ଖରାପ ଅଛି । ଏମିତି ହେଲେ ସେ କାହା ଫୋନ୍ ଉଠାଏନ । ଏପରିକ ଅଜଣା ନମ୍ବରରୁ ଫୋନ୍ ଆସିଲେ ବି ଉଠାଏନ । ଅନଲାଇନ୍ ବି ଆସେନ । ଅନୁନୟ ହୋଇ କହିଲା, ଆପଣ ଟିକେ ପୋଷ୍ଟ ଅଫିସ ଯାଇ ଦେଖାକରି ପାରିବେ ? ମୁଁ କହିଲି, ମୁଁ ବି ଚାକିରି କରେ । ମୋର ରବିବାର ଛୁଟି । ମୁଁ ଗାଁରେ ରହେନ । ଶନବାର ଘରକୁ ଯାଏ ।

ତେଣୁ ଦେଖା କରିବା କଷ୍ଟ । ଝିଅଟି ପୁଣି ଅନୁରୋଧ କରି କହିଲା, ସେ ରହୁଥିବା ଭଡ଼ା ଘରର ଠିକଣା ଏବଂ ତା' ଫୋନ୍ ନମ୍ବର ଦେଉଛି । ଆପଣ ଯେମିତି ହେଉ ତାକୁ ମିଶିବାକୁ ଚେଷ୍ଟା କରନ୍ତୁ । ମୁଁ ଆଶ୍ୱାସନା ଦେବାରୁ ସେ ଫୋନ୍ କାଟିଲା। ତା ପର ଦିନ ମୁଁ ଡ୍ୟୁଟିରେ ଥିବାବେଳେ ମଧ୍ୟ ଫୋନ୍ କଲା । ସାର୍, କଥା ହୋଇଥିଲେକ ତା' ସହ ? ମୁଁ କହିଲି, ମୋର ଡ୍ୟୁଟି ସରିଲେ ସନ୍ଧ୍ୟାରେ ଫୋନ୍ ଲଗାଇବି । ଝିଅଟିର ବ୍ୟାକୁଳତା ଅନୁଭବ କରି ମନସ୍ଥ କଲି ଯେମିତି ହେଉ ତାକୁ ସାହାଯ୍ୟ କରିବି । ଯଦି ଫୋନ୍ ନଉଠାଏ ଦେଖା କରିବି।

ସନ୍ଧ୍ୟାରେ ଫୋନ୍ ଲଗାଇଲି ଦୁଇ ଥର ରିଙ୍ଗ ହୋଇ କଟିଲା । କିଛି ଉତ୍ତର ମିଳିଲାନି । ଘଣ୍ଟାଏ ପରେ ପୁଣି ଫୋନ୍ କଲି । ଏଥର ଉତ୍ତର ମିଳିଲା- ହ୍ୟାଲୋ.. । ମୁଁ ମୋ' ପରିଚୟ ଦେଇ କହିଲି, ଆପଣ ସତ୍ୟବ୍ରତ ମହାନ୍ତି(ଛଦ୍ମ ନାମ) କହୁଛନ୍ତି ? ସେ କହିଲେ, ହଁ । ଆପଣ ମାଣିକ ସାହୁଙ୍କୁ ଚହ୍ନିଛନ୍ତି ବୋଲି ମୋ' ପ୍ରଶ୍ନର ଉତ୍ତରରେ ସେ କହିଲେ, ହଁ ସିଏ ମୋ' ଦିଦି । ତେବେ ଆପଣ ତାଙ୍କ ଫୋନ୍ ଉଠାଉ ନାହାନ୍ତି କାହିଁ ? ଜାଣିଛନ୍ତି ଆପଣଙ୍କ ସହିତ ଟିକେ କଥା ହୋବା ପାଇଁ ସେ କେତେ ବ୍ୟସ୍ତ ଓ ବ୍ୟାକୁଳତ ? ବଡ଼ ମନସ୍ତାପରେ ଅଛନ୍ତି ସେ। ହଁ, ଶୁଣ ମୋ' ସହିତ ତାଙ୍କ ସମ୍ପର୍କ ଜଣେ ଲେଖକ ଏବଂ ପାଠକର । ମୁଁ ଗପ, କବିତା ଲେଖେ । ମୋ' ଲେଖା ପଢ଼ି, ଠିକଣାରୁ ଆପଣ ଆମ ଅଞ୍ଚଳରେ ଅଛନ୍ତି ଜାଣି ସେ ମୋ' ପାଖକୁ ଫୋନ୍ କରିଥିଲେ ଆପଣଙ୍କୁ ଦେଖା କରିବା ପାଇଁ । ଆପଣ ଥରେ କଥା ହୋଇ ଯାଆନ୍ତୁ ତାଙ୍କ ସହ । ତାଙ୍କ ମନ ହାଲୁକା ହୋଇଯିବ। ସେ କହିଲେ, ହଁ ମୁଁ ଆଜି କଥା ହେବି । ତାପରେ ଫୋନ୍ କାଟିଲେ । କିଛି ସମୟ ପରେ ଫୋନ୍ ଆସିଲା ମାଣିକର । ଆଜ୍ଞା, କଥା ହେଲେକ ସତ୍ୟ ସହ ? ମୁଁ ହଁ କହୁ କହୁ ତାଙ୍କ ପାଟିରୁ ବାହାରି ଆସିଲା, ସେ ମାଙ୍କଡ଼ଟା ଭଲରେ କଥା ହେଲାତ ଆପଣଙ୍କ ସହ ? ମୋତେ ଭାରି ଖୁସି ଲାଗିଲା ଝିଅଟି ମୁହଁରୁ ସେହି 'ମାଙ୍କଡ଼ଟା' ଶବ୍ଦ ଶୁଣି । ବୋଧହୁଏ ସେତିକ ଆତ୍ମୀୟତା/ଆପଣାପଣ ନଥିଲେ କେହି ହଠାତ ମାଙ୍କଡ଼ ଶବ୍ଦ ଉଚ୍ଚାରଣ କରେନି। ମୁଁ ବି ମଜାରେ କହିଲି, ହଁ ସେ ମାଙ୍କଡ଼ଟା ଆପଣଙ୍କ ସହ କଥା ହେବ ବୋଲି କହିଛି । ଫୋନରେ ବି ଗୋଟେ ଆଶ୍ୱସ୍ତିକର ଶବ୍ଦ ଶୁଣିବାକୁ ପାଇଲି ଝିଅଟି କଣ୍ଠରୁ । କିଛି ଦିନ ପରେ ପୁଣି ଫୋନ୍ ଆସିଲା ମାଣିକର । ଏଥର ଆଜ୍ଞାରୁ ମୁଁ ହୋଇଯାଇଥିଲି ଭାଇ। ସେ କହିଲା, ଭାଇ ଜାଣିପାରୁଛନ୍ତିନା ମୋତେ ? ମାଣିକ କହୁଛି । ଜାଣିଛନ୍ତି ଭାଇ, ସେ ମାଙ୍କଡ଼ଟା ମୋ' ଉପରେ ରାଗିଥିଲା । ମୁଁ କାହିଁକି ଅମ୍ପାନ ଦିନ ତାକୁ ଫୋନ୍ କଲିନ

ସେଥିପାଇଁ । ସେ ଘଡ଼ଘଡ଼ି ଓ ଝଡ଼/ତୋଫାନକୁ ଡରେ। ପ୍ରକୃତରେ ମୁଁ ସେଦିନ ତାକୁ ଫୋନ୍ କରିଥିଲି । ଫୋନ୍ ଲାଗିଲାନ । ତା ପର ଦିନ ସୁଇଚ୍ ଅଫ୍ ଥିଲା । ତାପରେ ଯେବେବି ଫୋନ୍ କରେ ସେହି ରାଗରେ ସେ ରିସିଭ୍ କରେନ । ଭାରି ଗପୁଡି ଝିଅଟା । ମୋ' ସହିତ ତା'ର ଚହ୍ନା ଜଣା କଛି ନଥିଲା । ଅଥଚ ଅତି ପରିଚତ ମଣିଷଟିଏ ପରି ସେ ମୋ' ସହିତ ଗପି ଚାଲିଲା କୋଡ଼ିଏ ପଚଶ ମିନଟ୍ । ନଜ କଥା, ସତ୍ୟ କଥା, ପଢାପଢି କଥା, ଘର କଥା ସବୁ କହିଲା । ତା' ମନ ଭାଙ୍ଗି ନପାରି ସବୁ ଶୁଣିଲି। ଶେଷକୁ କହିଲା, ପ୍ଲିଜ୍ ଭାଇ ଆଉ ଥରେ ସତ୍ୟକୁ ଫୋନ୍ କରି କହିଦେବେ ମୁଁ କେତେ ବ୍ୟସ୍ତ ଥିଲି ତା' ଖବର ଜାଣିବା ପାଇଁ ଯେମିତି ତା' ମନରୁ ସବୁ ଅଭିମାନ ଦୂର ହୋଇଯିବ । ମୋ' ଠାରୁ ପ୍ରତିଶ୍ରୁତି ପାଇ ଫୋନ୍ କାଟିଲା । ମୁଁ ପୁଣିଥରେ ସତ୍ୟ ସହିତ କଥା ହୋଇ ସବୁକଥା କହିଲି ଓ ତାର ଅଭିମାନ ଦୂର କରିବାରେ ସକ୍ଷମ ହେଲି ।

ଏବେ ସେ ଭାଇ-ଭଉଣୀ ଦୁହେଁ ଭାରି ଖୁସି । ମୁଁ ବି ଖୁସି ଯେହେତୁ ମୋ' ଦ୍ୱାରା ସେମାନଙ୍କ ଭୁଲ୍ ବୁଝାମଣା ବା ମାନ-ଅଭିମାନ ଦୂର ହୋଇଥିଲା । ମୁଁ ନୁହେଁ ବରଂ ମୋ' ସାହିତ୍ୟ ସେମାନଙ୍କୁ ମିଶାଇ ଦେଇଛି ଏକଥା ଅନୁଭବ କଲି । ବେଳେ ବେଳେ ମାଣିକ ଫୋନ୍ କରେ । ସେ ଗପୁଡି ଝିଅଟା ସହିତ କଥା ହେବାକୁ ଭାରି ଭଲଲାଗେ । ହ୍ୱାଟ୍ସଆପରେ ଚାଟ୍ ବି କରେ । ମୋ' ଠାରୁ ଢେର ସାନ ସେ ଦୁହେଁ । ଏବେ ସେ ଭାଇ-ଭଉଣୀ ଦୁହେଁ ମୋର ବି ଭାଇ-ଭଉଣୀ ପାଲଟି ଯାଇଛନ୍ତି ।

ଯେତେବେଳେ ସେ ଗପୁଡି ଝିଅଟା କଥା ଭାବେ ଭାରି ଭଲଲାଗେ । ତା' ଆପଣାପଣ ପାଖରେ ବନ୍ଧା ପଡିଗଲା ପରି ଲାଗେ । ମନ ମଧ୍ୟରେ ଗୋଟେ ଭାବନା ଆସେ ଜୀବନରେ ବେଳେ ବେଳେ ଏମିତିବି ହୁଏ ।

ପଲ୍ଲୀସାହି, କମାଳପୁର,
ଅହିୟାସ, ଯାଜପୁର

# ତୁମେ ସତ୍ୟ ଶିବ ସୁନ୍ଦର



ପୁଷ୍ପଲତା ବେହେରା

ହେ ବାବା ମହେଶ୍ୱର..
ତୁମେ ସତ୍ୟ ଶିବ ପୁଣି ତୁମେ ହିଁ ସୁନ୍ଦର
ହେ ବାବା ମହେଶ୍ୱର...(ଘୋଷା)
ସାଗର ମନ୍ଥନ କାଳେ ସୃଷ୍ଟି ରକ୍ଷାପାଇଁ
ନୀଳକଣ୍ଠ ସାଜିଲ ହେ ଗରଳକୁ ପିଇ
ଭକତିରେ ଡାକଦେଲେ ତୁମେ ହାହିକର ।
ହେ ବାବା ମହେଶ୍ୱର....(୧)
ଆଶୁତୋଷ ନାମ ତୁମ ଅଳ୍ପରେ ସନ୍ତୁଷ୍ଟ
ତବ ନାମେ ଦୂରହୁଏ ରୋଗ, ଶୋକ, କଷ୍ଟ
ସକଳ ସଙ୍କଟେ ସାହା ଶିବ ପଞ୍ଚାକ୍ଷର ।
ହେ ବାବା ମହେଶ୍ୱର....(୨)
ମନ୍ଦିରରେ ଥାଅ ପୁଣି ମଶାଣିରେ ଥାଅ
କୋପେ ବର ଦେଇଥାଅ ତପେ ବର ଦିଅ
ଦେବତା ଦାନବ ତୁମ ନଥାଏ ବିଗ୍ଭର ।
ହେ ବାବା ମହେଶ୍ୱର....(୩)
ସୃଷ୍ଟିରେ କେହିତ କେବେ ନୁହଁଇ ନଗଣ୍ୟ
ଗୟସ ଅରଖ ଫୁଲ କରଇ ପ୍ରମାଣ
ବେଲ ପତରରେ ଥାଏ ଶ୍ରଦ୍ଧା ତୁମର ।
ହେ ବାବା ମହେଶ୍ୱର....(୪)

ଦେବ ଦେବ ମହାଦେବ ଆହେ ଭୋଳାନାଥ
ହରିଙ୍କର ଭକତିରେ ଥାଅ ସଦା ଭୋଳ
ତପ ମହିମା ଯେ ପ୍ରଭୁ ଅଟଇ ଅପାର ।
ହେ ବାବା ମହେଶ୍ୱର....(୫)
ତ୍ରିଶୂଳଧାରୀ ମହେଶ ଆହେ କୃତ୍ତିବାସ
ଉମାଙ୍କ ସହିତେ ନିତ୍ୟ କଇଳାସେ ବାସ
ପାପୀକୁ ଉଦ୍ଧାର ପାପକରିଣ ସଂହାର ।
ହେ ବାବା ମହେଶ୍ୱର....(୬)
ସଂସାରକୁ ଗ୍ରାସିଅଛି ଦୁଃଖର ତିମିର
କୃପାନେତ୍ରେ ଗୃହିଁଦିଅ ଦୁଃଖ ହେଉ ଦୂର
ଦୁଃଖ ହାରିନିଅ ବୋଲି ନାମ ପର୍‌ ହର ।
ହେ ବାବା ମହେଶ୍ୱର....(୭)
ଶବକୁ ଦିଅଇ ଜୀବ ମହା ମୃତ୍ୟୁଞ୍ଜୟ
ତୁଣ୍ଡେ ଥିଲେ ଶିବ ନାମ ଦୂରହୁଏ ଭୟ
ଶିବମୟ ହେଉ ଧର୍‌ ଆହେ ଗଙ୍ଗାଧର ।
ହେ ବାବା ମହେଶ୍ୱର....(୮)
ତବକୃପା ଅନୁସରି ଦିନ ଯାଏ ସରି
ଦିନୁଁଦିନ କଷଣ ମୋ ହୋଇଯାଏ ଭରି
ଖଣ୍ଡ ପରଶୁ ଖଣ୍ଡ  ହେ କଷଣର ଭର
ତୁମେ ସତ୍ୟ, ଶିବ ପୁଣି ତୁମେ ହିଁ ସୁନ୍ଦର
ହେ ବାବା ମହେଶ୍ୱର...(୯)

ରାଉରକେଲା, ଓଡିଶା

# ବୃକ୍ଷ ହିଁ ଜୀବନ



ନରେନ୍ଦ୍ର ପ୍ରସାଦ ବେହେରା

ବୃକ୍ଷ ହିଁ ଜୀବନ ଆମ ସଭିଙ୍କର
ଅଟେ ଚର ସହଚର
ତା' ବିନା ଆମେରେ ବଞ୍ଚି ପାରିବାନ
କରିବା ଯଦିରେ ପର ।

ଦୈନ୍ୟଦିନେ କାର୍ଯ୍ୟେ କେତେ ଉପକାରେ
ଆସୁଥାଏ ବୃକ୍ଷ ଜାଣ
ନଦେଇ କଷ୍ଟ ଛାଇ ଦେଇଥାଏ
ମନରେ ନଥାଏ ଟାଣ ।

କେତେ ଉପକାରେ ଆସିବା ପାଇଁ କ
ଠିଆ ହୋଇ ରହିଥାଏ
ତଥାପି ମଣିଷ ବୁଝେନ ତା' ମୂଲ୍ୟ
ନିର୍ବିଘ୍ନେ ହାଣି ପକାଏ ।

ନଷ୍ଟ କରିବାକୁ ହୁଏ ଆଗଭର
କରେନ ମନେ ବିଗ୍ଭର
ବୃକ୍ଷ ଥିଲେ ସିନା ମଣିଷ ସମାଜ
ବଞ୍ଚିବ ଏ ଜଗତର ।

ବୃକ୍ଷ ନ ରହିଲେ ଏ ଜୀବ ଜଗତ
ଅକାଳେ ଧ୍ବଂସ ହୋଇବ
ନ ବଞ୍ଚିବେ କେହି ଏ ଧରା ଧାମରେ
କଏ ତା' ଉତ୍ତର ଦେବ ।

ହାଣିବାନ ବୃକ୍ଷ କରିବା ରୋପଣ
ଆସ ଆମ୍ଭେ ମିଳମିଶି
ନିଜ ହାତେ ନିଜେ ରୋପୀଣ ବୃକ୍ଷ
ଜଗତକୁ ଦେବା ଖୁସି ।

ଜୀବନେ ମରଣେ ବୃକ୍ଷ ସାଥୀ ହୁଏ
ଜାଣିଛି ସାରା ଜଗତ
ତା' ଦେହରୁ କେତେ ଔଷଧ ନିର୍ମାଣେ
ମଣିଷ ପାଇଁ କ ହିତ ।

ଆଜି ମିଳୁ ନାହିଁ ଔଷଧୀୟ ବୃକ୍ଷ
ମଣିଷ ପାଇଁ କେବଳ
ଏ ମୂର୍ଖ ମଣିଷ ମୂଲ୍ୟ ବୁଝୁ ନାହିଁ
ହାଣିବାକୁ କରେ ଗୋଳ ।

ଆସ ଆଜି ଆମେ କରିବା ଶପଥ
ହାଣିବା ନାହିଁ ବୃକ୍ଷକୁ
ବୃକ୍ଷଟିଏ ରୋପି ହୋଇବା ଆଦର୍ଶ
ଆଗେଇ ଯିବା ଆଗକୁ ।

ବୃକ୍ଷ ଥିଲେ ସିନା ହସିବ ଜଗତ
ବଞ୍ଚିବା ହେବ ସମ୍ଭବ
ତେଣୁ ଆମେ ଆଜି ଲଗାଇବା ବୃକ୍ଷ
ଏକଥା ଚିନ୍ତା କରିବ ।।

ଆଳନ୍ଦା, ଖଇରା, ବାଲେଶ୍ବର

# ଶ୍ମଶାନ ବୈରାଗ୍ୟ



ପ୍ରବୋଧ ଚନ୍ଦ୍ର ମୁଦ୍ରା

ସୃଷ୍ଟିକର୍ତ୍ତାଙ୍କର ଅମୃତ ସନ୍ତାନ, ଚତୁର ମାନବ ଜାତି ।
ମନୁଷ୍ୟ ନିଜର ବୁଦ୍ଧି-ବିଦ୍ୟା ବଳେ, ରଖିଛି ଅକ୍ଷୟ କୀର୍ତ୍ତି ।୧।
ଯୁଗେ ଯୁଗେ ଏହି ମାନବ ସମାଜ, ଉଡାଇ ବିଜୟ ଧ୍ୱଜା ।
ଜ୍ଞାନର ଆଲୋକ ଦେଖାଇ ବିଶ୍ୱକୁ, ସର୍ବଦା ପାଇଛି ପୂଜା ।୨।
ବିବିଧ ଶାସ୍ତ୍ରର କରି ଅଧ୍ୟୟନ, ବିଶ୍ୱ ହେଲା ମହାଜ୍ଞାନୀ ।
ଗବେଷଣା ପୁଣି ସାଧନାର ବଳେ, ହୋଇଗଲା ସେ ବିଜ୍ଞାନୀ ।୩।
ଆଧ୍ୟାତ୍ମିକ ଗ୍ରନ୍ଥ ଓ ଧର୍ମଶାସ୍ତ୍ରରେ, ଅର୍ଜିଲା ତ ବହୁ ଜ୍ଞାନ ।
ଚତୁର୍ଦ୍ଦଶ ବିଦ୍ୟା ଅଧ୍ୟନ ଦ୍ୱାରା, ହେଲା ପଣ୍ଡିତ ପ୍ରବୀଣ ।୪।
ସ୍ୱାଧ୍ୟାୟ ସହିତ ପ୍ରବଚନ ଦ୍ୱାରା, ଦେଲା ଉପଦେଶ ମାନ ।
ଜୟଘୋଷ ଦ୍ୱାରା ସେହି ବ୍ୟକ୍ତିର ଯେ, ବଢ଼ିଲା ଆତ୍ମ ସମ୍ମାନ ।୫।
ନୀତିଆଦର୍ଶର ବାଣୀକୁ ଶୁଣାଇ, ବୋଲାଏ ମୁଁ ଶ୍ରେଷ୍ଠ ନର ।
ସଭିଙ୍କ ନିକଟେ କରି ଶାସ୍ତ୍ର ଚର୍ଚ୍ଚା, ସେ ହୁଏ ବିଜ୍ଞ ପ୍ରବର ।୬।
ଗୀତା-ଭାଗବତ ଆଲୋଚନା କରି, ଦିଅଇ ସେ ତତ୍ତ୍ୱ ଜ୍ଞାନ ।
ଭକ୍ତିଜ୍ଞାନ ରସେ ହୋଇଣ ଆକୃଷ୍ଟ, ବ୍ୟକ୍ତି ହୋଇଥାଏ ଧନ୍ୟ ।୭।
ଯେତେ ଜ୍ଞାନୀ-ମାନୀ ହୋଇଗଲେନର, ନଛାଡେ ତାର ପ୍ରକୃତି ।
ଭୋଗ-ବିଳାସରେ ରଖିଥାଏ ମନ, ବଢ଼ିଥାଏ ତା ଆସକ୍ତି ।୮।
ତ୍ୟାଗୀ-ବଇରାଗୀ ନିଜକୁ ଯେକହେ, ବାସ୍ତବେ ସେ ତାହା ନୁହେଁ ।
ଆତ୍ମ ପରିଚୟ ନ ଦିଏ ବୈରାଗୀ, ସବୁ ବାଧା ବିଘ୍ନ ସହେ ।୯।
ଅନ୍ୟକୁ ଯେ ଦିଏ ନୀତି ଉପଦେଶ, ନ ପାଳେ ସେ କଦାଚିତ ।
ଜ୍ଞାନ – ଗାରିମାରେ ହୋଇ ଅଭିଭୂତ, କାର୍ଯ୍ୟ କରେ ବିପରୀତ ।୧୦।
ଉନ୍ନତ ଭାବନା-ସରଳ ଜୀବନ, କରୁଥାଏ ବଇରାଗୀ ।

ବିଳାସବ୍ୟସନ ପରିହାର କରି, ହୁଏ ସଦା କର୍ମଯୋଗୀ ।୧୧ ।
ସହଜ-ସୁନ୍ଦର ପ୍ରବଚନ ଦ୍ୱାରା, ବୋଲନ୍ତି ଯେ ସଦଗୁରୁ ।
ବିଷୟାରସକୁ କରି ଆସ୍ୱାଦନ, ଭୁଲିଯାନ୍ତି କର୍ତ୍ତବ୍ୟରୁ ।୧୨ ।
ତ୍ୟାଗରୁ ପ୍ରକୃତ ଭୋଗ ହୁଏ ପ୍ରାପ୍ତି, ଜାଣିଥାଏ ଜ୍ଞାନୀଜନ ।
ତଥାପି ମନୁଷ୍ୟ ତ୍ୟାଗଗୁଣ ଛାଡି, ଭୋଗରେ ବଳାଏ ମନ ।୧୩ ।
ମନକୁ ଦମନ-ଇନ୍ଦ୍ରିୟ ସଂଯମ, ଚିତ୍ତକୁ କରେ ପ୍ରଶାନ୍ତ ।
ସେହି ପୁରୁଷ ହିଁବାସ୍ତବ ବୈରାଗୀ, ଏହା ସତ୍ୟ ଯେ ନିଶ୍ଚିତ ।୧୪ ।
ଗୃହ-ଦାର-ପୁତ୍ର-ଧନର ବର୍ଜନ, ଏ ନୁହେଁ ବୈରାଗ୍ୟ ଲକ୍ଷଣ ।
ଲୋଭ-ଆସକ୍ତିକୁ କଲେ ପରିତ୍ୟାଗ, ସେ ବ୍ୟକ୍ତି ହୁଏ ମହାନ ।୧୫ ।
ମାତୃତୁଲ୍ୟ ଜ୍ଞାନ କରେ ଯେ ନାରୀକୁ, ପରଦ୍ରବ୍ୟେ ଲୋଷ୍ଟ୍ରସମ ।
ସମସ୍ତ ପ୍ରାଣୀଙ୍କୁ ନିଜ ପରି ଭାବେ, ସେ ହିଁ ପଣ୍ଡିତ ଉତ୍ତମ ।୧୬ ।
ବୈରାଗ୍ୟ ସାଧନା ଅତୀବ କଠିନ, ଅଟଇ ଯେ ଜିତେନ୍ଦ୍ରିୟ ।
ପ୍ରକୃତ ବୈରାଗୀ ତାକୁ କୁହାଯାଏ, ନାହିଁ ଏଥିରେ ସଂଶୟ ।୧୭ ।
ସତସଙ୍ଗ ସହ ଉପଦେଶ ବାଣୀ, ଲାଗଇ ଅତିମଧୁର ।
ଭାଗ-ଆବେଗରେ ତତ୍କାଳ ସେ ଚିତ୍ତେ, ସଂସାର ଲାଗେ ଅସାର ।୧୮ ।
ଗୃହଜଞ୍ଜାଳରେ ହୋଇ ମୋହଗ୍ରସ୍ତ, ଅସାରକୁ ମଣେ ସାର ।
ସଂକଳ୍ପ-ବିକଳ୍ପ ଭାବନାରେ ତାର, ହୁଅଇ ମନ ଅସ୍ଥିର ।୧୯ ।
ଈଶ୍ୱର ସ୍ମରଣ ଭୁଲିଯାଇ ମନୁ, ନିଜକୁ ଭାବେ ମହାନ ।
ବୈରାଗ୍ୟ ଭାବକୁ ପଛରେ ପକାଇ, କରେ ସେ ଧନ ଅର୍ଜନ ।୨୦ ।
କାମ-କ୍ରୋଧ-ଲୋଭ-ମୋହ ଓ ମାତ୍ସର୍ଯ୍ୟ, ପୁଣି ମଦ ଷଡଅରି ।
ମନୁଷ୍ୟ ମନକୁ ଅସ୍ତବ୍ୟସ୍ତ ସହ, କରିଥାନ୍ତି ହତଶିରୀ ।୨୧ ।
କାମାସକ୍ତ ହୋଇ ସଂସାର ଜାଲରେ, ଛନ୍ଦି ହୁଏ ମାଛପରି ।
କାମନାରୁ କ୍ରୋଧ ହୁଅଇ ଉତ୍ପନ୍ନ, କ୍ରୋଧାଗ୍ନିରେ ଯାଏ ଜଳି ।୨୨ ।
କ୍ରୋଧରୁ ଉତ୍ପନ ସମ୍ମୋହନ ଭାବ, ସମ୍ମୋହରୁ ସ୍ମୃତିନାଶ ।
ସ୍ମୃତିଭ୍ରଷ୍ଟରୁ ଯେହୁଏ ବୁଦ୍ଧିନାଶ, ବୁଦ୍ଧିନାଶରୁ ବିନାଶ ।୨୩ ।
ଗୀତାର ଜ୍ଞାନକୁ ପ୍ରାପ୍ତ କରି ସୁଦ୍ଧା, ବ୍ୟକ୍ତି ହୁଏ ହତଜ୍ଞାନ ।
ଲୋଭ ଓ ମୋହକୁ ଛାଡି ନପାରି ସେ, ହୋଇଥାଏ ଦୀନହୀନ ।୨୪ ।

ଯେତେବେଳେ ମୃତ୍ୟୁ ହୁଏ ଉପନୀତ, ସଂସାରୁ ବିଦାୟ ନଏ ।
ଶରୀରରୁ ଯେବେ ଚାଲିଯାଏ ଆତ୍ମା, ନିର୍ଜୀବ ଶବ ସେ ହୁଏ ।୨୫।
ଶବ ସନ୍ନିକଟେ ପୁତ୍ର ଦାର ସହ, ଥାନ୍ତି ଜ୍ଞାତି ପରିଜନ ।
ମଥା ପିଟି ସର୍ବେ ଆକୁଳ ଚିତ୍କାରେ, କରୁଥାନ୍ତି ଯେ ରୋଦନ ।୨୬।
ରାମ ନାମ-ହରି ନାମ ସତ୍ୟ କହି, ଶବକୁ ନ୍ୟନ୍ତି ଶ୍ମଶାନ ।
ଶବର ସତ୍କାର କରିବା ସମୟେ, ଥାନ୍ତି ଆତ୍ମୀୟ ସ୍ୱଜନ ।୨୭।
ପରସ୍ପର ମଧ୍ୟେ ହେଉଥାଏ ଚର୍ଚ୍ଚା, ମୃତ ବ୍ୟକ୍ତି ବିଷୟରେ ।
ଆସିଥିଲା ଏକା ଚାଲିଗଲା ଏକା, କିଛି ନ ନେଲା ସାଥିରେ ।୨୮।
ଲୋଭ-ମୋହ-ମାୟା-ଜଞ୍ଜାଳରେ ପଡି, ମିଛେ ହେଉ କଲବଲ ।
ଭବ ନର୍କକୁଣ୍ଡେ ଘାଣ୍ଟିହୋଇ କହୁ, ସଂସାରଟା ବିଷତୁଲ୍ୟ ।୨୯।
ମଶାଣିରେ ସର୍ବେ "ଶ୍ମଶାନ ବୈରାଗୀ", ସଂସାରରେ ଆମେ ଭୋଗୀ ।
ବୈରାଗ୍ୟ ଭାବନା କରୁଥିବା ସଦା, ନ ହୋଇପାରିବା ତ୍ୟାଗୀ ।୩୦।
"ବିରାଗର ଭାବ ଅଟଇ ବୈରାଗ୍ୟ", ଏହା ତ ଶାସ୍ତ୍ରୀୟ ଜ୍ଞାନ ।
ଆର୍ଯ୍ୟ ସଭ୍ୟତାର ଶ୍ରେଷ୍ଠ ପ୍ରତୀକଟି, ତ୍ୟାଗ-ସଂଯମ ଓ ଧ୍ୟାନ ।୩୧।

ସାଙ୍କୁଡା, ଗଞ୍ଜାମ, ଓଡିଶା

ବେଦାନ୍ତୀକୁ ପଢିବା ସଙ୍ଗେ ସଙ୍ଗେ ଆପଣମାନଙ୍କୁ ଅନୁରୋଧ ଯେ ଆପଣଙ୍କ ପରିବାର ଏବଂ ସମ୍ପର୍କୀୟଙ୍କୁ ମଧ୍ୟ ଏହା ପଠାନ୍ତୁ । ଏହାଦ୍ୱାରା ଓଡିଆ ଭାଷାର ଲୋକପ୍ରିୟତା ନିଶ୍ଚିତ ରୂପେ ବଢିପାରିବ

# ଅଚହ୍ନା ବନ୍ଧନ

## (ଧାରାବାହିକ)



ଜୟଲକ୍ଷ୍ମୀ ସେଠୀ

ସମୟ କାହାକୁ ନେଇ କୋଉଠି ଛିଡା କରାଇଦେବ କେହି ଜାଣିପାରେନା। ପୂଜାର ବି.ଏ. ପାସ୍ ହୋଇ ଯାଇଥାଏ। ଶୀତୁଆ ସକାଳ ସାଙ୍ଗକୁ କୁହୁଡିର ଆବରଣ ଆଚ୍ଛାଦିତ କରି ଦେଇଥାଏ। ଶୀତୁଆ ପବନର ମାଦକତା, ଘାସ ଗାଲିଚା ଉପରେ ପଡିଥିବା ଶିଶିରବିନ୍ଦୁ ଗୁଡାକ ଚକ୍ ଚକ୍ କରୁଥିଲା ଠିକ୍ ଯେମିତି ସାତ ତାଳପାଣି ଭିତରେ ଥିବା ରୂପା ଥାଳଆ ପରି। ସବୁଦିନ ପରି ସକାଳୁ ଗରମ ଚା ପିଇବା ଓ ଖବରକାଗଜ ପଢ଼ିବା ସିଦ୍ଧେଶ୍ୱରବାବୁଙ୍କର ନିତିଦିନିଆ ଅଭ୍ୟାସ। ଇନ୍ଦୁମତୀ ବି ଚା କପ୍ ଟେ ଧରି ବସିପଡନ୍ତି ତାଙ୍କ ପାଖରେ। ବାସ୍ ତାପରେ ଆରମ୍ଭ ହୋଉଯାଏ ହିଙ୍କିଶାଳରୁ ଗାଢିଆ ତୁଠଯାଏ ଆଉ ପଲ୍ଲୀରୁ.....ପାର୍ଲ୍ୟାମେଣ୍ଟ ଯାଏ। ଏମିତି ଗପସପ ଭିତରେ ଯୁକ୍ତିତର୍କ ଆରମ୍ଭ ହୋଇଯାଏ। ଶେଷରେ ଭୁଲ ନଥାଇ ବି ସିଦ୍ଧେଶ୍ୱରବାବୁ ଭୁଲ୍ ସ୍ୱୀକାର କରନ୍ତି, ନହେଲେ ଖରାବେଳ ଖାଇବା ବନ୍ଦ ହୋଇଯାଇପାରେ। ଆଲୋଚନା ଭିତରେ ହଠାତ୍ ପୋଷ୍ଟ ପିଅନ ଚିଠିଟେ ଧରେଇ ଦେଲେ ସିଦ୍ଧେଶ୍ୱରବାବୁଙ୍କ ହାତକୁ, କହିଲେ ମିଠା ଦେବାକୁ ଭୁଲିବେ ନାହିଁ।

ଇନ୍ଦୁମତୀ ଖୁସିରେ ଆତ୍ମବିହ୍ୱଳ ହୋଇ କହିଲେ, ଆରେ କଣ ହୋଇଛି। ଖୋଲିକି କହୁନ? କଣ ଲେଖା ହୋଇଛି ଚିଠିରେ?

କାହିଁକି ବ୍ୟସ୍ତ ହଉଛ? ସିଦ୍ଧେଶ୍ୱରବାବୁ କହିଲେ। ମୁଁ ଚିଠି ଖୋଲି ପଢିଲେ ସିନା ଜାଣିବ।

ହଉ ବଡ ପାଟିରେ ପଢ, ଇନ୍ଦୁମତୀ କହିଲେ।

ଚିଠିଟି ପଢିଦେଇ ବଡ ଚିନ୍ତାରେ ଚୁପ୍ ହୋଇଗଲେ ସିଦ୍ଧେଶ୍ୱରବାବୁ। ମାସ ଶେଷରେ ପୁଅର ଭୁବନେଶ୍ୱର ଚାକିରି ହୋଇଯାଇଛି। ବାଟଖର୍ଚ୍ଚଠାରୁ ଆରମ୍ଭ କରି ଗୋଟେ ମାସ ରହିବା ଯାଏ। ପୁଣି ଅନ୍ୟାନ୍ୟ ଖର୍ଚ୍ଚ ଘରେ ମଧ୍ୟ ଅଛି। ଚିନ୍ତାରେ କଣ କରିବେ ବୁଦ୍ଧି ଜୁଟୁ ନଥାଏ। ଜିନା ଓ ସିନା ବି ପାଠ ପଢିବେ। ସାର୍ଥକତାରେ ଶୀର୍ଷ କେବେ ଛୁଇଁ ହୁଏନାହିଁ। ତାହା ଯେମିତି ଦୃଶ୍ୟ ତତୋଧିକ ଅଦୃଶ୍ୟ ମଧ୍ୟ। ସଫଳତାରେ ମାପ ପାଇଁ ଏକକ ନାହିଁ କ

ମାପକ ନାହିଁ। ପାଇବା ହରାଇବା ଏକ ବ୍ୟକ୍ତିର ବିଶେଷତ୍ଵ। କଳନା କରିହୁଏନା ସୁଖର ସରଣୀରେ କେତେ ଦୌଡିଛେ ଓ ଦୁଃଖର ଦରିଆରେ କେତେଥର ବୁଡି ଆକ୍ତାମାକ୍ତା ହୋଇଛେ। ଗାଁର ମଧୁ ବାରିକ ଡାକ ପକାଇଲା। ସିଦ୍ଧେଶ୍ଵରବାବୁ ଆଜି ନଈବନ୍ଧ ଆଡେ ଯିବେନକ? ଦୁଃଖରେ ମୁହଁଟା ଶୁଖିଯାଇଥିବାର ଦେଖି ସାଇକେଲରୁ ଓହ୍ଲାଇ ତଳେ ବସିପଡିଲା ମଧୁ ବାରିକ। ହଁରେ ମଧୁ, ବଢିବାର ବିଶ୍ଵାସ ଆଶାର ପାହାଡ କରିଦିଏ। ଶୀତଳ ସ୍ପର୍ଶ ହୋଇ ମନରେ ଭରିଦିଏ ଶାନ୍ତି ଓ ସୃଜନୀ ଶକ୍ତି। କେତେ ଜଣଙ୍କୁ ମିଳେ ସେହି ସୌଭାଗ୍ୟ? ସମୟ ଶୁଷ୍କ କରିଦିଏ ଉତ୍ସାହ। ରଖିବାକୁ ମାନବିକତାର ଅମୃତ। ହଁ ମ, ତୁମେ କାହିଁକି ଏତେ ଭାବୁଛ। ପିଲାମାନଙ୍କୁ ତ ପାଠ ପଢେଇ ଦେଇଛ। ତେଣିକି ତାଙ୍କ ଭାଗ୍ୟ। ତୁମେ ତ ଜ୍ଞାନ ଓ ପ୍ରେମର ଏକ ସ୍ଵଚ୍ଛ ସ୍ରୋତ। ନା ଅହଂକାର ଅଛି ନା କୁଟିଳତା। ଶ୍ରୀ ଜଗନ୍ନାଥ ତୁମକୁ ଉଚତ୍ ଜାଗାରେ ଚଳେଇ ନେବେ। ଚନ୍ତା କରନ୍ତୁ ନାହିଁ। ମୁଁ ଯାଉଛି ସେ ଭଗିଆ ମଳକ ଝିଅକୁ ଜ୍ଵର ହୋଇଛି ଯେ, ମୋ ସାଇକେଲ ମାଗିଛି ଡାକ୍ତରଖାନା ଯିବାକୁ। ମାଆ ଛେଉଣ୍ଡାଟା, ବାପା ତ ମଦ ପିଇ ବୁଲୁଛି। ଭାଇ ଭାଉଜଙ୍କ ଅତ୍ୟାଚାର କହିଲେ ନ ସରେ। ଗୋଟେ ଓଳ ଖାଇଲେ ଆଉ ଓଳ ଉପବାସ ରହିବାକୁ ପଡେ।

ଦିନ ଦୁଇ ପ୍ରହର, ଝାଞ୍ଜି ପିଟୁଥାଏ। କେହି କୁଆଡେ ଦିଶୁ ନଥାନ୍ତି। ସବୁଦିନ ସାଙ୍ଗମାନଙ୍କ ସାଥି ହୋଇ ଚାଲିଥାଏ। କନ୍ତୁ ଶୁକ୍ରବାର ଦିନ ଓଡିଆ କ୍ଲାସ ପାଇଁ ସବୁବେଳେ ହଇରାଣ ହେବାକୁ ପଡେ। ଏକା ଏକା ଦୁଇ କଲୋମିଟର ନଛାଟିଆ ରାସ୍ତାରେ ଚାଲି ଚାଲି ଯିବାକୁ ପଡିଥାଏ। ସେଥିପାଇଁ କେତେଥର ଭାଉଜ ତାଗିଦ୍ କଲେଣି, ତୁମେ ଏବେ କଲେଜ ବନ୍ଦ କରିଦିଅ। ସମୟ ଭଲ ନାହିଁ। ମାଆ କୁ ତ ଖାଇଲ, ପୁଣି ଆମକୁ ବଦନାମ୍ କରିବ କ? ଆଖି ଦୁଇଟା ଲୁହରେ ଭରି ଆସିଲା। ବରଗଛ ମୂଳରେ ଟିକଏ ବସିପଡିଲା ମାଆର କଥାକୁ ନେଇ। ଥଣ୍ଡା ଜର ହୋଇଥାଏ, ପ୍ରବଳ ବର୍ଷା। ବାପା ମେଡିସିନ୍ ଆଣିବାକୁ ଯାଇ ମଦ ପିଇ ମେଡିସିନ୍ ଆଣିବାକୁ ଭୁଲିଯାଇଛନ୍ତି। ଜର ଆସ୍ତେ ଆସ୍ତେ ଅଧିକ ହୋଇଗଲା। ଗୀତାକୁ ମାତ୍ର ବାର ବର୍ଷ ହୋଇଥାଏ। ଭାଇ ରାମୁକୁ ଅଠର ବର୍ଷ ସେ ବାଲେଶ୍ଵରରେ ମାମୁଁ ଘରେ ରହି ପାଠ ପଢୁଥାଏ। ବାପା ମଦନଶାରେ କଲିକତା ପଳାଇ ଯାଇଥାନ୍ତି। ମାଆର ଦେହ ଅତିରୁ ଅତି ଜ୍ଵର ବଢିବାରେ ଲାଗିଲା। ବୁଦ୍ଧି ଦିଶିଲା ନାହିଁ। ଦୁଇଦିନ ପରେ ବାପା ଫେରିଲାବେଳକୁ ମାଆ ଚରଦିନ ପାଇଁ ଶୋଯୋଇଯାଇଥିଲା। ବାସ୍, ସେଇ ଦିନରୁ ମାଆ ଶବ୍ଦଟି ହଜିଯାଇଛି ମୋ ପାଖରୁ। ଭାଇ ରାମୁ ଛୋଟିଆ କମ୍ପାନ ରେ ଚାକରି କରି ବାଲେଶ୍ଵରରେ ଗୋଟିଏ ଝିଅକୁ ଭଲପାଇ ବାହା ହୋଇ ମାମୁଁଘରୁ ଲୁଚ ପଳାଇ ଆସିଲା।

ମାମୁଁ ଗ୍ଭଗିକରି ଆଉ ଆମ ଘରକୁ ଆସୁନାହାନ୍ତି । ବାପା ମଦ ପିଇ କେତେବେଳେ ଘରେ ଓ କେତେବେଳେ ପଦାରେ ଘୁଙ୍ଗୁଡି ମାରୁଥାନ୍ତି । ଲୁହ ଗୁଡାକ ଝରଝର ହୋଇ ବହି ଯାଉଥାଏ । ଶୀତଳ ଛୁଆଁରେ ଥରି ଉଠିଲ୍ବ ଛାତିଟି । ଚମକ ପଡି ଠିଆ ହେବାକୁ ଚେଷ୍ଟା କଲ୍ବ ବେଳକୁ ଦୁଇ ବାହୁରେ ଜଗନ ଜୋର କରି ଧରି ନେଇଥାନ୍ତି । ଗୋଗ୍ଭ ମଚମଚ ମୁହଁର କଳା ଦାଢ଼ି ଭିତରୁ ଧଳାଦାନ୍ତ ଦେଖାଇ ଚୁପି ଚୁପି ହସି କହିଲେ, ଆରେ ତୁ କଣ ଡରିଗଲୁ କି?

ମୁଁ ତତେ ବହୁତ ଭଲପାଏ । ସବୁ ଶୁକ୍ରବାରରେ ତତେ ଅପେକ୍ଷା କରିଥାଏ । ଅନ୍ୟ ଦିନରେ ତ ଆମ ପୂଜା ଦିଦି ଥାଏ, ମୁଁ ଆସି ପାରେନାହିଁ । ତୁ କାହିଁକି କେତେ ଶୁକ୍ରବାର ଆସି ନଥିଲୁ? ମୁଁ ଅପେକ୍ଷା କରି ଫେରିଯାଏ ।

ହେଲେ ମୋତେ ଛାଡିଲେ ସିନା ମୁଁ କହିବି । ଗୀତା କହିଲ୍ବ ।

ନାଇଁ ଜମାରୁ ନୁହଁ ।

ଏମିତି କହିଲେ, ମୁଁ ବଞ୍ଚି ପାରିବିନି ଗୀତା, ଆଜି ବାପାଙ୍କର ଗାଳି ଖାଇ ଆସିଛି ତୁ ଯଦି ମତେ ତଡିଦେବୁ ମୁଁ ସବୁଦିନ ପାଇଁ ଭ୍ଭଙ୍ଗି ପଡିବି । ମୋ ପାଖକୁ ଲ୍ବଗି ଆସ ଗୀତା । ମୁଁ କାଲି ଭୁବନେଶ୍ୱର ଗ୍ଭଲିଯିବି । ତତେ ଆଉ ଦେଖା କରିପାରିବି ନାହିଁ । କଥା ଭିତରେ ଜଗନ ଚୁମା ଦେଇ ଗ୍ଭଲୁଥିଲେ ଗୀତାକୁ । ନୀରବ ତନୁରେ ଶିହରଣ ଖେଳିଯାଉଥାଏ । ବୟସର ଫଗୁଣ ଉନ୍ମାଦିତ ହୋଇଉଠୁଥିଲ୍ବ । ଯନ୍ତ୍ରଣାର ତାତିରେ ଯୌବନର କାମନାକୁ ଧରି ପାରିଲ୍ବନି ଗୀତା । ଜଗନର ଶୀତଳ ଛାତିଉପରେ ବନ୍ଦୀ ହୋଇଗଲ୍ବ । ଏ କଣ କଲ ଜଗନ । ଆକାଶ ଯେମିତି ଛିଡି ପଡିଲ୍ବ, ପାଦତଳେ ମାଟି ଖସିଗଲ୍ବ ପରି ଲ୍ବଗିଲ୍ବ । ତୁମେ କାଲି ଭୁବନେଶ୍ୱର ଗ୍ଭଲିଯିବ? ତାପରେ ମୋର କଣ ହେବ ଚନ୍ତା କରିଛ? ଅନେକ ପ୍ରତିଶ୍ରୁତି, ମେଞ୍ଚାଏ ସ୍ୱପ୍ନ ବୁଣି ଗ୍ଭଲିଗଲେ ଜଗନ । ଅନେକ ଥର ପୂଜା ଦିଦି ସହିତ ତାଙ୍କ ଘରକୁ ଯାଇଛି । ସେହିଠାରୁ ଜଗନ ସହିତ ସମ୍ପର୍କ ନାହିଁ । ତାପରେ କେତେ ଦିନ ଦୁଇଜଣଙ୍କୁ ନେଇ କଟିଛି । ଆଖିର ଦୁଇଧାର ଲୁହ ପୋଛି ଦେଇ ଭ୍ଭଉଜର ତାଗିଦ୍ କୁ ବିଶ୍ଳେଷଣ କରିଗ୍ଭଲିଥାଏ । ଅତୀତର ଜୀବନ ଗ୍ରନ୍ଥକୁ ଗୋଟି ଗୋଟି କରି ପୃଷ୍ଠା ଲେଉଟାଇ ବାଟ ଗ୍ଭଲୁଥାଏ ଗୀତା । ଭଗବାନଙ୍କ ସୃଷ୍ଟିରେ ଫୁଟି ଉଠୁଥିବା ସବୁ ଫୁଲ ଯଦି ଦେବତାଙ୍କ ପୂଜାରେ ଲ୍ବଗନ୍ତା ତେବେ କୌଣସି ପାର୍ଥକ୍ୟ ରହନ୍ତା ନାହିଁ ପଳାଶ ଓ ଗୋଲ୍ବପ ଭିତରେ । ଦୂରତା ରହନ୍ତାନାହିଁ ବାସ୍ତବ ଓ ଭ୍ଭବନା ଭିତରେ ଯଦି ମନ ଅଗଣାରେ ଅନେକ କଳ୍ପନା ସୌଧ ଚରସ୍ଥାୟୀ ହୁଅନ୍ତା । ଯେପରି ବରଫର ପାହାଡ ଚରସ୍ଥାୟୀ ନୁହଁ ପଥର ଓ ତୁଷାର

ଶୃଙ୍ଗ ଭିତରେ ପ୍ରଭେଦ ସୃଷ୍ଟି ରହିଛି । ଧନୀ, ଗରିବ, ଝିଅ, ପୁଅ ଜାତିଆଣ ଭାବ ଆଦି ଅନେକ ସବୁ ଆସି ଘାଲିଯାଇଥାଏ । ମାନ ଅଭିମାନଙ୍କୁ ଘାପି ଧରି କଇଁ କଇଁ କାନ୍ଦିବା ଛଡା ଆଉ କଣବା କରିପାରିବ ଗୀତା । ଭଲ ଲାଗେ ସ୍ୱପ୍ନ ଦେଖିବାକୁ । ସ୍ୱପ୍ନର ରାଇଜରେ ରାଣୀ ହେବାକୁ । ଓଠର ଚେନାଏ ହସ ପାଇଁ କେତେ ସ୍ୱପ୍ନ ଦେଖିଥାଏ, ହୃଦୟ କୋହକୁ ଘାପିଧରି ନିଷ୍ଠୁର ସତ୍ୟକୁ ସାମନା କରିବାକୁ ପଡିଥାଏ । ବିବଶ ହୋଇଯାଏ ଜୀବନଟି, କେତେଥର ଅନ୍ଧାରରେ ସ୍ୱପ୍ନକୁ ଖୋଲିଦେଖେ । ବାସ୍ତବତା ଠାରୁ ଅନେକ ନିଷ୍ଠୁର । ବାନ୍ଧି ହୋଇଯାଏ ତାର କୁହୁକ ଜାଲରେ ।

ଜୀବନଟା ଯେତେବେଳେ ଏକ ଧୂସର ଧୂଳଝଡ ପାଲଟିଯାଏ ଏହା ମୂଲ୍ୟହୀନ ହୋଇଉଠେ । ବିଚ୍ଛେଦପରେ ପୁଣି ଛୁଇଁବ ନା ବାଟରୁ ହଜିଯିବ, ଭାବିପାରେନା ଆଉ । ଜନ୍ମମରଣର ସଂଧିକ୍ଷଣରେ ଜଗନ ଏକ ବିମୂଖ ବର୍ତ୍ତମାନ ହୋଇଯାଇଛନ୍ତି । ତାଙ୍କୁ ପାଇବାର ଅନ୍ୱେଷା ଗୀତାକୁ ତପସ୍ୱିନୀ ବନେଇ ଦେଇଛି । ଗୋଟେ ଦ୍ରବୀଭୂତ ସ୍ୱର ହୋଇ ପ୍ରତିମୂହୁର୍ତ୍ତରେ ପ୍ରତିଧ୍ୱନି ହୋଇଉଠୁଛି ଖୁବ୍ ଅନର୍ଗଳ ଭାବରେ । ମଧୁର କଲ୍ଲୋଳ ତାକୁ ପାଇବାର ସ୍ୱପ୍ନ ଅସରନ୍ତି ଅଧ୍ୟାୟରେ ଛଟପଟ ହୋଇଉଠୁଛି । ସତରେ କଣ ଭେଟ ହେବ ଆଶୀର୍ବାଦର ଅମୃତ କଣକୁ । ନା ଜାତିଆଣ ଭାବ ପାଚେରି ହୋଇ ଦୂରତା ସୃଷ୍ଟି କରିବ, ନା ଗରିବର ଭୂମିକୁ ତିରସ୍କାର କରିଦେବ । ତାପରେ ଆଉ କଛି ଭାବିପାରଏନା ଗୀତା । ଭାବନାରେ ଘରେ ପହଞ୍ଚି ଯାଇଥିଲା । ଭାରି ଲାଜୁଆ ଲାଗୁଥିଲା ତା ଶରୀର । ସିଧା ବହି, ବ୍ୟାଗ ରଖିଦେଇ ଗାଧୁଆ ଘରକୁ ପଶିଗଲା । କି ଆନନ୍ଦ ଶୀତଳତାରେ ସବୁ ଶିହରଣ ଧୋଇଗଲା ଯେମିତି । ପୋଛାପୋଛି ହୋଇ ରୋଷେଇ ଘରକୁ ପଶିଗଲା ଖାଇବାକୁ ବଢାବଢି କରିଦେଲା ସମସ୍ତିଙ୍କ ପାଇଁ । ଭାଇ ବି ଏହି ସମୟରେ ଖାଇଥାନ୍ତି । ହେଲେ ସମସ୍ତେ ମତେ ନେଇ ଅନେକ କଣ ଭାବୁଥାନ୍ତି କେଜାଣି କାହିଁକି ଦେହ ଭିତରେ ଛାତିଟା ଅଜଣାରେ ଥରି ଉଠୁଥାଏ । କଏ କଣ ଜାଣି ଦେଲାକି? ଭୟ ଆଉ ସଂକୋଚରେ କାହାକୁ ଅନେଇବାକୁ ଡର ଲାଗୁଥିଲା । ବାପା ଖାଇଲା ବେଳେ ପଚାରୁଥାନ୍ତି । କଣ ହୋଇଛି ଗୀତା? ଦେହ ଭଲ ନାହିଁ କି? ଖାଇଦେଇ ଶୋଇପଡ ଥକା ମେଣ୍ଟିଯିବ । ଭାଉଜ ମୁହଁ ମୋଡି ଦେଇ ଉଠିଗଲେ । ଭାଇ ବିରକ୍ତ ହେଉଥାନ୍ତି ଆରେ ଗୀତାର ଦେହ ଭଲ ନାହିଁ । ତୁମେ ବାସନ ଉଠେଇ ନେଇ ଧୋଇ ଦେଉନ । ଭାଉଜ ନ ଶୁଣିଲା ପରି ଉଠି ଚାଲିଗଲେ । ଭାଇ ମଧ୍ୟ ଚୁପ୍ ଚାପ ଖାଇଦେଇ ଉଠିଗଲେ । ସବୁ ବାସନ ଗୋଟେଇ ଧୋଇ ଧାଇ ରଖିଲା ପରେ ଖଟରେ ଗଡିପଡିଲା ଗୀତା । ସବୁ ଦୁଃଖ କଷ୍ଟ ନେଇ ଏ ଘରେ ରହିବାକୁ ହେବ, କେଉଁଠିକି ଆଉ ଯିବ? ମା

ଗଲ୍‌ଦିନୁ ଆଜି ପର୍ଯ୍ୟନ୍ତ ସବୁ ପାଇଟି କରି ଆସୁଛି ଗୀତା । ସବୁ ସ୍ଥିତିକୁ ସାଇତି ରଖିଛି ଯେମିତି ଏହି ଘରର ସ୍ମୃତିକାନ୍ଥ । ବାପାଙ୍କର ନୀରବତାକୁ ଯେମିତି ଗୋଟେଇ ଧରିଛି । ରିକ୍ସା ଚଳାଇ ଯହା ମିଳେ ଅଧା ପଇସାରେ ପେଟେ ପିଇଦେଇଥାନ୍ତି । ଆଉ ଅଧା ଆଣି ଭାଉଜଙ୍କୁ ଦେଇଦିଅନ୍ତି । ବାସ, ତାପରେ ବାରଣ୍ଡାର ଡାହାଣ ପଟେ ହାଟ ପାପୁଲି ଦିଓଟି ଛନ୍ଦି କରି ଆଣ୍ଠୁରେ କାନ୍ଥକୁ ଆଉଜି ବସିଥାନ୍ତି । ମୁଣ୍ଡରେ ନାଲି ଗାମୁଛାଟି ପକାଇଥାନ୍ତି । ବେଳେବେଳେ ନାତି ଟୋକା ଆସି ଗାମୁଛାକୁ କାଢି ନେଇଯାଇ ପୁଣି ଆଣି ଦେଇଦିଏ । ଚୁଟିକୁ ଟାଣିଟାଣି କୁହେ, ବୁଢା ବାପା, ତୁ ଗୋଟେ ପଇସା ଦେ, ମୁଁ ଆଇସକ୍ରିମ୍ ଖାଇବି । ବାପା ଏପଟ ସେପଟ ଖୋଜି ହୋଇ କହନ୍ତି, ଆରେ ଧନ କାଲି ଦେବି । ଆଜି ମୋ ପାଖରେ ପଇସା ନାହିଁ । ଭିତରୁ ଭାଉଜ ଚତ୍କାର କରି କୁହନ୍ତି - ପିଲାଟାକୁ ପୂରା ଖରାପ କରିଦେବେ ଏମାନେ । ଦୁନଆ ଖରାପ ଶିଖାଉଛନ୍ତି । ବାସ୍ ଏତିକରେ ବାପାଙ୍କ ଆଖିରେ ଲୁହ ଗୁଡାକ ଜକେଇ ଆସେ । ପୁଣି ଗାମୁଛା ମୁହଁରେ ପକାଇ କାନ୍ଥକୁ ଆଉଜି ବସନ୍ତି ଗୋଟେ ନୀରବ ଅବଶୋଷକୁ ଜାବୁଡି ଧରି । ଅଯଥାରେ ମା କୁ ଗାଳଦେବାର ସବୁ ଦୃଶ୍ୟ ଲୁହରେ ଭସାଇ ଦିଅନ୍ତି । ବିନା ଦୋଷରେ କଡା କରି ଦୁଇ ଗୁରିପଦ ଶୁଣେଇ ଦେବାର ଯେମିତି ତାଙ୍କରଆନନ୍ଦ ଥାଏ । ଏବେ ପୂର୍ବପରି ଚୁପ୍ । ବେଳେବେଳେ ଝଗଡା ଅସହ୍ୟ ହୋଇଉଠୁଛି । ଜୀବନର ସବୁ ଆଶା ଆକାଂକ୍ଷାରେ ମନର ଉଦାସୀନତା ବଢି ଗ୍ଲୁଛି । ଦୁର୍ବଳ ହେବାକୁ ଲାଗୁଛି ମନ ଓ ଦେହ । ମା ଗଲ୍‌ଦିନୁ ଅଶାନ୍ତି ଚରମ ସୀମାରେ ଗତି କରୁଛି । କେବଳ ଚନ୍ତା କରିବା ଛଡା ଆଉ କଣ କରିପାରିବେ । ଜିଇଁବାର ନଶା କ୍ଷଣରେ କ୍ଷଣରେ ଜାଳୁଥାଏ । ସୁଖ ପରେ ଦୁଃଖର ବିଶାଳତା ଧର୍ଯ୍ୟହରା କରିଦେଉଛି । ପ୍ରତାରଣା, ପ୍ରେମ, ହୃଦୟ ତଳର ଭାଷା ଲିଭିବା ଆଗରୁ ନଜତ୍ୱ ଯେମିତି କାଚ ପରି ଭାଙ୍ଗି ଯାଉଛି, ଯନ୍ତ୍ରଣାର ମର୍ମସ୍ପର୍ଶରେ ଗ୍ତି ପାହିଯାଏ । ବୁନ୍ଦା ଅଶ୍ରୁ ସମାଧି ମୁଣ୍ଡତଳେ ତକଆ ଉପରେ ଭିଡି ରହି ଛାତି ତଳେ କୋହଟିଏ ହୋଇ ଏବେ ବଞ୍ଚି ରହିଛି ମା ର ଅସ୍ତିତ୍ୱ । ଉଠାଣି ଗଡାଣି ରାସ୍ତାକୁ ପାରି ହେବାକୁ ହୋଇଛି ତାର ହିସାବ ଅନ୍ଧାର ବକ୍ଷରେ ଦେଖି ବସନ୍ତି ବାପା, କେମିତି ମା ର ଚୁଟି ଝିଙ୍କି ଦାଣ୍ଡରେ ଘୋଷାଡି ଘୋଷାଡି ନେବାର ପୁରୁଷପଣିଆ ଆଜି ଶତ ଧିକ୍କାର କରୁଛି । ଯେତେ ମାରିଲେ ବି କେତେ ଗ୍ତିଯାଏ ଶୀତ, ବର୍ଷାରେ ସେମିତି ନଖାଇ ଲ୍ୟାମ୍ପଟିକୁ ଧରି ଦାଣ୍ଡ ଦୁଆରେ ଜଗିଥାଏ । କଛି ଅଭିମାଅନ କ ପାଇବାର ଆଶା କେବେ ପ୍ରକାଶ କରି ନଥିଲା ବରଂ ମଦୁଆ ଦେହକୁ ନଜର ଚରା କାନରେ ଝାଡିଦେଇ ନଜ ପାଖକୁ ଆଉଜି ନେଇ ଟିକ ପିଲା ପରି ଖୁଆଇ ଦିଏ । ମଦ ନଶାରେ ତ କଛି

ଜାଣିପାରେନ । ସକାଳେ ଉଠି ପୁଣି ଆରମ୍ଭ ହୋଇଯାଏ ନିତିଦିନିଆ ଝଗଡା । ଜାଣି ନଥିଲା ଭଗିଆ, ବିରହ ହୃଦୟକୁ ଚିରି ଚିରି ଅତୀତର ଲୁହ ଶୁଖାଇ ଦେବ, ଆଖିରୁ ନିଦ ହଜାଇ ଦେବ, ଓଠରୁ ହସ ହଜାଇ ଦେବ। ବଞ୍ଚି ରହିଛି ଥୁଣ୍ଟା ଘାସ ପରି। ଜୀବନଟା ହାହାକାରର କଷ୍ଟ, ମର୍ମାହତ କରିଦେଉଛି ଯେମିତି ଅନୁତାପର ଓଜନ ଭାଙ୍ଗି ଦେଇଛି ବାରବାର ମନକୁ । ମମତାର ମୂଲ ଅର୍ଥହୀନ ହୋଇ ପଡିରହିଛି ଅସନା ଜାଗାରେ । ନିଃସ୍ୱ ହୋଇଯାଇଛି ବାରବାର ଆଲୋକ ସବୁ । ଗୀତାର ମା କେବେ ତା ପାଖକୁ ଅଲଗା କରି ନଥିଲା । ଏତେ ଦୁଃଖ ଗାଳିମାଡ ଖାଇ ମଧ ପିଲାମାନଙ୍କୁ ବାପଘରେ ରଖି ଦେଇ ଆସିଥିଲା ହେଲେ ମତେ ତା ପାଖରୁ ଦୂରେଇ ନଥିଲା । ଏଇଟା ଥିଲା ନାରୀତ୍ୱର ଅଧିକାର କି ଆଦର୍ଶ ଜାଣିନି । ହେଲେ ଆଜିର ସମୟ ବହୁତ ଆଗରେ ସେମିତି ସଂସ୍କାର ନେଇ ଚଳିବା ଆଧୁନିକ ବୋହୂମାନଙ୍କ ଦ୍ୱାରା ଅସମ୍ଭବ ।

ହଠାତ୍ ଗୀତାର ଡାକରେ ଭଗିଆ ଚମକି ପଡିଲା । ବାପା, ଖାଇବ ଆସ । ଆଳୁଅ ଲିଭା ହୋଇଯିବ । ଆର ମାସ ଇଲେକଟ୍ରି ପଇସା ବେଶୀ ଆସିଛି । ବାସ୍ ସରିଗଲା ସବୁ ଭାବନା ଅନ୍ଧାର ଭିତରେ ଅତୀତକୁ ଫିଙ୍ଗିଦେଇ ଖାଇବାକୁ ବାଡି ପଟ ଟିଉବ୍ୱେଲ୍ କୁ ଧୁଆଧୁଇ ପାଇଁ ଗ୍ଲିଗଲେ । ଗୀତାର ଭାଉଜ ଚିତ୍କାର କରୁଥାଏ, ଏମାନଙ୍କୁ ଯେତେ କହିଲେ କଣ ମାନୁଛନ୍ତି । ଇଲେକ୍ଟ୍ରି ବିଲ୍ ତ ମୁଁ ଦଉଛିନା । ସେମାନଙ୍କର କଣ ଯାଏ ଆସେ । ଏବେ ପେଟେ ଗେଳି ଶୋଇପଡିବେ । ଘରର ସବୁ ଦାୟିତ୍ୱ ନେଇ ଚଳେଇବା କଣ ସହଜ ।

ତୁମେ ଆଉ ପାଟିକରନି ଭାଉଜ, ଗୀତା କହିଲା ।

ଆଉ କିଏ କହିବ, ତୋ ବୋପା ବିଲ ଦେବକି?

ଗୀତାର ଭାଉଜ ବଡ ପାଟିରେ କହୁଥାନ୍ତି । ଗୀତା ଓ ଭଗିଆ ନ ଶୁଣିଲା ପରି ଖାଇବାକୁ ଗ୍ଲିଗଲେ ।

କ୍ରମଶଃ...

ସଂଯୋଜିକା, ସମ୍ପାଦିକା, ଔପନ୍ୟାସିକା, କବି,
ଜୀବନୀ ଲେଖିକା ଓ ସମାଜସେବୀ
ଡ୍ରିମସ୍ ଷ୍ଟାଫ୍ କ୍ୱାଟର, ଟାଙ୍ଗୀ, କଟକ – ୭୫୪୦୨୨
ଭ୍ରାମ୍ୟଭାଷ – ୯୯୩୭୩୪୭୩୧୮

# ଶାରଦୀୟ ମା ଦୁର୍ଗା



ଅମରନାଥ ବାରିକ

_*ସ୍ତୁତି ପାଠ କରୁଛି ମୁଁ ପାଦ ତଳେ ତୋର ।*_
_*ତୋ ବିନୁ ଯେ ଅନ୍ୟ ଗତି କଛି ନାହିଁ ମୋର ।।*_
_*ଖଣ୍ଡା ଖର୍ପର ଧାରିଣୀ ତୁହି ଦୁର୍ଗା ମା ଲୋ ।*_
_*ଅଭୟ ବର ଦାୟିନୀ ସାହା ହେବୁ ତୁ ଲୋ ।।*_
_*ଜୟ ଦଶଭୂଜା ମା ଲୋ ଦୁର୍ଗତୀ ନାଶିନୀ ।*_
_*ଜୟ ଜୟ ଶିବା ଶକ୍ତି ଅସୁର ମର୍ଦ୍ଦିନ ।।*_
_*ରାମ ଗଲେ ବନ ବାସ ତୋର ପାଦ ପୂଜି ।*_
_*ଦେଲୁ ତୁ ବିଜୟ ଟୀକା ପିନ୍ଧେଇ ବିରାଜି ।।*_
_*ତୋର ଦୟା ବଳେ ମା ଲୋ ମିଳେ ସବୁ ଶାନ୍ତି ।*_
_*ତୋର କୋପ ଦୃଷ୍ଟି ହେଲେ ସଭିଏଁ ମରନ୍ତି ।।*_
_*ଦଶ ହାତେ ଧରି ଅଛୁ ଅସ୍ତ୍ର ଶସ୍ତ୍ର କେତେ ।*_
_*ବିନାଶ କରିବା ପାଇଁ ଦୃଷ୍ଟଙ୍କୁ ଯେ ଯେତେ ।।*_
_*ମହିଷାସୁରକୁ ମା ଲୋ କରିଲୁ ତୁ ନାଶ ।*_
_*ଭୟଙ୍କରୀ ରୂପ ନେଇ ଫିଟାଇଲୁ କେଶ ।।*_
_*ଜଗଦମ୍ବା , ରଣଚଣ୍ଡୀ , ଚଞ୍ଚଳା , ଚପଳା ।*_
_*ସହସ୍ର ନାମ ବୋଲାଉ କମଳା ମଙ୍ଗଳା ।।*_
_*ଜୟ ଜୟ ଦୁର୍ଗା ସ୍ତୁତି ହୋଇଲା ସମ୍ପୂର୍ଣ୍ଣ ।*_
_*ହାତ ଯୋଡି ନମସ୍କାର କରେ ଭାବ ପୂର୍ଣ୍ଣ ।।*_
_*ଅଜାଣତେ କରିଛି ମୁଁ ଦୋଷ ଯେତେ ମୋର ।*_
_*କ୍ଷମା କର କ୍ଷମାଦାତ୍ରୀ ଭଣୁଛି ଅମର ।।*_

ଯାଜପୁର, ମଙ୍ଗଳପୁର, କୟାଁ

# ସ୍ୱଚ୍ଛ ଭାରତ ମାତା



କୀର୍ତ୍ତି ଦେବୀ

ପିଲାବେଳୁ ଦେଖୁଛି ତତେ ଭାରତମାତା
ତୋରି କୋଳେ ଜନମ ମୋହର
ତୋରି ପାଣିପବନ ଶସ୍ୟ ମୋ ଆହାର
ତୋରି ଛାତି ମୋ ଶୟନ କକ୍ଷ

ମୋ କୁନ କୁନ ହାତରେ
ଗଢିଛି କେତେ ମନ୍ଦିର ଆଉ ଦିଅଁ ଦେବତା
କେମିତି କହିବି ମୋ ଟିକି ମନର କଥା

ଆଜି ଦେଖୁଛି ତୋରି ନାମରେ ସବୁଠି ଚରଣ୍ଣ
ଖାଲି କଥାରେ କଥାରେ କେତେ
ସଭା ସମିତି ସଂଗଠନ ଆଉ ବିଜ୍ଞାପନ

ମୋ ମନ ମାନୁନ ଜମା
ଏ ସମାଜକୁ କେମିତି ବୁଝାଇବି
କଥାରେ ନ କହି କାମରେ ପାଳଲେ
ତୋ ହୃଦୟରେ ଫୁଟିବ ସରଗର ଗ୍ୱନ୍ଧ

ତୁ ହସିଲେ ସାରା ବିଶ୍ୱରେ ହୋଇବ ଆମରି ନାଁ
ଆମ ଭାରତମାତା ସଦା ଆମର ସ୍ୱଚ୍ଛ ମାତା ।

ସିଭିଲ୍ ଟାଉନ୍ ସିପ୍, ରାଉରକେଲା

# ଶିଶୁ



ଅଲେଖ ମେହେର

ଅନ୍ଧାରୀ ଗହନ ଗର୍ଭ ମନ୍ଦିରର
ଅମୃତମୟ ସନ୍ତାନ,
ବିଭୁ ନାମ ଭୁଲି ଆସିଲୁ ରସାକୁ
ଆତୁରେ କରି କ୍ରନ୍ଦନ।
ମାୟାର ଜଞ୍ଜିର ଲଗାଇ କୁଟୁମ୍ବେ
ଏବେ ଅଛୁ ସୁଖେ ଶୋଇ,
କଳ୍ପନା ବାହାରେ ତୋହର ଆଗରେ
ମିଛ ମାୟା ଭର୍ତ୍ତି ନଇ।
ସ୍ରଷ୍ଟାଙ୍କ ସୃଷ୍ଟିରେ ଦୁର୍ମୁଲ୍ୟ ଦୁର୍ଲଭ
ଏ ମାନବ କଳେବର,
ଯହିଁ ବିରାଜିତ ଅନ୍ତର ଗହ୍ୱରେ
ସ୍ୱୟଂ ପରମ ଈଶ୍ୱର।
ମିଛ ମାୟା ଦ୍ୱେଶ ହିଂସା ଅହଂକାର
ରଜିତ କରି କାୟାରେ,
ଆତ୍ମା ରୂପି ବିଭୁ ଅମୃତ ପଥକୁ
ଝିଙ୍କାସି ଫିଙ୍ଗନ୍ତି ଦୂରେ ।
ତୋ' ନିରିହ ହସ ସ୍ୱଚ୍ଛ ସୁଷମାର
ନାହିଁ ତିଳେ ପଟାନ୍ତର,
ବଡ଼ ହେଲେ ଧନ ପାରିବୁଟି ବୁଝି
ହସ କେତେ ପ୍ରକାରର।

ପ୍ରତିପତ୍ତି ପାଇଁ ନତି ହଣା କଟା
ଗ୍ଲିଅଛି ଘନଘୋର।
ମୃତ୍ୟୁ ସମୟରେ ସାଢେ ତିନ ହାତ
ଜମି ଅଟଇ ପ୍ରମାଣ,
କେହି ନୁହେଁ କା'ର ଏ ମିଛ ସଂସାର
ତଥାପି କରିବୁ ରଣ ।
ବଡ ହେଲେ ଧନ ବଳେ ଯିବୁ ଯାଣି
ହୃଦ ହଣା କଟୁ ବଚ,
ଧନର ଲାଳସା କରିପାରେ କେତେ
ମାନବକୁ ଘୃଣ୍ୟ ନୀଚ।
କଥାରେ କଥାରେ ଛୁରି ଓ ବନ୍ଧୁକ
ଦେଖାଇ କରେ ବଡ଼ିମା,
ମଣିଷ ପରାଣୁ ପାଶୋର ଯାଇଛି
ସତ୍ୟ ଶାନ୍ତି ଦୟା କ୍ଷମା।
ପରତେ ନଯିବୁ ନ ଦେଖିଲେ ଧନ
କହିଲି ଯା' ତୋ' ଆଗରେ,
ବଡ଼ ହେଲେ ଦିନେ ହେଜି କଥା ମନେ
ନିଶ୍ଚୟ ଭାବିବୁ ଥରେ।

ସୋହେଲା, ବରଗଡ

# ଜନ୍ମଭୂମି

ନରଞ୍ଜନ ସାହୁ

ସରଗରୁ ବଡ ଅଟେ ଜନ୍ମଭୂମି
କେହି ନୁହେଁ ତାହା ସରି
ଜନନୀ ସମାନ ଆଦରଣୀୟା ସେ
କଏ ହେବ ତାହା ପରି ॥
ତାହାରି ଉପରେ ଖେଳଛି, ନାଚଛି
ପିଇଛି ତାହାରି ପାଣି
ଖାଇଛି ତା ଶସ୍ୟ, ଫଳମୂଳ ପୁଣି
ଚଷିଛି ତା ମାଟି ହାଣି
ପ୍ରତିବାଦ ଦିନେ କରିନାହିଁ ସିଏ
ଯାତନା ନେଇଛି ବରି ॥
ତାହାରି କୋଳରେ ବଢିଅଛି ମୁହିଁ
ଶଶିକଳା ପ୍ରାୟ ହୋଇ
କର୍ମକ୍ଳାନ୍ତ ଥକ୍କା ମେଣ୍ଟାଇବା ପାଇଁ
ତା କୋଳେ ପଡିଛି ଶୋଇ
ତା କୋଳରେ ଶେଷ ବିଶ୍ରାମ ଲୋଡିବି
ଯେବେ ଯିବି ମୁହିଁ ମରି ॥
ତାହାରି ଋଣ ମୁଁ ଶୁଝିପାରିବିନ
ଜାଣିଅଛି ଏହି କଥା
ତଥାପି ତାହାର ସେବା କରୁଥିବି
ତା ପଦେ ଲୋଟାଇ ମଥା
ତା ପାଇଁ ମରଣ ବରଣ କରିବି
ଜୟଧ୍ୱନ ତାର କରି ॥

ନହଲପ୍ରସାଦ, ଗନ୍ଧିଆପାଟଣା, ଢେଙ୍କାନାଳ

# ଏକ ଦେଶ, ଏକ ବଜାର



ଡ଼ି ଶୁଭମ୍

ସବୁ ସମୟରେ ଗୃଷୀଙ୍କ ପାଇଁ ଅନେକ ବ୍ୟବସ୍ଥା ।ଗୃଷୀକୁଳର ଉନ୍ନତି ପାଇଁ ସବୁବେଳେ ନୂଆ ପରିପାଟୀର ସମାହାର । ବଜେଟ ହେଉକ ସ୍ୱତନ୍ତ୍ର ପ୍ୟାକେଜ, ଗୃଷୀହିଁ ଫୋକସ୍‌ରେ। ବର୍ତ୍ତମାନର କରୋନା ମହାମାରୀ ସମୟରେ ବି ଗୃଷୀଙ୍କ ମେରୁଦଣ୍ଡ ସୁଦୃଢ଼ କରିବା ପାଇଁ ସରକାରଙ୍କ ତରଫରୁ ବିହିତ ପଦକ୍ଷେପମାନ କାର୍ଯ୍ୟକାରୀ ହେଉଛି । ଏହାରି ଭିତରେ କେନ୍ଦ୍ର ସରକାରଙ୍କ ଦ୍ୱାରା ଘୋଷିତ ଏକ ଦେଶ, ଏକ ବଜାର ନଷ୍ଟୟ ଭ୍ବରେ ସ୍ୱାଗତଯୋଗ୍ୟ ନଷ୍ପତ୍ତି । ଗୃଷୀଟିଏ ନଜର କର୍ମ ସମ୍ପାଦନ କରେ, ଖରା ହେଉ କ ବର୍ଷା ଅବା ଶୀତ, କର୍ତ୍ତବ୍ୟରୁ ବିରତ ହେବା କଣ ଶିଖିନ ସିଏ । କାରଣ ସେ କୁଶଳୀ । ସେ ମାଟିର ମଣିଷ । ସେଇଥି ପାଇଁ ତା'ର ପ୍ରତିଟି ଶ୍ରମ ଆମ ବଂଚବାର ମାର୍ଗ ଦର୍ଶକ । ଆମେ ଖାଦ୍ୟ ଖାଉ ଆଉ ସେ ଜମିରେ ସୁନା ଫଳାଏ । କାଦୁଅ ମାଟିରେ ଚକଟି ହେଇ ସେ ତିଆରିକରେ ସବୁଜିମାର ପଟ୍ଟଭୂମି । ସେ ସବୁଜ ଶିଳ୍ପୀ, ସେ ଅନ୍ନଦାତା ।

ଖରିଫ ଅବା ରବି ଋତୁ ସମୟରେ ଗୃଷୀ ନଜ ଜମିରେ ବିଭିନ୍ନ ପ୍ରକାର ଫସଲ ଫଳାଏ । କନ୍ତୁ ଜମିରେ ଗୃଷ କରୁଥିବା ସମୟରେ ସେ କେବଳ ଆକଳନ କରେ ଅମଳର ରେଖା ଉପରେ । କନ୍ତୁ ସଠିକ ଭ୍ବରେ ଅମଳର ପରିମାଣ ସ୍ଥିର କରିପାରେ ନାହିଁ । କାରଣ ବିହନ ବୁଣାଠାରୁ ଅମଳ ଆଉ ତାପରେ ବଜାରରେ ବିକ୍ରୟ – ଏହା ଏକ ଲମ୍ବା ପ୍ରଣାଳୀ । ତେବେ ଅମଳ ପରେ ବଜାରରେ କେଉଁ ଫସଲ କେତେ ଦରରେ ବିକ୍ରିହେବ, ଏହା ଉପରେ ହିଁ ନର୍ଭର କରେ ଗୃଷୀର ପାଉଣା । ବିଗତ କଛିଦିନ ତଳେ ଆତ୍ମନର୍ଭର ଭ୍ରତ ପ୍ୟାକେଜରେ କୃଷି ବିପଣନରେ ସଂସ୍କାର କଥାକୁ ସରକାର ଦୋହରାଇଥିଲେ । କୃଷି ବିପଣନରେ ସଂସ୍କାର ଆଣିବା ପାଇଁ ଉତ୍ପାଦିତ ଦ୍ରବ୍ୟକୁ ସଠିକ ମୂଲ୍ୟରେ ବିକ୍ରି କରିବା ପାଇଁ

ଅନେକ ସଂସ୍କାର ମୂଳକ ପଦକ୍ଷେପ ମଧ୍ୟ ନିଆଯିବା ସହ କୃଷିଜାତ ସାମଗ୍ରୀ ପାଇଁ ଇ ଟ୍ରେଡ଼ିଂର ବ୍ୟବହାର କରାଯିବାକୁ ସରକାର ନିଷ୍ପତ୍ତି ନେଇଥିଲେ । ପ୍ରାକୃତିକ ବିପତ୍ତି ସମୟରେ କିପରି ଦର ନିୟନ୍ତ୍ରଣ କରାଯିବ, ସେ ଦିଗରେ ଧ୍ୟାନ ଦିଆଯିବା ସହ ମଧ୍ୟ କୃଷିକ୍ଷେତ୍ରରେ ନିବେଶ ବଢ଼େଇବା ପାଇଁ ଅତ୍ୟାବଶ୍ୟକ ଦ୍ରବ୍ୟ ଆଇନ - ୧୯୫୫କୁ ସଂଶୋଧନ କରାଯିବାକୁ ନିଷ୍ପତ୍ତି ନିଆଯାଇଛି । ତେବେ ବର୍ତ୍ତମାନ ସମୟରେ ପୁଣି ଏକ ଦେଶ, ଏକ ବଜାର ଘୋଷଣା ନିଶ୍ଚୟ ଭାବେ ଚାଷୀଙ୍କ ମନୋବଳକୁ ବୃଦ୍ଧି କରାଇବ । ସବୁ ସମୟରେ କୃଷିକ୍ଷେତ୍ରରେ ଅମଳ ପରବର୍ତ୍ତୀ ସମୟରେ ତୃତୀୟ ଲୋକ ଅର୍ଥାତ ମଧ୍ୟସ୍ଥି ଦଲାଲମାନେ ମୁଖ୍ୟ ଭୂମିକା ନେଇଥାନ୍ତି । ସତକଥାଟା କହିବାକୁଗଲେ ଚାଷୀ ତ ଏତେ ଭିତର କଥା ବୁଝିପାରେନି । ସେ କେବଳ ଚାଷକରେ ଆଉ ଚାଷରୁ ଦି ପଇସା କମେଇଲେ ଘର ଚଳାଏ । ସେ ବା ଏ ଛନ୍ଦ କପଟକୁ କାହିଁ ପଶିବ । ଏପରି ସମୟରେ ଚାଷୀର ସରଳତାର ସୁଯୋଗ ନିଅନ୍ତି ଏମିତି କିଛି ମଧ୍ୟବର୍ତ୍ତୀ ଦଲାଲ । ଯେଉଁମାନେ ସମାଗ୍ରୀର ଦର ନିଷ୍ପତ୍ତି ନେଇ ବଜାରକୁ ଛାଡ଼ିଥାନ୍ତି ଆଉ ସେଥିରୁ କିଛି ପଇସା ନିଜ ପକେଟରେ ରଖିଥାନ୍ତି। କିନ୍ତୁ ବର୍ତ୍ତମାନର ଏ ଘୋଷଣା ପରେ ଚାଷୀଙ୍କ ପାଇଁ ଦ୍ୱାର ଉନ୍ମୁକ୍ତ ହୋଇଯିବ । ଚାଷୀମାନେ ଚାହିଁଲେ ନିଜର ଦ୍ରବ୍ୟକୁ ଯେକୌଣସି ସ୍ଥାନରେ ବିକ୍ରି କରି ପାରିବେ । ଅନ୍ତତଃ ଏହି ଦଲାଲଙ୍କ ଦୃଷ୍ଟିରୁ ମୁକ୍ତି ପାଇବେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜୀ ୨୦୨୨ ସୁଦ୍ଧା ଚାଷୀଙ୍କ ଆୟକୁ ଦୁଇଗୁଣ କରିବାକୁ ଲକ୍ଷ୍ୟ ରଖିଥିବା କଥା କହିଛନ୍ତି । କିନ୍ତୁ ଯଦି ଏପରି ଦଲାଲଙ୍କ ରାଜ ଚାଲେ ତାହେଲେ କଣ ଏ ସ୍ୱପ୍ନ ସାକାର ହୋଇପାରିବ । ଦେଶର ଆର୍ଥିକ ସ୍ଥିତି କୃଷି ଉପରେ ନିର୍ଭରଶୀଳ । କୃଷି ବିପଣନର ସଂସ୍କାର ହେଲେ ହୁଏତ ଚାଷୀଟିଏ କିଛି ଲାଭ ପାଇପାରିବ । ଯେହେତୁ ପୂର୍ବରୁ ଚାଷୀମାନେ ନିଜ ଉତ୍ପାଦିତ ଦ୍ରବ୍ୟର ଦର ନିଜେ ସ୍ଥିର କରିପାରୁ ନଥିଲେ, ତେଣୁ ଅସୁବିଧାର ସମ୍ମୁଖୀନ ହେଉଥିଲେ । କାରଣ ପ୍ରକୃତ ମୂଲ୍ୟ ସେମାନେ ପାଇପାରୁ ନଥିଲେ । ବଜାର ସହ ସିଧାସଳଖ ସମ୍ପର୍କ ରହିପାରୁ ନଥିଲା । କିନ୍ତୁ ଏହି ଏକ ବଜାର ସେମାନଙ୍କୁ ଗୋଟିଏ ସୂତ୍ରରେ ଯୋଡ଼ିଦେବ । ଦ୍ୱିତୀୟ କଥା ଚାଷୀଙ୍କ ପାଇଁ ପର୍ଯ୍ୟାପ୍ତ ଶୀତଳଭଣ୍ଡାରର ଅଭାବ । ଚାଷୀଟିଏ ଚାହିଁଲେ ନିଜ ଅମଳ କରୁଥିବା ସାମଗ୍ରୀକୁ ତା ଇଚ୍ଛା ମୁତାବକ ଆଉ କୌଣସି ରାଜ୍ୟକୁ ପଠାଇପାରିବ । କିନ୍ତୁ ଏହି ଅଭାବ

ଯୋଗୁଁ ଦ୍ରବ୍ୟଗୁଡ଼ିକ ପଚଯାଏ ଅଥବା ବିକ୍ରି ଉପଯୋଗୀ ହୋଇପାରେନ । ଆମେ ବାହାର ଦେଶରୁ ଫୁଲ ଆଣୁଛେ । କନ୍ତୁ ଆମଚାଷୀ ନଜଜମିରେ ଫୁଲଚାଷ କରି ବି ଠିକଭାବରେ ବିକ୍ରି କରିପାରୁନ । ଏକ ବଜାର ମାଧମରେ ପ୍ରତିଦ୍ୱନ୍ଦିତାର ଅନ୍ତ ହେବବୋଲି ମୋର ଆଶା। ଭାରତରେ କ୍ଷୁଦ୍ର ଓ ଭାଗଚାଷୀଙ୍କ ସଂଖ୍ୟା ବି କମ ନୁହେଁ । ଏ ପରିସ୍ଥିତିରେ ଯଦି ଦଲାଲ ରାଜୁତି ଚାଲିବ, ତାହେଲେ ଚାଷୀମାନେ ସେମାନଙ୍କ ପରିଶ୍ରମର ମୂଳଧନ ବି ପାଇପାରିବେ ନାହିଁ । କାରଣ ଜଟିଳ ପରିସ୍ଥିତିକୁ ସାମ୍ନା କରିବା ପାଇଁ ଖୁବ କମ ଚାଷୀଙ୍କ ପାଖରେ ଶକ୍ତି ଥାଏ । ସୁତାରଂ ଏକ ଦେଶ, ଏକ ବଜାର ଦ୍ୱାରା ଚାଷୀମାନେ ବ୍ୟବସ୍ଥିତ ଢଙ୍ଗରେ ନଜ ଉତ୍ପାଦିତ ସାମଗ୍ରୀର ଦର ବାଛିବେ । ଉଭୟ ଜନସାଧାରଣ ଓ ଚାଷୀ କପରି ସହଯୋଗିତାର ସେତୁରେ ବାନ୍ଧିହୋଇ ରହିପାରିବେ, ସେ ଦିଗରେ ଚନ୍ତାକରିବା ଆବଶ୍ୟକ ।

ଏଇ କଛି ଦିନ ତଳେ କ୍ୟାବିନେଟରେ ହୋଇଥିବା ଏହି ନଷ୍ପତ୍ତି ଫଳରେ ଘରୋଇ ନବେଶକମାନଙ୍କ ପ୍ରତିପତ୍ତିରୁ ମୁକ୍ତହେବେ ଚାଷୀ । ଏହା ବ୍ୟତୀତ କୃଷି ଉତ୍ପାଦ ବାଣିଜ୍ୟ ଓ ବ୍ୟବସାୟ ଅଧ୍ୟାଦେଶକୁ ମଂଜୁରୀ କରିଛନ୍ତି ସରକାର । ଏହା ଫଳରେ ରାଜ୍ୟ ତଥା ରାଜ୍ୟ ବାହାରେ ଗୋଟିଏ ବଜାର ସହ ଉପଯୁକ୍ତ ଦର ସହିତ ଚାଷୀଙ୍କ ପାଇଁ ମାର୍ଗ ସୁଦୂରବିସ୍ତାରୀ ହୋଇପାରିବ । ଚାଷୀ ନଜର ପ୍ରକୃତ ମୂଲ୍ୟ ପାଇପାରିବ । ତେବେ ଏହା ଯେ କୃଷିକ୍ଷେତ୍ରରେ ଏକ ମାଇଲଖୁଣ୍ଟ ସାଜିବ, ଏଥିରେ ସନ୍ଦେହ ନାହିଁ ।

ସମ୍ପାଦକ –ଶ୍ୟାମଳସୁବର୍ଣ୍ଣ,
ବାସୁଦେବପୁର, ଭଦ୍ରକ

# କାଶତଣ୍ଡୀ ର ସୌନ୍ଦର୍ଯ୍ୟ



ବିଶ୍ୱ ରଞ୍ଜନ ମହାନ୍ତି

ସବୁଜ ଶୋଭରେ ପୂର୍ଣ୍ଣ ଆଭମୟୀ
ଲୋହିତ ଆକାଶ ତଳେ
ଅପୂର୍ବ ସୁନ୍ଦର ଦୃଶ୍ୟରେ ଶୋଭିତା
ପାର୍ବଣ ଋତୁର କାଳେ... ||
ନଭରେ ହସୁଛି ଶରତ ଯାମିନୀ
ଶରତେ ହସଇ କଇଁ
ବଉଦ ଫାଙ୍କରୁ ଜହ୍ନ ଗୁହୁଁଅଛି
ମୁରୁକ ହସକୁ ଦେଇ..... ||
ନୀଳ ଆକାଶର ଚନ୍ଦ୍ରମାକୁ ଦେଖି
ଫୁଲେଇ ଧରଣୀ ରାଣୀ
କାଶତଣ୍ଡୀ ଫୁଲେ ଗଭକୁ ସଜାଏ
ସବୁଜ ବନାନୀ ବେଣୀ....... ||
ସଧୀର ସମୀରେ ଅଧିର ମନରେ
କୁମୁଦିନୀ ଉଷା ପ୍ରେମେ
ପ୍ରକୃତି ପ୍ରାଚୁର୍ଯ୍ୟ ଲାଗଇ ଆଶ୍ଚର୍ଯ୍ୟ
ଶରତର ଆଗମନେ...... ||.....



# ନାରୀ ସଶକ୍ତିକରଣ



ଲଲ୍‌ଟେନ୍ଦୁ ବାରିକ

ନାରୀ ପାଳଥାଏ ଧର୍ମ୍ ସଂସାର କୁ
ମା, ପତ୍ନୀ, ଭଗିନୀ ରୂପେ
ନିଜ ପ୍ରାଣ ବଳ କଷ୍ଟ ମଧ୍ୟେ ଲଢ଼ି
ବାଣ୍ଟିଥାଏ ହସ ଖୁସି ଅଜାଡ଼ି
ଯୁଇ ର ସଂସାରେ ନିତି ଜଳଜଳ
ଦୁଃଖ କୁ ଦିଅଇ ମନୁ ପାସୋରି
ସଭିଙ୍କ ଖୁସି ରେ ହୋଇଥାଏ ଖୁସି
ନିଜ କୋହକୁ ଅନ୍ତରେ ଗୁପି
ସର୍ବସହା ରୂପେ ସେ ବିଦ୍ୟମାନ
କେଉଁ ଆବାହମାନ କାଳରୁ
ତାର ଶକ୍ତି ବଳେ ସଂସାର ଟି ଗୁଲେ
ବିନା ବାଧା ଦ୍ୱିଧା ସଂଘର୍ଷରେ
ନିଜ ର ପ୍ରେମ ରେ ବାନ୍ଧେ ସଂସାରକୁ
ନ ରଖି ଆପଣା ପର ମନେ
ତଥାପି ସମାଜ ଦେଖିଥାଏ ତାକୁ
ହୀନ ମନେ ଚକ୍ଷୁ ଆଢୁଆଳରେ
ନାରୀ ଆଗେଇଲେ ଦେଶ ଆଗେଇବ
କହିଥାଏ ଆଜିର ଶିକ୍ଷିତ ସମାଜ
ନାମ୍ ରହିଯାଏ ଖାତା କଲମ ରେ

ନାରୀ ମରେ ଏଠି ଗଣ ଦୁଷ୍କର୍ମରେ
କନ୍ୟା ରତ୍ନ କର ଯତ୍ନ ର ସ୍ଲୋଗାନ
ଶୁଭୁ ଥାଏ ଦେଶ କୋଣ ଅନୁକୋଣେ
କନ୍ୟା ଜନ୍ମିଲେ ଭାବିଥାନ୍ତି ବୋଝ
ଫିଙ୍ଗି ଥାନ୍ତି ଆବର୍ଜନା ବିନ ରେ
ସମାଜ ବୁଝେନି ଧ୍ୱଂସ ଅଭିମୁଖେ
ଯାଉଛି ସମାଜ ଗଡ଼ି ଗଡ଼ି
କାଳର ଗର୍ଭରେ ଲୀନ ହେବ ଦିନେ
ନିର୍ଯ୍ୟାତିତ ଏହି ନାରୀ ଙ୍କ ଲୁହେ

ବାସୁଦେବପୁର, ଭଦ୍ରକ

# ମହିଷାସୁର ର ଦୁର୍ଗାପୂଜା



ପଣ୍ଡିତ ମଧୁସୂଦନ ମିଶ୍ର

ଦୁର୍ଗାପୂଜା ଋତୁ ଏ ଧରାରେ ପ୍ରବେଶକରି
ବେଶ୍ ଉନ୍ମାଦନା ସୃଷ୍ଟିକରେ ଚାନ୍ଦା ଆଦାୟକରି
ସେ ଚାନ୍ଦାରେ ବେଶ କିଛିଦିନ ମଦପିଇ
ମାତାଲ ହେଉଥିବା ଏ ସାହି
ପିଲାମାନେ ଦେବୀଙ୍କର ବଡ଼ ଭକ୍ତ ।
ଯଦି କେହି ଚାନ୍ଦା ଦେଇ ନପାରି
ସେମାନଙ୍କର ହାତଗୋଡ଼ ଧରି
କାକୁତି ମିନତି କରି
ଯେତେ ପ୍ରାର୍ଥନା କଲେ ବି
ସେମାନେ ଶୁଣନ୍ତିନ ସବୁକିଛି
ଦିଅନ୍ତି ଉଜାଡ଼ି ॥
କେତେକେତେ ଯୁବତୀଙ୍କୁ ଉପଭୋଗ କରି
ସେମାନଙ୍କୁ ଜୀବନରେ ମାରି
ଫୋପାଡ଼ି ଦିଅନ୍ତି, କା'କୁ ଭୟ ନକରି ।
ନିର୍ଭୟରେ ଦେବୀ ମଣ୍ଡପରେ ବିଜେକରି
ଘଣ୍ଟ ବଜାନ୍ତି; ପୂଜକର ତିନଦିନ ପାରିଶ୍ରମିକ
ଶହେଟଙ୍କା ଦାନକରି
ଏମାନେ ମହାଦାନୀ, ସତେ ଯେମିତି
କର୍ଣ୍ଣଠାରୁ ବଳି ଯାଇଛନ୍ତି ॥
ମହାନବମୀ ତିଥିରେ ପଶୁ ମାରି
ଦେବୀଙ୍କୁ ମାଛ ତରକାରୀ ପରସି,
ତା ପ୍ରସାଦ ରୂପେ ଗ୍ରହଣକରି
ମଦ୍ୟପାନ କରି ଯୋଡହସ୍ତେ କରନ୍ତି
ଗୁହାରୀ ॥
ସେ ଗୁହାରୀ ଶୁଣେ କି ନଶୁଣେ ଦକ୍ଷ କୁମାରୀ
ସେ ଜାଣିଥିବ; ଏମାନେ କିନ୍ତୁ ନଶମୋଡି କରି
ରାତିସାରା ଜାଗରଣ କରି
ଖୋଲା ପରଦାରେ ବାଜେ ଫିଲ୍ମ ପ୍ରଦର୍ଶନ କରି
ନେଇଥାନ୍ତି ବେଶ୍ ବାହାଦୂରୀ ॥
ହେ ଏ ଚଳନ୍ତି ଯୁଗର ମହିଷାସୁର
ତୁମକୁ ନମସ୍କାର;ତୁମ ପୂଜାକୁ ସହସ୍ରେ ଜୁହାର
ଏମିତି ପୂଜାକୁ ବି ମା ଗ୍ରହଣ କରିଥିବାରୁ
ତାକୁ ମଧ ଶତ ଜୁହାର ॥

ସାହିତ୍ୟାଚାର୍ଯ୍ୟ, ବୈଦିକ କର୍ମକାଣ୍ଡ ଜ୍ୟୋତିଷ
ବିଶାରଦଦହିକୁଡି, ସୁବର୍ଣ୍ଣପୁର
ଅବସରପ୍ରାପ୍ତ ପ୍ରଧାନଶିକ୍ଷକ

# ଗଣତନ୍ତ୍ର ରାଷ୍ଟ୍ରରେ ନାରୀଶିକ୍ଷା: କେତେ ସ୍ୱପ୍ନ କେତେ ବାସ୍ତବ



ଅଧ୍ୟାପକ ସୌଭାଗ୍ୟ ରଞ୍ଜନ ମହାପାତ୍ର

ଯୁଗେ ଯୁଗେ ନାରୀ ପୁରୁଷ ର ଅନୁଗାମିନୀ, ସହଯାତ୍ରିଣୀ, ସହକର୍ମିଣୀ,ବାନ୍ଧବୀ ଓ ସହଧର୍ମିଣୀ ଆଖ୍ୟା ପାଇଛି। ଜୀବନ ର ପ୍ରତ୍ୟେକ କର୍ମକାଣ୍ଡରେ ସେ ପୁରୁଷ ସହ ଜଡିତ। ନାରୀ ସହଚର୍ଯ୍ୟରେ ପୁରୁଷ ର ଜୀବନ ହୁଏ ମଧୁମୟ ଓ ସୁନ୍ଦର। କିନ୍ତୁ ଯେଉଁଠି ନାରୀ ଅତ୍ୟାଚରିତା, ଅବହେଳିତ ଓ ଅପମାନିତା ସେଠି ଶାନ୍ତି ଓ ପ୍ରଗତି ର ସ୍ୱପ୍ନ ଦେଖିବା ସୁଦୂର ପରାହତ। ନାରୀ କେବଳ ଭୋଗ୍ୟର ବସ୍ତୁ କ ସନ୍ତାନ ଜନ୍ମ କରିବା ମେସିନ ନୁହଁ । ନାରୀ ର ସ୍ଥାନ ବହୁତ ଉଚ୍ଚରେ । ସମାଜରେ ତେଣୁ ନାରୀର ଆବଶ୍ୟକତା ବହୁ ଗୁଣରେ। ଆମ ଦେଶ ଉନ୍ନତି କରିନ କାରଣ ଆମେ ଜୀବନ୍ତ ଶକ୍ତିପ୍ରତିମା କୁ ପୂଜା କରିବା ଶିଖିନୁ। ଯଥାର୍ଥରେ ମନୁ କହିଛନ୍ତି -

"ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ ରମନ୍ତେ ତତ୍ର ଦେବତା"

ଅର୍ଥାତ୍ ଯେଉଁଠାରେ ନାରୀ ଜାତିର ପୂଜା କରାଯାଏ ସେଠାରେ ଦେବତା ବିହାର କରନ୍ତି। ନାରୀର ମର୍ଯ୍ୟାଦାକୁ ସ୍ୱୀକାର କରି କେଉଁ ବୈଦିକ ଯୁଗରୁ ଭାରତରେ ଏହି ବାଣୀଟି ପ୍ରଚଳିତ ହୋଇ ଆସିଛି। ଭାରତରେ ନାରୀ ଶିକ୍ଷାର ଇତିହାସ ସୁପ୍ରାଚୀନ। ବୈଦିକ ଯୁଗରେ ନାରୀମାନେ ଉପନୟନ ଉତ୍ସବରେ ପବିତ୍ର ଉପବୀତ ଧାରଣ କରି ବ୍ରହ୍ମଚର୍ଯ୍ୟ ଅବଲମ୍ବନ ପୂର୍ବକ ବେଦ, ବେଦାନ୍ତ ଓ ଶାସ୍ତ୍ର ପୁରାଣ ଆଦି ପାଠ କରୁଥିଲେ। ଭବଭୂତିଙ୍କ ରଚିତ "ଉତ୍ତର ରାମଚରିତ" ରେ ଅତ୍ରେୟୀ ବାଲ୍ମୀକ ଆଶ୍ରମରେ ବେଦାନ୍ତ ଅଧ୍ୟୟନ କରିବା, "ବୃହଦାରଣ୍ୟକ" ଉପନିଷଦ ଅନୁଯାୟୀ ଜନକଙ୍କ ରାଜସଭାରେ ଗାର୍ଗୀଙ୍କ ପ୍ରଶ୍ନବାଣରେ ମହର୍ଷି ଯାଜ୍ଞବଲକ୍ୟ ଉତ୍ତର ଦେଇ ନପାରିବା, ତଥା ନିଜ ପତ୍ନୀ ମୈତ୍ରେୟୀଙ୍କ ଜ୍ଞାନ ଆଗରେ ମଧ୍ୟ ପରାଜୟ ସ୍ୱୀକାର କରିବା ଆଜିବି ଉଲ୍ଲିଖିତ ହୋଇ ରହିଛି। ସେହିପରି ଗଣିତ ଶାସ୍ତ୍ର ବିଶାରଦ ଲୀଳାବତୀ ଖନା, ଆପଲା, ଯମୀ, ଦେବହୂତି, ଭାନୁମତୀ ଓ ପ୍ରବୀଣାବାଇ ପ୍ରଭୃତି ମହୀୟସୀ ନାରୀମାନେ ନିଜର ଜ୍ଞାନ ପାଇଁ ଯୁଗେ ଯୁଗେ ଅମର

ହୋଇ ରହିଛନ୍ତି। ସଂସାର ରୂପକ ରଥରେ ନାରୀ ଓ ପୁରୁଷ ଉଭୟ ଦୁଇଟି ଚକ ସଦୃଶ୍ୟ। ଉଭୟେ ଉଭୟଙ୍କର ପରିପୂରକ। ଗୋଟିକ ର ବ୍ୟତିରେକେ ଅନ୍ୟଟି ଅଚଳ ପ୍ରାୟ ବା ଗୋଟିଏ ଦୁର୍ବଳ ହେଲେ ଅନ୍ୟ ଉପରେ ବିଶେଷ ମାଡ଼ ପଡିଥାଏ। ତେଣୁ ଈଶ୍ୱର ସଂସାରକୁ ସୁନ୍ଦର ଓ ସୁଗଠିତ କରିବା ପାଇଁ ନାରୀ ଓ ପୁରୁଷ ଉଭୟ ସୃଷ୍ଟି କରିଛନ୍ତି। ଆଉ ସେଥିପାଇଁ ବୋଧେ ପୃଥିବୀର ପ୍ରଥମ ପୁରୁଷ ମନୁ ଓ ପ୍ରଥମ ନାରୀ ଶତରୂପାଙ୍କ କଥା ବର୍ଣ୍ଣିତ ଅଛି।

କିନ୍ତୁ ମଧ୍ୟଯୁଗରେ ଏହି ନାରୀ ସ୍ୱାଧିନତାର ଚରମ ଦୁର୍ଗତି ଘଟିଥିଲା। ମୁସଲମାନ ଶାସନ କାଳରେ ପରଦା ପ୍ରଥାର ପ୍ରଚଳନ ଦ୍ୱାରା ନାରୀକୁ ଗୃହ ବନ୍ଦିନୀ କରି ତା'ର ସମସ୍ତ ସ୍ୱାଧୀନତା ଓ ସ୍ୱତନ୍ତ୍ରତାକୁ ରସାତଳଗାମୀ କରାଯାଇଥିଲା। ଉନବିଂଶ ଶତାବ୍ଦୀର ନବଜାଗରଣ ପ୍ରକ୍ରିୟାରେ ଇଂରେଜ ମିଶନାରୀମାନେ ନାରୀ ଶିକ୍ଷାର ପ୍ରସାର ନିମନ୍ତେ ଉଦ୍ୟମ କରିଥିଲେ ମଧ ଜନ ସହଯୋଗ ଅଭାବରୁ ତାହା ସଫଳ ହୋଇ ପାରିନଥିଲା। ଏହାର ପରବର୍ତ୍ତୀ ସମୟରେ ରାଜା ରାମମୋହନ ରାୟ, ଈଶ୍ୱର ଚନ୍ଦ୍ର ବିଦ୍ୟାସାଗର, ମଧୁସୂଦନ ରାଓ ଏବଂ ବିଶ୍ୱନାଥ କରଙ୍କ ଭଳି ମହାନାୟକମାନେ ନାରୀ ଶିକ୍ଷାର ପ୍ରଚାର ଓ ପ୍ରସାର କରି ଆଦର୍ଶ ସୃଷ୍ଟି କରିପାରିଛନ୍ତି। ୧୮୫୭ ପରେ ଭାରତ ଶାସନଭାର ଇଷ୍ଟ ଇଣ୍ଡିଆ କମ୍ପାନୀ ଅଧିନକୁ ଯିବା ପରେ ନାରୀ ଶିକ୍ଷାର ଅଗ୍ରଗତି ହୋଇଥିଲା। ଏହାର ଫଳ ସ୍ୱରୂପ ଉନବିଂଶ ଶତାବ୍ଦୀର ଶେଷ ବେଳକୁ ମହିଳାମାନଙ୍କୁ ଡାକ୍ତରୀ ଶିକ୍ଷା ଦେବା ପାଇଁ "ଲେଡି ଡଫରିନ୍ ଫଣ୍ଡ" ନାମକ ପାଣ୍ଠି ସୃଷ୍ଟି କରାଯାଇଥିଲା। ଜାତିର ଜନକ ମହାତ୍ମା ଗାନ୍ଧୀ ମଧ ନାରୀ ଶିକ୍ଷା, ପ୍ରଗତି ଓ କଲ୍ୟାଣ ଉପରେ ଧ୍ୟାନ ଦେଇଥିଲେ। ସ୍ୱାଧୀନତା ପ୍ରାପ୍ତି ପରେ ସମ୍ବିଧାନରେ ନାରୀ ଓ ପୁରୁଷମାନଙ୍କୁ ସମାନତା ଦିଆଯିବା ପରେ ୧୯୫୯ରେ ଶ୍ରୀମତି ଦୁର୍ଗାବାଇ ଦେଶମୁଖଙ୍କ ଅଧକ୍ଷତାରେ ନାରୀ ଶିକ୍ଷା ପାଇଁ ଜାତୀୟ କାଉନସିଲ ଗଠନ କରାଯାଇଥିଲା।

ଓଡ଼ିଶାରେ ନାରୀ ଶିକ୍ଷା ପ୍ରସାରରେ ଶୈଳବାଳାଙ୍କ ମୁଖ୍ୟ ଭୂମିକା ଥିଲା। ୧୯୦୭ରେ ସେ ଇଂଲଣ୍ଡରୁ ପ୍ରଶିକ୍ଷଣ ସମାପ୍ତ କରି ଫେରିବା ପରେ ନାରୀ ଶିକ୍ଷାର ପ୍ରସାର ପାଇଁ ଉଦ୍ୟମ ଆରମ୍ଭ କରିଥିଲେ । ୧୯୦୮ ଫେବୃଆରୀ ୮ରେ ସେ ରେଭେନ୍‌ସା ବାଳିକା ବିଦ୍ୟାଳୟକୁ ଉଚ୍ଚ ବିଦ୍ୟାଳୟରେ ପରିଣତ କଲେ। ୧୯୧୩ରେ ତାଙ୍କ ଉଦ୍ୟମରେ ରେଭେନ୍ସା ବାଳିକା ବିଦ୍ୟାଳୟ ପରିସରରେ ଆନ୍ତମାଧମିକ ଶ୍ରେଣୀର ପାଠପଢ଼ା ଆରମ୍ଭ ହୋଇଥିଲା। ଏଇଠୁ ହିଁ

ରାଜ୍ୟର ପ୍ରଥମ ମହିଳା କଲେଜ ଶୈଳବାଳା ମହିଳା ମହାବିଦ୍ୟାଳୟର ଭିତ୍ତିଭୂମି ପଡ଼ିଥିଲା। ୧୯୫୨ ମସିହା ଅପ୍ରେଲ ୨୮ରେ ଶୈଳବାଳା ମହିଳା କଲେଜର ନୂତନ ଗୃହ ଉଦ୍‌ଘାଟିତ ହୋଇ ମଧୁବାବୁଙ୍କ ସ୍ମୃତିରେ ଏହାର ନାମ "ମଧୁସୂଦନ ମହିଳା ମହାବିଦ୍ୟାଳୟ" ରଖିବାକୁ ଶୈଳବାଳା ପ୍ରସ୍ତାବ ଦେଇଥିଲେ। ମାତ୍ର ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀ ନାରୀ ଶିକ୍ଷାରେ ଶୈଳବାଳାଙ୍କ ବିଶେଷ ଅବଦାନ ପାଇଁ ଏହାର ନାମ "ଶୈଳବାଳା ମହିଳା ମହାବିଦ୍ୟାଳୟ" ରଖିଥିଲେ। ସେହିପରି ମୁସଲମାନ ସମ୍ପ୍ରଦାୟରେ ନାରୀ ଶିକ୍ଷାର ପ୍ରଚାର ଓ ପ୍ରସାର କ୍ଷେତ୍ରରେ ନିକଟ ଅତୀତରେ ମଲାଲା ୟୁସୁଫଜାଇଙ୍କ ସଂଘର୍ଷ ଓ ଉଲ୍ଲେଖନୀୟ ଅବଦାନ ପାଇଁ ମାତ୍ର ୧୪ ବର୍ଷ ବୟସରେ ପାକସ୍ତାନ ସରକାରଙ୍କ ପକ୍ଷରୁ ଯୁବ ଶାନ୍ତି ପୁରସ୍କାର, ୟୁନିସେଫ ଦ୍ୱାରା ଆନ୍ତର୍ଜାତିକ ଶିଶୁ ଶାନ୍ତି ପୁରସ୍କାର ଏବଂ ୨୦୧୪ରେ ମଲାଲାଙ୍କୁ ସର୍ବକନିଷ୍ଠ ଭାବେ ନୋବେଲ ଶାନ୍ତି ପୁରସ୍କାରରେ ସମ୍ମାନିତ କରାଯାଇଥିଲା।

"ଶିକ୍ଷା" ଶବ୍ଦଟିର ପରିଭାଷା ଗୋଟିଏ ବାକ୍ୟରେ ପ୍ରକାଶ କରିବା ଅସମ୍ଭବ। ଶିକ୍ଷିତ ହେବାର ଅର୍ଥ କେବଳ କୌଣସି ଅନୁଷ୍ଠାନରେ ଶିକ୍ଷାଗ୍ରହଣ କରିବାରେ ସୀମିତ ନୁହେଁ । 'ଶିକ୍ଷିତ' ଓ 'ମୂଢ଼' ର ବିଚାର କେବଳ ବିଦ୍ୟାଳୟ ଯିବା ବା ନଯିବା ଉପରେ ନିର୍ଭର କରେନାହିଁ। ଯଦି ଆମେ 'ନାରୀ ଶିକ୍ଷା' କଥା କହିବା, ନାରୀଟି ସବୁବେଳେ ଶିକ୍ଷିତ । ଅବଧୂତ ଯେପରି ପ୍ରକୃତିର ବିଭିନ୍ନ ଉତ୍ସରୁ ଚବିଶଟି ଗୁରୁଙ୍କୁ ଗ୍ରହଣ କରିଥିଲେ, ନାରୀଟିଏ ମଧ୍ୟ ନିଜ ପାରିପାର୍ଶ୍ୱିକ ସ୍ଥିତିରୁ ହିଁ ଜୀବନର ମୌଳିକ ଶିକ୍ଷା ଆହରଣ କରେ । କେବେ ଚାଟଶାଳୀ ମାଟି ମାଡିନଥିବା ଗୃହିଣୀ ଟିଏ, ନିଜ ଘରର ଆୟ-ବ୍ୟୟର ହିସାବ ରଖେ, ରୋଷେଇରେ ତେଲ-ମସଲାର ସନ୍ତୁଳନ ରଖେ, ପରିବାର ସଦସ୍ୟଙ୍କର ସ୍ୱାସ୍ଥ୍ୟର ଯତ୍ନ ନିଏ ଓ ସର୍ବ ପରି ପିଲାମାନଙ୍କୁ ସଂସ୍କାର ଶିକ୍ଷାଦେଇ ଭଦ୍ର ଓ ମାର୍ଜିତ କରେ । ଯେତେବେଳେ ଆମେ କହୁ ମାଆ ହିଁ ଶିଶୁର ପ୍ରଥମ ଗୁରୁ, ସେତେବେଳେ ଆମେ ଚିନ୍ତା କରୁନା ଯେ ମାଆ କୌଣସି ଆନୁଷ୍ଠାନିକ ଶିକ୍ଷା ଗ୍ରହଣ କରିଛି ନା ନାହିଁ। ଜୀବନରେ ମାଆଠାରୁ ଭଲ ଗୁରୁ କେହି ହୋଇପାରେନା। ଏକ ନାରୀ ହିଁ ସୃଷ୍ଟି। ନାରୀ କାଳେ କାଳେ କରି ଆସିଛି ନିଜ ଶ୍ରେଷ୍ଠତ୍ୱ ର ପ୍ରତିପାଦନ। ପୌରାଣିକ ଯୁଗର ମାତା ସୀତା ହୁଅନ୍ତୁ କି ଏବେ ର ବିଜ୍ଞାନ ଯୁଗ ର ନାରୀ ପ୍ରତି ଟି କ୍ଷେତ୍ର ରେ ନିଜ ଉତ୍କର୍ଷତା ପ୍ରତିପାଦିତ କରିପାରିଛନ୍ତି। ଘରର ଚାରି କାନ୍ଥ ରୁ ବାହାରି ସମାଜ ର ପ୍ରତିଟି କ୍ଷେତ୍ର ରେ ନିଜକୁ ସାବ୍ୟସ୍ତ କରି ପରିଛନ୍ତି। ସେ ନିଜ ସନ୍ତାନ ପାଇଁ ସର୍ବଂସହା ମାଆ ହୋଇ ପାରେ ତ କର୍ମ କ୍ଷେତ୍ର ରେ ସାଜିପାରେ ତ୍ରାଣ କର୍ତ୍ତ୍ରୀ। ସେ ସାଜି ପାରେ ମହାକାଶ ଅଭିଯାନ ର ମୁଖ୍ୟ, ଜଣେ ରାଷ୍ଟ୍ର ମୁଖ୍ୟ ସମଗ୍ର ଦେଶ ର ଅର୍ଥନୀତି

କୁ ନିର୍ଦ୍ଧାରଣ କରୁଥିବା ଅର୍ଥ ମନ୍ତ୍ରୀ, ସେ ହୋଇ ପାରେ ପ୍ରଧାନ ମନ୍ତ୍ରୀ, ବହୁରାଷ୍ଟ୍ରୀୟ କମ୍ପାନୀର ମୁଖ୍ୟ ସେନା ର କମାଣ୍ଡର, ସୁରର ମୁକୁଟ ବିହୀନ ମହାରାଣୀ ତ ପୁଣି ଦେଶର ଟେକ ରଖୁଥିବା ଜଣେ ଜଣେ ମହାନ ଖେଳାଳି।

ଏଇ କିଛି ବର୍ଷ ଭିତରେ ନାରୀମାନେ ଉଚ୍ଚ ଶିକ୍ଷା ଦିଗରେ ଅନେକ ଅଗ୍ରସର ହେଲେଣି। ଏପରି କୌଣସି କ୍ଷେତ୍ର ନାହିଁ, ଯେଉଁଠି ସେମାନେ ନିଜର ଦକ୍ଷତା ପ୍ରତିପାଦନ କରି ନାହାନ୍ତି। ଏ ବିଷୟରେ ଅନେକ ତର୍କ ବିତର୍କ, ଆଲୋଚନା ମାନ ହୋଇସାରିଛି ଏବଂ ହେଉଛି ମଧ। ନବଜାଗରଣର ପ୍ରଭାବ ଅନେକ ବର୍ଷ ଯାଏ ଆମ ସମାଜରେ ପଡି ନଥିଲା। ଆଜିଠାରୁ ପଚାଶବର୍ଷ ତଳେ, ଝିଅ ଟିଏ ଯେବେ ବିଭା ହୋଇ ଶାଶୁ ଘରକୁ ଆସୁଥିଲା, ତା ମନରେ ଗଣ୍ଠି ବାନ୍ଧି ଆସୁଥିଲା, ଯେ ସେଘରୁ ତା' କୋକେଇ ହିଁ ବାହାରିବ। ଅର୍ଥାତ୍ ଯେତେ ଦୁଃଖକଷ୍ଟ, ଝଡ଼ଝଞ୍ଜା ଆସିଲେ ମଧ ସେ ଘରର ଚଉକାଠ ଡେଇଁବା କଥା ଚିନ୍ତା ସୁଦ୍ଧା କରୁ ନ ଥିଲା। ସବୁ ସମସ୍ୟା ଆଗରେ ମୁଣ୍ଡ ପାତି ଦେଉଥିଲା। କାରଣ ଛୋଟବେଳୁ ହିଁ ତାକୁ ଶିକ୍ଷା ଦିଆଯାଇଥିଲା ଯେ ନାରୀ ହେଉଛି ସର୍ବଂସହା, ତ୍ୟାଗର ମୂର୍ତ୍ତୀ ।

ଆଜିଠାରୁ ତିରିଶ ବର୍ଷ ତଳ କଥା ବିଚାର କଲେ ଦେଖିବା, ନବଜାଗରଣର କିଛି କିଛି ପ୍ରଭାବ ପଡିସାରିଥିଲା। ଝିଅ ମାନେ ବିବାହ ପୂର୍ବରୁ ପ୍ରାୟ ହାଇସ୍କୁଲ ଶିକ୍ଷା ସମାପ୍ତ କରିପାରୁଥିଲେ। (ଯଦିଓ ଅନେକ ପଛୁଆ ଅଞ୍ଚଳରେ ଆଜି ବି ଝିଅ ପିଲା ମାନେ ପାଠପଢାରୁ ବଞ୍ଚିତ) ସେମାନେ ନିଜ ପୂର୍ବପିଢି ତୁଳନାରେ ପାରିବାରିକ ଓ ସାମାଜିକ କ୍ଷେତ୍ରରେ ଅଧିକ ସାମର୍ଥ୍ୟ ପ୍ରଦର୍ଶନ କଲେ । ଅନେକ ମହିଳା ଆର୍ଥିକ ରୂପେ ସ୍ୱାବଲମ୍ବୀ ହୋଇ ପାରିଲେ । ସେମାନେ ଅଧିକ ସୁଚାରୁ ରୂପେ ପରିବାରର ଯତ୍ନ ନେଲେ। ତଥାପି ଦି ପିଢିଙ୍କ ଭିତରେ ଏକ ସାମଞ୍ଜସ୍ୟ ରହିଲା, ତାହାହେଲା ସହନଶୀଳତା ଗୁଣ । ଏବେ ଆମ ସମୟକୁ ଆସିବା। ବର୍ତ୍ତମାନ ଉଚ୍ଚ ଶିକ୍ଷା କ୍ଷେତ୍ରରେ ପ୍ରାୟତଃ ଲିଙ୍ଗଭେଦ ଉଭେଇ ଯାଇଛି । ଏହା ସୁଖର କଥା ଯେ ନାରୀ ପୁରୁଷର କାନ୍ଧରେ କାନ୍ଧ ମିଶାଇ ଚାଲିବା ଶିଖି ଯାଇଛି । ସବୁକ୍ଷେତ୍ରରେ ସେ କେବଳ ପ୍ରବେଶ କରିନି, ନିଜର ଶତ ପ୍ରତିଶତ ଦକ୍ଷତା ପ୍ରତିପାଦନ କରିଛି । ସେ ଏବେ ସ୍ୱୟଂସମ୍ପୂର୍ଣ୍ଣା । ସେ କେବଳ ପରିବାରର ଯତ୍ନ ନିଏନି, ପରିବାରର ଆର୍ଥିକ ମେରୁଦଣ୍ଡକୁ ମଧ ଶକ୍ତ କରିଛି। ସେ ଆଉ ଏବେ ଅତ୍ୟାଚାରିତ, ଅବହେଳିତ ନୁହେଁ। ଅନ୍ୟାୟ ବିରୋଧରେ ନାରୀ ଆଜି ନିଜ ସ୍ୱରକୁ ଶାଣିତ କରିଛି। ଏହା ହିଁ ନାରୀ ଶିକ୍ଷାର ଯଥାର୍ଥତାକୁ ଦର୍ଶାଇବାକୁ ଯଥେଷ୍ଟ। ତେବେ, ଏଠି ଗୋଟିଏ କଥା ଲକ୍ଷ୍ୟ କରିବା....

ପୂର୍ବ ଅପେକ୍ଷା ଏବେ ଏକକ ପରିବାରର ପ୍ରଚଳନ, ଗୁରୁଜନ ମାନଙ୍କୁ ଅଣଦେଖା, ବିବାହ ବିଚ୍ଛେଦ, ଯାବତୀୟ ବିଶୃଙ୍ଖଳା ଏ ସବୁ ନାରୀ ଶିକ୍ଷାର ପ୍ରଭାବ ନୁହେଁ ତ !!

ମୁଦ୍ରା ର ଦୁଇ ପାର୍ଶ୍ୱଭଳି ସବୁ ଜିନିଷର ଭଲ ଓ ଖରାପ ଉଭୟ ଦିଗ ଥାଏ । ଉଚ୍ଚଶିକ୍ଷିତ ନାରୀ ଅଧିକ ସ୍ୱାଧୀନଚେତା ହୋଇ ଅନ୍ୟକୁ ଅନାଦର କରିବାର ଦୃଷ୍ଟାନ୍ତ ଅନେକ । ଯାହା ମନରେ ଅହଙ୍କାର ଆଣେ, ଜୀବନରେ ବିଶୃଙ୍ଖଳା ଆଣେ ତାହା କେବେ ଶିକ୍ଷା ପଦବାଚ୍ୟ ହୋଇପାରେନା। ଆମ ଶିକ୍ଷାବ୍ୟବସ୍ଥାର ଦୁର୍ବଳତା ଏକ ଭିନ୍ନ ପ୍ରସଙ୍ଗ । କିନ୍ତୁ ନାରୀ ଶିକ୍ଷାର ମୁଖ୍ୟ ସ୍ରୋତ ହେଉଛି 'ମାଆ', ଏକଥା ସ୍ୱୀକାର କରିବାକୁ ହେବ। ମାଆଟିଏ ଘର-ପରିବାର, ଆଚାର - ବ୍ୟବହାର, ସେବା ତ୍ୟାଗ, ସହନଶୀଳତା, ସଚ୍ଚରିତ୍ରତା ବିଷୟରେ ଯେଉଁ ଶିକ୍ଷା ଦେଇପାରେ ତାହା ବିଶ୍ୱର କୌଣସି ଅନୁଷ୍ଠାନ ଯୋଗାଇ ପାରେନି। ମା' ଦେଇଥିବା ଶିକ୍ଷା ହିଁ ସୁଖୀ ସଂସାରର ମୂଳଦୁଆ । ଅନୁଷ୍ଠାନିକ ଶିକ୍ଷା ନାରୀକୁ ଦୃଢ କରି ଗଢି ତୋଳେ, ତା'ର ଆତ୍ମବିଶ୍ୱାସ ବଢାଏ, ନିଜ ଅଧିକାର ବିଷୟରେ ସଚେତନ କରେ, ଯାହା ଦ୍ୱାରା ସେ ନିଜକୁ ଅତ୍ୟାଚାରିତ ହେବାରୁ ରକ୍ଷା କରିପାରେ, ପରିବାର ଭିତରେ ହେଉ ବା ବାହାରେ। ତା ସହିତ ମାଆ ଦେଇଥିବା ନାରୀସୁଲଭ ଜ୍ଞାନ, ତାକୁ ସୁନ୍ଦର ଓ ସୁସ୍ଥ ପରିବାର ଓ ସମାଜ ଗଢିତୋଳିବାରେ ସାହାଯ୍ୟ କରେ । ସମ୍ପର୍କକୁ ସମ୍ମାନ ଦେବା ଶିଖାଏ। ଯେମିତିକି ପୂର୍ବରୁ କହିଥିଲି, ନାରୀଟିଏ ସ୍କୁଲ ଯାଉ ବା ନ ଯାଉ, ସେ ସବୁବେଳେ ଶିକ୍ଷିତା। ଆଉ ଆଧୁନିକ ଶିକ୍ଷା ତାକୁ ଆହୁରି ମାର୍ଜିତ କରେ, ତାର ଦକ୍ଷତାକୁ ଶାଣିତ କରେ । ନାରୀ ଶିକ୍ଷାର ଯଥାର୍ଥତାକୁ ନେଇ ଆଜିର ସମୟରେ ପ୍ରଶ୍ନ କରିବା ନିରର୍ଥକ କାରଣ ଶିକ୍ଷା ହେଉଛି ଲିଙ୍ଗ ନିର୍ବିଶେଷରେ ବ୍ୟକ୍ତିବିଶେଷର ମୌଳିକ ଅଧିକାର।

ନାରୀ ଶିକ୍ଷାର ପ୍ରସାର ତଥା ସଚେତନତା ଫଳରେ ଅନ୍ଧବିଶ୍ୱାସର ଅର୍ଗଳ ଭିତରୁ ମୁକୁଳି ଆସି ନିଜକୁ ଏକ ନୂଆ ରୂପରେ ପ୍ରକଟ କରିପାରିଛି ଯୁଗ ଯୁଗ ଧରି ପିତୃକୈନ୍ଦ୍ରିକ ପ୍ରତାରଣା ଓ ଶଠତାରେ ସଢୁଥିବା ନାରୀ । ସେ ଶିକ୍ଷିତା ହୋଇଛି, ସ୍ୱାବଲମ୍ବୀ ହୋଇଛି ଏବଂ ନିଜର ଅଧିକାର ଜାହିର କରିବା ସହ ପୁରୁଷକୈନ୍ଦ୍ରିକତାକୁ ପ୍ରତିହତ କରିପାରିଛି ନିଜର ଦମ୍ଭିଲାପଣ ନେଇ । ବୃତ୍ତିଗତ ଜୀବନ ନାରୀକୁ ଆଣିଦେଇଛି ଅର୍ଥନୈତିକ ସ୍ୱାଧୀନତା । ରାଜନୀତି କ୍ଷେତ୍ରରେ ସ୍ଥାନ ସଂରକ୍ଷଣ ବ୍ୟବସ୍ଥା ନାରୀକୁ ଦେଇଛି ନେତୃତ୍ୱ ନେବାର ମୁକ୍ତ ଅବସର । ଏବେ ପଞ୍ଚାୟତଠାରୁ ଜିଲ୍ଲାସ୍ତର ପର୍ଯ୍ୟନ୍ତ ସ୍ଥିର ହୋଇସାରିଛି ସେମାନଙ୍କ ଆନୁପାତିକ ପ୍ରତିନିଧିତ୍ୱ ।ବୈଷୟିକ ସଂସ୍କୃତି ର ସଂକ୍ରମଣରୁ ସୃଷ୍ଟି ହୋଇଛି

ନାରୀ ମାନସିକତାର ନୂଆ ପ୍ରକରଣ । ପାରମ୍ପରିକ ବିଗ୍ରହବୋଧର ବଳୟ ଭିତରୁ ମୁକୁଳି ଆସିବା ଦ୍ୱାରା ଅପସରିଯାଇଛି ପ୍ରଚଳିତ ପରମ୍ପରାକୁ ମାନି ଚଳିବାର ଦୁର୍ବଳ ମାନସିକତା । ନାରୀ ପରମ୍ପରାକୁ ନେଇ ପୁରୁଷର ମଗଜକୁ ଉତୁରି ଆସୁଥିବା ପ୍ରଶ୍ନବାଣରେ ନାରୀ ଆଉ ଲହୁଲୁହାଣ ହେଉନି କି ମିଛ ମୂଲ୍ୟବୋଧର କୁହୁକରେ ପୋଷା ମାନି କାଟିଦେଉନି ଆପଣା ଇଚ୍ଛାର ଡେଣା । ବରଂ ନାରୀ ଲାଞ୍ଛନାର ପ୍ରତିଟି ଅଧ୍ୟାୟକୁ ଅତିକ୍ରମକରି ପ୍ରମାଣ କରିପାରିଛି-ନାରୀ ଅବଳା ନୁହେଁ କି ଜଞ୍ଜାଳ ନୁହେଁ । ବଂଶରକ୍ଷାଠାରୁ ଶ୍ରାଦ୍ଧତର୍ପଣ ଯାଏ ସବୁ କ୍ଷେତ୍ରରେ ରହିଛି ପୁରୁଷ ସହ ତା'ର ସମାନ ଅଧିକାର । ଅତଏବ ନାରୀ ଆଜି ପାରମ୍ପରିକ ଜୀବନବୋଧରୁ ମୁକ୍ତହୋଇ ଆପଣେଇ ନେଇଛି ଜଗତୀକରଣ ବ୍ୟବସ୍ଥାର ଉନ୍ନତ ଜୀବନଶୈଳୀ। ତେବେ ଏତେସବୁ ଅଧିକାର ହାସଲ କରିସାରିବା ପରେ ଆଉ ପୁଣି କାହିଁକି ଉଠୁଛି ନାରୀ ସଶକ୍ତୀକରଣର ସ୍ୱର ? ସବୁ ସଜାଗ ଓ ସତର୍କତା ସତ୍ତ୍ୱେ ସମାଜରୁ କାହିଁକି ଅନ୍ତ ହେଉନି କନ୍ୟାଭ୍ରୂଣ ହତ୍ୟା, ଯୌତୁକ ନିର୍ଯାତନା, ଯୌନ ଶୋଷଣ ତଥା ଗଣବଳାତ୍କାର ଭଳି ନାରୀ ନିର୍ଯାତନାର କଳଙ୍କିତ ଅଧ୍ୟାୟ ?

ଟିଟିଲାଗଡ଼, ବଲାଙ୍ଗୀର

ବେଦାନ୍ତୀକୁ ପଢିବା ସଙ୍ଗେ ସଙ୍ଗେ ଆପଣମାନଙ୍କୁ ଅନୁରୋଧ ଯେ ଆପଣଙ୍କ ପରିବାର ଏବଂ ସମ୍ପର୍କୀୟଙ୍କୁ ମଧ୍ୟ ଏହା ପଠାନ୍ତୁ । ଏହାଦ୍ୱାରା ଓଡିଆ ଭାଷାର ଲୋକପ୍ରିୟତା ନିଶ୍ଚିତ ରୂପେ ବଢିପାରିବ

# ପ୍ରସଙ୍ଗ - ଆମ ଓଡିଶା



ସରୋଜ କୁମାର ସାହୁ

ଏଇ ମାଟିର ଶିକ୍ଷା ସଂସ୍କୃତି
ମହାନ ଗ୍ୱରୁକଳା
ଆଦିବାସୀଙ୍କ ପଲ୍ଲୀର ଗୀତ
ଦାସକାଠିଆ ପାଲା।
ଗଢିତୋଳିଛି ଏଇ ମାଟିରେ
ବାରବାଟୀର ଦୁର୍ଗ
ପାଇକପୁଅ ସ୍ୱାଧୀନ ପାଇଁ
ଉଠାଇଥିଲା ଖଡଗ୍।
ବାଜିଗ୍ୱଉତ ଧର୍ମପଦଙ୍କ
ସ୍ୱାଧୀନ ବୀର ଗାଥା
ହାତୀଗୁମ୍ଫାରେ ଅଛି ଖୋଦେଇ
ଖାରବେଳଙ୍କ କଥା।
ରଚଲେ ଗଳ୍ପ କାବ୍ୟକବିତା
ପାଣିଗ୍ରାହୀ ଗ୍ୱଧାନାଥ
ପ୍ରସିଦ୍ଧିହେଲା ଦେଶବିଦେଶେ
କୋଣାର୍କର ଗ୍ୱରୁଚନ୍ଦ୍ର।
ବିଶ୍ୱପ୍ରସିଦ୍ଧ ଓଡିଶୀନୃତ୍ୟ
ପୁରୀର ରଥଯାତ୍ରା
ଚିଲିକାକୂଳ ପକ୍ଷୀବିହାର
ବରଗଡ ଧନୁଯାତ୍ରା।

ମନ୍ଦିରମାଳିନୀ ଭୁବନେଶ୍ୱରରେ
ଗ୍ୱଜାଗ୍ୱଣୀ ଲିଙ୍ଗଗ୍ୱଜ
ମହାନଦୀକୂଳେ ଏବେ ମୂକସାକ୍ଷୀ
କାଠଯୋଡି ପଥରବନ୍ଧ।
ବଳଗ୍ୱମ ଦାସ ଦାସିଆ ବାଉରୀ
ଅନ୍ଧ ଭିମଭ୍ୱେଇ ସନ୍ଥ
ସାରଳା ମହାଭ୍ୱରତ ଦାସ ଗ୍ୱମାୟଣ
ଓଡିଆର ଆଦିଗ୍ରନ୍ଥ।
ପାହାଡଘେଗ୍ୱ ବଣଜଙ୍ଗଲ
ଝରଣାକୂଳ ଶୀତ
ସୁନ୍ଦରବନ ଭିତରକନକା
ଧଉଳର ବାଲିସ୍ତୁପ।
ପ୍ରକୃତିଭଗ୍ୱ ଆମ ଓଡିଶା
ଡୁଡୁମା ଡାରିଙ୍ଗବାଡି
ସୁନାଗ୍ୱନ୍ଦିର ହସ୍ତଶିଳ୍ପକୁ
ମାଣିଆବନ୍ଧି ପାଟଶାଢୀ।
ଓଡିଆମାଟିର ଗର୍ବଗୌରବ
ଆମର ମାତୃଭ୍ୱଷା
ସ୍ୱାଭୀମାନ ରୂପେ ଜନମ ଆମେ
କରିବୁ ତାହାରି ସୁରକ୍ଷା।

ଆଠଗଡ, କଟକ

# ପୃଥିବୀକୁ ବିଶ୍ରାମ ଲୋଡା

ଦିନବଂଧୁ ବେଜ

ଦେଖ ପୃଥିବୀଟା
ଘିରିଘିରି ନଟୁ ପରି ଘୂରୁଛି,
ଢଳ ଢଳ ଘୂରି ସିଏ
କେତେ ଦଣ୍ଡ କେତେ ଲିତା
ଆମ୍ଭ ପାଇଁ ଆଣୁଛି ।
ସ୍ୱରୂଜ ମଇଦାଣ୍ଡି ସାଜିଛି
ମହାକାଶ ଖଳାରେ,
ପୃଥିବୀଟି ହସିହସି ବୁଲୁଅଛି
ତାର ଚଉ ପାଶେରେ ।
ଚକରି ପରିକା ଅହ ରହ
ଅବିଶ୍ରାନ୍ତ ଘୂରି ସିଏ
ଆମପାଇଁ ଦିନରାତି କରୁଛି।
ନୀଳ ଜଳୀୟ ପୃଥିବୀଟା
ସ୍ୱରୁଜ ପାରୁଶେ ଘୂରି
ବାରମାସ ଛଅଋତୁ ଆଣୁଛି,
ତିନଶହ ପଞ୍ଚଶଠି ଦିନରେ
କେତେ ପୂଜା କେତେ ପର୍ବ..
ତଥାପି ହୁଏନ ସେ ବ୍ୟସ୍ତ
ତିଳ ତିଳ ଜାଳୁଛି ମଣିଷ ।
ସୃଷ୍ଟିର ଯାବତୀୟ କାର୍ଯ୍ୟ
ହୁଏ ତା ଛାତି ଉପରେ
ପୋଖରୀ ଖୋଳା ହୁଏ
ପଥର ଫଟା ବି ହୁଏ ।
ନଳକୂପ ଖୋଳାଯାଏ
କାର୍‌ଖାନା ଗଢି ଉଠେ
ବସୁମାତା ବହୁ କଷ୍ଟ ପାଏ ।
ଗତିଶୀଳ ହୋଇ ବି ସ୍ଥିର
ଭାବିବାକୁ ନାହିଁ ତାର ଡର
ଘର ଭିତର ଅଳନ୍ଧୁକୁ ବୋହି
ନୀଳକଣ୍ଠ ସାଜି ଅଛି ସିଏ ।
ସମୟକୁ ସମାନ ଭାବରେ
ବାଣ୍ଟି ଗ୍ଲଲିଛ ସମୟକୁ ଦେଇ,
ତେବେ କୁହାଯାଏ ସବୁ ଠିକ୍
ଚକ ଠିକ ଅଖ ଜଦି ଠିକ୍
ତେବେ ପୃଥିବୀକୁ ବିଶ୍ରାମ ଲୋଡ଼ା ।
ମିଳମିଶି ବନ୍ଦ କରିବା ପୃଥିବୀକୁ
ଘଣ୍ଟାର ବାଗ୍ରେଟି କଣ୍ଟା ପରି
ଆମେ ଘୂରିବା ହୋଇ ଟିକ୍ ଟିକ୍ ।

ବାସୁଦେବପୁର, ଭଦ୍ରକ

# ଲୁହରେ ଲେଖୁଛି ଚଠି

କୁମୁଦିନୀ ବେହେରା

କରୋନା ରାକ୍ଷସ ଲୁଟିନେଲା ହସ
ଭାଇଠାରୁ ମୋତେ ରଖି ଦୂରରେ
ରାକ୍ଷୀ ବାନ୍ଧିବାକୁ ଯାଇ ପାରିବିନି
ସେହି କଥା ଭାବି ଏ ମନ ଝୁରେ ।

ସଂସାର ଜଂଜାଳ ପଛରେ ପକାଇ
ଗୋଟିଏ ଦିନ  ହେଉଥିଲେ ମେଳ
ବାଲ୍ୟ ଚପଳତା ସାଉଁଟି ସାଉଁଟି
ଖୁସି ଆନନ୍ଦେ ହେଉ ଥିଲେ ଭୋଳ ।

ବରଷ ଯାକର ସେନେହ ଆଦର
ମୋ ମଥାରେ ଦେଉଥିଲ ଅଜାଡି
ଖଟା ମିଠା ଟିକେ ଅଭିମାନ କଲେ
ବୁଝାଉ ଥିଲ କହି ଅଲିଅଳୀ ।

ସାଇତା ପୁରୁଣା ଅଭିଯୋଗ ସବୁ
ମାଆ ଆଗେ କେତେ ବଖାଣି ଦିଅ
ମୋ ଠାରୁ ଦୂରେଇ ରହୁଛି ଏ ହୁଣ୍ଡି
କହି ଖୋଲି ଦିଅ ଅନ୍ତର କୋହ ।

ବୟସ ଆକଟ ବୁଝେ ନାହିଁ ମନ
ହୋଇ ଯାଏ ତୁମ କୁନି ଭଉଣୀ
କରୋନା ଆକଟେ  ଯାଉନାହିଁ ବୋଲି
ହୃଦୟ ମୋ'ର ହେଉଅଛି ହାଣି ।

କଥା ଦେଇଥିଲ ହୋଇବ ସହାୟ
ଜନମ ଜନମ ପାଇଁ ମୋହର
ଯାଇ ପାରୁନାହିଁ ବୋଲି ତୁମ ପାଖେ
କରିବ ନାହିଁ କେବେ ହତାଦର ।

ଭାଇ ତୁମେ  ମୋର ହୃଦୟ ସ୍ପନ୍ଦନ
ମୁଁ ପରା ତୁମ ହୃଦୟର ହାର
କ୍ଷୀର ନୀର ଭାବ ରହିଅଛି ଆମ
ତୁମ ଆତ୍ମା ପାଖେ ତୋଳଛି ଘର ।

ଭୋଜନ ବେଳରେ ଦେଖିବ ମୋ ମୁଖ
ଦିଶୁଥିବି ବ୍ୟଞ୍ଜନର ପାତ୍ରରେ
ଭାଇ ଭାଇ ଶୁଭୁଥିବ ପ୍ରତିଧ୍ୱନି
ମୋ ପ୍ରତିବିମ୍ବ ନାଚବ ନେତ୍ରରେ ।

ଯେତେ ଦୂରେ ଥିଲେ ଶୁଭ ମନାସି ମୁଁ
କରିବି ସଦା ମଙ୍ଗଳ କାମନା
ଜଗତକରତା ନୁହଁନ୍ତି ନିଷ୍ଠୁର
ଉଡାଇବେ ତୁମ ବିଜୟ ବାନା ।

ପାଖେ ନାହିଁ ବୋଲି ଢାଳବନି ଲୁହ
ଦେଉଅଛି ଭାଇ ରାଣ ମୋହର
ତୁମ ଆଖି ଲୁହେ ଭିଜିଗଲେ ରାକ୍ଷୀ
କିଏ ଆଉ ସାହା ହୋଇବ ମୋର ॥

ଶିକ୍ଷୟିତ୍ରୀ, ଅନୁଗୋଳ

# ଭାଗ୍ୟ ଡୋରି



ନବ କୁମାର ଦାସ

କାଳ ହସ୍ତେ ବନ୍ଧା ଭାଗ୍ୟର ଡୋରିଟେ
କେତେବେଳେ ଛିଡି ଯାଏ
ଚାଲିବା ବାଟରେ ଚାଲୁ ଚାଲୁ କଏ
ଅଧା ବାଟେ ରହିଯାଏ

ଭାଗ୍ୟର ଡୋରି ଟା ଶକ୍ତ ହୋଇ କେବେ
କା' ଭାଗ୍ୟ ରେଖାଟି ଟାଣେ
ଜୀବନ ଜଂଜାଳ ଭୁଲି ଯାଇ ସିଏ
ବଞ୍ଚେ ପ୍ରେମର ପଣ୍ଣେ

ସୁଖ ଦୁଃଖ ଦୁଇ ଅପାସୋଣ୍ଟ ଛାଇ
ଭାଗ୍ୟ ଡୋରି ପରିଚୟ
ଏପାଖେ ସେପାଖେ ଦୁଇ ବନ୍ଧୁ ରହି
ରଖିଥାନ୍ତି କାଳ ଶ୍ରେୟ

କପାଳ ଲିଖନ ହସ୍ତ ରେଖା ପୁଣି
ଭାଗ୍ୟ ଆକାରରେ ଥାଇ
ସମୟ କ୍ରମରେ ଘଟି ଯାଏ ଯାହା
ତାହା ହିଁ ବିଧାନ କହି

କର୍ମ ପୁଣି ଏକ ବିଧାନ ଯେ ଅଟେ
ନଜର ଅର୍ଜିତ ବଳେ
ଯାହା ପାଇଁ ପୁଣି ନୂଆ ଭାଗ୍ୟ ଏକ
ସୃଷ୍ଟି ହୁଏ କଉଶଳେ

ବାଲିଆପାଳ, ବାଲେଶ୍ୱର

# ମନ ମିଶିଲେ ସମୁଦ୍ର ଶୁଖେ



ସୁବଳ ମହାପାତ୍ର

ସୋନପୁର ଗାଁ ର ବ୍ରାହ୍ମଣ ସାହି ଆଉ ମହାନ୍ତି ସାହି ଭିତରେ ଝଗଡା ପ୍ରାୟ ପାଞ୍ଚ ବର୍ଷ ତଳର। କେହି କାହା କଥା ଶୁଣିବାକୁ ନାରାଜ, ଯିବା ଆସିବା ପ୍ରାୟ ବନ୍ଦ। ବ୍ରାହ୍ମଣ ସାହି ଲୋକ ବ୍ରାହ୍ମଣ ଦୋକାନରୁ ସଉଦା ନେବା ବେଳେ ମହାନ୍ତି ସାହି ଲୋକ, ମହାନ୍ତି ଦୋକାନରୁ ସଉଦା ନଅନ୍ତି। କିଛି ସଉଦା ଯଦି କାହା ଦୋକାନରେ ନଥାଏ ତେବେ ବି ବିନା ସଉଦା ରେ ଘରକୁ ଯାଆନ୍ତି ପଛେ କେହି ଅନ୍ୟ ଦୋକାନ ରୁ ସଉଦା ନେବାକଥା ଚିନ୍ତା ବି କରନ୍ତି ନାହିଁ। ବର୍ଷା ଦିନେ ତ ପ୍ରାୟ ସବୁବେଳେ, ତା ସହ ଆହୁରି ବି ବେଳେବେଳେ ଦୁଇ ସାହି ର ଟୋକାଙ୍କ ଭିତରେ ଗଣ୍ଡଗୋଳ ଆରମ୍ଭ ହୋଇଯାଏ । ଆଜି କ୍ରିକେଟ ଖେଳ କୁ ନେଇ ତ କାଲି କ୍ରିକେଟ ପଡିଆ କୁ ନେଇ। ବ୍ରାହ୍ମଣ ସାହି ପିଲା କ୍ରିକେଟ ଖେଳବାକୁ ଆସିବା ବେଳେ ମହାନ୍ତି ସାହି ପିଲା ଫୁଟବଲ ଖେଳବାକୁ ଆସନ୍ତି। ଏମାନେ ଫୁଟବଲ ଖେଳବାକୁ ଆସିଲେ ସେମାନେ ଭଲବଲ ପାଇଁ ପଡିଆ ଖୋଳ ଦିଅନ୍ତି। ଏହିପରି ଭାବରେ ଚାଲିଥାଏ।

କଥାଟି ଆରମ୍ଭ ହୋଇଥିଲା ପ୍ରାୟ ପାଞ୍ଚବର୍ଷ ତଳେ। ସେଥର ବହୁତ ବର୍ଷା ହୋଇଥାଏ। ସବୁଆଡେ ପାଣି, କାଦୁଅ ସରସର। ପାଣିର ଧର୍ମ ତ ତଳକୁ ଗଡ଼ିବା। ଉପର ସାହି ବ୍ରାହ୍ମଣଙ୍କର। ତଳ ସାହି ମହାନ୍ତିଙ୍କର। ପାଣି ସବୁ ଉପରୁ ତଳକୁ ଗଡ଼ି ଆସି ମହାନ୍ତି ସାହି ରେ ପଶିଲା। ମହାନ୍ତି ସବୁ ବିରୋଧ କଲେ, "ତମପଟ ବର୍ଷା ପାଣି ତମେ ରଖ, ଆମ ପଟକୁ ଆସିଲେ ମୁଣ୍ଡ ଗଡିବ"। ଏପଟେ ବ୍ରାହ୍ମଣ ସାହି ଲୋକ ବି କେଉଁ କମ? ସେମାନେ ବି ନଛୋଡବନ୍ଧା। ପାଣି କୁ ଆମେ କାହିଁକି ଅଟକେଇବୁ? ଗଣ୍ଡଗୋଳ ରେ ପ୍ରାୟ ତିରିଶ ସରିକି ଲୋକ ଜଖମ ହେଲା ପରେ ପରିସ୍ଥିତି ଟିକେ ଶାନ୍ତ ପଡିଲା। ଏ ଭିତରେ ପ୍ରାୟ ପାଞ୍ଚ ବର୍ଷ ବିତିଗଲାଣି, କିନ୍ତୁ କେହି କାହାର ମୁହଁ ଚାହାନ୍ତିନି। ମଝିରେ ମଝିରେ କିଛି କିଛି ଗଣ୍ଡଗୋଳ ଲାଗିଥାଏ। ଏମିତି ହିଁ ଚାଲିଥାଏ ସବୁ। ପ୍ରତିବର୍ଷ ବର୍ଷା ଆସିଲେ ଦୁଇ ସାହି ଭିତରେ ଗଣ୍ଡଗୋଳ ହେବା ଥୟ। କେହି ଅଟକେଇ ପାରିବେନି। ପାଣି ତ ଗଡିବ, ସାହି

ରେ ପଶିବ। ତାକୁ ଅଟକେଇବାକୁ କାହାର ଯୁ ଅଛି? ତାକୁ ନେଇ ଦୁଇ ସାହି ଭିତରେ ଗଣ୍ଡଗୋଳ ହବ ହିଁ ହବ।

ଲୁଲୁ ଆଉ ବୁଲୁ ଏକା ଶ୍ରେଣୀରେ ପଢ଼ନ୍ତି। ଏବର୍ଷ ଦଶମ ପରୀକ୍ଷା ଦେବେ। ସବୁବେଳେ ଏମାନଙ୍କ ଭିତରେ ପ୍ରତିଯୋଗିତା ଲାଗିରହେ ଶ୍ରେଣୀରେ ପ୍ରଥମ ହେବାପାଇଁ। ଜଣେ ପ୍ରଥମ ହେଲେ ଆଉ ଜଣେ ଦ୍ୱିତୀୟ। ଲୁଲୁ ବ୍ରାହ୍ମଣ ସାହି ପିଲା। ବୁଲୁ ମହାନ୍ତି ସାହି ପିଲା। ଏକା ସ୍କୁଲ ରେ ଏକା ଶ୍ରେଣୀ ରେ ଦୁହେଁ ନଅ ବର୍ଷ ପଢିଲେଣି, କିନ୍ତୁ ପଞ୍ଚମ ଶ୍ରେଣୀ ପରଠୁ ଆଜିଯାଏଁ କେହି କାହା ସହ ପଦେ କଥା ହୁଅନ୍ତି ନାହିଁ। ମିଶିବାକୁ ତାଙ୍କୁ ଘରୁ ହିଁ ବାରଣ କରାଯାଇଛି। ଇଛା ଥିଲେ ବି ଦୁଇ ସାହିର ଗଣ୍ଡଗୋଳ ଯେତେବେଳେ, କେହି କାହାସହ ନ ମିଶିବା ହିଁ ଭଲ।

ଖରାଦିନ, ମଝିରେ ମଝିରେ କାଳ ବୈଶାଖୀ ହେଉଥାଏ। ଏମିତି ଗୋଟେ କାଳବୈଶାଖୀ ରେ ବର୍ଷା ଆରମ୍ଭ ହୋଇଯାଇଥାଏ। ସେଦିନ ରାତିରେ ପ୍ରବଳ ବର୍ଷା ହେଲା। ପାଣି ସବୁ ଉପରୁ ତଳକୁ ବୋହି ବ୍ରାହ୍ମଣ ସାହି ର ପାଣି ସବୁ ମହାନ୍ତି ସାହିରେ ପଶିଲା। ମହାନ୍ତି ସାହି ବାଲା ଠେଙ୍ଗାବାଡି ଧରି ବ୍ରାହ୍ମଣ ସାହିରେ ପଶିଲେ। ଆଗକୁ ଯିଏ ବି ଆସିଲା ତା ମୁଣ୍ଡ ଫାଟିଲା, ନଚେତ ହାତଗୋଡ ଭାଙ୍ଗିଲା। ଦେଖୁ ଦେଖୁ ବ୍ରାହ୍ମଣ ସାହିରେ ବି ହୁଲସ୍ଥୁଲ ପଡିଗଲା। ବ୍ରାହ୍ମଣ ଟୋକା ସବୁ ଭୁଜାଲି, କାତି, ଟାଙ୍ଗିଆ ଧରି ବାହାରିଲେ। ମହାନ୍ତି ସାହି ରେ ପଶି ବାଡେଇ ଦେଇ ଗଲେ। ଦୁଇ ସାହି ର ଲୋକ ଯାଇ ପୋଲିସ ରେ ଫେରାଦି ହେଲେ। ପୋଲିସ ଆସିଲା ପରେ ପରିସ୍ଥିତି ଟିକେ ଶାନ୍ତ ହେଲା। ଦେଖୁଦେଖୁ ଦୁଇ ଦିନ ବିତି ଯାଇଥାଏ। ଲୁଲୁର ଭାଇ କୁ ମହାନ୍ତି ସାହିର ଲୋକ ବାଡେଇ ମୁଣ୍ଡ ଫଟେଇ ଦେଇଥାନ୍ତି। ଗଭୀର ଆଘାତ ଲାଗିଥାଏ। ଡାକ୍ତର କହିଲେ ତିନଦିନ ଡାକ୍ତର ଖାନାରେ ରହିବାକୁ ପଡିବ। ସେପଟେ ବୁଲୁର ବାପାଙ୍କ ଗୋଡ ଭାଙ୍ଗି ଯାଇଥାଏ। ଦୁହେଁ ଯାକ ଡାକ୍ତରଖାନା ରେ ପଡ଼ିଥାନ୍ତି। ଲୁଲୁ ଆଉ ବୁଲୁ ଏମାନଙ୍କୁ ଖାଇବାକୁ ଦେବାକୁ ଯାଆନ୍ତି। ଦୁହେଁ ଦୁହିଁଙ୍କୁ ଦେଖି ମନ ଦୁଃଖ କରନ୍ତି। ସାଙ୍ଗ ହୋଇ ଖେଳବା ବୟସ ରେ ଏମାନଙ୍କୁ ଏସବୁ ଦେଖିବାକୁ ପଡୁଛି।

ସେଦିନ ଖାଇବାକୁ ଦେଇ ଫେରିଲା ବେଳକୁ ଲୁଲୁ ଡାକିଲା, "ବୁଲୁ"। ଲୁଲୁ ମୁହଁରୁ ନିଜ ନାଁ ଶୁଣି ବୁଲୁ ତା ପାଖକୁ ଆସିଲା। ଦୁହେଁ ଠାରେ ଠାରି ହୋଇ ଡାକ୍ତରଖାନା ରୁ ବାହାରକୁ ଆସିଲେ। ସାହି ସାହି ଭିତରେ ଗଣ୍ଡଗୋଳ ପାଇଁ ବହୁତ ମନଦୁଃଖ କଲେ। ଛୋଟ ବେଳେ ସେମାନେ କେତେ ଖୁସି ରେ ଖେଳୁଥିଲେ, ବୁଲୁଥିଲେ ହେଲେ ଯେଉଁଠି ବଡମାନେ ଏସବୁ କରୁଉଛନ୍ତି, ଏମାନେ ଛୋଟ ଛୁଆ ହୋଇ କଣ କରି ପାରିବେ**??**

ସ୍କୁଲ ଖୋଲିଲା ପରେ, ଲୁଲୁ ଆଉ ବୁଲୁ ଲୁଚି ଲୁଚି ମିଶନ୍ତି। ବହୁତ କଥା ହୁଅନ୍ତି। ଦୁଇ ସାହି ମଧ୍ୟରେ ପୁଣି କେମିତି ସବୁ ସମାଧାନ ହେବ, ସେ ବିଷୟରେ ଚିନ୍ତା କରନ୍ତି। ସ୍କୁଲ ରେ ସାର ସେଦିନ "ସ୍ୱଚ୍ଛ ଭାରତ ଅଭିଯାନ" ବିଷୟରେ କହୁଥିଲେ। କେମିତି ନିଜ ଅଞ୍ଚଳ କୁ ଆମେ ସ୍ୱଚ୍ଛ ରଖିପାରିବା ସେ ବିଷୟରେ ବୁଝାଉଥିଲେ। ଲୁଲୁ, ବୁଲୁ ମୁହଁକୁ ଆଉ ବୁଲୁ, ଲୁଲୁ ମୁହଁକୁ ଚାହିଁଲା। ଆଖି ଆଖିରେ ଦୁହେଁ କିଛି କଥା ହୋଇସାରିଥିଲେ। ସ୍କୁଲ ଛୁଟି ପରେ ଦିହେଁ ସ୍କୁଲ ପଛ ପଡ଼ିଆରେ ବହୁତ ସମୟ ଧରି କଥାବାର୍ତ୍ତା ହେଲେ । ପର ରବିବାର ଦିନ ଲୁଲୁ, ବ୍ରାହ୍ମଣ ସାହିର କିଛି ପିଲାଙ୍କୁ ଧରି ସାହି ସଫା କରିବାରେ ଲାଗି ପଡିଲା। ସାହି ରୁ ଅଳିଆ ସଫା ସହ ରାସ୍ତା କଡେ କଡେ ଡ୍ରେନ ଖୋଳିବାରେ ବି ଲାଗି ପଡିଲେ। ସେପଟେ ବୁଲୁ ମଧ୍ୟ ମହାନ୍ତି ସାହିର କିଛି ପିଲାଙ୍କୁ ଧରି ସାହି ସଫା ସହ ରାସ୍ତା କଡେ କଡେ ଡ୍ରେନ ବି ଖୋଲିଲେ। ଏପଟୁ ଲୁଲୁ, ସେପଟୁ ବୁଲୁ ଡ୍ରେନ ଖୋଳି ଖୋଳି ମଝି ପଡିଆ ପାଖରେ ପହଁଚିଲେ। ଦୁହେଁ ଦୁହିଁଙ୍କୁ ଚାହିଁ, ଡ୍ରେନ ଦୁଇଟିକୁ ଏକାଠି ମିସେଇଦେଲେ।

କିଛିଦିନ ପରେ ବର୍ଷାଦିନ ଆରମ୍ଭ ହୋଇଗଲା। ପ୍ରବଳ ରୁ ପ୍ରବଳ ବର୍ଷାହେଲା। ମହାନ୍ତି ସାହି ର ଲୋକ ଅପେକ୍ଷା କରିଥାନ୍ତି ପାଣି ଆସିବ, କିନ୍ତୁ ପାଣି ଆସୁନଥାଏ। ବ୍ରାହ୍ମଣ ସାହିର ଲୋକ ବି ଏଥର ପ୍ରତିଆକ୍ରମଣ ପାଇଁ ସଜାଗ ହୋଇ ଥାଆନ୍ତି। କିନ୍ତୁ ମହାନ୍ତି ସାହି ଲୋକଙ୍କ ପାଟି ଶୁଣାଯାଉ ନଥାଏ। ବହୁତ ସମୟ ଧରି ପାଣି ନ ଆସିବାରୁ ମହାନ୍ତି ସାହି ଲୋକ ଛତା ଧରି ବାହାରକୁ ଯାଇ ଦେଖିଲା ବେଳକୁ ପାଣି ସବୁ ରାସ୍ତା କଡ଼ ଡ୍ରେନ ଦେଇ ଚାଷ ଜମି ଆଡକୁ ବୋହିଯାଉଥାଏ। ସମସ୍ତଙ୍କର ମନେ ପଡ଼ିଲା ଏ ସବୁ ବୁଲୁ ତା ସାଂଗ ମାନଙ୍କୁ ଧରି କରିଛି। ସେତେବେଳେ ବଡ ଲୋକ ମାନେ ଏମାନଙ୍କ କାମକୁ ହସରେ ଉଡେଇ ଦେଉଥିଲେ। ସ୍ୱଚ୍ଛ ଭାରତ ନା ଅସ୍ୱଚ୍ଛ ଭାରତ କହି ଟାହି ଟାପରା କରୁଥିଲେ। ଏବେ ବୁଝି

ପାରୁଥିଲେ ସେମାନେ, କେତେବଡ଼ କାମ ଏ ଛୋଟ ଛୋଟ ପିଲ୍ମାନେ କରି ଦେଖେଇଛନ୍ତି।

ଏପଟେ ବ୍ରାହ୍ମଣ ସାହି ର ଲୋକଙ୍କର ଧର୍ଯ୍ୟ ର ବାଡ଼ ଭଙ୍ଗିବା ଅବସ୍ଥା। ଏତେ ବର୍ଷା ହେଲା ପରେ ବି କେହି ଆସୁନାହାନ୍ତି। ବାହାରକୁ ଯାଇ ଦେଖିଲା ବେଳକୁ କିଛି ଲୋକ ଆସିବା ଭଳି ଦେଖାଗଲା। ବ୍ରାହ୍ମଣ ସାହି ଲୋକ ଠେଙ୍ଗା, ବାଡ଼ି, ଭୁଜାଲି ପରି ମାରଣାସ୍ତ୍ର ଧରି ସଜାଗ ହୋଇ ରହିଲେ। ହେଲେ ଇଏ କଣ? ମହାନ୍ତି ସାହିର ଲୋକ ମାନେ ଭଙ୍ଗାରୁଜା କରିବା ପରିବର୍ତେ ଲୁଲୁ ଘର ଆଗରେ ଠିଆ ହୋଇ ଆନନ୍ଦ ମନରେ ଭାଇ ବୋଲି କହି ଲୁଲୁର ବାପାଙ୍କୁ ଡାକୁଛନ୍ତି କାହିଁକି? ବ୍ରାହ୍ମଣ ସାହି ରୁ ଜଣେ ଜଣେ କରି ସମସ୍ତେ ବାହାରକୁ ଆସିଲେ। ଲୁଲୁ ଓ ତା ବାପା ବି ବାହାରକୁ ଆସିଲେ। ଆଶ୍ଚର୍ଯ୍ୟ ହୋଇ ସମସ୍ତେ ଗୃହିଁଥାନ୍ତି।

ମହାନ୍ତି ସାହିର ବୟସ୍କ ବ୍ୟକ୍ତି ଜଣଙ୍କ କହିବାକୁ ଲାଗିଲେ, "ବୁଝିଲ, ଆମେ ସମସ୍ତେ ଗଣ୍ଡ ମୁର୍ଖ। ଏ ଲୁଲୁ ଆଉ ବୁଲୁ, ଦି ଜଣ ମିଶି ଆଜି ଯାହା କରିଛନ୍ତି, ଆମେ ଯଦି ତାକୁ ପାଞ୍ଚବର୍ଷ ତଳୁ କରିଥାନ୍ତେ ତେବେ ଆଜି ଆମେ ସମସ୍ତେ ଅପଢ଼ ହୋଇ ନଥାନ୍ତେ। ଏମାନେ ଦି ଜଣ ମିଶି ସ୍ୱଚ୍ଛ ଭାରତ ନାଁ ରେ ରାସ୍ତା କଡେ କଡେ ଡ୍ରେନ ଖୋଳି ପାଣି ସବୁକୁ ଗୃଷ ଜମି ଆଡକୁ ବୁହାଇ ଦେଇଛନ୍ତି। ଆମ ସାହିରେ ଆଉ ପାଣି ପଶିବାର ଭୟ ନାହିଁ। ତେଣୁ, ଆଜିଠୁ ସମସ୍ତେ ମିଳମିଶି ଚଳବା। ଗ୍ଲଲ, ସମସ୍ତେ ମୁହଁ ମିଠା କର" କହି ସାଙ୍ଗରେ ଆଣିଥିବା ରସଗୋଲା କୁ ବ୍ରାହ୍ମଣ ସାହିର ଲୋକ ମାନଙ୍କୁ ଦେଲେ।

ବ୍ରାହ୍ମଣ ସାହି ର ଲୋକ ଓ ମହାନ୍ତି ସାହିର ଲୋକ, କୋଳାକୋଳି ହୋଇ ଏ ଦି ଜଣଙ୍କୁ ବାଃ ବାଃ କରୁଥିଲେ।

କଥାରେ ଅଛି, "ମନ ମିଶିଲେ ସମୁଦ୍ର ଶୁଖେ"। ଲୁଲୁ ଆଉ ବୁଲୁ ଏ କଥାକୁ ପ୍ରମାଣ କରିସାରିଥିଲେ।

ପଢନ୍ତୁ, ମଜା ନଅନ୍ତୁ ଓ ମତାମତ ଦିଅନ୍ତୁ...ଜୟ ଜଗନ୍ନାଥ

ଖଲ୍ଲରୀ, ଅନୁଗୁଳ, ଓଡିଶା

# କବି ମାନସ



ଅନାଦି ସେଠ

ସାହିତ୍ୟଟି ଯେବେ ସମାଜ ଦର୍ପଣ
କବି ତାର କର୍ଣ୍ଣଧାର
ସଭ୍ୟସମାଜ ଗଢ଼ିବା ପାଇଁ କ
ଧରାପୃଷ୍ଠେ ଜନ୍ମ ତାର
ନୀରାଭିମାନ ନିର୍ଭୀକ ଲେଖନୀ
ନିରପେକ୍ଷ ତାର ସୃଷ୍ଟି
ଜନାଦ୍ଭୁତ ପୁଣି ସଂସ୍କାର ସମ୍ପର୍ଣ୍ଣ
ଯହିଁ ନିହିତ ଦୂରଦୃଷ୍ଟି
ସମାଜ କଲ୍ୟାଣ ପ୍ରକୃତି ବର୍ଣ୍ଣନ
ପ୍ରେମରସେ ରସସିକ୍ତ
ଜାଗ୍ରତ ପ୍ରହରୀ ଦେଶସେବୀଟି
ସାଜେ ପୁଣି ପ୍ରଭୁଭକ୍ତ
ଚପଳ ବାଳକ ଜରାଜୀର୍ଣ୍ଣ ବୃଦ୍ଧ
ନବ ଯୌବନା ସମ୍ଭୂତ
ଚୀର ସ୍ରୋତଶ୍ୱିନୀ ମନ୍ଦାକିନୀ ସେ
ମାଁ ଭାରତୀର ସୁପୁତ
ନିନ୍ଦାପ୍ରଶଂସାର ମାନେ ନାହିଁ ଯାର
ମାନବସେବା ଯା ବ୍ରତ
ଲେଖନୀ ପ୍ରସୂନେ ସର୍ଜଇ ସୃଷ୍ଟି
ଦିବାରାତ୍ରି ହୋଇ ରତ

ବ୍ୟକ୍ତିଗତ ସ୍ୱାର୍ଥ ନାହିଁଟି ଯାହାର
ଲକ୍ଷ୍ୟ ସାମୁହିକ ହିତ
ମାନପତ୍ରେ ତାର ନାହିଁ ପ୍ରୟୋଜନ
କବିତାଟି ତାର ବିତ୍ତ
ସାହିତ୍ୟ ସାଧନା ବୀଣାପାଣି କୃପା
ଜୀବନ ଦର୍ଶନ ତାର
ସାରସ୍ୱତ ପୁଞ୍ଜି ବର୍ଦ୍ଧିତ କରଇ
ଭାଷାକୁ କରେ ଅମର
ବିସ୍ତୃ  ତମାନସ କରୁଣାରେ ଭରା
ସଂକୀର୍ଣ୍ଣତା ପରିହରି
ବିଶ୍ୱକୁ ରଞ୍ଜଇ ମଧୁର ମିଳନେ
ଏକତାର ସୂତ୍ର ଧରି

ଡୁଡୁକା, ବଲାଙ୍ଗୀର



# ଫୁଲ

ବିଜୟ କୁମାର ଛାଟୋଇ

ବିଧାତା ଖଞ୍ଜିଛି ସେନେହେ
ରୂପ ବାସନା ଦେଇ,
ଧନ୍ୟ ତୁ ହୋଇଛୁ ମରତେ
ଶୁଭେ ଜନମ ନେଇ ।

କେଉଁ ପୂଣ୍ୟ ବଳେ ସୁମନ
ମନ ଜିଣିଛୁ ବଳେ,
ଯଥା ହଂସଗ୍ଳୀ ଖେଳନ୍ତି
ନୀଳ ସରୀତ ଜଳେ ।

ଅମାପ ଶୋଭ୍ର ଭଣ୍ଡାର
ତୋର ଦେହେ ପୂରି ତ,
ଜଗତ ଯାକରେ ତୋ ଯଶ
ପଡୁ ଥାଇ ହୁରି ତ ।

ସିଧି ଓ ସାଧନା ବଳରେ
ବିଶ୍ୱ ବିଜୟୀ ହୋଇ,
ତୋ ରୂପ ସୌନ୍ଦର୍ଯ୍ୟ ପ୍ରତିଭ୍
ମର୍ତ୍ତ୍ୟେ ଦେଇଛୁ ଥୋଇ ।

ଦେବ ପିତୃ ତୀର୍ଥ ଆବରେ
ଲୋଡା ସଦା ତୋହରି,
ସୁବାସ ରସନା ମୋହରେ
ଭ୍ରମୁଥାଇ ଭ୍ରମରୀ ।

ଶୀତଳ ସମୀର୍ ଚୌଦିଗେ
ବାସ ଚହଟେ ନେଇ,
ରସ ପାନ ଭ୍ଳେ ରସିକ
ରସେ ଅନଙ୍ଗ ଫେଇ ।

ଶୋଭ୍ର ମହିମା ଅନନ୍ତ
ଯୁଗେ ଦୁଲର୍ଭ ଆହା,
କୋଟି କୋଟି ତାଗ୍ ଗଣ କ
ସରି ସମ୍ଭବେ ତାହା ।

ଭ୍ଗ୍ୟବାନ ବୋଲି ଜଗତେ
ଜ୍ଞାନୀ କହନ୍ତି ହସି,
କୋଟିଏ ଉପମା ଦେଲେ ବି
ସରି ହେବ କ ଶଶି ।

ଭ୍ନୁ ଲ୍ଗି ଜହ୍ନ ମଉଳେ
ଦିବା ଆଲ୍ୋକ ମେଳେ,
ତୁ କନ୍ତୁ ମଉଳ ଝଟକୁ
ଦିବା ନଶି ଗହଳେ ।

ସତ୍ୟବାଦୀ, ପୁରୀ

# ନାରୀ



ତ୍ରିଲୋଚନ ସାହୁ

ନାରୀ ମମତା ର ପ୍ରତି ରୂପ ଏକ
ପାଏ ସିଏ ଅଗ୍ର ପୂଜା
ଅନ୍ୟାୟ ବଢ଼ିଲେ ଦୁନଆଁ ରେ ପୁଣି
ହୁଏ ସିଏ ଦଶ ଭୁଜା ।।
କେତେବେଳେ କାର ଭଗିନୀ ରୂପେରେ
ଭାଇ ହାତେ ବାନ୍ଧେ ରାକ୍ଷୀ
କେତେବେଳେ ପୁଣି ଦାର ରୂପେ ସିଏ
ସ୍ୱାମୀ ଙ୍କୁ ରଖେ ସେ ସୁଖୀ ।।
କେତେ ବେଳେ ସିଏ କାହାର ଦୁହିତା
ଦୁଇ କୂଳ କୁ ସେ ହିତ।
ମମତା ର ଭିଗା ସେନେହ ଝରଣା
ମା ସେ ଜଗତ ଜିତା ।।
କରହେ ସମସ୍ତେ ନାରୀର ଆଦର
କର ତାକୁ ସନମାନ
ତାର ପ୍ରତି  ଯଦି ଅତ୍ୟାଗ୍ଚର ବଢେ
ଧରଣୀ ହୋଇବ ଲୀନ ।।

ତମିଆଁ, ପାଟଣାଗଡ, ବଲାଙ୍ଗୀର

# ବୋଉ



ସସ୍ମିତା ପଟ୍ଟନାୟକ

ବୋଉ, କଣ ଏତେ ଡେରି କରୁଚୁ ଖାଇବା ବାଢ଼ିବା ପାଇଁ। ଅଫିସ ଟାଇମ ହେଲାଣି ପରା। ଅଭ୍ୟାସ ବଶତଃ ରିଙ୍କୁ ତା ବୋଉକୁ କହିଲା, ବାହାଘରର ଏତେ ବର୍ଷ ପରେ ବି ସେଇ ଅଭ୍ୟାସ ଅଛି। ଖାଇଲା ପରେ କାନରେ ହାତ ପୋଛିବାଟା ବି ଭୁଲିନ ରିଙ୍କୁ। ଖାଲି ବୟସରେ ବଢି ଯାଇଛି।

ଖାଇକ ଗାଡି ନେଇକ ବାହାରିଗଲା ତାର ଅଫିସ କାମରେ। ବୋଉ ଘରର ସବୁ କାମ ସରେଇକ ତା ପୂଜା କାମରେ ବ୍ୟସ୍ତ ହେଇଗଲା। ପୂଜା ସରିଲା ଭିତରେ ରକ ଉଠିଯାଇଥିଲା, ନାତିଆ ଟୋକା। ସିଏ ଉଠିଲେ ଜେଜେ ମାଙ୍କୁ ଛାଡିବାର ନାହିଁ ଆଉ। ଜେଜେ ମାଆଙ୍କର ବି ଖୁଶି ତା ସହ ସମୟ କେମିତି ବିତି ଯାଏ ଜଣ ପଡେନ ।

ହଠାତ, କଛି ଗୋଟେ ଶବ୍ଦ ହେଲା । ବୋଉ ତା ସପନ ରାଇଜରୁ ଫେରିଲା । ଏକା ସେଇ ପୂଜା ଘରେ ବସି ଭଗବାନଙ୍କୁ ଡାକବା ଭିତରେ ସପନ ରାଇଜରେ ପହଂଚ ଯାଇଥିଲା। ଘର କେତେ ଗହଳ ଥିଲା ଏଇ ବର୍ଷେ ଆଗରୁ, କନ୍ତୁ ଏବେ ବହୁତ କଛି ଖାଲି ଖାଲି। ଏକା ବୋଉ ନଜ ଖବର ବୁଝୁଛି ଆଉ ସମସ୍ତଙ୍କର ବି। ହେଲେ ବୋଉ ତା ବୋଉ, ସମସ୍ତେ ଜାଣନ୍ତି ପାଖରେ ଅଛି ହେଲେ କାହା ପାଖେ ବେଳ ନାହିଁ ଦଣ୍ଡେ ତା ପାଖେ ବସି କଥା ହେବାକୁ। କ ତାକୁ ପଚାରିଦେବାକୁ ଖାଇଲାଣି କ ନାହିଁ।

ଛୋଟ ବେଳୁ, ରିଙ୍କୁର ସଂସରଟା ବୋଉ ଚାରିପଟେ ହିଁ ଥିଲା। ବୋଉ ବହୁତ ଭଲ ଭଲ ଖାଇବା କରେ, ବାର ମାସ ତେର ପର୍ବରେ ଭଳ ଭଳ ରୋଷେଇ, ତା ଉପରେ ସମସ୍ତଙ୍କୁ ଭାଗ ବଣ୍ଟା। କେତେ ଖୁସିର ଦିନ ଗୁଡାକ। ରିଙ୍କୁ ତ ଅଲିଅଳ ଥିଲା । ବୋଉ ସବୁଥିରେ

ଆଗ ତାକୁ ଡାକବ । ସିଏ ବି ସୁନା ପିଲ୍ ଭଳ ବସି ପଡିବ ଖାଇବା ପାଇଁ। ରିଙ୍କୁର ସବୁଠୁ ଭଲ ଗୁଣ ଥିଲ୍ ଢରୀମାୟା ମନଟେ ଆଉ ସବୁ ବେଳେ ହସ ହସ । କନ୍ତୁ ବୋଉକୁ ଟିକେ ବ୍ୟସ୍ତ କର୍ଏ ବାହାରକୁ ଖେଳବାକୁ ଯାଇ ମୁଣ୍ଡ ଫଟେଇ ଆସିଯିବ, ଏମିତି ଦୁଇ ତିନ ଥର କରିଛି, ହେଲେ ବୋଉ ପୁର୍ ଧର୍ଯ୍ୟର ସହ ତାର ଯତ୍ନ ନଏ। ଏବେକାର ମାଙ୍କ ସେତିକ ଧର୍ଯ୍ୟ ନାହିଁ। ସ୍କୁଲରୁ ଆସିକ ରିଙ୍କୁ ପଳାଏ କ୍ରିକେଟ୍ ଖେଳବାକୁ। ବୋଉ ଖାଇବା ବାଢିକ ସେମିତି ଅପେକ୍ଷା କରିଥିବ । ଭାରି ଦୁଷ୍ଟ ଥିଲ୍ ରିଙ୍କୁ। ହେଲେ ପର୍ବ ପର୍ବାଣୀରେ ବୋଉ ପାଖା ପାଖି ରହୁଥିଲ୍ ସେଇ ପିଠା ପଣା ପାଇଁ।

ଆଜି ଦଶହର୍ ଥିଲ୍, ସବୁ ଆଡେ ପୂଜା ପର୍ବର ଆଭ୍ସ। ବୋଉ ଆଜି ବି ସୋମନାଥ ବ୍ରତ ପାଇଁ ପ୍ରସ୍ତୁତି କରୁଥିଲ୍। ଦଶ ପ୍ରକାରର ଫୁଲ, ଦଶ ପ୍ରକାରର ଫଳ, ଦଶଟା ମଣ୍ଡା ସବୁ ବାଢିକ ରଖିଲ୍ । ହେଲେ ଆଜି ସିଏ ପୂଜା କରୁ ନ ଥିଲ୍ କରୁଥିଲ୍ ବୋହୁ। ସମୟ ବଦଳ ଯାଇଚ, ହେଲେ ତା ଖୁଶି ସେଇ ଛୁଆଙ୍କ ଭିତରେ ରହିଚ। ଏବେ ବି ସବୁ ଛୁଆଙ୍କୁ ନମନ୍ତ୍ରଣ ଯାଉଛି ପିଠା ଖାଇ ଆସିବା ପାଇଁ ।

ସମସ୍ତେ ଏକାଠି ହଉଛନ୍ତି ଆଜି ବି, ଏଇ କରୋନା ରେ ବି ସମସ୍ତଙ୍କୁ ଏକାଠି ହେବାଟା ଖୁସି ଦେଉଥିଲ୍ । ବୋଉର ଅଜାଣତରେ ହାତ ଉଠିଯାଉଥିଲ୍ ଠାକୁରଙ୍କ ପାଖରେ ସମସ୍ତଙ୍କ ମଙ୍ଗଳ କାମନା କରି। ଏଇ ହେଲ୍ ବୋଉ, ସମସ୍ତଙ୍କ ପାଇଁ ସବୁ ସମୟରେ ।

+++

# କପାଳରେ ଥିବ କାନ୍ଦିବା



ଶିଶିର କୁମାର ପଣ୍ଡା

କରୋନା କାଳରେ ପାରବଣ ଋତୁ
ଫିକା ଫିକା ଲାଗେ ଆମକୁ
ଯେତେଦିନ ଯାଏ ଟୀକା ନ ଆସିଛି
ଓଉଷଧ ନୁହଁ କାମକୁ ।
ସଜବାଜ ହୋଇ ପୂଜା ଦେଖିବାକୁ
ଆଗରୁ ହୋଇଛି ବାରଣ
ଜନ ଗହଳରେ ରୋଗ ହିଁ ବଢ଼ିବ
ଏଇଟା ଅସଲ କାରଣ ।
ବଦମାସି କରି ଗୁଇନା ଛାଡ଼ିଛି
ଏଇ ଭୂତାଣୁକୁ ବାହାରେ
କଛିଦିନ ତଳେ ପଢ଼େଇବା ଛଳେ
କହିଥିଲେ ଆମ ସାଆରେ ।
ଯୁଆଡ଼େ ଗଲେବି ମନେରଖି ଆମେ
ମୁହଁରେ କପଡ଼ା ବାନ୍ଧିବା
ନହେଲେ ଜାଣିଥା ରୋଗ ଆସିଗଲେ
କପାଳରେ ଥିବ କାନ୍ଦିବା ।

କୁଆଁସ , ମେରଦା କାଟିଆ , ଯାଜପୁର

# ମରୀଚିକା

ସୁଲୋଚନା ବେହେରା

ମନରେ ଦେଶରେ
କରେ ବିଚରଣ
ମିଛ ଛବି ପାରେ ନାହିଁ,
କହିକି ପାରିବ
ହୃଦୟ କୋଠରୀ
ଦ୍ୱାର ଖୋଲ୍ ମୋର ପାଇଁ।

ମାନସେ ମୁକର
ସୁମନେ ସୁହାର
ଯୋଗ୍ୟ ବିବେଚନ କାହିଁ,
ଆତ ଜାତ ହୁଏ
ଅନଚ୍ଛକ ପ୍ରାଣେ
ବ୍ୟଗ୍ର ଅଗ୍ର ଦେଖେ ନାହିଁ।

ଯଥୋଚିତ ମନେ
କର ନାହିଁ ତୁମେ
କାଙ୍ଗାଳ ମନ ଫେରାଇ,
ଦୟା ପାତ୍ର ବୋଲି
ମନେ ବାନ୍ଧି ରଖି
ଜଳ ସିଞ୍ଚନ ଟି ତହିଁ ।

ମାଗଇ ସାହାରା
ହୃଦୟ ବିସ୍ତାର
ଯେଉଁ ରସ ତୃଷାର୍ତ୍ତ ରେ,
ମରୁ ମରୀଚିକା
ଭ୍ରମରେ ଭ୍ରମିତ
ଧନ୍ଦି ହୁଏ ବୃଥା ଟାରେ ।

ଅପଥ ପଥରୁ
ସୁବର୍ଣ୍ଣ ପାଇଲି
ଶତ ଶତ ଗଣ୍ଠି ଦେଲି,
ସୁବର୍ଣ୍ଣ ନୁହେଁ ସେ
ସ୍ୱର୍ଣ୍ଣାଭସ ମାତ୍ର
ଆଜି ନିରେଖି ଦେଖିଲି ।

ପଶ୍ଚିମ ଆକାଶେ
ରବି ଡୁବିଲାଣି
ଆଶା ମୋର ମରୀଚିକା,
ଭଗ୍ନ ମେରୁ ଦଣ୍ଡେ
ଧରା ଶାୟି ହେଲି
ନିରାଶ ପଥ ପଥିକା ।

ତୁମ କୃପା ବୁନ୍ଦି
ମଣି ମୁକ୍ତା ଛବି
ସ୍ମୃତି ମାଳ ଟେ ଗୁନ୍ଥିଛି
ମଝି ଜରିଆରେ
ଭସାଇ ଦେଲ ଗୋ
ଜପା ମାଳ ହୃଦ ଜପୁଛି ।

ବଇଁଚୁଆ, ବାଲିଅନ୍ତା, ଖୋର୍ଦ୍ଧା

# ଲୁଣ୍ଠନ....




ଡ. ତନ୍ମୟ କବି

ଆଉ ଏକ ଯୁଦ୍ଧ
ଜିତିବାର ଆଶା.....
ଆଉ ଥରେ ତୁମକୁ
ଡାକବି ବିଟ୍ ଘରକୁ
ତୁମେ ଆସିବ
ମଥାରେ ସିନ୍ଦୂର ଲଗାଇ
ମୁଣ୍ଡ ବାଜିବ ଗ୍ଳନଘରେ
ନଥିବ ଆଉ ପୁର୍‌ବତନ ସାମ୍ରାଜ୍ୟ
ମାନନେବି ସବୁ ଆଜ୍ଞା ତୁମର
ତା ପରେ ହଜିଯିବି
ପାଣ୍ଡବଙ୍କ ପରି
ଅଜ୍ଞାତ ବନବାସରେ
ତୁମେ ପ୍ରତୀକ୍ଷା କରିଥିବ
ନୂତନ ଏକ ଚଟିଘରେ
ଯେଉଁଠି ଲୁଣ୍ଠନ ହେବ
ତୁମର ବିଶ୍ୱାସ
ସମାଧିସ୍ଥ ହୋଇଯିବ
ତୁମ ଅବିଶ୍ୱାସର ଗନ୍ତାଘର........

ତୁମର କେବଳ ତୁମର

କଟକ

# ଅସ୍ପୃଶ୍ୟତା



ଅଜିତ ପାଢ଼ି

ଅସ୍ପୃଶ୍ୟତା ଶବ୍ଦ କରୋନା ର ମିଛି ମିଛିକା ଲୁଚକାଳି ସ୍ପଷ୍ଟ ଚିତ୍ରଣ କରୁଛି ନିଷ୍ଠିତ ଭାବରେ । "କରୋନା ଭାଇରସ୍" ର ବର୍ବରତା ଏକ "ପାରିବାରିକ ଘୂର୍ଣ୍ଣିଝଡ" ନା "ଅଛୁଆଁ ପ୍ରେମ" ର ବେଦନାର ଝଡ । ବ୍ୟଥିତ କରେ ନିଜ ଆତ୍ମୀୟ ମା, ବାପା, ସ୍ୱାମୀ, ସ୍ତ୍ରୀ ପ୍ରେମିକାର "ଅଜ୍ଞାତ ବାସ" ର କାଳକୋଠରୀରେ । ଦେଇଯାଏ, ବିଷର୍ଣ୍ଣତା ମୁଖମଣ୍ଡଳରୁ ସତେ, ଏ ତ "ବ୍ୟାଧି ର ପନ୍ତ ଝଡ" ଅସ୍ପୃଶ୍ୟତା ଭିତରେ ।

+++++

ଧନୀ ଏକ ଜାତି ନୁହେଁ ଏକ ସଂପ୍ରଦାୟ । ନିଜ ଆତ୍ମୀୟ ପରିଜନ ସାସଂଦ, ବିଧାୟକ, ମନ୍ତ୍ରୀ ଯନ୍ତ୍ରୀ କମ୍ବା ଉଚ୍ଚପଦବୀ ରେ ଅଳଙ୍କୃତ ଥିବାବେଳେ କୌଣସି ନିମ୍ନ ମଧ୍ୟବିତ୍ତ ପରିଜନ ଯୁବକ ଉଦ୍ଦେଶ୍ୟ ସାଧନ ନିମିତ୍ତ ସେହି ବିଶିଷ୍ଟ ବ୍ୟକ୍ତିଙ୍କ ସାନିଧ ଲାଭ ଉଦ୍ଦେଶ୍ୟରେ ଦେଖା କରେ । ମଣ୍ଡିତ ପଦବୀ ମୁଖମଣ୍ଡାଳରୁ ସତେ ତ "ସଂକୀର୍ଣ୍ଣତା ର ଧୂଳିଝଡ" । ସତେ କେହି ମରୀଚିକା ର ବାଲୁକାସ୍ତୁପ ର ଆଶ୍ରିତ ବ୍ୟକ୍ତି ରାଜବାଟିକୁ ମୃଗତୃଷ୍ଣା ର ଅଭିଳାଷା ଉଦ୍ଦେଶ୍ୟ ନେଇ ଆସିଯାଇଛି । ବିଷର୍ଣ୍ଣ ବଦନରେ ଦେଇଯାଏ "ଅସ୍ପୃଶ୍ୟତା ର ବନ୍ୟା" । ମନା ହୋଇଯାଏ । ଦୁଃଖ, ମ୍ରିୟମାଣ, ଦିଗହରା ଭିତରେ ପ୍ରତ୍ୟାବର୍ତ୍ତନ । ଯୁବକର ଅବାଞ୍ଛିତ ସ୍ୱପ୍ନ ଭାଙ୍ଗିଯାଏ । ଅଟକ ଯାଏ, ସୁନେଲି ସ୍ୱପ୍ନ ଅସ୍ପୃଶ୍ୟତା ଝଡରେ । ଚୁରମାର ହୋଇଯାଏ ଭବିଷ୍ୟତ । ଯୁବକଟି ହଜିଯାଏ "ପ୍ରଳୟର ଘୂର୍ଣ୍ଣିଝଡ" ରେ ।

ସମ୍ଭବ ନୁହେଁ ସ୍ୱର ଉତ୍ତୋଳନ । ମହାମେଘ ଖାରବେଳ ନୁହନ୍ତି; ସେମାନେ ସତେ । ବର୍ବର ମହମ୍ମଦ୍ ଘୋରୀ ର ଅଭିଳାଷା ଭାରତ ଲୁଣ୍ଠନ... । ଅଭିଳାଷା ଭାରତ ଲୁଣ୍ଠନ ଭିତରେ । ନୁହେଁ କ "ଘୋରୀ" ର ବର୍ବର ରାଜନୀତି ଭାରତ ପୃଷ୍ଠରେ । ନୁହେଁ କ ଅସୃଷ୍ଣ ଶାଣା ଧନୀ ସମ୍ପ୍ରଦାୟ ର ବର୍ବର ରାଜନୀତି "ସଂକୀର୍ଣ୍ଣତା ଝଡ" ଭାରତ ପୃଷ୍ଠରେ । ସେମାନେ ତ ଘୋରୀ ବଂଶଧର ଭାରତର ଭୂମିରେ ।

କରୋନା ଅସୃଷ୍ଣ ଶାଣା ହୋଇପାରେ, ଏ ତ ବ୍ୟାଧି । ଉଭେଇ ଯିବ ପବନଝଡରେ । କନ୍ତୁ "ସଂକୀର୍ଣ୍ଣତା ମାନବ ର ଅସୃଷ୍ଣ ଶାଣା" ସତେ ତ ଘୋରି ଡାକରା ରେ । ଭାରତ ବଜାରରେ । ଲୁଣ୍ଠନ ହିଁ ତାଙ୍କ ହୃଦୟ ଭିତରେ, ଅସୃଷ୍ଣ ଶାଣା ଓ ସଂକୀର୍ଣ୍ଣତାର ଛାପ ବୁଣୁଛନ୍ତି ପ୍ରତି ସ୍ପନ୍ଦନରେ ।

++++++

ଫେରିଆସିବ କ ସତେ, ନୂତନ ଆଲୋକର ସ୍ପନ୍ଦନ ପ୍ରତି ହୃଦୟରେ । କରୋନା ଗାଉଛି ଗୀତ । ଅସୃଷ୍ଣ ଶାଣା ଭିତରେ । ନୁହେଁ "ସ୍ୱତନ୍ତ୍ରତା କାଳକୋଠରୀ" । ମୁକ୍ତ ବିହଗ ର ସ୍ୱାଧୀନତା ପ୍ରତି ହୃଦୟରେ । କରୋନା ଏକ ବ୍ୟାଧି, ଦେଉଛି "ଅସୃଷ୍ଣ ଶାଣା ର ଘୂର୍ଣ୍ଣିଝଡ" ପ୍ରଳୟ ଭିତରେ । ସଂକୀର୍ଣ୍ଣତା ଭିତରେ ହୃଦୟତା । ଦେଉଛି ସ୍ୱର, ଶୁଭୁଛି ସ୍ୱତନ୍ତ୍ରତାର ବାର୍ତ୍ତା ବିଶ୍ୱ ଦରବାରେ ।

ଘାସିରାମ ମାଝୀ ହାଇସ୍କୁଲ, ନୂଆଗାଁ

# ଜମିନ



ଅଶ୍ୱିନୀ କୁମାର

ଜମିନ,
ଯାହା ଉପରେ ତୁମ ଲଲୋପଦୃଷ୍ଟି ।
ବର୍ଷ ବର୍ଷ ଲାଗିଥିଲା ଆମ ପୂର୍ବଜଙ୍କୁ
ଚାଷୋପଯୋଗୀ କରିବାରେ ।
ମୂଣ୍ଡ ଝାଳ ତୁଣ୍ଡେ ମାରି
ସୁନା ରଙ୍ଗର ଧାନ ଫଳେଇବାରେ ।।

ହାଡ଼ଭଙ୍ଗା ଝାଞ୍ଜିଖରା ସହି
ବାହୁବଳ ବିନମୟରେ ଖୋଳିଥିଲେ
କେତେ ଜଳାଶୟ, କେତେ ପୁଷ୍କରିଣୀ ।।
ବୁନ୍ଦାଏ ମଧୁର ଜଳ ପାଇ
ବଂଚବେ ବୋଲି
ସ୍ଥଳଚର ଜଳଚର ନଭଚର ପ୍ରାଣୀ ।।

ସାକ୍ଷୀ ଇତିହାସର ପ୍ରତିଟି ପୃଷ୍ଠା,
ଆମେ ହିଁ ତ ରକ୍ଷାକର୍ତ୍ତା
ଏ ଶସ୍ୟ ଶ୍ୟାମଳା ସବୁଜ ବନାନୀର ।
ହେଲେ ଆଜି ତୁମେ ସନ୍ଦେଶ ଦିଅ
"ନେଇ ଯାଅ କଛି ଭରଣା ପ୍ରାପ୍ୟ
ଭିଟାମାଟିକୁ କର ହସ୍ତାନ୍ତର" ।।

ତୁମ ସହରର ଉପାନ୍ତ ଅଂଚଳରେ
ଖାଲି ପଡ଼ିଛି କେତେ ଜମି,
ତୁମ କଳକାରଖାନା, ବୃହତ ଜଳାଶୟ
ଅଭୟାରଣ୍ୟ ପାଇଁ ।।
ତଥାପି ଆମ ଏକ ମାତ୍ର ସମ୍ବଳ
ଆମ ଜୀବନ ଜୀବିକାବୁ
ତୁମ କୁଦୃଷ୍ଟି ପଡେ କାହିଁ ।।

ଆମ ଡଙ୍ଗର, ଝରନ,
ସବୁଜ ବନାନୀର ପ୍ରତିଦାନେ
ଦରକାର ନାହିଁ
ସାନ୍ତ୍ୱନାମୂଳକ ସହାୟତା ରାଶି,
ଅଥବା ଟାଙ୍ଗରା ବଂଜର ଭୂଇଁ ।
ନେଇ ଯାଏ ତୁମେ
ସଞ୍ଚୟ କର ତୁମ ରାଜକୋଷରେ
ତୁମ ଆଗାମୀ ସର୍ବଗିଲା ପିଢ଼ି ପାଇଁ ।।

ଏତିକି ହିଁ ସାଦର ବିନତି
ଚାହୁଁଛ ଯଦି ଦେବା ପାଇଁ କଛି,
କରି ପାରିବିକି ଏତିକି ପ୍ରୟାସ ।।

ଦେଇ ପାରିବି କ
ଡଙ୍ଗର ବଦଳରେ ଡଙ୍ଗର ।
ଖମନ ବଦଳରେ ଖମନ ।
ଝରନ ବଦଳରେ ଝରନ ।
ଯେମିତି ଆମ ଆଦିମ ଜୀବନ
ନେବ ଶାନ୍ତିରେ ନଶ୍ୱାସ ।।

ଗଢ଼ି ତୋଳଦେବ
ଆମ ପାଇଁ ଏକ ନୂଆ ବସତି ।
ବସତି ନକଟେ ଲଗେଇ ଦେବ
ଗୃହାର, ମହୁଲ, ଭ୍ଲିଆ, ସର୍ଗିଗଛ ।।
ଆମ ବନ୍ୟପ୍ରାଣୀ ପାଇଁ
ନାନାବିଧ ଜଙ୍ଗଲୀ ଘାସ ।।
କୁଳୁକୁଳୁ ନାଦେ ବୋହିଯାଉଥିବ
ପାହାଡ଼ି ଝରଣା ।।
ଯୋଗାଇ ଦେବ 'ବେଡା' ଜମି ।
ଉପାସନା ପାଇଁ
କୁରେ ପତର ସହ ମୁଠାଏ ଝୁଣା ।।

ପୁରୁଣା ମଶାନ ରୁ ମାଟି ଆଣି
ଗାଁ ମୁଣ୍ଡରେ ସ୍ଥାପନ କରିବୁ
ଆମ ପୂର୍ବଜଙ୍କ ଅମ୍ଳାନ ସ୍ମାରକ ।।

ଗ୍ରାମପତି, ବୁଢ଼ାରଜା, ଭୀମାଦେଓ
ପାଇଁ ଗୁଡି ଗମ୍ଭୀର୍,
ମାଟିପାଇଁ ବଳଦାନ ଦେଇଥିବା
ଆମ ପୂର୍ବପୁରୁଷଙ୍କ କୀର୍ତ୍ତିଫଳକ ।।

ହଁ ଆମେ ଜାଣୁ
ଆମ ଆବେଦନ ଶୁଣିଲ୍ ପରେ
ଦେବ ତୁମେ ଲମ୍ବା ଲମ୍ବା କୈଫଦ ।
"ସରକାର ପାଖରେ ଦେବା ପାଇଁ
ଏତିକ ଜାଗା ନାହିଁ" ।।
ଦେବା ପାଇଁ ନାହିଁ ଯଦି
କାଣିଗୃଏ ଜାଗା,
ଆମ ସର୍ବସ୍ୱ ଲୁଟିନେବା ପାଇଁ
ଏତେ ତତ୍ପରତା କାହିଁ ।।

ଆମ ସର୍ବସ୍ୱ ପ୍ରତିଦାନେ
ମାଗୁନାହୁଁ ସାହାଯ୍ୟର ଭିକ ।।
ଏହା ଆମ ହକ, ନାର୍ଯ୍ୟଦାବି
ତୁମେ ମନେ ରଖ ।।

# ଅମାନବୀୟ ପ୍ରଥା



ବେଣୁଧର ସୁରୁଜାଲ

ଭକତର ଏ କି ବିଚିତ୍ର ଭାବନା,
ପଶୁ ରକ୍ତେ ତୃପ୍ତି ଦେବୀ କ୍ଷୁଧା ତୃଷ୍ଣା |
ବଳିଦାନେ ପୂର୍ଣ୍ଣ ହୁଅଇ କାମନା,
ତୁଟଇ ସମଗ୍ର ଯାତନା || (୧)

ଦେବୀ ପୀଠେ ନିତି ମାତା ତୃପ୍ତି ଆଶେ,
ଚାଲଇ ବିବିଧ ପୂଜା ଅର୍ଚ୍ଚନା |
ଛେଳି, ଛାଗ, ପାର ବଳି ଦେବା ପାଇଁ,
ତା' ଭକ୍ତର ମନେ କଳ୍ପନା || (୨)

ଆଜି କାଇଁ ଙଂକ ମାରେ ମନେ ମୋର,
କେତେଯେ ଜଟିଳ ପ୍ରଶ୍ନ |
କାହା ତୃପ୍ତି ପାଇଁ ବଳିପ୍ରଥା ଏଠି,
ଖୋଜି ପାଉନି ମୁଁ କାରଣ || (୩)

ସିଏ ଯଦି ଅଟେ ଜଗତମାତା,
ଦେଇଛି ସଭିଙ୍କୁ ଜନମ |
ଏ ସୃଷ୍ଟିର ସବୁ ଯେତେ ଜୀବଜନ୍ତୁ,
ନୁହନ୍ତି କି ତା'ର ସନ୍ତାନ || (୪)

ମାଆ ଯେ ଅଟଇ କରୁଣାବାରିଣୀ,
ବାତ୍ସଲ୍ୟ-ମମତାମୟୀ |
ପୁତ୍ର ପାଦେ କଣ୍ଟା ଫୋଡିହେଲେ ଯା'ର
ନୟନୁ ଲୁହ ଝରଇ || (୫)

ସେ ପୁଣି କେମନ୍ତେ ନିଜ ରୁଚି ପାଇଁ,
ପିଶାଚୁଣୀ ରୂପ ସାଜିବ |
ନିଜ ସନ୍ତାନର ରକ୍ତ ପାନ କରି,
କ୍ଷୁଧା-ତୃଷ୍ଣା ମେଣ୍ଟାଇବ || (୬)

ଦେବୀପିଠେ ଯଦି ବଳି ଦେଲେ ନିତି,
ହୁଅନ୍ତା ରୋଗ ନିଦାନ |
ଡ଼ାକ୍ତରଖାନାର ଲୋଡ଼ା ନ ହୁଅନ୍ତା,
ଜାଣିରଖ ଭକ୍ତଜନ || (୭)

ବିବାହ, ଚାକରୀ, ସମ୍ପତି, ସନ୍ତାନ
ନୁହଁଇଟି ବରଦାନ |
ନିଜ ବୁଦ୍ଧିଜ୍ଞାନେ କର୍ମ ସାଧନାରେ,
ସମସ୍ତ ଲଭିବୁ ଜାଣ || (୮)

କେତେ କଲବଲ କରୁଣ ଚତ୍କାର,
ପ୍ରାଣରକ୍ଷା ପାଇଁ ହୁଅଇ ବିକଳ ।
ବିଶ୍ୱାସର ନାମେ ନରୀହ ଜୀବର,
ହୁଅଇ ଅନ୍ୟାୟ ବିଗ୍ଭର ।। (୯)

ପଶୁବଳ ଏକ ନଷ୍ଠୁର ପ୍ରଥା,
ମାନବିକତାର ହୁଅଇ ଗ୍ଲାନ ।
ଅନ୍ଧବିଶ୍ୱାସର ପଶାପାଲି ଖେଳେ,
ନରୀହ ପ୍ରାଣୀଙ୍କ ଜୀବନ ହାନୀ ।। (୧୦)

ସତ୍ୟ କଥା ଯେବେ ମନ୍ଥନ କରିବା ,
ଦେବୀ ପ୍ରତିମା ଯେ ରକ୍ତ ପିଏନା ।
ଖାଇବା ଲ୍ଳଳସେ ଦେବୀ ନାମେ ମାସଂ,
ପାଖଣ୍ଡତାବାଦର କୁସ୍ବରଚନା ।। (୧୧)

ସତେ ଯଦି ଦେବୀ ଗୋଟାପଣେ ତାଙ୍କୁ,
ଦିଅନ୍ତା ଭକ୍ଷଣ କରି ।
ବଳଦେବା ମନ ଆଉ ନ ବଢାନ୍ତେ ,
ନଷ୍ଠୁର ପ୍ରଥାଟେ କହି ।। (୧୨)

ମୁଁ ମୁଢ ଅଜ୍ଞାନର ନବେଦନ,
ପଶୁବଳ ପ୍ରଥା ତ୍ୟାଗ କରିବା ।
ଜୀବ ପ୍ରତି ଦୟାଭ୍ଭବ ବହି ମନେ,
କୁସଂସ୍କାର ସବୁ ଦୁରେଇ ଦେବା ।। (୧୩)

ସୋନପୁର, ସୁବର୍ଣ୍ଣପୁର

# ଲକ୍ଷ୍ନୌ ନବାବଙ୍କ ସହର
# ଲକ୍ଷ୍ନୌ: କାଲି ଓ ଆଜି

ପ୍ରିୟବ୍ରତ ପାତ୍ର

ଲକ୍ଷ୍ନୌକୁ କୁହାଯାଏ ନବାବୀ ଢଙ୍ଗର ସହର। କାରଣ ରଙ୍କୀଠାରୁ ଧନୀଯାଏ ସବୁ ଲକ୍ଷ୍ନୌବାସୀଙ୍କ ବେପରୁଆ, ବେସାଲିସ୍ ଉର୍ଦ୍ଦୁ ମିଶା କଥା– ସେମାନଙ୍କ ନବାବୀ ଠାଣି ଓ ନବାବୀ ଢଙ୍ଗର ଏକ ସ୍ୱତନ୍ତ୍ର ପରିଚୟ। ଏଇ ସହରର ଜନ ଜୀବନ ଓ ମୁହୂର୍ତ୍ତମାନଙ୍କୁ ନେଇ କେତେ କାହାଣୀ, କେତେ କମ୍ବଦନ୍ତୀ ଲେଖାଯାଇଛି-ପୁଣି କେତେ ଲେଖା ହେବାକୁ ବାକି ରହିଛି। ସହରର ଗଳିକନ୍ଦି ଓ ଝୁପୁଡି ବସ୍ତି ଅଞ୍ଚଳରେ ବୁଲିଲାବେଳେ ଲାଗିବ ମଧ୍ୟଯୁଗ ସତେକି ଏଠାରେ ଅଟକି ଯାଇଛି, ନଜର ସୀମାହୀନ ବର୍ବରତା, ଅନ୍ଧବିଶ୍ୱାସ, କୁଶିକ୍ଷା, ସରଳତା ତଥା ସହନଶୀଳତାକୁ ନେଇ। ଏଇ ରାସ୍ତା ସବୁରେ ଏକଦା ଆଫଗାନୀ-ଘୋଡା ଝପଟେଇ ଆରବ ଯୋଦ୍ଧାମାନେ ଭୀତିସୃଷ୍ଟି କରୁଥିଲେ। ପୁଣି ସିପାହୀମାନେ ସ୍ୱାଧୀନତାର ପ୍ରଥମ ସଶସ୍ତ୍ର ସଂଗ୍ରାମ ଆରମ୍ଭ କରିଥିଲେ। ପୁଣି କେବେ ଗୁଳିଲା ଇଂରେଜମାନଙ୍କ ତୋପ, କମାଣ ଓ ଶହଶହ ବନ୍ଦୀ ଭାରତୀୟଙ୍କ ରକ୍ତାକ୍ତ ପଟୁଆର। ଏଇ ସହରର ଯାଦୁ-ସ୍ପର୍ଶରେ ଚାରିଶହ ବର୍ଷ ତଳର ଆକ୍ରମଣକାରୀମାନେ ପାଲଟି ଯାଇଥିଲେ ସଚ୍ଚା ଦେଶପ୍ରେମୀ, ଛାତି ଦେଖେଇ ଇଂରେଜଙ୍କୁ ସାମନା କରିଥିଲେ ଓ ରାଜରାସ୍ତାରେ ମରି ଶୋଇ ଯାଇଥିଲେ। ଏ ରାଜରାସ୍ତାରେ କେବେ ବାରଙ୍ଗନା ମାନଙ୍କ ବାସର ରାତିରେ ଗଜରା ଛିଟିକି ପଡୁଥିଲା ତ କେବେ ମଣିଷଙ୍କ କଟା କଲିଜା। କେବେ କୋଠା ବା ମେହେଫିଲ ସବୁରୁ ନୂପୁର କଙ୍କଣ ଶୁଭୁଥିଲା ତ କେବେ ତୋପର ଗର୍ଜନ, କେବେ ଉଗ୍ର-ଉତ୍କଟ କାମୋଦ୍ଦୀପକ ମୁଜୁରା ଶୁଭୁଥିଲା ତ କେବେ ବନ୍ଦେମାତରଂ ର ବିପୁଳ ଆବାଜ।

ଇତିହାସକୁ ବାଦ ଦେଲେ ବର୍ତ୍ତମାନର ଲକ୍ଷ୍ନୌ ଏକ ବିଶାଳ ବ୍ୟବସାୟ କେନ୍ଦ୍ର। ଉତ୍କଟ ଦାରିଦ୍ର୍ୟ ଓ ପ୍ରାଚୁର୍ଯ୍ୟ, ବେରୋଜଗାରୀ, ଅର୍ଥଲୋଭ ଓ ବ୍ୟବସାୟୀକରଣର ଯୁଗଧର୍ମ ନାଗରିକଙ୍କୁ ପରସ୍ପର ଉପରେ ନିର୍ଭର ହେବାକୁ ବାଧ୍ୟ କରୁଛି। ତେଣୁ ଏକ ଜାତୀୟ ସଂହତି ଓ ସର୍ବଧର୍ମ ସହନଶୀଳତାର ଅଲଂଘ୍ୟ ଆବଶ୍ୟକତା ସୃଷ୍ଟି ହୋଇଛି। ମାଟିରେ ଅଧିକ

ନାଇଟ୍ରେଟ ଥିବା ଯୋଗୁଁ ଧୂଆଁପତ୍ର ଗ୍ରୁଷ ଏ ଅଞ୍ଚଳର ଅର୍ଥନୀତିକୁ ପ୍ରଭାବିତ କରୁଛି । ଅତର ଓ ସୁରମାର ବୃହତ୍ତମ ବଜାର ଏଠାରେ ଚାଲିଛି । ଏପରିକି ଓଡିଶା ଗୋପାଳପୁରରୁ ଯାଉଥିବା କିଆଫୁଲର ଅତର ପାଇଁ ବଡ ବଜାର ହେଉଛି ଲକ୍ଷ୍ନୌ । ଏଠାରୁ ସେସବୁ ମଧ୍ୟପ୍ରାଚ୍ୟକୁ ରପ୍ତାନୀ ହୋଇଥାଏ । ମୋଗଲଯୁଗୀୟ ରୂପା ତାରକସି କାମ ଓ ମାଟି ତିଆରି ଘରସଜା ସାମାନ ସବୁର ବହୁଳ କିଣାବିକା ଏଠାରେ ଚାଲିଥାଏ । ଲୁଗା ଉପରେ ସୂତା ଦ୍ୱାରା ଡାଳଫୁଲ ଆଦି କରାଯାଇ ଯେଉଁ ଚକେନ୍-ଏମ୍ବ୍ରୋଡରୀ ସୃଷ୍ଟି ହୋଇଥାଏ ତାହା ଆଜି ଶହଶହ ଘରେ କୁଟୀର ଶିଳ୍ପର ମାନ୍ୟତା ପାଇଛି । ହିନ୍ଦୁସ୍ଥାନୀ ସଂଗୀତ ନୃତ୍ୟ ଶିଖିବା ପାଇଁ ଦୂରଦୂରାନ୍ତରରୁ ଶିକ୍ଷାର୍ଥୀ ଆସୁଛନ୍ତି ଏବଂ ଖାସ୍ ସେଥିପାଇଁ ମେରିସ୍ ବିଶ୍ୱବିଦ୍ୟାଳୟ ରହିଛି ।

ଏହି ସହର ହେଉଛି ଉର୍ଦ୍ଦୁ ଭାଷାର ପ୍ରାଣକେନ୍ଦ୍ର । ଉର୍ଦ୍ଦୁ ଭାଷା ତାର ଗାମ୍ଭୀର୍ଯ୍ୟ ଓ ଲାଳିତ୍ୟ ପାଇଁ ବିଶ୍ୱ ବିଖ୍ୟାତ । ପ୍ରେମ, ଘୃଣା, ପ୍ରତାରଣା, ନିଃସଙ୍ଗତା, ଶୃଙ୍ଗାର ଆଦି ପ୍ରାଣସ୍ତରୀୟ ଆବେଗ ରାଜିର ପ୍ରକାଶ ପାଇଁ ଉର୍ଦ୍ଦୁର ସମକକ୍ଷ ଭାଷା ନାହିଁ । ଭାଷାବିତ୍ ମାନେ କହନ୍ତି ଏକଦା ଥର୍ ମରୁଭୂମିରେ ଓଟ ଓ ତମ୍ବୁ ନେଇ ଇତସ୍ତତଃ ବିଚରଣ କରୁଥିବା ଯାଯାବର ମାନଙ୍କ କଥିତ ଭାଷା ଥିଲା ଉର୍ଦ୍ଦୁ । କ୍ରମେ ଆରବୀ, ପାର୍ସି, ମୋଗଲ ଓ ହିନ୍ଦୀର ଅନେକ ଶବ୍ଦ ଆହରଣ କରି ଏହା ଆହୁରି ସମୃଦ୍ଧ ହୋଇଥିଲା । କ୍ରମେ ଏଥିରେ ଲିପି ଓ ବ୍ୟାକରଣ ଯୋଡି ହୋଇଗଲା । ଆଫଗାନ୍, ଆରବ, ମଧ୍ୟପ୍ରାଚ୍ୟ ତଥା ମଙ୍ଗୋଲରୁ ଭାରତ ଦିଗେ ଆସୁଥିବା ଆଗନ୍ତୁକ ମାନେ ଏହି ଯାଯାବର ଭାଷାକୁ ଖୁବ୍ ଶୀଘ୍ର ଆପଣେଇ ନେଇଥିଲେ ଏବଂ ଏକ ସ୍ୱର୍ଗୀୟ କାବ୍ୟ କବିତା ସଂଗୀତ ନୃତ୍ୟର ମହାବନ୍ୟା ଆରମ୍ଭ ହୋଇଥିଲା ।

କିମ୍ବଦନ୍ତୀ କହେ ରାମଚନ୍ଦ୍ର ଅଯୋଧ୍ୟାରେ ଶାସନ କରୁଥିବା ବେଳେ ଭ୍ରାତା ଲକ୍ଷ୍ମଣ ଗୋମତୀ ନଦୀ କୂଳରେ ଅନ୍ୟ ଏକ ଦୁର୍ଗ ସଂଲଗ୍ନ ରାଜଧାନୀ ସ୍ଥାପନ କରିଥିଲେ ଯାହାର ନାମ ଥିଲା ଲକ୍ଷ୍ମଣପୁର । କାଳକ୍ରମେ ପଠାଣ ଓ ମୋଗଲ୍ ଙ୍କ ଆକ୍ରମଣ ପରେ ପରେ ସେଇ ନାମ ଲୁପ୍ତ ହୋଇ ଲକ୍ଷ୍ନୌ ହୋଇଗଲା । ମହମ୍ମଦ ଗଜନୀଙ୍କ ଭାରତ ଆକ୍ରମଣ ବେଳେ ଯେଉଁ ବିଶାଳ ସେନା ଏହି ନଦୀ କୂଳେ ବସତି ଆରମ୍ଭ କରିଥିଲେ- ସେଇମାନେ ନୂତନ ଲକ୍ଷ୍ନୌର ଆରମ୍ଭ କରିଥିଲେ । ଲକ୍ଷ୍ମଣ କୃତ ଦୁର୍ଗ ସମୟକ୍ରମେ ବିଲୁପ୍ତ ହୋଇଗଲା ଏବଂ ଉଜୁଡା ଅବସ୍ଥାରେ ଥିବା ଜୀର୍ଣ୍ଣ ଲକ୍ଷ୍ମଣ ମନ୍ଦିର ଆଉରଙ୍ଗଜେବ୍ ଙ୍କ ସମୟରେ ସମ୍ପୂର୍ଣ୍ଣ ଧ୍ୱଂସ ହୋଇଗଲା । ଏବେ ଏଠାରେ ପରିତ୍ୟକ୍ତ ଲକ୍ଷ୍ମଣ ମନ୍ଦିର ଭାବେ ଟୁଙ୍ଗୀଟିଏ ଅଛି ଏବଂ ଆଉରଙ୍ଗଜେବ୍ ନିର୍ମିତ ପରିତ୍ୟକ୍ତ ମସଜିଦ୍ ଟିଏ ଅଛି । ଲକ୍ଷ୍ନୌର ସଂଖ୍ୟାଲଘୁ ସୁନୀ ସଂପ୍ରଦାୟର ମୁସଲମାନ

ମାନେ ଏଠାକୁ ଆସନ୍ତି – ବିଶେଷକରି ରମଜାନ୍ ର ଶେଷ ଶୁକ୍ରବାର ଦିନ ଏଠାରେ ଭିଡ ଲଗାନ୍ତି । ନତୁବା ବର୍ଷସାରା କ୍ୱଚତ୍ ହିନ୍ଦୁ ବା ମୁସଲମାନ ଏହି ଜାଗାକୁ ଆସିଥାନ୍ତି ।

ଲକ୍ଷ୍ନୌକୁ ଯଦିଓ ନବାବ ମାନଙ୍କ ସହର କୁହାଯାଏ – ମାତ୍ର ଦୁଇଜଣ ନବାବହିଁ ଏହାର ଶାସକ ହୋଇ ରହିଥିଲେ । ଗାଜିଉଦ୍ଦିନ ହାଇଦର୍ ଙ୍କ ବେଳେ, ଇଂରେଜମାନେ ନବାବ ପଦବୀ ଉଚ୍ଛେଦ କରି ରାଜା ପଦବୀ ଆରମ୍ଭ କରିଥିଲେ ଏବଂ ଏକ ଚୁକ୍ତିନାମା ସନ୍ଧି ଅନୁଯାୟୀ ପ୍ରଥମେ ରାଜା ଗାଜିଉଦ୍ଦିନ ଦିଲ୍ଲୀ ଶାସନରୁ ମୁକ୍ତ ରହିଲେ ଏବଂ ଇଂରେଜମାନଙ୍କ ଆନୁଗତ୍ୟ ସ୍ୱୀକାର କରିଥିଲେ । ଦୁଇ ନବାବଙ୍କ ଶାସନ ପରେ କ୍ରମାନ୍ୱୟରେ ଯେଉଁ ପାଞ୍ଚଜଣ ରାଜା ଶାସକ ହୋଇ ରହିଥିଲେ ସେମାନେ ହେଲେ ଗାଜିଉଦ୍ଦିନ ହାଇଦର (୧୮୧୪-୨୭), ନାସିରୁଦ୍ଦିନ ହାଇଦର୍ (୧୮୨୭-୩୭), ମହମ୍ମଦ ଅଲ୍ଲୀଶାହା (୧୮୩୭-୪୨), ଅମଜାଦ୍ ଅଲ୍ଲୀଶାହା (୧୮୪୨-୪୭) ଏବଂ ଶେଷ ରାଜା ୱାଜିଦ୍ ଅଲ୍ଲି ଶାହା (୧୮୪୭-୫୬) । ଦୁଇ ନବାବଙ୍କ କୃତିକୁ ବାଦ ଦେଲେ ଏହି ପାଞ୍ଚରାଜାଙ୍କ ଅନେକ କୃତି ଏବେ ମଧ୍ୟ ଖୁବ୍ ଆକର୍ଷଣୀୟ ଅବସ୍ଥାରେ ରହିଛି ।

ମୁସଲମାନ ଶାସନ କାଳରେ ବହୁ ପତ୍ନୀଙ୍କ ଠାରୁ ଜନ୍ମିତ ରାଜପୁତ୍ର ମାନେ ପରସ୍ପରକୁ ଈର୍ଷା କରୁଥିଲେ, ପରସ୍ପରର ଶତ୍ରୁ ହେଉଥିଲେ ଏବଂ ସୁଯୋଗ ପାଇଲା ମାତ୍ରେ ଭାଇ ବା ବାପାକୁ ହତ୍ୟା କରି ସିଂହାସନ ଅକ୍ତିଆର କରୁଥିଲେ । ଏଣେ ରାଜାମାନେ ନିଜ ମୃତ୍ୟୁପୂର୍ବରୁ ନିଜର କବର ପାଇଁ ସ୍ମୃତିସୌଧ ସବୁ ନିଜ ଜୀବିତାବସ୍ଥାରେ ହିଁ କରୁଥିଲେ ବା ଖୁବ୍ ବେଶୀରେ ନିଜନିଜର ବିବି ବା ବେଗମ୍ ମାନଙ୍କ ପାଇଁ ପ୍ରେମର ନିଦର୍ଶନ ସ୍ୱରୂପ କିଛି ଇମାରତ୍ କରୁଥିଲେ । ତାଜମହଲଠୁ ଆରମ୍ଭ କରି ଦିଲ୍ଲୀ, ଲକ୍ଷ୍ନୌ, କାନପୁର, ହାଇଦ୍ରାବାଦ ଆଦିରେ ଏପରି ଡଜନ ଡଜନ କୀର୍ତ୍ତିରାଜି ରହିଛି । କିନ୍ତୁ କ୍ୱଚତ୍ ଜାଗାରେ ପିତାମାତା ପାଇଁ ପୁଅଟିଏ ସ୍ମୃତିସୌଧ ଗଢେଇଛି । ରାଜା ଗାଜିଉଦ୍ଦିନ ସେଭଳି ଏକ ବିରଳ ଦୃଷ୍ଟାନ୍ତ ଛାଡି ଯାଇଛନ୍ତି । କସରବାଗ୍ ପାର ହେଲେ ଯେଉଁ ଦୁଇଟି ରଙ୍ଗହୀନ ଅଥଚ ଚମତ୍କାର ଗଠନ ଶୈଳୀର ସମାଧି ଯୁକ୍ତ ଗମ୍ବୁଜ ଦେଖିବାକୁ ମିଳେ ତାହା ହେଲା ନବାବ ସଦତ୍ ଅଲ୍ଲୀ ଗମ୍ବୁଜ ଓ ତାଙ୍କ ସ୍ତ୍ରୀ ଖର୍ସିଦ ଜେଦି ଗମ୍ବୁଜ । ଏହି ଦୁଇଟିକୁ ଗଭୀର ଶ୍ରଦ୍ଧା ଓ ସମ୍ମାନ ଦେଖେଇ ପୁତ୍ର ରାଜା ଗାଜିଉଦ୍ଦିନ ତିଆରି କରିଥିଲେ । ପୁଣି ତିନି ବିମାତାଙ୍କ ସମାଧି ମଧ୍ୟ ଏଠାରେ ସ୍ଥାନିତ ହୋଇଛି ଓ ତିନି ଭଉଣୀଙ୍କ ସମାଧି ମଧ୍ୟ ଏଠାରେ ରହିଛି । ସିପାହୀ ବିଦ୍ରୋହ ବେଳେ ପିତାମାନଙ୍କ ନିମନ୍ତେ ନିର୍ମିତ ଏହି ଦୁଇ ଗମ୍ବୁଜ ଉପରେ ଗୁଳିଗୋଳା ଓ ତୋପ ରଖି

ସିପାହୀମାନେ ଖୁବ୍ ଲଢିଥିଲେ । ଏକ ନିର୍ଣ୍ଣାୟକ ମୋଡରେ ସ୍ଥାପିତ ହୋଇଥିବା ଯୋଗୁଁ ଇଂରେଜ ସେନା ବହୁଦିନ ଧରି ଆଗକୁ ବଢିବାକୁ ସାହସ ପାଇ ନଥିଲେ ।

ଗାଜିଉଦ୍ଦିନ୍ ଙ୍କ ଆଉ ଏକ ଅମ୍ଳାନ କୃତିହେଲା ଛତର ମନଜିଲ୍-ଯାହାର ଅର୍ଥ ହେଲା ଛତା ଆକୃତିର ଆବାସ । ଏହାର ରସଣ ଆକୃତିର ଗମ୍ବୁଜ ଅଗ୍ରସବୁ ରୂପା ଗ୍ଲେଟର ଘେରା ହୋଇ ଏକଦା ଝଲମଲ କରୁଥିଲା । ଆକାଶରେ ଉଡିଯାଉଥିବା ପକ୍ଷୀମାନେ ଝଲସା ଆଲୁଅରେ ପ୍ରତିଫଳନରେ ବାଟବଣା ହେଉଥିଲେ । ଏହି ଉଆସର ତିନିତାଲା ଭୂଗର୍ଭରେ ରହିଛି ଏବଂ ଦେଖିବାକୁ ଏତେ ସୁନ୍ଦର ଯେ ସାରା ଭାରତରେ ତାର ସମତୁଲ ବିରଳ । ସିପାହୀ ବିଦ୍ରୋହ ପୂର୍ବରୁ ଥରେ ସମ୍ମାନନୀୟା ମିସ୍ ଇଡେନ୍ ଏକଦା ଏହାକୁ ବୁଲି ଆସି ଦେଖିଥିଲେ-ଚମତ୍କାର ଜାଗା ଯହାକୁ ମୁଁ ସତରେ ସମ୍ଭବ ହେଲେ ଚୋରୀ କରି ଭାରତରୁ ନେଇଯିବାକୁ ଚାହେଁ । ଆରବ୍ୟ ରଜନୀରେ ଜୁବେଦା, ଖଲିଫାଙ୍କ ବିଶାଳ ପ୍ରାସାଦ ସହ ନିଜର ଆଲୋକ-ବାଟିକାକୁ ତୁଳନା କରି ଚାଲେଞ୍ଜ କରିଥିଲେ । ମୁଁ ନିଶ୍ଚିତ ଯେ ସେହି ଆଲୋକ ବାଟିକା ଯଦି କେଉଁଠି ଥାଏ ତାହା ହେଉଛି ଏହି ଛତର ମନଜିଲ ।

ରାଜା ଗାଜିଉଦ୍ଦିନ୍ ସୁପୁତ୍ର ଥିଲେ, କିନ୍ତୁ ସୁପୁତ୍ର ମାନଙ୍କ ପୁତ୍ରମାନେ ଯେ ସୁପୁତ୍ର ହେବେ ତାହାର କୌଣସି ଗ୍ୟାରେଣ୍ଟି ନାହିଁ । ତାଙ୍କ ଘୋଡାମୁହାଁ ପୁଅ ନାସିରୁଦ୍ଦିନ ଥିଲେ ବିଳାସପ୍ରିୟ । ସେ ଛତର ମନଜିଲ୍ ରେ ଅୟସ ଆରାମରେ ରହୁଥିଲେ ଏବଂ ପୁରା ମନଜିଲ୍ କୁ ଏକ ହାରେମ୍ ରେ ପରିଣତ କରିଥିଲେ । ସେ ଇଂରେଜମାନଙ୍କ ପରି ରହିବାକୁ ଚାହୁଁଥିଲେ ଓ ତାଙ୍କୁ ବନ୍ଧୁତାର ହାତ ବଢାଉଥିଲେ, ଏଣେ ନିଜ ଲୋକଙ୍କୁ ଘୃଣା କରୁଥିଲେ । ତାଙ୍କୁ ଘେରି ରହୁଥିଲେ ଅଗଣିତ ଗଣିକା ଓ ନର୍ତ୍ତକୀ । ଅନବରତ ହାତରେ ପିଆଲା ଧରି ବେହୋସ ରହୁଥିବା ଏହି ରାଜା, ଏକ ଷଡଯନ୍ତ୍ରର ଶିକାର କ୍ରମେ ବିଷମିଶା ମଦିରା କୌଣସି ରୂପସୀଠୁ ଗ୍ରହଣ କରି ମୃତ୍ୟୁ ଲଭିଥିଲେ ।"

ରାଜା ମହମ୍ମଦ ଅଲ୍ଲୀ ଶାହା ଥିଲେ ଜଣେ କୀର୍ତ୍ତିମାନ ଯଶସ୍ୱୀ ରାଜା । ହୁସେନାବାଦ ଇମାମବରା ବା ଛୋଟ ଇମାମବରା ସେ ନିଜେ କରିଥିଲେ ନିଜର ସମାଧି ସ୍ଥାପନ ପାଇଁ । ବର୍ତ୍ତମାନର ବୃହତ୍ତମ ଜାମା ମସଜିଦ୍, ହୁସେନାବାଦ ର ଗମ୍ବୁଜ ଘଣ୍ଟା, ପାର୍କ, ପୋଖରୀ ଓ ପୋଖରୀ ସଂଲଗ୍ନ ବାରଦରୀ ବା କୋଠା ଏହି ରାଜାଙ୍କ କୃତି । ସରକାର ଆଜିକାଲି ବହୁ ଅର୍ଥ ବିନିମୟ କରି ଏ ସମସ୍ତ ଜାଗାର ପୁନରୁତଥାନ କରୁଛନ୍ତି । ହୁସେନବାଦ ପାର୍କରେ ଥିବା ୨୨୧ ଫୁଟର ଉଚ୍ଚ ଗମ୍ବୁଜ ଉପରର ଘଣ୍ଟା ଆଜି ପୁଣି ଚଳମାନ । ସମ୍ଭବତଃ ଦେଢଶ

ବର୍ଷର ନୀରବତା ପରେ ଘଡି ପୁନଶ୍ଚଧାବମାନ। ପୋଖରୀ କଡେ ଧାଡି ଧାଡି ଜଳ ଫୁତକାର ଓ ସନ୍ଧ୍ୟାବେଳେ ଆଲୋକ ସହ ତାଳଦେଇ ନୃତ୍ୟରତ ଜଳଫୁଆର। ପୋଖରୀ କଡରେ ଥିବା ବର୍‌ଦରୀ କୋଠାରେ ରହିଛି ତୈଳଚିତ୍ର ସବୁର ଏକ ପ୍ରଦର୍ଶନୀ। ଲକ୍ଷ୍ନୌର ନବାବ ଓ ରାଜାମାନଙ୍କ ଜୀବନ୍ତ ଆକୃତିର ତୈଳଚିତ୍ର ଦେଖାଉ ଦେଖାଉ ଗାଇଡ୍ କହୁଥିଲେ – ଆପଣ ନବାବ୍ ମାନଙ୍କ ରାଜକୀୟ ଜୋତାର ଅଗ୍ରକୁ ଦେଖନ୍ତୁ, କୃପାଣ ଅଗ୍ରକୁ ଦେଖନ୍ତୁ ବା ନବାବ ମାନଙ୍କ ଆଖିକୁ ଦେଖନ୍ତୁ, ଏହି କୋଠରୀର ଯୁଡାଡକୁ ଯାଆନ୍ତୁ, ସେସବୁ ଆପଣଙ୍କ ଦିଗେ ବୁଲିଲା ପରି ଦେଖିବେ।” ପୃଥୁଳକାୟ ଶରୀର ସାଙ୍ଗକୁ ବିଚିତ୍ର ବେଶ ପରିହିତ ଶେଷ ରାଜା ୱାଜିଦ୍ ଅଲ୍ଲୀ ଶାହାଙ୍କୁ ଦେଖି କୌତୁକ ଲାଗେ, ଦୁଃଖ ବି ଲାଗେ। ରାଜ ଉଆସକୁ ଇଂରେଜ ମାନଙ୍କ ଆକ୍ରମଣ କାଳରେ ଏହି ମହାଶୟ ପଲଙ୍କ ଛାଡି ପଳାୟନ କରିବାକୁ ଅସମର୍ଥ ଥିଲେ, କାରଣ ଜୋତା ପିନ୍ଧେଇବାକୁ ଠିକ୍ ସେତେବେଳେ ଚାକର ବାକର ମହଜୁଦ ନଥିଲେ।

ଲକ୍ଷ୍ନୌରେ ଏମିତି ରହିଛି ଅନେକ ଅନେକ ଆକାଶ ଚୁମ୍ବୀ ବିଳାସ ବ୍ୟସନର ଗାଥା ଓ ପାତାଳଭେଦୀ ଦୁର୍ଭାଗ୍ୟ ଓ ଯନ୍ତ୍ରଣାର କଥା, ସବୁ ଜାଗାରେ ତାର ପ୍ରଭାବ ଊଣା ଅଧିକେ ଜୀବନ୍ତ। ନଷାର୍ଦ୍ଧର ପ୍ରହରୀ ପରି ଠିଆ ହୋଇଥିବା ରେସିଡେନ୍ସି, ଅଯୋଗ୍ୟ ରାଜା ୱାଜିଦ୍ ଅଲ୍ଲୀ ଶାହା, ଉମରାଓ-ଜାନ୍ ମାନଙ୍କ ଅନ୍ଧଗଳରେ ଛିନଭିନ୍ନ ହେଉଥିବା କଅଁଳ ଜହ୍ନ ମାନଙ୍କ କଥା -ଏ ସବୁ ସ୍ୱତନ୍ତ୍ର ମର୍ଯ୍ୟାଦା ବହନ କରୁଥିବା ଆଲୋଚନାର ବିଷୟ।

ହଁ, କେବେ ଯଦି ଲକ୍ଷ୍ନୌରେ କିଛି ଦିନ ରହିବାକୁ ସମୟ ପାଆନ୍ତି, ତେବେ ନିଶ୍ଚୟ ଗଳକନ୍ଦି ଓ ଅଣଓସାରିଆ ବଜାର ବୁଲିବେ। ନବାବୀ କୁର୍ତ୍ତା ପାଇଜାମା ପିନ୍ଧି, ଆଖିରେ ସୁରମା ଲଗେଇ, ପୋଷାକ ଉପରେ ଅତର ଢାଳ ଓ ଅତର ଭିଜା ତୁଳା ଖଣ୍ଡେ କାନରେ ଖୋସି ବେଧଡକ୍ ବୁଲିବେ। କଳରେ ପର୍ବତିଆ ମିଠାପାନ ଜାକ, ଗୋଡ ଉପରେ ଗୋଡ ଲଦି ରାଜରାସ୍ତାରେ ଘୋଡାଗାଡି ଚଢି ବୁଲିବାରେ ମଜା ଅଲଗା। ପାକଜାର ରାଜକୁମାର ବା ଉମରାଓ-ଜାନ୍ ର ଫାରୁକ୍ ଶେଖ ବୋଲି ନିଜକୁ ଭାବିବାରେ କେହି ବାଧା ଦେବେ ନାହିଁ। ନବାବ ମାନଙ୍କ ସହରକୁ ଆସି ନବାବ ମାନଙ୍କ ପରି ବୁଲିବେନ ତ ଆଉ କେଉଁଠି ବୁଲିବେ?

ଭାରତୀୟ ଜୀବନ ବୀମା ନିଗମ, କୋରାପୁଟ, ଓଡିଶା

# କବିତା ଲେଖା ନହେଲ୍ ନାହିଁ



ସୌଭାଗ୍ୟ ଗିରି

ଅଭିଳାଷ ଥିଲେ ବି ସାହସ କାହିଁ**??**
ସୁନୀଳ ଆକାଶରେ
ବିଭାବସୁ, ବିଧୁ ଆଉ ତାରକାପୁଞ୍ଜକୁ ଦେଖି
ରୋମାଣ୍ଟିକ୍ କବିତା ଲେଖିବାକୁ।
ଆକାଶକୁ ଗ୍ରହିଁଦେଲେ ତ
ବଢିଯାଉଛି ହୃତ୍ କମ୍ପନ,
ଥରିଉଠୁଛି ଦେହମନ।
ଦୃଶ୍ୟମାନ ହେଉଛି
ବିଶାଳାକାୟ ବିଶ୍ୱବ୍ରହ୍ମାଣ୍ଡ,
ମହାବିଶ୍ୱର ଅଜସ୍ର ଗ୍ରହନକ୍ଷତ୍ର,
ଛାୟାପଥ ଗୁଡିକରେ ତାରକାପୁଞ୍ଜର ଓବଲିଂ।
ରସା ର ରକ୍ଷାକବଚ ସାଜିଥିବା
ଓଜୋନ୍ ସ୍ତରରେ ଦିଶେ ବିଶାଳ ଗର୍ତ୍ତ,
ଏଇଠି ତ ମୂଳଦୁଆ ପକାଉଛି କ୍ୟାନସର୍,
କ୍ରବ୍ୟାଦ ସାଜି ଆମ ଆଡକୁ ମାଡି ଆସୁଛି
ଅର୍କଙ୍କ ଅତିବାଇଗଣୀ ରଶ୍ମି।
ଜଳବାୟୁରେ ପରିବର୍ତ୍ତନ,
ଷଡଋତୁ କ୍ରୋଧଜର୍ଜରିତ ହୋଇ
ସାଜିଛନ୍ତି ଅସ୍ତ୍ରାଧାରୀ।
ଜହରଯୁକ୍ତ ବାୟୁମଣ୍ଡଳରେ ଗ୍ଲାଲିଛି
ବାତ୍ୟା,ବନ୍ୟା ଆଉ ଭୂକମ୍ପ ଭିତରେ
ଟୁପ୍ ଟାପ୍ ଫୁସ୍ ଫାସ୍ କଥା,

ସେଇଠୁ ଅଣ୍ଟାଭିଡୁଛନ୍ତି ସମସ୍ତେ
କ୍ଷିତିପୃଷ୍ଠକୁ ଆସିବାକୁ ।
ଏକାକାର ଆଜି ସବୁଜକୋଠରୀ ପ୍ରଭାବ,
ଗ୍ଲୋବାଲ୍ ୱାର୍ମିଂ, ଅମ୍ଳବୃଷ୍ଟି ।
କାୟା ବିସ୍ତାରୁଛି ଅଙ୍ଗାରକାମ୍ଳ,
ଅଭାବରେ ପଡିଛି ଅମ୍ଳଜାନ ।
କ ଭୟଙ୍କର ସତେ ଏ ପ୍ରତିବିମ୍ବର ଆକାଶଟା!
ମନରେ ଭରିଦେଉଛି ବିଶ୍ୱର ଦୀର୍ଘତମ
ଗ୍ଲାସିୟର୍ ତରଳବାର ଭୟ,
ଆଜିର ମାସ୍କ ପରି ଆସନ୍ତାକାଲି
ଅମ୍ଳଜାନ ଥଳ ଧରି ବୁଲିବାର ଭୟ,
ସର୍ବୋପରି ଏ ଶୋଭନ ମାନବ ସଭ୍ୟତା
ଭୂଗର୍ଭେ ଲୀନ ହେଇଯିବାର ଭୟ ।
ନା, କବିତା ଲେଖା ନହେଲ୍ ନାହିଁ
ମୁଁ ଗ୍ଳଲିଲି କରିବି ବୃକ୍ଷରୋପଣ,
ଧାଡିଧାଡି ଗଛଲଗାଇ କରିବି
ଏକ ପ୍ରଦୂଷଣମୁକ୍ତ ବିଶ୍ୱଗଠନ ।

ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡା

# ଭାବନାରେ ତୁ



ସରୋଜ ଲକ୍ଷ୍ମୀ ମହାନ୍ତି

ଫୁଲଟିଏ ମୋତେ କରିଥାଆନ୍ତ କ
ତୁମ ଗଳାରେ ଝୁଲନ୍ତି
ଶିରିକ୍ଷେତ୍ରେ ରହି ଭାତୃତ୍ୱ ବନ୍ଧନେ
ଭକତ ଙ୍କୁ ବାନ୍ଧୁଥାନ୍ତି
ଚନ୍ଦନ କାଠ ଟେ କରିଦିଅ ଅବା
ମହ ମହ ବାସୁ ଥିବି
ରାଗ ଅଭିମାନ ଭୁଲାଇ ସଭିଙ୍କୁ
ଏକତା ମନ୍ତ୍ର  ବାଣ୍ଟିବି
ଦୟଣା ତୁଳସୀ କରି ଥାଆନ୍ତ କ
ମାଳାରେ ମୁଁ ଲାଗିଥାନ୍ତି
ସବୁ ବିପଦ କୁ ହସି ସହିବାକୁ
ପ୍ରେରଣା ଯୋଗାଉଥାନ୍ତି
କୁମ୍ଭାର ଟିଏ କରିଥାନ୍ତ ମୋତେ
ତୁମ କୁଡୁଆ ଗଢନ୍ତି
ଦାନ ପୂଣ୍ୟ କର୍ମ ମହତ ଜୀବନେ
ସଭିଙ୍କୁ ଗାଇ ଶୁଣାନ୍ତି
ମାଟି ଦୀପଟିଏ କରିଥାନ୍ତ ଅବା
ତୁମପାଇଁ ଜଳୁଥାନ୍ତି
ଜୀବନ ଶେଷରେ ସ୍ୱର୍ଗଦ୍ୱାର ବାଟେ
ଆଲୋକ ଦେଖାଉ ଥାନ୍ତି

ଅବଢ଼ା ଚାଉଳ କରିଥାଆନ୍ତକ
ମହାପ୍ରସାଦ ହୁଅନ୍ତି
ଭକତ ଙ୍କ ସୁଖ ଦୁଃଖ ସବୁ କାମେ
ପ୍ରଥମେ ଲୋଡ଼ା ହୁଅନ୍ତି
ଭାବଗ୍ରାହୀ ତୁମେ ଭାବର ଠାକୁର
ମୋଭାବ ଟି ଘେନା ହେଉ
ଲୋଭ ମୋହ ର ଏ ମାଟି ଦେହ ମୋର
ତୋ ଭାବରେ ସରି ଯାଉ

271/3, ଏ.ଭି. ରେସିଡେନ୍ସି,
ପୋ-କଟ୍, ଭୁବନେଶ୍ୱର

# ଛୋଟ ମୋର ନାଆଟି

(ଧାରାବାହିକ)



ପ୍ରଫେସର ଅନନ୍ତା ପଣ୍ଡା

୧୯୮୬

ହରବଟ୍.ଇ.କଫମ୍ୟାନ୍ :-

ମୁଁ ସେତେବେଳେ ଜାପାନ୍‌ରେ ଇଣ୍ଟ୍ରାଅକୁଲାର ଲେନ୍‌ସରେ ଫେଲୋସିପ୍ କରୁଥିଲି । ଡାଃ ମୁମୁସେ ଆମେରିକାନ ଏକାଡ଼େମୀ ଯିବା ପାଇଁ ବ୍ୟବସ୍ଥା କରୁଥିଲେ । ମୁଁ ପ୍ରଫେସର ମଦନମୋହନଙ୍କ ଠାରୁ ଆମେରିକାନ୍ ଏକାଡ଼େମୀ ବିଷୟରେ ବହୁତ ଶୁଣିଥିଲି । ଅଳ୍ପରେ ଡାଃ ମୁମୁସେଙ୍କ ସାମ୍ନାରେ ମୋ'ର ଇଚ୍ଛା ସମସ୍ୟା ଭାବେ ପ୍ରକାଶ କରିଥିଲି । ଏକାଡ଼େମୀର ରେଜିଷ୍ଟ୍ରେସନ ଫି ବହୁତ ବେଶୀ । ତେଣୁ ତାହା ମୋ' ପକ୍ଷରେ ସମ୍ଭବ ହେବନ । ସେ କଥା ମଧ୍ୟ ପ୍ରକାଶ କରିଥିଲି । ମୋ' କଥାର ଉତ୍ତର ସେ ଦେଇଥିଲେ ମଧ୍ୟ ଦୁଇ ଦିନ ପରେ କହିଥିଲେ ମୋ' ନାମ ଜୁନଅର ମେମ୍ବର ଭାବେ ରଦ୍ଦ କରି ଦେଇଛନ୍ତି । ଯାହା ପାଇଁ ଶହେ ଡଲାର୍‌ରୁ ମଧ୍ୟ କମ୍ ଦେବାକୁ ହୁଏ । ମେମ୍ବର ମାନଙ୍କୁ ରେଜିଷ୍ଟ୍ରେସନ ଫି ଦେବାକୁ ହୁଏନ ।

ବହୁତ ଖୁସି ହୋଇ ଡାଃ ମୁମୁସେଙ୍କ ସଂଗେ ନଉ ଅରଲିଆନସ୍ (ୟୁନକ୍ ସିଟି ଅଫ୍ ଆମେରିକା) ଯାତ୍ରା କଲି । ୯ ନଭେମ୍ବର ୧୯୮୬ ମସିହା ରେଜିଷ୍ଟ୍ରେସନ ଡ଼େସ୍କରୁ ମୋ'ର କଟ୍ ଦୁଇଖଣ୍ଡ ସଂଗ୍ରହ କରି ଉତ୍ସାହ ସହ ଭିତରେ ଥିବା କାଗଜ ପତ୍ର ଗୁଡ଼ିକ ବାହାର କଲି।

ଆଖି ପଡ଼ିଲା ସୁନ୍ଦର ଦୁଇରଙ୍ଗୀନ କାଗଜ ଉପରେ । ଗୋଟିଏ ଥିଲା ଡାଃ କଫମ୍ୟାନ୍‌ଙ୍କ (ଅନୁବୋଧ) ପାଠ୍ୟକ୍ରମ ଏବଂ ଅନ୍ୟଟି ଥିଲା ଡାଃ କାସେଙ୍କର ଲାମେଲାର କେରାଟୋପ୍ଲାଷ୍ଟି ପ୍ରୟୋଗିକ (ହ୍ୟାଣ୍ଡସ୍ ଅନ୍) କୋର୍ସ ଦୁଇଟିକୁ ଦେଖିବା ପରେ ଅନ୍ୟ କଛି ଦେଖିବାର ସ୍ପୃହ ନ ଥିଲା । ଡାଃ ହରବଟ୍ କଫମ୍ୟାନ ଏବଂ ଡାଃ ଟି.ଏ. କାସେ, ଯେଉଁମାନଙ୍କୁ ମୁଁ ଦେଖିବା

ପାଇଁ ସ୍ୱପ୍ନ ଦେଖୁଥିଲି । ଡ଼ାଃ କଫମ୍ୟାନ୍‌ଙ୍କ କୋର୍ସ ଭାଇରାଲ୍ କେରାଟାଇଟିସ୍ ଉପରେ ଥିଲା। ହଲ୍‌ର ଚେୟାର ସବୁ ଭର୍ତ୍ତି ହୋଇ ଯାଇଥିଲା । କେତେଜଣ ପ୍ରମୁଖ ବ୍ୟକ୍ତି ଚେୟାର ଅଭାବରୁ କାନ୍ଥକୁ ଲାଗି ଛିଡ଼ା ହୋଇଥିଲେ । ଏଇ ସମୟରେ ଜଣେ ସାଧାରଣ ବେଶଭୂଷା ହୋଇଥିବା ବ୍ୟକ୍ତି ପାଖ ରୁମ୍‌ରୁ ଚେୟାର ଆଣି ସମସ୍ତଙ୍କୁ ବସିବା ପାଇଁ କହିଥିଲେ । କେହି ଜଣେ କର୍ମଚାରୀ ହୋଇଥିବେ ମନେ କରି ତାଙ୍କ ହାତରୁ ଚେୟାର ଖଣ୍ଡେ ନେଇ ଧନ୍ୟବାଦ ଅର୍ପଣ କରିଥିଲି ।

ପାଠ୍ୟକ୍ରମର ଉପକ୍ରମଣିକା ଆରମ୍ଭ ହେଲା । ମଞ୍ଚକୁ ଚାହିଁଲି । ଯେଉଁ ବ୍ୟକ୍ତିଙ୍କ ହାତରୁ ଚେୟାର ନେଇଥିଲି ସେ ହେଉଛନ୍ତି ଡାଃ ହରବଟ୍ କଫମ୍ୟାନ୍ । ଏଲ୍.ଏସ୍.ଇଉ ହସପିଟାଲ୍‌ର ମୁଖ୍ୟ ଏମେରିଟସ୍ ବଏଡ୍ ପ୍ରଫେସର । ମୋ'ର ଆଶ୍ଚର୍ଯ୍ୟର ସୀମା ରହିଲାନି।

ଆମେରିକାନ୍‌ମାନଙ୍କର ଏଇ ମନୋବୃତ୍ତି ପାଇଁ ହୁଏତ ଆମେରିକା ଏତେ ଆଗେଇ ପାରିଛି । ତହିଁ ଆରଦିନ ଥିଲା ଡାଃ ଟି.ଏ. କାସେଙ୍କର ହ୍ୟାଣ୍ଡସ୍ ଅନ କୋର୍ସ । ଇଣ୍ଟ୍ରଡ଼କ୍ଟରୀ କ୍ଲାସ୍‌ରେ ସେ ଡ୍ରେସ୍ କୋଡ୍ ବିଷୟରେ ସମ୍ୟକ୍ ଧାରଣା ଦେଇଥିଲେ । ସମସ୍ତ ଉପଦେଶକ ଏବଂ ସହଭାଗୀ ଶିକ୍ଷାର୍ଥୀମାନଙ୍କ ପାଇଁ ଟ୍ରାଉଜର ଏବଂ ସାର୍ଟ ଅନିବାର୍ଯ୍ୟ । ମୋ' ମୁଣ୍ଡରେ ଚଡ଼କ ପଡ଼ିଥିଲା । ମୋ' ପାଖେ କେବଳ ଶାଢ଼ୀ ଏବଂ ସାଲୁଆର କମିଜ୍ ବ୍ୟତୀତ ଅନ୍ୟ କିଛି ନ ଥିଲା । ଡାଃ ମୁମୁସେ ମତେ ମଲ୍ ନେଇ ଯାଇଥିଲେ । ଜେ.ସି. ପେନ ଅପେକ୍ଷାକୃତ ଶସ୍ତା ମଲ୍ । ଡାଃ କାସେଙ୍କ ଆଦେଶ ଅନୁଯାୟୀ ଡ୍ରେସ୍ କିଣି ନେଲି । ହ୍ୟାଣ୍ଡସ୍ ଅନ୍ କୋର୍ସ ଆରମ୍ଭ ହେବା ପୂର୍ବରୁ ଡାଃ କାସେ ସରଳ ଭାବେ ସମସ୍ତ କଥା ବୁଝାଇଲେ । ପ୍ରତ୍ୟେକ ଶିକ୍ଷାର୍ଥୀ ପାଇଁ ସ୍ୱତନ୍ତ୍ର ଟେବୁଲ୍ ଏବଂ ମାଇକ୍ରୋସ୍କୋପ୍ ଥିଲା । ମୋ' ସିଟ୍ ପ୍ରଥମ ଧାଡ଼ିର ଗୋଟିଏ କୋଣକୁ ଥିଲା । ତା'ର ଠିକ୍ ସିଧାରେ ଡାଃ କାସେ ବସିଥିଲେ । ଉପଦେଶ (ଇନ୍‌ଷ୍ଟ୍ରକ୍ଟର) ମାନେ ବୁଲି ବୁଲି ସମସ୍ତଙ୍କୁ ସାହାଯ୍ୟ କରୁଥିଲେ । ମୋ' ପାଖରେ ପହଞ୍ଚିବା ବେଳକୁ ମୁଁ ରେସିପିଏଣ୍ଟ ଡିସେକସନ୍ କରି ଡୋନର୍ ଟିସୁ ପାଇଁ ଅପେକ୍ଷା କରିଥିଲି । ଡାଃ ରାଇସ୍ ଆଶ୍ଚର୍ଯ୍ୟ ହୋଇ ମୋ' ପାଖେ ଠିଆ ହୋଇଗଲେ । କିଛି ଅଘଟଣ ଘଟିଛି ମନେ କରି ଡାଃ କାସେ ମଧ୍ୟ ସେଠାରେ ପହଞ୍ଚିଗଲେ, "ହ୍ୱାଟ୍ ଇଜ୍ ଦ ମାଟର୍?"

ଆପଣଙ୍କ ଆଦେଶ ଅନୁଯାୟୀ ମୁଁ ରେସିପିଏଣ୍ଟ ଡିସେକସନ୍ ଶେଷ କରି ଦେଇଛି । ଡୋନର୍ ଲାମେଲାର ଟିସୁ ପ୍ରାପ୍ତ ହେଲେ ସୁଚରିଙ୍ଗ୍ ଆରମ୍ଭ କରିବି ।

ତୁମ ନାମ ପଛରେ ଯୋଡ଼ା ଯାଇଥିବା ହେତୁ ତୁମ ପାଇଁ ଡିସେକ୍‌ଟେଡ୍ ବଟନ୍ ନାହିଁ । ଆଇ ବଲ୍ ମଧ୍ୟ ମିଳ ପାରିବନ । ଗୋଟିଏ କରନ ଓ ସ୍କେଗଲ ଟିସୁ ଅଛି । ତୁମେ ନଜେ ନଜେ ବଟନ୍ କାଟି ପାରିବ କରି ପାରିବ?

ଜଙ୍ଗସ୍ କ୍ଲାମ୍ପ ମିଳପାରିବ?

ହଁ, କହି ଡାଃ କାସେ ନଜ ଆସନ ଗ୍ରହଣ କଲେ । ସମସ୍ତ ସୁଟରିଙ୍ଗ୍ ଶେଷ ହେଲା ପରେ ମୁଁ ଆମ ଧାଡିର ଉପଦେଶ ଡାଃ ଗ୍ରଇସ୍‌ଙ୍କୁ ଆହ୍ୱାନ କଲି, "ଆଉ ଗୋଟିଏ ଡିସେକସନ୍ କରିବାର ଇଚ୍ଛା ଅଛି କ" ପ୍ରଶ୍ନ କରୁଥିବା ସମୟରେ ଡାଃ କାସେ ବାରଣ କରି ମତେ ତାଙ୍କ ପାଖକୁ ଡାକଲେ ।

ତୁମେ ପୂର୍ବରୁ ଲେକେ କୋର୍ସ ଆଟେଣ୍ଡ କରିଛ?

ନା ଡକ୍ଟର, ମାତ୍ର ମୁଁ ଏମ୍‌ସରେ ସବୁ ଲେ.କେ କରିଥାଏ ।

ତେବେ ହ୍ୟାଣ୍ଡସ୍ ଅନ୍ କୋର୍ସ ପାଇଁ କାହିଁକି ନାମ ରଦ୍ଦ କରାଇଥିଲ?

ହ୍ୟାଣ୍ଡସ୍ ଅନ୍ ଟିପ୍‌ସ ପ୍ରଫେସର ମଦନ ମୋହନଙ୍କ ଠାରୁ ଖୁବ୍ ଭଲ ଭାବେ ମିଳଛି । ମୁଁ ଆପଣଙ୍କ ଲେ.କେ କହି ଧାଡ଼ି ଧାଡ଼ି କରି ପଢ଼ିଛି । ବହି ପଢ଼ି ମୁଁ ଏତେ ମୁଗ୍ଧ ହୋଇଯାଇଥିଲି ଯେ ଆପଣଙ୍କ ସାକ୍ଷାତ ପାଇଁ ସ୍ୱପ୍ନ ଦେଖୁଥିଲି । ଆପଣଙ୍କ ନକଟକୁ ଲଣ୍ଡନ ଯିବା ତ ସମ୍ଭବପର ହୋଇ ପାରିବନ, ତେଣୁ ଏଇ ଜରିଆରେ ଆପଣଙ୍କୁ ସାକ୍ଷାତ କରିବାର ସ୍ୱପ୍ନ ମୋ'ର ସାକାରହୋଇ ପାରିଛି ।

ଆମ ସେଣ୍ଟର୍‌ରେ କାମ କରିବାକୁ ପସନ୍ଦ କରିବ?

ପସନ୍ଦର ପ୍ରଶ୍ନ କାହିଁକି ଉଠୁଛି! ନଜକୁ ଭାଗ୍ୟବତୀ ମନେ କରିବି । ହେଲେ ଖୁବ୍ କମ୍ ଦିନ ପାଇଁ । ଘରେ ମୋ'ର ଛୋଟ ପୁଅ । ତା'ର ତତ୍ତ୍ୱାବଧାନ କରିବା ମୋ'ର ଆବଶ୍ୟକ ।
ଠିକ୍ ଅଛି, ଆସନ୍ତାକାଲି ଏକ୍‌ଜିବିସନ୍ ଷ୍ଟଲ୍‌ରେ ମୋ'ର ହ୍ୟାଣ୍ଡସ ଅନ୍ କୋର୍ସ ଅଛି ।

ମତେ ସେଠାରେ ସାହାଯ୍ୟ କରିବ ।

ଖୁବ୍ ଆନନ୍ଦରେ ସମ୍ମତି ଜଣାଇ ସେଦିନର କାମ ଆରମ୍ଭ କଲି ।

ଭାରତ ଫେରିବା ପରେ ମୋ'ର ଲାମେଲାର କେରାଟୋପ୍ଲାଷ୍ଟି ଉତ୍ସାହ ବହୁ ଗୁଣରେ ବୃଦ୍ଧି ପାଇଥିଲା । ପରିବେଶର ସୁଗନ୍ଧ ଖୁବ୍ ଶୀଘ୍ର ଦୂର ଦୂରାନ୍ତକୁ ଭାସି ଯାଇଥିଲା । ୧୯୮୭ ମସିହାରେ ବମ୍ବେ ନିବାସୀ ଡାଃ ମୁଲ୍‌ଜିଆନୀଙ୍କ ସାହାଯ୍ୟରେ ମୁଁ ରୟାଲ୍ କଲେଜ ଅଫ୍ ଅପ୍‌ଥାମୋଲୋଜୀ, ଲଣ୍ଡନର ମେମ୍ବର ରୂପେ ଘୋଷିତା ହୋଇଥିଲି । ରୟାଲ୍ କଲେଜ ଦ୍ଵାରା ଆୟୋଜିତ କନ୍‌ଫରେନ୍ସ ଲଣ୍ଡନରେ ଆଟେଣ୍ଡ କରିବା ପରେ ଡାଃ କାସେଙ୍କ ଇନ୍‌ଷ୍ଟିଚ୍ୟୁଟ୍‌ରେ ଦୁଇ ସପ୍ତାହ ବିତାଇଥିଲି । ଆମେରିକାନ୍ ଏକାଡ଼େମୀ ମିଟିଂ ଆଟେଣ୍ଡ କରିଥିଲି ସତ ମାତ୍ର ମେମ୍ବର ହେବାର ପଦ୍ଧତି ମତେ ଜଣା ନ ଥିଲା । ସ୍ଵର୍ଗତଃ ଡାଃ ପି.ଶିବାରେଡ଼ିଙ୍କ ସାହାଯ୍ୟରେ ମୁଁ ଏକାଡ଼େମୀ ମେମ୍ବର ରୂପେ ଘୋଷିତା ହେଲି । ତା'ପରଠାରୁ ମତେ ପ୍ରତ୍ୟେକ ବର୍ଷ ଆମେରିକାନ ଏକାଡ଼େମୀ କନ୍‌ଫରେନ୍ସରେ ଆଣ୍ଟେରିଅର ଲାମେଲାର କେରାଟୋପ୍ଲାଷ୍ଟିର ହ୍ୟାଣ୍ଡସ୍ କୋର୍ସ ଟ୍ରେନିଂ ଦେବାପାଇଁ ସୌଭାଗ୍ୟ ପ୍ରାପ୍ତ ହୋଇଥିଲା । ସମୟ କ୍ରମେ ପୋଷ୍ଟେରିଅର ଲାମେଲାର କେରାଟୋପ୍ଲାଷ୍ଟି ଟ୍ରେନିଂ ଦେବାର ସୁଯୋଗ ମଧ୍ୟ ଲାଭ କରିଥିଲି । କେବଳ ସେତିକି ନୁହେଁ, କାଷ୍ଟ୍ରୋଭିଜୋ କର୍ଣ୍ଣିଆ ସୋସାଇଟିର ଥିସିସ୍ ମେମ୍ବର ରୂପେ ମଧ୍ୟ ବିବେଚିତା ହୋଇଥିଲି । ଏଇ ସବୁ ଅନୁଭୂତି ମୋ'ର ଆତ୍ମବିଶ୍ଵାସକୁ ବହୁ ଗୁଣରେ ବୃଦ୍ଧି କରିଥିଲା ।

## ଜର୍ମାନ ପଥେ:-

୧୯୮୮ରେ ସେତେବେଳେ ଆମ ସେଣ୍ଟର୍‌ରେ କେହି ଅକୁଲାର ପାଥୋଲୋଜିଷ୍ଟ ନ ଥିଲେ । ତେଣୁ ନିଜର କ୍ଲିନିକାଲ କାମ ବ୍ୟତୀତ ମୁଁ ପାଥୋଲୋଜି ଡିପାର୍ଟମେଣ୍ଟ ମଧ୍ୟ ଚଳାଉ ଥିଲି । ଏ ଖବର ଶୁଣି ଦୁହେଁ ବହୁ ଆପ୍ୟାୟିତ ହେଲେ । ଜର୍ମାନ ଯାତ୍ରାରୁ ଫେରିବା ପରେ ପୁଣି ଥରେ ମୁଖ୍ୟଙ୍କ ଅଫିସ୍‌ରୁ ଡାକରା ଆସିଥିଲା । ଜନ୍‌ହପ୍‌କିନ୍‌ରେ ଡାଃ କୋଗାନଙ୍କ ଅଧୀନରେ ଦଶମାସ ପାଇଁ ଟ୍ରେନିଂ (ଫେଲୋସିପ୍) ନେବାପାଇଁ ପ୍ରଫେସର ମଦନ ମୋହନଙ୍କ ପାଖକୁ ଡାଃ କୋଗାନ ଲେଖିଥିଲେ । ମୋ'ଠାରୁ କିଛି ଆଶାଜନକ ଉତ୍ତର ନ ପାଇ ପ୍ରଫେସର ତାଙ୍କର ବିଗ୍ଭର ରଖିଥିଲେ । ପାଥୋଲୋଜିରେ ଫେଲୋସିପ୍ କରି ଆସିଲେ

ମୁଁ ତତେ ଆସୋସିଏଟ୍ ପ୍ରଫେସର (ବର୍ତ୍ତମାନର ଆଡ଼ିସ୍‌ନାଲ୍ ପ୍ରଫେସର) ପଦରେ ନିଯୁକ୍ତ କରିବି । କେବଳ ସେତିକି ନୁହେଁ । ତୁ ଅକୁଲାର ପାଥୋଲୋଜିର ମୁଖ୍ୟ ହୋଇ ରହିବୁ । ସବୁ ଠିକ୍ ସାର୍, ମାତ୍ର ମୁଁ ମୋ'ର କ୍ଲିନିକାଲ୍ କାମ ଏବଂ ଅପରେସନ ଛାଡ଼ି ପାରିବିନି । କ୍ଷମା ଗ୍ଭହେଁ କହି ବିଦାୟ ନେଲି ।

ସେଇ ସମୟରେ ବେଲ୍‌ଜିଅମ୍‌ରୁ ଡାଃ ମିସୋଟୋନୀଙ୍କ ପାଖରୁ ଦୁଇସପ୍ତାହ ଇନ୍‌ଭିଟେସନ୍ କର୍‌ନଆ ୱାର୍କସପ୍ ପାଇଁ ଥିଲା । ଠିକ୍ ତା'ର କେତେଦିନ ପୂର୍ବରୁ ମ୍ୟୁନଚ୍‌ରେ ଦୁଇଦିନ ବ୍ୟାପୀ ଡାଇବେଟିକ୍ସ ରିସର୍ଚ୍ଚ ପ୍ରୋଗ୍ରାମ ନ୍ୟାସନାଲ ଆଇ ଇନ୍‌ଷ୍ଟିଚ୍ୟୁଟ୍, ବେଥସେଡ଼ାର ମିଳତ ବୈଠକ ଥିଲା । ସେଇ କାର୍ଯ୍ୟ କ୍ରମରେ ମୁଁ ଜଏନ୍ କରି ପାରିବିକ ବୋଲି ଡାଃ କାର୍ଲ କୁଫର ସନ୍ଦେଶ ପଠାଇଥିଲେ । ଦୁଇଟି ଯାକ ପ୍ରୋଗ୍ରାମକୁ ମିଶାଇ ଆମେ ସପରିବାର ଗୋଟିଏ ମାସ ପାଇଁ ଜର୍ମାନ ଟୁର୍ ପ୍ଲାନ୍ କରିଥିଲୁ । ଡାଃ କାର୍ଲ କୁଫର୍‌ଙ୍କ ସହ ପ୍ରଫେସର ମଦନମୋହନଙ୍କ ଅଫିସ୍‌ରେ ପୂର୍ବରୁ ସାକ୍ଷାତ ହୋଇଥିଲା । ମାତ୍ର ବିଶ୍ୱ ପ୍ରସିଦ୍ଧ ଅକୁଲାର ପାଥୋଲୋଜିଷ୍ଟ ଡାଃ କୋଗାନ୍‌ଙ୍କ ସହ ସେଠାରେ ମୋ'ର ପ୍ରଥମ ସାକ୍ଷାତ ।

ଭାରତରୁ ପ୍ରଥମ କରି ସଂପୂର୍ଣ୍ଣ କରିଥିବା ଡାଇବେଟିକ୍ କର୍‌ନଆ ରିସର୍ଚ୍ଚରେ ସେ ଏବଂ ତାଙ୍କର ଧର୍ମ ପତ୍ନୀ ଅଭିଭୂତ ହୋଇ ପଡ଼ିଥିଲେ । ମ୍ୟୁନକରେ ଆମର ବିଜ୍ଞାନ ଜନତ କାର୍ଯ୍ୟକ୍ରମ ଶେଷ ହେବା ପରେ ଆମେ କେତେଦିନ ପାଇଁ ସ୍ୱିଜରଲାଣ୍ଡ ଯିବାର ପ୍ଲାନ୍ କରିଥିଲୁ ।

ପାଖରେ ସେଞ୍ଜେନ୍ ଭିସା ଥିଲା । ତେଣୁ କଛି ଅସୁବିଧା ହେଲାନ । ମାତ୍ର ସ୍ୱିଜରଲାଣ୍ଡ ଏୟାର୍‌ପୋର୍ଟରେ ପହଞ୍ଚି ଅନୁଭବ କଲୁ ଆମ ପାଇଁ ହୋଟେଲ୍ ଗୁଡ଼ିକ ଖୁବ୍ ବେଶୀ ଦାମ୍ । ସ୍ୱାମୀ ଭାରତକୁ ଫୋନ୍ ଲଗାଇ କଛି ରିଜନେବଲ୍ ହୋଟେଲ୍ ସମ୍ବନ୍ଧରେ ଆଲୋଚନା କରୁଥିଲେ । ସେଇ ଅବସରରେ ମୁଁ ପୁଅ ସହିତ ଯାଇ ହୋଟେଲ୍ ମ୍ୟାପ୍‌ରେ ହୋଟେଲ୍ ଗୁଡିକରେ ଦାମ୍ ଏବଂ ଖାଲି ଅଛି କ ନାହିଁ ଖୋଜୁଥିଲୁ । ନଷ୍ଚିତ ଭାବେ ସ୍ୱାମୀଙ୍କୁ କୌଣସି ଉପଯୋଗୀ ଉତ୍ତର ମିଳ ନ ଥିଲା । ଆମ ଦୁହିଙ୍କ ପାଖକୁ ଆସି ତାଙ୍କର ବିରକ୍ତି ପ୍ରକାଶ କଲେ । "କୌଣସି ଶସ୍ତା ହୋଟେଲ୍ ମିଳୁନ, ହାତରେ ବେଶୀ ଫ୍ରାଙ୍କ୍ କମ୍ବା ଡଲାର୍ ନାହିଁ । ସେ ବିଷୟରେ ଚନ୍ତା ନ କରି ଦୁହେଁ ଆସି ଏଠାରେ ଖେଳୁଛ!"

ଆମେ ଏଠାରେ ଖେଳୁନୁ ଡାଡ୍, ଶସ୍ତା ହୋଟେଲ୍ ଢୁଣ୍ଡୁଛୁ (ପୁଅ ଖୁବ୍ ଭଲ ଓଡ଼ିଆ କହି ପାରୁ ନଥିଲା) ।

ଆର୍ ଇଉ ଫ୍ରମ୍, ଇଣ୍ଡିଆ? ଜଣେ ସ୍ୱିସ୍ ଭଦ୍ରମହିଳାଙ୍କର କଣ୍ଠ ସ୍ୱର ।

ୟା... ମାତ୍ର...

ଇଫ୍ ଆଇ ଆମ୍ ନଟ୍ ରଙ୍ଗ୍ ଆର୍ ୟୁ ଡାଃ ଅନୀତା ପଣ୍ଡା ଫ୍ରମ୍ ଏମ୍ସ ନଉ ଦିଲ୍ଲୀ?

ତାହା ଠିକ୍ ଯେ, ଆପଣ କେମିତି ଗେସ୍ କଲେ?

ଆପଣଙ୍କ ପୋଷାକରୁ (ମୁଁ ଶାଢ଼ୀ ପିନ୍ଧିଥିଲି) । ତା'ଛଡ଼ା ମୁଁ ଆପଣଙ୍କ ଫଟୋ ମୋ' ବନ୍ଧୁଙ୍କ ସହ ଦେଖିଛି । ସେ ଭାରତ ଯାଉଥିବା ସମୟରେ ଆପଣ ତା'ର ଆଖି ବଞ୍ଚାଇଥିଲେ । ମୁଁ ଲର୍, ରାଡ଼ୋ କମ୍ପାନୀର ଜଣେ ବଡ଼ ଅଫିସର ମିଃ ବ୍ରାଡ଼େଲେଙ୍କର ସେକ୍ରେଟାରୀ । ଜୋନାଥନ ମୋ'ର ବନ୍ଧୁ । ମିଃ ବ୍ରାଡ଼େଲେଙ୍କ ବିଜିନେସ୍ ଟ୍ରିପ୍‌ରେ ସେ ତାଙ୍କ ସଂଗେ ଥିଲା ।

ମୋ'ର ଠିକ୍ ମନେ ପଡ଼ିଲା । କାର୍ ଦୁର୍ଘଟଣାରେ ତାଙ୍କ ଆଖିରେ କାଚ ପଶି ଯାଇଥିଲା । ଯାହା ବାହାର କରି ମୁଁ ତାଙ୍କର କର୍ନିଆ ସିଲାଇ କରିଥିଲି । ଏମିତି ବାର୍ତ୍ତାଳାପ ମଧ୍ୟରେ ଶୀତୁ (ମୋ' ପୁଅ) କହି ଉଠିଲା "କୁଡ୍ ଇଉ ପ୍ଲିଜ୍ ହେଲ୍‌ପ ଅସ୍ ଟୁ ଫାଇଣ୍ଡ ଯ୍ୟାନ୍ ଇନ୍‌ଏକ୍ସପେନ୍‌ସିଭ ହୋଟେଲ୍?"

ବାସ୍ତବିକ ସ୍ୱିସ୍ ହୋଟେଲ୍ ଗୁଡ଼ିକ ବେଶୀ ମହଙ୍ଗା ନୁହେଁ, ମାତ୍ର ଏହା ଏକ ଟୁରିଷ୍ଟ ପ୍ଲେସ୍ ଯୋଗୁ ଟୁରିଷ୍ଟମାନଙ୍କ ଠାରୁ ବେଶୀ ଚାର୍ଯ କରିଥାନ୍ତି । ଆମଠାରୁ ନୁହେଁ । ଲରାଙ୍କ ସାହାଯ୍ୟରେ ଆମକୁ ଗୋଟିଏ ଭଲ ହୋଟେଲ୍ ମିଳିଲା । ଆବଶ୍ୟକ ହେଲେ କଲ୍ କରିବାକୁ କହି ନିଜର କାର୍ଡ଼ ଧରାଇ ଲର୍ ବିଦାୟ ନେଲେ ।

ମଝିରେ ମଝିରେ ଲର୍ ସଂଗେ କଥାବାର୍ତ୍ତା କରୁଥିଲେ ମଧ୍ୟ ତାଙ୍କୁ କିଛି ଆମର ଅସୁବିଧା ବିଷୟରେ କହୁ ନଥିଲୁ । ସତ କହିବାକୁ ଗଲେ ବୁଲାବୁଲିରେ ଆମେ ଏତେ ବେଶୀ ବ୍ୟସ୍ତ ଥିଲୁ ଯେ ଅସୁବିଧା ବିଷୟରେ ଚିନ୍ତା କରିବାକୁ ସମୟ ମିଳୁ ନ ଥିଲା । ବୁଲିବା ସମୟରେ

ଦିନେ "ଆର୍ ଇଉ ଫ୍ରି ଇନ୍ ଦିସ୍ ଇଭିନିଙ୍ଗ୍ ଫର୍ ଡିନର୍?"

"ହଁ କହିଦିଅ । ଏତେଦିନ ପରେ ବଢ଼ିଆ ଖାଇବା ମିଳିବ" ସ୍ୱାମୀଙ୍କ କଣ୍ଠସ୍ୱର ।

ସର୍ତ୍ତ ଅନୁଯାୟୀ ସଂଧ୍ୟା ପାଞ୍ଚଟାରେ ଲର୍ ଆସି ଆମକୁ ନେଇଗଲେ । ରାସ୍ତାରେ ଗାଡ଼ି ବନ୍ଦ କରି ଗୋଟିଏ ଦୋକାନ ଭିତରେ ପଶିଲେ । ସ୍ୱାମୀଙ୍କର କଣ୍ଠସ୍ୱର ତୁମେ ତାଙ୍କ ହୋଟେଲ୍‌ରେ ଖୁଆଇ ବେଶୀ ଖର୍ଚ୍ଚାନ୍ତ ହେବାକୁ ବାରଣ କଲ । ତେଣୁ କିଛି ସ୍ପେଶିଆଲ୍

ଖାଇବା ଜିନଷ ସମସ୍ତଙ୍କ ପାଇଁ କଣିବାକୁ ଯାଇଛି । ମାତ୍ର ସେମିତି କଛି ନ ଥିଲା । କଛି କଞ୍ଚା ଆଳୁ ହାତରେ ନେଇ ଫେରିଲେ ।

ଆଉଥରେ ସ୍ୱାମୀ ଆରମ୍ଭ କଲେ, ସେ ବହୁ ବୁଦ୍ଧିମତୀ । ଓଡ଼ିଆ ମାନେ ମାଂସରେ ଆଳୁ ପକାନ୍ତି ବୋଲି ନଶ୍ଚିତ ଭାବେ ଜାଣିଛନ୍ତି । ତାଙ୍କ ଫ୍ଲାଟ୍‌ରେ ପହଞ୍ଚିଲୁ । ଫ୍ଲାଟ୍‌ଟି ଖୁବ୍ ଛୋଟ ମାତ୍ର ସୁନ୍ଦର ଭାବେ ସଜ୍ଜିତ । ବାତାନୁକୁଳ ଯନ୍ତ୍ର ଦ୍ୱାରା ଟେମ୍ପରେଚର ସୁରକ୍ଷିତ । ଆମମାନଙ୍କୁ କୋର୍ଟ ରୁମ୍ ଦେଖାଇ ଦେଲେ । ସମସ୍ତେ ଡ୍ରଇଁ ରୁମ୍ ସୋଫା ଉପରେ ବସିଥିଲୁ। ଆଲୋଚନାର ପ୍ରାରମ୍ଭ । ବିଷୟ ବସ୍ତୁ ଥିଲା କୁମ୍ଭମେଳା । ଦୁଇଟି କଟ୍ ଗ୍ଲାସ୍ ବାଓ୍ୱେଲ୍‌ରେ କଛି ଡ୍ରାଇଫ୍ରୁଟ୍‌ସ ଏବଂ ଡ୍ରିଙ୍କସ୍ ନେଇ ପାଖରେ ରଖିଲେ । ଶତାଧିକ ପ୍ରଶ୍ନ । ପ୍ରଶ୍ନ-ଉତ୍ତର ଦେଉ ଦେଉ ଆମ ଦୁହିଙ୍କର ଷ୍ଟକ୍ ଶେଷ ହୋଇଗଲା । ମାତ୍ର ଲଗ୍ନାଙ୍କ ପ୍ରଶ୍ନର ବିରତି ନାହିଁ । ଆମ ଦୟନୀୟ ଅବସ୍ଥା ଦେଖି ପୁଅ ତାଙ୍କ ପ୍ରଶ୍ନର ଉତ୍ତର ଦେବା ଆରମ୍ଭ କଲା । ଆମେ ଦୁହେଁ ବର୍ତ୍ତମାନ ପିଲାଙ୍କର ସାଧାରଣ ଜ୍ଞାନର ତାରିଫ୍ କରୁଥିଲୁ । ସ୍ୱାମୀ ଇଙ୍ଗିତରେ ଭୋକର ସୂଚନା ଦେଲେ । ଓପନ୍ କଚେନ୍ । କଛି ରନ୍ଧା ହେଲା ଭଳି ଦେଖାଯାଉ ନ ଥିଲା, ମାତ୍ର ଗୁଡ଼ାଏ ବାସନ ବେସିନ୍ ଭିତରେ ଜମା ହୋଇଥିଲା । ସ୍ୱାମୀ ଚୁପ୍ ଚୁପ୍ କରି କହିଲେ ସେ ବାସନ ମାଜିବା ମାଲିକୁ ଅପେକ୍ଷା କରିଛନ୍ତି । ଗଳ୍ପ ଆସରରୁ ଉଠିଯାଇ ସବୁତକ ବାସନ ସଫା କରିଦେଲି । ଲଗ୍ନା ଆସି ପ୍ରେସର କୁକର୍‌ରେ ଆଣିଥିବା ଆଳୁ ତକ ସିଝାଇବାକୁ ରଖିଲେ । ମନକୁ ମନ ଚନ୍ତା କଲି ଆଉ ଟିକଏ ଆଗରୁ ଉଠି ଆସିଥାନ୍ତି ଯଦି ଲଗ୍ନା ମଧ୍ୟ ଉଠିଥାନ୍ତେ । ଛାଡ଼; ଯାହା ହୋଇଗଲାଣି ତା' ପାଇଁ ଚନ୍ତା କରିବା ଅନାବଶ୍ୟକ । ଲଗ୍ନାଙ୍କ ପାଖେ ଛିଡ଼ା ହୋଇ କଛି ସାହାଯ୍ୟ କରିପାରେକ ପ୍ରଶ୍ନ କଲି । ଥ୍ୟାଙ୍କ୍‌ସ ଏ ଲଟ୍, ଇଉ ହାଭ୍ ଡନ୍ ଏ ଗ୍ରେଟ୍ ଜବ୍ । ଆଉ ଥରେ ଡ୍ରଇଂ ରୁମ୍ ଆସି ଡ୍ରିଙ୍କସ ଅଫର କଲେ । ପୁଅକୁ ଡ୍ରାଇ ଫ୍ରୁଟସ୍ ବାଓ୍ୱେଲ୍‌ରେ ହାତ ବୁଲାଉ ଥିବାର ଦେଖି ଆଉକଛି ଅଲଗା ଧରଣର ଡ୍ରାଇ ଫ୍ରୁଟସ୍ ରଖିଲେ । ମତେ ବସିବାକୁ କହି ନଜ ପାଖରେ ଗୋଟିଏ ଛୋଟ ଟେବୁଲ୍ ଉପରେ ଗୋଟିଏ ଛୋଟ ଇଲେକ୍‌ଟ୍ରି ମେସିନ୍ ଏବଂ ଗୋଟିଏ ଛୁରୀ ରଖିଲେ । ଆଳୁରୁ ଚୋପା ଛଡ଼ାଇ ବିଭିନ୍ନ ଆକାରରେ କାଟି ମେସିନ୍‌ରେ ରଖିଲେ । ପରେ ପରେ ଗ୍ଲାରିଟି ପ୍ଲେଟ୍‌ରେ ପରଶିଲେ । କେମିତି କ'ଣ କରିଥିଲେ ଯେ ଖୁବ୍ ଭଲ ଲାଗୁଥିଲା । ସ୍ୱାମୀ ଚୁପ୍‌ଚୁପ୍ କରି କହିଲେ ଡିନର୍ ପାଇଁ ପେଟରେ ଜାଗା ରଖ । ଖାଇବା ଆସର ଶେଷ ହେଉ ହେଉ ଲଗ୍ନା ସେ ଟେବୁଲ୍‌ଟିକୁ ଅଲଗା କରି ଦେଇ ବିଭିନ୍ନ ପ୍ରକାର ଆଇସ୍‌କ୍ରୀମ୍ ଏବଂ ଚକଲେଟ୍ ଆଣି ରଖିଲେ । ଡ଼େସର୍ଟ ପର୍ବ ଶେଷ ହେଲା । ଲଗ୍ନା ଆରମ୍ଭ କଲେ,

ଆପଣମାନେ ତ ବହୁ ଦର୍ଶନୀୟ ସ୍ଥାନ ବୁଲି ସାରିଲେଣି । ଆସନ୍ତାକାଲି ମୋ'ର ଛୁଟି ଅଛି। ମୁଁ ଆପଣମାନଙ୍କୁ ଜୁରିକ ଲେକ୍ ବୋଟ୍ ଟୁର୍ ନେଇ ଯିବି । ପଅରିଦିନ ସକାଳେ ମିଃ ବ୍ରାଡ଼ଲେଙ୍କର ଗାଡ଼ି ଆପଣମାନଙ୍କୁ ହୋଟେଲ୍‌ରୁ ନେଇ ତାଙ୍କ ଘରେ ପହଞ୍ଚାଇବ । ଇଉ ଉଇଲ୍ ହାଭ୍ ବ୍ରେକଫାଷ୍ଟ ଉଇଥ୍ ହିମ୍ ।

ବୋଟ୍ ଟୁର୍ ଅପରାହ୍ନେ ବହୁ କ୍ଳାନ୍ତ ଲାଗୁଥିଲେ ମଧ୍ୟ ବଡ଼ି ସକାଳୁ ଆମେ ଜିନଷ ସଜାଡ଼ି ହୋଟେଲ୍ ଚେକ୍ ଆଉଟ୍ କଲୁ । ସର୍ତ୍ତ ଅନୁଯାୟୀ ସକାଳ ଆଠଟାରେ ମିଃ ବ୍ରାଡ଼ଲେଙ୍କ ସ୍ୱିସ୍ ମର୍ସୀଡ଼ିସ୍ ଆମକୁ ନେବା ପାଇଁ ଆସିଥିଲା । ଗାଡିରେ ବସି ପୁଅ କହିଲା, "କ ବଢିଆ କାର, ଆମ ମାରୁତି କାର୍ ଯା ପାଖରେ ଅଣ୍ଡ", "ତୁ ଅପେକ୍ଷା କର, ମୁଁ ତୋ ପାଇଁ ଯାଠୁ ଭଲ କାର କଣିଦେବି" ଏଇ କଥାକୁ ନେଇ ଆମ ଦୁହିଙ୍କ ମଧ୍ୟରେ ଟିକଏ ମତଭେଦ ଆରମ୍ଭ ହେଲା, ସ୍ୱାମୀଙ୍କୁ କହିଲି, ଏହା କହି ଛୋଟ ପିଲାଟା ମନରେ ତୁମେ "ରାଟ୍ ରେସର୍" ସନ୍ଦେଶ ଭର୍ତ୍ତୀ କରୁଛି । ଯୁକ୍ତିତର୍କ ସେଇଠି ରହିଲା, ଜଣେ ବିଶାଳ କାୟ ଭଦ୍ରବ୍ୟକ୍ତି ଆସି ଗାଡିର ଦୁଆର ଖୋଲିଲେ । ତାଙ୍କ ଘରଟି ମଧ୍ୟ ଗୋଟିଏ ୱାଚ୍ ସୋ ରୁମ୍ ଭଳ ଦେଖା ଯାଉଥିଲା । ବ୍ରେକ୍‌ଫାଷ୍ଟ ପରେ ଆମେ ଗ୍ରହା ପିଉଥିଲୁ । ପୁଅ ସେଇ ୱାଚ୍ ମିଉଜିଅମ୍‌କୁ ଉପଭୋଗ କରୁଥିଲା । ହଠାତ୍ ଗୋଟିଏ ଝିଅର ଚତ୍କାର ଶୁଣି ଆମେ ଦୁହେଁ ଆଶ୍ଚର୍ଯ୍ୟରେ ପରସ୍ପରକୁ ଗ୍ରହିଁଲୁ । ମିଃ ବ୍ରାଡ଼ଲେଙ୍କ ମୁହଁ ଶୁଖିଗଲା ।

କେତେ ସମୟ ପରେ କହିଲେ, "ମୋ ଝିଅ" ।

ଧଡ଼୍ କରି ଉତ୍ତର ଦେଲି କଛି ଅସୁବିଧା ଅଛି କ? ଆପଣ ଯଦି ଅନୁମତି ଦିଅନ୍ତି ମୁଁ ତା' ପାଖକୁ ଯାଇ ପାରେ କ?

ନୋ ନଡ଼୍ ଡକ୍ଟର । ସତ କହିବାକୁ ଗଲେ ମୋ'ର ଫ୍ୟାମିଲି ନଷ୍ଟ ହୋଇଯାଇଛି । ମୋ' ସ୍ତ୍ରୀ ଘର ଛାଡ଼ି ଆଉ କାହା ସହ ରହୁଛି (ଲିଭିଙ୍ଗ୍ ଟୁଗେଦର), ମୋ' ଷୋହଳ ବର୍ଷର ପୁଅ ଆଉ ଚଉଦ ବର୍ଷର ଝିଅ ମୋ' ଆୟତ୍ତରେ ନାହାନ୍ତି । କହିବାକୁ ଘରେ ଅଛନ୍ତି, ମାତ୍ର ମାସ ମାସ ଧରି ମୋ'ର ସେମାନଙ୍କ ସଂଗେ ସାକ୍ଷାତ ହୁଏନା । ବହୁ ରାତିରେ ଫେରନ୍ତି (କେବେ କେବେ ଫେରନ୍ତିନ ମଧ୍ୟ) ସେମାନଙ୍କର ସକାଳ କେତେବେଳେ ହୁଏ ସେମାନେ ଜାଣନ୍ତି । ମନେହୁଏ ହାଉସ୍ କପିଙ୍ଗ୍ ମିଷ୍ଟ୍ରେସ କୌଣସି କାରଣରୁ ଝିଅ ରୁମ୍‌ରେ ପଶିଛି । ସମସ୍ତେ କଛି ସମୟ ଚୁପ୍ ରହିଲା ପରେ ପୁଣି ସେ ଆରମ୍ଭ କଲେ, ମୁଁ ପ୍ରକୃତରେ ଇଣ୍ଡିଆନ୍

ଫ୍ୟାମିଲିଙ୍କର ପ୍ରଶଂସା କରେ । ମୁଁ ବହୁବାର ବିଜିନେସ୍ ଟୁର୍‌ରେ ଭାରତ ଗଲେ ଡାଃ ବ୍ରାଉଙ୍କ ଘରେ ରହେ । ଇଉ ନୋ, ସେ ତାଙ୍କ ବାପା ମା'ଙ୍କ ସଂଗେ ରହନ୍ତି । ବଡ଼ଭାଇ, ଭାଉଜ, ପୁତୁରା, ଝିଆରୀ ଇତ୍ୟାଦି । ନିଜର ପୁଅ ବୋହୂ ମଧ୍ୟ ଏକାଠି ରହନ୍ତି । ଏସବୁ ତାଙ୍କୁ ରୋମାଞ୍ଚକାରୀ ଲାଗୁଥିଲେ ମଧ୍ୟ ଆମମାନଙ୍କ ପାଇଁ ଏହା ନିତିଦିନିଆ କଥା । କିଛି ସମୟ ସମସ୍ତେ ଚୁପ୍ ଚାପ । କଥା ବଦଳାଇ ମି:ବ୍ରାଡ୍‌ଲେ ଓ୍ୱାଚ୍ ଜର୍ମାନୀ ବିଷୟରେ କିଛି ଚଟୁଳା କଷକ କଥାବାର୍ତ୍ତା ଆରମ୍ଭ କଲେ । ପୁଅ ମଧ୍ୟ ଆମ ସଂଗେ ଆସି ଯୋଗ ଦେଲା, ବହୁ ସମୟ ଗପ ସପ ପରେ ସେ ଆମକୁ ଏଇମିତି ବହୁକିଛି ଦର୍ଶନୀୟ ସ୍ଥାନ ବିଷୟରେ ଟିପ୍‌ପଣୀ ଦେଇ ହିଲ୍ ଟପ୍‌ରେ ଥିବା ଏକ ସୁନ୍ଦର ରେସ୍ତୋରାଁରେ ଆମକୁ ଲଞ୍ଚ କରାଇଲେ । ତାପରେ ପୁଅ ହାତରେ ଗୋଟିଏ ଖୁବ୍ ବଡ ବ୍ୟାଗ୍‌ରେ ସ୍ୱିସ୍ ଚକଲେଟ୍ ଧରାଇ ଆମକୁ ଜ୍ୟୁରିକ୍ ଏୟାର ପୋର୍ଟରେ ଛାଡିଲେ । ଲିଣ୍ଡେନହଫ୍ ହିଲ୍‌ରେ ଅବସ୍ଥିତ ଏକ ସୁନ୍ଦର ରେଷ୍ଟୁରାଣ୍ଟକୁ ନେଇ ଯାଇ ଆଖପାଖ ସ୍ଥାନ ମାନଙ୍କ ଉପରେ ମଧ୍ୟ ଟିପ୍‌ପଣୀ ଦେଲେ । ଏଇ ଦେଖନ୍ତୁ ମୋରାଇନ୍ ହିଲ୍ (ଯାହା ବହୁବର୍ଷ ପୂର୍ବରୁ ବାଲି ଆଉ ପଥରରେ ତିଆରି ହୋଇଥିଲା) ଯାହାକି ସେ ସମୟର (୧୮୮୮) ଏକମାତ୍ର ପବ୍ଲିକ୍ ପାର୍କ ରୂପେ ପରିଚିତ ଥିଲା ।

କ୍ରମଶଃ.....

ବସନ୍ତ କୁଞ୍ଜ, ନୂଆ ଦିଲ୍ଲୀ

# ତଟିନୀ



ସୂର୍ଯ୍ୟକାନ୍ତି ରାଉତ

କଳ କଳ ଗାନେ
ଝରଝର ତାନେ
ଝରିଯାଏ ନର୍ଝରୀଣୀ ॥
ଲଙ୍ଘି ଗିରି ପଥ
ଚରି ବନ ପଥ
ଅତିକ୍ରମେ ସ୍ରୋତସିନୀ ॥
ଥକ ପଡିନାହିଁ
ହାରିଯାଇ ନାହିଁ
ଲକ୍ଷ ତାର ମହୋଦଧି ॥
କେତେ ବଣ ବିଲ
ଗ୍ରାମୀଣ ମହଲ
ଗୃଲିଯାଏ ପଛକରି ॥
ଦେଖ ତାର ନେତ୍ର
ସବୁଜର କ୍ଷେତ୍ର
ମାଆ ସିଏ ତ୍ୟାଗମୟୀ ॥
ବକ୍ଷରୁ ଝରାଇ
ସ୍ନେହରେ ପାଳଇ
କୋଟି ଜୀବନ ପରାଣୀ ॥

ଅମୂଲ୍ୟ ତା ମୂଲ୍ୟ
କେନାହିଁ ତା ତୁଲ୍ୟ
ସେ ପରା ମମତା ନଈ ॥
କଳୁଷିତ ହୋଇ
ନୀରବେ ରହଇ
କର୍ମ କରିଯାଏ ସେହି ॥
ହେ ମନୁଷ୍ୟ ଜାତି
ଦିଅ ହେ ମୁକତି
ସ୍ୱଛତାକୁ ଆପଣେଇ ॥
ଜଳ ହିଁ ଜୀବନ
ଜଳରେ ବିଲୀନ
ଜୀବ ଜଗତ ଏ ମହି ॥

ଇନ୍ଦୁମତୀ ପାଟଣା, ବାଙ୍କୀ

# ମୁଁ କ ପାଳବି ପାର୍ବଣ?



ସସ୍ମିତା ଚୌଧୁରୀ

ସାଉଁଟା ଫୁଲର
ଗଜଲ ଗାଉଛି
ଦୁନଆ ମୋ' ପରେ ଖପ୍ପା,
ମସଗୁଲ ଯେବେ
ସାଗ୍ ସହର ମା'
ତୁମ ଆଗମନେ
କାଶତଣ୍ଡୀ ଝୋଟି ଲେଖା।

ତୁମ ନହବତ
ପାଖେ ମୁଁ ଦେଖୁଛି
ପିତୃ ପରିଚୟ ବିହୀନ ସନ୍ତାନ
ଚକ୍ଷୁ ଭିଜା ଗୃହାଣି,
ସଙ୍କୁଚତ ପେଟ ଗୃଖଣ୍ଡ
ସାଥିରେ ଛ'ଖଣ୍ଡି ପଞ୍ଜର୍
ସ୍ପଷ୍ଟ ହୋଇଯାଏ ଗଣି।

ବୀର ବଧୂ ଏଠି
ଶୂନ୍ୟେ ଗୃହିଁଛି
ସହୀଦ ସନ୍ତକ-
ଆପଣା ଗର୍ଭେ ଧରି,
ଜୀଇଁଛି ସିନା ସେ
ଶୁଭ୍ର ବାସ ତଳେ
କେବେ ଠୁ ଯାଇଛି ମରି।

ଶରତରେ ବହେ
ଝାଞ୍ଜି ପବନ
ମଲ୍ ନଇ ଡରେ
ଦେଖି ହୁତାଶନ ଖର୍,
ରୂପ ବଦଳାଏ
ଶରତ ଆକାଶ
ଅନଶ୍ଚିତତାର
କୋଲାଜ୍ ଚହେ ଭର୍।

ମୁଁ କ ପାଳବି ପାର୍ବଣ ଏଠି
ଚଉଦିଗେ ମୋର
ଆର୍ତ୍ତ ଚତ୍କାର
ଶୁଭିଯାଏ ବାର ବାର,
ଦୂରରୁ ଥାଇ ମା'
ପ୍ରଣମେ ତୁମକୁ
ପୋଛିଦିଅ ମା'
ଦୁଃଖୀରଙ୍କ ଲୁହଧାର ।

ଭୁବନେଶ୍ୱର

# ଗୃହବନ୍ଦୀ



ଖଗେଶ୍ୱର ବାଗ

କରିନାହିଁ ଷଡଯନ୍ତ୍ର ଦେଶ ବିରୁଦ୍ଧରେ

ଲାଞ୍ଚ ଭ୍ରଷ୍ଟାଗ୍ରର କମ୍ବା ଦୁର୍ନୀତି ସେବାରେ

ନାହିଁ ଅବମାନନା ମୋ ପ୍ରଶାସନ କ୍ଷେତ୍ରେ

ମିଥ୍ୟାରୋପ କରିନାହିଁ ଶତ୍ରୁ ଅବା ମିତ୍ରେ

କେଉଁ ଗଳକନ୍ଦି

ପ୍ରିୟପାତ୍ର ବୋଲି ଆଜି ହେଲି ଗୃହବନ୍ଦୀ ।

କରିନାହିଁ ଧନ ସ୍ୱର୍ଣ୍ଣ ଜୀବନରେ ଚୋରି

ଅପବାଦ ବିବସନା କରି ନାହିଁ ନାରୀ

କର ଦେଇ ଶୋଷିନାହିଁ ଗରିବର ରକ୍ତ

ଆୟ ବହିର୍ଭୂତ ଧନ କରିନ ସଞ୍ଚିତ

ନୁହେଁ ଅପରାଧୀ

ବୁଦ୍ଧିକୋମନା, ଜିଲ୍ଲା ନୂଆପଡ଼ା

# ରାମ ଅବତାର, ସୀତା ବିବାହ



ଡ. ସୀମାନ୍ତ ନନ୍ଦ

ଅନେକ ଦିନ ତଳେ ପ୍ରବଚନ ଶୁଣିବାକୁ ଯାଇଥିଲି, ଭଲ ପ୍ରବାଚକ ଜଣେ ଆସିଥାନ୍ତି। ବିଜ୍ଞାନର ଛାତ୍ର ହେଲେ ମଧ୍ୟ ପିଲ୍ ବେଲୁ ଠାକୁରଙ୍କ କଥା ଶୁଣିବାରେ ମୋର ରୁଚ ରହିଛି।

ଏବେ ମଧ୍ୟ ପୁରାଣ ର ଯୁକ୍ତିକୁ ବିଜ୍ଞାନ ସିଦ୍ଧ କରିବା ପାଇଁ ଅନୁସନ୍ଧିତ୍ସୁ ସେଦିନ ର କଥା ମୋର ଏବେ ମନ ପଡ଼ିଲେ, ମୁଁ ଭାବାବେଗ ହୋଇଯାଏ, ମୋ ଚକ୍ଷୁ ଲୋତକାପ୍ଲୁତ ହୋଇଯାଏ ଏବଂ ମନରେ ଏକ ଭାବାନ୍ତର ମଧ୍ୟ ଆସିଯାଏ। କହୁଛି ଶୁଣନ୍ତୁ।

କଥା ମଣ୍ଡପରୁ ଦୂରେଇ, ଏକୁଟିଆ ଭାବେ ମୁଁ ଶୁଣିବାକୁ ଭଲ ପାଏ ଏଇଥି ପାଇଁ ଯେ କଛି ବିଶ୍ଳେଷଣ କରିହେବ। ତେଣୁ ଏକ ନଛାଟିଆ ଜାଗାରେ ବସି ଶ୍ରୀ ରାମ ଙ୍କ ଚରିତ୍ର ଅନୁଭବ କରି ଭକ୍ତି ରସ ପାନ କରିବା ପାଇଁ ମୁଁ ପସନ୍ଦ କରିଥାଏ, ଏଇ ଜାଗା। ପଣ୍ଡିତେ କହୁଥିଲେ, ମା ଲକ୍ଷ୍ମୀ ଦିନେ ମର୍ତ୍ତ୍ୟ ଭ୍ରମଣ ରେ ଆସିଥିଲେ। ମଣିଷ ମାନେ, ପୂଜା ବ୍ରତ ତ କରୁଛନ୍ତି, ଯଜ୍ଞ ଅନୁଷ୍ଠାନ ବି କରୁଛନ୍ତି, କନ୍ତୁ ଆଉ ଗୋଟେ ଉତ୍ସବ ବି ପାଳନ କରୁଛନ୍ତି। ଜାଣିଲେ ଯେ ବିବାହ ବାର୍ଷିକୀ, ପତି ପତ୍ନୀଙ୍କର।

ଖୁବ୍ ଆନନ୍ଦରେ, ପରସ୍ପର ମଧ୍ୟରେ ସୁନ୍ଦର ବୁଝାମଣା। ଅତି ଭଲ କଥାଟିଏ। ସ୍ୱର୍ଗରେ ଭଗବାନ ଙ୍କୁ କହିଲେ ପ୍ରଭୁ, ଆମର ଏମିତି ପାଳନ ହୁଅନ୍ତାନି। ହବ, ନିଶ୍ଚୟ ହବ ନାରାୟଣ କହିଲେ। ମର୍ତ୍ତ୍ୟ ବାସୀ ଆମର ବିବାହ ବାର୍ଷିକୀ ପାଳନ କରିବେ। ଆମେ ଆନନ୍ଦିତ ହୋଇ ସେମାନଙ୍କୁ ଆଶୀର୍ବାଦ କରିବା।

ହଠାତ୍ ମୋ ପଛରୁ ଗୁରୁ ଗମ୍ଭୀର ବାଣୀ ଶୁଭିଲା। ରାମ ଅବତାର ସୀତା ବିବାହ ପାଇଁ ତ ହୋଇଥିଲା । ମୁଁ ପଛକୁ ମୁଁ ବୁଲେଇ ଦେଖିଲି, ଶ୍ମଶ୍ରୁ ଧାରୀ ବୃଦ୍ଧ ବାବା ଜଣେ ତଳ କୁ ମୁହଁ କରି ବସିଛନ୍ତି। ମୁଁ ତାଙ୍କୁ ଚାହିଁଲି, ଭଲ କରି ଦେଖି ପାରିଲିନ ।

କନ୍ତୁ ସାହସ କରି ପଚାରିଲି, ଇଏ କପରି କଥା, ଶ୍ରୀ ରାମ ମର୍ଯ୍ୟାଦା ପୁରୁଷୋତ୍ତମ, ସେ କଣ ଏମିତି ମର୍ଯ୍ୟାଦାହୀନ। ସେତେବେଳକୁ ରାମ କଥା ମଝିରେ ସୀତାରାମ ସୀତାରାମ

କୀର୍ତ୍ତନ ଗ୍ଭଲିଥାଏ। ବାବା ବି ତାଳ ମାରୁଥନ୍ତି। ସେମିତି ତଳ କୁ ମୁହଁ ପୋତି କହିଲେ, ବର ପିତା, ଗୁରୁ, ବରଯାତ୍ରୀ କେହି ନାହାନ୍ତି, କନ୍ତୁ ବର ବିବାହ ପାଇଁ କନ୍ୟା ଘରେ ହାଜର ।

ମୁଁ ବି ଭ୍ବବିଲି ସତ କଥା ତ । ବିବାହ ପୂର୍ବରୁ ପ୍ରଭୁ ଗ୍ଘବେନ୍ଦ୍ର ସରକାର, ମିଥିଳା ରେ ଉପସ୍ଥିତ ଓ ବିବାହ ମଧ ସ୍ଥିରୀକୃତ, କଶୋରୀ ଜାନକୀଙ୍କ ସହିତ। ବିନା ବର ରେ ବର ପିତା ଶ୍ରୀ ଦଶରଥ, ଗୁରୁ ବଶିଷ୍ଠ, ଆଉ ବରଯାତ୍ରୀ ପଟୁଆରରେ ଯାଇଥିଲେ, ବରକୁ ଆଗରୁ ଛାଡିଦେଇ, ସାଥିରେ ନ ନେଇ । ଟିକଏ ଦୃଢ଼ ହୋଇ କହିଲି, ଶଙ୍କର ଭଗବାନ ଙ୍କ ମଧ ବରଯାତ୍ରୀ ବର କୁ ଛାଡି ଆଗେ ଆଗେ ଯାଉଥିଲେ, ହିମାଳୟ ଗ୍ଭଜ ଙ୍କ ଘରକୁ। ଙ୍କର ଯାତ୍ରୀ ଆଗ ପହଞ୍ଚି ଥିଲେ, ବର ନନ୍ଦୀ ଉପରେ ବସି ସମସ୍ତଙ୍କ ପଛରେ ଆସିଥିଲେ।

ହଠାତ୍ ଦେଖିଲି ବାବା ମୁଣ୍ଡ ଟେକିଲେ । ଭଲଭ୍ବବରେ ଦେଖି ନ ପାରିଲେ ମଧ, ଅନୁଭବ କଲି, ସେ ଯେମିତି ଅପ୍ରସ୍ତୁତ ମନେ ହେଲେ ମୋତେ ।

ଏହି ସମୟରେ ମଣ୍ଡପରେ କଥାକାର ଗ୍ଭମ ନାମ ର ମହତ୍ତ୍ୱ ବିଷୟରେ କହୁଥାନ୍ତି, ତୁଳସୀ ଗ୍ଭମାୟଣ ର ଚୌପାହୀ ବୋଲି। ପୁଣି ସେଇ ବାବଜୀଙ୍କର ଗମ୍ଭୀର ସ୍ୱର। ଗ୍ଭମ ଭରତ ଲକ୍ଷ୍ମଣ ଶତୃଘ୍ନ ଙ୍କୁ ନେଇ, ଗ୍ଭମ ନାମର ସୃଷ୍ଟି । ମୁଁ ବି ଆଉ ପାଦେ ଆଗେଇ ଯାଇ କହିଲି, କାହିଁକି, ଗ୍ଭମ ନାମରେ ମାତା ଜାନକୀଙ୍କ ମଧ ଭୂମିକା ରହିଛି। ସିଏ ପଗ୍ ତାଙ୍କ ମନ ରେ, ହୃଦୟରେ ଶ୍ରୀ ଗ୍ଭମ ଙ୍କୁ ଧାରଣ କରିଛନ୍ତି ।

ବାବାଜୀ କଛି କହିଲେନ। ସେମିତି ତଳକୁ ମୁହଁ କରି ବସିଥାନ୍ତି । ପ୍ରବଚନ ରେ ବିଗ୍ଭମ ହୋଇ ସୀତାଗ୍ଭମ ସୀତାଗ୍ଭମ କୀର୍ତ୍ତନ ଗ୍ଭଲିଥାଏ। ବାବାଜୀ ବି ଦୁଇ ହାତରେ ତାଳ ବଜାଉ ଥାନ୍ତି। ସୁଯୋଗ ପାଇ କହିଲି, ବାବା, ଭକ୍ତ ଗ୍ଭଜ ହନୁମାନ ଙ୍କୁ ଛାଡି ଗ୍ଭମ ନାମର କ ମାହାତ୍ମ୍ୟ ରହିଛି ଯେ। ହନୁମାନ ମଧ ଗ୍ଭମ ନାମର ଅଂଶ ବିଶେଷ । ତଡିତ୍ ବେଗରେ ବାବା ଙ୍କ ମୁହଁ ଉପରକୁ ଉଠିଗଲା। ସେ ଯେମିତି ଚମକ ପଡ଼ିଲେ କ ମୋତେ ଜଣା ପଡିଲା। ମୁଁ ତାଙ୍କ ମୁହଁ କୁ ଗ୍ଭହିଁଲି, ସଂପୂର୍ଣ୍ଣ ଭ୍ବବରେ ଦାଢି ଭର୍ତ୍ତି, ଭଲ ଭ୍ବବରେ ଦୃଶ୍ୟ ହେଉନ ମୁଖ ମଣ୍ଡଳ। କନ୍ତୁ ତା ଭିତରୁ ଯେମିତି ଗୋଟେ ଆଲୋକ ରଶ୍ମି ବାହାରି ଆସୁଛି ମୋତେ ଦେଖା ଗଲା

ଏହି ସମୟରେ ଆରତୀ ଆରମ୍ଭ ହେଲା । ହାତ ଯୋଡ଼ି ପ୍ରଣାମ କଲି ମୁଁ। ତା ପରେ ପଛ କୁ ବୁଲି ଦେଖିଲା ବେଳକୁ ବାବା ଅନ୍ତର୍ଦ୍ଧାନ। ମୋ ମନ ଟା, ଟିକଏ ଭ୍ବଗ୍ଭକ୍ରାନ୍ତ ଲାଗିଲା।

ତା ପର ଦିନ ର କଥା। ମୁଁ ଠିକ୍ ସମୟ ରେ ଆସି ମୋ ର ନକାଞ୍ଚନ ସ୍ଥାନ ଗ୍ରହଣ କଲି। କଥା ଆରମ୍ଭ ହବାକୁ ଯାଉଥାଏ। ହଠାତ୍ ମୋର ମନେ ପଡ଼ିଗଲା୍ କାଲିର ବାବାଜୀଙ୍କ କଥା। ମୋ ପଛରେ ବସିଥିଲେ, ସେ ଜାଗା ଖାଲି ଥିଲା୍। ମୁଁ ଭାବିଲି ବୃଦ୍ଧ ଲୋକ ଆଜି ମଣ୍ଡପରେ ବସିଥିବେ ପରା୍ । ତନ୍ନ ତନ୍ନ କରି ଖୋଜିଲି । କୋଉଠି ହେଲେ ବସିଥିବେ ପରା୍ ବୋଲି।

କନ୍ତୁ ନରାଶ ହେଲି । ଫେରି ଆସିଲି ମୋର ନଜ ଆସ୍ଥାନ କୁ। ମୋ ଠାରୁ ଟିକଏ ଦୂରରେ ବସିଥିବା ଭକ୍ତଙ୍କୁ ମୁଁ ପଗ୍ଭରିଲି, ଭାଇ ଏଇଠି ମୁଁ ସବୁଦିନ ବସୁଛି, ଆପଣ ଦେଖିଥିବେ। ସେ କହିଲେ ହଁ କଥା ଆରମ୍ଭ ଦିନ ଠାରୁ ଆପଣ, ଏକୁଟିଆ ସେଇଠି ବସୁଛନ୍ତି ମୁଁ ଦେଖୁଛି କିଁନ୍ତୁ କାହିଁକ, ପଗ୍ଭରିବାକୁ ସାହସ କରୁନ। ମୁଁ ପଗ୍ଭରିଲି, ଆଛା। ଆପଣ ଦେଖିଥିବେ, କାଲି ମୋ ପଛ ରେ ଜଣେ ଦାଢିଆ ବାବାଜୀ ବସିଥିଲେ। ମୁଁ ତାଙ୍କ ସହ କଥା ହେଉଥିଲି। ସେ କହିଲେ, ନାହିଁ ତ, ଆପଣ ତ ଏକୁଟିଆ ବସିଥିଲେ କାଲି।

ଥରେ ଅଧେ ପଛ କୁ ବୁଲି କଣ ଗୋଟେ ଦେଖୁଥିଲେ ଓ ଗ୍ଭଂହୁଥିଲେ, ମୁଁ ଦେଖିଛି। ଆଉକେହି ନଥିଲେ ତ। ରାମ କଥା ଆରମ୍ଭ ଦିନରୁ, ଆପଣ ଏକୁଟିଆ ବସିଛନ୍ତି। କଥା ମଝିରେ ବି ମୁଁ ଆପଣଙ୍କୁ ଦେଖେ। ଆପଣ ଏକୁଟିଆ ଦେଖୁଥାନ୍ତି । ଏଠି ଆପଣଙ୍କ ଛଡା ଆଉ କାହାକୁ ଆପଣଙ୍କ ଅଖ ପାଖରେ ବି ମୁଁ ଦେଖିନ।

ମୋ ଦେହରେ ଏକ ଶିହରଣ ଖେଳଗଲା୍ ଯେମିତି, ରୋମ ଟଙ୍କୁରି ଉଠିଲା୍। ମୋ ପାଟି ଅଠା ଅଠା ହୋଇଗଲା୍। ମୁଁ ପଡିଯିବି ଯେମିତି ମନେ ହେଲା୍ । ମୋର ମନେ ହେଲା୍, କେହି ଜଣେ ଦିବ୍ୟଶକ୍ତି ଛଦ୍ମ ରୂପରେ ରାମ କଥା ଆସ୍ୱାଦନ କରୁଥିଲେ, ମୋ ଯୋଗୁଁ ସେଥିରୁ ବଞ୍ଚିତ ହେଲେ। ନଜକୁ ଦୋଷୀ ମନେ କଲି, ତା ସହିତ ଭକ୍ତି ରସରେ ରୋମାଞ୍ଚିତ ହୋଇ ଆଖି ଜକେଇ ଗଲା୍। ପାଟିରୁ ମନକୁ ମନ ଉଛରିତ ହୋଇଗଲା୍,

ଯତ୍ର ଯତ୍ର ରଘୁନାଥ କୀର୍ତ୍ତନମ,
ତତ୍ରତତ୍ର କୃତ ମସ୍ତକାଞ୍ଜଳମ,
ବାଷ୍ପବାରି ପରିପୂର୍ଣ୍ଣ ଲୋଚନ ମ୍,
ମାରୁତିମ୍ ନମନ୍ତମ୍ ରାକ୍ଷସାନ୍ତକମ

ଜୟ ଶ୍ରୀ ରାମ

# ମୁଁ କଳୁଷିତ



ଶରତ କୁମାର ନାଏକ

ହଁ ମୁଁ କଳୁଷିତ କଙ୍କଳ କାୟା
ମୋ ମିଠା ମିଠା ଅଭିମାନ ବି ଗରଳ
ମୋ ଭାବନାର ଦଣ୍ଡକାରଣ୍ୟେ
ସକର୍ମକ ବି ନକର୍ମକର
ଯମଜ ବନ୍ଧୁ ।।

ଘୂରିବୁଲେ ଚତୁଃପାର୍ଶ୍ୱେ
ଅକ୍ଷାଂଶ ଓ ଦ୍ରାଘିମାର ଜଞ୍ଜିର ମଧ୍ୟେ
ପାଇବାକୁ ଜୀବନ୍ୟାସ
ଏ ମରଣାନ୍ତକ ଶରୀରେ ।।

ବାସ୍ ଏତିକରେ ନୀରବ, ନିସ୍ତବ୍ଧ
ନିତ୍ୟ ପ୍ରତାରିତ ଅହର୍ନିଶ ରଜନୀ
ଦୁଃଖ ର ତେଲ ଲୁଣର ସଂସାରରେ
ଲୁହଲହୁରେ ଭରି ହୁଏ ଧମନୀ ।।

ଲାଗେ ଯେମିତି ବହୁ ଦିନୁ
ଆସିନ ମଳୟ ବସନ୍ତ କ ଶ୍ରବଣ
ଅପେକ୍ଷାରତ ମୁଁ ଜରାଜୀର୍ଣ୍ଣ
ହୋଇ ପଡିଛି କଲମ ଅସ୍ତ୍ରେ
ବିଦ୍ରୋହ ପାଇଁ ଅନୁପ୍ରାଣିତ ।।

ଭାବି ଗଲେ ଆକାଶର ସୀମା ଯାଏଁ
ଭେଦି ଗଲେ କାଗଜ କଲମ ମୁନେ
ଶବ୍ଦବାଣୀର ଇଙ୍ଗିତରେ
କଳୁଷିତ ପଙ୍କ୍ତି ପାଖୁଡା
କବିତା ରୂପେ ନଏ ଟିକେ ଆଶ୍ୱାସନା
ଭୁଲିକି ସବୁ ପ୍ରତାରଣା।।

ଥନଟ, ଧର୍ମଗଡ, କଳାହାଣ୍ଡି

# ମା ଭୈରବୀ



ଦେବାର୍ଚ୍ଚନ ମେହେର

ଜୟ ଜୟ ମା ଗୋ ମନ୍ଦାର ମାଳନୀ,
ଜୟ ଜୟ ମା ଗୋ ସିନ୍ଦୂର ଧାରିଣୀ।-୧

ଜୟ ଜୟ ମା ଗୋ ରୁଦ୍ର ଭୈରବୀ,
ଜୟ ଜୟ ମା ଗୋ ବୌଦ୍ଧ ର ଇଷ୍ଟ ଦେବୀ।-୨

ମା ଗୋ ଦୁଃଖୀ ର ଦୁଃଖ ହାରିଣୀ,
ମା ଗୋ ଜଗତ ଉଧାର କାରିଣୀ।-୩

ମା ଗୋ ଭକତ ର ଦୁଃଖ ସୁଖରେ ହେଉ ସାହା,
ଅଭୟ ବର ଦେଉ ଭକତ ମନେ ଭାବେ ଯାହା।-୪

ମା ଗୋ ଜଗତ ଜନନୀ ଭୈରବୀ ଠାକୁରାଣୀ,
ମଉନେ ମଉନେ ରହୁ ସଂସାର କୟତି ଜାଣି।-୫

ଅତି ସ୍ନେହ, କରୁଣା, ଭକ୍ତି ଯା ହୃଦେ ଦେଖ,
ଆଗ ଯାଇ ବିରାଜମାନ କର ତା ପାଖେ।-୬

କେତେ ଗଭୀର ପରୀକ୍ଷା ଭକତ ର ନେଉ,
ମା ଗୋ ସିଦ୍ଧେଶ୍ୱରୀ ଭୈରବୀ ତୁ ଯେ ଆଉ।-୭

ମା ଗୋ ଭକତ ହୃର୍ଦୟେ ବାସ କର ସଦା ସର୍ବଦା,
ମା ଗୋ ଭକତ ର ଆରତି ବିନତି କର୍ଣ୍ଣ ଦେଇଥାଅ ସଦା। -୮

ମା ଗୋ ମସ୍ତକେ ସୁବର୍ଣ୍ଣ ମକୁଟ, ଗଳାରେ ହାର,
ମା ଗୋ କର୍ଣ୍ଣେ କୁଣ୍ଡଳ, ମଥାରେ ଲାଲି ସିନ୍ଦୂର। -୯

ମା ଗୋ ନାକେ ନାକ ଫୁଲ, ହସ୍ତେ ଖଣ୍ଡା,
ମା ଗୋ ପାଦେ ପାଉଁଜି, ଶରୀରେ ପରିଧାନ କର ଲାଲି ଛିଟା। -୧୦

ମା ଗୋ ତୁମ ପାଦ ପଦ୍ମେ କୋଟି ପ୍ରଣତି,
ମା ଗୋ ଭୁଲ ଥିଲେ ମୋର କରିବ କ୍ଷମା, ମୁଁ ମୁଢ଼ ଅଜ୍ଞାନ କରେ ବିନତି। -୧୧

ବାପୁଜୀନଗର, ବୌଦ୍ଧ

“ବେଦାନ୍ତୀ” ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

# ଓଡିଆ ସାହିତ୍ୟ କଥା

(ପ୍ରଥମ ଅଧ୍ୟାୟ)



ସେବାକାନ୍ତ ନନ୍ଦ

ଶୁଣ ହେ ଛାତ୍ର ଛାତ୍ରୀ ଗଣ, ସାହିତ୍ୟ କଥାର ଲକ୍ଷଣ ।
ବିଭିନ୍ନ ଭାଗରେ ଗଣନ, ଓଡିଆ ସାହିତ୍ୟ ଟି ଜାଣ ।
ଶୁଣିବା ସାହିତ୍ୟ କଥାଟି, କହେ ସିଲ୍‌ବସ୍ କମିଟି ।
ସ୍ୱତନ୍ତ୍ର ଓଡିଶା ଗଠନ, ଓଡିଆ ଭାଷାଟି ପ୍ରଧାନ ।
ନଅଙ୍କ ଦୁର୍ଭିକ୍ଷର ପରେ ଓଡିଶା କଥା କେ ପତ୍ରରେ ।
ଖାଇବା କଛି ନ ପାଇଲେ, ଅସଂଖ୍ୟ ପ୍ରାଣୀମାନେ ମଲେ ।
ତେଣୁ କଛି ଦିନ ଯେ ଗଲା, ଓଡିଶା ଗଠନ ଯେ ହେଲା ।
କର୍ମଯୋଗୀ ଗୌରୀଶଙ୍କର, ଉତ୍କଳ ଦୀପିକା ତାଙ୍କର ।
ସମ୍ବଲପୁର ହିତୈଷିଣୀ, ପୁଣି ଉତ୍କଳ ହିତୈଷିଣୀ ।
ଓଡିଆ ଓ ନବସଂବାଦ, ଉତ୍କଳ ପ୍ରଭା ସତ୍ୟବାଦୀ ।
ରାଜା ରାମମୋହନ ରାୟ, ବ୍ରାହ୍ମଧର୍ମ କଲେ ଉଦୟ ।
ବାଲ୍ୟ ବିବାହ ବନ୍ଦକରି, ସ୍ୱତନ୍ତ୍ରତା ପାଇଲେ ନାରୀ ।
ଏମନ୍ତେ କଛିଦିନ ଗଲା, ଲେଖକ ଗୋଷ୍ଠୀ ଆରମ୍ଭିଲା ।
ବଙ୍ଗଳା ଲେଖକଙ୍କ ନାମ, ମାଇକେଲ ମଧୁସୂଦନ ।
ରବୀନ୍ଦ୍ର ନାଥ ହେମଚନ୍ଦ୍ର, ନବୀନ ଯେ ବଙ୍କିମଚନ୍ଦ୍ର ।
ନଅଙ୍କ ଦୁର୍ଭିକ୍ଷର ପରେ, ଓଡିଆ ନୂଆଁ ରୂପ ହରେ ।
ହୋଇଲା ଓଡିଆ ବିକାଶ, ରଖିଲେ ଓଡିଶାର ଯଶ ।
ଆଧୁନକ ସାହିତ୍ୟ ହେଲା ପ୍ରାଚୀନ ଉପଜୀବ୍ୟ କଲା ।
ବିକାସ ପଥ ଆବୋରିଲା, ବିଭିନ୍ନ ଯୁଗ ନାମ ହେଲା ।

ପ୍ରଥମେ ରାଧାନାଥ ଯୁଗ, ଦ୍ୱିତୀୟ ସତ୍ୟବାଦୀ ପର୍ବ ।
ସବୁଜ ପର୍ବ ତୃତୀୟରେ, ପ୍ରଗତି ପର୍ବ ତାହାପରେ ।
ପୁଣି ଅତ୍ୟାଧୁନିକ ପର୍ବ ଉତ୍ତର ଆଧୁନିକ ପର୍ବ ।

ଓଁ ଇତି ଓଡିଆ ସାହିତ୍ୟ କଥା କଥନେ ଛାତ୍ରାଣାଂ ସଂଶୟ ଦୂରିକରଣାର୍ଥେ ସାହିତ୍ୟ ବିଭାଜନ ପରିଚୟ ପ୍ରଦାନେ ନାମ ପ୍ରଥମୋଧ୍ୟାୟଃ

ବନ୍ଧପାଲି, ବଲାଙ୍ଗିର

"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

# ୧୩୦୦୦ ପତ୍ନୀଙ୍କ ପତି



ସୁଧାଂଶୁ ଶେଖର ଦ୍ୱିବେଦୀ

ବିଳାସିତ ଜୀବନ ନିମନ୍ତେ ସେ ଏକ ବିଶାଳ ଓ ଅଦ୍ଭୁତ ମହଲ ୧୦,୦୦୦ କୋଠରି ବିଶିଷ୍ଟ ନିର୍ମାଣ କରିଥିଲେ । ଜୀବନର ଦୀର୍ଘ ୨୭ବର୍ଷ ସେହି ମହଲରେ ରହିଥିଲେ ଏବଂ ଆଶ୍ଚର୍ଯ୍ୟ କଥା ହେଉଛି ଗୋଟିଏ କୋଠରିରେ ସେ କେବେ ଦ୍ୱିତୀୟ ରାତି ଶୋଇନାହାନ୍ତି । ପ୍ରତ୍ୟେକ ରାତିରେ ତାଙ୍କପାଇଁ ଜଣେ ନୂଆ ରାଣୀର ଆବଶ୍ୟକ ହୋଇଛି । ସେ ପ୍ରାୟତଃ ୧୩,୦୦୦ ନାରୀଙ୍କୁ ବିବାହ କରିଥିଲେ ଏବଂ ୨୮୦୦ ସନ୍ତାନର ଜନକ ହୋଇଥିଲେ ।

ଏହା କୌଣସି କାଳ୍ପନିକ ବୃତାନ୍ତ ନୁହେଁ । ଚୀନ୍ ର ଅଦ୍ଭୁତ ସମ୍ରାଟ ସିଂହ ହୁଆଙ୍ଗ, ଯିଏ ଚୀନର ଗ୍ରେଟୱାଲ ସହ ଅଭିନ୍ନ ରୂପେ ଜଡିତ । ଚୀନର ଉତ୍ତର ପାର୍ଶ୍ୱରେ ଅବସ୍ଥିତ ୧୫୦୦ ମାଇଲ ବିଶିଷ୍ଟ ଦୂରତା ଗ୍ରେଟୱାଲ ସଂପର୍କରେ ଅନେକ ଅବଗତ । ହୁଡା ବଂଶ ବାରମ୍ବାର ଆକ୍ରମଣ କରିବା ହେତୁ ଚୀନ୍ ର ଏହି ଗ୍ରେଟ୍ ୱାଲ ନିର୍ମିତ କରାହୋଇଥିଲା । ୨୫ ଫୁଟ ଲମ୍ବା ଏହି ୱାଲ ଉପରେ ଚଢି ୧୫ ଫୁଟ ଅଉଡା ସଡକ ଉପରେ ଅଶ୍ୱାରୋହୀ ପହରା ଦେଉଥିଲେ ।

ୱାଲରେ ପ୍ରତି ୨୦୦ ଗଜ ଦୂରତାରେ ବଡ ବଡ ଗମ୍ବୁଜ ଅବସ୍ଥିତ । ସେହି ଗମ୍ବୁଜରେ ପହରା ଦେଉଥିବା ସୈନିକ ଦୂରବିକ୍ଷଣ ଯନ୍ତ୍ର ସହାୟତାରେ ଶତ୍ରୁ ସେନାଙ୍କୁ ଦେଖିପାରୁଥିଲେ । ଗ୍ରେଟ୍ ୱାଲକୁ ନିର୍ମାଣ କରିବା ପାଇଁ ୧୦ ଲକ୍ଷରୁ ଅଧିକ ଚୀନ୍ ଶ୍ରମିକ ପ୍ରାଣ ହରାଇଛନ୍ତି । ସେମାନଙ୍କୁ ସେହି ୱାଲ ମଧ୍ୟରେକବର ଦିଆ ହୋଇଛି ।

ପ୍ରତାପୀ, ସାହସୀ, ଦୂରଦର୍ଶୀ ଓ କ୍ରୁର ସିଂହ ହୁଆଙ୍ଗ ଚୀନ୍ ଦେଶର ରାଣୀଙ୍କ ଅବୈଧ ସନ୍ତାନ ଥିଲେ । ମାତ୍ର ୧୨ ବର୍ଷ ବୟସରେ ନିଜର ସାହସିକ ପରାକ୍ରମରେ ରାଜା ହୋଇଥିଲେ । ୨୫ ବର୍ଷ ବୟସ ବେଳକୁ ଚୀନ୍ ରେ ଥିବା ଆଖ-ପାଖ ରାଜ୍ୟକୁ ଜିତି ବିଶାଳ ସାମ୍ରାଜ୍ୟ ଗଠନ କରିଥିଲେ । ତାପରେ ସେ ସାମନ୍ତ ପ୍ରଥାକୁ ଲୋପ କରି ସମସ୍ତ ଜମିକୁ

କୃଷକମାନଙ୍କୁ ବାଣ୍ଟିଦେଲେ ଯାହା ଫଳରେ ସମସ୍ତ ପ୍ରଜାଙ୍କୁ ଆପଣାର କରି ନିରଙ୍କୁଶ ଶାସନର ସୁରକ୍ଷା ନିମନ୍ତେ ବିଦ୍ୱାନ ମାନଙ୍କ ଦ୍ୱାରା ଲିଖିତ ପୁସ୍ତକ ଗୁଡିକୁ ଜଳେଇ ଦେଲେ । ସିଂହ ହୁଆଙ୍ଗ ବିଶ୍ୱର ପ୍ରଥମ ବ୍ୟକ୍ତି ଯିଏ ପୁସ୍ତକ ଜଳେଇ ଦେଇଥିଲେ । ଆଉ ଯେଉଁ ବିଦ୍ୱାନମାନେ ନିଜ ପୁସ୍ତକକୁ ସୁରକ୍ଷିତ ରଖିବାକୁ ପ୍ରୟାସ କରିଥିଲେ, ସେମାନଙ୍କୁ ଗ୍ରେଟ୍ ୱାଲ ନିର୍ମାଣରେ ଦାସତ୍ୱ ଶ୍ରମିକ ଭାବେ ନିଯୁକ୍ତି କରା ହୋଇଥିଲା ।

ତାଙ୍କର ସାମ୍ରାଜ୍ୟ ଯେତେପରିମାଣରେ ବଢି ଚାଲିଥାଏ କ୍ରୁରତାର ସୀମା ମଧ୍ୟ ସେହି ପରିମାଣରେ ବଢୁଥାଏ । ସବୁବେଳେ ସେ ଇଜ ଆଣ୍ଟୁ ନିକଟରେ ଗୋଟେ ଧାରୁଆ ଖଣ୍ଡା ରଖୁଥାନ୍ତି । କୌଣସି ଷଡଯନ୍ତ୍ରକାରୀ ଧରା ପଡିବା ମାତ୍ରେ ସଙ୍ଗେ ସଙ୍ଗେ ସେହି ଖଣ୍ଡା ଦ୍ୱାରା ତା ମୁଣ୍ଡକାଟି ଦେଉଥିଲେ । ଏତେ ସତର୍କତା ପରେ ମଧ୍ୟ ତାଙ୍କର ଷଡଯନ୍ତ୍ରକାରୀ ବଢିଯାଇଥିଲେ । ଥରେ ସେ ଷଡଯନ୍ତ୍ରକୁ ନିୟନ୍ତ୍ରଣ କରିବା ପାଇଁ ଦୂରକୁ ଯାଇଥାନ୍ତି ସେଇଠି ସେମାନେ ତାଙ୍କୁ ମାରିଦେଲେ ।

ତାଙ୍କର ମୃତ୍ୟୁ ସମାଚାରରେ ଗୃହଯୁଦ୍ଧ ନହେବାପାଇଁ ଜନତାଙ୍କ ଆଢୁଆଳରେ ଶବ ଲୁଚେଇ ରଖାଗଲା । କିନ୍ତୁ ସମସ୍ୟା ଉପୁଜିଲା – ତାଙ୍କ ଶବକୁ ରାଜମହଲ ପର୍ଯ୍ୟନ୍ତ କେମିତି ନିଆଯିବ**?** କୌଶଳ କରି ମନ୍ତ୍ରୀମାନେ ତାଙ୍କ ଶବକୁ ମାଛ ପେଟି ଭିତରେ ଢାଙ୍କି ରାଜ ମହଲରେ ପହଞ୍ଚାଇଦେଲେ । ସେତେବେଳେ ଉତ୍ତରାଧିକାରୀ ରୂପେ ବଡ ପୁଅ ଗ୍ରେଟ୍ ୱାଲର ନିର୍ମାଣ ନିରୀକ୍ଷଣ ନିମନ୍ତେ ଯାଇଥାନ୍ତି । ମହଲରେ ଉପସ୍ଥିତ ଦ୍ୱିତୀୟ ପୁତ୍ର ହୁ-ହାଇ **(**ଯିଏ ପିତାଙ୍କଠାରୁ ସବୁ ପ୍ରକାର କ୍ରୁରତା ଶିଖି ସାରିଥାଏ**)** ଜାଣିଥାଏ ଭାଇ ପିତାଙ୍କାକୁ ଆଖି ବନ୍ଦ କରି ମାନିଯିବ । ତେଣୁ ତୁରନ୍ତ ଏକ ପତ୍ର ଲେଖି ଜଣେଇଲା ସମ୍ରାଟ ତାଙ୍କୁ ଆତ୍ମହତ୍ୟାର ଆଜ୍ଞା ଦେଇଛନ୍ତି ।

ଯାହା ସେ ଭାବିଥିଲା ସେଇୟା ହେଲା । ବଡ ଭାଇର ଆତ୍ମହତ୍ୟା ପରେ ହୁ-ହାଇ ନୂଆ ସମ୍ରାଟଭାବେ ଅଭିଶିକ୍ତ ହେଲା । ସମ୍ରାଟ ପଦରେ ଅଧିଷ୍ଠିତ ହେବା ପରେ ପିତାଙ୍କର ଅନ୍ତ୍ୟେଷ୍ଟି କ୍ରିୟା ସମାପନ ପାଇଁ ବିଶାଳ କବର ତିଆରି କରି ପିତାଙ୍କର ପ୍ରତିଫଳକ ତମ୍ବା ପ୍ଲେଟ୍ ରେ ନିର୍ମାଣ କରାଗଲା । ସ୍ୱର୍ଣ୍ଣମୁଦ୍ରା ସହ କବରର ଛାତ ସ୍ୱର୍ଣ୍ଣ ଚାଦରରେ ନିର୍ମିତ ହେଲା । ପୁଣି କବର ଚାରିପଟେ ଏଭଳି ଯନ୍ତ୍ରସବୁ ଖଞ୍ଜାଗଲା ଯାହା ଅତ୍ୟାଧୁନିକ ଶୈଳୀରେ ନିର୍ମିତ ହୋଇଥାଏ ।

ତାପରେ ସ୍ୱର୍ଗୀୟ ସମ୍ରାଟଙ୍କୁ ବିଧି ବିଧାନ ଅନୁଯାୟୀ କବର ନିକଟକୁ ନିଆଗଲା । ଲକ୍ଷ ଲକ୍ଷ ଶୋକ ସନ୍ତପ୍ତ ପ୍ରଜା, ଘର-ପରିବାର, ରାଣୀ-କର୍ମଗ୍ଭରୀମାନେ ଗ୍ଭରିପଟେ ଘେରି ରହିଥାନ୍ତି । ମୌଲବୀ ଙ୍କ ନିର୍ଦ୍ଦେଶରେ ସ୍ୱର୍ଗୀୟ ସମ୍ରାଟଙ୍କୁ କବରରେ ପୋତିବାକୁ କୁହାଗଲା । କବର ଗ୍ଭରିପଟେ ଲକ୍ଷ ଲକ୍ଷ ଜନତା ସମ୍ରାଟଙ୍କ ପ୍ରତି ପୁଷ୍ପାଞ୍ଜଳି ଜ୍ଞାପନ କରୁଥାନ୍ତି । ଏତିକିବେଳେ କବର ଗ୍ଭରିପଟେ ଖଞ୍ଜା ହୋଇଥିବା ଆଧୁନିକ ଯନ୍ତ୍ରରୁ ତୀରବର୍ଷା ହେଲା । ଉପସ୍ଥିତ କାରିଗର, ଶହ ଶହ ରାଣୀ, ପୁତ୍ର, ମନ୍ତ୍ରୀ, ଉଚ୍ଚାଧିକାରୀ ସମସ୍ତେ ସମ୍ରାଟଙ୍କ କବର ଭିତରେ ପୋକ-ମାଛି ପରି ଢଳି ପଡି ପୋତି ହୋଇଗଲେ । ତାପରେ କବରକୁ ସଂପୂର୍ଣ୍ଣ ରୂପେ ସିଲ୍ କରି ଦିଆଗଲା ।

ହୁ-ହାଇ ନିଷ୍କଟଙ୍କ ହୋଇ ସିଂହାସନରେ ବସିଲା । ପିତା ସିଂହ ହୁଆଙ୍ଗ ପରି ସେ ମଧ୍ୟ ଅତ୍ୟଧିକ କ୍ରୁର ଶାସକ ଥିଲା । ପ୍ରାୟଃ ୧୯୧୨ ମସିହା ଯାଏ ତା ସାମ୍ରାଜ୍ୟ ଚୀନ୍ ରେ ଶାସନ କରିଥିଲା । ପୁଣି ଗୃହଯୁଦ୍ଧ ହେବାରୁ ଚୀନ୍ ରେ ଗଣରାଜ୍ୟ ଆରମ୍ଭ ହେଲା । ପରେ ପରେ ସାମ୍ୟବାଦ ଶାସନ ଗ୍ଭଲିଲା । ସ୍ୱର୍ଗୀୟ ସମ୍ରାଟ ସିଂହ ହୁଆଙ୍ଗ କବରରେ ତ କେହି ପଶି ପାରିଲେନି । ପରନ୍ତୁ ସମ୍ରାଟଙ୍କ ପ୍ରତି ଲୋକମାନଙ୍କର ଏତେ ଘୃଣା ଥିଲା ଯେ ସେହି କବର ଉପରେ ସେମାନେ ଅଳିଆ ଓ ଅପବିତ୍ର ଜିନିଷକୁ ଫିଙ୍ଗି ନିଜର ବିରୋଧ ପ୍ରକଟ କରୁଥିଲେ । ଶେଷରେ କବରର ଚିହ୍ନ ବର୍ଣ୍ଣ ନଷ୍ଟ ହୋଇଗଲା । ସମୟ ଆସିଲା କବର ଖୋଜି ପାଇବା କଠିନ ହୋଇପଡିଲା । ଆଜି କେବଳ ଚୀନ୍ ର ଗ୍ରେଟ ୱାଲ ଅତ୍ୟନ୍ତ ପ୍ରତାପୀ ସମ୍ରାଟଙ୍କ କବର ଭାବେ ପରିଚିତ ।

ବିସି-୭୪, ସେକ୍ଟର-୧,
ସଲ୍ଟ ଲେକ୍, କୋଲକତା

# ତୁମ ନୂଆ ରୂପ



ସିଦ୍ଧେଶ୍ୱର ତ୍ରିପାଠୀ

ଓଢଣୀ ଢାଙ୍କିବା ବୟସ ତୁମର
ଯେବେଠୁ ଯାଇଛି ସରି
ଅଭୁଲା ଅତୀତ କେତେ ମିଠା ଗୀତ
ସ୍ମୃତି ହୋଇ ପଡେ ଝରି ।

ମହଣ ମହଣ ମହୁଆ ରଜନୀ
ତୁମକୁ କୋଳେଇ ନଏ
ଆକାଶ ଛାତିରେ ଜହ୍ନ ଉଇଁଲେ
ମୋ କଥା ବୁଝିବ କଏ ।

ମଉଳା ମନର ଯେତେକ ସପନ
ମନେ ମନେ ଗଲା ମରି
ଓଢଣୀ ଢାଙ୍କିବା ବୟସ ତୁମର
ଯେବେଠୁ ଯାଇଛି ସରି ।

ପୀରତିର ଆଶା ଆଖିର ଭରଷା
ମନର ଆବେଗ ଯେତେ
ଭବ ବନ୍ଧନର ଦୁର୍ବଳତାକୁ
ଟେକଥିଲି ତୁମ ହାତେ ।

ତୁମ ନୂଆ ରୂପ ମୋତେ ଅଭିଶାପ
ଦେଇଛି ପାଗଳ କରି
ଓଢଣୀ ଢାଙ୍କିବା ବୟସ ତୁମର
ଯେବେଠୁ ଯାଇଛି ସରି ।

କବିର ଘର
କୁଣ୍ଡିଲୋ କେରଙ୍ଗ ଖୋର୍ଦ୍ଧା

# ଶେଫାଳି ପ୍ରତି



ବିଶ୍ୱଜିତ ଆର୍ଯ୍ୟ

ଲୋ ଶେଫାଳି,
ତୁକେତ ସୁନ୍ଦର, କି ବାସ୍ନା ତୋର
ଶରତ ରଜନୀ ର ଶୋଭା
ଦ୍ୱିଗୁଣିତ ହୋଇଯାଏ ।
ହୃଦୟରେ କାମୁକତାର ଉଦ୍ଗିରଣ,
ଚତୁର୍ଦ୍ଦିଗ ହୁଏ ଶିହରୀତ,
କରେଣ୍ଟ ଖେଳିଯିବା ପରେ ।
ପୂର୍ଣ୍ଣିମାର ଗନ୍ଧ ଯେବେ,
ତୋ ଦେହରେ ପଡେ
ଲାଗେ ଯେପରି, କାବ୍ୟର
ଶକୁନ୍ତଳା ଶୃଙ୍ଗାର ବେଶ ହୋଇ
ନଜର ଆତନୁମନ କୁ ଢଳେଇ
ଦେଉଛି ଦୁଷ୍ମନ୍ତ ଙ୍କ ନିକଟରେ ।
ଚକୋରୀ ଟି ଉଡି ବୁଲୁଥାଏ,
ତା ପ୍ରିୟର ଖୋଜିପଟେ
ଚୁମ୍ବି ଦେଇ ବିଧୁରାମୃତକୁ
ପ୍ରିୟ ର ଓଣ୍ଠରେ,
ପୁଣି ଉଡିଯାଏ
ଡେଣାଛାଟି ଜହ୍ନ ରାଇଜକୁ ।।

ମଂଗଳପୁର, ଯାଜପୁର

# ମୋ ବିକଳ୍ପ ତ ମହାସଙ୍କଟ



ପଙ୍କଜିନ ଭୋଇ

କରୋନା କବ୍ଜାରେ
ବିଶ୍ୱବାସୀ ଆଜି ହନ୍ତସନ୍ତ
ବ୍ୟସ୍ତ-ବିବ୍ରତ ଆଉ ବିଚଳତ,
ଆତଙ୍କର ପଶା ଖେଳ ଖେଳ
ବିଜୟ ପରାଜୟର
ତାଣ୍ଡବ ରଚୁଛି ଏ କରୋନା ।।
ପ୍ରବାସୀ କ୍ୱାରେନ୍ଟାଇନ୍ ରେ,
ଆଉ ଗ୍ରାମବାସୀ
ଷ୍ଟେ ହୋମ୍ ଷ୍ଟେ ସେଫ୍
କିନ୍ତୁ ମୁଁ...!! ମତେ ତ ଯିବାକୁ ହବ
ସେମାନଙ୍କ ପାଖକୁ, ଯେଉଁଠି
କେତେ ଆଖିର ଯେ ସ୍ୱପ୍ନ
କେତେ ହୃଦୟର ଆଶା
ଗୁହିଁ ବସିଛନ୍ତି ମୋ ବାଟକୁ ;
ମୋ ଆସିବାର ଆଶାରେ
ନିଶ୍ୱାସ ନେଉଛନ୍ତି ସେମାନେ,
ମୋ ଉପସ୍ଥିତିରେ
ଆଶ୍ୱସ୍ତି ଲଭୁଛନ୍ତି ସେମାନେ ।।

ସୁସ୍ଥ ହେବା ଆଶା ନେଇ
ମୋ ସେବାର ଯେ ଆଶାୟୀ
କେମିତି ଖୋଜିବି ବିକଳ୍ପ
ଏତେ ସ୍ୱାର୍ଥୀ ହୋଇ ମୁଁ,
ମୋ ବିକଳ୍ପ ଅର୍ଥ ମହାସଙ୍କଟ
କିନ୍ତୁ ଲଢ଼ିବି ମୁଁ ଡାକ୍ତରଖାନା ରୂପୀ
ଏହି ରଣକ୍ଷେତ୍ରରେ
ଡାକ୍ତର ରୂପେ ନୁହେଁ
କରୋନା ଯୋଦ୍ଧା ସାଜି ।।

ଲାଞ୍ଜି, କେଗାଁ, କଳାହାଣ୍ଡି

# କବିତାକୁ ପ୍ରଶ୍ନ

ସଂଯୁକ୍ତା ସାହୁ

ବେଳେବେଳେ ମୁଁ ଏତେ ମଗ୍ନ ଥାଏ
ମୋ ଭାବନାର ଶବ୍ଦ ଗଢିବାରେ,
ମୁଁ ପ୍ରକୃତିସ୍ଥ ହେଲା ପରେ
ତାକୁ ପଚାରେ ତୁ ମୋର କଏ ?
କାହିଁକି ପଶିଆସୁ ମୋ ମନ ଭିତରକୁ
କିଛି ସମୟ ତୁ ଅବଚେତନ ରହି,
ପୁଣି ଫେରିଯାଉ କେଉଁଆଡ଼େ କି ?
ତୁ ଏମିତି ଏକ କଳପନା
ତୋତେ ଛୁଇଁ ବି ହୁଏନା,
କେତେବେଳେ କେଉଁ ଅବସ୍ଥାରେ
ତୋର ଆଗମନ ହୁଏ,
ହେଉ ଗାଧୁଅଘର ଅବା ରୋଷେଇଘର
ଖାଇବାବେଳେ ଅବା ଶୋଇବାବେଳେ,
ପୁଣି ରାତି ହେଉ ବା ଦିନ ହେଉ
ନା ଘାଟ ନା କୋଉ ବାଟରେ ।
ତୁ ତ ମୋର କିଛି ନୁହେଁ
ତୋର ତ କିଛି ଅବୟବ ବି ନାହିଁ,
ତୁ କିନ୍ତୁ ମୋ ମନକୁ ଧସେଇ ପଶିଆସୁ
ବୁଝିପାରେନି ତୁ ତ ମୋ ସହ ଥାଉ
ପଚାରିଲେ ତୁ କିଛି କହୁ ନାହୁଁ
କହ ତୁ କଏ ....କଏ.....କଏ ?

ମାଟିଘର(ଉପସଭାପତି)
ରାହାମା, ଜଗତସିଂହପୁର

# ଅନୁଭୂତିରୁ ପଦେ



ଲକ୍ଷ୍ମୀ ଆଚାର୍ଯ୍ୟ

ପ୍ରଭୁ ଜଗନ୍ନାଥଙ୍କ ମହିମା ଅପାର । ସମସ୍ତଙ୍କ ଜୀବନରେ ପ୍ରଭୁଙ୍କ ଅନୁଭୂତି କିଛି ନା କିଛି ନିଶ୍ଚିତ ଥିବ । ଏଥିରେ ତିଳେ ମାତ୍ର ସନ୍ଦେହ ନାହିଁ । ସେମିତି ଅନେକ ଅନୁଭୂତି ମଧ୍ୟରୁ ଗୋଟିଏ ଆପଣମାନଙ୍କ ନିକଟରେ ସମର୍ପିତ କରୁଛି ।

୨୦୧୫ ମସିହା ନବକଳେବର ସମୟର କଥା । ମହାପ୍ରଭୁଙ୍କ ଦାରୁ ଦର୍ଶନ ଉଦ୍ଦେଶ୍ୟରେ ସମସ୍ତେ ଯାଉଥାନ୍ତି । ମନରେ ପ୍ରବଳ ଉତ୍କଣ୍ଠା ଥାଏ ଯିବାପାଇଁ । ସୁଯୋଗ ଟିକିଏ ମିଳନ୍ତାକି, ମନେମନେ ଭାବୁଥାଏ । ହଠାତ୍ ଦିନେ ମୋର ଜଣେ ଅତି ପରିଚିତ ଶିକ୍ଷୟିତ୍ରୀ ଭଉଣୀ ପ୍ରସ୍ତାବ ଦେଲେ ଦେଲେ ଦାରୁ ଦର୍ଶନ ପାଇଁ । ସେ ଜଣେ ପରମ ଭକ୍ତ ପ୍ରଭୁଙ୍କର । ଯାହାହେଉ ସେ ଭଉଣୀଙ୍କର ଜଣେ ବନ୍ଧୁଙ୍କ ଗାଡିରେ ସେ ମହାଶୟା, ମୁଁ ଓ ମୋର ପୁତୁରା ଏମିତି ଚାରିଜଣ ଯାତ୍ରା କଲୁ । ପୁରୀରୁ ବାହାରିଲା ବେଳକୁ ଦିନ ଏଗାରଟା ପରେ ହୋଇଯାଇଥିଲା ।

ପ୍ରଥମେ ପ୍ରଭୁ ବଳଭଦ୍ରଙ୍କ ଦାରୁ ଅଭିମୁଖେ ମା ଶାରଳାଙ୍କ ପୀଠକୁ ଯାତ୍ରା ଆରମ୍ଭ ହେଲା । ମନରେ ଅଜସ୍ର ଉତ୍କଣ୍ଠା । ଗାଡି ତୀବ୍ର ଗତିରେ ଚାଲିଥାଏ । ଶେଷରେ ସେହି ସ୍ଥାନ ଆସିଲା । ଯାହାହେଉ ମା ଶାରଳାଙ୍କ ଦର୍ଶନ ସହିତ ପ୍ରଭୁଙ୍କ ଦାରୁଙ୍କ ଦର୍ଶନ ହୋଇଗଲା । ତତ୍ ପରେ ବନ୍ଧୁ ମହାଶୟଙ୍କ ପରାମର୍ଶ ଅନୁସାରେ ନିକଟରେ ଅବସ୍ଥିତ ପ୍ରଭୁ ଗୋରଖନାଥଙ୍କ ମନ୍ଦିରକୁ ଯାତ୍ରା କଲୁ । ପରିବେଶ ଅତି ରମଣୀୟ । ସେତେବେଳକୁ ସମୟ ଅନେକ ହେଲାଣି । ଭୋକ ବି ବହୁତ ଜୋରରେ ହେଲାଣି । ଭାବିଲୁ ଏଠି କିଛି ପ୍ରସାଦ ସେବନ କରିଦେବୁ । କିନ୍ତୁ ବୁଝିଲା ବେଳକୁ ପ୍ରସାଦ ସମାପ୍ତ ହୋଇଗଲାଣି । ଯେହେତୁ ସମୟ ଅତିବାହିତ ହୋଇଗଲାଣି ତେଣୁ ସ୍ୱାଭାବିକ କଥା । କିନ୍ତୁ ଜଣେ ଭାଇନା କହିଲେ ଯେ ଜଣେ ଲୋକ କହି ଯାଇଛନ୍ତି, ପୁରୀରୁ ଚାରିଜଣ ଆସୁଛନ୍ତି ସେଥିପାଇଁ ପ୍ରସାଦ ରଖିବା ପାଇଁ । ସେ ଆସିଲେ

ନେବେ । ତ ଆପଣଙ୍କ ପାଇଁ ଆଉ ହେବନି । ଏକଥା ଶୁଣି ଆମେ ଆଉ କଣ କରିବୁ? ସାଙ୍ଗରେ ବି କିଛି ଖାଦ୍ୟ ନେଇକି ଯାଇନୁ । ହଉ, ଯାହା ଈଶ୍ୱରଙ୍କ ଇଚ୍ଛା ଭାବି ବରଗଛ ତଳେ ସମସ୍ତେ ବସିଲୁ ।

କିଛି ସମୟ ଅତିବାହିତ ପରେ ସେହି ଭାଇନା ଆମେ ଯେଉଁ ବନ୍ଧୁ ମହାଶୟଙ୍କ ସହିତ ଯାଇଥିଲୁ ତାଙ୍କୁ ଡାକି କହିଲେ – "ଯେଉଁ ଲୋକ ବରାଦ କରି ଯାଇଥିଲେ ସେ ତ ଏପର୍ଯ୍ୟନ୍ତ ଆସିଲେନି, ତେଣୁ ଆପଣମାନେ ପ୍ରସାଦ ପାଇଯାଆନ୍ତୁ ।" ତାପରେ ଆମେ ଅତି ଆନନ୍ଦରେ ପ୍ରସାଦ ସେବନ କରିଥୁଲୁ । ଅମୃତ ପରି ଲାଗିଥିଲା । ଆମେ ଭାବିଲୁ ଠାକୁର ନିଶ୍ଚିତ ଆମରି ପାଇଁ ରଖିଥିଲେ । ବୋଧହୁଏ ଏହାହିଁ ସତ୍ୟ ଥିଲା ।

ତତ୍ ପରେ ଆମେ ଜଗନ୍ନାଥଙ୍କ ଦାରୁ ଦର୍ଶନ ଉଦ୍ଦେଶ୍ୟରେ ଯାତ୍ରା ଆରମ୍ଭ କଲୁ । ସେଠାରେ ପହଞ୍ଚି ଦେଖିଲୁ ପ୍ରବଳ ଗହଳି । ଏ ତ ସ୍ୱାଭାବିକ କଥା । ଜଗନ୍ନାଥ ଯେଉଁଠି ଭିଡ ସେଇଠି । ଯାହା ହେଉ ପ୍ରଭୁଙ୍କ ମହିମା ଅପାର, ଡେରି ହେଉ ପଛେ ଦାରୁଙ୍କ ଦର୍ଶନ ସୁନ୍ଦର ଭାବରେ ସମସ୍ତେ କଲୁ । ଦାରୁଙ୍କ ଦେହରେ ହାତୀ ଶୁଣ୍ଢ ଅତି ରମଣୀୟ ଲାଗୁଥିଲା । ଦର୍ଶନ ସାରି ବାହାରକୁ ଆସି ସମସ୍ତେ ଏକାଠି ହେଲାବେଳକୁ ସନ୍ଧ୍ୟା ଛଅଟା ପରେ ହେଲାଣି । ଘରକୁ ଫେରିବା ଯୋଜନା କଲୁ କାରଣ ଘର ଲୋକ ବାରମ୍ବାର ତାଗିଦ କରିଥିଲେ ଚଞ୍ଚଳ ଫେରିବା ପାଇଁ । କିନ୍ତୁ ଯେଉଁ ମହାଶୟଙ୍କ ଗାଡିରେ ଯାଇଥିଲୁ ସେ କହିଲେ ତାଙ୍କର ଜଣେ ବନ୍ଧୁଙ୍କ ସହ ଦେଖା କରିବାର ଅଛି ସାଲେପୁରରେ । ତେଣୁ ସେ ଯେମିତି ହେଲେ ଯିବେ । ଆମେ ଭାବିଲୁ ହଉ ଦେଖାକରି କି ଶୀଘ୍ର ଫେରିଆସିବା ।

ସେତେବେଳକୁ ରାତି ହୋଇଗଲାଣି । ସାଲେପୁର ଅଭିମୁଖେ ଗାଡି ଚାଲିଲା । ବୋଧହୁଏ ବାଟ ଜାଣି ନପାରି ଅଲଗା ବାଟରେ ଯିବାରୁ ବହୁତ ଡେରିରେ ସାଲେପୁରର ଗୋଟିଏ ଗାଁରେ ପହଞ୍ଚିଲୁ । ରାତି ଆଠଟା ହୋଇସାରିଲାଣି । କଣ କରିବୁ? ଆମେ କେବଳ ଘର କଥା ଭାବି ବ୍ୟସ୍ତ ହେଉଛୁ । ଘରୁ ବାରମ୍ବାର ଫୋନ ଆସୁଛି । ସେ ବନ୍ଧୁ ମହାଶୟ ତାଙ୍କ ବନ୍ଧୁଙ୍କୁ ଦେଖାକଲେ । କିନ୍ତୁ ଆମେ ତାଙ୍କୁ ଅଧିକ ସମୟ ରହିବାକୁ ଦେଲୁନି । ସେ ଆମକୁ ନିଶ୍ଚିତ ଖରାପ ଭାବିଥିଲେ, କିନ୍ତୁ ଆମ ମନ ଅସମ୍ଭାଳ ହେଉଥିଲା । ସେଥିରେ ପୁଣି ଯେଉଁ ଭଉଣୀ ଯାଇଥିଲେ ତାଙ୍କର ବାନ୍ତି ବହୁତ ହେଉଥିଲା । ସେ ବହୁତ ଅସୁସ୍ଥ ବୋଧ କଲେଣି । କଣ କରିବୁ? ବହୁତ ବ୍ୟସ୍ତ ଲାଗୁଥାଏ । ଯାହାହେଉ, ସେ ବନ୍ଧୁ ମହାଶୟ ଆମପାଇଁ ସେ ତାଙ୍କ ବନ୍ଧୁଙ୍କୁ ଅଧିକ ସମୟ ଦେଇପାରିନଥିଲେ । ସେ ତାଙ୍କ କାମ ସାରି ବାହାରିଲେ ।

ରାତି ଆଠଟା ତିରିଶି ହେଲାଣି । ଡ୍ରାଇଭର ବାବୁ କହିଲେ ପୁରୀରେ ପହଞ୍ଚିବାକୁ ଯାହାହେଲେ ରାତି ବାରଟା ବାଜିବ । ଏକଥା ଶୁଣି ବ୍ୟସ୍ତତା ଆହୁରି ବଢିଗଲା । ଏଣେ ପ୍ରବଳ ମାତ୍ରାରେ ବର୍ଷା ଚାଲିଥାଏ । ମନେମନେ ଭାବୁଥାଉ କାଳଆ ର କ ଲୀଳା । ସମସ୍ତଙ୍କ ଘରୁ ଖାଲି ଫୋନ ପରେ ଫୋନ । ଆମେ କଟକ ବାଟ ଦେଇ ଆସୁଥାଉ, ବାଧ୍ୟ ହୋଇ ଘର ଲୋକଙ୍କୁ ମିଛ କହିଲୁକ ଗାଡିର ଚକ ଖରାପ ତେଣୁ ପହଞ୍ଚିବାକୁ ଡେରି ହେବ । ସେମିତି ପ୍ରବଳ ବର୍ଷା ହେଉଥାଏ । ଗାଡି ଚାଲୁଥାଏ । ଆଶ୍ଚର୍ଯ୍ୟର କଥା ଗାଡି ଆସି ପୁରୀରେ ପହଞ୍ଚିଗଲା । ଘରେ ଆମେ ପହଞ୍ଚିଲାବେଳକୁ ରାତ୍ରି ମାତ୍ର ଦଶଟା ବାଜିଛି । ଘର ଲୋକ ପଚାରିଲେ କଣ ଏଇନା କଟକରେ ଥିବା କଥା କହୁଥିଲ, ଆସି ପୁରୀରେ ପହଞ୍ଚିଗଲ! ଆମେ ମନେମନେ ଭାବୁଥିଲୁ କାଳଆର ଲୀଳା ଅପାର । ସତରେ ଆଜ୍ଞା, କଳ୍ପନା କରିପାରିଲିନ ଏତେ ଶୀଘ୍ର କେମିତି ଆସିଲୁ!

ପ୍ରଭୁଙ୍କ ଲୀଳା କେମିତି ଆଜ୍ଞା ଦେଖିଲେତ, ଆମ ପାଇଁ ଖାଦ୍ୟ ବରାଦ ଦେଇ ରଖିଥିଲେ । ପୁଣି ରାତି ବାରଟା ପରିବର୍ତ୍ତେ ରାତି ଦଶଟାରେ ଆଣି ପହଞ୍ଚାଇଦେଲେ ।

ପ୍ରକୃତରେ ସେ ଅନ୍ତର୍ଯ୍ୟାମୀ । ସେ ଆମ ପାଇଁ ସବୁ କରୁଥାନ୍ତି, ହେଲେ ଆମେ ଅଜ୍ଞାନୀ ଜାଣିପାରୁନା ତାଙ୍କର ଅଦୃଶ୍ୟ ଲୀଳାକୁ । ସେ ଲୀଳାମୟ । ତାଙ୍କ ଶ୍ରୀଚରଣରେ କୋଟି କୋଟି ପ୍ରଣାମ । ସବୁବେଳେ ଏମିତି କରୁଣା ସମସ୍ତଙ୍କ ପ୍ରତି ରଖିଥାନ୍ତୁ, ଏତିକି ପ୍ରାର୍ଥନା ।

ଜୟ ଜଗନ୍ନାଥ ॥

ଶିକ୍ଷୟିତ୍ରୀ, ପୁରୀ ସଦର

# ଅଫେର୍ ଅତୀତ



ଅନଲ୍ ପ୍ରଧାନ

ପ୍ରୀତିର ଫଗୁଣ ଫିକା ଲାଗେ ମତେ,
ପ୍ରେମର ଶ୍ରାବଣ ଦୁଖଃ।
ଅଫେର୍ ଅତୀତ ଆଉ କ ଫେରିବ,
ମନେ ପଡେ ତୁମ ସ୍ମୃତି।

ନଝୁମ୍ ରାତିରେ ଜହ୍ନ ଆଲୁଅରେ,
ଖୋଜୁଛି ମୁଁ ତୁମ ପ୍ରୀତି।
ଜହ୍ନ ର ଜୋଛନା ଭଲ ଲାଗୁ ନାହିଁ,
ଏକାକ କଟୁଛି ରାତି।
ଅଫେର୍ ଅତୀତ ଆଉ କ ଫେରିବ,
ମନେ ପଡେ ତୁମ ସ୍ମୃତି।

ତୁମକୁ ଖୋଜୁଛି ନୀଳ ଆକାଶରେ,
ପାଉ ନାହିଁ ତୁମ ଇତି।
ଜହ୍ନ ର ଶୀତଳ ଆଉ ରୁଚୁ ନାହିଁ,
ଅଥୟ ହୁଅଇ ମତି।
ଅଫେର୍ ଅତୀତ ଆଉକ ଫେରିବ,
ମନେ ପଡେ ତୁମ ସ୍ମୃତି।

ଗଗନେ ପବନେ ତୁମକୁ ଖୋଜୁଛି,
ସମୟ ଯାଉଛି ବିତି।
ତାରାଗଣ ମତେ ଦେଖି ହସୁଛନ୍ତି,
ଦେଖି ମୋ ପାଗଳ ପ୍ରୀତି।
ଅଫେର୍ ଅତୀତ ଆଉକ ଫେରିବ,
ମନେ ପଡେ ତୁମ ସ୍ମୃତି।

କୋଦଳା(ଗଞ୍ଜାମ)

# ଆସୁଛନ୍ତି ମାଆ



ପ୍ରିୟଦର୍ଶିନୀ ମହାପାତ୍ର

ଦେବୀ ଦଶଭୁଜା ମା ଅମ୍ବିକା
ଆସୁଛନ୍ତି ଦେଖ ହସି ହସିକା

ଘଣ୍ଟ ଘଣ୍ଟା ଭେରୀ ତୁରୀ
ପୀଠେ ସଜ୍ଜିତ କରି
ଚାଲ ତାଙ୍କୁ ଭକ୍ତି ପୂତେ ପୂଜିବା
ଆଶୀଷ ମାଆଠୁ ଆମେ ପାଇବା

ଦେବୀ ଦଶଭୁଜା ମା ଅମ୍ବିକା
ଆସୁଛନ୍ତି ଦେଖ ହସି ହସିକା

କାଶତଣ୍ଡୀ ଫୁଲକୁ
ଶରତ ଆଣିଛି ଭେଟି
ନାନା ରଙ୍ଗେ ସୁସଜ୍ଜିତ
ହେଲାଣି ମା ବସୁମତୀ

ମନୁ ଅହଂକାର ଆମେ ଭୁଲିବା
ମାଆ ଚରଣେ ଶରଣ ନେବା

ଦେବୀ ଦଶଭୁଜା ମା ଅମ୍ବିକା
ଆସୁଛନ୍ତି ଦେଖ ହସି ହସିକା

ଅନ୍ୟାୟ ଅତ୍ୟାଚାରକୁ
ସହେନ ମୋ ମାଆ
ମାଆ ବୋଲି ଡାକଦେଲେ
ଆସିଥୁଏ ଠିଆ

ପାପୀଙ୍କ ସଂହାର ପାଇଁ
ଆସେ ଅବତରି
ତାର ଦରଶନେ ଦୁଷ୍ଟ
ଶକ୍ତି ଯାଏ ସରି

ଯୁଗେ ଯୁଗେ ମାଆ ମୋର ବନ୍ଦିତା
ସତ୍ୟ ର ଜୟ ଦିଏ ବାରତା

ଦେବୀ ଦଶଭୁଜା ମା ଅମ୍ବିକା
ଆସୁଛନ୍ତି ଦେଖ ହସି ହସିକା

ଶିକ୍ଷୟିତ୍ରୀ
ଜୟଦେବ ବିହାର
ପୋଲିସ କଲୋନୀ, ଭୁବନେଶ୍ୱର

# ଥୁଣ୍ଟା ବରଗଛ



ତାରାପ୍ରସାଦ ଜେନା

ବରଗଛ ଥୁଣ୍ଟା ଗଛ ଠିଆ ଗାଆଁ କଡ଼େ
ଘଟଣାକୁ ଜୀବନର ସୁଖ ସେବା ଲୋଡ଼େ । ୦ ।

ବରଗଛ ଓହଳକୁ ଦୋଳକରି ପିଲା
ହସଖୁସି ମନ କେତେ ମାରୁଥିଲେ ଚାଲ
ସେଦିନର ଖୁସି ଆଜି ଭାରି ମନେପଡ଼େ । ୧ ।

ନୀଡ଼ ଆସି ରଚଥିଲେ କେତେ ଜାତି ପକ୍ଷୀ
ରାବ ଆହା କରୁଥିଲେ ଭାବ ଧରି ସାକ୍ଷୀ
ସେଇ ନୀଡ଼ ନଜରଟା ସ୍ମୃତି ହୋଇ ଛିଡ଼େ । ୨ ।

ବାଗୁଡ଼ିର ଖେଳେ ପିଲା ଉଠୁଥିଲେ ମାତି
ଡାହି ମାଙ୍କୁଡ଼ିର ଖେଳ ଚାଲୁଥିଲା ନତି
ସାତ ଆଜି ସପନକୁ ପଛକଥା ଉଡ଼େ । ୩ ।

କନ୍ୟା ଲାଗି ବରଯାତ୍ରୀ ଏଇ ଠାବେ ବଧା
ପଣା ପାଣି ଚାଲୁଥିଲା ମେଣ୍ଟୁଥିଲା ବାଧା
ବାଜା ଆଉ ରୋଷଣୀକୁ ବାହା ସଜ ଭିଡ଼େ । ୪ ।

ଗୋରୁଆଳ ଗୋରୁପଲ ଛାଡ଼ିଦେଇ ପାଖେ
ବଂଶୀ ତାନେ ମୋହୁଥିଲା ଗଛ ମୂଳେ ସୁଖେ
ଭାବନାକୁ କେତେ ଆଣି ସୁଖ ଲୁହ ଗଡ଼େ । ୫ ।

ଟାଣ ଖରା ଗଛ ଛାଇ ବାଧା ସୁଖ ନଦ
ବାଟୋଇର ଆଶ୍ରା ଟିକେ ଭରସାର ପଦ
ସେଇ କଥା ଗୋଟି ଗୋଟି ଆଜି ଦୁଃଖ ଛାଡ଼େ। ୬।

ଆଶା ଆଉ ବିଶ୍ୱାସର ସେବା ବରଗଛ
ଜୀବନଟା ଚାଲିଗଲେ ଜାଳକାଠ ପଛ
ସେବା ଲାଗି ପୁନର୍ଜନ୍ମ ବିଭୁ ନାମ ଯୋଡ଼େ । ୭ ।

ରାଜ ରଣପୁର, ଜିଲ୍ଲା-ନୟାଗଡ଼,
ପିନ୍-୭୫୨୦୨୬, ଓଡ଼ିଶା

# ଏଣୁ ତେଣୁ ପ୍ରଶ୍ନ



ସଂଗ୍ରାମ ମହାରଣା

ଶୁନ୍ୟତା ର ସ୍ୱର ରେ ଜନସମୁଦ୍ର
ବିସ୍ତୀର୍ଣ୍ଣ ରାଜ ରାସ୍ତା ରେ କଟ୍ ମିଟ୍ ଏ ଅନ୍ଧକାର
ଟିପ୍ ଟିପ୍ ବର୍ଷା ଆଉ ମନ ଦୋହଲାଉ ଥାଏ ହାଲ୍କା ପବନ
ଏକା ଏକା ଗାଲୁଥାଏ ଆଉ ସାଥିରେ ଥାଏ
ନିସ୍ତବ୍ଧ ରାତି ଆଉ  ଶବ୍ଦ କିଛି ଭାବନା ର ।
ଆନ୍ଦୋଳିତ ମନ ଭିତରେ ଅନେକ ଆଶଙ୍କା
ଉତ୍ତର ଆଉ ପ୍ରଶ୍ନ ଭିତରେ ମୁଁ ଏକ ଦ୍ୱିପାକ୍ଷିକ ନଉକା
ଜଳ ତରଂଗ ସୃଷ୍ଟି କଣ ଆହୁଲା କୁ ଭାଂଗି ପାରେ ?
ସମୂଦ୍ର ଭଉଁରି କଣ କେବେ ଭୁପୃଷ୍ଠ କୁ ଛୁଇଁ ପାରେ ?
ଦ୍ୱନ୍ଦ୍ୱିତ ମନ କଣ  ଠିକ୍ ଆଉ ଭୁଲ୍ କୁ ବାଛି ପାରେ?
ଏମିତି ଅନେକ ଅଜସ୍ର ପ୍ରଶ୍ନ
ପୁଣି କେତେବେଳେ ଖୋଜିବୁଲେ ଦୂର ଆକାଶ ର ଜହ୍ନ
ମିଂଜି ମଂଜି ତାରା ଗୁଡା ଯେ ଭସା ବାଦଲ ର ଚକ୍ରବ୍ୟୁହ ରେ
ହେଲେ କାହିଁକି ଏତେ ଭୟ
କାହିଁକି ନିଜ ମନ କୁ କରିପାରୁନି ଥୟ
ସତରେ କଣ ଏ ଜୀବନ ଟା କେବଳ ଉତ୍ତର ଖୋଜିବାରେ
ନା
ଅପରିଚିତ ଦୁନିଆ ଭିତରେ ନିଜ ପରିଚୟ କୁ ସଜ୍ଞା ଦେବାରେ!
ନିସ୍ତେଜ ହୋଇ ପଡିଥିବା ପରିବେଶ ଟା
ଆଜି ନିଜ ପାଇଁ ସଜ୍ଞାହୀନ,
ଖାଲି ପଡିଥିବା ଇନ୍ଦ୍ରଧନୁ ବି ଆଜି କାହିଁକି କେଜାଣି

ସଂପୁର୍ଣ୍ଣ ଭାବେ ରଙ୍ଗହୀନ,
ସତରେ କେଡେ ବିଚିତ୍ର ଏ ସ୍ୱପ୍ନ,
ଆଜି ବି ଅସଂପୂର୍ଣ୍ଣ,
ସ୍ନେହ ଆଉ ଭଲପାଇବାର ଏ ଶୁନ୍ୟ ସ୍ଥାନ
ଇଚ୍ଛା ହୁଏ ପୁଣି ଫେରିଯାଆନ୍ତି କି ତୋର ସେ ସହର କୁ,
ଖାଲି ପଡିଥିବା ଏ ଚିତ୍ର ରେ ଅନେକ ରଙ୍ଗ ଭରିବାକୁ,
ତୁ ଭାଙ୍ଗି ଦିଅନ୍ତୁ ନିରବତା ର ଅନେକ ପ୍ରଶ୍ନ ର ସନ୍ଧି କୁ,
ଆଉ ମୁଁ ପାଇ ଯାଆନ୍ତି ଉତ୍ତର
ସମସ୍ତ ଶୁନ୍ୟ ସ୍ଥାନ ପୂରଣ କରିବାକୁ
ହଁ ପାଇ ଯାଆନ୍ତି
ତୋର ସେ ଉଷ୍ମତା ର ସ୍ପର୍ଶ କୁ
ଆଉ ଧାର୍ ଶ୍ରାବଣ ର ଆଦ୍ରତା ରେ
ହଜେଇ ଦିଅନ୍ତି ନିଦକୁ
ଆଉ ଅପେକ୍ଷା କରନ୍ତି
ଏ ରାତି ର ସ୍ୱପ୍ନ ସରିବାକୁ....

ଇନ୍ଦୁପୁର, କେନ୍ଦ୍ରାପଡ଼ା

"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

# ସଂକ୍ଷେପରେ ସଂସ୍କୃତି



ମେନନ୍ ସାହୁ

ସଂସ୍କୃତି ଶବ୍ଦଟି ମନରେ ଉଙ୍କି ମାରିଲେ ହଠାତ୍ ଆମର ଗୋଟିଏ ଜାତି,ସମାଜ ଓ ବ୍ୟବସ୍ଥାରେ ଶୃଙ୍ଖଳାବଦ୍ଧ ନୀତିନିୟମ ଆଦର୍ଶ କଥା ମନେ ପଡିଯାଏ । ଯେଉଁଥିରେ ମାନବ ତା ନିଜ ଜାତିର ଧର୍ମ, କଳା, ଶାସ୍ତ୍ର, ନୃତ୍ୟ, ବାଦ୍ୟ, ଭାସ୍କର୍ଯ୍ୟ, ପରମ୍ପରାକୁ ନିଜ ମନରେ ଚିରଦିନ ପାଇଁ ବାନ୍ଧି ରଖିଥାଏ । ତେବେ ଏ ସଂସ୍କୃତି ଶବ୍ଦ କଣ,ଏହାର ସଂଜ୍ଞା କଣ, ଏହାର ସ୍ୱରୂପ କଣ ତାହା ଆଲୋଚନାଭୁକ୍ତ ।

“ସମ୍ ଉପସର୍ଗ ପୂର୍ବକ “କୃ” ଧାତୁରେ କ୍ତିନ୍ ପ୍ରତ୍ୟୟ ଯୋଗରେ ସଂସ୍କୃତ ଶବ୍ଦ ଗଠିତ । “କୃ” ଧାତୁର ଅର୍ଥ ହେଉଛି କୃତି । ତେଣୁ ସଂସ୍କୃତି ଅର୍ଥ ହେଲା ଉତ୍ତମ କୃତି । ଯାହାଦ୍ୱାରା ସମାଜକୁ ସାମ୍ୟକ ରୂପେ ସୁବ୍ୟବସ୍ଥିତ ଓ ସୁସଂହତ ଭାବେ ନିର୍ମାଣ କରାଯାଏ । ସଂସ୍କୃତିକୁ ଆଉ ଟିକେ ସ୍ପଷ୍ଟ ରୂପେ ବୁଝିବା ପାଇଁ ଦୁଇଟି ଶବ୍ଦ ଉପରେ ଆଲୋକପାତ କରାଯାଏ । ସେ ଦୁଇଟି ଶବ୍ଦ ହେଲା ପ୍ରକୃତ ଓ ବିକୃତ । ଖଣିରେ ଥିବା ପଦାର୍ଥ ପ୍ରକୃତି ପ୍ରଦତ୍ତ ହୋଇଥିବାରୁ ତାହା ପ୍ରାକୃତ ଏବଂ ମନୁଷ୍ୟ ଦ୍ୱାରା ବିଶୋଧିତ ହେବା ପରେ ତାକୁ ସଂସ୍କୃତ ବୋଲି କୁହାଯାଏ । ପ୍ରକୃତ ପଦାର୍ଥକୁ ସଂସ୍କୃତ କରିବାର ପଦ୍ଧତିର ନାମ ହେଉଛି “ସଂସ୍କୃତି” ପ୍ରକୃତି ଜଙ୍ଗଲ ରୂପେ ବୃକ୍ଷ, ବନସ୍ପତି, ଲତା, ଗୁଳ୍ମର ବିଶାଳ ସମାହାର ପ୍ରଦାନ କରିଛି । ପ୍ରକୃତିରେ ଉପଲବ୍ଧ ବୃକ୍ଷାଦିକୁ ମନୁଷ୍ୟ ଆବଶ୍ୟକ ଅନୁସାରେ ସୁବ୍ୟବସ୍ଥିତ ଓ ଯୋଜନାବଦ୍ଧ ଢଙ୍ଗରେ ସୁନ୍ଦର ବଗିଚାର ରୂପ ଦେବାକୁ “ସଂସ୍କୃତି” କୁହାଯାଏ । ମନୁଷ୍ୟ ନଗ୍ନ ଓ ଅଶିକ୍ଷିତ ରୂପେ ଜନ୍ମଗ୍ରହଣ କରିଥାଏ । ଶିକ୍ଷାଦୀକ୍ଷା ଲାଭ କରେ ସଦଗୁଣ, ସଦାଚାର, ସଦଭାବନା ଓ ଶୃଙ୍ଖଳା ନିୟମ ପାଳନ ପୂର୍ବକ ଜୀବନଯାପନ କଲେ ତାକୁ ସଂସ୍କୃତି ର ମନୁଷ୍ୟ କୁହାଯାଏ । ସୁବ୍ୟବସ୍ଥା ପଦ୍ଧତିରେ ପ୍ରକୃତିର ସଦପଯୋଗ କରିବା ହିଁ “ସଂସ୍କୃତି” ଅଟେ । ତାର ଦୁରୁପଯୋଗ କରିବା ବିକୃତ ଅଟେ । ବାହ୍ୟ ଓ

ଆନ୍ତରିକ ଉଭୟ ପ୍ରକାର ବିକାଶ ସଂସ୍କୃତି ର ଅନ୍ତର୍ଗତହୋଇଥିଲେ ସୁଦ୍ଧା ଆନ୍ତରିକ ଉନ୍ନତିକୁ ସଂସ୍କୃତ କୁହାଯାଏ । ସଂସ୍କୃତି ମାନବକେ ଏହା ପ୍ରତ୍ୟେକ ମାନବ ପାଇଁ ଏକ ଓ ଅପରିବର୍ତ୍ତନୀୟ । ସଂସ୍କୃତି ହେଉଛି ସାର୍ବଜନୀନ ଓ ସାର୍ବକାଳକ । ତେଣୁ କୁହାଯାଏ ଯେଉଁ ଦେଶର ବା ଜାତିର ସଂସ୍କୃତି ଯେତେ ବିକଶିତ ସେ ଦେଶର ବା ଜାତିର ମାନବ ସେତେ ବିକଶିତ । ଏକ ନିର୍ଦ୍ଦିଷ୍ଟ ଜନଗୋଷ୍ଠୀର କାର୍ଯ୍ୟକଳାପ ମଧ୍ୟ ଦେଇ ବିଗ୍ଭର ଓ ଆଗ୍ଭରର ପରିପ୍ରକାଶ ହିଁ ସଂସ୍କୃତି । ସାମାଜିକ ସମ୍ପର୍କ ତଥା ଜୀବନଶୈଳୀର ସମାହାରକୁ ନେଇ ପରମ୍ପରା ସୃଷ୍ଟି ହୁଏ । ଏହି ପରମ୍ପରାଗୁଡିକ କାଳକ୍ରମେ କାଳର କଷଟିରେ ଘଷି ହୋଇ ସଂସ୍କାରିତ ହୋଇଥାଏ । ଏହି ସଂସ୍କାରିତ ପରମ୍ପରାକୁ ସଂସ୍କୃତି ବୋଲି କୁହାଯାଏ ।

**Culture as pattern of thinking and doing that runs through the activities of people and distinguishes them from all other peoples.** ସଂସ୍କୃତି ହେଉଛି ତାହା ଯାହା ମାନବର ଆଗ୍ଭର, ବିଗ୍ଭର ଓ ଗ୍ଭଲିଚଳଣିକୁ ଏକ ଅସାଧାରଣ ସ୍ତରକୁ ନେଇଥାଏ । କୌଣସି ଦେଶ ବା ଜାତିର ବର୍ହିବିକାଶ ହିଁ ସଭ୍ୟତା ଓ ଅନ୍ତଃପ୍ରକୃତି ହେଉଛି ସଂସ୍କୃତି । ସଭ୍ୟତାର ସ୍ଥୂଳ ଗଣ୍ଡି ଭିତରୁ ଯୁଗେ ଯୁଗେ ସଂସ୍କୃତି ନୂତନ ଭ୍ଵବରେ ଉନ୍ମେଷିତ ହୋଇଉଠିଛି । ଯୁଗରୁଚ ଅନୁସାରେ ସଂସ୍କୃତି ବଦଳେ ଓ ଏହାର ସମ୍ପର୍କ ମନୁଷ୍ୟ ଓ ସମାଜ ସହିତ ନିବିଡ । ସଂସ୍କୃତି କୁ କେବଳ ନୁଭବ କରାଯାଏ ରୋମାନ୍ ଭ୍ଷାର କଲଚରା **(Cultura)** ଶବ୍ଦରୁ ଇଂରାଜୀ କଲଚର ଶବ୍ଦଟି ସୃଷ୍ଟି । ଭଦ୍ର ଓ ସୁରୁଚ ସଂପନ୍ନ ବ୍ୟକ୍ତିଙ୍କୁ ରୋମାନ୍ ମାନେ କଲଟସ କହୁଥିଲେ । କଲଟସ ରୋମାନ୍ ଭ୍ଷାର କ୍ରିୟାପଦ କୋଲିରିରୁ ଉତ୍ପତ୍ତି । ଆର୍ଣ୍ଣଲଡଙ୍କ ପୁସ୍ତକ ଚର୍ଚ୍ଚାରୁ ସଂସ୍କୃତି ର ଯେଉଁ ସହଜ ରୂପଟି ଆତ୍ମପ୍ରକାଶ କଲା ତାର ଜନ୍ମ ପ୍ରାଚୀନ ଗ୍ରୀସ୍ ରେ ବୋଲି ଚହ୍ନିବାରେ କୌଣସି ଅସୁବିଧା ହେଲ୍‌ନାହିଁ । ସଂସ୍କୃତି ର ମହାନପୀଠ ଓ ପାଶ୍ଚାତ୍ୟ ସଂସ୍କୃତି ର ଜନନୀ ଗ୍ରୀସ୍‌ରୁ ସୃଷ୍ଟି ର ମୂର୍ତ୍ତି ଉଦ୍ଧାର ଯଥାର୍ଥ ମନେହୁଏ । ଗ୍ରୀକ୍ ମାନେ ସଂସ୍କୃତି କୁ କେଉଁ ରୂପରେ ଦର୍ଶନ କରିଥିଲେ ତାହାର ଅପୂର୍ବ ବିଶ୍ଳେଷଣ କଲେ **Werner Jaeger** ୧୯୪୬ରେ ପ୍ରକାଶିତ ତାଙ୍କର ପ୍ରସିଦ୍ଧ **"Paideia the ideas of Greek Culature"** ଗ୍ରନ୍ଥରେ । ଗ୍ରୀକ୍ ମାନେ ବୁଝିଥିଲେ ଯେ ସଂସ୍କୃତି ର ତିନୋଟି ଧାରା – ସତ୍ୟ, ସୌନ୍ଦର୍ଯ୍ୟ ଓ ନୈତିକ ଶୁଦ୍ଧତା । ଭ୍ରତବର୍ଷର ସତ୍ୟ-ଶିବ-ସୁନ୍ଦରଙ୍କର ଆରାଧାନା ସହିତ ଅଦ୍ଭୁତ ସାମଞ୍ଜସ୍ୟ ।

ତେବେ ସଂସ୍କୃତି ର ସଂଜ୍ଞା ଦେବାକୁ ଯାଇ **E.B. Tylore** କହିଛନ୍ତି - **"Culture are civilization takes in its wide ethnographic sense, is that complex whole which includes knowledge belief art morals, law, custom, and any other capabilities land**

habits acquired by man as a member of society." ଅର୍ଥାତ ଯେ କୌଣସି ଗୋଟିଏ ସମାଜର ନୀତି, ନିୟମ, ପରମ୍ପରା, ନୈତିକତା, ଜ୍ଞାନ, ବିଶ୍ୱାସ ଆଦି ସମସ୍ତ ବିଷୟ ଏହାର ଅଙ୍ଗୀଭୂତ ହୋଇପାରେ ।

ନିତ୍ୟାନନ୍ଦ ମହାପାତ୍ର କହିଛନ୍ତି –"ସଭ୍ୟତା ସଂସ୍କୃତି ର ବାହ୍ୟ ପ୍ରକାଶ । ସଂସ୍କୃତି ବିଗ୍ରହ ଆଉ ସଭ୍ୟତା ହେଉଛି ଆଗ୍ରହ ।" (ସଭ୍ୟତା, ନିତ୍ୟାନନ୍ଦ ମହାପାତ୍ର, ପ୍ରେମ ଓ ପ୍ରତିମା) ଡାକ୍ତର ବାସୁଦେବ ଚରଣ ଅଗ୍ରୱାଲଙ୍କ ଭାଷାରେ – "ସଂସ୍କୃତି ଜୀବନ ପାଇଁ ପରମ ଆବଶ୍ୟକ ଅଟେ । ରାଜନୀତି ଓ ଅର୍ଥଶାସ୍ତ୍ର ଏହି ଦୁଇଟି ପରସ୍ପର ମଧ୍ୟରେ ବିସ୍ତୃତ ହୋଇ ମଣିଷ ମନକୁ ଏକ ଉନ୍ନତ ପ୍ରାଣୀରେ ଜନ୍ମ ଦେଇଥାଏ ।"

ପଣ୍ଡିତ ନୀଳକଣ୍ଠ ଦାସଙ୍କ ଭାଷାରେ – "ବ୍ୟାପକ ଭାବରେ ବୁଝିଲେ ସମାଜ ବିକାଶର ପ୍ରକାଶ ହେଉଛି ସାହିତ୍ୟ । ଏଇ ବିକାଶର ଚଳଣି ସଂସ୍କୃତି ରେ ଧରାହୁଏ । ସାହିତ୍ୟରେ ଏଇ ସଂସ୍କୃତି ମପାହୁଏ । ତେଣୁ ସମାଜର ଚଳଣିଠାରୁ କଳା କବିତା, ଆଲୋଚନା, ବିଜ୍ଞାନ, ବ୍ୟବହାର ଚିତ୍ର, ସ୍ଥାପତ୍ୟ ପ୍ରଭୃତି ସବୁ ସାହିତ୍ୟର ଅନ୍ତର୍ଗତ । ଏସବୁ ଭିତରେ ଦର୍ଶନ, ସାଧନା ଓ ସୃଷ୍ଟି, ଭାବ ଓ ଅନୁଭୂତିର କଳନାରେ ସୃଷ୍ଟି କୁ ଧରି ସାହିତ୍ୟର କ୍ରମପରିଣାମ ଦେଖିବାର କଥା କଞ୍ଚା ଓଡିଆରେ କହିଲେ ରୂହାଣି, ଚଳଣି ଓ ଚମକ ଏଇ ତିନୋଟିର ସମାଜର ସଂସ୍କୃତି ଖୋପଡେ ।" (ଓଡିଆ ସାହିତ୍ୟର କ୍ରମବିକାଶ, ନୀଳକଣ୍ଠ ଦାସ, ପୃ.୨)

ଯେକୌଣସି ଗୋଷ୍ଠୀ, ଜାତି, ଅଞ୍ଚଳ, ରାଜ୍ୟ, ଦେଶର ଅବଶ୍ୟ ନିଜସ୍ୱ ସଂସ୍କୃତି ରହିଥାଏ । ଏହି ସାଂସ୍କୃତିକ ସ୍ୱରୂପ ହିଁ ସେମାନଙ୍କର ପରିଚୟ ପ୍ରଦାନ କରିଥାଏ । ଏବଂ ସେମାନେ ନିଜସ୍ୱ ସାଂସ୍କୃତିକ ସ୍ୱତନ୍ତ୍ରତାକୁ ହିଁ ନିଜର ସଂପତ୍ତି ଭାବରେ ଗ୍ରହଣ କରିଥାନ୍ତି । ନିଜସ୍ୱ ସଂପତ୍ତି ହିଁ ନିଜସ୍ୱ ପରିଚୟ । ଏହି ସଂସ୍କୃତି ର ବିପର୍ଯ୍ୟୟ ଘଟିଲେ ପରିଚୟରେ ସମସ୍ୟା ଉତ୍ପନ୍ନ ହୁଏ । ଏହାର ବିନାଶରେ ଗୋଟିଏ ମାନବ ସମାଜର ଅବକ୍ଷୟ ଅଥବା ସମାପ୍ତି ସାଂସ୍କୃତିକ ରୂପରେ ଘଟିଥାଏ । ଗୋଟିଏ ନିର୍ଦ୍ଦିଷ୍ଟ ସମାଜ ଅନ୍ୟ ଏକ ସମାଜର ସଂସ୍କୃତି ଦ୍ୱାରା ପ୍ରଭାବିତ ହୋଇ ଯଦି ନିଜସ୍ୱ ସଂସ୍କୃତି କୁ ଉପେକ୍ଷା କରି ସେହି ନୂତନ ସଂସ୍କୃତି କୁ ଆପଣେଇ ନିଏ ତାହେଲେ ସେଇ ସମାଜର ସାଂସ୍କୃତିକ ମୃତ୍ୟୁ ବା ଅବକ୍ଷୟ ହୋଇଥାଏ । ଗୋଟିଏ ଅଞ୍ଚଳର ସଂସ୍କୃତି ସେଇ ଅଞ୍ଚଳର ବ୍ୟକ୍ତିମାନଙ୍କର ପୋଷାକ

ପରିଚ୍ଛନ୍ନ, କଥାବାର୍ତ୍ତା, ଆଗ୍ରହ ବ୍ୟବହାର, ପର୍ବପର୍ବାଣୀ, ଏପରିକ ସାହିତ୍ୟ (କଥିତ ଓ ଲିଖିତ)ରେ ପ୍ରତିଫଳିତ ନିଶ୍ଚିତ ଭାବରେ ହୋଇଥାଏ ।

ସାହିତ୍ୟ ସଂସ୍କୃତି ଅନ୍ତର୍ଗତ ନୁହଁ । କିନ୍ତୁ ସଂସ୍କୃତି କୁ ସାହିତ୍ୟ ନିଶ୍ଚିତ ଭାବରେ ଏକ ବିଶେଷ ଉପାଦାନ ଭାବରେ ଗ୍ରହଣ କରିଥାଏ । ସାହିତ୍ୟ କୌଣସି ସଂସ୍କୃତି ଅପେକ୍ଷା ଅଧିକ ବ୍ୟାପକ ଓ ପ୍ରସାରିତ । ଏହା ସତ୍ତ୍ୱେ କୌଣସି ଅଞ୍ଚଳରେ ସୃଷ୍ଟି ଲାଭ କରିଥିବା ସାହିତ୍ୟରେ ସେଇ ଅଞ୍ଚଳର ସଂସ୍କୃତି ସୂଚନା ପାଇଥାଏ ଏହା ଅନସ୍ୱୀକାର୍ଯ୍ୟ । ସଂସ୍କୃତି ବିଶେଷ ଗୋଷ୍ଠୀର ଜୀବନଧାରା ର କେଉଁ ସବୁ ବିଭାବ ଅନ୍ତର୍ଭୁକ୍ତ ହୋଇପାରେ, ସେସବୁ ଏକ ତାଲିକା ଗବେଷକମାନେ ଏଭଳି ଭାବରେ ପ୍ରସ୍ତୁତ କରିଛନ୍ତି –

- ଭାଷା (Language)ଭାବେ ପ୍ରକାଶନର ଶ୍ରେଷ୍ଠ ମାଧ୍ୟମ ।
- କଳା ଓ ବିଜ୍ଞାନ (Arts & Science) ଭାବ ପ୍ରକାଶର ବିକଶିତ ଓ ପରିସ୍ଥିତି ବିଭବ ।
- ଚିନ୍ତାଧାରା (Thought) ଯେଉଁଭଳି ମଣିଷ ତାର ଚାରିପାର୍ଶ୍ୱର ଜଗତକୁ ଅନୁଭବ କରେ ।
- ଆଧ୍ୟାତ୍ମିକତା ମଣିଷର ଆତ୍ମିକ ବିକାଶ ପାଇଁ ପିଢିରୁ ପିଢିକୁ ଯେଉଁ ମୂଲ୍ୟବୋଧ ପ୍ରଣାଳୀ ଭାଷା ଓ କାବ୍ୟରେ ପ୍ରଭାବିତ ।
- ସାମାଜିକ କାର୍ଯ୍ୟାବଳୀ (Social Activity) ଗୋଟିଏ ସାଂସ୍କୃତିକ ଗୋଷ୍ଠୀରେ ଥିବା ଭାଗିଦାରୀ ପ୍ରଚେଷ୍ଟା, ବିଭିନ୍ନ ଉତ୍ସବ ପାଳନ ଏବଂ ଜୀବନର ଆନନ୍ଦ ପାଇଁ ପ୍ରୟାସ ।
- ପାରସ୍ପରିକତା (Interaction) ପରସ୍ପର ସହିତ ସାମାଜିକ ସମ୍ପର୍କ ସ୍ଥାପନ, ଦିଆନିଆ ଭିତ୍ତିରେ ସାମାଜିକ ସମ୍ପର୍କ ଏବଂ ପରମ୍ପରା ଏଇସବୁ ସଂସ୍କୃତି ଅନ୍ତର୍ଭୁକ୍ତ କରାଯାଇପାରିବ ।

ସଂସ୍କୃତି ମଣିଷ ସଭ୍ୟତା ଓ ଜୀବନର ସାମଗ୍ରିକ ସ୍ୱରୂପର ଅର୍ଥ ବହନ କରେ ନାହିଁ । ମାନବ ସଂସ୍କୃତି ଯାହାକ ଆଞ୍ଚଳିକ ଭିତ୍ତିରେ ହିଁ ସ୍ୱତନ୍ତ୍ର ରୂପ ଧାରଣ କରିଥାଏ । ତାହା ଦୁଇଟି ରୂପ ଥାଏ । ଯଥା-କାବ୍ୟରୂପ ଓ ମାନସ ରୂପ । କାବ୍ୟ ସ୍ୱରୂପର ଏଭଳି-

- ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ପାଳିତ ବିଭିନ୍ନ ସଂସ୍କାର ।
- ଚଳଣି (ଦୈନନ୍ଦିନ କାର୍ଯ୍ୟାବଳୀ) ।
- ବ୍ୟବହାର (ଆପଣା ଓ ଅନ୍ୟ ପ୍ରତି, ଗୋଷ୍ଠୀ ଓ ସମାଜ ପ୍ରତି) ।
- ବାସଗୃହ ନିର୍ମାଣ ଶୈଳୀ ।

- ପୋଷାକ ପତ୍ର ଓ ପରିଧାନ ଶୈଳୀ ।
- ଅଳଙ୍କାର ।
- ପ୍ରସାଧନ ସାମଗ୍ରୀ ଇତ୍ୟାଦି ।
- ଖାଦ୍ୟ ।

ମାନସିକତାରୁ ଉତ୍ପନ୍ନ ଏଭଳ ଅନେକ ବିଷୟ ରହିଛି ଯାହା ସଂସ୍କୃତିକୁ ନିର୍ମାଣ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ । ଏଗୁଡିକ ହେଲା –

- ଗୋତ୍ର ବିଶ୍ୱାସ (ଜାତି, ବଂଶ, ଆଧାରିତ)
- ଦେବତ୍ ବିଶ୍ୱାସ (ଆଞ୍ଚଳିକ ପ୍ରଭାବରୁ ନିର୍ମିତ)
- ଭାଷା ଓ ଲିପି (ଆଞ୍ଚଳିକ ଭିତ୍ତିରେ ନିର୍ମିତ)
- କଥା, କମ୍ବଦନ୍ତୀ ଓ ମିଥ୍ ର ଭିତ୍ତି ନିର୍ମାଣ
- ଦୃଷ୍ଟିକୋଣ (ମଣିଷ ପ୍ରତି ସମାଜ ପ୍ରତି, ଜୀବନ ପ୍ରତି, ସ୍ରଷ୍ଟା ପ୍ରତି ଓ ସୃଷ୍ଟି ପ୍ରତି... ଇତ୍ୟାଦି

ମଣିଷର ବାଣୀ-ରୂପକୁ ଅଧିକ ଗୁରୁତ୍ୱ "ସଂସ୍କୃତି"ମଧ୍ୟରେ ଦିଆଯାଇ ନାହିଁ । ବାଣୀରୂପ ସର୍ବଶ୍ରେଷ୍ଠ ପରିପ୍ରକାଶ ହେଉଛି ସାହିତ୍ୟ । ସାହିତ୍ୟ କୌଣସି ଗୋଷ୍ଠୀ ବା ଅଞ୍ଚଳର ପରିଚୟ ପ୍ରଦାନ କରିନଥାଏ । ସାହିତ୍ୟର ପ୍ରକାଶ ମାଧ୍ୟମ "ଭାଷା" ସେଥିରେ ରୂପାୟିତ ଆଞ୍ଚଳିକ ରଙ୍ଗ ଅବଶ୍ୟ ଥାଏ, ମାତ୍ର ସାହିତ୍ୟର ମୂଳ ସ୍ୱରୂପ ମାନବିକତା ସୌନ୍ଦର୍ଯ୍ୟ ସୃଷ୍ଟି, ରସ ପ୍ରଭୃତି । ବହୁ ଆଞ୍ଚଳିକ ସଂସ୍କୃତିକୁ ନେଇ ଏକ ବିରାଟ ସଂସ୍କୃତି ଗଠିତ ହୋଇଥାଏ । ଯେଉଁଥିରେ କେଉଁ ପ୍ରାଚୀନ କାଳରୁ ଲୋକମାନଙ୍କର ବିଶ୍ୱାସ, ଧର୍ମ, ଭାବନା, କଳା ଇତ୍ୟାଦି ନିହିତ ଥାଏ । ଯେଉଁଥିରେ ଗୋଟିଏ ସୁସ୍ଥ ସଂସ୍କାର ପୂର୍ଣ୍ଣ ସମାଜ ବିକାଶ ଆଡକୁ ଅଗ୍ରଗତି କରିଥାଏ । ଏବଂ ସେହି ଧାରାରେ ମଧ୍ୟ ଗୋଟିଏ ପିଢି ଓ ତାର ପିଢି ଏବଂ ତାର ପରବର୍ତ୍ତୀ ପିଢି ଏହାକୁ ଅନୁସରଣ କରି ଏକ ପାରମ୍ପରିକ ଢାଞ୍ଚାରେ ନିଜ ସଂସ୍କୃତିକୁ ବଞ୍ଚେଇ ରଖିଥାଏ । ତେଣୁ ଯଥାର୍ଥରେ କୁହାଯାଇଛି "Culture to know the best that has been said and through in the world" ସଂସ୍କୃତି ବା ପରମ୍ପରା ଗୋଟିଏ ଦିନର ଫଳ ନୁହେଁ ଏହା ଏକ କ୍ରମ ବିବର୍ତ୍ତନର ସଫଳ ପ୍ରୟାସ ଅଟେ । ଯେତେବେଳେ ଏହା ବସ୍ତୁର ମୂଲ୍ୟ ଉପରେ ଗୁରୁତ୍ୱ ଦିଏ ଏବଂ ଭୋଗବାଦ ଆଡକୁ ଆଗେଇଯାଏ, ସେତେବେଳେ ଏହା ହୁଏ ବସ୍ତୁବାଦୀ (Material Culture) ସଂସ୍କୃତି ।

ଯେତେବେଳେ ଏହା ମୂଲ୍ୟବୋଧ ଓ ଆଧ୍ୟାତ୍ମିକତା ଉପରେ ଗୁରୁତ୍ୱଦିଏ ବ୍ୟକ୍ତିକୁ ଜନଗୋଷ୍ଠୀ ସହିତ ସଂପୃକ୍ତ କରାଇଦିଏ, ବିଗ୍ୱର ଉପରେ ପ୍ରାଧାନ୍ୟ ଦିଏ ସେତେବେଳେ ତାହା ହୁଏ ମନୋଗତ ସଂସ୍କୃତି (Spiritual Culture)। ସଂସ୍କୃତ ଶବ୍ଦର ଅର୍ଥ ବ୍ୟାପକ ଏହା ମାନବ ଜୀବନର କ୍ରମବିବର୍ତ୍ତନ ଓ ସଂସ୍କାରିତ ଆଚରଣ ଧାରାକୁ ବୁଝାଏ। ସଂସ୍କୃତିର ଜ୍ଞାନ, ବିଶ୍ୱାସ, କଳା, ନୀତିନିୟମ ପ୍ରଥା ଓ ପରମ୍ପରା, ମାନବ ଆଚରିତ ସମସ୍ତ କ୍ରିୟା-ପ୍ରକ୍ରିୟା ନିହିତ ଥାଏ। ସଂସ୍କୃତି ସହିତ ସାହିତ୍ୟର ମଧ୍ୟ ନିବିଡ ସମ୍ପର୍କ ରହିଥାଏ। କାରଣ ଗୋଟିଏ ଦେଶ ବା ଜାତିର ପଟ୍ଟଭୂମିରେ ଗଢିଉଠେ ସାହିତ୍ୟ। ଦେଶ ବା ଜାତିର ସାଂସ୍କୃତିକ ଉପଲବ୍ଧିର ପ୍ରାମାଣିକ ଆଲେଖ୍ୟ ହେଉଛି ସାହିତ୍ୟ। ତେଣୁ ଜାତି, ଧର୍ମ ଓ ବିଭିନ୍ନ ମତବାଦ ନିର୍ବିଶେଷରେ ସମଗ୍ର ମାନବଜାତି ନିଜ ନିଜର ସଂସ୍କୃତିକୁ ଆପଣାଇ ନିଜ ନିଜର ଜୀବନ ନିର୍ବାହ କରିଥାନ୍ତି। ଗୋଟିଏ ବାକ୍ୟରେ କହିଲେ ସଂସ୍କୃତି ଓ ମନୁଷ୍ୟ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ। ଅନ୍ୟ ଅର୍ଥରେ କହିଲେ ସଂସ୍କାର ଜୀବନ ହେଉଛି ସଂସ୍କୃତି ଯାହା ବିନା ମଣିଷ ଅଚଳ ହୋଇପଡେ।

ସାମାଜିକ ଜୀବନକୁ ସୁସ୍ଥ ସବଳ ତଥା ବ୍ୟକ୍ତି ଜୀବନକୁ ଶୃଙ୍ଖଳିତ କରିବା ନିମିତ୍ତ ସଂସ୍କୃତି ଅତ୍ୟନ୍ତ ଆବଶ୍ୟକ। ଏହା ସାମାଜିକ ଜୀବନର ଏକ ଅଲିଖିତ ସମ୍ବିଧାନ। କେଉଁ ଆବାହମାନ କାଳରୁ ଏହି ସଂସ୍କୃତି ଲୋକମାନଙ୍କୁ ଏକ ଡୋରୀରେବାନ୍ଧି ରଖି ତାର ଚିନ୍ତାଚେତନାକୁ କବଳିତ କରିଆସୁଛି। ତେଣୁ ବିଜ୍ଞାନ ଯୁଗରେ ଆଜି ମଧ୍ୟ ସଂସ୍କୃତି ତାର ଆବେଦନ ହରାଇବସିନି। ଗୋଟିଏ ବୃକ୍ଷର ଚେର ଯେମିତି ଭୂମି ତଳେ ମାଟିକୁ ଜାବୁଡି ଧରି ରଖିଥାଏ ଠିକ୍ ସେହିପରି ସଂସ୍କୃତି ମଧ୍ୟ ସମାଜକୁ ଜାବୁଡି ଧରିଛି। ମାନବ ଜୀବନର ଅବକ୍ଷୟ ହୋଇପାରେ, ସଂସ୍କୃତିର ନୁହେଁ ତେଣୁ ସମାଜରେ ସଂସ୍କୃତିର ମୂଲ୍ୟବୋଧ ଥିଲା, ରହିଛି ଏବଂ ଆଗକୁ ରହିବ ମଧ୍ୟ।

ସଂସ୍କୃତି ହେଉଛି ମନୁଷ୍ୟର ଆତ୍ମିକ ଚେତନାର ନାମାନ୍ତର ଯାହା ଜନଜୀବନକୁ ସୁସଂସ୍କୃତ କରିଥାଏ। ପ୍ରେମ, କରୁଣା, ଈର୍ଷା, ସ୍ନେହ, ଘୃଣା, ବାତ୍ସଲ୍ୟ, ତ୍ୟାଗ, ଦୟା, ଶ୍ରଦ୍ଧା ଓ ନିଷ୍ଠୁରତା ପ୍ରଭୃତି ଆତ୍ମିକଭାବ ସମୂହ ବ୍ୟକ୍ତି ସହିତ ସଂସ୍କୃତି ସମ୍ବନ୍ଧ ସ୍ଥାପନ କରିଥାଏ। ତେଣୁ ସଂସ୍କୃତି ସର୍ବଦା ଅନ୍ତର୍ମୁଖୀ ଓ ସ୍ଥାୟୀ ଅଟେ।

ପର୍ଜଙ୍ଗ, ଢେଙ୍କାନାଳ

# ମୋ ଶାଶୁ ଘର

ରୀତାରାଣୀ ମହାପାତ୍ର

ଗାଁଟିର ନାମ ବୈଦ୍ୟେଶ୍ୱର
ସେଇଠି ଅଟେ ମୋ ଶାଶୁଘର
ତିନ ଦିଗରେ ତିନ ମନ୍ଦିର
ମହାନଦୀ ପୁଣି ହାତିଆ ପାହାଡ
ବୈଦ୍ୟନାଥ, ସିଂହନାଥ, ରାମନାଥ ତିନ ଠାକୁର
ଗାଁ ମଝିରେ ଗୋପିନାଥ ମନ୍ଦିର
ଗାଁଟିର ନାମ ବୈଦ୍ୟେଶ୍ୱର
ଗାଁ ଟିଏ ବୋଲି ଭାବନା ଛୋଟ ଆକାର ତାର
ଜନସଂଖ୍ୟା ଏଠି ଦଶହଜାର
କଟକ ଜିଲ୍ଲା ବାଙ୍କି ବ୍ଲକ ଏହାର
ଗାଁଟିର ନାମ ବୈଦ୍ୟେଶ୍ୱର
ବାଙ୍କି ଚର୍ଚ୍ଚିକା, କଣ୍ଟିଲୋ ନୀଳମାଧବ ଶାଖା ତାହାର
ପାଖରେ ଅଛି ପୁଣି କଳାପଥର
ଗାଁ ମୁଣ୍ଡରେ ପୁଣି ଲୋଭି ଠାକୁରାଣୀ ଘର
ଗାଁଟିର ନାମ ବୈଦ୍ୟେଶ୍ୱର
ବରଷକୁ କେତେ ଯାନଯାତରା ଆମର
ପ୍ରସିଦ୍ଧ ଏଠି କନ୍ଥ ଲୋଭି ଯାତରା, ବୁଢ ଯାତରା ପୁଣି ମକର
ଗାଁଟିର ନାମ ବୈଦ୍ୟେଶ୍ୱର
ଗାଁ ଦାଣ୍ଡଟା ବଡ ଓସାର
ଦାଣ୍ଡରେ ଅଛନ୍ତି ମଙ୍ଗଳା,
ଲକ୍ଷ୍ମୀନାରାୟଣ ପୁଣି କଳାଠାକୁର
ସାହି ପଡିଶା ସଭିଁଏ ଏଠି ଭାରି ସ୍ନେହର
ଗାଁଟିର ନାମ ବୈଦ୍ୟେଶ୍ୱର

ଏଠି ଅଛି ଛାତଘର ଖାଲି କଛି ଛପର
ସ୍କୁଲ କଲେଜ, ଥାନା ଓ ଡାକଘର
ଛକଟି ଅଛି ଗୋଲେଇ ଛକ ନାମଟି ତାର
ଗାଁଟିର ନାମ ବୈଦ୍ୟେଶ୍ୱର
ମନ୍ଦିରମାଳନୀ ହେଉପଛେ ଭୁବନେଶ୍ୱର
ଏଇ ଗାଁରେ ବି କେତେ ମନ୍ଦିର
ମହାନଦୀ ପାଣି ଭରି ମଧୁର
ଗାଁଟିର ନାମ ବୈଦ୍ୟେଶ୍ୱର
ଜନମିଥିଲେ ଗର୍ବ ଓଡିଶାର
ନୀଳମଣୀ ବିଦ୍ୟାରତ୍ନ ଆମର
ଲେଖକ ଥିଲେ ଓଡିଆ ଭଷା ସାହିତ୍ୟର
ଗାଁଟିର ନାମ ବୈଦ୍ୟେଶ୍ୱର
ଗାଁ ମଝି ସାହିରେ ଘର ଆମର
ଶାଶୁ ଶ୍ୱଶୁର ନଣନ୍ଦ ଦିଅର
କରନ୍ତି କେତେ ସ୍ନେହ ଆଦର
ଭୁଲିଗଲି ମୋ ବାପଘର
ଗାଁ ଦେବାଦେବୀଙ୍କୁ ମୋର କୋଟି ଜୁହାର
ଘଣ୍ଟ ଘୋଡେଇ ରଖିଥାନ୍ତୁ ମୋ ପରିବାର
ଗାଁଟିର ନାମ ବୈଦ୍ୟେଶ୍ୱର
ସମୟ ପାଇଲେ ରଜକୁ ଆସ ଏଥର
ଆସୁଥିବ ଖାଲି ଥରକୁ ଥର
ଗାଁଟିର ନାମ ବୈଦ୍ୟେଶ୍ୱର ॥

ଭୁବନେଶ୍ୱର

# ଧନ୍ୟ ତୁ ବିଧାତା



ଅଜୟ କୁମାର ବେହେରା

ଦରିଦ୍ରପଣ ମୋ
ନିତି ଉପହାସ ହୁଏ
ଓଳଏ ଖାଇକି
ଆର ଓଳ ଚାହିଁ ଥାଏ ।୧।

ଭାଗ୍ୟରେ ନାହିଁ ମୋ
ରାଜ ଉଆସର ସୁଖ
ତଥାପି ବଞ୍ଚିଛି
ସହି ସମାଜର ଦୁଃଖ ।୨।

ନିଜ ଲୋକ ଏଠି
ନଜର ଜମାରୁ ନୁହଁ
ଆପଣାର କଥା
କାହାକୁ କହିବି କୁହ ।୩।

ବାଳୁତ ପିଲା ମୋ
ଭୋକରେ ବିକଳ ହୁଏ
ଭିକ୍ଷାବୃତ୍ତି କରି
କଷ୍ଟେ ମୁଁ ଚଳେଇ ନିଏ ।୪।

ଧନ୍ୟତୁ ବିଧାତା
ସହିଛୁ କପରି ତୁହି
ଏମିତି ଲାଗୁଛି
ତୋର କିଛି ହୁଏ ନାହିଁ ।୫।

ମୋରଡ଼ା,ମୟୂରଭଞ୍ଜ

# ବନ୍ଧୁତ୍ୱ



ବାଙ୍କାବିହାରି ମହାକୁର

ହୀରା ମୋତିଠୁ ମୂଲ୍ୟବାନ ଏ ସଂପର୍କ
ଭଗବାନଙ୍କ ଆଶିର୍ବାଦେ ହୁଅଇ ଗଢା,
ଧନ ସଂପତିର ନ ଥାଏ ଆବଶ୍ୟକତା
କେବଳ ଉତ୍ତମ ହୃଦୟଟିଏ ଲୋଡା ।
ଅଗଣାରେ ଦେଖି ଆନନ୍ଦ ଓ ଉଲ୍ଲାସ
ପଥହୁଡି ଚାଲିଯାଏ ଜୀବନରୁ କ୍ଳେଶ ।
ମାର୍ଗଦର୍ଶକ ସାଜି ପଥ ଜୀବନକୁ
ମଧୁମୟରେ ଲୁପ୍ତ କରିପାର ଅବଶୋଷ ।
ବନ୍ଧୁ ବିହୁନେ ଲାଗେ ଜୀବନ ଦୁଃଖମୟ
ଔଷଧ ଶୂନ୍ୟତାରେ ଯେହ୍ନେ ରୋଗୀବସ୍ଥା ।
ପ୍ରସ୍ଫୁଟିତ କରିପାରେ ବନ୍ଧୁ ପ୍ରତିମୁଖେ ହସ
ହୃଦୟରେ ଭର୍ତ୍ତିକରେ ବିଶ୍ୱାସର ଗାଥା ।
ମନେପଡେ ପୁରାଣର ଶ୍ରୀକୃଷ୍ଣ ସୁଦାମାଙ୍କ କଥା
ସଂସାରରେ ସବୁଠାରୁ ଶ୍ରେଷ୍ଠ କେବଳ ବନ୍ଧୁତ୍ୱ ।
କାୟା ବିସ୍ତାରିତ କରି ମାଡିଚାଲୁ ଏ ଧରାଧାମେ
ପ୍ରତିମୁଖେ ଗୁଂଜରିତ ହେଉ ବନ୍ଧୁତ୍ୱର ମହତ୍ୱ ।

ବୁରୁବୁଡା, ବୀରମହାରାଜପୁର, ସୁବର୍ଣ୍ଣପୁର

# ଜୀବନ



ଭବାନୀ ଶଙ୍କର ଗିରି

ଜୀବନ ଯେ ଅଙ୍କାବଙ୍କା ବାଟଟିଏ
କେତେ ଉଠି ପଡି ଗ୍ଭଲିବାକୁ ହୁଏ ।
ଛାଇ ଆଲୁଅର ଲୁଚକାଳ ଖେଳ
ଦୁଃଖ ପରେ ସୁଖର ଅପୂର୍ବ ମେଳ ।
ଧର୍ମ ପଥେ କର୍ମ କରି ଗ୍ଭଲିଥିଲେ
ସହଜେ ବିପଦ ନପଡ଼ଇ ଭଲେ ।
ଅନ୍ୟାୟ ଅନୀତିକୁ ଦେଲେ ପ୍ରଶୟ
ନଷ୍ଟେ ଦିନେ ଅକାଳେ ହେବ ବିଲୟ ।
ସତ୍ୟ ନ୍ୟାୟର ସଦା ହୁଏ ବିଜୟ
ପାପ କର୍ମ ପ୍ରତି ରଖିଥିବା ଭୟ ।
ସମୟକ୍ରମେ ସବୁ କର୍ମ ହିସାବ
ସୁଧମୂଳ ସହ ଆମକୁ ମିଳବ ।
କୁକର୍ମ କରି ହେବ ନାହିଁ ମୁକୁଳ
ଗ୍ଭରିପାଖେ ଆମ ପ୍ରଭୁଙ୍କ ଶିକୁଳ ।
ଇଶ୍ୱରଙ୍କ ଆଶୀର୍ବାଦ ବିନା ଜାଣ
ଜୀବନର ମାନ ହୋଇଯିବ ଗୌଣ ।
ଏହି କଥା ଯେତେ ମର୍ମେ ମର୍ମେ ହେଜି
କର୍ତ୍ତବ୍ୟ କରିବା ସବୁ ବୁଝି ସୁଝି ।
ସୁକର୍ମ କଲେ ଭଲ ଫଳ ପାଇବା
ହସ ଖୁସିରେ ଜୀବନ ବିତାଇବା ।

ଆମ୍ବଡ଼ିହା, ବିଜାତଳା, ମୟୁରଭଞ୍ଜ

# ତଥାପି ନଆର୍



ସ୍ମୃତି ମହାନ୍ତି

ସେଦିନ ସକାଳୁ ସକାଳୁ ଦିଦିର ମନ ପୁରା ଖରାପ । ଆଜି ହେଉଛି ଭାଇ ଆଉ ତାର ବିବାହ ବାର୍ଷିକ। ସକାଳୁ ଅନେକ ଲୋକ ତାକୁ wish କରିସାରିଲେଣି ହେଲେ ଏଯାଏଁ ତ ପତିଦେବ ଅର୍ଥାତ ଭାଇଙ୍କର call msg ନାହିଁ । ସେଥିପାଇଁ madam ଙ୍କ ମୁଡ୍ ପୁରା off। ଖାଲି 2min କୁ ଥରେ ଫୋନ କୁ ଦେଖି ସେ ରାଗି ଯାଉଛି ଆଉ ମାନେ ମାନେ ଭାଇଙ୍କୁ ଖୁବ୍ ଗାଳ କରୁଛି ।

କେମିତି ଲୋକ ଟେ ମ, କେବେ ବି ଥରେ କୋଉ କଥା ମନେ ରଖି ପାରୁନାହାନ୍ତି । ସ୍ୱାମୀ ମାନେ ସ୍ତ୍ରୀ କୁ ଖୁସି କରିବା ପାଇଁ କେତେ କଣ କରୁଛନ୍ତି ହେଲେ ଆମ ବାବୁଙ୍କୁ ଦେଖ ଖାଲି office କାମ ମାନେ କାମ । କଣ ଏଦୁନଆରେ ସେ ଏକା ଖାଲି କାମ କରୁଛନ୍ତି । ଆଜି ଆସନ୍ତୁ ତାଙ୍କୁ ସିଧା ସିଧା କହିଦେବି ଏଣିକ ତମେ ତମ କାମ କର ଆଉ ମୁଁ ବି ମୋ କାମ କରିବି । ଆଜି ଠାରୁ ତାଙ୍କ ସହ କଥା ହେବା ବନ୍ଦ । ଏମିତି କେତେ କଣ ମନକୁ ମନ ଗାଳ ଦେଇଚାଲିଥାଏ ଆଉ ମଝିରେ ମଝିରେ ମୋତେ ଶୁଣେଇ କହି ଚାଲୁଥିଲା - 'ଦେଖେ ମୁନ, ଆଜି ଆସନ୍ତୁ ଭାଇ ତାଙ୍କ ସହ ଜମା ବି କଥା ହେବିନ। ତା କଥା ଶୁଣି କଛି ନକହି ମୁଁ ଖାଲି ଟିକେ ହସି ଦେଇଥିଲି ।

ସେଦିନ ଦିନ ସାରା ଦିଦି ଖାଲି ରାଗିକ ଚଢ଼ି ଚଢ଼ି ହେଉଥାଏ ।ମଝିରେ ମଝିରେ ଝରକା ପାଖକୁ ଯାଇ gate ଆଡ଼କୁ ବି ଦେଖୁଥାଏ । ଏମିତି ହେଉ ହେଉ ଖରା ବେଳ ଟା କଟିଗଲା। ସେଦିନ ଭାଇ ଖାଇବାକୁ ବି ଆସିଲେନ । ଫୋନ ଲଗେଇଲାରୁ ଫୋନ ଅଫ୍ ଆସିଲା । ଏଥର ଦିଦିର ରାଗଟା ତା ଚନ୍ତା ରେ ପରିଣତ ହେବାକୁ ବସିଲା ହେଲେ ମନକୁ ମନ ବୁଝି ଯାଇ କହିଲା ଆଜି ଆସନ୍ତୁ କେତେବେଳେ ଆସିବେ । ଆଜି ତାଙ୍କର ଦିନକୁ ମୋର ଦିନେ।

ସେଦିନ  ଖରା ବେଳେ ଦିଦି କିଛି ଖାଇଲାନି । ଦିନ ଯାଇ ରାତି ହେଲା ଏଥର ଦିଦିର ଚିନ୍ତା ଆଉ ରାଗ ଉଭେଇଯାଇ କୋହ ଆଉ ନାନା ଖରାପ ଭାବନାରେ ପରିଣତ ହୋଇସାରିଥିଲା । ବେଳକୁ ବେଳ ସେ ନିଜ ଭିତରେ ଘାଣ୍ଟି ହେଉଥିଲା । ଭାଇଙ୍କର ସବୁ ସାଙ୍ଗ ସାଥିଙ୍କ ଘରକୁ call କରି ଭାଇଙ୍କ କଥା ପଚାରି ସାରିଥିଲେ ବି ଭାଇଙ୍କ ଖବର କାହା ପାଖରେ ବି ନଥିଲା। ଏମିତି ନାନା ଆଶଙ୍କାରେ ଘରର ସମସ୍ତ ଲୋକ ବସିଥିବା ବେଳେ ହଠାତ୍ କବାଟ ଠକ୍ ଠକ୍ ସାଉଣ୍ଡ ଶୁଣି କେହି କିଛି ବୁଝିବା ଆଗରୁ ଦିଦି ଯାଇ କବାଟ ଖୋଲି ସାରିଥିଲା । କବାଟ ସେପାଖରେ ଭାଇ ଠିଆ ହୋଇ ଏକ ସ୍ମିତ ହାସ୍ୟ ଚାହାଣୀରେ ଦିଦିକୁ ଚାହିଁଥିଲେ । ଆଉ କହୁଥିଲେ ତାଙ୍କୁ କେମିତି ଆଜି ଅଫିସରେ ଗୋଟେ ଗୁରୁତ୍ୱପୂର୍ଣ୍ଣ  meeting ରେ ରହିବାକୁ ପଡ଼ିଲା ଏବଂ ଚାର୍ଜ କମ୍ ଥିବା ଫୋନକୁ ମଧ୍ୟ ଚାର୍ଜ କରି ଘରକୁ call କରିବାକୁ ବି ସେ କେମିତି ସମୟ ପାଇଲେନି । ହେଲେ ଦିଦି ତାଙ୍କ କଥା ଶୁଣିବା ପରିବର୍ତ୍ତେ ତାଙ୍କୁ ଏମିତି ଭାବରେ ଚାହୁଁ ଥିଲା ଯେମିତି ଭାଇଙ୍କୁ ସେ ଅନେକ ବର୍ଷ ପରେ ଦେଖୁଛି । ତା ଆଖିରେ ଥିବା ଲୁହ ହିଁ ଭାଇ ପ୍ରତି ତାର ଥିବା ଭଲ ପାଇବାକୁ ସୂଚାଇ ଦେଉଥିଲା । ତା ରାଗ ଅଭିମାନ ଯେମିତି କୁଆଡେ ମିଳେଇ ଯାଇଥିଲା । ତା ର ଏପରି ଅବସ୍ଥା ଦେଖି ଭାଇ ତାକୁ କିଛି କହିବା ପରିବର୍ତ୍ତେ ଦିଦିକୁ ତାଙ୍କ ଛାତି ଉପରକୁ ଆଉଜେଇ ନେଲେ ଏବଂ ତା ଆଖିରୁ ବୋହୁଥିବ ଲୁହକୁ ନିଜ ହାତରେ ପୋଛିଦେଇ ଖୁବ୍ ସ୍ନେହରେ ତା ମୁଣ୍ଡକୁ ଆଉଁସି ଦେଲେ । କିଛି  ନକହିଲେ ବି ସେମାନଙ୍କ ଭିତରେ ଥିବା ଗଭୀର ପ୍ରେମ ସେମାନଙ୍କ ଆଖିରେ ଥିବା ଲୁହ ମାଧ୍ୟମରେ ବୋହି ଯାଉଥିଲା । ଆଉ ସେ ଲୁହରେ  ଦିଦି ମନରେ ଥିବା ସମସ୍ତ ରାଗ, ରୁଷା, ଅଭିମାନ ଯେମିତି ଧୋଇ ଯାଇଥିଲା ।

ସେଦିନ ଖାଇବା ସମୟରେ ଦିଦି ଖୁବ୍ ଖୁସି ଥିଲା । ନିଜ ପସନ୍ଦର ସବୁ ଖାଇବା ଜିନିଷ ଦେଖି ଭାଇ ପଚାରିଲେ -'ଆଜି କିଛି ଖାସ୍ ଦିନ କି? ନହେଲେ ଏତେ ସବୁ ଖାଇବା ଏକା ସାଙ୍ଗରେ କଣ ପାଇଁ?

ତାଙ୍କ କଥା ଶୁଣି ଦିଦି ଟିକେ ଅଭିମାନ ଭରା ସ୍ୱରରେ କହିଲା - ଆଜି ହେଉଛି ସେଇ ଦିନ ଯୋଉ ଦିନକୁ ଆଜି ଯାଏଁ ତମେ କେବେ ବି ମନେ ରଖିନ ।

ତା କଥା ଶୁଣି ଭାଇ କିଛି ସମୟ ରହି ଟିକେ ହସି ହସି କହିଲେ - ଆଉ କଣ ନା, ଆଜିର ଦିନକୁ ପୁଣି ମୁଁ କେବେ ଭୁଲି ପାରିବି, ଆଜି ପରା ସେଇ ଦିନ ଯେଉଁ ଦିନ ଜଣେ ଦେବୀଙ୍କ ବିଷ ଦୃଷ୍ଟି ମୋ ଉପରେ ପଡିଥିଲା ।

ସେ କଥା ଶୁଣି ଦିଦି ରାଗିଯାଇ ତାଙ୍କ ଠାରୁ ଟିକେ ଦୂରକୁ ଚାଲି ଆସୁଥିବା ବେଳେ ଭାଇ ତାକୁ ମନେଇବାକୁ ଯାଇ ତା ପାଖକୁ ଲାଗି ଯାଉଥିଲେ ।

ଦୂରରୁ ସେମାନଙ୍କୁ ଦେଖି ମୁଁ ଭାବୁଥିଲି କି ହୁଏତ କିଛି ପ୍ରେମକୁ ପ୍ରମାଣିତ କରିବା ପାଇଁ ପ୍ରମାଣ ର ଆବଶ୍ୟକତା ପଡି ନଥାଏ କିଛି ଅଦେଖା ସ୍ନେହ, ଶ୍ରଦ୍ଧା ଆଉ ଆନ୍ତରିକତା ମଧ୍ୟରେ ପ୍ରେମ ନଆରା ହୋଇଉଠେ। ଆଧୁନିକ ଜୀବନ ଠାରୁ ବହୁତ୍ ଦୂରରେ ଥିବା ସେମାନଙ୍କ ପ୍ରେମ ଭିତରେ ଥିଲା ସମସ୍ତଙ୍କ ପରି ରାଗ ଆଉ ଅଭିମାନ । ସମସ୍ତଙ୍କ ପରି ଏମାନେ ପରସ୍ପରକୁ ନିଜ ପ୍ରେମର ଜାହିର କରୁନଥିଲେ କି ପ୍ରତି ଖାସ୍ ଦିନରେ ପରସ୍ପରକୁ wish ବି କରୁନଥିଲେ ହେଲେ ତଥାପି ବି ସେମାନେ ନଆରା ।

ଏରବଙ୍ଗ, ଗୋପ, ପୁରୀ

ଚଳିତ ସଂସ୍କରଣରେ ଯଦି କୌଣସି ତୃଟି ଥାଏ, ସେଥିପାଇଁ ଆମେ କ୍ଷମାପ୍ରାର୍ଥୀ ଏବଂ ଆମର ଚେଷ୍ଟା ରହିବ ଆଗକୁ "ବେଦାନ୍ତୀ"କୁ ଉନ୍ନତରୁ ଉନ୍ନତତର କରି ଆପଣଙ୍କ ଆଗରେ ପ୍ରସ୍ତୁତ କରିବା । ସେଥିପାଇଁ ଆପଣମାନଙ୍କ ସହଯୋଗ କାମନାପାର୍ଥୀ ।

# ବିତା (ଶୁଷ୍କାଞ୍ଚଳ ଜମିର ଅବନତି ଓ ମରୁଡି ବିରୁଦ୍ଧରେ ସଂଗ୍ରାମ)



ଦେବାଶିଷ ପଧାନ

ପାଏ ଶୋଭ୍ ନାରୀଥିଲେ ଭୂଷଣ !
ଧରଣି ସୁନ୍ଦର ସବୁଜ ବନ !!(1)
ଶୋଭେ ନଭେଘନ ଥିଲେ ବିଜୁଳ !
କରେ ଜଳଧାର ବିଲସୁନ୍ଦରି !! (2)
ବଣିକ ଅନଳ ଦେଖିଲେ ଧନ !
ସବୁଜ କ୍ଷେତ୍ରରେ ସବୁରି ପ୍ରାଣ !!(3)
ସୁବେଶରେ ଜେହେଁ ଚମକ ମୁଖ !
ସୁନ୍ଦରି ପ୍ରକୁତି ଧରଣି ଭେଦ !!(4)
ଅଟଇ ବରଷା ଉଦ୍ଭିଦଶଖା !
ଜଳ ଟୋପେବିନା ସର୍ବେ ନିରାଶା !!(5)
ପ୍ରକୁତି ରୁପ ଲାବଣ୍ୟମୟୀ !
କେବେ ହାହାକାର ପ୍ରକଟ ସେଇ !!(6)
ଦିଶଇ ବରଷା ସବୁଜ ଦୃଶ୍ୟ !
ତା ବାହୁନେ ଧରା ବିକଟ ରୁପ !!(7)
ବରଷା ର କନ୍ୟା ପ୍ରକୁତି ରାଣୀ !
ଫୁଲ ଫଳ ଭରା ତା ରାଜଧାନୀ !!(8)
ଏପ୍ରାଣୀ ଜଗତ ପରଜା ତାର !
ପତ୍ରେ ପୁଷ୍ପେ ଫଳେ ଭରଷା ଯାର !!(9)
ଧରଣି ଜନନୀ ପ୍ରକୃତି ରାଣି !
ଅଟଇ ଜନକ ବରଷା ପାଣି !!(10)
ଗଲେ ପରିବେଶ ଯିବ ପ୍ରକୃତ୍ତି !
ପ୍ରକୁତି ଗନ୍ତବ୍ୟ ପଥେ ଧରିତ୍ରୀ !!(11)
ହୃଦୟ ଫଟାଇ ଛାଡିବ ରଡି !
ପାରିବନି କେହି ତାକୁ ସମ୍ଭାଳ !!(12)
ତାହାର ଦୃଶ୍ୟରେ ଜୀବ ଜଗତ !
ହାହାକାର ପ୍ରାଣ ଛାଡିବ ସେତ !!(13)
ଛାଡିବ ବରଷା ପ୍ରାଣ ହରାଇ !
ହୁତା ସନେ ଜଳିଯିବ ଏ ଭୂଇଁ !!(14)
ହଜାଇବ ତାର ଚିହ୍ନ ବରନ !
ହେବ ଯିବ ସଙ୍ଗେ ଏ ଧରା ଶୂନ୍ୟ !!(15)
ଯିବ ଜଗତର ଉତ୍ପାତ ଦେଖି !
ପାରୁନ ସମ୍ଭାଳ ଏଇ ଧରିତ୍ରୀ !!(16)
ଗଲାଣି ବରଷା କେତେଯେ ଦୂର !
କରିବ କଏସେ ତା ଉପଗ୍ରହ !!(17)
କାନ୍ଦି କାନ୍ଦି ମାଟି ଗଲାଣି ଫାଟି !
ବେଉସା ଆତୁରେ ଗଲେଣି ଲୋଟି !!(18)

ହୋଇଣ ଆହାତ ମୃତ୍ତିକା କ୍ଷୟ !
ହଜିଲାଣି ବଳ ଶସ୍ୟ ବଳୟ !!(19)
ମଉସୁମି ବାଟ ହେଲାଣି ବଣା !
ନାହିଁ ଦେହେ ଆଉ ତା ଜଳକଣା !!(20)
ଯିବ ବୃକ୍ଷବଳ ହୋଇ ପତନ !
ପାରିବନ ହଲି ସେ ଜୀର୍ଣ୍ଣ ଶୀର୍ଣ୍ଣ !!(21)
ଅର୍ଦ୍ଧ ନଶ୍ୱାସରେ ଯିବ ମଣିଷ !
ହୋଇଯିବ ଶୂନ୍ୟ ସୃଷ୍ଟି ଅବଶ୍ୟ !!(22)
ପାଣିଥାଇ ବନ୍ଧ ବାନ୍ଧିଲେ ସିନା !
ହୋଇବ ସମ୍ଭାଳ ମୀନ ବାସନା !!(23)
ପଶୁପକ୍ଷୀ ଏବେ ଗଲେଣି ହଜି !
ଜଇବିକ ସାର ନମିଳେ ଖୋଜି !!(24)
ମାଟି ବାପୁଡାର ସୁଖାଦ୍ୟ ଏଇ !
ଖାଇଲେ ଅଖାଦ୍ୟ ବଞ୍ଚିବ କାହିଁ!!(25)
ଗଲାଣି ଘୁଞ୍ଚି ସେ ସବୁଜବନ !
ଆକ୍ରମଣ ଧସି ଧଳା ଅରଣ୍ୟ !!(26)
ଫଳୁନ ଗଛରେ ସୁସ୍ୱାଦୁଫଳ !
ଫଳ ବଳ ବିଷ ହୁଅଇ କାଳ !!(27)
ନାହିଁ ବଫୁ ଆଉ ମାଟିରେ ଟିକେ !
ଅମ୍ଳ ପରିପୂର୍ଣ୍ଣ ତାହାରି ଗାଢେ !!(28)
ନାହିଁତରୁ ବୋଲି ତାହାରି କ୍ଷଜ !
ହୋଇଗଲା ସାର ଆମ୍ଭାର ମୟ !!(29)
ହେଲାଣି ଅରଣ୍ୟ ଅବଣ ମୟ !
ଯୁଆଡେ ଦେଖିଲେ ପଡିଆ ମୟ !!(30)

ପଡିଲେ ମରୁଡି ହେବ ଦୁର୍ଭାଗ୍ୟ !
ପେଟ ଜ୍ୱାଲା କଷ୍ଟେ ହେବେ ଉତ୍ପାତ !!(31)
ପ୍ରଶାସ ନେବାକୁ ନଥିବ ବାୟୁ !
ଜୀବଜଗତ ର ଛିଣ୍ଡିବ ଆୟୁ !!(32)
ନାଲି ଟହଟହ ହେଲାଣି ଆସି !
ଧରଣି ଉଛନ ହେଉଛି ବସି !!(33)
ଜଳପୋଡି ସବୁ ହେବ ପାଉଁଶ !
କରିଗଲେ ହେଲ ନଥିବ ଲେସ !!(34)
ଘରକୁ ବୁଡ଼ାଏ ଖେତକୁ ମୁଡା !
ହସୁଥାଏ ସବୁ ହୋଇ ବଢିଆ !!(35)
ଜଳାଶୟ ସବୁ ଗଲେଣି ଉଡି !
ନଳ କୂପ ଯେବେ ଆସିଲା ଭିଡି !!(36)
ପଦାବନ ଆଉ ଗୋଚର ଯେତେ !
ଜଳଚର ସଂଗେ ଏଜମି କେତେ !!(37)
ଛୋଟ ବଡ ଆନକଟ କରିବା !
ବିନ୍ଦୁଏ ଜଳକୁ ସାଇତି ଥିବା !!(38)
ଲଗାଇବା ଗଛ ପ୍ରତି ବରଷ !
ବଢାଇବା ତାକୁ ହୋଇ ହରଷ !!(39)

ରିନବଚନ, ଆଗଲପୁର, ବଲାଙ୍ଗୀର

# ମହାମାରୀ କରୋନା



ସାଇପ୍ରସାଦ ସାହୁ

ହେ ମହାମାରୀ କାରୋନା
ସୃଷ୍ଟି ତୁମ୍ଭର ଗୁଇନା
ଉହାନରେ ଜନ୍ମ ହେଲ
ଦୁନଆକୁ ଘାଣ୍ଟି ଦେଲ
ହେ କାଳ ରୂପି କାରୋନା
ଭାଇରସ ରୂପେ ସିନା
ନମିଷ କେ ଭେଦି ଗଲ
ତୁମ୍ଭ କାୟା ବିସ୍ତାରିଲ
ଦୀର୍ଘ ଅଟେ ତୁମ୍ଭ ପାଦ
ନର୍ଦ୍ଦୋଷେ କ କଲ ବଧ
କ ଦୋଷ ଆମ୍ଭେ ଯେ କଲୁ
ବିନା ଅର୍ଥେ ଜୀବନ ଦେଲୁ
କମ୍ପାଇ ଜନମ ନେଲ
କରିହେ କଷଣ ଦେଲ
ତୁମ୍ଭରି ନା କୁ ଶୁଣି
ସଭିଏଁ ଗଲେଣି ଡରି
ହୋଇ ଯାଅ ତୁମ୍ଭେ ଶାନ୍ତ
ଯୋଡୁଛୁ ତୁମ୍ଭଙ୍କୁ ହାତ
ହେ ମୋର ବିଶ୍ୱ ମାନବ
ପ୍ରତିଷେଧକ କ'ଣ ଜାଣିବା
ହାତ ମୁହଁ ସଙ୍ଗେ ନାକ
ପରିବେଶକୁ ସଫା ରଖ

ସର୍ବେ ସଚେତନ ହୋଇବା
ବିଶ୍ୱମହାମାରୀ କାରୋନା ସାଥେ ଲଢିବା
ମନରେ ସଂକଳ୍ପ କରି
ଲଢିବା ଯୋଦ୍ଧାଙ୍କ ପରି
ଧନ୍ୟ ହେ ସେବକ ଭାଇ
ରୋଗ କୁ ଖାତିରି ନାହିଁ
ଜନତା ସେବାରେ ମାତି
ସେବା କର ଦିନ ରାତି
ସରକାର ଙ୍କ ନିୟମ
ମାନଲେ ଦେବଟି କାମ
ଜାଗିଲେ ଜିତିବା ଆମ୍ଭେ
ଖୁସିରେ ରହିବା ସର୍ବେ
ଜଗତର ନାଥ ତୁମ୍ଭେ
ଗୁହାରି କରୁଛୁ ଆମ୍ଭେ
ଅଭୟ ପ୍ରଦାନ କର
ଜଗତକୁ ରକ୍ଷା କର
ହେ ପ୍ରଭୁ ଜଗତ କର୍ତ୍ତା
ଜଣାଇ ମନର କଥା
ରକ୍ଷା କର ପ୍ରଭୁ ତୁମ୍ଭେ
ଶରଣ ପସିଲୁ ଆମ୍ଭେ ।

ସ୍ନାତକୋତ୍ତର ବାଣିଜ୍ୟ (ଜିଏମ୍ ୟୁ ଛାତ୍ର)
ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ, ସମ୍ବଲପୁର

# ଜୀବନ ସାଥି



ରାଜୁ କୁମାର ପାତ୍ର

ତୁମେ ଜହ୍ନ ତାର୍ ଆଣିଦିଅ ବୋଲି
କେବେ ତ ଜିଦ୍ କରିନ
ହେଲେ ଯେବେ କାମରୁ ଫେରିବ
ମୁହେଁ ତୁମ ଖୁସିର ଫୁଆର୍ ଟିକେ
ଭରିକ ଆସି ତ ପାରିବ ।।
ମନଭରି ଅହରହ ପ୍ରେମ କରିବାକୁ
କେବେ ତ କହିନ ତୁମକୁ
ହେଲେ ଥରୁଟିଏ ପ୍ରେମ ତୀର
ହୃଦୟରେ ମୋର ମାରି ତ ପାରିବ ।।
ତୁମେ ମୋତେ ପସନ୍ଦ କର ବୋଲି
କେବେ ତ ବାଧ୍ୟ କରିନ
ହେଲେ କଣ ସବୁ ପସନ୍ଦ କର
ଥରୁଟିଏ ତ କହିପାରିବ ।।
ମୋ ଭୁଲ ପାଇଁ ଦଣ୍ଡିତ କରିବନ ବୋଲି
କେବେ ତ କହିନ
ଦଣ୍ଡ ଦେବା ଆଗରୁ
ଥରେ ମୋ କଥା ତ ଶୁଣି ପାରିବ ।।
ଜନ୍ମ ଦିନରେ ମୋର
ଦାମୀ ଉପହାର ଦିଅ ବୋଲି
କେବେ ତ ଅଭିମାନ କରିନ
ହେଲେ ତୁମ ପ୍ରେମ ସାଗରରେ
ଥରୁଟିଏ ତ ବୁଡ଼େଇ ପାରିବ ।।

ପଞ୍ଚ ତାରକା ହୋଟେଲ ର
ସୁସ୍ୱାଦୁ ଭୋଜନ ଲୋଡ଼ା ବୋଲି
କେବେ ତ କହିନ
ହେଲେ ଭଲ ପାଇବାର
ବାସି ପଖାଳ ମୁଠେ
ଦେଇ ତ ପାରିବ ।।
କାମରେ ସାହାଯ୍ୟ କର ବୋଲି
କେବେ ତ କହିନ
ହେଲେ ଦିନସାରା କାମର ଯନ୍ତ୍ରଣା
ଅନୁଭବ ଟିକେ ତ କରିପାରିବ।।
ପ୍ରେମଭରା ସମ୍ବୋଧନରେ ଡାକବାକୁ
ମୋତେ କେବେ ତ କହିନ
ହେଲେ ଥରୁଟିଏ ହୃଦୟରୁ
ଡାକ ତ ପାରିବ ।।
ତୁମର ସବୁ କଥା କହିବାକୁ
କେବେ ତ କହିନ
ହେଲେ ମୋର କେଉଁ କଥା
ତୁମ ଛାତିରେ ଦାଗ ଦିଏ
ତାହା ତ କହିପାରିବ।।
ମୋ ଅସ୍ଥିକୁ ପବିତ୍ର ଗଙ୍ଗା ଜଳରେ
ବିସର୍ଜନ କରିବାକୁ କେବେ ତ କହିନ
ହେଲେ ସାତ ଜନ୍ମର ସାଥି ହେବାପାଇଁ
ଥରୁଟିଏ ତ କଥା ଦେଇ ପାରିବ।।

ଭରସୁଜା, ବଲାଙ୍ଗିର

# ମାଟି ଝୁରେ



ଦୁଷ୍ମନ୍ତ ବେହେରା

ଶରଣପଶି ଗ୍ରାମରେ ଦୁଇଶହ ପରିବାର ବାସ କରନ୍ତି। ସେଇ ଗ୍ରାମ ରେ ବଟକୃଷ୍ଣ ଦଳେଇ ଙ୍କ ପରିବାର ବାସ କରନ୍ତି। ପରିବାର କହିଲେ ସ୍ତ୍ରୀ-ରାଧାଦେଇ ପୁଅ-ମୁନା ଦଳେଇ। ହସ ଖୁସିରେ ଚଳ ଆସୁଥିଲା ବଟକୃଷ୍ଣ ଙ୍କ ପରିବାର। ସତେ ଯେମିତି ବଟକୃଷ୍ଣ ଙ୍କ ରୁଳଘରେ ଶାଗ ପଖାଳ କଂସାରେ ହସ ଫୁଟି ଉଠୁଥିଲା। ଦିନ ଗୁଡାକ ବେଳ ସରି ସରି ଯାଉଥିଲା।

ହଠାତ୍ ପରିବାର ରେ ବିପଦ ମାଡି ଆସିଲା। ବଟକୃଷ୍ଣ ଙ୍କ ଦେହ ଜ୍ୱରରେ ଖଇ ଫୁଟୁଥିଲା। ଭାଗ୍ୟର ଖେଳ ଦାଉ ସାଜିଗଲା । ଡାକ୍ତରଖାନା ନେବା ଅଧାବାଟରେ ଦେହରୁ ଜୀବନ ଚାଲିଗଲା। ବଟକୃଷ୍ଣ ସବୁଦିନ ପାଇଁ ଚାଲିଗଲେ।

ପରିବାର ଉପରେ ବୋଝଉପରେ ଲଳତା ବିଡା ପଡିଲା ପରି ପଡିଲା। ସେପାଖେ ପୁଅ ମୁନା ପାଠ ପଢୁଥାଏ +୨ ଦ୍ୱିତୀୟ ବର୍ଷ ଛାତ୍ର ଏଇ ବୟସ ରେ ସେବା କଣ କରି ପାରିବ। କିଛି ଉପାୟ ନ ପାଇ ରାଧାଦେଇ ସିଲେଇ ମେସିନ୍ ଖଣ୍ଡିଏ ପକାଇଲେ ଯାହା ରୋଜଗାର ହେଲା କଷ୍ଟ ରେ ଚଳ ଯାଆନ୍ତି।

ମୁନା ଏପରି ବଦମାସ ହେଉଥିଲାକ ଗାଁ କଳ ଘରକୁ ଆଣୁଥିଲା। ଗାଁ ର ଲୋକେ କିଛି କିଛି ମୁନା ବିରୋଧରେ ପଚେଇ ଆସନ୍ତି। ଛୋଟରୁ ବଡ ପର୍ଯ୍ୟନ୍ତ କିଛି ନା କିଛି ବଦମାସ କରେ। ଗରିବ କୁଡିଆ ର ମୁନା ଏତେ ବଦମାସ ତଥାପି ଗାଁ ଲୋକେ ତାକୁ ଭଲ ପାଆନ୍ତି। ଅତି ଶ୍ରଦ୍ଧାରେ ଡାକନ୍ତି ମୁନା ରେ............

ଘରର ଦୁଃଖ ଗୁଡାକ ଆଖି ଆଗରେ ନାଚ ଉଠୁଥିଲା ହୃଦୟ ଅନେକ କଥା କହିଦଉଥିଲା। ଏଇ ମାଟି ପାଇଁ କିଛି କରିବି।

ରାଧାଦେଇ ଙ୍କ ହାତରେ ଫର୍ମ୍ ଟିକୁ ଧରି ସ୍ୱପ୍ନ ଦେଖିଲେ ଏଇ ମାଟି ପାଇଁ କଛି ଗୋଟେ କରିବି। ଦେଶ ଜାତିର ଟେକ ରଖିବି। ରାଧାଦେଇ ଙ୍କ ହାତରେ ଥିବା ଫର୍ମ ମୁନା ଆଡକୁ ବଢେଇ ଦେଇ କହିଲେ ଏଇ ନେ ସମୟ ଆସିଛି ଚାକରି ପାଇଁ ଦରଖାସ୍ତ କର।

କଛିଦିନ ଗଲାପରେ ଚାକରି ର ଇଣ୍ଟରଭ୍ୟୁୟୁର ତାରିଖ ବାହାରିଲା। ମୁନା ଇଣ୍ଟରଭ୍ୟୁୟୁ ଦେବା ପାଇଁ ବାହାରିଗଲେ ଏଇ ବାହାରିବା ବାଟରେ ରାଧାଦେଇ ଙ୍କ ଆଖିରୁ ଧାର ଧାର ଲୁହ ମାଟି ଉପରେ ପଡି କହୁଥିଲା ତୁ ଯା ଲଘିଂ ଯା ମୁଁ ତ ସାଥିରେ ଅଛି।

କଛି ମାସ ଗଲାପରେ ଚାକରି ଚଠି ଟି ଆସି ପହଞ୍ଚିଲା ରାଧାଦେଇ ଙ୍କ ପାଖରେ । ଚଠି ଟିକୁ ଧରି ଗରିବ କୁଡିଆରେ ଯେ ହସ ଫୁଟିବ ଏ ଦୁନଆ ଦେଖିବ। ଏ ମାଟି କହିବ ତୁ ମୋର ସନ୍ତାନ। ପୁଅ ମୋର ଆଜି ଭାରତର ସୈନକରେ ଚାକରି ପାଇଛି।

ଗ୍ରାମର ପୂର୍ବ, ପଶ୍ଚିମ, ଉତ୍ତର, ଦକ୍ଷିଣ, କଥାଟି ଘରିଆଡ଼େ ଖେଲିଗଲା। ମୁନା କହିବୋଲିଲା ମୁଁ ଚାକରି ପାଇଛି ତୋ ପାଇଁ ଲଢିବି ଏ ମାଟିର ନାଁ ରଖିବି। ଆଜି ଯେ ବଦମାସ ପିଲାଟି ଏମିତି ଗୋଟିଏ ଭଲ ପିଲା ହୋଇଯିବ ଏ ମାଟି ତାକୁ ମନେ ରଖିବ।

ଜୁଲାଇ ମାସ ୨୫ ତାରିଖ ଦିନ ଘରୁ ବାହାରିଲା ମୁନା। ଭାରତ ର ସୈନକ ରେ ଯୋଗ ଦେବା ପାଇଁ ଓ ଗାଁ ର ସମସ୍ତ ଲୋକମାନେ ରେଳ ଷ୍ଟେସନ୍ କୁ ଛାଡିଆଣିଲେ। ଆସିବା ବାଟରେ ଅନେକ କଥା ଗୁଡିଏ ମନେ ପଡି ଯାଉଥିଲା। ବଦମାସ ପିଲାଟି ଆଉ କଣ ବଦମାସ ହେବ। କଏ ଲାଗିବ ଯେ ଆମ ସହିତ କାହା ପାଖକୁ ଯାଇ ଗୁହାରି କରିବା। ଏଇ କଥା ଭାବୁ ଭାବୁ ଲୋକଙ୍କ ଆଖିରୁ ଲୁହ ବୋହି ଆସୁଥାଏ। ମୁନା କହିଲା ମୋ ଗାଁ ର ବଣ ପାହାଡ ଗଛ ଲତା, ଝରଣା ଓ ଲୋକମାନଙ୍କୁ କହିଦେଇ ଯାଉଛି ସମସେ ଭଲରେ ରହିବ।

ଦୁଇ ବର୍ଷ ଗଲାପରେ ଡାକରେ ଖଣ୍ଡିଏ ଚଠି ଆସି ପହଞ୍ଚିଲା। ରାଧାଦେଇ ଚଠି କୁ ଖୋଲି ପଢିଲେ। ........

ରାଧାଦେଇ ଆପଣଙ୍କ ପୁଅ ଦେଶ ମାତୃଭୂମି ପାଇଁ "ଜୀବନ ଦେଇଛି " ମୁନା........ ଅନ୍ଧକାର ଭିତରେ ଶତ୍ରୁ ଆମ ଦେଶକୁ ପଶି ଆସୁଥିଲେ। ଶତ୍ରୁମାନଙ୍କୁ ପଶାଇ ନ ଦେବା ପାଇଁ ଦୃଢ ଜବାବ ଦେଇ ସହିଦ୍ ହୋଇଛି।

"ଜୟହିନ୍ଦ୍"

ରାଧାଦେଇ ଙ୍କ ଆଖି ରୁ ଧାର ଧାର ଲୁହ ବୋହି ଆସିଲା । ପାଟିରୁ ଧୀର ସ୍ୱର ରେ ବାହାରିଲା "ମୁନା".......

ଜନ୍ମଭୂମି ର ମାଟି ପାଇଁ
ରକ୍ତ ଟୋପା ଦେଇଛୁ
ଏ ମାଟି ତୁମକୁ ଧାରି
ଗର୍ବ କରୁଥିବ ଫୁଲେଇହୋଇ।
ଗାଉଥିବ ଗାଥା ତୁମର
ସ୍ୱର ଶୁଭୁଥିବ ଚଉଦିଗେ
ପୂର୍ବ, ପଶ୍ଚିମ, ଉତ୍ତର, ଦକ୍ଷିଣେ
ଜନନୀର ଟେକ ଶୁଭୁଥିବ ଭବନେ।
କଣ କହିବି ଭାରତ ମାଆ ଲୋ
ଜୀବନ ରକ୍ତ ଦେଇ ତୋ
ଚରଣ ଧୋଇଛି ମୋ ପୁତ୍ର
ମହିମା ତୋହର କୋଟି ମହାନତା
ମୃତ୍ୟୁ କୁ କୋଳେ ଧରି
ମୃତ୍ୟୁ କୁ କୋଳେ ଧରି,,,

ଭାରତ ମାତାଙ୍କ ଜୟ ଏତିକ କହି ରାଧାଦେଇ ଙ୍କ ଆଖି ରୁ ଲୁହ ଟୋପେ ଚଠି ଉପରେ ପଡି ମାଟି ରେ ପଡିଲା। ଏ ଗାଁ ଏ ମାଟି ଏ ବଣ ପର୍ବତ ବୀର ପୁତ୍ର ର ସ୍ୱର ଶୁଭୁଥିଲା " ମୁନା" ସେଇଠି ରାଧାଦେଇ ଟଳି ପଡିଲେ ସବୁଦିନ ପାଇଁ.............

ରାସୋଳ (ମୁଣ୍ଡିଆପକ୍ଷି)
ଢେଙ୍କାନାଳ

# କେମିତି ଏମିତି ବଦଳି ଗଲ ?



ହରେରାମ ପଣ୍ଡା

ପହିଲେ ପହିଲେ କଥା କହୁଥିଲେ
ଲାଗୁଥିଲା ସତେ କୋଇଲି କୁହୁ,
ଏବେଏବେ ପଦେ କଥା ପଚାରିଲେ
ମୁହଁ ମୋଡ଼ିଦେଇ ଦେଖାଅ ଭାଉ ।
ଘରକାମ ସବୁ ନିଜେ କରୁଥିଲ
ରନ୍ଧାବଢ଼ା ଠାରୁ ବାସନ ମଜା,
ଏବେ ତ ମନରେ ମନ ନାହିଁ ତୁମ
କାମବାଲୀ ଗୋଟେ ଚାଲିଛି ଖୋଜା ।
କହୁଥିଲ ଦିନେ ନିଜେ ଖୁସିହୋଇ
ଆମଘର କାଳେ ସରଗପୁରୀ,
ଦିନ କେଇଟାରେ କେମିତି ଏ ଘର
ତୁମକୁ ଲାଗୁଛି ନରକ ପରି ?
ବାପାମାଆଙ୍କର ସୁନାବୋହୂ ସାଜି
କାଟୁଥିଲ କେତେ ଖୁସିରେ ଦିନ,
ଆଜିକାଲି କିନ୍ତୁ ସବୁ ପଛକରି
ମୋବାଇଲ ପାଖେ ତୁମରି ମନ ।

କେବେ କିଛି ଚିଜ ମାଗିବନି ବୋଲି
କହୁଥିଲ ଭାରି ଫୁଲେଇ ହୋଇ,
ଆଜି କିନ୍ତୁ ତୁମ ଲମ୍ବା ଚିଠା ଦେଖି
ମୁଣ୍ଡେ ହାତଦେଇ ବସୁଛି ମୁହିଁ ।
ପ୍ରେମ ବାହା କରି ଦିନ କେଇଟାରେ
କେମିତି ଏମିତି ବଦଳିଗଲ ?
ପ୍ରେମ ପ୍ରତାରଣା - ଛାଡ଼ପତ୍ର କଥା
କାହାଠାରୁ ଦେଖି ଆପଣେଇଲ ?

କୁଆଁସ, ମେର୍ଦ୍ଧା କାଟିଆ ଛକ, ଯାଜପୁର
ଅବସରପ୍ରାପ୍ତ ପ୍ରଧାନଶିକ୍ଷକ,
ମଧୁପୁର ନୋଡାଲ ସରକାରୀ ଉଚ୍ଚ ବିଦ୍ୟାଳୟ

# ପୋଷା ପ୍ରେମିକ



ତୁଷାରକାନ୍ତ ପ୍ରସାଦ

ପ୍ରେମ ନାମେ ଏଠି କଳଙ୍କ ଲଗାଇ,
ଅନେକ ରଚନ୍ତି ମିଛ ନାଟକ।
ସ୍ୱାର୍ଥ, ଅର୍ଥ ତାଙ୍କ ପାଇଁ ମୂଳମନ୍ତ୍ର,
ମେଣ୍ଟାଇବା ପାଇଁ ଦେହର ଭୋକ।।

ଯୋଜନା ରଖି ଏ ସମ୍ପର୍କ ଯୋଡ଼ିବେ,
ଝିଅ ଙ୍କର ଗତିବିଧି ପରଖି।
ବିଶ୍ୱାସ ଜିତିବା ତାଙ୍କର ଉଦ୍ଦେଶ୍ୟ ,
ଧନ ଓ ଦେହରେ କେବଳ ଆଖି।।

ଝିଅ ପଇସାରେ ମଉଜ କରନ୍ତି,
ଯେ ଯାଏଁ ଅତୃପ୍ତ ଦେହ ଓ ମନ।
ତୃପ୍ତ ହୁଏ ତେବେ ଯେବେ ମିଳଯାଏ,
ଅନ୍ୟ ସୁନ୍ଦରୀର ହୃଦରେ ସ୍ଥାନ।।

ଅଭିନୟ ତାଙ୍କ ଅଦ୍ଭୁତ ପର୍ଯ୍ୟ,
ସତେ କଷ୍ଟାପର ପ୍ରେମିକ ପରି।
ଚତୁରପଣ ରେ ଶିକାର କରିବା,
ଯେହ୍ନେ ଜାଣିଥାଏ ଦକ୍ଷ ଶିକାରୀ।।

ପ୍ରେମିକା ବଚନ ଶିରୋଧାର୍ଯ୍ୟ କରି,
ସେବକ ସମାନ ପାଳନ କରେ।
ଝିଅ ଭାବେ ମନେ ଏମିତି ପ୍ରେମିକ,
ଦେଇଛନ୍ତି ପ୍ରଭୁ ମୋତେ କୃପାରେ।।

ମରୀଚିକା ବୋଲି ନଜାଣି ଆନନ୍ଦେ,
ମନେ ମନେ ଝିଅ ଦେଖେ ସପନ।
ପ୍ରେମିକର ମୁଖା ପିନ୍ଧିଥାଏ ଯିଏ,
ଉଦ୍ଦେଶ୍ୟ କେବଳ ମନୋରଞ୍ଜନ।।

ଝିଅ ଅର୍ଥରାଶି ଇନ୍ଧନ ସାଜିଛି,
ପ୍ରେମରେ ସାହେବ ଗଡାନ୍ତି ଗାଡ଼ି।
ମଧୁ ହରି ନେଇ ମଧୁପ ଯେ ଯାଏ,
ଫୁଲ ସନ୍ଧାନରେ ଦୂରକୁ ଉଡି।।

ସୁନ୍ଦରୀ ହୃଦୟ କାନନ ଉଜାଡି,
ଉପହାରେ ଦିଏ କଳଙ୍କ ଚହ୍ନ।
ଦସ୍ୟୁ ସିନା ଆସେ ଲୁଟିବା ଅର୍ଥରେ,
ଧନ ବ୍ୟତିରେକ ବୁଝେନ ଆନ।।

ପ୍ରେମର ମୋହ ରେ ଚହ୍ନି ପାରିଲୁନ,
ଶୃଗାଳ ସାଜିଛି ପୋଷା-ପ୍ରେମିକ।
ଭ୍ରମରେ ଭ୍ରମିତ କରୁଥିଲୁ ସଦା,
ଲୁଟିବାକୁ ତୋର ଦେହ-ସିନ୍ଦୁକ।।

ବରୀ, ଯାଜପୁର

# ଜୟ ଜଗନ୍ନାଥ

କଲେଶ କୁମାର ଭୋଇ

ଜୟ ଜଗନ୍ନାଥ ସ୍ୱାମୀ,,, ସାରା ବିଶ୍ୱ ଗୋଲାକାର ହେଇଥିବାରୁ,, ଜଗନ୍ନାଥଙ୍କ ନାମ ହିଁ ଚକାଡୋଳା,,ଚକା ଆଖି,,, ଆଉ ସେହି ବିଶ୍ୱ ପ୍ରସିଦ୍ଧ ଜଗନ୍ନାଥ ସଂସ୍କୃତି କେବିବେ ଲୋପ ପାଇବ ନାହିଁ ଯେଉଁ ପର୍ଯ୍ୟ ଏହି ନୀଳ ଆକାଶରେ ସୂର୍ଯ୍ୟ,, ଚନ୍ଦ୍ର,,, ତାରା ଗଣ ଆତ ଯାତ ହେଉ ଥିବେ,,,, ଏହି ପବିତ୍ର ଭାରତ ବର୍ଷ ହିଁ ସ୍ୱର୍ଗର ଦେବତା ମାନଙ୍କ,, ଜନ୍ମ ଭୂମି,, କର୍ମ ଭୂମି,,, ଯଦା ଯଦା ହିଁ ଗ୍ଲାନ,,,,,, ସମ୍ଭୋବାମି ଯୁଗେ ଯୁଗେ,,,,,, ସମସ୍ତ କବି,, କବୟିତ୍ରୀ ହିନ୍ଦୁ ଗ୍ରନ୍ଥ ଅନୁଯାୟୀ ସ୍ରଷ୍ଟା କୁହାଯାଏ,,,, ଯେଉଁ ସ୍ରଷ୍ଟା ହେଉଛନ୍ତି ,,ବ୍ରହ୍ମା ପୌରାଣିକ କମ୍ବଦନ୍ତୀ ଅନୁସାରେ,,,,, ଆଉ ଆମେ ସମସ୍ତେ ମିଳମିଶି ଏହି ସବୁଜ ରଙ୍ଗର ପୃଥିବୀ ର ରକ୍ଷା କରିବା ସହିତ ଆଧାତ୍ମିକ ଜ୍ଞାନ ଭିତ୍ତିରେ ଏହି ପୃଥିବୀକୁ ରକ୍ଷା କରିବା,,, ଆଜିକାଲି ନାସ୍ତିକ ମନୋଭାବ ଯୋଗୁଁ,, ଚୋରି,, ଡକାୟତି,, ଲୁଣ୍ଠନ,, ପରି ଅସାମାଜିକ କାର୍ଯ୍ୟ ବଢ଼ି ଚାଲିଛି,, କେବଳ ଭଗବାନଙ୍କୁ ବିଶ୍ୱାସ ନାହିଁ ବୋଲି,, ଯେଉଁ ମାନେ ଉଚ୍ଚ ଶିକ୍ଷିତ ନୁହନ୍ତି ସେମାନେ କିନ୍ତୁ ଆଧାତ୍ମିକ ଜ୍ଞାନ କୁ ବିଶ୍ୱାସ କରି କାହାକୁ ଦୁଃଖ, ଦୁର୍ଦ୍ଦଶା,, ବେଆଇନ କାର୍ଯ୍ୟ କଳାପ କରୁ ନାହାନ୍ତି,,,, କିନ୍ତୁ ଦୁଃଖର ବିଷୟ ଆଜିକାର ବୈଜ୍ଞାନିକ ଯୁଗରେ ଆଜିକାର,, ଛାତ୍ର, ଛାତ୍ରୀ,, ନିଜ ପିତା, ମାତା, ଗୁରୁଜନ ଙ୍କୁ ବି ବିଶ୍ୱାସ କରୁ ନାହାନ୍ତି,,, କାରଣ ନାସ୍ତିକ ମନୋଭାବ ଦ୍ୱାରା,,, ଆଦିମ କାଳରେ ଯେଉଁ ମଣିଷ ସୂର୍ଯ୍ୟ,, ଚନ୍ଦ୍ର,, ତାରାଗଣ ଙ୍କୁ ଦେବତା ରୂପରେ ପୂଜା କରୁଥିଲା,, ସେହି ମଣିଷ ଆଜି ସେହି ଚନ୍ଦ୍ର ପୃଷ୍ଠରେ ଅବତରଣ କରି ସାରିଲାଣି,,,,, ଏଣୁ ବୈଜ୍ଞାନିକ ଯୁଗରେ ଭଗବାନଙ୍କ ଅଛନ୍ତି ବୋଲି କେହି ବିଶ୍ୱାସ କରୁନାହାନ୍ତି,,,,, ##କିନ୍ତୁ ସାରା ବିଶ୍ୱରେ ଆଧାତ୍ମିକ ଜ୍ଞାନ ହିଁ ସର୍ବ ଶ୍ରେଷ୍ଠ ଜ୍ଞାନ କୁହାଯାଏ,,,,###spiritual knowledge is the best knowledgr all over the Worlds ,,,,,ଏଣୁ ଆମେ ଏହି ପବିତ୍ରଘୋଷ ଯାତ୍ରାରେ ସମସ୍ତ ସ୍ରଷ୍ଟା

ସଂକଳ୍ପ କରିବା,, ପୁଣି ସେହି ବିଶ୍ୱଗୁରୁ ଭାରତ ଭୂମିକୁ ଫେରାଇ ଆଣିବା,,, by the Suryodaya ,,Lit,, Faoundation ,,ମାଧ୍ୟମରେ,, ମୁଁ ଜଣେ ବିଜ୍ଞାନ,, ଛାତ୍ର,, ବିଜ୍ଞାନ ଶିକ୍ଷକ ହୋଇ ମଧ୍ୟ ଭଗବାନଙ୍କୁ ବିଶ୍ୱାସ କରେ,,,, କାହିଁକନା God is present all over the world but her name is different,,,,,, ଭାରତର ବୈଜ୍ଞାନିକ ମାନେ ଯେତେବେଳେ ଚନ୍ଦ୍ର ଯାନ ସେହି।ନୀଳ ରଙ୍ଗର ଆକାଶରେ ପ୍ରେରଣ କରିଥିଲେ ସେମାନେ ବି ସେଇ ପୁରାଣ ବର୍ଣ୍ଣିତ,, ବିଶ୍ୱକର୍ମାଙ୍କୁ ପୂଜା, ଅର୍ଚ୍ଚନା କରିଥିଲେ ।

ବାସ୍ତବିକ ଘଟଣା ଉପରେ ରଚନା କଲି ,,ଭୁଲ ଥିଲେ କ୍ଷମା କରିବେ ।

କଟ୍ ବିଶ୍ୱବିଦ୍ୟାଳୟ ଛାତ୍ର (ବିଜ୍ଞାନ ବିଭାଗ )

ବେଦାନ୍ତୀର ହ୍ୱାଟସଆପ୍ ନମ୍ବର ହେଲା – ୯୫୯୪୯୯୩୭୩୩ । ଆପଣମାନଙ୍କୁ ଆନୁରୋଧ ପତ୍ରିକାଟି ପଢିସାରିବାପରେ ଏହାର ଉନ୍ନତି ପାଇଁ ନିଜର ମତାମତ ଦିଅନ୍ତୁ ।

www.editor.vedantimagazine@gmail.com

# ରଂଗ ସହ ସମ୍ପର୍କ



ବେବୀ ନାଏକ

ସତରେ ଆଜି ରଙ୍ଗ ମାନଙ୍କ ମଧ୍ୟରେ
ଚ୍ଲିଛି ଏକ ନୀରବ ବିଶ୍ୱଯୁଦ୍ଧ,
ନଜ ନଜ କରୀଟ ସଂରକ୍ଷିତ ପାଇଁ
ସମସ୍ତେ ରତରତ
ଏ ଜୀବନର କାନଭାସ୍ ଉପରେ ।

କନ୍ତୁ ଏ ସସୀମ ଜୀବନ ଭୂଇଁରେ
ଅସଂଖ୍ୟ ରଙ୍ଗତୁଳୀକୁ ସୂଚ୍ୟଗ୍ର ଭୂମି
ପ୍ରଦାନ କରିବାରେ ଯେମିତି ମୁଁ
ଯଥୋଚତ ନ୍ୟାୟ ଦେବାରେ ଅକ୍ଷମ !
ସମରାଙ୍ଗଣେ ତ ସାତରଙ୍ଗର ସମାହାର
ତହିଁ ସବୁଠି ପ୍ରତୀତ ଅନ୍ଧକାର ମୟ ।

ମୋ ଜୀବନର ପ୍ରତି ପୃଷ୍ଠାରେ ବିରାଜିତ
ହେ ଷଡ଼ଯନ୍ତ୍ରକାରୀ,
ଭୁଜାଲି ଧରା ଯୋଦ୍ଧାଗଣ !
ଏ ମାୟାବୀ ଯୁଦ୍ଧରେ ମୁଁ ହାରିଗଲି ରେ,

ମତେ ପ୍ରତି ପାହାଚରେ
ଅବିଶ୍ୱାସର ଖଣ୍ଡା ମାରିଦେଲା
ପାଲଟିଗଲି ମୁଁ ବେସାହାରା ଅଭିମନ୍ୟୁ ।
ମତେ ବର୍ଣ୍ଣାନ୍ଧ କରିବା ପାଇଁ
ତମ ଶତ ପ୍ରୟାସ ପ୍ରଶଂସନୀୟ ।

ହେଲେ ଏ ତ ନର୍ଭିଟ ସତ୍ୟ ହେଇ ରହିଯିବ
ମହାଯୁଦ୍ଧର ସେ ବେଲାଲ୍ ସିଂ ପରି,
ଏ ମହାସମରରେ....
ମୁଁ ହିଁ ଏକମାତ୍ର ମହାନାୟକ
ଓ ଏକମାତ୍ର ଚନ୍ଦ୍ରକର ।

ଅମ୍ବାଭୋନା, ବରଗଡ଼

# ଅପରିଚିତା ପ୍ରେମିକା



ଚୁଲେଶ୍ୱର ନାୟକ

ହେ ଅପରିଚିତା    ତୁମେ କାହା ସୂତା
ଲାଗ ଭଳି ଚିହ୍ନା ଚିହ୍ନା,
ତୁମ ଜବାଧାର    ଆହା କ ସୁନ୍ଦର
କଲ ମୋତେ ଅନାବନା
କଳ୍ପନାର ନେଶେ    ଏହିପରି କେତେ
ଦିଶେ ଖାଲି ତୁମ ଛବି,
ପଡେ ଏବେ ମନେ    ପ୍ରଥମ ଯୌବନେ
ଦିନବିତେ ଭାବି ଭାବି ।
ସେ ଅଭୁଲା ଗୃହାଣି    ମନ ନେଲା କିଣି
ରେଶମୀ ସୂତାର ଶାଢ଼ୀ,
ଲଲାଟେ ଟିକଲି    ହସ୍ତେ ନାନା ଚୁଡ଼ି
ପ୍ରୀତିପର୍ବତେ ଗଲି ଚଢି ।
ଦେଖିଲି ମେହେନ୍ଦି ହସ୍ତ    କଲା ଅସ୍ତବ୍ୟସ୍ତ
ଗଲ ଯେବେ ଚାଲି ଚାଲି,
ପଥରେ ତୁମରି    ହେଲି ମୁଁ ବାଟୋଇ
ତୁମକୁ ପାଇବି ବୋଲି ।

ଯୁକ୍ତଦୁଇ ବିଜ୍ଞାନ ପୁରୁଣା ଛାତ୍ର
ଲମ୍ବୋଦର ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ
ଚିଚେଇଗୁଡ଼ା, କଳାହାଣ୍ଡି

# ପୋଡା ପାଉଁଶ



କରଣ ମନୀଷା ମହାନ୍ତି

ବାବାଙ୍କ ସିଗାରେଟର କଛି
ପୋଡା ପାଉଁଶ ଆଜି ମାଟିରେ ପଡି
ମାଟିରୁ ଲିଭିଗଲାଣି ସତ
ଏବେ କନ୍ତୁ ଛାତି ତଳୁ
ଉହୁଙ୍କି ଆସୁଛି
ଏଇ କଛି ଦିନ ତଳର

ଛବି ଗୁଡାକ କାହାକୁ ବା କହିବି
ଦୁଃଖ
ଆଖି ଆଗରେ
ଭାଙ୍ଗିପଡିଲା କଙ୍କାଳଟା
ଲୁହର ଲହରି ଧୋଇ
ନେଇଗଲା
ମଥାର ସିନ୍ଦୁର ପାଦର
ଲାଲ ଅଳତା
ମୋ ବୋଉର

ନିର୍ବାକ ଚକ୍ଷୁର
ଆଜି ଜହ୍ନ ବି ବିବଶ ।
ଆଖିରେ ଦେଖିବି
ମନରେ ଭୟ ଭାବିଲେ ଲାଗେ
କଣ ସେ ସବୁ ସତ ସବୁକଛି
ଯାହା ଅନେକ ଦିନରୁ ଘଟିଯାଇଛି

ବାବାର ଦେହ ଯେ ମୁଠାଏ
ପୋଡା ପାଉଁଶ ॥

ରେଞ୍ଜ, ଡେଲାଙ୍ଗ
ପୁରୀ

# ଜଗନ୍ନାଥ..



କେଶରୀ ପ୍ରସାଦ ମହାନ୍ତି

ଅନାଥ ର ନାଥ ପତିତପାବନ କାଳଆ ଶାନ୍ତ ବଳଆର ଭୁଜ କୋଟି ଉତ୍କଳୀୟ ମଉଡମଣୀ ମହାପ୍ରଭୁ ଜଗନ୍ନାଥ ଙ୍କୁ କୋଟି କୋଟି ପ୍ରଣାମ ।

ଯାହାର ଦାଣ୍ଡ ବଡ ଦାଣ୍ଡ, ଯାହା ର ଭୋଗ ବଡ ଭୋଗ ମହାପ୍ରସାଦ, ଯାହାର ଦେଉଳ ବଡ ଦେଉଳ ସେଇ ମହା ପ୍ରଭୁ ଙ୍କୁ ମୁଁ କଣ ବା ବର୍ଣନା କରିବି...

ସେ ଅନୁଭବ ର ଠାକୁର, ସେ କରୁଣା ର ବାରିଧି, କୃପାସିନ୍ଧୁ, ମୁକ୍ତି ଦାତା, ଅଭୟ ଦୟାକ କୋଟି କୈବଲ୍ୟ ନାଥ ନୀଳାଦ୍ରି ବିହାରୀ ଭାବଗ୍ରାହୀ ଆର୍ତ୍ତତ୍ରାଣ ପ୍ରଭୁ ଜଗନ୍ନାଥ, ସେ ଅନାଥ ର ନାଥ, ଅଗତି ର ଗତି, ନିରାଶୟ ର ଆଶ୍ରୟ ପ୍ରଭୁ ଜଗନ୍ନାଥ । ସେ କରୁଣା ର ସାଗର, ସେ ନିରଞ୍ଜନ ସେ ହିଁ ସର୍ବ ଶକ୍ତିମାନ । ତାଙ୍କ କରୁଣା କୁ ନା କେହି କଳନା କରି ପାରେ ନା କେ କଳ୍ପନା । ତାଙ୍କର ପାଦ ନାହିଁ କିନ୍ତୁ ସେ ଚାଲି ପାରନ୍ତି, ତାଙ୍କର କର୍ଣ୍ଣ ନାହିଁ କିନ୍ତୁ ସେ ଶୁଣି ପାରନ୍ତି ତାଙ୍କର ହାତ ନଥାଇ ମଧ୍ୟ ଦାସିଆ ବାଉରୀ ର ଶ୍ରୀଫଳ ନେଇ ପାରନ୍ତି ଆଉ ଜଗତ ଜନ ଙ୍କ ଦୁଃଖ ଦେଖିବା ପାଇଁ ସବୁ ବେଳେ ଚକା ଆଖି କୁ ମୁଦ୍ରିତ କରି ବସିରହିଛନ୍ତି । ସେ ଭାବ କୁ ନିକଟ ଅଭାବ କୁ ଦୂର, ଯିଏ ତାଙ୍କୁ ଯୋଉଠି ଖୋଜିଛି ସେଠି ପାଇଛି, ମନ ବୃନ୍ଦାବନ ରେ ସେ ହିଁ ରାଧା, ସେ ହିଁ ମୀରା ଆଉ ସେ ହିଁ କୃଷ୍ଣା,

ସେ ସକଳ ଧର୍ମ ର ସମନ୍ୱୟ, ସେ ବୁଦ୍ଧ, ସେ କୃଷ୍ଣ ସେ ହିଁ ସ୍ୱୟଂ ଜୈନ ସିଦ୍ଧାନ୍ତ ସାର । ସେ ଜଗତ ର ଗୁରୁ, ସେ ହିଁ ଭକ୍ତ ର ବାଞ୍ଛା କଳ୍ପତରୁ । ସେଥିପାଇଁ ତ ସମସ୍ତେ ଶ୍ରୀକ୍ଷେତ୍ର ରେ ଏକ ସ୍ୱର ରେ ଡାକନ୍ତି "ଜଗନ୍ନାଥ ସ୍ୱାମୀ ନୟନ ପଥଗାମୀ ଭବ ତୁମେ "

ମୁଁ ଏତିକି ଅନୁଭବ କରିଛି, "ମିଛ ଦୁନିଆ ରେ ସବୁ ଠକ ଦିଅନ୍ତି ହେଲେ ଜଗନ୍ନାଥ ଠକିବା ର ଅଭିନୟ କରି ପରୀକ୍ଷା ନିଅନ୍ତି, ଆଉ ଶେଷରେ ଭକ୍ତ କୁ ପରୀକ୍ଷା ରେ ଉତୀର୍ଣ୍ଣ କରିବା ଲାଗି ବାଟ କଢେଇ ଦିଅନ୍ତି " ।

"ସର୍ବେ ହୋଇବେ ଏକ ମୁଖ, ଡାକିବେ ଜଗନ୍ନାଥ ରଖ " ...........ଜୟ ଜଗନ୍ନାଥ....

ଛାତ୍ର, ଉଦ୍ଭିଦ ବିଜ୍ଞାନ ଛାତ୍ର,
ନରସିଂହ ଚୌଧୁରୀ ସ୍ୱୟଂଶାସିତ ମହାବିଦ୍ୟାଳୟ, ଯାଜପୁର

# ଅମାନଆଁ ବର୍ଷା ଆଜି



ଆଶିଷ ଜ୍ୟୋତିଷ

ଅମାନଆଁ ବର୍ଷା ଆଜି
ଝରିଗଲା.....ବୃଥାହେଲା ହାୟ,
ତୁମେ ନ ଥିଲ ମୋ ପାଖରେ
କଣ କରିବି ଉପାୟ,,
ମେଘ ଝରି ପଡୁଥାଏ ଲଗେନ
ବର୍ଷାରେ ଧାରେ,
କେତେ କଥା ପାଖରେଥିଲେ
ଗପିଥାନ୍ତି ତୁମ ସାଥିରେ,,
ଆକାଶେ ଯେ ଅନ୍ଧାର ଢାଙ୍କି
ଆଣିଛି ଗ୍ଭରିଦିଗେ ,
ତୁମେଥିଲେ ବର୍ଷାରେ ଭିଜି
ବାକୁ ଭଲଲାଗେ,,
ଛୋଟ ସମୟରେ ଘଟିଯାଇଥିବା
ପୁରୁଣା ସୃତି ଯେତେ ,
ତମକୁ ଆଜି କହିଥାଆନ୍ତି ମୋ ପାଖରେ
ଥିଲେ ସତେ,,

ଝରକାରୁ କଡରୁ ଦେଖୁଥାଏ
ବର୍ଷାର ରୂପକୁ,
ବିଜୁଳେ ମାରିବା ସମୟରେ
ଢାଙ୍କିଦିଏ କାନ ପରଦାକୁ,,
ଲ୍ୟାମ୍ପ, ଲଣ୍ଠନ କ ମହମ ବତୀ
ନାହିଁ ମୋ ପାଖରେ,
ଅନ୍ଧାର ଯାଇଥାଆନ୍ତି ଦୂରେଇ
ତୁମେ ଥିଲେ ମୋ ସାଥିରେ,
ଅମାନଆଁ ବର୍ଷା କ ରୂପ
ନେଇଛି ଆଜି,
ମୋ କଥାରେ ତୁମେ ପିୟତମା
ଅଛ କ ରାଜି,

ଯୁବାଖୋଲ, କଟାବାହାଲ ଗାଇସିଲେଟ୍
ବରଗଡ

# ମୋ କଷ୍ଟ



ସଙ୍ଗୀତା ମହାନ୍ତି

କାହିଁକି ଲାଗେ ମତେ ଏ ଜୀବନ କିଛି ନୁହେଁ
କେବେ ଆସେ ଖୁସି ତ କେବେ ମନରେ ଉଦାସ
ହେଲେ କାହାକୁ କହିପାରେନି ମୁଁ ମୋ ମନର କୋହ
କଷ୍ଟ ଆଉ ଦୁଃଖକୁ ଖୁସିରେ ମୁଁ ଚାପି ରଖିଦିଏ ଏ ଛାତିରେ ମୋର
କାହାକୁ କହିବି ଭାବେ ହେଲେ କହିବି କାହାକୁ ମନରେ ଡର ଆସେ
ଦେଖିବାକୁ ଗଲେ ସଂସାରଟି ଗୋଟେ ବଡ ଉଦ୍ୟାନ
ଦୁଃଖ ଆସିଲେ ସେ ପାଲଟି ଯାଏ ଗୋଟେ ବନ
ଯେତେ ଦିନ ଯାଏ କଷ୍ଟ ଦୁଃଖ ସହିପାରିବ ସମସ୍ତେ ଭଲ
ଯେବେ ଆଉ ପାରିବନି ସହି ସେତେବେଳେ ତୁମେ ବହୁତ ଖରାପ
କାନ୍ଦିବାକୁ ଚାହେଁନାହିଁ କେବେ ହେଲେ ଆପେଆପେ ଲୁହ ଆସି ଆଖି ପାଖେ ପହଞ୍ଚିଯାଏ
ହେଲେ ମନକୁ ମୋର ବୁଝେଇ ଦିଏ ଆରେ
ସଂସାରରେ କାନ୍ଦିବାରେ ବି ଚାହିଦା ଅଛି କାହିଁକି ନା ଲୁହ ବି ଦୁଃଖକୁ ଧୋଇ ନେଇଯାଉଛି
ଅନ୍ୟକୁ ମୁଁ ବୁଝେଇ ପାରୁଛି ଅତି ସହଜରେ ହେଲେ ନିଜକୁ ବୁଝେଇ ପାରୁନି
କହିଁକି ମୁଁ ଏ କଷ୍ଟକୁ କହିପାରୁନି କି ସହିପାରୁନି
ଭାବିଛି ଏବେ ଦୀପ ପରି ହୋଇଯିବି ସେ ଯେମିତି କଥା କହେ ନାହିଁ
ହେଲେ ତା ପ୍ରକାଶ ତା ପରିଚୟ ଦେଇଦିଏ
ସେମିତି ମୁଁ ମୋ କଥା ନକହି ଯଦି ସଠିକ କର୍ମ କରିବି ସେ ହିଁ ମୋ ପରିଚୟ ଦେବ
ସମ୍ପର୍କକୁ ବଞ୍ଚେଇ ରଖିବା ପାଇଁ ମୁଁ ମୋ କଷ୍ଟକୁ ଖୁସିରେ ଖୁସିରେ ଚାପି ରଖିଦିଏ
ଛୋଟ ଛୋଟ କଥା ମନକୁ ମୋର କଷ୍ଟ ଦିଏ ସତେ
ହେଲେ ମୁଁ ସେ କଷ୍ଟକୁ ଉପେକ୍ଷା କରିଦିଏ
ଏଇ ଛୋଟ ଛୋଟ କଥା ହିଁ ସବୁ କିଛି ସାରିଦିଏ

ତୁଳସୀପୁର, ମଠସାହି

# ଭଗବାନ କେ ଘର ଦେର୍ ହେ.....



ବାଲ୍ମୀକି ନାୟକ

ହିନ୍ଦୀରେ ଗୋଟିଏ ବହୁ ପ୍ରଚଳିତ ପ୍ରବାଦ ରହିଛି, "ଭଗବାନକେ ଘର ମେ ଦେ ହୈ.... ପର୍ ଅନ୍ଧେର୍ ନହିଁ ହୈ ।" ଓଡିଆରେ ଏହାର ଭାବାର୍ଥ ହେବ "ଭଗବାନଙ୍କ ଘରେ ବିଳମ୍ବ ହୋଇପାରେ, କିନ୍ତୁ ଅସମ୍ଭବ ନାହିଁ ।" କୌଣସି ହିନ୍ଦୀ ଭାଷୀ କବି ଯତିପାତ ଯୋଡି ଏହି ପ୍ରବାଦଟିକୁ ଲେଖି ଯାଇଛନ୍ତି । ଯାହା କହିବାକୁ ଓ ଶୁଣିବାକୁ ଭଲ ଲାଗେ । କୌଣସି ଦୁଃଖୀ ମଣିଷକୁ ସାନ୍ତ୍ୱନା ଦେବାପାଇଁ ଏହି ବାକ୍ୟଟି ସତେ ଯେପରି କଷ୍ଟ ନିବାରକ ମଲମ ସଦୃଶ କାମ କରେ । ସେ ମନେମନେ ଆଶ୍ୱସ୍ତ ହୋଇଯାଏ କି ମୋ ପାଇଁ ଯେଉଁ ଦୁଃଖ ଆସିଛି, ତାହାର ଉପଶମ ପାଇଁ ମୋତେ କିଛି ସମୟ ଅପେକ୍ଷା କରିବାକୁ ପଡିବ । କିନ୍ତୁ ସମୟସୀମା କେତେ, ସେ କଥା କୌଣସି ସୂତ୍ରରୁ ଜାଣିବାର ଉପାୟ ନାହିଁ । କେତେ ଘଣ୍ଟା, କେତେ ଦିନ, କେତେ ମାସ, କେତେ ବର୍ଷ ଅଥବା ଆଜୀବନ ଅପେକ୍ଷା କରିବାକୁ ପଡିବ ଜଣାନାହିଁ । କେବଳ ଧୈର୍ଯ୍ୟ ଧରି ଅପେକ୍ଷା କଲେ, ଦିନେ ସୁଖ ନିଶ୍ଚୟ ମିଳିବ ବୋଲି ଏକ କାଳ୍ପନିକ ଆଶ୍ୱାସନା ମିଳିବ ।

ଏଠି ସ୍ୱାଭାବିକ ଭାବରେ ଆମ ମନରେ ପ୍ରଶ୍ନ ଉଠୁଛି, ଭଗବାନ ହେଉଛନ୍ତି ସର୍ବଜ୍ଞ, ସର୍ବଶକ୍ତିମାନ, ସର୍ବ ବିଦ୍ୟମାନ ଓ ପରମ ଦୟାଳୁ । ତାଙ୍କ ଦ୍ୱାରା ଦୁନିଆର ଯେକୌଣସି ସମସ୍ୟା କ୍ଷଣିକରେ ସମାଧାନ ହୋଇଯିବା କଥା, କିନ୍ତୁ ବିଳମ୍ବରେ ହେବାର କାରଣ କଣ?

ମଣିଷ ତିଆରି କାନୁନ ବ୍ୟବସ୍ଥା, କୋର୍ଟ କଚେରୀର ନ୍ୟାୟ ପ୍ରଣାଳୀ ଭଳି ଭଗବାନଙ୍କ ନ୍ୟାୟାଳୟରେ ବି କଣ ସାକ୍ଷୀ, ପ୍ରମାଣ, ତର୍କ, ବିତର୍କ ଆଦି କରାଯାଇ ଦୋଷିକୁ ଦଣ୍ଡ

ଦିଆଯାଏ? ସେୟା ଯଦି ହୁଏ, ତେବେ ଭଗବାନଙ୍କ ଏବଂ ମଣିଷ ଭିତରେ ପ୍ରଭେଦ ରହିବ କେଉଁଠି?

ଗତ ୨୦୧୩ ଜୁନ ମାସ ୧୬ ଓ ୧୭ ତାରିଖରେ ପ୍ରାକୃତିକ ବିପର୍ଯ୍ୟୟ ଓ ପ୍ରବଳ ବର୍ଷା ଯୋଗୁଁ ଉତ୍ତରାଖଣ୍ଡରେ କେଦାରନାଥ ଓ ବଦ୍ରୀନାଥଙ୍କ ଭକ୍ତଙ୍କ ସମେତ ହଜାର ହଜାର ଲୋକ ମୃତ୍ୟୁବରଣ କଲେ । ଏଇଠି ବି କଣ ସେଇ ଏକା ପ୍ରବାଦକୁ ଲାଗୁ କରାଯାଇପାରେ? ଶିବଙ୍କ ନ୍ୟାୟାଳୟରେ ଶୀଘ୍ର ବିଚାରଣା ହୋଇପାରିଲା ନାହିଁ, କେଉଁମାନେ ପୂଣ୍ୟାତ୍ମା ଓ କେଉଁମାନେ ପାପୀ? ସାମୁହିକ ଭାବରେ ସମସ୍ତେ ଭାସିଗଲେ । ମଣିଷର ସୁଖ ବା ଦୁଃଖର ହିସାବ ହୁଏ, ଯେତେଦିନ ସେ ଏହି ଦୁନିଆରେ ବଞ୍ଚିରହେ । ସେ ମୃତ୍ୟୁବରଣ କଲାପରେ ତ ସବୁକିଛି ଶେଷ ହୋଇଯାଉଛି । ତା ପାଇଁ ସୁଖ ବା ଦୁଃଖର ପ୍ରଶ୍ନ ଉଠୁନାହିଁ । ଉତ୍ତରାଞ୍ଚଳରେ ପ୍ରାଣ ହରାଇଥିବା ଭକ୍ତମାନଙ୍କ ଆୟୁ ସେତିକି ଥିଲା ବୋଲି ଧର୍ମଗୁରୁମାନେ ତର୍କ ଦେଉଛନ୍ତି । କିନ୍ତୁ ଅକାଳ ମୃତ୍ୟୁବରଣ କରିଥିବା ଲୋକମାନଙ୍କର ପରିବାର ଲୋକମାନେ ଯେଉଁ ଦୁଃଖ ଭୋଗ କରୁଛନ୍ତି, ସେମାନଙ୍କ ସୁଖ ଫେରିବାପାଇଁ ଭଗବାନ କେତେ ସମୟ ନେବେ? ମୃତ୍ୟ ବ୍ୟକ୍ତିମାନେ କଣ କେବେ ଘରକୁ ଫେରିଆସିବେ?

ଆୟୁ ଶେଷ ହୋଇଯାଇଥିବା ବିଭିନ୍ନ ବର୍ଗର ନାରୀ ଓ ପୁରୁଷଙ୍କୁ ଦେଶର ବିଭିନ୍ନ ଅଞ୍ଚଳରୁ ଡକେଇ ଆଣି (ଭଗବାନଙ୍କ ଡକରା ନ ପାଇଲେ କେହି ତୀର୍ଥସ୍ଥଳକୁ ଯାଇପାରନ୍ତି ନାହିଁ ବୋଲି ଏକ ବିଶ୍ୱାସ ରହିଛି) ଉତ୍ତରାଞ୍ଚଳରେ ଠୁଳ କରି ସାମୁହିକ ହତ୍ୟା କରି କଭଳି ନ୍ୟାୟ ପ୍ରଦର୍ଶନ କଲେ? ଏଇଠି ହତ୍ୟା ଶବ୍ଦ ବ୍ୟବହାର ହୋଇପାରିବନି । କାରଣ ଭଗବାନ କାହାକୁ ହତ୍ୟା କରନ୍ତି ନାହିଁ, ସେ ମୋକ୍ଷ ପ୍ରଦାନ କରନ୍ତି ।

ବିପଦ ସଂକୁଳ ଅଞ୍ଚଳରେ ଫସି ରହିଥିବା ପୂଣାତ୍ମା ଭକ୍ତଙ୍କୁ ଉଦ୍ଧାର କରିବାପାଇଁ ଦେଶର ସୈନ୍ୟବାହିନୀ ଓ ବାୟୁସେନାର ଯବାନ ମାନେ ନିଜ ଜୀବନକୁ ବାଜି ଲଗେଇଥିଲେ । ସୁରକ୍ଷା କର୍ମଚାରୀମାନେ ଯଦି ସହାଯ୍ୟ କରିନଥାନ୍ତେ, ତେବେ ଆହୁରି କିଛି ମଣିଷ ପ୍ରାଣ ହରେଇଥାନ୍ତେ । ଉଦ୍ଧାର କାର୍ଯ୍ୟରେ ନିୟୋଜିତ କିଛି ଯବାନ ବି ଏହି ସମୟରେ ପ୍ରାଣତ୍ୟାଗ କରିଛନ୍ତି । ଭଗବାନ କଣ ସେମାନଙ୍କୁ ଏଥିପାଇଁ ଦଣ୍ଡ ଦେଲେ ଯେ "ମୁଁ ପ୍ରାଣଦଣ୍ଡ ଦେଇଥିବା ପାପୀମାନଙ୍କୁ ତୁମେ କାହିଁକି ଉଦ୍ଧାର କରିବାକୁ ଆସିଛ? ଅପରାଧୀକୁ ସାହାଯ୍ୟ କରିବା ହେଉଛି ଅପରାଧ ।

ଜୀବନ ବଞ୍ଚେଇ ଘରକୁ ଫେରିଥିବା ଭକ୍ତ କହନ୍ତି – "ଆମେ ଆଠ, ଦଶ ଦିନ ଯେଉଁ ଯନ୍ତ୍ରଣା ଭୋଗ କରିଛୁ, ତାହା ଜୀବନସାରା ଭୁଲି ପାରିବୁନ।" ଅନ୍ଧଶ୍ରଦ୍ଧା ରଖୁଥିବା ଭକ୍ତମାନେ କହୁଛନ୍ତି, "ଆମକୁ ପରୀକ୍ଷା କରିବାପାଇଁ ଭଗବାନ ଏତେ ଦୁଃଖ ଦେଲେ କିନ୍ତୁ ଶେଷରେ ଆମକୁ ଉଦ୍ଧାର ବି କରିଦେଲେ। ଆସନ୍ତା ବର୍ଷ ଆମେ କେଦାରନାଥକୁ କୃତଜ୍ଞତା ଜଣେଇବାପାଇଁ ନିଶ୍ଚୟ ଯିବୁ।" ଏହା ହେଉଛି ମାନସିକ ଦିବାଲିଆପଣ।

ସରଳବିଶ୍ୱାସୀ ଜନତା ଏତିକ ବୁଝିପାରିଲେ ନାହିଁ, ଯେ ଏହି ବିପର୍ଯ୍ୟୟରୁ ଜୀବନ ନେଇ ଫେରିବା ଏକ ସଂଯୋଗ ମାତ୍ର। ସେନାବାହିନୀର ଯବାନମାନେ ଯଦି ସାହାଯ୍ୟ କରିନଥାନ୍ତେ, ତେବେ ଏମାନେ ବି ଅନ୍ୟମାନଙ୍କ ଭଳି ସ୍ୱର୍ଗଗାମୀ ହୋଇଥାନ୍ତେ। ଏଇଠି ଭଗବାନକେ ଘର ମେ ଦେର୍ ନହିଁ, ଅନ୍ଧେର୍ ହି ଅନ୍ଧେର୍" ହୋଇଥାନ୍ତା।

ମଣିଷ ଜୀବନରେ ସମସ୍ୟାର ଅନ୍ତ ନାହିଁ। କୌଣସି ଗୋଟିଏ ବା ଅନେକ ସମସ୍ୟାରେ ଛନ୍ଦି ହୋଇ ମଣିଷ ମାନସିକ ସ୍ତରରେ ଭାଙ୍ଗିପଡେ। ନିଜକୁ ଅସହାୟ ବୋଧ କରେ। ସେତିବିକେଳେ ତାକୁ ସମବେଦନା ଜଣେଇ ସାନ୍ତ୍ୱନା ଦେବା ଅତି ଆବଶ୍ୟକ। ସମସ୍ୟାର ସମାଧାନ ଦୃଷ୍ଟିଗୋଚର ହେଉନଥିଲେ ବି ଧୈର୍ଯ୍ୟ ଧରି ବଞ୍ଚିରହିବାକୁ ଅନ୍ୟ ମଣିଷମାନେ ବୁଝେଇଥାନ୍ତି। ଏହା ଏକ ମନସ୍ତାତ୍ତ୍ୱିକ ଚକସ୍ତା। ସେହି ସମୟରେ ଭଗବାନଙ୍କ ଭଳି ସର୍ବଶକ୍ତିମାନଙ୍କ ସାହାଯ୍ୟ ପାଇବା କଥା ଯଦି କେହି କହେ, ଦୁଃଖୀ ମଣିଷଟି ବେଶୀ ସାନ୍ତ୍ୱନା ପାଇଥାଏ। ଯଦିଓ ସେହି ଦୈବୀକୃପା ଶୀଘ୍ର ମିଳଲେ ହିଁ ମଣିଷଟି ଉପକୃତ ହୋଇପାରନ୍ତା, କିନ୍ତୁ ସମସ୍ତେ ଜାଣନ୍ତି, ସେୟା ଘଟିବ ନାହିଁ, ତେଣୁ ନିଜ କଥାକୁ ଠେସ ଦେବାପାଇଁ କହନ୍ତି – "ଭଗବାନ ଡେରିରେ ହେଲେ ବି ତୁମର ଦୁଃଖ ଦୂର କରିଦେବେ।" ସମୟାନୁକ୍ରମେ ମଣିଷଟି ମାନସିକ ଓ ଶାରୀରିକ ପରିଶ୍ରମ କରି ନିଜର ସମସ୍ୟା ସମାଧାନ କରିଥାଏ। ତାର ଦୁଃଖ ଦୂର ହୋଇଗଲେ, ସେ ଭାବେ ଲୋକମାନେ ଯାହା କହୁଥିଲେ ଠିକ୍ କଥା। ଭଗବାନ ଡେରିରେ ହେଲେ ବି ମୋ ଦୁଃଖ ଦୂର କରିଦେଲେ। ସମସ୍ୟାର ସମାଧାନ ପାଇଁ ସେ ଯେଉଁ ପରିଶ୍ରମ କରିଛି କିମ୍ବା ତାର ବନ୍ଧୁମାନେ ଯେଉଁ ସହାୟ କରିଛନ୍ତି, ସେଥିପାଇଁ ସେ ନିଜକୁ କିମ୍ବା ବନ୍ଧୁମାନଙ୍କୁ ଧନ୍ୟବାଦ ଜଣେଇବ ନାହିଁ। ସବୁ କ୍ରେଡିଟ୍ ଯିବ ଭଗବାନଙ୍କ ପାଖକୁ। ଭଗବାନ ଯଦି କ୍ରେଡିଟ୍ ନେବାର ଥିଲା ତେବେ ଏତେ ସମୟ ନେଉଥିଲେ କାହିଁକି?

ଆଉ ଗୋଟିଏ ଉଦାହରଣ ଦେଖିବା – ଭଗବାନଙ୍କ ଘରେ ଡେରି ହେବା ଫଳରେ ଗତ ମାର୍ଚ୍ଚ ୨୫ ତାରିଖ ୨୦୧୩ ରେ କପରି ଗୋଟିଏ ପରିବାରର ପାଞ୍ଚଜଣ ଭକ୍ତଙ୍କ ଅକାଳ ମୃତ୍ୟୁ ଘଟିଲା । (ଗତ ମାର୍ଚ୍ଚ ୩୦ ତାରିଖ ୨୦୧୩ ର ଟାଇମସ୍ ଅଫ୍ ଇଣ୍ଡିଆ ଦ୍ରଷ୍ଟବ୍ୟ) ଘଟଣାଟି ହେଉଛି ରାଜସ୍ଥାନର ସ୍ୱାଓ୍ୱାଇମାଧୋପୁର ଅଞ୍ଚଳରେ ବାସ କରୁଥିବା ଜଣେ ଶିବଭକ୍ତ କାଞ୍ଚନ ସିଂହ ଓ ତାଙ୍କର ପରିବାରର ସାତଜଣ ସଦସ୍ୟ ଗତ ପାଞ୍ଚବର୍ଷ ଧରି, ନିଜ ଶରୀରରୁ ଇଞ୍ଜେକସନ୍ ସିରିଞ୍ଜ୍ ସାହାଯ୍ୟରେ ରକ୍ତ ବାହାର କରି ତିନିହଜାର ଏକଶହଥର ଶିବଲିଙ୍ଗଙ୍କୁ ରକ୍ତସ୍ନାନ କରାଇ ଆହୁତି ଦେଉଥିଲେ । ତଥାପି ଭକ୍ତବତ୍ସଳ, ପରମଦୟାଳୁ ମହାଦେବଙ୍କର ମନ ତରଳିଲା ନାହିଁ । କାଞ୍ଚନ ସିଂହଙ୍କ ମନୋବାଞ୍ଛା ପୂରଣ ହେବାରୁ ସେ ଅତିମାତ୍ରାରେ ହତାଶ ହୋଇ ପରିବାରର ସମସ୍ତଙ୍କୁ ବିଷମିଶ୍ରିତ ଲଡୁ ଖୁଆଇ ନିଜେ ବି ଖାଇଦେଲେ । ଖବର ପ୍ରକାଶିତ ହେବାବେଳକୁ ପାଞ୍ଚଜଣ (ତିନିଜଣ ଶିଶୁଙ୍କ ସମେତ) ପ୍ରାଣତ୍ୟାଗ କରିସାରିଥିଲେ । ବାକି ତିନିଜଣ ଡାକ୍ତରଖାନାର ମୃତ୍ୟୁସହ ସଂଘର୍ଷ କରୁଥିଲେ ।

ଭଗବାନ ଯଦି ତାଙ୍କର ଏହି ଭକ୍ତଟିକୁ ପାଞ୍ଚବର୍ଷ ଭିତରେ ଥରୁଟିଏ ବି କୃପା ପ୍ରଦର୍ଶନ କରିଥାନ୍ତେ, ତେବେ ସେମାନେ ଏଭଳି ଚରମ ପଦକ୍ଷେପ ନେଇନଥାନ୍ତେ । ଭଗବାନଙ୍କ ଘରେ ଆଲୋକ ଜଳିବା ଆଶାରେ କାଞ୍ଚନ ସିଂହଙ୍କ ଘର ତ ସବୁଦିନ ପାଇଁ ଅନ୍ଧକାର ହୋଇଗଲା ।

ମଣିଷ ନିଜର ଉତ୍ତରଦାୟିତ୍ୱ ଏବଂ ସାମାଜିକ ପ୍ରତିବଦ୍ଧତାକୁ ଠିକ୍ ରୂପେ ପାଳନ ନକରି ଯଦି ଭଗବାନଙ୍କ ଇଚ୍ଛା ଉପରେ ନିର୍ଭର କରି ରହିବ, ତେବେ ସେ କେବେ ବି ଆଶାନୁରୂପ ସଫଳତା ହାସଲ କରିପାରିବ ନାହିଁ । କେବଳ ଆତ୍ମପ୍ରବଞ୍ଚନା କରି କହି ବୁଲୁଥିବା – "ଭଗବାନକେ ଘର ମେଁ ଦେର୍ ହୈ...ଅନ୍ଧେର୍ ନହିଁ ।

କେ.ଆର. ପୂରମ, ବାଙ୍ଗାଲୋର

# ତୁମ ଅପେକ୍ଷାରେ...



କାହ୍ନୁ ଚରଣ ସାହୁ

ଦେଖିବାକୁ ଇଚ୍ଛା ହୁଏ
ତୁମକୁ ଏ ରଜ ସଜବାଜରେ
ସେତିକି ନଜର ହେଇସିନା ପାରିବିନ
ହେଲେ ତୁମେ ହିଁ ମୋ ହୃଦୟରେ ।

ଦେଖିବାକୁ ଇଚ୍ଛା ହୁଏ
ତୁମକୁ ଚୁନ ଘାଗର୍‌ରେ
ଭିଡିଓ କଲ କରିବକି **?**
ଖୁସି ହୁଅନ୍ତି ଥରେ ।

ଯାହାକୁ ନଜର ଖିବେ
ସିଏ ହିଁ ଦୂରେ
କହି ପାରିବିନ ସଖି
ତୁମକୁ କେତେଯେ ଝୁରେ ।

କ୍ଷଣକ ଆରମ୍ଭରେ ଇତି
ମୋ ପ୍ରେମରେ
ପୂର୍ଣ୍ଣଚ୍ଛେଦ ପଡିନ କ ପଡିବନ
ତୁମେ ମନାକରିଦେଲ୍ ପରେ
ବୁଝିବ ଆଶାକରେ
ଆଜି କେବଳ ମୁଁ ଓ ମୋ ହୃଦୟ
ତୁମ ଅପେକ୍ଷାରେ**....!!**

ପଣ୍ଡକାମାଳ, ମ.ରାମପୁର, କଳାହାଣ୍ଡି

# ମୋ'ଗାଆଁ ମୋ'ମାଆଁ, ମୋ'ଜନମ ମାଟି



ମନୋରଞ୍ଜନ ସୁରୁଜାଲ

ସୂରୁଯ ଉଇଁଲେ ଶୁଭ ପ୍ରଭାତରେ
ହସି ଉଠେ ଗାଆଁ ଧୂଳ
ପକ୍ଷୀ କାକଳୀ କୁ ଭୁରୁ ଭୁରୁ ବାସ୍ନା
ଚଉଦିଗେ ଯାଏ ମେଳ।
କନକ ବରଷା ହେମଅଙ୍ଗ ଧରି
ଦେଇଥାଏ ଦୂରୁ ଭେଟି
କଦମ୍ବ କୁସୁମ ଗୋଟି ଗୋଟି କରି
ପଡୁଥାଏ ସେଠି ଲୋଟି।
ସବୁଜ ପ୍ରାନ୍ତର ମନ ହରି ନଏ
ଦୂରେ ପରବତ ଉଭା
ଚୌଦିଗ ବିସ୍ତାରି ନବ ଦିଗନ୍ତରେ
ସତେକ ଉତ୍ସବ ଶୋଭା।
ଚାରିଆଡ଼େ ବିଲ ବନ୍ୟର ତମାଳ
ତଡାଗ ତଟିନୀ ଧାରା
ଫୁଲ ଫଳ ତା'ର କେଡେ ମନୋରମ
ସତେକ ଅମୀୟ ଭରା।
ସ୍ନେହ ସରଗର ଛୁଟେ ମନ୍ଦାକନୀ
କେ ନୁହେଁ ଆପଣା ପର
ଚଳନ୍ତି ସଭିଏଁ ମିଳ ମିଶି ସେଠି
ହୋଇ ଏକ ପରିବାର।
ହେଉ ପଛେ ଦୂର କାୟାଠୁଁ ମୋହର
ଅଛୁ ମୋ' ମନର ପାସ
ଶରୀର ମାପର ଦେବୁ ଜାଗା ଖଣ୍ଡେ
ମନରେ ରଖିଛି ଆଶ।
ହାରିଛି ସେତକ ସହରକୁ ଆସି
ତୋ' ସ୍ନେହ ମମତା କାଟି
ପ୍ରଶାନ୍ତ ଦାୟିନୀ ଦୂରୁ ଦଣ୍ଡବତ
ତୁ'ସିନା ମୋର ମାଆଁଟି।

ଅଇଁଲାପାଲି, ଧମା, ସମ୍ବଲପୁର

# କାହାକୁ କହିବ ମନ କଥା ଖୋଲି



ଗୁପ୍ତେଶ୍ୱର ଗ୍ୱନ୍

କେହି ବୁଝେନାହିଁ କଳାକାର ମନ
କବି ର ହୃଦୟ କଥା।
ରଂଜନ କରନ୍ତି ଆପଣା ମନକୁ
ଶୁଣି ସଂଗୀତ କବିତା ।୧।
କେତେ ଯେ ଯାତନା ସହିବାକୁ ହୁଏ
ସେ କଥା କାହାକୁ ଜଣା ।
ବଇଁଶୀ ସୁର ଟି ମିଠା ଲାଗେ ସିନା
କେ ବୁଝେ ତାର ବେଦନା ।୨।
ତତଲା ଲୌହର ଦାରୁଣ ପରଶ
ଛାତିକି ଦିଅଇ ଚରି ।
କହିପାରେ ନ କି ସହି ବି ପାରେନ
ସବୁ ଆଶା ଯାଏ ମରି । ୩।
ଉପରେ ହସେ ସେ ଅଲାଜୁକ ପରି
ଲୁଗ୍ଣଇ ଅନ୍ତର ଦାହ ।
ମରମ ବେଦନା କାହାକୁ କହିବ
ବୁକୁ ତଳେ ଗୁପି କୋହ ।୪।
ତା' ଦୁଃଖ ରେ କେହି ଜଣେ ନୁହେଁ ଦୁଃଖୀ
କରନ୍ତି ବ୍ୟଂଗ ବିଦ୍ରୂପ ।
କେଡ଼େ ଦୟନୀୟ ଜୀବନ ତାହାର
ଦୁର୍ଦ୍ଦିନ ର ଭଗ୍ନ ସ୍ତୁପ ।୫।
ନିନ୍ଦା ଅପବାଦ ସବୁକୁ ସହି ସେ
ଆନକୁ ଦିଏ ଆନଂଦ ।
ତା' ମନକୁ ବୁଝିବାକୁ କେହି କେବେ
କରନ୍ତି ନାହିଁ ପସଂଦ ।୬।
ଅଭାବରେ ସଢ଼ି ଦିନ ସରେ ତା'ର
ଭୋକ ଓପାସରେ ରହି।
ମୁଣ୍ଡ ଗୁଞ୍ଜିବାକୁ ନ ଥାଏ ଘର ଟେ
ବାର ଦାଣ୍ଡ ବୁଲୁ ଥାଇ।୭।
ପେଟକୁ ମୁଠାଏ ଦାନା ମିଳେ ନାହିଁ
ପିଠି କୁ ଖଣ୍ଡିଏ କନା ।
ତା' ଦୁଃଖ ରେ କେହି ନୁହେଁ ସମ ଭାଗୀ
ପାଏ ନ ସମବେଦନା ।୮।
ଦେଶ ଜାତି ପାଇଁ ଯଶ ଗଉରବ
ଆଣି ଦିଏ କେତେ ଖ୍ୟାତି ।
ସେଇ ଶିଳ୍ପୀ ଯେବେ ଅସୁସ୍ଥ ହୋଇଲେ
କେହି ଆସେ ନ ତା' କତି ।୯।
ଦୀନ ହୀନ ବୋଲି ଏଦୁନିଆଁ ତା'ରେ
ଗ୍ଦହେଁନ ମୁହଁ ବୁଲାଇ।
ଗରିବ କୁଟୀରେ ଜନମ ବୋଲି କ
ସମାଜେ ଅଲୋଡ଼ା ସେଇ ।୧୦।
ବଡ଼ ସ୍ୱାର୍ଥପର ଏ ମିଥ୍ୟା ସଂସାର
କେହି ନୁହେଁ ଆପଣାର ।
ଦରଦୀ ମଣିଷ ମିଳନ୍ତି ନ ଏଠି
କାନ୍ଦି ମରେ କଳାକାର ।୧୧।
ସେନେହ ଆଦର କଏ ଦବ ତାକୁ
କେହି ତ ନାହିଁ ନିଜର ।
କାହାକୁ କହିବ ମନକଥା ଖୋଲି
(ତା'କୁ) ସଭିଏଁ ଭାବନ୍ତି ପର ।୧୨।

ସମସିଂହା, ଝାରସୁଗୁଡା

# ଗୃହ ବିବାଦରେ ସନ୍ତାନ ନଷ୍ଟ



କୁନ୍ତଳା କୁମାରୀ ଦେଇ

ସମସ୍ତଙ୍କୁ ଏ ଅକିଞ୍ଚନର ଶାରଦୀୟ ଅଭିନନ୍ଦନ ଓ ଶୁଭେଚ୍ଛା । ମୋର ପାରିବାରିକ ଜୀବନର ଅନୁଭୂତିରୁ କିଞ୍ଚିତ୍ ମାତ୍ର ବାଣ୍ଟିବାର ସୁଯୋଗ ମିଳଥିବାରୁ ପାଠକବନ୍ଧୁ ଓ ସମ୍ମାନୀୟ ସମ୍ପାଦକ ଭାଇଙ୍କୁ ମୋ ହୃଦୟରୁ ଶତକୋଟି ପ୍ରଣାମ ଓ ଜୟଗୁରୁ । ଯଦି ଏହି ସୂତ୍ରଟି କାହା କାମରେ ଆସେ, ତେବେ ନିଜକୁ ଧନ୍ୟ ମନେକରିବି ।

ମୁଁ, ପରମ ପ୍ରେମମୟ, ପରମ ଦୟାଳୁ, ଯୁଗ ପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କୁ ଧରି ସତ୍ ନାମ ମନନ କରି ସତସଙ୍ଗ ଓ ମାତୃ ସମ୍ମିଳନୀରେ ଯୋଗ ଦେଇ ଅଳ୍ପ ବୁଦ୍ଧି ଭିତରେ ଯାହା କିଛି ଟିକିଏ ଜାଣିଛି ତାହା ଆପଣମାନଙ୍କ ନିକଟରେ ପ୍ରକାଶ କରୁଛି ।

ଗୋଟିଏ ମାଆର ଜୀବନ ହିଁ ଆରମ୍ଭ ହୁଏ ତାର କୁମାରୀ ଜୀବନର ପିତୃ କୈନ୍ଦ୍ରିକ ଚଳଣି ଭିତର ଦେଇ । ତାର ପରବର୍ତ୍ତୀ ଜୀବନ ଯାହା କି ତାକୁ ଗୋଟିଏ ଭଲ ସ୍ତ୍ରୀ, ଭଲ ବୋହୂ ଓ ଭଲ ମାଆ ଭୂମିକାରେ ଅବତୀର୍ଣ୍ଣ କରାଏ ।

କିନ୍ତୁ ଆଜି ଏହି ଭଲ ଜିନିଷଟା କମ୍ ହିଁ ଦେଖାଯାଉଛି । ଆମ ମାଆ ମାନଙ୍କ ଭିତରେ ଥିବା କାମ, କ୍ରୋଧ, ଲୋଭ, ମୋହ, ଅହଂକାର ଏଥିପାଇଁ ଦାୟୀ । ଗୁରୁଜନମାନଙ୍କ ପ୍ରତି ଶ୍ରଦ୍ଧା ଓ ଭଲ ପାଇବା ଧୀରେ ଧୀରେ କମି ଯାଉଛି । ଯାହା ଫଳରେ ଆମର ଘରେ ଘରେ ସ୍ୱାମୀ ସ୍ତ୍ରୀ, ଶାଶୂ ଶ୍ୱଶୁର, ଦିଅର ନଣନ୍ଦଙ୍କ ମଧ୍ୟରେ କଳହ ସୃଷ୍ଟି ହେଉଛି । ଏହା ମୂଳରେ ରହିଛି ଆମ ମାଆ ମାନଙ୍କ ସ୍ୱାର୍ଥପର ମନୋଭାବ । ଠାକୁର ମାତୃ ମଙ୍ଗଳ ବହିରେ କହୁଛନ୍ତି, ପାରିବାରିକ ଐତିହ୍ୟ ଧରି ରଖିବାକୁ ହେଲେ ଝିଅମାନଙ୍କର ଉଚିତ, ସ୍ୱାମୀଙ୍କ ଉତ୍ସ ସ୍ୱରୂପ ଯେଉଁମାନେ ସେମାନଙ୍କ ସେବାରେ ରତ ରହିବା, ଶ୍ରଦ୍ଧାର ସହିତ ସେମାନଙ୍କର ସଙ୍ଗ ସହଚର୍ଯ୍ୟ କରିବା । ଯେଉଁ ମାଆ ମାନେ ଗୁରୁଜନମାନଙ୍କ ପ୍ରତି

ଆନୁଗତ୍ୟ ସମ୍ପନ୍ନ, ତାର ସନ୍ତାନ ସନ୍ତତି ମଧ୍ୟ ତାର ଅନୁଗତ ହୁଅନ୍ତି । ତା ଛଡା ସଂସାରରେ ପାଞ୍ଚ ଜଣଙ୍କୁ ସହି ବହି ଚାଲିବାକୁ ଯାଇ ଚରିତ୍ର ଯେତେଟା ନିୟନ୍ତ୍ରିତ ହୁଏ, ଏପରି ଅନ୍ୟ କଛିରେ ହୁଏନା । ଠାକୁର କହିଛନ୍ତି, ପିତାମାତା ବା ତତ୍ତୁଲ୍ୟ ଯେଉଁମାନେ ସେମାନେ ହେଲେ ଜୀବନ୍ତ ଗୃହ ଦେବତା, ଏହି ଜୀବନ୍ତ ଗୃହ ଦେବତାଙ୍କ ସେବାରେ ଯଦି ତୃଟି ଥାଏ, ତେବେ ଅନ୍ୟ ଦେବତାମାନଙ୍କର ପ୍ରସାଦ ଲାଭ କରାଯାଇ ପାରେନା । ଇଷ୍ଟ ପ୍ରସନ୍ନତା ଯିଏ କରିବାକୁ ଚାହେଁ, ତାର ଉଚତ ଇଷ୍ଟାନୁରାଗ ସେବା, ସଦ୍ ବ୍ୟବହାରରେ ପିତାମାତାଙ୍କୁ ମଧ୍ୟ ପ୍ରସନ୍ନ କରିବାକୁ ଚେଷ୍ଟା କରିବା ।

ବର୍ତ୍ତମାନ ସମାଜରେ ଦେଖା ଦେଇଛି, ଦୁଇ ଭାଇ ଓ ଦୁଇ ଯାଆଙ୍କ ମଧ୍ୟରେ ବାଦ ବିବାଦ । ଜଣେ କହୁଛି ସେ ତା ପିଲା, ଆଉ ଜଣେ କହୁଛି ଇଏ ମୋ ପିଲା । ମୁଁ ତା ପିଲା ପାଇଁ କାହିଁକ କରିବି? ମୁଁ ଏତେ କାମ କାହିଁକ କରିବି? ଆମ ଭିତରେ ଅଛି ନକରି ପାଇବାର ଗୋଟେ ଭାବ । କନ୍ତୁ ମୋର ପରିବାରର କଥା ସମ୍ପୂର୍ଣ୍ଣ ଅଲଗା ।

ମୋର ପ୍ରଥମ ପୁଅର ଜନ୍ମ ସମୟରେ ମୋର ବଡ ଯାଆ ତାଙ୍କର ୪ ବର୍ଷର ପୁଅକୁ ତାଙ୍କ ବାପାଙ୍କ ପଖରେ ଛାଡି ସ୍ୱାମୀଙ୍କ ପ୍ରତି ଅବହେଳା କରି ମୋ ପାଖରେ ଡାକ୍ତରଖାନାରେ ରହୁଥିଲେ ଆଉ ଭାଇ ତାଙ୍କର ସ୍ୱଳ୍ପ ଦରମାରେ ଭୁବନେଶ୍ୱର ସହରରେ ଆମର ସମସ୍ତ ଖର୍ଚ୍ଚ ବହନ କରି ଆମଠାରୁ ଅଳ୍ପ ବଡ ହେଲେ ମଧ୍ୟ ଅତି ସ୍ନେହରେ ଆମ ମାନଙ୍କର ସେବା ପରିଚର୍ଯ୍ୟା କରିଥିଲେ । ଅବଶ୍ୟ ମୋ ପୁଅର ଆୟୁଷ ନଥିଲା । ତା ପରବର୍ଷ ମୋର ଝିଅ ପୁଣି ଏହି ଦେବୀତୁଲ୍ୟ ଯାଆ ଓ ଦେଢଶୂରଙ୍କ ସ୍ନେହ ଓ କୋଳରେ ପାଳତ ହୋଇଥିଲା । ମୋର ସ୍ୱାସ୍ଥ୍ୟଗତ କାରଣରୁ ମୁଁ ଗୋଟିଏ ବର୍ଷ ରହିଥିଲେ ମଧ୍ୟ ସେମାନେ ଆମକୁ ଯଥେଷ୍ଟ ସେବା ଦେଇଥିଲେ । ସେହି ସେବାର ଋଣ ଭାର ଏପର୍ଯ୍ୟନ୍ତ ମଧ୍ୟ ଆମ ଉପରେ ରହିଛି । ପୁଣି ଯାଆଙ୍କର ଯେତେବେଳେ ଯମଜ ସନ୍ତାନ ଜନ୍ମଲାଭ କରିଥିଲେ ଆଉ ସେମାନେ ଦେଢ ବର୍ଷର ହୋଇଥିଲେ, ସେ ସମୟରେ ତାଙ୍କରି ଘରେ ମୋର ପୁଅଟିଏ ହୋଇଥିଲା । ପରିବାରରେ ସଦସ୍ୟ ୨ ଗୁଣ ହୋଇଥିଲେ ମଧ୍ୟ ଆମ ସମସ୍ତଙ୍କର ଲାଳନ ପାଳନର ସମସ୍ତ ଖର୍ଚ୍ଚ ତଥା ଏକକାଳୀନ ୨ଟି ପରିବାରର ଆର୍ଥିକ ତଥା ଶାରୀରିକ ଓ ମାନସିକ ସ୍ତରରେ ମଧ୍ୟ ବହନ କରିଥିଲେ । ସବୁଠାରୁ ବଡ କଥା ହେଲା, ସେଦିନର ସେହି ୪ ବର୍ଷର ଛୁଆର ପରିବାରର ଲୋକାଧିକ କାରଣରୁ ୯ମ ଓ ୧୦ମ ଶ୍ରେଣୀରେ ପାଠ ପଢାରେ ବ୍ୟାଘାତ ହୋଇଥିଲେ ମଧ୍ୟ ଯାଆ ଓ ଦେଢଶୂରଙ୍କର ସେବା ତଥା ନିଷ୍କାମ କର୍ମ ଓ ତ୍ୟାଗ ର ଫଳ

ସ୍ୱରୂପ ସେ ପ୍ଲସ୍-୨ ପରୀକ୍ଷାରେ ଓଡିଶାର ବଡ କଲେଜ ବିଜେବି କଲେଜରେ ୯୪ ଶତକଡା ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିଲା । ଆଉ ବର୍ତ୍ତମାନ ସେ ଜଣେ ଆମେରିକା ଫେରନ୍ତା ସଫ୍ଟୱେର ଇଞ୍ଜିନୟର ଭାବେ ହାଇଦ୍ରାବାଦରେ ଅବସ୍ଥାପିତ ।

ମୋ ଜୀବନରେ ଆଉ ଗୋଟିଏ ଭଲ ଜିନଷ ଈଶ୍ୱର ଆମକୁ ଦେଇଛନ୍ତି । ଏହାପରେ ପୁଣି ଯାଆଙ୍କର ଯମଜ ସନ୍ତାନଙ୍କର ଜନ୍ମ ସମୟରେ ମୁଁ ସେମାନଙ୍କ ପାଖରେ କଛିଦିନ ରହିଥିଲି । ଘର କାମରେ ମୁଁ ନାନୀ ଓ ଭାଇଙ୍କୁ କେତେଦୂର ଆପ୍ୟାୟିତ କରିଛି ମୁଁ ଜାଣେନା । କନ୍ତୁ ବୋଧହୁଏ, ମୋ ସ୍ୱାମୀଙ୍କର ମୋତେ ଏଠାରେ ଛାଡିବା ଜନତ ତ୍ୟାଗ ପାଇଁ ମୋ ଝିଅର କଛିଦିନ ପାଠ ପଢା ରେ ବ୍ୟାଘାତ ହୋଇଥିଲେ ମଧ୍ଧ ପରବର୍ତ୍ତୀ ସମୟରେ ସେହି ଘରେ ରହି ଭାଇ ଓ ନାନୀଙ୍କ ତତ୍ତ୍ୱାବଧାନରେ ଆଜି ସେ ଡାକ୍ତରଟିଏ ହୋଇପାରିଛି । ଏଥିପାଇଁ ପରସ୍ପର ପ୍ରତି ପରସ୍ପର ସ୍ନେହଶ୍ରଦ୍ଧା ଓ ତ୍ୟାଗ ଆଜି ପିଲ୍ମାନଙ୍କ ଭବିଷ୍ୟତ କୁ ଗୌରବମୟ କରିବା ସହ ସେମାନଙ୍କ ସମ୍ପର୍କକୁ ମଧ୍ଧ ମଧୁମୟ କରି ଗଢିତୋଳଛି ।

ମୁଁ ମୋ ଜୀବନରୁ ଯାହା ଶିଖିଛି, ଠାକୁରଙ୍କୁ ଧରି ଆମେ ସମସ୍ତେ ସମସ୍ତଙ୍କୁ ଭଲ ପାଇବା ଓ ଅନ୍ୟମାନଙ୍କ ପାଇଁ ଯେତେଦୂର ସମ୍ଭବ ସାହାଯ୍ୟ ସହାନୁଭୂତିର ଭାବ ରଖିବା । ଆମର ତ୍ୟାଗ ଓ ଭଲ ପାଇବା ଭିତରେ ଥାଏ ଜୀବନର ସାର୍ଥକତା ଏବଂ ପିଲ୍ମାନେ ଭଲ ମଣିଷ ହେବାର ରାସ୍ତା । ଆମ ଘର ଭିତରେ ଯଦି କଳ ଝଗଡା ସୃଷ୍ଟି ହୁଏ, ପିଲ୍ମାନଙ୍କର ଜୀବନ ନଷ୍ଟ ହେବାର ସମ୍ଭାବନା ଅଧିକ । ତେଣୁ ଠାକୁର କହୁଛନ୍ତି -

ଗୃହ କନ୍ଦଳର ମଦିରା ପାନରେ ବିତିଗଲା ଦିନରାତି
ସରବ ନାଶର ସଦର ଦୁଆରେ ରଖୁ ସନ୍ତାନ ସନ୍ତତି

ଠାକୁର କହୁଛନ୍ତି, ଯେଉଁ ମାଆମାନଙ୍କର ଅନ୍ତରରେ ସ୍ୱାମୀ କୂଳ ପ୍ରତି ମର୍ଯ୍ୟଦା ନଥାଏ, ସ୍ୱଇଛାଚାରୀ ପ୍ରବୃତ୍ତି ଏବଂ ଉଦ୍ଧତ ଚଳଣି ତାର ଥାଏ ସେ ସ୍ୱାମୀ କୂଳର ତ ସମଘାତ ଆଣିଥାଏ, ତା ଠାରୁ ପ୍ରସୂତ ସନ୍ତାନମାନେ ମଧ୍ଧ କୁଳ କୃଷ୍ଟିକୁ ଅବଜ୍ଞା କରିବାର ପ୍ରବଣତା ନେଇ ଜନ୍ମିଥାଆନ୍ତି । ଆମ ମାଆମାନଙ୍କ ମଧ୍ଧରେ ଅଛି ସ୍ୱାମୀଙ୍କ ପ୍ରତି ଅବଜ୍ଞା ଓ ଉପେକ୍ଷା ।

ଗୁରୁ, ଗୁରୁଜନଙ୍କ ପ୍ରତି ଅଶ୍ରଦ୍ଧା, ଭୋଗ ଲିପ୍ସୁ ମନ, କନ୍ଦୁକ ପ୍ରକୃତି, ଘର କଥା ବାହାରେ ପକାଇବା ଅନ୍ୟକୁ ଦୋଷାରୋପ କରି ଆତ୍ମ ସମର୍ଥନ ସ୍ପୃହ ଇତ୍ୟାଦି ଯାହାକ ଆମ ସନ୍ତାନ

ମଧ୍ୟରେ ପ୍ରତିଫଳିତ ହୁଏ । ଆମ ମାନଙ୍କ ମଧ୍ୟରେ ଥିବା ପିତୃକୂଳ ଗାରିମା, ଆମ୍ଭରୀତା, ମାନ, ଅଭିମାନ, ଦର୍ପ, ଚଳନ ଆମ ଶ୍ୱଶୁର ଓ ସ୍ୱାମୀଙ୍କ ଘରକୁ ବିକ୍ଷିପ୍ତ ଓ ବିବ୍ରତ କରି ତୋଳଥାଏ । ଯାହାକୁ ଆମ ସ୍ୱସ୍ତୀ ଓ ଶୁଭ ବର୍ଦ୍ଧନାକୁ ବାଧାପ୍ରାପ୍ତ କରିଥାଏ ।

ଆମେ ସମସ୍ତେ ମାଆ ଓ ଝିଅମାନେ ଏସବୁ ଦିଗରୁ ଟିକଏ ଦୂରେଇ ରହିବା। ଠାକୁର କହୁଛନ୍ତି, ପ୍ରତ୍ୟେକ କାର୍ଯ୍ୟ ମଧ୍ୟରେ ସୌନ୍ଦର୍ଯ୍ୟବୋଧ, ଶୃଙ୍ଖଳାବୋଧ ଦରକାର । ସାମାନ୍ୟତମ ବ୍ୟାପାରରେ ଯଦି ବିଶୃଙ୍ଖଳା ରହିଥାଏ, ତାହାହେଲେ ଏହି ଅଭ୍ୟାସ ଅନ୍ୟ ବ୍ୟାପାରକୁ ମଧ୍ୟ ରଞ୍ଜିତ କରିତୋଳେ । ତେଣୁ ଏହା ଭଲ ନୁହେଁ। ତୁମେ ମାନେ ମାଆ । ତୁମକୁ ଦେଖି ହିଁ ତୁମ ସନ୍ତାନ ସନ୍ତତି ଶିଖିବେ । ତୁମମାନଙ୍କୁ ଖୁବ୍ ହୁସିଆର ହେବାକୁ ପଡିବ । ଚ଼ଲିବା, ବୁଲିବା, ବସିବା, ଶୋଇବା, କଥାବାର୍ତ୍ତା, କାର୍ଯ୍ୟ, କର୍ମ ଯେପରି ଶୋଭନୀୟ ହୁଏ, ସୁନ୍ଦର ହୁଏ ଓ ସମୀଚନ ହୁଏ, ହୃଦ୍ୟହୁଏ, କାହାର ଅସୁବିଧାର କାରଣ ନହୁଏ । ଆମର ଚଳଣି ଏହିପରି ହେବା ଆବଶ୍ୟକ। ତେବେ ଯାଇ ଆମେ ଆମ ପ୍ରସୂତ ସନ୍ତାନଟିକୁ ଭଲ ସଂସ୍କାର ଦେଇ ତାର କଲ୍ୟାଣ କରିପାରିବା ଓ ଭଲ ମାଆଟିଏ ହୋଇପାରିବା । ଏଥିରେ ହିଁ ଜଗତର ମଙ୍ଗଳ ।

ବନ୍ଦେ ପୁରୁଷୋତ୍ତମମ୍ ।

ଶିକ୍ଷୟିତ୍ରୀ, ନୟାଗଡ, ଓଡିଶା

# କରୋନା ରୁ ନସ୍ତାର



କୈଳାସ ମେହେର

ଜୟ ଜୟ ଜଗନ୍ନାଥ ପତିତପାବନ ।
ଭକତ ଦୁଃଖ ଦେଖି କରୁ ତୁ ଖଣ୍ଡନ ॥
ଏ ସାର୍ ଭବ ପ୍ରଭୁ ତୋହରି ସର୍ଜନା ।
ଭବ ରୂପୀ ତୋ ରାଇଜେ ପଡିଲା ଚନ୍ତନା ॥
ଲଙ୍କା ରୂପୀ ଚୀନ ଦେଶେ ଜନ୍ମିଲା ରାକ୍ଷସ ।
କରୋନା ନାମେ ଭବେ କରିଲା ପ୍ରବେଶ ॥
ସର୍ବ ରାଇଜେ ପଶି କରିଲା ଉନ୍ମାଦ ।
ଜନ ପ୍ରାଣ ଆକ୍ରୋଶିଲା ବୁଡାଇଲା ଚଉ ॥
ଏ ବାର୍ତ୍ତା ସର୍ବ ନଗ୍ରେ ଖେଳଗଲା ଭୟ ।
କର୍ମ ଧର୍ମ ରେ ଆଉ ନ ରହିଲା ଲୟ ॥
ସର୍ବ ଜନେ ବାସ ଭିତରେ ରହିଲେ ।
ନତ୍ୟାନ୍ତ କର୍ମେ ଗଲେ ମୁଖା ଯେ ଭିଡିଲେ ॥
ସାମାଜିକ ଦୂରତା ବଜାୟ ରଖିଲେ ।
ସ୍ପର୍ଶ କଲା ଉତ୍ତାରୁ କର ଯେ ଧୋଇଲେ ॥
ବଢିଗଲା ଦେଶରେ ଆର୍ଥିକ ସକଟ ।
ଧନଭାବରୁ ମନ ହେଲା ଛଟପଟ ॥

ସତ ହେଉଛି ସବୁ ମାଳକା ବଚନ ।
ଏ ଘାଟି ରୁ ପାରି କର ହେ ନନ୍ଦନନ୍ଦନ ॥
ଯୁଗେ ଯୁଗେ ପ୍ରଭୁ ତୁହି ଅବତରୁ ।
ତୋ ମହୀ କୁ ପ୍ରଭୁ ତୁହି ରକ୍ଷା କରୁ ॥
ଏ କଳ କାଳ ରେ ହୋ ଅନ୍ଧାର ଘୋଟିଲା ।
ବିଳମ୍ବ କର ନାହିଁ ଆସ ନନ୍ଦବଳା ॥
ତୋ ଦାସ ଦାସ ମୁହିଁ ନାମ ମୋ କୈଳାସ ।
ଗୁହାରି ମୋ ଘେନା କର ସ୍ୱାମୀ ପୀତବାସ ॥

ମାତୃଭାଷା ଶିକ୍ଷକ
ଓଡିଶା ଆଦର୍ଶ ବିଦ୍ୟାଳୟ, ଜାମିରଡିହା,
ବିଶୋଇ, ମୟୂରଭଞ୍ଜ



# ଗାନ୍ଧିଜୀଙ୍କୁ ପତ୍ର....

ରୋଜାଲିନ ଗଡନାୟକ

ହେ ଗାନ୍ଧୀ! ପ୍ରଣାମ
ସେ ଦିନୁ ଯାଇଛ ଯେ ଯାଇଛ
କେତେ ଲେଖିଲିଣି ପତ୍ର
ତାର ପ୍ରତିଉତ୍ତର କ ଦେଉଛ....!
କଳରେ ତ ରାମ ସିଂହସନ ଲୋଭୀ
ରାବଣ ନେଉ ପଛେ ସିତା....
ଲୋଡୁନାହାଁନ୍ତି ଲକ୍ଷ୍ମଣ କ ଭରତ
ଖାଲି ଧନ ଥିବା କଥା.....
ମାଆ ଦଉଛି ଝିଅକୁ ତାଲିମ
ସ୍ମାର୍ଟ ହେବାର ଲାଗି.....
ଝିଅ ଯେବେ ପିନ୍ଧେ ଚର୍ ସାର୍ଟ
ଖୁସି ଯାଏ କୂଳ ଲଙ୍ଘି.....
ବାପା ଭାଇ କଣ କରିବେ ଆଉ
ଆଜି ଯୁଗେ ନାରୀ ଶାସନ.....
ପଦେ କହିଲେ ଦାନ୍ତ କଡମଡ
ଅତି ହେଲେ ଧମକ ମରଣ.....
କଳକାଳ ସୀତା କଉ କମ୍ ଯେ
"ନୋ" କହି ଦିଏ ରାବଣକୁ ଠାର.....

ଅବସ୍ଥା ହେଲାଠୁ ଦୟନୀୟ ଭାରି
ମୁଣ୍ଡରେ ବୁଦ୍ଧିର ସଂଗ୍ରହ.....
ଖଟି ଖାଇବାର ଯୁଗଟି ପୁରୁଣା
ଗାଦି ଖାଇବାର ନଶା.....
କାଟି କ ଅବଶ୍ୟ ପିନ୍ଧୁଛନ୍ତି ଅଧେ
ଯାହାର ଅଧିକ ପଇସା.....
ଦେଖିବାକୁ ଏଠି ସଭିଏଁ ସମାନ
ବାହାର ବେଶଭୁଷାରୁ.....
ବାପା ରହେ ଏଣେ ଇନ୍ଦିରା ଆବାସେ
ପୁଅ ଗାଡି ଖଣ୍ଡେ ଧରୁ.....
ନୋହିଲେ କୁଆଡେ ସାଙ୍ଗେ ମେଳରେ
କମିବ ଷ୍ଟାଟସ ମାପ.....
ଧନ ଥିଲା ବାଲା ସିଗାରେଟ ପିଇବେ
ଫିଙ୍ଗିବେ ଗୁଟୁଖା ଛେପ.....
ସକାଳେ ଜୀବନ ଅକାଳେ ମରଣ
କଳର ପ୍ରଭାବ ନେଇ.....

ବୁଢା ବୋହୁଅଛି ଭେଣ୍ଡାର କୋକେଇ
ହେଲେ କର୍ମକୁ ନନ୍ଦଇ ନାହିଁ.....
ଆସିନ ତ ଗଲ୍ ଆସିନ
ରହିଯାଅ କଛି ବରଷ.....
ଶୁଣିବ ବା କଏ ର୍‌ମଧୂନ ତାନ
ଓଲଟି କରିବେ ଉପହାସ.....
ଜନମ ଦିନର ଶୁଭେଚ୍ଛା ଜଣାଇ
ଶେଷ କରୁଅଛି ପତ୍ର...
ସପନ ତୁମର ସତ ହୋଇବ
ଯେବେ ମଣିଷ ହେବେ ତୃପ୍ତ.....
ଅମଣିଷ ହେବେ ଲୁପ୍ତ.....
ମଣିଷ ହୋଇବେ ଜାତ.....

ଢେଙ୍କାନାଳ

ବେଦାନ୍ତୀର ହ୍ୱାଟସଆପ୍ ନମ୍ବର ହେଲା – ୯୫୯୪୯୯୩୭୩୩ । ଆପଣମାନଙ୍କୁ ଅନୁରୋଧ ପତ୍ରିକାଟି ପଢିସାରିବାପରେ ଏହାର ଉନ୍ନତି ପାଇଁ ନିଜର ମତାମତ ଦିଅନ୍ତୁ ।

www.editor.vedantimagazine@gmail.com

# ତୁମେ ଗଲ୍ ପରେ



ଉଦୟ ଭାନୁ ରାଉତ

ବସନ୍ତ ବାସୁନ    ମଳୟ ବହୁନ
ତୁମେ ସାଥୀ ଗଲ୍ ପରେ
ସ୍ମୃତିର ଶାମୁକା ସାଉଁଟି ରଖିଛି
ପ୍ରେମ ନଦୀ ଧାରେ ଧାରେ ।। ୧।

କରିନ ନଜର    ଆଉ ମୁଁ କାହାକୁ
ତୁମେ ସାଥି ଗଲ୍ ପରେ
ହବାକୁ ଦେଇନ ନଜର କାହାକୁ
ଫେରି ଆସ ତୁମେ ଥରେ ।।୨।

ବିରହେ ତୁମରି    ହରେଇ ଗଲିଛି
ଜୀବନର ସବୁ କଛି
ଜୀବନ ଲାଗୁଛି    ପୁରା ଶୁନ ଶା।ନ୍
ତୁମେ ବିନା କଣ ଅଛି ।।୩।

ପାରୁନ ଭୁଲି ମୁଁ    ତୁମକୁ ମନରୁ
କେମିତି ଭୁଲିବି କୁହ
ପାରୁନ ବୁଝେଇ ଆଖିକୁ ମୋହର
ନରୋଳାରେ ଝରେ ଲୁହ ।।୪।

ଏତିକ ଜାଣିଛି ପ୍ରେମ ମୋ ଅମର
ପାରିବେନ କେହି ମାରି
ଶାଶ୍ୱତ ପ୍ରେମ ମୋ କଏ ସେ କେମିତି
ପାରିବେ ଅଲଗା କରି ।। ୫।

ଜାଣିଛି ଫେରିବେ    ଶ୍ରାବଣ ବର୍ଷାରେ
ଫଗୁଣର  ଫଗୁ  ରଙ୍ଗେ
ପୁନେଇ ରାତିର  ଚାନ୍ଦ ଜୋଛନାରେ
ଲୋଟି ଯିବ  ମୋର  ଅଙ୍ଗେ ।।୬।

ଫେର କି ନଫେର    ଫେରିବା ବାଟକୁ
ରହିଥିବି    ପ୍ରିୟା ଚାହିଁ
ଲେଖିବି କବିତା  ସଞ୍ଜ ନଇଁ ଗଲେ
ଯାଉଥିବ ରାତି ପାହି ।।୭।।

ବଡମଙ୍ଗ,କଳସପୁର,
ଆଳ, କେନ୍ଦ୍ରାପଡ଼ା

# ଶ୍ରୀମଦ୍ ଭଗବତ୍ ଗୀତାର ପଞ୍ଚଦଶ ଅଧ୍ୟାୟର ସାରକଥା



ନରେନ୍ଦ୍ର ପ୍ରସାଦ ବେହେରା

ଏ ଅଧ୍ୟାୟ ସମଗ୍ର ଗୀତା ଶାସ୍ତ୍ରର ତଥା ବେଦାର୍ଥର ସାର ସଂକଳନ ବୋଲି ପୂଜ୍ୟପାଦ ଆଚାର୍ଯ୍ୟ ଶଙ୍କର ଓ ଶ୍ରୀଧର ସ୍ୱାମୀ କହୁଛନ୍ତି । ଯେଉଁ ବ୍ୟକ୍ତି ଅନନ୍ୟ ଭାବରେ ଭଗବାନଙ୍କର ଉପାସନା କରିବେ ସେ ସଂସାରର ମାୟା ଜାଲକୁ ଛିନ୍ନ କରି ପାରିବେ । ତ୍ରିଗୁଣାତୀତ ନହେଲେ କେହି ମୁକ୍ତି ପାଇପାରିବେ ନାହିଁ । ଏ ସବୁ ପୂର୍ବ ଅଧ୍ୟାୟରେ ଭଗବାନ କହିସାରିବା ପରେ ଏ ଅଧ୍ୟାୟରେ ସଂସାର ବିଷୟରେ ସମ୍ୟକ୍ ଧାରଣା ଦେଲେ । ଏ ସଂସାରକୁ ଗୋଟିଏ ଅଶ୍ୱତ୍ଥ ବୃକ୍ଷ ବୋଲି ସେ କହିଲେ- ଯେପରି ଉପନିଷଦ ମାନଙ୍କରେ ବର୍ଣ୍ଣିତ ଅଛି । ଏ ବୃକ୍ଷର ମୂଳ ଉର୍ଦ୍ଧ୍ୱରେ -ପରଂବ୍ରହ୍ମ ଏହାର ମୂଳ । ଏହାର ଶାଖା ସବୁ ଉପର ଓ ତଳ ଆଡେ ବିସ୍ତୃତ । ଦେବତାମାନେ, ମନୁଷ୍ୟମାନେ ଓ ନାନାପ୍ରକାର ପଶୁପକ୍ଷୀ ଏ ବୃକ୍ଷର ଶାକ୍ଷା ରୂପେ କଳ୍ପିତ ହୋଇଅଛି । ପତ୍ର ସାହାଯ୍ୟରେ ବୃକ୍ଷ ପୁଷ୍ଟିଲାଭ କଲାପରି ଏ ସଂସାର ବୃକ୍ଷ ବେଦସବୁର ନିର୍ଦ୍ଦେଶାନୁସାରେ କର୍ମାନୁଷ୍ଠାନ କରି ତିଷ୍ଠି ରହିଛି । ଯେତେକାଳ ଜୀବ ବିଷୟ ବାସନାର ମାୟାରେ ଆବଦ୍ଧଥାଏ, ସେତେଦିନ ଯାଏ ତାର ଜ୍ଞାନ ଲାଭ ହୁଏ ନାହିଁ । ତୀବ୍ର ବୈରାଗ୍ୟ ଦ୍ୱାରା ସଂସାରର ମାୟା ଜାଲକୁ କାଟି ପାରିଲେ ମନୁଷ୍ୟ ପରମପଦ ଲାଭ କରିବାରେ ଅଗ୍ରସର ହୁଏ ।

ଜୀବାତ୍ମା ପରମାତ୍ମାଙ୍କ ଅଂଶ । କର୍ମଫଳ ଭୋଗ କରିବା ପାଇଁ ସେ ଉଚ୍ଚ ବା ନୀଚ ଯୋନି ଲାଭ କରେ । ସେ ମନ ଓ ଇନ୍ଦ୍ରିୟମାନଙ୍କ ସହିତ ପୁରାତନ ଶରୀର ତ୍ୟାଗ କରି ନୂତନ ଶରୀରକୁ ଯାଏ । ନୂତନ ଶରୀର ଲାଭକରି ପୁଣି ବିଷୟ ଭୋଗରେ ମାତିଯାଏ । ଜୀବାତ୍ମାର ଦେହ ତ୍ୟାଗ, ପୁନଃ ନୂତନ ଶରୀର ଲାଭ ଓ ଶରୀରରେ ଅବସ୍ଥାନ ମୂଢ ବ୍ୟକ୍ତିମାନେ ଜାଣି ପାରନ୍ତି ନାହିଁ, ଜ୍ଞାନୀବ୍ୟକ୍ତି ଜାଣିପାରନ୍ତି ।

ସୂର୍ଯ୍ୟଙ୍କର ଆଲୋକରେ ଜଗତ ଉଦ୍ଭାସିତ ହୁଏ । ସେହିପରି ଚନ୍ଦ୍ର ଓ ଅଗ୍ନିର ଆଲୋକରେ ମଧ୍ୟ । ମାତ୍ର ଏ ସମସ୍ତ ତେଜ ଜଗତକୁ ଧରି ରଖିଛନ୍ତି । ସେ ମଧ୍ୟ ପୃଥିବୀକୁ ଧାରଣ କରିବା ସଙ୍ଗେ ସଙ୍ଗେ ଔଷଧାଦିର ପୁଷ୍ଟି ବିଧାନ କରୁଛନ୍ତି - ଯାହା ଖାଇ ଜୀବଜଗତ ବଞ୍ଚିରହିଛି । ସେ ସମସ୍ତଙ୍କ ଦେହରେ ଜଠରାଗ୍ନି ରୂପରେ ସମସ୍ତ ଖାଦ୍ୟ ପଦାର୍ଥକୁ ହଜମ କରି ଶରୀରକୁ ପୁଷ୍ଟ କରୁଛନ୍ତି । ପରମାତ୍ମା ସମସ୍ତ ବେଦର ଜ୍ଞାତବ୍ୟ ତତ୍ତ୍ୱ , ବେଦାନ୍ତକୃତ୍ ଓ ବେଦବିତ୍ ଅଟନ୍ତି । ସମସ୍ତ ଭୂତଗଣ କ୍ଷରପୁରୁଷ ଏବଂ ସେମାନଙ୍କ ଶରୀରରେ ଥିବା ଆତ୍ମା ଅକ୍ଷର ପୁରୁଷ ଅଟନ୍ତି । ପରମାତ୍ମା କ୍ଷର ଓ ଅକ୍ଷର ପୁରୁଷଙ୍କଠାରୁ ଶ୍ରେଷ୍ଠ ଅଟନ୍ତି । ତାଙ୍କୁ ସମସ୍ତ ଲୋକ ଓ ସମସ୍ତ ବେଦରେ ପୁରୁଷୋତ୍ତମ କୁହାଯାଏ । ସେ ସମସ୍ତ ଜଗତର ରକ୍ଷକ, ପାଳକ, ଶାସକ ଅଟନ୍ତି । ମୋହତ୍ୟାଗ କରି ବୁଦ୍ଧିମାନ୍ ସାଧକ ପୁରୁଷୋତ୍ତମଙ୍କୁ ସର୍ବତୋଭାବରେ ପୂଜାକଲେ ସର୍ବଜ୍ଞ ଓ କୃତାର୍ଥ ହୋଇଥାନ୍ତି ।

ଏ ଅଧ୍ୟାୟରେ ପୁରୁଷୋତ୍ତମତତ୍ତ୍ୱ ବର୍ଣ୍ଣିତ ହୋଇଥିବାରୁ ଏ ଅଧ୍ୟାୟର ନାମକରଣ ପୁରୁଷୋତ୍ତମ ଯୋଗ କରାଯାଇଛି ।

ସଂଗ୍ରହକରୀ-ନରେନ୍ଦ୍ର ପ୍ରସାଦ ବେହେରା,
ଆଳଦା, ଖଇରା, ବାଲେଶ୍ୱର

ବେଦାନ୍ତୀକୁ ପଢିବା ସଙ୍ଗେ ସଙ୍ଗେ ଆପଣମାନଙ୍କୁ ଅନୁରୋଧ ଯେ ଆପଣଙ୍କ ପରିବାର ଏବଂ ସମ୍ପର୍କୀୟଙ୍କୁ ମଧ୍ୟ ଏହା ପଠାନ୍ତୁ । ଏହାଦ୍ୱାରା ଓଡିଆ ଭାଷାର ଲୋକପ୍ରିୟତା ନିଶ୍ଚିତ ରୂପେ ବଢିପାରିବ

# ସାଜିଲ ମନ
# ବିରହର ଦହନରେ



ପ୍ରଶାନ୍ତ କୁମାର ପଧାନ

ମିଛ ଭରସାରେ ଆଜିବି ବଞ୍ଚିଛି
ଲେଉଟିବ ତୁମେ ବୋଲି
ଚରସ୍ରୋତା ହେଲ୍ ଆଖିର ଶ୍ରାବଣ
ଯେବେଠାରୁ ଗଲ ଗୁଳି ।।
ଝାଉଁଳ ଗଲାଣି ଏ ଦେହ ଯୌବନ
ବିରହର ଦହନରେ
ସ୍ପନ୍ଦନର ବେଗ ଥମି ତ ଗଲାଣି
ଆଶାତୀତ ଅପେକ୍ଷାରେ ।।
କାରାଗାରର ସେ ଅପରାଧୀ ପରି
ସାଜିଛି ଏବେ ଜୀବନ
ପ୍ରେମ ବନ୍ଧନରେ ବନ୍ଦୀ କରି ତୁମେ
ଜାଳୁଅଛ ପ୍ରତିକ୍ଷଣ ।।
ମହମର ପରି ତରଳ ଯାଉଛି
ବିଚ୍ଛେଦର ଦାବାଗ୍ନିରେ
ଶେଷଦେଖା ଦିଅ ଶେଷଥର ପାଇଁ
ମୃତ୍ୟୁ ଏବେ ନିକଟରେ ।।
ଫେରିଆସ ଥରେ ମୁହୂର୍ତ୍ତେ ପାଇଁ
ଡେଇଁ ସବୁ ସୀମାରେଖା
ମୁକ୍ତ କରିଦିଅ ବନ୍ଧନରୁ ମୋତେ
ଦେଇଥରେ ଶେଷଦେଖା।।

ବୁର୍ଗେମୁଣ୍ଡା, ଗାଇସିଲାଟ, ବରଗଡ଼

# ଅଗଷ୍ଟ ପନ୍ଦର



ଚୈତନ୍ୟ ବାଗ

ଖୁସିର ଲହରୀ ଆଜି ଯାଉଛି ଖେଳ
ଅଗଷ୍ଟ ପନ୍ଦର ଆଜି ଆସିଛି ବୋଲି
ଛୋଟ ଶିଶୁ ଠାରୁ ଆବାଳ ବୃଦ୍ଧବନତା
ମୁହଁରୁ ହସ ଝରେ ମୋତି ପରିକା
ପଲ୍ଲୀପୁର ଗାଁ ସହର ଯାଏ
ରାଷ୍ଟ୍ରୀୟ ନାଦରେ ଘୁମୁରୀ ଯାଏ
କେତେ ଆଶା ଭରଷା ଭେଇଲ୍
କେତେ ବୀର ତାଙ୍କ ଜୀବନକୁ
କଲେ ପ୍ରଣୀପାତ
କ ଗୁଣ ଗାଇବି ମୁଁ ସେହି ବୀରମାନଙ୍କର
ହିଂସା ଅହିଂସା ସୂତ୍ରରେ କଲେ ସମର
ଧନ୍ୟହେ ବୀର ଧନ୍ୟ ଯବାନ
ମାତୃଭୂମି ଲାଗି ଦେଲ ଜୀବନ ॥

ଚଚଆ, କଳାହାଣ୍ଡି (ଫଟୋ)

# କଥା ଥିଲା..

ସ୍ୱପ୍ନାବତୀ ବେହେରା

ତୁମେ ଫେରିବ ଫଗୁଣ କୁ ନେଇ
କଥା ଥିଲା..
ହେଲେ ତୁମେ ଆସିଲନ,
କାହିଁ କେତେ ଲୋକ କେତେ କଥା କହିଲେ
ହେଲେ, ମନ ତୁମ ଅପେକ୍ଷା ରେ ଥିଲା..

ତୁମେ ଆସିବ,
ସାଙ୍ଗରେ ଫଗୁଣ ର ରଙ୍ଗ ନେଇ..
ଜୀବନ ଅଙ୍କା ବଙ୍କା ମୋଡ଼ରେ
ମୋ ସାଥେ ଚାଲିବା ପାଇଁ..

ମୁଁ କହି  ଦେଇଛି ସେ ଜହ୍ନକୁ
ତା ଜୋଛନା ରେ ଆମକୁ ଭିଜେଇବା ପାଇଁ
ଫୁଲ ବି କଥା ଦେଇଛି
ତା ମହକ ରେ ମହକେଇବା ପାଇଁ..

ବାସ, ଏବେ ଖାଲି ତୁମ ଅପେକ୍ଷା ରେ
ତୁମେ ଆସିବ ଇନ୍ଦ୍ରଧନୁ କୁ ନେଇ...
ଆମ ଜୀବନର ପ୍ରତି ମୁହୂର୍ତ୍ତ କୁ
ତା ରଙ୍ଗ ରେ ରଙ୍ଗେଇବା ପାଇଁ..

ଏତେ ଦିନ ର ଅପେକ୍ଷା,
ଦିନ ପରେ ରାତି..
ମାସ ପରେ ବର୍ଷ, ବିତି ଯାଉଥାଏ..
ହେଲେ ତୁମେ ଫେରିଲନି..

ତୁମେ ରହିଗଲ ଅଫେରନ୍ତ ବାଟୋଇ ହୋଇ
ମୋ ଆଖି ଥକ ଗଲାଣି ତୁମ ବାଟ ଚାହିଁ..
କିନ୍ତୁ ମନ ବୁଝୁନି କି ବୋଲ ମାନୁନି
ଭିଡ଼ ଭିତରେ ସେ ଚେହେରା ଖୋଜୁଛି
ହେଲେ ତୁମକୁ ପାଉ ନାହିଁ...

ନା ଫଗୁଣ ଫେରୁଛି ତା ରଂଗ ନେଇ
ନା ତୁମେ ଫେରିଲ..
ସବୁ ଯେମିତି ମତେ ଉପହାସ କଲେଣି
ହେଲେ ତୁମେ ଠକ ଦେଲ...

ତୁମେ ଫେଲନି..
କିନ୍ତୁ ମୋ ସ୍ୱପ୍ନ ହଜିଗଲା..
ତୁମ ସହ ବାଟ ଚାଲି ପାରିଲିନି..
ସବୁ ସ୍ୱପ୍ନ ସବୁ କଥା ..
କଥାରେ ରହି ଗଲା..

କେନ୍ଦ୍ରାପଡା

# ଗରିବଙ୍କୁ LOCKDOWN ର ଦଣ୍ଡ



ବିରେନ୍ଦ୍ର ରାଜହଂସ

ଏହି କରନା ମହାମାରୀ ସମୟରେ ସନଆ ଓ ତା ସ୍ତ୍ରୀ ମାୟା ତାଙ୍କର ଦୁଇଟି ପିଲା ନଟ ଓ ବଟ। ସନଆ ଓ ମାୟା ଦିନ ରାତି ପରିଶ୍ରମ କରି ନିଜ ଖର୍ଚ୍ଚ ଆଉ ତାଙ୍କର ପିଲାମାନଙ୍କର ଖର୍ଚ୍ଚ ବାହାର କରି ନେଉଥିଲେ।

ସନଆ ଗୋଟିଏ ଅଟୋ ଚଳାଇ କିଛି ରୋଜଗାର କରୁଥିଲା ଏବଂ ମାୟା କିଛି ଘରେ ଖାଇବା ପ୍ରସ୍ତୁତ କରିବା ସହିତ ବାସନ କୁସନ ମାଜିବା ଘର ଓଳାଇବା ଏ ସମସ୍ତ କାର୍ଯ୍ୟ କରି କିଛି ପଇସା ଆଣୁଥିଲା। ପିଲାମାନଙ୍କର ଆଡ଼ମିଶନ ମଧ୍ୟ ସରକାରୀ ସ୍କୁଲରେ କରାଇ ଦେଇଥିଲେ। କିଛି ଦିନ ପରେ ହୋଲି ପର୍ବ ଆସି ଯାଇଥିଲା । ପିଲାମାନେ ଛୋଟ ଛୋଟ ଥିଲେ ଏବଂ ଛୋଟ କକ୍ଷ ରେ ପାଠ ପଢୁଥିଲେ।

ମାୟା ର ବାପ ଘରେ ମାୟା ଆଉ ମାୟାର ଭଉଣୀ ଏବଂ ତାଙ୍କର ମା ହୋଇ ଗୋଟିଏ ପରିବାର ଥିଲେ। ମାୟା ର ବାହାଘର ହୋଇଯିବାରୁ ସେ ତାର ଶ୍ୱଶୁର ଘରେ ରହିଲା। କିଛି ଦିନ ପରେ ମାୟା ର ବାପ ଘରେ ତା ଭଉଣୀ ର ବାହାଘର ଠିକ ହୋଇଯାଇଥିଲା। ମା ଏକା କେମିତି ସମ୍ଭାଳିବେ ଗୋଟିଏ ବୋଲି ଭଉଣୀ ଥିଲା। ତାଙ୍କର ଯିବା ବି ମଧ୍ୟ ଉଚିତ ଥିଲା। ସେମାନେ ଭାବିଲେ:-

ମାୟା:- ଆମେ ଗୋଟିଏ ସପ୍ତାହ ପାଇଁ ବାପ ଘରକୁ ଯିବା । ହୋଲି ମଧ୍ୟ ମନାଇବା ଏବଂ ବାହାଘରଟି ସୁରୁଖୁରୁରେ ସରିଯିବ ଆଉ ତାପରେ ଆମେ ଘରକୁ ଫେରି ଆସିବା।

ସନଆ:- ହଉ ମାୟା ତମେ ଠିକ କହିଛ । ତମର ଭଉଣୀ କଣ ମୋର ଭଉଣୀ ନୁହେଁ ଆମେ ନିଶ୍ଚିତ ଯିବା।

ସନଆ ଏବଂ ମାୟା ମାର୍କେଟିଂ ପାଇଁ ବଜାରକୁ ବାହାରିଲେ। ମାୟା ନିଜ ଭଉଣୀ ପାଇଁ ଶାଢ଼ୀ କିଣିଲା ଆଉ ବର ପାଇଁ ପୋଷାକ ନେଲା ଏବଂ ନିଜ ପିଲାମାନଙ୍କ ପାଇଁ ଆଉ ନିଜ

ସ୍ୱାମୀ ଆଉ ନିଜ ପାଇଁ ମଧ୍ୟ କିଛି ପଷାକ କିଣିଲା। ସନିଆ ଯେତିକ ଅଟୋ ଚଳାଇ ପରିଶ୍ରମ କରି ରୋଜଗାର କରିଥିଲା ସବୁ ଜିନିଷ କିଣାରେ ହିଁ ସରିଗଲା। ଆଉ ସନିଆ ପାଖରେ ଯେତିକ ପଇସା ଥିଲା ସେତିକ ପଇସା ରେ ସେମାନେ ଦିଲ୍ଲୀ ରୁ ଶାହାଜାହାନ ଯିବାପାଇଁ ବହାରିପଡିଲେ। ହୋଲି ପାଇଁ କେତେକ ଜାଗାରେ ଏହା ଘୋଷଣା ହୋଇଥିଲା କ କୌଣସି ପ୍ରକାର ମହାମାରୀ ଆସିଛି ଯାହାକୁ ନେଇ ସରକାର ଏକାଧିକ ଲୋକଙ୍କୁ ଏକାଠି ହେବା ପାଇଁ ମନା କରୁଛନ୍ତି। ହୋଲି ପରେ ମାୟା ର ଭଉଣୀ ବାହାଘର ଥିଲା । ବାହାଘର ପରେ ତୃତୀୟ ଦିନ ସେମାନଙ୍କୁ ଟ୍ରେନ ଧରିବାର ଥିଲା କିନ୍ତୁ ବାହାଘର ପରର ତୃତୀୟ ଦିନ ହିଁ ପୁଅ ନଟ କୁ ଜ୍ୱର ହୋଇଗଲା। ମାୟା ବିଚଳିତ ହୋଇଗଲା କ କଣ କରିବ । ଏତେ ଜ୍ୱରରେ ପୁଅକୁ କେମିତି ବା ଘରକୁ ନେଇକ ଯିବ। ତାର ବାପ ଘରେ ମା କୁ ଛାଡି ଆଉ କେହି ନ ଥିଲେ । ସେ ବିଗୁରୀ ବି ଲୋକଙ୍କ ଘରେ କାମ କରି କିଛି ପଇସା ଆଣି ଦୁଇ ଝିଅକୁ ବିବାହ କଲା। ସନିଆ ସକାଳୁ ସକାଳୁ ହିଁ ଯାଇ ପିଲାକୁ ଡାକ୍ତର ପାଖରୁ ଦେଖାଇ ଆଣିଲା। ଡାକ୍ତର କହିଦେଇଥିଲେ କ ଏତେ ଜ୍ୱର ରେ ପିଲାକୁ ଟ୍ରେନ କମ୍ବା ବସ ରେ ନ ନେଇ ଯିବା ପାଇଁ ନ ହେଲେ ଜ୍ୱର ଆହୁରି ବଢ଼ି ପାରେ।

ସନିଆ ମାୟା କୁ କହିଲା :- ଆଚ୍ଛା ତମେ ରହିଯାଅ । ପିଲାଟି ଭଲ ହେଲେ ତମେ ନେଇକ ପଳେଇ ଆସିବ । ଆଉ ମୁଁ ଅଟୋ ଚଲାଇ ତ କିଛି ରୋଜଗାର କରି ଦେଇଥିବି । ଏବେ ତ ପାଖରେ ପଇସା ନାହିଁ। ମୁଁ ରୋଜଗାର କରି ତମକୁ ପଇସା ମଧ୍ୟ ପଠାଇ ଦେବି। ତମେ ମା ଙ୍କୁ କିଛି ପଇସା ଦବ ଆଉ ଘରକୁ ଆସିବ।

ମାୟା କିଛି କହିଲା ନାହିଁ। କିନ୍ତୁ ତା ମୁହଁ ରେ ଉଦାସ ଖେଳିଗଲା ଏବଂ ସନିଆ କୁ ବେଗ ଟି ଦେଇଦେଲା। ମାୟା ସନିଆ କୁ ଏକା ଛାଡିବାର ଠିକ ଲାଗୁନଥିଲା କିନ୍ତୁ ପଇସା ର ଅଭାବ ଥିଲା ଯିବାକୁ ତ ପଡ଼ିଥାନ୍ତା।

ସନିଆ ଦିଲ୍ଲୀ ଷ୍ଟେସନ ରେ ପହଞ୍ଚିଲା ତ ତାର ଦେହ ଦରଜ ହୋଇଯାଇଥିଲା ସେ ଥକ ଯାଇଥିଲା ମୁଣ୍ଡ ବି ବିନ୍ଧୁଥିଲା। ସେ ଭାବିଲା ଥକି ଯିବା କାରଣରୁ ବୋଧ ହୁଏ ଏମିତି ହୋଇଛି । ଘରକୁ ଯାଇ ଟିକେ ଶୋଇପଡିଲେ ଆରାମ ଲାଗିବ। ମାୟା କିଛି ଖାଇବା ଜିନିଷ ଏବଂ ମିଠା ବି ରଖିଦେଇଥିଲା । କିନ୍ତୁ ତାର ଖାଇବାର ଇଚ୍ଛା ହେଲା ନାହିଁ। ସେ ଗୋଟେ ଗ୍ଲାସ ପାଣି ପିଇ ଶଇପଡ଼ିଲା । ଭାବିଲା ସନ୍ଧ୍ୟା କୁ ଅଟୋ ନେଇ ବହାରିଯିବ । ଯେତେବେଳେ ତା ନିଦ ଭାଙ୍ଗିଲା ଦେଖିଲା ତ ଅନ୍ଧାର ହୋଇଯାଇଥିଲା । ସେ ଘଣ୍ଟା କୁ

ଦେଖିଲା ତ ସାତ ଟା ବାଜି ଯାଇଥାଏ ଏବଂ ମୋବାଇଲ ରେ ମାୟା ର ଫୋନ ଆସିଯାଇଥାଏ ସେ ତୁରନ୍ତ ଯାଇ ଫୋନ ଉଠାଇ କହିଲା:-

ଦେହ ଭଲ ଲାଗୁ ନ ଥିଲା ସେଥିପାଇଁ ଶଇପଡିଥିଲି ।

ସନଆ:-ପୁଅ ର ଜ୍ୱର ଭଲ ହୋଇଗଲା।

ମାୟା:-ହଁ, ଟିକେ ଦୁର୍ବଳ ଲାଗୁଛି ।

ତାପରେ ସନଆ ବେଡ଼ ରୁ ଉଠିଲା ଆଉ ମୁଣ୍ଡ ବୁଲାଇବାର କଛି ଅନୁଭବ କଲା ଏବଂ ଭାବିଲା ଡାକ୍ତର ଙ୍କୁ ଦେଖାଇ କଛି ମେଡ଼ିସିନ ନେଇ ଆସିବ। ସେ ଅଳ୍ପ ବହୁତ ଖାଇଲା ତାପରେ ଔଷଧ ନେଇ ଆସିଲା । ତାକୁ ସେତିକ ବାଟ ଯିବା ଆସିବା ଭିତରେ ଥକ୍କା ପଣ ଲାଗିଲା। ରାତିରେ ସେ ଔଷଧ ଖାଇ ଶୋଇବାକୁ ଗଲା କନ୍ତୁ ରାତିସାରା ଅସ୍ତବ୍ୟସ୍ତ ଲାଗୁଥାଏ ନଦ ଅସୁନଥାଏ। ସକାଳୁ ଉଠି ସେ ବେପାର ପାଇଁ ବାହାରିଲା ଏବଂ ଅଟ ଷ୍ଟାର୍ଟ କରିବା ଭିତରେ ଦେଖିଲା କୌଣସି ଜାଗାରେ ଗୋଟେ ବି ଲୋକ ଦେଖାଯାଉନାହାନ୍ତି। ସେ ଭାବିଲା ଇଏ କଣ ହେଲା ।ତାପରେ ଘରକୁ ଫେରି ଆସିଲା ଏବଂ ଟିଭି ରେ ଦେଖିଲା କ ସବୁ ଚ୍ୟାନେଲ ରେ ଗୋଟିଏ ଦିନ ପାଇଁ LOCKDOWN ର କଥା ପ୍ରସାରିତ ହେଉଛି। ତେଣୁ ସେ ତୁରନ୍ତ ମାୟା କୁ ଫୋନ କଲା ଆଉ ତାକୁ ସବୁ କଥା କହିଲା ତାପରେ-

ମାୟା:-ଏହି ଠାରେ ବି କେହି ଗୋଟେ ବି ଲୋକ ବାହାରକୁ ବାହାରୁନାହାନ୍ତି।

ତାପରେ ସନଆ ଦିନସାରା ଟିଭି ସାମ୍ନା ରେ ହିଁ ଶୋଇପଡ଼ିଲା । LOCKDOWN ଖବର ଶୁଣି ଚନ୍ତିତ ହୋଇଗଲା। ମନେ ମନେ ଭାବିଲା ଦୁଇ ଦିନ ହେଲାଣି ପଡିରହିଛି ପିଲାମାନଙ୍କ ପାଇଁ କେମିତି ମୁଁ ପଇସା ପଠାଇବି ଓ କେମିତି ସେମାନେ ଘରକୁ ଆସିବେ । ଭାବି ଭାବି ହିଁ ସେ ଶୋଇ ପଡ଼ିଲା। ସକାଳୁ ଉଠିଲା ଦେଖିଲା ତ ତାକୁ ଭାରି ଜ୍ୱର ହୋଇଛି ତାତିରେ ଖୋଇ ଫୁଟୁଛି । ସେ ତାର ସାଙ୍ଗ ବିଭୁତି କୁ ଫୋନ କଲା ଏବଂ ତାକୁ ଡାକ ସବୁ କଥା କହିଲା ।

ସନଆ:-ଭାଇରେ ମତେ ହସ୍ପିଟାଲ ନେଇକ ଚାଲ ମତେ ଭାରି ଜ୍ୱର ହୋଇଛି ମୋଟେ ଭଲ ଲାଗୁନାହିଁ।

ବିଭୁତି ମଧ୍ୟ ତାକୁ ହସ୍ପିଟାଲ ନେଇକ ଗଲା ଏବଂ ବାଟରେ LOCKDOWN ର କଟକଣା ଯୋଗୁଁ ପୋଲିସ ଥାଏ । ତାକୁ ଜ୍ୱର ହୋଇଛି ବୋଲି କହି ବୁଝାଇ ସୁଝାଇ ହସ୍ପିଟାଲ ନେଇକ ଗଲା। ବିଭୁତି ସନଆ କୁ ହସ୍ପିଟାଲ ରେ ଆଡ଼ମିଟ କରି ତାର ଫୋନ ଆଣିବାକୁ

ଭୁଲିଯାଇଥିବାରୁ ସେ ଫୋନ ଆଣିବାକୁ ଘରକୁ ଆସିଲା ଏବଂ ସେ ସକାଳୁ ସକାଳୁ ହସ୍ପିଟାଲ ଯାଇ ଦେଖିଲା ତ ସନଆ ବେଡ଼ ରେ ନାହିଁ ଡାକ୍ତର କହିଲେ-

ଡାକ୍ତର:-ସନଆ କାଲି ରାତିରୁ ହିଁ ବ୍ରେନ କାରଣ ଯୋଗୁଁ ମରିଗଲେ । ଆମେ ତାଙ୍କୁ ବଞ୍ଚାଇ ପାରିଲୁ ନାହିଁ। ତାଙ୍କ ଘରକୁ ମଧ୍ୟ ସଂପର୍କ କରିବାକୁ ଚାହିଁଚୁ, କିନ୍ତୁ ହେଲା ନାହିଁ।

ବିଭୁତି ସାଙ୍ଗେ ସାଙ୍ଗେ ମାୟା କୁ ଫୋନ କରି ସବୁ କଥା କହିଲା। ମାୟା ବହୁତ କାନ୍ଦି ଏବଂ ନିଜ ସ୍ୱାମୀ ର ଶେଷ ଦର୍ଶନ କରିବା ପାଇଁ ସେ ବହୁ ପ୍ରକାର ଚେଷ୍ଟା କଲା ମଧ୍ୟ କିଛି ଲାଭ ହେଲା ନାହିଁ ଏବଂ ବିଭୁତି କୁ ଫୋନ କରି କହିଲା-

ମାୟା:-ମୁଁ ଏଡ଼େ ଅଭାଗିନୀ ଯେ ମୋ ସ୍ୱାମୀ ର ଅନ୍ତିମ କ୍ରିୟା, ଶବ ସତ୍କାର ଦେଖିବା ବି ମୋ ଭାଗ୍ୟରେନାହିଁ। ତମେ  ତାଙ୍କର ଅନ୍ତିମ ସତ୍କାର କରିଦିଅ।

ଶେଷରେ ବିଭୁତି ତାର ସାଙ୍ଗ ସନଆ ର ମରଶରୀରକୁ ଡାକ୍ତରଖାନାରୁ ନେଇଆସି ଅନ୍ତିମ ସତ୍କାର କଲା।

ମାୟା କୌଣସି ପ୍ରକାର ରେ ନିଜ ପୁତ୍ରମାନଙ୍କୁ ନେଇ ସେହି ଗାଁ ରେ କ୍ରିୟାକର୍ମ କରାଇଦେଲା ଏବଂ ସ୍ୱାମୀ ମରିବାର ତେର ଦିନ ପରେ ସେଇ ଗାଁ ର କୌଣସି ଏକ ନଈ ରେ ତିନଟି ମରଶରୀର ଭାସିବାର ଗାଁ ଲୋକେ ଦେଖିଲେ ଏବଂ ଜାଣିଲେ ଯେ ଏହା ମାୟା ଆଉ ତାର ଦୁଇ ପୁଅ।

ଗରିବଙ୍କୁ LOCKDOWN ର ଏତେ ବଡ ଦଣ୍ଡ ମିଳଥିଲା କି ଯେତେବେଳେ ଲୋକମାନେ ଦେଖିଲେ ତାଙ୍କ ଆଖିରେ ଲୁହ ଆସିଗଲା। ସବୁ ଗରିବଙ୍କ ମନରେ ଗୋଟିଏ କଥା ଚାଲୁଥାଏ କି ଆଗକୁ ଆଉ କେଉଁ ପ୍ରକାର ବିପତ୍ତିର ସମ୍ମୁଖୀନ ହେବେ ଏହି ଗରିବମାନେ। ଏକଥା କେହି ଜାଣିନଥିଲେ ଗାଁ ରେ ଶୋକଛାୟା ଖେଳ ଗଲା।

ବିକ୍ରମ ଚନ୍ଦ୍ର ପୁର, ବୌଦ୍ଧ

# ଗୋପବନ୍ଧୁ ସ୍ମରଣେ

ଶେଷଦେବ ପଣ୍ଡା

ସଳତା ପରି ଜାଳିଲ ନିଜ ଦେହ
ହେ ଉତ୍କଳମଣି ମହାମନା,
ଝୁରଇ ଉତ୍କଳ ଝୁରେ ଉତ୍କଳୀୟ
ସୃଷ୍ଟି କଲ ସେବାର ଝରଣା ।

ବୁଭୁକ୍ଷୁ ମାନବ ଆତ୍ମା ଶାନ୍ତି ପାଇଁ
କେତେ ତୁମ ପ୍ରାଣ କାନ୍ଦି ନାହିଁ,
ନିଜ ସନ୍ତାନକୁ ଉତ୍ସର୍ଗ କରିଛ
ଶତ ଶତ ଦେଶବାସୀ ପାଇଁ ।

ଉତ୍କଳ ଜନନୀ ଅଙ୍କ ବିମଣ୍ଡନ
କରି ନେଇଥିଲ ଜନ୍ମ,
ନିଃସ୍ୱାର୍ଥଭାବରେ ମଣିଷସେବାରେ
ମାଆକୁ କରିଛ ଧନ୍ୟ ।

ଲେଖନୀମୂନରେ ଝରାଇ ଅମୃତ
ବୁଣିଅଛ ବିପ୍ଳବର ବୀଜ,
ତୁମ କଳପନା ବନବିଦ୍ୟାଳୟ
ତୁମ ଚିନ୍ତାପ୍ରସୂତ ସମାଜ ।

ବନ୍ଦୀର ଆତ୍ମକଥା ସେ କାରାକବିତା
ଧର୍ମପଦ ଗାଏ ତୁମ ଗାଥା,
ଆହେ କର୍ମଯୋଗୀ ସିଦ୍ଧ ଦେଶ
ଭକ୍ତ ଝୁରେ ତୁମ ଅବକାଶ ଚିନ୍ତା ।

ମାତୃଭୂମି ମାତୃଭାଷାର ପୂଜାରୀ
ସ୍ରଷ୍ଟା ତୁମେ ନବ ଉତ୍କଳର,
ଭାଷା ଆନ୍ଦୋଳନ ଜାଗ୍ରତ ପ୍ରହରୀ
ଅମଳିନ ଆଦର୍ଶ ତୁମର ।

ଆଦରି ନେଇଛ କାରା ପରାଭବ
ଫିରିଙ୍ଗିର କେତେ ନିର୍ଯ୍ୟାତନା,
ବୁଲି ପୁରପଲ୍ଲୀ କରିଛ ପ୍ରଚାର
ବାପୁଙ୍କର ସ୍ୱରାଜ୍ୟ ଭାବନା ।

ସ୍ୱାଧୀନତା ପାଇଁ କେତେ ନ ଲଢିଛ
ପରିଣତ ବୟସର ବେଳେ,
ସ୍ୱତନ୍ତ୍ର ଓଡିଶା ଗଠନର ଲାଗି
ନିଦ ନ ଥିଲା ତୁମ ଚକ୍ଷୁରେ ।

ଆଣ୍ଠୁ ନ ଲୁଚଇ ବସନ ତୁମ୍ଭର
ବରିନେଲ ଦରିଦ୍ରର ଦୀକ୍ଷା,
ଫୁଲ ପରି ଅତି କୋମଳ ଅନ୍ତର
ଦେଲ ଏ ଜାତିକୁ ମହାଶିକ୍ଷା ।

ତୁମ୍ଭ ଅବସାନେ ଉତ୍କଳ ଗଗନେ
ଘୋଟିଅଛି ବିଷାଦର ଛାୟା,
ଚରନଦ୍ୱା ବରିନେଲ ହେ ପୂଣ୍ୟାତ୍ମା
ସୁରଭି ବିତରି ଦେଇ ଆହା ।

ଅର୍ପଣ କରୁଛୁ ଅଶ୍ରୁ ଶ୍ରଦ୍ଧାଞ୍ଜଳି
ଢାଳଦିଅ ଆଶିଷର ବିନ୍ଦୁ,
ପ୍ରବାଦ ପୁରୁଷ ଚର ସ୍ମରଣୀୟ
ଦରିଦ୍ରର ବନ୍ଧୁ ଗୋପବନ୍ଧୁ ।

"ସୃଷ୍ଟିନୀଡ"
ମୁଦଲସର, ପାଟଣାଗଡ
ବଲାଙ୍ଗିର

# ଶିକ୍ଷିତ କଏ



ନବୀନ କୁମାର ପଧାନ

ବୟସର ଅପରାହ୍ଣରେ ସହରର ରାଜରାସ୍ତାରେ ଭେଟ ହୁଏ ଦୁଇଜଣ ଭିକାରୁଣୀଙ୍କର | ଜଣେ ଅପରଜଣକୁ ପଚାରେ ତାର ଭିକାରୁଣୀ ହେବାର କାରଣ । ଉତ୍ତର ଆସେ ମୋ ପୁଅକୁ ମୁଁ ଦାଦନ ଯାଇ ପାଠ ପଢ଼େଇଲି, ଶିକ୍ଷିତ କଲି ପୁଅ ଚାକରୀ କଲା । ତାର ଇଛାରେ ବିବାହ କଲା । ବିରାଟ ଧନୀ ଲୋକର ଜ୍ୱାଇଁ ହେଲା । ମୋର ସ୍ୱାମୀର ମୃତ୍ୟୁ ପରେ ମୁଁ ଅଲୋଡ଼ା ହୋଇଗଲି । ମୁଁ ଘରେ ଥିଲେ ବୋହୂ ସବୁବେଳେ ପୁଅ ସହିତ ଝଗଡା କରେ । ମୁଁ ନ ଥିଲେ ଘରେ ଶାନ୍ତି ଥାଏ । ବୋହୂର ବାପା ଘର ଲୋକେ ସବୁବେଳେ ଆସନ୍ତି । ସେମାନଙ୍କ ପାଇଁ ସ୍ୱାଦିଷ୍ଟ ଭୋଜନ ପ୍ରସ୍ତୁତ ହୁଏ । ମୁଁ ଦେଖିବାକୁ କଳା ରଙ୍ଗ । ବୋହୂ ମା ବୋଲି ଡାକବାକୁ ଲାଜ କରେ ।ପରିଶେଷରେ ବୋହୂ କଥାରେ ପୁଅ ଘରୁ ତଡିଦିଏ । ସେଇଥିପାଇଁ ମୋର ଏ ଅବସ୍ଥା | ଉତ୍ତରରେ ଅନ୍ୟ ଭିକାରୁଣୀ କହେ ଆମର ଏପରି ହୁଏନ । ଆମେ ଗରିବ ସତ କଏ ଭିକ ମାଗେ ତ କଏ ମଜୁରୀ କରେ | ତୋ ପୁଅ ପାଠ ପଢ଼ିଛି କେବଳ ସାକ୍ଷର ଶିକ୍ଷିତ ନୁହେଁ | ମୋ ପୁଅ ନିରକ୍ଷର ହୋଇ ବି ଶିକ୍ଷିତ କାରଣ ମୋର ଅବହେଳା କରେନ |

ସାକ୍ଷର ଶବ୍ଦ ସହିତ ଶିକ୍ଷିତ ଶବ୍ଦର କୌଣସି ସମ୍ପର୍କ ନାହିଁ । କେବଳ ପାଠ ପଢିଲେ ଜଣେ ସାକ୍ଷର ହେବ ଶିକ୍ଷିତ ହୋଇ ପାରିବ ନାହିଁ ।

ସାନଫାସଡ଼, ବଲାଙ୍ଗୀର

# କଙ୍କାଳ



ଧୀରେନ୍ଦ୍ର କୁମାର ପ୍ରଧାନ

ସେ କହିପାରେନ
ବଲବଲ କରି ଗୁହିଁ ରହେ
ନୁଖର୍‌ ମୁଣ୍ଡରେ ଫଟା ଓଢଣୀ
ଆଖିରେ କେତେକେତେ ମୃତ ଭୋକର
ଓପାସିଆ କୋରଡ ।
ଲୁଗ୍ସଇବାକୁ ଯାଇ ବିଫଳ ତାର
ମାତୃତ୍ୱର ଶୁଖିଲା ସ୍ରୋତ ।
ଆଖିରେ ଭଣଭଣ ହଉଥିବା ମାଛିକୁ
ଦିଏ ଅବାଧ ପ୍ରବେଶର ଅନୁମତି ।
ଶେଥୁଆ ମାଢି ଦେଖେଇ ହସିଦିଏ ।
କାନ୍ଦି କଆଁ ସାରିଦେବ ପିଲ୍‌ପାଇଁ
ରଖିଥିବା ଦେହର ବାକ ଜଳ ।

କାଖରେ କେତେ କେତେ
ବାଟହୁଡା ଭିଟାମିନ୍ ଯୋଜନା ।
ଆଉ କଅଁଳା ମୁହଁ ରେ ନକାନ୍ଦିବା ପାଇଁ
ଧନୀ ଦିଏ ଖେଳଣା ନପଲ୍
ଆଉ ଗରିବ ଦିଏ ସତସତିକା
କନ୍ତୁ ଉଭୟ ରସହୀନ ।

ଆଉ ତା ନାକରୁ କୁପୋଷଣର ଦୁଇଧାର ଶୁଖିଲା ମରୁଡି।
କେଉଁ ମୂର୍ତ୍ତି କାରର ପ୍ରାକ୍ ବାଉଁଶ ଫ୍ରେମ୍ ରେ
ପାଳ ମଡା ହୋଇଛି ।
ସତେ ଯେମିତି ଭକଲା
ଶୁଖିଲାଙ୍କ ଫାସନ୍ ସୋ
ଆଉ ଅଭାବୀ ର ବିକଳପଣର ପ୍ରଦର୍ଶନୀ।
ଆଉ ତା ମୁହଁ ରେ ଆଶାର ସ୍ୱପ୍ନ
କେବେ ତା ଛାତିରୁ ଝରିବ ଜୀବନ ସ୍ରୋତ **?**

ଭେକଲା କୁ ମୁଠେ ଦେବା,,,,,, ଚାଲ
କଙ୍କାଳ କୁ ଜୀବନ୍ୟାସ ଦେବା।

ଝଜିରୀ, ଅନୁଗୁଳ

# ଲହରୀ



ଗଜାନନ ମିଶ୍ର

ନଦୀକୁ କହିଲି
ତୁ ମହାନଦୀ
ସେଇଠି ରହି ଯା
ପୋତି ହୋଇ ଯା!

ମହାମାରୀକୁ କହିଲି
କ ନାମରେ ଡାକବି ତତେ
ଉଚ୍ଚାରିଲ୍ ମାତ୍ରେ
ଟାକଛି ସରକାର
ବାନ୍ଧି ନେବ ମତେ!

ରେ ଆକାଶ,
ସାକ୍ଷୀ ଥା।
ଜମାରୁ କହିବି ନ
ଓକଲ୍ତି କରିବୁ ଆ
ମୋ ପାଇଁ ରାଜାଙ୍କ ଦରବାରରେ ।

ବହିଲ୍ ପବନକୁ
କହିବି ନ କଛି।
ମେଘଙ୍କୁ ଡାକବି
ନୂଆ ଭୂମିକା ଲେଖିବାକୁ
ପ୍ରଜାପତିଙ୍କ ଗହଣରେ।

ସମୁଦ୍ରକୁ କହିବି
ସୁଗନ୍ଧରେ ଭରି ଦେବାକୁ
ଦେହକଷ୍ଟର କାହାଣୀରେ।
ଯୋଉ ଧାର୍ ବହି ଗ୍ଲିଛି
ବହିବାକୁ ଦେଇ ରଙ୍ଗ ଚଢେଇବି
ନୂଆ ନୂଆ ପ୍ରତି ସକାଳରେ।

ପରିଚୟ ଦେବାକୁ ଗଲ୍ବେଳେ
ନାମ କହିବା କ ଜରୁରୀ!
ପୁଣି ପୁଣି ଅନ୍ଧାର ଆଡକୁ
ଦବି ଦବି ଯାଉଥିଲ୍ବେଳେ ପାଦ
ଖେଳେଇବାକୁ ପଡେ ଲହରୀ।
ଆରେ ହେ ଏଇଠୁ
ମୁଁ ମୋର ଯାଉଛି ପ୍ରସରି ପ୍ରସରି ।

ତପୋବନ, ଟିଟିଲ୍ଗଡ, ବଲ୍ଙ୍ଗୀର

# ଶାନ୍ତିର ମହକ

ଘନ ମେହେର

ବସୁମାତାକୁ ତୁ ଆସିଛୁ
ଖେଳ ସାରି ସଂସାରୁ ଯିବୁ ॥
ଲୀଳା ଖେଳ ଯେ ସାରିଯିବୁ
ତୁ ପରମାତ୍ମା ପାଖକୁ ॥
ଦୁନିଆକୁ ତୁ ଯେ ଆସିଛୁ
କରି ଯା ଧର୍ମ ଆଜି ଠାରୁ ॥
କାଳ କାଳକୁ ଯଶ ତୋର
ରହିବ ସଂସାରେ ତୁମର ॥
ତୋ ପାଖରେ ଯେ ଅଛି ସବୁ
ନ ଭାବ ତୁଚ୍ଛ ନିଜକୁ ॥
ଶାନ୍ତି ବିରାଜ କରିଥାଉଁ
ଏ ଜଗତ ତୁମରି ଥାଉଁ ॥
ଅଳପ କାଳ ଯେ ମଣିଷ
ସଂସାର ରଥେ ଯେ ମଣିଷ ॥
ଆଜି ଠାରୁ ଯେ ଧର୍ମ କର
ରହିବ କୀରତି ତୁମର ॥

ଚନ୍ଦନଭାଟି, ବଲାଙ୍ଗିର

# ଶକ୍ତିଶାଳୀ କାନ୍ଧ

ମନୋଜ କୁମାର ବେହେରା

ନରୁ ଚଟି ବାଲ୍ ସହ ଦୁଆର ପାଖରେ ଠିଆ ହୋଇ ଅପେକ୍ଷା କରିଥିଲା । ସେନାର ଅଧିକାରୀ ତିରଙ୍ଗାରେ ଘୋଡା ହୋଇ ତା'ର ସ୍ୱାମୀର ଶବକୁ ନେଇ କରି ପହଞ୍ଚିଲେ । ଦୁଆର ପାଖରୁ ସେ ତା'ର ସ୍ୱାମୀଙ୍କୁ ପ୍ରଣାମ କଲା । ଆଉ ଘର ଭିତରକୁ ଯାଇ ଭିତରୁ କବାଟ ଦେଇଦେଲା । ଧୀରେ ଧୀରେ ଆଖ ପାଖ ଲୋକମାନଙ୍କର ଭିଡ ଛୁଟିବାରେ ଲାଗିଲା। ସବୁ ବନ୍ଧୁ ବାନ୍ଧବମାନେ ଆସିବାକୁ ଲାଗିଲେ । ପ୍ରଥମେ ଲୋକଙ୍କୁ ଆଶ୍ଚର୍ଯ୍ୟ କ'ଣ ହେଲେ ନୀରୁର । ଆଜକୁ ଚଉଦ ଦିନ ତଳେ ବାହା ହୋଇଥିଲା । ସେଠୁ ଜଣେ ବୃଦ୍ଧା କହିଲେ.. ଭଗବାନ ବହୁତ ଅନ୍ୟାୟ କଲେ ଏ ଝିଅ ଉପରେ । ଏବେ ତା' ହାତରୁ ମେହେନ୍ଦିର ଦାଗ ଲିଭି ନାହିଁ । ଆଉ ତା' ସ୍ୱାମୀର ମୃତ୍ୟୁ ହୋଇଗଲା । ସେ ବୃଦ୍ଧାର ଝିଅ ପ୍ରତିବାଦ କରି କହିଲା, ଶହୀଦର ସ୍ତ୍ରୀ କେବେ ବିଧବା ହୁଏ ନାହିଁ ।

ଆଉ ଜଣେ ମହିଳା କହିଲେ, ଏସବୁ ସହି ନପାରି ଭିତରୁ କବାଟ ଭିତରେ କ'ଣ କରୁଛି କେଜାଣି । ସେଠି ଆଉ ଜଣେ ମହିଳା ଥିଲେ ସେ କହିଲେ, ଫୌଜୀର ସ୍ତ୍ରୀ ଯେତେ ଦୁଃଖରେ ଥାଉ ନା' କାହିଁକି ସେ କେବେ ଦୁର୍ବଳ ହୋଇ ନଥାଏ ।

ଜଣେ ଯୁବକ କହିଲା ଆମେ ଏ ସବୁ ଫିଲ୍ମରେ ଦେଖୁ । ଫୌଜୀର ସ୍ତ୍ରୀ ତା' ସ୍ୱାମୀକୁ ଯେତେବେଳେ ମୋର୍ଚ୍ଚାକୁ ଯୁବାକୁ ହୁଏ ତା' ସ୍ତ୍ରୀ ହସି ହସି କରି ବିଦାୟ ଦିଏ । କେତେ ବାହାଦୁର ଏହି ମହିଳା ମାନେ । କନ୍ତୁ ଆଜି ପ୍ରତ୍ୟକ୍ଷ ଦେଖୁଛି ମୁଁ ।

ଶବକୁ ଆଣିଥିବା ସେନା ଅଧିକାରୀ ମାନେ ବାହାରେ ଛିଡା ହୋଇ ଅନ୍ତିମ ରୁପ ଦେଉଥିଲେ ଶବର ଅନ୍ତିମ ସଂସ୍କାର କରିବାର । ଆଉ ସେଠି ଲୋକମାନେ ନ ନଜର ମତ ମଧ ଦେଉଥିଲେ ।

ହଠାତ୍ ଦୁଆର ଖୋଲିଲା । ଆଉ ସବୁ ଲୋକ ଫୌଜୀର ସ୍ତ୍ରୀକୁ ଦେଖିବାକୁ ଲାଗିଲେ । ସେ ନଖରୁ ସିନ୍ଥି ପର୍ଯ୍ୟନ୍ତ, ଲାଲ ଶାଢୀ ଆଉ ଗୋଡରେ ଅଳତା ଲଗେଇ ଥିଲା । ସିନ୍ଦୁର ମଧ ପିନ୍ଧିଥିଲା । ଏମିତି ବେଶରେ ଦେଖି ସମସ୍ତେ ଆଶ୍ଚର୍ଯ୍ୟ ହୋଇଗଲେ । ଲୋକମାନେ ପଗ୍ଚରିବାରୁ କରୁ କହିଲା, କଜକୁ ଡୋଲିରେ ବସି, ଶୃଙ୍ଗାର କରି ମୁଁ ୟାଙ୍କ ଘରକୁ ଆସିଥିଲି। ଆଉ ଶୃଙ୍ଗାର କରି ମୁଁ ୟାଙ୍କୁ ଭଗବାନଙ୍କ ପାଖକୁ ପଠେଇ ଦେବି । ଥରେ ମୁଁ ନଜେ କାନ୍ଧ ଦେବି । ଶହୀଦର ଶରୀରକୁ କେତେ ଲୋକ କାନ୍ଧ ଦେବାକୁ ଆସିବେ । ଆଉ ସ୍ତ୍ରୀର କାନ୍ଧ ସବୁଠୁ ଶକ୍ତିଶାଳୀ ହେବ ।

୨୧୭, ୟୁନଟ-୯(ଫ୍ଲାଟ)
ବାୟାବାବା ମଠ ଲେନ
ଭୁବନେଶ୍ୱର

ଓଡିଶା ବାହାରେ ରହୁଥିବା ପ୍ରତ୍ୟେକ ଓଡିଆଙ୍କ ପାଖରେ ପହଞ୍ଚିବା ହେଉଛି ବେଦାନ୍ତୀର ଲକ୍ଷ୍ୟ ଆଉ ଏହି ଲକ୍ଷ୍ୟପଥରେ ଆଗେଇ ଯିବା ଦିଗରେ ଅନେକ ସାହାଯ୍ୟ କରୁଛନ୍ତି ବେଦାନ୍ତୀ ପାଇଁ ନଜର ବହୁମୂଲ୍ୟ ସମୟଦେଇ ଲେଖା ପଠାଉଥିବା ଲେଖକ ଓ ଲେଖିକାମାନେ । ସେମାନଙ୍କ ସହଯୋଗପାଇଁ ବେଦାନ୍ତୀ ପରିବାର ତରଫରୁ ଅନେକ ଅନେକ ସାଧୁବାଦ

# ତୋ ପାଇଁ ତ



ଲିନା ମହାନ୍ତି

ତୋ ପାଇଁ ତ ଏ ସପନ
ତୋ ପାଇଁ ସାଇତା
ମୋ ହୃଦୟରେ,,
ତୁ ଆସିବୁ ବୋଲି ଗୃହିଁଛି
ତୋରି ବାଟକୁ ମୁଁ
ବସି ନୀରବରେ ।।

ତୋ ପାଇଁ ତ ଶୋଇନ
କେତେ ରାତି ମୁଁ
କାଟିଛି ଅନଦ୍ରାରେ,,
ଭାବି ଭାବି ତୋ କଥା
ହସିଛି ମୁଁ ଏକା
ବସି ନର୍ଜନରେ ।।

କେବେ ତୁ ଆସିବୁ
ଧରିବି ତତେ ମୁଁ
ଏଇ କୋଳେ ମୋର,,
ନମିଷକେ ଉଭେଇବ
ଯନ୍ତ୍ରଣା ଯେତେ
ଏଇ ମୋ ଶରୀରର ।।

ପୂର୍ଣ୍ଣ ହେଇଯିବ ସତେ
ଏତେଦିନ ପରେ
ନାରୀ ଜନ୍ମ ମୋର,,
ଲଭିବି ମାତୃତ୍ୱ ତୋ ପାଇଁ
ତତେ କୋଳେ ପାଇ
ପୁରିଯିବ ଆଶା ମୋର ।।

ଜଗତସିଂହପୁର

# କଣ୍ଟକତ ପଥ



ରଶ୍ମୀ ବାଳା ଶତପଥୀ

ପ୍ରତିଦ୍ୱନ୍ଦୀ ସାଜିଛି ଆଜି ଜୀବନ ମୋର,
ଜିତିବାର ଆଶା ଆଉ ନାହିଁ ଯେ ମୋର।
କର୍ତ୍ତବ୍ୟ ସ୍ୱପ୍ନର ଦୋଛକ ମଝିରେ,
ବିଭ୍ରାନ୍ତ ହୋଇଛି ଜୀବନ ମୋର।
କର୍ତ୍ତବ୍ୟ ପଥରେ ଗ୍ଭଲି ଗ୍ଭଲି ମୁଁ ଯେ,
ପାଦ ତଳେ ଗ୍ଭପି ହୋଇଯାଇଛି ସ୍ୱପ୍ନ କେତେ ଯେ।
ସ୍ୱପ୍ନ ସହର ର ଛୋଟ କୁଡିଆଟିକୁ,
କର୍ତ୍ତବ୍ୟ ର ବନ୍ୟା ଭସେଇ ନେଇଛି ବହୁ ଦୂରକୁ।
କର୍ତ୍ତବ୍ୟ ର କଣ୍ଟକତ ପଥରେ,
ଗ୍ଭଲି ଗ୍ଭଲି ରକ୍ତ ଝରେ ଆଜି ମୋ ପାଦରେ।
ଗ୍ଭଲିବାକୁ ଶକ୍ତି ନାହିଁ ଆଉ ଦେହରେ,
ସହିବାକୁ ଶକ୍ତି ନାହିଁ ଆଉ ହୃଦୟରେ।
ସ୍ୱପ୍ନ ଦେଖିବାକୁ ଶକ୍ତ ମନା ଆଜି ମୋତେ,
କର୍ତ୍ତବ୍ୟ ର କରଘାତ ରେ କ୍ଷତ ବିକ୍ଷତ ମୁଁ ଯେ କେତେ।
ଆଉ ପାରୁନାହିଁ ପ୍ରଭୁ ନାଟକ କରି ଏ ରଙ୍ଗମଞ୍ଚ ରେ,
ଇଚ୍ଛା ହୁଏ ଅଭିନୟ ଛାଡ଼ି ଗ୍ଭଲିଯିବାକୁ ମୁକ୍ତି ମାର୍ଗରେ।
ବଞ୍ଚିବାକୁ ଆଉ ଇଚ୍ଛା ନାହିଁ,
ଜୀବନରେ ଆଉ କଛି ଲକ୍ଷ ନାହିଁ।
ନେଇଯାଅ ପ୍ରଭୁ ମୋତେ ତୁମରି ସରଣେ,
ଶାନ୍ତି ର ନଦ୍ରା ଦିଅ ମୋତେ ତୁମରି ଚରଣେ।

ଯାଜପୁର ଟାଉନ୍, ଯାଜପୁର

# ଲେଖିବି କଣ

ଜୟଶ୍ରୀ ମେହେର

ସେଦିନ ହଠାତ ବସି ଭାବିଲି
ଲେଖିବି ଦିଧାଡି କବିତା
ରୂପ ଦେବି ତାକୁ
ମୋରି ମାନସ ପଟରେ
ବୁଲୁଥିବା ପ୍ରତ୍ୟେକ ଚନ୍ଦକୁ ।
ଚନ୍ଦ କୁ ରୂପ ଦେଉ ଦେଉ
ପହଞ୍ଚିଲି ଏକ ଅରଣ୍ୟାନୀ ମଧ୍ୟେ
ଯେଉଁଠି ଶୁଭେ ଆର୍ତ୍ତ ଚତ୍କାର
ଧର୍ଷିତା ସେଇ ନର୍ଭୟା
ଅସିଫା ର କ୍ରନ୍ଦନର ରୋଳ ।
ନୀରିହ ଶିଶୁ ଖେଳବାକୁ ଯାଇ
ଆଉ ନଫେରେ
ସେହି ମାର ଆଖିର ଲୁହ
ଯିଏ ବାଟଗୁହିଁ ବସିଥାଏ
ମୋ ଝିଅ ହସ୍ପିଟାଲରୁ
ଫେରିବ ବୋଲି ।
ଫେରେ ନାହିଁ ଆଉ ସେ
ଫେରେ ତାର ଅର୍ଧଦଗ୍ଧ ଦେହ ।

ସେଇ ମାର ଆକୁଳ ଚତ୍କାର ଶୁଣି
କଳମ ମୋର ଆଜି ନସ୍ତବ୍ଧ ।
ଲେଖିବାର ସତ ପ୍ରୟାସ ସତ୍ୱେ
ଦେଇ ପାରେନାହିଁ ଧର୍ଷିତା ମାନଙ୍କୁ
ତାଙ୍କ ଅଧିକାର ।
ଅସୁରକ୍ଷିତ ଭାବେ ବଞ୍ଚୁଛି ଆଜି ନାରୀ
ସମାଜ ଆଗରେ
ଖୋଜୁଛି ଟିକଏ ସୁରକ୍ଷିତ ହୋଇ
ବଞ୍ଚିବା ପାଇଁ ।

ବନ୍ନୁପାଲି ଜିଲ୍ଲା ବରଗଡ଼

# ଗପ ହେଲେ ବି ସତ

ଜନ୍ମଜୟ ନାୟକ

ମାଘ ମାସରେ ବାଘ ପରି ହାଡ଼ଭଙ୍ଗା ଶୀତ। କୋହଲା ପବନରେ ହାତଗୋଡ ସବୁ ଖିଲି ମାରି ଯାଉଥାଏ। ତା ସାଙ୍ଗକୁ ଅମାବାସ୍ୟା ରାତ୍ରିର ଘନ ଅନ୍ଧକାର ସାରା ସହରକୁ ତା ପଣତରେ ଘୋଡ଼େଇ ଦେଇଛି। ରାସ୍ତାଘାଟ ପ୍ରାୟ ଶୁନଶାନ। ସମୟ ରାତି ବାରଟା ବାଜି ଦଶ ମିନଟ୍। ଶୀତର ପ୍ରକୋପ ଆଉ ଅନ୍ଧକାରର ଘନତ୍ୱ କ୍ରମଶଃ ବଢ଼ି ଚାଲିଥାଏ। କିନ୍ତୁ ଏସବୁକୁ ଖାତିର ନକରି  ନିଜର ଛିଣ୍ଡା ସାର୍ଟଟି ଆଉ ତା ଉପରେ ଏକ ଚିରା ସ୍ୱେଟର ପିନ୍ଧି, କମ୍ବଳ ଖଣ୍ଡେ ଘୋଡି ହୋଇ ନିଜ ଅଟୋରିକ୍ସାରେ ବସି ଦିନଟା ଯାକର ଭଡ଼ା ହିସାବ କରୁଥାଏ ପଞ୍ଚାନନ ଦାସ। ଘରକୁ ଯିବାକୁ ଶରୀର ଅଳି କରୁଥିଲେ ମଧ୍ୟ ମନ କିନ୍ତୁ ମାନୁନାହିଁ ତାର। ରାତି ପାହିଲେ ପୁଅର ଜନ୍ମଦିନ। ଆଉ ଗୋଟିଏ ଭଡ଼ା ମିଳିଗଲେ ତା ପୁଅ ଲାଗି ଗୋଟିଏ ନୂଆ ଡ୍ରେସ୍ କିଣିବ ବୋଲି ଆଶା କରି ଶୀତକୁ ଖାତିର ନକରି ଷ୍ଟେସନ ପାଖେ ବସି ରହିଥାଏ ସେ। ମନେମନେ ଗାଳି ଦେଉଥାଏ ସ୍ତ୍ରୀ ସୌଦାମିନୀକୁ। ଅଟୋ ନେଇ ଆସିବା ବେଳେ ସେ ହିଁ ତ କହିଥିଲା, "ଶୁଣୁଛ! କାଲି ପ୍ରମୋଦର ଜନ୍ମଦିନ। ଯେମିତି ବି ହେଉ ତା ପାଇଁ ନୂଆ ଡ୍ରେସ ଆଉ କେକ୍ ନେଇ ଆସିବ। ତା ସାଙ୍ଗସାଥୀ ଆସିବେ। ଆମର ଅଭାବ ବୋଲି ଛୁଆଟା ଯେମିତି ତା ଭିତରେ ଘାଣ୍ଟି ନହେଉ।" ଭାବନାକୁ ଅପସାରଣ କରି ପଞ୍ଚାନନ କହିଲା "ସତକଥା ତା।ଗୋଟେ ବୋଲି ପୁଅ ତାର, ଇଂରାଜୀ ମିଡିୟମରେ ପଢୁଛି। ସେଠି ସେ ପାଞ୍ଚ ଛୁଆଙ୍କ ସହ ସମାନ ହେବା ଉଚିତ। ସବୁ ବାପାଙ୍କ ଭଳି ତା'ର ବି ଇଚ୍ଛା ତା ପୁଅକୁ ଦୁନିଆର ସବୁ ହସଖୁସି ଆଣି ଦେବାକୁ। ଜହ୍ନ ତୋଳି ଦେବାକୁ।"

-"......ଅଟୋ। ତୁଳସୀପୁର ଯିବ।" ଯାତ୍ରୀର ଡାକରେ ପ୍ରକୃତିସ୍ଥ ହେଲା ସେ। ମନ ଟାଣ କରି ,ଅଣ୍ଟା ଭିଡ଼ି ଅଟୋ ଷ୍ଟାର୍ଟ କରୁକରୁ କହିଲା- "ହଁ! ହଁ ଆଜ୍ଞା। ଆସନ୍ତୁ।"

ଏହା ମଧ୍ୟରେ ବିତି ଯାଇଛି ଦୀର୍ଘ ପନ୍ଦର ବର୍ଷ। ବଦଳି ଯାଇଛି ଅନେକ କିଛି। ଏ ସହର, ସହରର ଶୀତ ଆଉ ଅମାବାସ୍ୟାର ରାତି। କିଛି ବି ପୂର୍ବ ପରି ନାହିଁ। ହଁ ବଦଳି ଯାଇଛି

ପଞ୍ଚାନନର ପୁଅ। ସେ ଦିନର ପ୍ରମୋଦ ଆଜି ଅଫିସର ପ୍ରମୋଦ ଦାସ। ସହରର ମଝିରେ ବିଶାଳକାୟ କୋଠା। ବିଳାସବ୍ୟସନରେ ଭରା ଜୀବନ। କୌଣସି ଜିନଷର ଅଭାବ ନାହିଁ।ଏବେ ସେ ଜଣେ ସମ୍ଭ୍ରାନ୍ତ ଓ ପ୍ରତିଷ୍ଠିତ ବ୍ୟକ୍ତି।

ଏତେ ସବୁ ଭିତରେ କନ୍ତୁ ବଦଳ ନାହିଁ ପଞ୍ଚାନନ ଓ ତା ସ୍ତ୍ରୀ ସୌଦାମିନୀର ଜୀବନ। ବାପା ମା'ଙ୍କ ଲହୁ ନଗିଡା ଅକ୍ଳାନ୍ତ ପରିଶ୍ରମରେ ପାଠଶାଠ ପଢି ଚାକରି ପାଇ ସମାଜରେ ପ୍ରତିଷ୍ଠିତ ହେଲାପରେ ପ୍ରଥମେ ସେ ଆଡେଇ ଦେଇଛି ସେମାନଙ୍କୁ। ଭୁଲି ଯାଇଛି ତାଙ୍କ ତ୍ୟାଗ ଆଉ ବଳଦାନକୁ। ମନା କରିଛି ତା ବାପା ମା ବୋଲି ପରିଚୟ ଦେବାକୁ। ଯେଉଁ ବାପା ମା ତାକୁ ନେଇ ଗର୍ବ କରନ୍ତି ସେମାନଙ୍କୁ ପିତାମାତା ର ପରିଚୟ ଦେବାକୁ ଲଜ୍ଜାବୋଧ କରିଛି ସେ।

ଏପଟେ ପଞ୍ଚାନନ ଦାସ ଆଉ ତା ସ୍ତ୍ରୀର ଦୁଃଖ କହିଲେ ନସରେ। ଦେହରେ ବଳ ନାହିଁ। ପାଖରେ ସମ୍ବଳ ନାହିଁ। ଏକମାତ୍ର ସମ୍ବଳ ଖଣ୍ଡେ ଭିଟାମାଟି ଆଉ ଅଟୋରିକ୍ସାଟିକୁ ମଧ ପୁଅକୁ ଉଚ୍ଚଶିକ୍ଷା ଦେବାକୁ ଯାଇ ବିକ୍ରି କରି ଦେଇଥିଲା ସେ। ଝାଟିମାଟି ର ଝୁମ୍ପୁଡି କୁଡିଆଟି ଗତ ବାତ୍ୟାରେ ମାଟିରେ ମିଶିଯିବା ପରେ ପାଲଖଣ୍ଡେ ଟାଣି ଆଶ୍ରୟ ନେଇଛନ୍ତି ଦୁଇପ୍ରାଣୀ। ପୁଅର ସମ୍ମାନରେ ଆଞ୍ଚ ଆସିବ ବୋଲି ଆଉ ନଜ ସ୍ୱାଭିମାନ ବଳ ପଡ଼ିବ ବୋଲି ଭିକ୍ଷା ମାଗିବା ତ ଦୂରର କଥା କାହା ପାଖେ ଆଜିଯାଏ ହାତ ପତେଇ ନାହାଁନ୍ତି। ପୁଅ ସରକାରୀ ଅଫିସର ବୋଲି ସରକାର ଦେଉଥିବା ବାର୍ଦ୍ଧକ୍ୟ ଭତ୍ତା ଓ ଅନ୍ୟାନ୍ୟ ସୁବିଧା ସୁଯୋଗରୁ ମଧ ବଞ୍ଚିତ। ଓଳଏ ଖାଇ ଓଳଏ ଚାହିଁ ମୃତ୍ୟୁକୁ ଅପେକ୍ଷା କରିଛନ୍ତି ଯେପରି।

...... ଆଜି ପ୍ରମୋଦବାବୁଙ୍କ ବିଳାସମୟ ବାସଭବନରେ ବିଶାଳ ସମାବେଶ। ତାଙ୍କ ବାପା ମା'ଙ୍କ ଏକାଦଶାହ। ଭୋଜି ଆଉ ସ୍ମୃତି ସଭାର ଭବ୍ୟ ଆୟୋଜନ। ସାରା ସହର ଆଜି ପ୍ରମୋଦ ବାବୁଙ୍କୁ ବାଃ ବାଃ କରୁଛି। ସମସ୍ତେ କହୁଛନ୍ତି- ଆଜିର ଆଧୁନକ ଯୁଗରେ ଏମିତି ପୁଅ କ୍ୱଚତ ମିଳନ୍ତି।

TGT PCM, ଚଲିକା ନୋଡାଲ ହାଇସ୍କୁଲ, ପୁରୀ

# ତୁମେ ବର୍ଷାକୁ ଭଲ ପାଅ ବୋଲି..

ମୈତ୍ରେୟୀ ତ୍ରିପାଠୀ

ତୁମେ ବର୍ଷାର ଟୁପ୍ ଟୁପ୍ କୁ
ଭଲ ପାଅ ବୋଲି
ବେଳେବେଳେ ମୁଁ ମୁକ ହେଇଯାଏ,
ମୋ ଉତ୍ତର ଖୋଜା ଆଖି ଦିଟା
ଘୁମେଇପଡେ... !

ତୁମେ ବର୍ଷାର ଛୁଆଁକୁ
ଭଲ ପାଅ ବୋଲି,
ମୋ ଶୋଷିଲ୍ ଇଚ୍ଛା ସବୁ
କଫିନ୍ ଭିତରେ ଜାକଜୁକ ହୋଇ
ମରିଯାଏ....!

ତୁମେ ବର୍ଷାଭିଜା ମାଟି ଗନ୍ଧକୁ
ଭଲ ପାଅ ବୋଲି,
ମୋ ପ୍ରତାରିତ ଅତର ଗୁଡାକ
ଧୂଆଁ ହୋଇ ଉଡ଼ି ଯାଏ
ନୀଳ ଦିଗନ୍ତ ଆଡ଼େ....!

ତୁମେ ବର୍ଷାରେ ଭିଜିବାକୁ
ଭଲ ପାଅ ବୋଲି,
ମୁଁ ଭିଜୁଥାଏ....
ବର୍ଷା ପରର ଆକାଶର
ଏକାକୀ ପଣରେ
ଅହରହ !!

କାକଟପୁର

# ଯନ୍ତ୍ର ମାନବ

ମିତ୍ରଭାନୁ ବିଶ୍ୱାଳ

ସମୟ ଚକରେ
ଅଜାଣତେ କେଉଁ ସ୍ଥିତିରେ
ଗୋଡ଼  ଖସିଖସି ଚାଲିଛି
କଳ୍ପନା  କରିବା ଅସମ୍ଭବ !
ଯୁଆଡେ଼ ଦେଖ
ସ୍ୱପ୍ନର ସେହି ମଧୁର ଦୁନିଆରେ
ନିଜକୁ ସାମିଲ କରି'
ବାସ୍ତବତା କୁ କରିଛନ୍ତି ପଦାଘାତ ।

ଯନ୍ତ୍ରମାନବ କୁ ଆଶ୍ରାକରି
କୁଟା ଖଣ୍ଡକୁ ଦି ଖଣ୍ଡକରିବାର
ଶକ୍ତି ଆଉ ନାହିଁ
ପ୍ରାକୃତିକ ସୌନ୍ଦର୍ଯ୍ୟକୁ ହତ୍ୟାକରି
ଯନ୍ତ୍ରମାନବ ଆଗରେ
ନିଜକୁ ବନ୍ଦୀକରି
ଖୋଜିଚାଲିଛି ସୁଖ ଆଉ ସୁଖ ।

ଯନ୍ତ୍ରମାନବର
କରାୟତ୍ତରେ ଆଜିର ଦୁନିଆ
ନିଜର ଇନ୍ଦ୍ରଜାଲରେ ବଶକରି
ମାନବ ସମାଜର
ଶିରାପ୍ରଶିରା ରେ ଖେଳଗଲାଣି ।

ଦିନରାତି ଅହରହ ମଣିଷର
ଚର ସହଚର ହୋଇ
ପ୍ରତ୍ୟେକ କ୍ଷେତ୍ରରେ ପ୍ରତ୍ୟେକ କାର୍ଯ୍ୟରେ
ମୁଣ୍ଡ ଟୁଙ୍ଗାରିଛି ଏଇ ଯନ୍ତ୍ରମାନବ
ହଁ ସେଇଥି ପାଇଁ ତ'
ଆଜିର ଦୁନିଆ ଯନ୍ତ୍ରମୟ
ପାରିବାରିକ ସୁଖ ପରିବର୍ତ୍ତେ
ଆଜିର ମଣିଷ
କେବଳ ଯାନ୍ତ୍ରିକସୁଖରେ ବିଭୋର ।

ସେଇଥି ପାଇଁ ତ ଆଜିର ମଣିଷ
ବାପା, ମା, ଭାଇ କୁ ଛାଡି ବର୍ଷବର୍ଷ  ରହିପାରୁଛି
ହେଲେ'
କ୍ଷଣିକ ସମୟ ମଧ
ଯନ୍ତ୍ରମାନବ କୁ ଛାଡିବା ହେଉଛି କଷ୍ଟକର ।

ପାଇକମାଲ, ବରଗଡ଼

# ସହଯାତ୍ରୀ



କାର୍ତ୍ତିକ ତ୍ରିପାଠୀ

ସେଦିନ ପାଗ ଟା ଟିକେ କୋହୋଲା୍ ଥିଲା୍ ଇଚ୍ଛା ନଥିଲେ ବି ସେଦିନ ମୋତେ ଅମ୍ରିତସର ଫେରିବାରେ ଥିଲା୍ । ତେଣୁ ପୁଅ ବୋହୁ ନାତି ଯେତେ ଅଟକାଇଲେ ବି ରହି ପାରିଲିନ । ତେଣୁ ପୁଅ ଗୋଟିଏ ତତ୍କାଳ ରେ ସେକେଣ୍ଡ ଏସି ରେ ଟିକେଟ ଟିଏ କାଟି ଦେଇଥାଏ । ଟ୍ରେନ ଥାଏ ରାତି **11.30** ରେ ଅମୃତସର ଏକ୍ସପ୍ରେସ । ପୁଅ ରାକେଶ ଆସି ଟ୍ରେନ ରେ ବସେଇ ଦେଇଗଲା୍ "side lower berth " ସିଟ କାରଣ ମୁଁ ଉପରକୁ ଉଠିପାରେନ ଗୋଡ ରେ ଅସୁବିଧା ତଥା ବୟସାଧିକ୍ୟ ଯୋଗୁ | ପୁଅ ଟ୍ରେନ ଚାଲିଲା୍ ପର୍ଯ୍ୟନ୍ତ ଅପେକ୍ଷା କଲା୍ ଏବଂ ଟ୍ରେନ ଠିକ **11.30** ରେ ଷ୍ଟେସନ ଛାଡିଲା୍ । ଆଉ ମୋର ଗୋଟେ ଖରାପ ଅଭ୍ୟାସ ଯେ ମୋତେ ଟ୍ରେନ କ ବସ ରେ ନିଦ ହୁଏନ । ତେଣୁ ମୁଁ ମୋ ସିଟ ରେ କିଛି ସମୟ ବସି ରହିଲି । ପ୍ରାୟ ପନ୍ଦର ମିନଟ ପରେ ଆଉ ଜଣେ ଭଦ୍ର ବ୍ୟକ୍ତି ଯିଏ କ ମୋତେ ଉପର ସିଟ ରେ ସୋଇଥାନ୍ତି ସେ ମୋତେ କହିଲେ ଯଦି ଆପଣ ଏବେ ନ ଶୋଇବେ ତେବେ ମୁଁ ଟିକେ ଆସି ତଳେ ମାନେ ଆପଣଙ୍କ ସିଟ ରେ ଆପଣଙ୍କ ସହ ବସିପାରିବି**?** ମୁଁ ସେ ଓଡ଼ିଆ ବୋଲି ଜାଣି ଖୁସି ହେଇଗଲି ଆସନ୍ତୁ ବୋଲି କହି ତଳକୁ ଡାକିଲି । ସେ ଆସି ମୋ ସାମ୍ନା ରେ ବସିଲେ | ମୁଁ ତାଙ୍କୁ ପଚାରିଲି ଯେ ମୁଁ ଓଡ଼ିଆ ବୋଲି ଆପଣ କେମିତି ଜାଣିଲେ । ସେ କହିଲେ ଆପଣ ଆପଣଙ୍କ ପୁଅ ସହ କଥା ହେଲାବେଳେ ମୁଁ ଶୁଣିଥିଲି । ମୁଁ ଓଃ ଆଚ୍ଛା କହି କଥା ରେ ବିରାମ ଦେବାକୁ ଚାହିଁଲି । କିନ୍ତୁ ସେ କଥା ଆରମ୍ଭ କଲେ ଆଉ ପଚାରିଲେ ରିଟାର୍ଡ଼ କେବେ କଲେ । ଏମିତି ଅତର୍କିତ ପ୍ରଶ୍ନ ରେ ମୁଁ ଟିକେ ଚୁପ ହୋଇ ଗଲି । ଆଉ ପଚାରିଲି ଆପଣ କେମିତି ଜାଣିଲେ ମୁଁ ରିଟାୟାର୍ଡ଼ କଲିଣି ବୋଲି । ସେ କହିଲେ ଆପଣଙ୍କ ବୟସ କହୁଛି । ଆଉ ମୁଁ ଜାଣିପାରୁଛି ଯେ ଆପଣ ଏଇ ଅଳ୍ପ କେତେ ବର୍ଷ ହେବା ରିଟାୟାର୍ଡ଼ କରିଛନ୍ତି । ମୁଁ ଆଶ୍ଚର୍ଯ୍ୟ ହେଇ ଗଲି ଯେ ଏ ଭଦ୍ର ବ୍ୟକ୍ତି ଜଣକ ମୋତେ ଚିହ୍ନି ନାହାନ୍ତି କ ଜାଣି ନାହାନ୍ତି ଏତେ କଥା କେମିତି କହି ପାରୁଛନ୍ତି । ମୁଁ କହିଲି ହଁ ପାଞ୍ଚ ବର୍ଷ ହେଲାଣି ଅବସର ଗ୍ରହଣ କରିବାର । ସେ କହିଲେ କଣ ଶିକ୍ଷକତା

କରୁଥିଲେ? ମୁଁ କହିଲି କରୁଥିଲି କଣ ଏବେ ବି କରୁଛି ଗେଷ୍ଟ ଲେକ୍ଚର ଭାବେ। ଆଉ ଆପଣ କଣ କରନ୍ତି ବୋଲି ମୁଁ ପଚାରିଲି । ସେ କହିଲେ ବୁଝିଲେ ମାଷ୍ଟ୍ରେ ଏ ପ୍ରଶ୍ନ ମୋତେ ବହୁତ କମ ଲୋକ ପଚାରିଛନ୍ତି। ଆଉ ପଚାରିଲେ ବି ବେଶୀ କଛି ଉତ୍ତର ନଥାଏ ମୋ ପାଖେ, କାରଣ ମୁଁ ଏବେ ବେଶୀ କଛି କରୁନ। ହଁ ଆଗରୁ ମୋ ପାଖେ ବହୁତ କାମ ଥିଲା କନ୍ତୁ ଏବେ ସେମିତି କଛି ନାହିଁ| ମୋତେ କନ୍ତୁ ସେ ଲୋକ ର ବ୍ୟକ୍ତିତ୍ୱ ବହୁତ ପ୍ରଭାବଶାଳୀ ଲାଗୁଥିଲା। ତେଣୁ ତାଙ୍କ ବିଷୟରେ ରେ ଜାଣିବାକୁ ଚାହିଁଲି ତାଙ୍କୁ ତାଙ୍କ ନାଁ ପଚାରିଲି ସେ। ତାଙ୍କ ନାଁ ଶୁଭ୍ରାଂଶୁ ମହାପାତ୍ର ବୋଲି କହିଲେ ଆଉ ମୋତେ ପଚାରିଲେ ଆପଣ mr.... ସୋମ୍ୟରଞ୍ଜନ ଦାସ ମୁଁ କହିଲି ଶୁଭ୍ରାଂଶୁ ବାବୁ ପଚାରିଲେ ଆଉ ଦାସ ବାବୁ କେମିତି ଚାଲିଛି ଜୀବନ ଆପଣଙ୍କର। ମୁଁ କହିଲି ଅବସର ପରେ ଆଉ ଜୀବନ କଣ ଖାଲି ପିଲା ମାନଙ୍କ ଗହଣ ରେ କାଟିବା କଥା ଆଉ। ମୁଁ ପୁଣି ପଚାରିଲି, ଆଉ ଆପଣ କେବେ ଅବସର ଗ୍ରହଣ କଲେ। ସେ କହିଲେ ସେଇ 4-5 ବର୍ଷ ହେବ ବୋଧେ । ମୋର ଏବେ ଆଉ ଦିନ ତାରିଖ ମନେ ରହୁନ। ଆଚ୍ଛା ଶୁଭ୍ରାଂଶୁ ବାବୁ ମୁଁ ଆପଣଙ୍କ ଭଳ ଏତେ ବୁଦ୍ଧିମାନ ନୁହେଁ ଯେ ଆପଣଙ୍କୁ ଦେଖି ଆପଣଙ୍କ ବୃତ୍ତି କହିପାରିବି । ଆପଣଙ୍କୁ ହିଁ ନଜେ କହିବାକୁ ପଡିବ। ମୁଁ ଏତିକ କହୁ କହୁ ଅନ୍ୟ ଜଣେ ଯାତ୍ରୀ ରାଗି କରି କହିଲେ ଆପଣମାନେ ରାତି ରେ କଥା ନହେଲେ ହବନ (ଅବଶ୍ୟ ହିନ୍ଦୀ ଆଉ ମରାଠୀ ମିଶା ଭାଷା ରେ) ଆମକୁ ଶୋଇବାକୁ ଦିଅନ୍ତୁ। ସେଇଠୁ ଶୁଭ୍ରାଂଶୁ ବାବୁ କହିଲେ ସତ କଥା ଦାସ ବାବୁ ସେମାନେ ସୋଇ ସ୍ୱପ୍ନ ନ ଦେଖି ଆମ କଥା କାଇଁ ଶୁଣୁଛନ୍ତି କେଜାଣି। ଛାଡ଼ନ୍ତୁ କାଲି କଥା ହବା good night କହି ମହାପାତ୍ରେ ଶୋଇବାକୁ ଗଲେ। ଅଧା କଥା ରୁ ଶୋଇବାକୁ ମୋର ତ ଇଚ୍ଛା ନଥିଲା, କନ୍ତୁ ବାଧ୍ୟ ରେ ଶୋଇଗଲି ଯେ ତା ପରଦିନ ସକାଳୁ ନମ୍ରତା ଙ୍କ ଫୋନ ରେ ନଦ ଭାଙ୍ଗିଲା। ନମ୍ରତା ଙ୍କ ସହ କଛି ସମୟ କଥା ହେଇ ସାରିଲା ପରେ ଉଠି ବସିଲି ସେତେବେଳେ ସମୟ 7.30। ସେତେବେଳେ ଟ୍ରେନ ରାଭେର ଷ୍ଟେସନ ରେ ପହଂଚ ଥାଏ। ଆଉ ଶୁଭ୍ରାଂଶୁ ବାବୁ ଉଠିଲେ, Good Morning Masterji ବୋଲି କହିଲେ ଆଉ ହଠାତ ରିଟାୟାର ପୋଲିସ ଅଫିସର ବୋଲି କହିଲେ। ମୁଁ କଛି ନ ବୁଝିଲା ଭଳ ଚାହିଁ ରହିଲି ସେ କହିଲେ ଆପଣ ଗତ କାଲି ପଚାରିଥିବା ପ୍ରଶ୍ନ ର ଉତ୍ତର। ମୁଁ ବି ଭୁଲି ଯାଇଥିଲି ଗତ କାଲି କଣ ପଚାରିଥିଲି ଆଚ୍ଛା ସେ କଣ କରୁଥିଲେ ବୋଲି। ସମୟ ବଢିବା ସହ ସେ ଲୋକ ମନେ ଶୁଭ୍ରାଂଶୁ ମହାପାତ୍ର ଙ୍କ ବ୍ୟକ୍ତିତ୍ୱ ବେଶୀ ରହସ୍ୟମୟ ଲାଗୁଥିଲା। ଏହା ଭିତରେ ସେ ଆସି ମୋ ସିଟ ରେ ବସି ସାରିଥାନ୍ତି। ଆଉ କହିଲେ ବୁଝିଲେ ସୋମ୍ୟ ବାବୁ

ମୁଁ କାଲି ଆପଣଙ୍କୁ ସ୍ୱପ୍ନ ରେ ଦେଖିଲି । ମୋତେ ସ୍ୱପ୍ନ ରେ ଦେଖିଲେ? ମୁଁ ଭାବୁଥିଲି ଏ ଲୋକ ର କଛି ମସ୍ତିସ୍କ ବିକୃତି ନାହିଁ ତ? ସେ କହିଲେ ଆରେ ହଁ ମୁଁ ଦେଖିଲି ଯେ ଆପଣ ମଧ ସ୍ୱପ୍ନ ଦେଖନ୍ତି । ଦୁହେଁ ହସି ଉଠିଲୁ । ସେ କହିବା ଆରମ୍ଭ କଲେ କହିଲେ ସ୍ୱପ୍ନ ହେଉଛି ଏମିତି ଏକ ସ୍ଥାନ ଯେଉଁଠି ମୋ ଭଲ ପ୍ରାଣୀ ମାନେ ବଞ୍ଚନ୍ତି ସତରେ ଭାଇ କେତେ ବଦଳ ଗଲାଣି ଏ ଦୁନଆ । ମୁଁ କହିଲି ହଁ ପରିବର୍ତନ ବି ଆବଶ୍ୟକ ଆଉ ପରିବର୍ତ୍ତନ ସହ ଆମକୁ ମଧ ଆଗକୁ ବଢିବାକୁ ପଡିବ । ସେ କହିଲେ ମୋତେ କନ୍ତୁ ଆପଣଙ୍କ ସମାଜ ର ଏ ପରିବର୍ତ୍ତନ ବହୁ ପଛରେ ଛାଡି ଦେଇଛି । ଯୋଉଠି ସମୟ ମୋ ପାଇଁ ସ୍ଥାଣୁ ପାଲଟିଯାଇଛି । ଏଇ ଯୋଉ ରେଳ ଗାଡି ଦେଖୁଛନ୍ତି ଦାସ ବାବୁ, ତାକୁ ଯେମିତି ଯାତ୍ରୀ ମାନଙ୍କ ଭାବାବେଗ ସହ କଛି ସମ୍ବନ୍ଧ ନାହିଁ ଖାଲି ଅଛି ଯାହା ଗନ୍ତବ୍ୟ ସ୍ଥଳ ରେ ପହଂଚ୍ଚାଇବା କଥା, ଠିକ ସେମିତି ଜୀବନ କୁ ନେଇ ମୃତ୍ୟୁ ପାଖେ ପହଞ୍ଚାଇ ଦେଲେ ମୋର କାମ ଶେଷ ହେବ ବାସ । ମୁଁ କହି ଉଠିଲି ମୃତ୍ୟୁ ତ ନଶ୍ଚିତ କନ୍ତୁ ଜୀବନ ର ଲକ୍ଷ ମୃତ୍ୟୁ ନୁହେଁ । ସେଇଠୁ ସେ କହିଲେ ଜୀବନ କୁ ଇନ୍ଦ୍ରଧନୁ ର ସାତ ରଙ୍ଗ ରେ ସଜେଇବାର ସ୍ୱପ୍ନ ଦିନେ ମୁଁ ବି ଦେଖିଥିଲି ସୋମ୍ୟରଞ୍ଜନ ବାବୁ ଦିନେ ଏମିତି ଏକ ଟ୍ରେନ ରେ ବସି, ଯୋଉଠି ମୋର ଦେଖା ହେଇଥିଲା ଅଳକାନନ୍ଦା ସହ । ସେଇଠୁ ମୁଁ ପଚ୍ଚାରିଲି ଅଳକାନନ୍ଦା ! ସେ କଏ? ସେ କହିଲେ ସେ ଯେ କ ଦିନେ ମୋର ବଂଚବାର କାରଣ ଥିଲା ଆଉ ଆଜି ଯାହାର ସ୍ମୃ ତି କୁ ନେଇ ବଂଚଛିସେ ମୋର ବାଲ୍ୟ ବାନ୍ଧବୀ ଥିଲା । କ୍ରମେ ସ୍କୁ ଲ ସାରି ଆମେ ଦୁହେଁ ପଞ୍ଜାବ ଇଉନଭରସିଟି ଆସିଲୁ । ହଷ୍ଟେଲ ରେ ରହି ପାଠ ପଢୁଥିଲୁ । ଘରକୁ ଯିବାକୁ ହେଲେ ଟ୍ରେନ ରେ ଯିବାକୁ ପଡେ ଏମିତି ଦିନେ ଟ୍ରେନ ରେ ସାଙ୍ଗ ହେଇ ଗଲାବେଳେ ମୁଁ ତାକୁ ମୋର ମନ କଥା କହିଦେଇଥିଲି ଯାହା ଅନେକ ଦିନ ରୁ କହି ନଥିଲି । ଆଉ ଅଳକାନନ୍ଦା କହିଲା ଏଇ କଥା ଶୁଣିବାକୁ ତ ମୁଁ ବହୁତ ଦିନ ରୁ ଅପେକ୍ଷା କରିଥିଲି । ତାପରେ ପ୍ରେମ ପକ୍ଷୀ ପରି ଆମେ ଉଡି ବୁଲିଲୁ । ମୋତେ ଲାଗୁଥିଲା କଏ ଯେମିତି ହଜାରେ ଫଗୁଣ ଆଣି ଅଜାଡି ଦେଇଛି ଆମ ଉପରେ, ସେତେବେଳ ର ରକ୍ଷଣଶିଳ ସମାଜ ପୁଅ ଝିଅ ମାନଙ୍କ ସମ୍ପର୍କ କୁ ସହ୍ୟ କରିପାରୁ ନଥିଲା ।

ସୋମ୍ୟ ବାବୁ ଚ୍ହା ପିଇ ବେ? ମୁଁ ପ୍ରକୃସ୍ଥିତ ହେଲି ମୁଁ ତାଙ୍କ କାହାଣୀ ଭିତରେ ହଜି ଯାଇଥିଲି । ତେବେ ଦୁହେଁ ଚ୍ହା ପିଇଲୁ । ଏତିକ ବେଳେ ମୋ ଧର୍ମପତ୍ନୀ ନମ୍ରତା ଙ୍କ ଫୋନ ଆସିଲା । ମୁଁ କହିଲି ଧର୍ମ ପତ୍ନୀ ଙ୍କ ଫୋନ, ଗୋଟେ ମିନଟ କହି ଫୋନ ଉଠେଇଲି ସେପଟୁ ନମ୍ରତା କହୁଥାନ୍ତି ଟ୍ରେନ କେତେ ଦୂର ପହଂଚଲା ? କଛି ଖାଇଲ କ

ନାହିଁ । ମୁଁ ଯଥା ସମ୍ଭବ ହଁ ଆଉ ନାଁ ରେ ଉତ୍ତର ଦେଇ ଫୋନ କାଟିଲି । ଶୁଭ୍ରାଂଶୁ ବାବୁ ଙ୍କ ପାଖକୁ ଫେରିଲି ସେ ଗମ୍ଭୀର ଭାବେ ବସି ରହିଥିଲେ । ଆଉ ସେଇଠୁ କଣ ହେଲା ବୋଲି ପଚାରିଲି । ସେ କହିଲେ ଆରେ ବାଃ ଆପଣ ଙ୍କ ର ତ ବହୁତ ଇଂଟରେଷ୍ଟ ଏସବୁ ବିଷୟରେ ରେ । ଛିଗୁଲାଇଲା ଭଳ ଶୁଭ୍ରାଂଶୁ କହିଲେ ଏବଂ ତା ପରେ ପୁଣି ଆରମ୍ଭ କଲେ । କହିଲେ କଲେଜ ରେ ଆମକୁ ନେଇ ବହୁତ ଚର୍ଚ୍ଚା ହେଉଥିଲେ ବି ମୁଁ ସେସବୁ କୁ ଭ୍ରୁକ୍ଷେପ କରୁନଥିଲି । ଏମିତି କିଛି ଦିନ ପରେ ଅଳକାନନ୍ଦା ର ଘରେ ଏ ବିଷୟ ରେ ଜାଣିବାକୁ ପାଇଲେ । ଅଳକା ଏକ ସଂଭ୍ରାନ୍ତ ବ୍ରାହ୍ମଣ ପରିବାର, ଜଣେ ସମାଜସେବୀ ହିସାବ ରେ ବହୁତ ନାଁ ଥିଲା ତା ବାପା ଜନାର୍ଦ୍ଦନ ବାବୁ ଙ୍କ ର । ସେ ଅଳକା କୁ ମୋ ସହ ମିଶିବାକୁ ସିଧା ସିଧା ମନା କରିଦେଲେ । ଅଳକା ର ଗ୍ରାଜୁଏସନ ସରିଲା ଯେବେ ସେ ଘରକୁ ଚାଲିଗଲା ମୋ ସହ ଆଉ ଦେଖା ହେଲାନ । ଦିନେ ଅଳକା ହଠାତ ଆସି ଆମ ଘରେ ପହଁଚିଲା, ଏବଂ ମୋତେ କହିଲା ମୋତେ ନେଇ କୁଆଡେ ଚାଲିଯାଅ । ମୁଁ ତୁମ ବିନା ଆଉ କାହାକୁ ବିବାହ କରିପାରିବିନ । କିନ୍ତୁ ମୁଁ ସେତେବେଳେ କିଛି ଚାକରୀ କରି ନଥାଏ । ଆଉ ମୋ ବାପା, ମା ବି ଅଳକା କୁ ବୋହୁ କରିବାକୁ ରାଜି ନଥିଲେ । କାରଣ ଜାତି ପ୍ରଥା ଗୋଟିଏ ପ୍ରାଚୀର ହୋଇ ଠିଆ ହୋଇଥିଲା ଆମ ମଝିରେ । ସତ କହିବାକୁ ଗଲେ ସମାଜ ଆଉ ପରିବାର ବିରୋଧ ରେ ଯାଇ ଅଳକା କୁ ବିବାହ କରିବା ପାଇଁ ମୁଁ ମଧ୍ୟ ସମର୍ଥ ନଥିଲି । ଅଳକା ର ବାପା ଜଣେ ସମାଜ ସେବୀ ଆଉ ନାରୀ ସ୍ୱାଧୀନତା ବିଷୟରେ ରେ ବହୁତ କଥା ତାଙ୍କର ଶୁଣିଥିଲି । ତେଣୁ ମୁଁ ଭାବିଲି ସେ ହିଁ ମୋ କଥା ବୁଝି ପାରିବେ । ଅଳକା କୁ ନେଇ ମୁଁ ତାଙ୍କ ଘରେ ପହଂଚିଲି । ତା ବାପା ଙ୍କ ସହ କଥା ହେବାକୁ ଚାହିଁଲି । କିନ୍ତୁ ପ୍ରତିବଦଳ ରେ ମୋତେ ମିଳିଥିଲା ମାଡ଼ ଏବଂ ଯନ୍ତ୍ରଣା । ମୁଁ ଏତେ ଗୁରୁତର ହେଇଯାଇଥିଲି ଯେ ପ୍ରାୟ 10 ଦିନ ମେଡିକାଲ ରେ ରହିବା ପରେ ଘରକୁ ଫେରିଥିଲି । ତାପରେ ଜାଣିଲି ଯେ ମୋ ପରିବାର କୁ ସେ ଗାଁ ରୁ ତଡି ଦିଆଯାଇଛି । କାରଣ ଜନାର୍ଦ୍ଦନ ବାବୁ ରାଜନୀତି ରେ ସକ୍ରିୟ ମଧ୍ୟ ଥିଲେ । ଆଉ ମୋର ବୁଝିବା ବାକି ନଥିଲା ଯେ ଏଇଟା ତାଙ୍କରି କାମ । ତେଣୁ ମୁଁ ଚାଲି ଆସିଲି ପଟିଆଲା ଯୋଉଠି ମୋ ବାପା ଆଉ ମା ରହୁଥିଲେ । ତଥାପି ମୁଁ ଅଳକା କୁ ଭୁଲିପାରି ନଥାଏ । ଅଳକା ସହ ଆଉ କିଛି ଯୋଗାଯୋଗ ହେଇପାରିଲାନ । ତାପରେ ପରେ ପୋଲିସ sub inspector ଭାବେ ଜଏନ କଲି ଭୁବନେଶ୍ୱର ରେ । ତାପରେ ଚାକରୀ ରେ ବ୍ୟସ୍ତ ରହିଲି କିନ୍ତୁ ତଥାପି ଅଳକା ମୋ ଭାବନା ପରିସର କୁ ଆସି ମୋ ନୀରବତା କୁ ଭଙ୍ଗ କରୁଥିଲା । ବିବାହ ପାଇଁ ବହୁ ପ୍ରସ୍ତାବ

ଆସିଲେ ମଧ୍ୟ ବିବାହ କରିବାକୁ ଇଛା ନଥିଲା ମୋର। ତେବେ ବାପା ମା ବନ୍ଧୁ ବାନ୍ଧବ ସମସ୍ତେ ବୁଝେଇବାକୁ ଚେଷ୍ଟା କରି ବିଫଳ ହେଲେ। ଶୁଭ୍ରାଂଶୁ ବାବୁ ଆପଣ ବିବାହ କରିନାହାନ୍ତି? ମୁଁ ପଚ୍ଚାରିଲି । ସେ କହିଲେ ସେକଥା ଛାଡ଼ନ୍ତୁ, ଆପଣଙ୍କ କଥା କଣ କୁହନ୍ତୁ। ମୁଁ କହିଲି ମୋର ଆଉ କଥା କଣ ଜଣେ ସାଧାରଣ ମଣିଷ ର ଯାହା ଜୀବନ। ପୁଅ ପାଖକୁ ଦିଲ୍ଲୀ ଆସିଥିଲି ଏବେ ଫେରୁଛି। ମୁଁ ମୋ ପତ୍ନୀ ନମ୍ରତା ସହ ଅମୃତସର ରେ ରୁହେ, ଆଉ ଆପଣ? ସେ କହିଲେ ଚ୍ଚାକରୀ ରୁ ଅବସର ପରେ ଏବେ ଏବେ ଆସି ମୋ ଘର ପଟିଆଲା ରେ ରହୁଛି। ପଟିଆଲା ତ ଆଉ ଅଳ୍ପ ସମୟ ପରେ ଆସିବ। ସେଇଠୁ ମୁଁ ତାଙ୍କୁ ତାଙ୍କ ଫୋନ ନମ୍ବର ମାଗିଲି ସେ କହିଲେ ଆପଣଙ୍କ ନମ୍ବର ଦିଅନ୍ତୁ ମୁଁ ଆପଣଙ୍କୁ ଫୋନ କରିବି। ଏହା କହି ସେ ମୋ ନମ୍ବର ନେଇଗଲେ ଏବଂ ପଟିଆଲା ଷ୍ଟେସନ ରେ ଚୁପ ଚ୍ଚାପ ଓହ୍ଲାଇ ଚ୍ଚାଲିଗଲେ, ଏବଂ ମୁଁ ମଧ୍ୟ ମୋ ଷ୍ଟେସନ ରେ ଓହ୍ଲାଇ ଚ୍ଚାଲିଗଲି। ମୁଁ ଭ୍ଚାବିଥିଲି ସେ ମୋତେ କଲ କରି ତାଙ୍କ ନମ୍ବର ଦେବେ ବୋଲି । କିନ୍ତୁ ସେମିତି କିଛି ହେଲାନ। ଆଉ ଘରକୁ ଫେରି ନମ୍ରତା ଙ୍କୁ ମୋର ଟ୍ରେନ ରେ ହେଇଥିବା ବନ୍ଧୁ ଙ୍କ କଥା କହିଲି। ସେ ସବୁ ଶୁଣିଲେ କିନ୍ତୁ କିଛି ପ୍ରତିକ୍ରିୟା ଦେଲେନ, ଖାଲି ଏତିକି କହିଲେ ଯେ ସମସ୍ତଙ୍କ ଜୀବନ ରେ ଏମିତି କିଛି ଅଧା ଲେଖା କାହାଣୀ ଥାଏ। ପୁଣି ଜୀବନ ଯଥା ରୀତି ରେ ଚ୍ଚାଲିଲା। ମୁଁ କଲେଜ ରେ କ୍ଲାସ ନିଏ, ତଳ ଘରୁ କିଛି ଭଡା ମିଳେ ଏବଂ ଆମେ ସ୍ୱାମୀ ସ୍ତ୍ରୀ ଚ୍ଚାଲିଯାଉ, ଆଉ ପୁଅ ବି ବର୍ଷ ରେ ଥରେ ଦୁଇଥର ଆସେ। ଏମିତି ଦୁଇ ବର୍ଷ ବିତିଗଲା । ହଠାତ ଦିନେ ଗୋଟେ ଅଜଣା ନମ୍ବର ରୁ ମୋ ପାଖକୁ କଲ ଆସିଲା। ଆଉ ସେ ଶୁଭ୍ରାଂଶୁ ବାବୁ ଙ୍କର ପୁଅ ବୋଲି କହିଲା ଆଉ ବାପା ଆପଣଙ୍କୁ ଭେଟିବାକୁ ଚାହିଁଛନ୍ତି ବୋଲି କହିଲା ଏବଂ ଶୀଘ୍ର ଆସିବାକୁ ଅନୁରୋଧ କଲା। ତେଣୁ ମୁଁ ବାହାରିଲି ପଟିଆଲା ଅଭିମୁଖେ, ନମ୍ରତା କୁ କହି ଦେଇଗଲି ଯେ ଜଣେ ବନ୍ଧୁଙ୍କୁ ଦେଖାକରିବାକୁ ଯାଉଛି। ତେବେ ସେ ଦେଇଥିବା ଠିକଣା ରେ ଯାଇ ପହଂଚଲି। ଦେଖିଲି ସାଧାରଣ ଘର, ଫୁଲ ବଗିଚ୍ଚା ଶାନ୍ତ ପରିବେଶ ବହୁତ ସୁନ୍ଦର ଲ୍ଚାଗୁଥିଲା। ତେବେ ଭିତରକୁ ଯାଇ ଦେଖିଲି ଶୁଭ୍ରାଂଶୁ ବାବୁ ବହୁତ ଅସୁସ୍ଥ ଅଛନ୍ତି । ଶୋଇଥିଲେ ସେ, ମୁଁ ଆସିବା ଦେଖି ଖୁସି ହେଇଗଲେ। ଆରେ ସୋମ୍ୟ ବାବୁ ଆସନ୍ତୁ ଆସନ୍ତୁ ବସନ୍ତୁ। ପାଖରେ ଡ଼କ୍ଟର ବସିଥିଲେ। ଶୁଭ୍ରାଂଶୁ ବାବୁ କହିଲେ ମୁଁ ତ ଆପଣଙ୍କୁ ହିଁ ଅପେକ୍ଷା କରିଥିଲି। ମୁଁ କହିଲି ଆପଣଙ୍କର ଏ ଅବସ୍ଥା ! ସେ କହିଲେ ସେ କିଛି ନାହିଁ, ଏହା ତ ସମୟ ର ଚକ୍ର। ଡ଼କ୍ଟର ମୋତେ ବାହାରକୁ ଆସିବାକୁ କହିଲେ ଆଉ କହିଲେ ଆପଣ ଜାଣନ୍ତି ତାଙ୍କୁ ବ୍ଲଡ଼ କ୍ୟାନ୍ସର last

stage। ମୁଁ ଦେଖୁଥିଲି ତାଙ୍କ ମୁହଁ ରେ ଜ୍ୟୋତି ଟିକେ ବି ମଳନ ପଡିନ। ତେଣୁ ଡ଼କ୍ଟର କହିଲେ ସେ ଟିକେ ରେଷ୍ଟ ନଅନ୍ତୁ ଆପଣ ପରେ କଥା ହେବେ। ଆଉ ଏଇ ଡାଏରୀ ଟା ଆପଣଙ୍କୁ ଦେବାକୁ କହିଥିଲେ। ଆଉ ଏଇ ଯୋଉ ପିଲ୍ ଟା ଆପଣଙ୍କୁ ଫୋନ କଲା ସେ ତାଙ୍କର ପୋଷ୍ୟ ପୁତ୍ର। ମୁଁ ଘର ବୁଲିକ ଦେଖୁଥିଲି ଆଉ ଏହା ଜାଣିପାରିଲି ଯେ ସେ ଲେଖା ଲେଖି ବି କରନ୍ତି ଆଉ ଚତ୍ର ବି ଆଙ୍କନ୍ତି। ଏମିତି ଦେଖୁ ଦେଖୁ ଗୋଟେ ଚ ପାଖରେ ମୋ ଆଖି ଅଟକଗଲା। ମୋତେ ଲ୍ଗିଲ୍ ଯେମିତି କାହାର ଅବିକଳ ମୂର୍ତ୍ତି ଟିଏ ପ୍ରାଣ ପାଇଯାଇଛି। ଭଲ ରେ ଦେଖିଲି ମୋତେ ସେ ଚତ୍ର ବହୁତ ଚହ୍ନା ଚହ୍ନା ଲ୍ଗିଲା, ଆରେ ଏ ତ ନମ୍ରତା ! ମୁଁ ଆଶ୍ଚର୍ଯ୍ୟ ହେଇ ଗ୍ହିଁ ରହିଲି, କନ୍ତୁ ସେ ମୋତେ ତାଙ୍କ ପ୍ରେମିକା ର ନାମ ଅଳକାନନ୍ଦା ବୋଲି ମୋତେ କାହିଁକ କହିଥିଲେ। ତା ପରେ ଆହୁରି ବହୁତ ଚତ୍ର ନମ୍ରତା ଙ୍କର ଦେଖିଲି। ତେବେ ଡାଏରୀ ଖୋଲିଲି ଆଉ ସେଥିରୁ ଯାହା ପଢ଼ିଲି ପୃଥିବୀ ର ଆବର୍ତ୍ତନ ଅଟକ ଗଲା ଭଳ ଲ୍ଗିଲା। ସେଥିରେ ନମ୍ରତା ବିଷୟ ରେ ସବୁବେଳେ ସେଇଆ ଲେଖା ହେଇଥିଲା ଯାହା ସେ ଅଳକା ବିଷୟ ରେ କହିଥିଲେ। ଆଉ ଏକଥା ବି ଲେଖା ଯାଇଥିଲା ଯେ ନମ୍ରତା ଙ୍କ ଫୋନ ଆସିଲା ବେଳେ ମୋତେ ଫୋନ display ରେ ତାଙ୍କ ଫୋଟ ଦେଖି ତାଙ୍କର ଆଉ ଜାଣିବା ବାକ ନଥିଲା ଯେ ମୁଁ ହେଉଛି ନମ୍ରତା ର ସ୍ୱାମୀ ବୋଲି| ସେଇ ଦିନ ସନ୍ଧ୍ୟା ରେ ମୃତ୍ୟୁ ହୋଇଥିଲା ଶୁଭ୍ରାଂଶୁ ମହାପାତ୍ର ଙ୍କର। ଶୋକ ସନ୍ତପ୍ତ ନେତ୍ର ରେ ମୁଁ ତାଙ୍କ ଚତାଗ୍ନି କୁ ଦେଖୁଥିଲି ଆଉ ପ୍ରଣାମ କରୁଥିଲି ଏଭଳ ଜଣେ ପ୍ରେମ ର ମହାନ ପୂଜାରୀ ଙ୍କୁ | ଘର କୁ ଫେରି ଆସିଲି ଆଉ ନମ୍ରତା ଙ୍କୁ କଛି ଜଣାଇଲି ନାହିଁ । ଯାହା ଶୁଭ୍ରାଂଶୁ ବାବୁ ଙ୍କ ସର୍ତ୍ତ ଥିଲା। ଆଜି ଅନେକ ଦିନ ପରେ ଯେତେବେଳେ ଆଉ ନମ୍ରତା ବି ଦୁନଆ ରେ ନାହାନ୍ତି, ତେବେ ଶୁଭ୍ରାଂଶୁ ଙ୍କ ଏ ଡାଏରୀ ମୋ ପାଖେ ଅଛି। ତେଣୁ ତାକୁ ଏକ କାହାଣୀ ର ରୂପ ଦେବାକୁ ମୋ ମନ ଏବଂ ହୃଦୟ ବାଧ କଲା |

(ଏଠାରେ ସମସ୍ତ ଚରିତ୍ର କାଳ୍ପନକ, ଯଦି କେଉଁ ଜୀବିତ ଅଥବା ମୃତ ବ୍ୟକ୍ତି ଙ୍କ ସହ କଛି ସାମଞ୍ଜସ୍ୟ ଥାଏ ତେବେ ତାହା ଏକା ସଂଯୋଗ ମାତ୍ର )

# ଶ୍ରୀ ରାଧାଦାମୋଦର



ମିନତୀ କୁମାରୀ ଦାଶ

ସ୍ୱାଗତ ହେମନ୍ତ ମାସ ପୂଣ୍ୟବନ୍ତ
ମହା କାର୍ତ୍ତିକ ଆବର ।
ପାବନ ମୂହୁର୍ତ୍ତ ସ୍ୱର୍ଗଶ୍ରୀ ମଣ୍ଡିତ
ବେଳ ପୂଣ୍ୟ ଅର୍ଜନର ।।
ପୂତ ଭାବନାରେ ଭକତି ଅନ୍ତରେ
ଶ୍ରୀ ରାଧାଦାମୋଦର ।।। (୧)
ହବିଷ ପାଳନ ଭଜନ ବନ୍ଦନ
ସଂକୀର୍ତ୍ତନ ନାମ ସାର ।
ସାତ୍ତ୍ୱିକ ଜୀବନ ବିଭୁ ନାମ ଧ୍ୟାନ
ଦିନରୁ ଦିନ ପବିତ୍ର ।।
ସକାଳ ଧୂପରେ ଆକାଶ ବତୀରେ
ଶ୍ରୀ ରାଧାଦାମୋଦର ।।। (୨)
ରଜନୀର ଅନ୍ତେ ବ୍ରାହ୍ମୀ ଉପଗତେ
ଧରା ଚଞ୍ଚଳ ମୁଖର ।
ପାହାନ୍ତି ସ୍ନାହାନ ବାଲୁକା ପୂଜନ
ମହୋଦଧି ନଦୀ ତୀର।।
ମନ୍ଦିର ଘଣ୍ଟିରେ ଚନ୍ଦନ ଚତାରେ
ଶ୍ରୀ ରାଧାଦାମୋଦର ।।। (୩)
ଭାଗବତ ଗାନ ପୁରାଣ ପଠନ
ଆଧ୍ୟାତ୍ମିକତା ଆସର ।
ହରି ଓ ହରଙ୍କ ଆଳୟ ଦର୍ଶନ
ପାଳ ଚତୁଃ ସୋମବାର ।।
ହୁଳହୁଳ ଶବ୍ଦେ ଘଣ୍ଟ ତାଳ ନାଦେ
ଶ୍ରୀ ରାଧାଦାମୋଦର ।।।୪)

ଯାତ୍ରା ତୀର୍ଥ କ୍ଷେତ୍ର ପୂଣ୍ୟ ଲଭେ ନେତ୍ର
ଅନ୍ତେ ଏକ ପକ୍ଷ ପାର ।
ପର୍ବ ଦୀପାବଳି ହସ୍ତରେ ଦୀପାଳୀ
ଶ୍ରାଦ୍ଧ ପିତୃଗଣଙ୍କର ।।
ଦୀପ ପ୍ରଜ୍ୱଳନେ ଆଲୋକିତ ବାଣେ
ଶ୍ରୀ ରାଧାଦାମୋଦର ।।। (୫)
ଅଁଳା ନବମୀରେ ମାଡ଼ି ସମାହାରେ
ଶୋଭେ ରାଧା ଶ୍ରୀ ପୟର ।
ବଡ଼ ଏକାଦଶୀ ନାଗାର୍ଜୁନ ବେଶ
ଦୁର୍ଲଭ ଓ ମନୋହର ।।
ପଞ୍ଚକ ପାଳନେ ଅଗସ୍ତି ସେବନେ
ଶ୍ରୀ ରାଧାଦାମୋଦର ।।। (୬)
ରାସ ପୂର୍ଣ୍ଣିମା ରେ ବୋଇତ ବନ୍ଦାଣ
ଉଦ୍ ଯାପନ କାର୍ତ୍ତିକର ।
ଯୁଗଳ ମୂରତି ଦିବ୍ୟ ଆରାଧନା
ମାହାତ୍ମ୍ୟ ଅଟେ ଅପାର ।।
ତୁଳସୀ କଣ୍ଠିରେ ନାମାବଳି ପରେ
ଶ୍ରୀ ରାଧାଦାମୋଦର ।।।
ଶ୍ରୀ ରାଧାଦାମୋଦର ।।।(୭)

ରାଜୀବ ନଗର, ବ୍ରହ୍ମପୁର, ଗଞ୍ଜାମ

# ଦୁଃଖ ଏପଟେ, ସୁଖ ସାଥି



ସଞ୍ଜୟ କୁମାର ନାଏକ

ତୋ କଥା ଭାବି ସାଥୀ
ଯାଉଛି ମୋ ଦିନ ବିତି,
ଭାନଗି ଦେଇ ଏ ପରୀତି,
କ ଲାଭ ପାଇଲୁଟି ତୁହି,
ସପନ ମୋ ଥିଲ ତୋ ପାଇଁ,
ତୋ କନ୍ତୁ ବୁଝିଲୁନ କାହିଁ,

ଏ ଗଢା ସପନ ମୋରି
କ୍ଷଣକରେ ଗଲା ଧ୍ୱଂସ ହୋଇ,
କାହିଁ ଏତେ ହେଲୁ ଅଭିମାନନୀ,
ମୋ କଥା ତୁ ଜମା ବୁଝିଲୁନ,
ଝୁରେ ତୋତେ ଆଜି ମୁଁ କତି,

କରିଦେଲୁ ମୋତେ ତୋ ଇତି,
ଭୁଲ କଲି କ କରି ପୀରତି,
ହସୁଛୁ ତୋ ମୋତେ କଷଣ ଦେଇ
ମିଛଟାରେ ତୋତେ ଭଲ ପାଇଲି,
ବିଶବ ଆସରେ ତୋର ବିଷ ପିଇଲି,
ମୋ ମରମ ବେଦନା ପାରିବୁକ ବୁଝି,

ହୃଦୟ ମୋ ଜଳ ଯାଉଛି ଆଜି,
ସାତ ଜନମର ହେଇ ତୁ ସାଥି,
କହିଥିଲୁ ତୁ ମୋ ମଥା ଛୁଇଁ,

ଭୁଲିଗଲୁ ତୋ ସେ ପ୍ରତିଶ୍ରୁତି,
ଲୁଟିନେଲୁ ମୋ ଜୀବନୁ ଶାନ୍ତି,
ଯା ମୋଠୁ ଦେଲି ତୋତେ ମୁକତି,
ତୋ ପ୍ରତି ମୋ ଆଉ ନାହିଁ ଆସକ୍ତି,
ତୋ ଜୀବନେ ହୋଇ ଥା ତୁ ସୁଖି,
ମୁଁ ପଛେ ମରିବି ଭାବି ତୋ ସ୍ମୃତି

ବଡ଼ଝାଙ୍କର ପାଲି, (ପିପଲ ଡାବର)
ଶିକ୍ଷକ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର,
ପାଟଣାଗଡ

# ଅସହାୟ ମଣିଷର ସଙ୍ଘର୍ଷ

ସୁବାଷ ଚନ୍ଦ୍ର ବେହେରା

ଯଦିଓ ତା ଗାଁ ଠାରୁ କଟକ ର ଦୂରତା ମାତ୍ର ଖ୍ଵଳଶି କମି, ସନଭାଇକୁ ସକାଳୁ ଷ୍ଟେସନରୁ ଆଣିବା ପାଇଁ ସେଦିନ ପ୍ରଥମ ଥର କଟକ ସହରରେ ରାତ୍ରୀ ଯାପନ କରୁଥାଏ ସୁଭାସିସି। କୌଣସି ଲଜ କମ୍ବା ହୋଟେଲରେ ନୁହେଁ। ନମ୍ନ ମଧବିତ୍ତ ପରିବାରର ଟଣା ଓଟରା ଚଳଣି ଭିତରେ ଏ ସବୁ ସ୍ଵପ୍ନ ଦେଖିବା ମନା। ତାଙ୍କ ଗାଁର ଜଣେ ଲୋକ, ଯିଏ କଟକରେ ରହି ବେପାର କରୁଥିଲେ। ତାଙ୍କ ଘରେ ରାତିଟା କଟିବା ପାଇଁ ବେବସ୍ଥା ହୋଇଥାଏ।।ଗୋଟିଏ ରାତିର କଥା। ସକାଳ ୭ଟାରେ ସାନଭାଇ ଆସି ପହଞ୍ଚିବ। ଏତେ ସକାଳୁ ଗାଁରୁ ଆସି ତାକୁ ଭେଟି ହେବନ । ତେଣୁ ରାତିରୁ ଆସି ଗାଁର ଲୋକଙ୍କ ଘରେ ଥାଏ। ପୂରା ବର୍ଷେ ପରେ ମଧପ୍ରଦେଶରୁ ଫେରୁଥାଏ ସାନଭାଇ। ଅଭାବି ଘରର ଅଭାବ, ଅନଟନ ତାକୁ ବ୍ୟତିବ୍ୟସ୍ତ କରି ପକେଇଲା। ଦଶମ ପରୀକ୍ଷା ରେ ଅକୃତ କାର୍ଯ୍ୟ ହେବାରୁ ସିଧା ମଧ ପ୍ରଦେଶ ଖ୍ଵଲିଯାଇଥିଲା କଛି ପିଲାଙ୍କ ସହ। ଏତେ କମ ବୟସରେ ତାକୁ କଛି କାମଧନ୍ଦା ମିଳଲାନାହିଁ। ଜେନତେନ ପ୍ରକାର ବର୍ଷେ ସମୟ କାଟି ସେ ଫେରୁଥାଏ ନଜ ଗାଁକୁ। ତାକୁ ପାଛୋଟି ଆଣିବାକୁ ଯାଇଥାଏ ବଡ ଭାଇ ସୁଭାସିସି।

ବଢି ସକାଳୁ ସେ କଟକ ସହରର ରୂପକୁ ଅତି ପାଖରୁ ଦେଖୁଥାଏ। ସହରରେ ସକାଳ କେମିତି ହୁଏ ପରଖୁ ପରଖୁ ସେ ଷ୍ଟେସନରେ ପହଞ୍ଚି ଯାଇଥାଏ। ଜୀବନରେ ପ୍ରଥମ ଥର ପାଇଁ ସେ ଦେଖୁଥିଲା ସୃଷ୍ଟିର ଶ୍ରେଷ୍ଟ ଜୀବ ମଣିଷ ମାନଙ୍କୁ। ଖୋଲା ଆକାଶ ତଳେ ଅସହାୟ ଅବସ୍ଥାରେ ଭାଗ୍ୟକୁ ଆଦରି ବୁଲା କୁକୁର ଗାଈ ଗୋରୁ ମାନଙ୍କ ସହ ଏକାକାର ହୋଇ ପ୍ଲାଟଫର୍ମରେ ଶୋଇଥିବାର। ନଜ ଆଖିକୁ ବିଶ୍ଵାସ କରି ପାରୁନଥିଲା। ହଠାତ ମୁଣ୍ଡ ଭିତରଟା କେମିତି କେମିତି ଲାଗିଲା। ପାଦ ଶକ୍ତି ହୀନ ହେଲା ଭଳ ଅନୁଭବ ହେଲା। ନଜକୁ ସମ୍ଭାଳ ନେଉନେଉ ପାଖ ଚୌକରେ ବସିପଡ଼ିଲା। ଆଖିରୁ ଅବିଶ୍ରାନ୍ତ ଭାବେ ବହି

ଗ୍ଭଲୁଥାଏ ଧାର ଧାର ଲୁହ। ଦେଖଣାହାରି ମାନେ ଦଣ୍ଡେ ରହି ଅନାଉଥାନ୍ତି। ପୁଣି ନଜ ଗ୍ରସ୍ତାରେ ଗ୍ଭଲିଯାଉ ଥାନ୍ତି। ଲ୍ଗୁଥାଏ ସତେ ଯେମିତି ଏସବୁ ତାଙ୍କର ନତି ଦିନଆ ଦୃଶ୍ୟ। ମନେ ମନେ ଭ୍ବୁଥିଲ୍ ସେ ଭଗବାନ କେତେ ଦୟାଳୁ ଆମକୁ ମୁଣ୍ଡ ଗୁଞ୍ଜିବାକୁ ଘର ଖଣ୍ଡେ, ଖାଇବାକୁ ଦାନା ପିନ୍ଧିବାକୁ କନା କେଉଁଥିରେ ଊଣା କରିନାହାନ୍ତି। ତଥାପି ଅନ୍ୟର ଭଲ ଦେଖିଲେ ଆମେ ଭଗବାନଙ୍କୁ ଦୋଷ ଦେଉ। ତାକୁ ଇର୍ଷା କରୁ। ହେଲେ ଏ ଖୋଲ୍ ଆକାଶ ତଳେ ଲଙ୍ଗଳା ଫୁଙ୍ଗୁଳା ମଣିଷ ଗୁଡାକ ପଶୁମାନଙ୍କ ସହ ମିଶି ବିନା ଦୁଃଖ, ଅଭିମାନ, ଅବଶୋଷରେ କେତେ ଆନନ୍ଦରେ ସୋଇ ପଡିଛନ୍ତି। ଚର୍, ଫଟା କପଡା ଭିତୁରୁ ଶରୀରର ହାଡ ମାଉଁସ ସବୁ ଦୃଶ୍ୟମାନ ହେଉଥାଏ ଜଳ ଜଳ ହୋଇ। ପିଲ୍, ଛୁଆ, ଭେଣ୍ଡିଆ, ମରଦ, ମିଳପ ସବୁ ଏକାଠି ଲ୍ଟେି ପଡ଼ିଥାନ୍ତି ଗୋଟିଏ ଯୌଥ ପରିବାରର ସଦସ୍ୟ ଭଳ। ଗୋଡ ହାତ ଲଦା ଲଦି ହୋଇ। ତାରି ଭିତରେ ଭିତରେ ବୁଲ୍ କୁକୁର, ଗୋରୁ ବି ସାମିଲ ଥାନ୍ତି। ଦିନ ଯାକର ଅକ୍ଲାନ୍ତ ପରିଶ୍ରମ ପରେ ପେଟରେ ଦାନ ଦିଟା ପଡିଗଲେ ନଦ ଘୋଟି ଆସୁଥିବ। ଭ୍ଗ୍ୟକୁ ଆଦରି ସୋଇ ପଡୁଥିବେ ଆର୍‌ମରେ। ନା ଅଛି ଆଖିରେ ଅନେକ ସ୍ୱପ୍ନ ନା ତଥାକଥିତ ଶିଖିତ ମଣିଷ ଭଳ ଅଧିକ ଲ୍ଭେ। ଅଧିକ ସଞ୍ଚୟ କରିବାର ଦୁର୍ବାର ଆଶା। ଅଧିକରୁ ଅଧିକ ସମ୍ପତି ଆଶାରେ ସଭ୍ୟ ଶିକ୍ଷିତ ମଣିଷ ନା ଶାନ୍ତିରେ ଶୋଇ ପାରୁଛି ନା ଖାଇ ପାରୁଛି। ଫଳରେ ଶିକାର ହେଉଛି ବଡ ବଡ ଅଜଣା ରେ୍ଗର। ଅଧିକ ରୁ ଅଧିକ ସଞ୍ଚୟ ଆଶାରେ ନଜ ପେଟ ପାଟିରୁ କାଟି ଲ୍ଭେ କରି ହେଉ ବା ଅନ୍ୟକୁ ଦୁଃଖ ନର୍ଯାତନ ଦେଇ ସଞ୍ଚୟ କରିଥିବା ଧନକୁ ସାରେ ମଲ୍ଟି ସ୍ପେସିଆଲିଟି ସ୍ୱାସ୍ଥ କେନ୍ଦ୍ରରେ । ଏ ଭ୍ଗ୍ୟର ବିଡମ୍ବନା ନୁହେଁକି**?**

ଅପେକ୍ଷା କରିଥିବା ଟ୍ରେନର ନାମ ଘୋଷଣା ହେଲ୍ରୁ ସେ ତାର ଚେତନା ଫେରି ଫାଇଲ୍। ଦେଖିଲ୍ ପୋଲିସ ଙ୍କର ପାଟି ଶୁଣି ସବୁ ଧଡ ପଡ ହୋଇ ଉଠି ଠିଆ ହୋଇଗଲେ। ହାତ ମୁହଁ ଧୋଇ ପାଖ ଦୋକାନରୁ ଗ୍ଭ ବିସ୍କୁଟ/ପାଉଁରୁଟି କଣି ଖାଇଲେ। ଟ୍ରେନ ଲ୍ଗିଲ୍ରୁ ସବୁ ଧାଇଁ ଯାଇ କାମରେ ଲ୍ଗିଗଲେ। ସେ ମଧ ଧାଇଁ ଯାଇ ଭ୍ଇର ବଗି ଦୁଆର ମୁହଁରେ ଜଗି ରହିଥିଲ୍। ସାନ ଭ୍ଇକୁ ପାଖରେ ଦେଖି ତା ଆଖିରୁ ଆନନ୍ଦର ଲୁହ ଝରିଗଲ୍। ଗାଡିରୁ ଲଗେଜ୍ ଉତାରି ସାରି ଦୁହେଁ ପରସ୍ପରକୁ ଆଲିଙ୍ଗନ କଲେ। ପାଖ ବେଞ୍ଚରେ ଦୁହେଁ ବସିଲେ। ଭ୍ଇକୁ ଜଳଖିଆ କଣି ଦେଲ୍। ଭ୍ଇକୁ ବୁଝେଇଲ୍ ଜୀବନର ଦର୍ଶନ। ସକାଳେ ଦେଖିଥିବା ଦୃଶ୍ୟକୁ। ଭ୍ଇ ଗ୍‌ଜି ହେଲ୍ ଆଉଥରେ ପରୀକ୍ଷା ଦେବା ପାଇଁ। ହାତରେ ସମୟ

ଥାଏ ଆଉ ଦୁଇ ମାସ। ସେଇ ଦୁଇମାସ ହିଁ ଯଥେଷ୍ଟ ଥିଲା ତା ପାଇଁ। ବଡ ଭାଇର ସ୍ନେହ, ପ୍ରେମ ପ୍ରେରଣା ତାକୁ ସଫଳ କଲା କୃତ କାର୍ଯ୍ୟ ହେବା ପାଇଁ। ତାପରେ ସେ ଆଉ ପଛକୁ ଫେରି ଚାହିଁନ। ଜୀବନର ପ୍ରତ୍ୟେକ ମୁହୂର୍ତ୍ତରେ ଆସୁଥିବା ଝଡକୁ ସାମ୍ନା କରି ସେ ଆଜି ଜଣେ ସଫଳ ମଣିଷ। ଟିକେ ଝଡ଼ଝଞ୍ଜା, ରାଗ, ଅଭିମାନରେ ଏ ଅମୂଲ୍ୟ ଜୀବନକୁ ନଷ୍ଟ କରି ଦେଉଥିବା ଯୁବ ସମାଜ। ଥରେ ଜୀବନର ବାସ୍ତବତା ଉପଲବ୍ଧି କରିବା ପାଇଁ ଚେଷ୍ଟା କର। କେବେ କେବେ ବୁଲିଯାଅ ସହରର ଗଳି, କନ୍ଦି ବସ ଷ୍ଟାଣ୍ଡ କ ରେଳ ଷ୍ଟେସନ ଅନେକ ଜ୍ୱଳନ୍ତ ଉଧାହରଣ ପାଇବ ଜିଇଁ ବା ପାଇଁ କକ କଷ୍ଟ କରୁଚ ଏ ମଣିଷ।

ଶାନ୍ତିରେ ବସି ଥରେ ଭାବ ତୁମ ଜୀବନର ଗତିକୁ, ନିଶ୍ଚେ ତୁମକୁ ସୁନ୍ଦର ରାସ୍ତାଟିଏ ମିଳଯିବ ତମାମ ଜୀବନ ଶାନ୍ତିରେ ଜୀଇଁବାକୁ।

ଜିଲ୍ଲା ମୁଖ୍ୟ ଚକିତ୍ସାଳୟ,
ରାୟଗଡ଼ା, ଓଡ଼ିଶା

ଓଡିଶା ବାହାରେ ରହୁଥିବା ପ୍ରତ୍ୟେକ ଓଡିଆଙ୍କ ପାଖରେ ପହଞ୍ଚିବା ହେଉଛି ବେଦାନ୍ତୀର ଲକ୍ଷ୍ୟ ଆଉ ଏହି ଲକ୍ଷ୍ୟପଥରେ ଆଗେଇ ଯିବା ଦିଗରେ ଅନେକ ସାହାଯ୍ୟ କରୁଛନ୍ତି ବେଦାନ୍ତୀ ପାଇଁ ନିଜର ବହୁମୂଲ୍ୟ ସମୟଦେଇ ଲେଖା ପଠାଉଥିବା ଲେଖକ ଓ ଲେଖିକାମାନେ । ସେମାନଙ୍କ ସହଯୋଗପାଇଁ ବେଦାନ୍ତୀ ପରିବାର ତରଫରୁ ଅନେକ ଅନେକ ସାଧୁବାଦ

# ସ୍ୱପ୍ନ ସବାରୀରେ ପ୍ରେମ କୁମାର



ସୁଦାମ ଲେଙ୍କା

ମନ ସପନରେ ତୁମେ ଯେ କୁମାରୀ
ପ୍ରେମ ଦୁନିଆରେ ତୁମେ ଅନ୍ତାକ୍ଷରୀ !!
ସ୍ୱପ୍ନ ସବାରୀରେ ମୁଁ ପ୍ରେମ କୁମାର
ସବୁଦିନ ପାଇଁ ହେବି ଯେ ତୁମର !!
କେତେ କେତେ ଘଡି ଉଜାଗର ରତୀ
ସବୁ ମୁହୂର୍ତ୍ତଟି ଲାଗେ ଭରି ପ୍ରୀତି!!
ଅକଞ୍ଚନ ମନେ ତୁମ ସଞ୍ଜୀବନେ
ପ୍ରେମ କସ୍ତୁରୀର ଆଜନ କାନନେ!!
ସ୍ପୃରୁ ସ୍ୱର୍ଶ ପାଇ ପ୍ରେମ ଅନ୍ତ ନାହିଁ
ଯୁଗେ ଯୁଗେ ମୁହିଁ ସଦା ତୁମ ପାଇଁ !!
ମନ ପୁଷ୍ପ ବନେ ସୁଗନ୍ଧ ପୁଲକେ
ତୁମ ସ୍ୱର୍ଶ ବିନା ଆତଙ୍କ ଝଲକେ !!
ହେଁ ଛାୟା କାଞ୍ଚନ ଅଶ୍ୱସ୍ଥ ଦିଅମନ
ବିସ୍ମୟ ଆନନ ହୃଦୟ ସ୍ୱନ୍ଦନ !!
ଅପେକ୍ଷାର ମୂଲ ତୁମ ଆଗମନ
ବିସ୍ମିତ ଜୀବନ ମଳୟ ପବନ !!
ଦ୍ୱୀର୍ଘା ଲାଗେ ଆଜି ଉତ୍କଣ୍ଠାକୁ ଦେଖି
ନୟନନ୍ତଣ ମୁଗ୍ଧ ମନ ଲୁହ ଆଖି!!
ମୁଁ ପ୍ରେମ କୁମାର ତୁମେ ଯେ କୁମାରୀ
ପ୍ରତୀକ୍ଷା ଉନ୍ମୁକ୍ତେ ସପନ ସବାରୀ!!!

ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ,
ଗୋନାସିକା ଉଚ୍ଚମାଧ୍ୟମିକ ବିଦ୍ୟାଳୟ, କେନ୍ଦୁଝର

# କବି ପ୍ରାଣ

ସରୋଜିନୀ ବେହେରା

କୁସୁମ ବିତାରେ ସୁଷମା ତାହାର
କାନନର ଘଞ୍ଚ ବନେ,
ଅରୁଣ କରଣେ କେଇ କ୍ଷଣ ଫୁଟି
ଝରିପଡେ ଅକାରଣେ ।।୧।।

ନହିତ ପ୍ରତିଭା ହୃଦୟ କନ୍ଦରେ
କରେ ଯେତେ ଆନ୍ଦୋଳତ,
କବି ପ୍ରାଣ ସତେ ପୁଲକ ଚହଟେ
ଶବ୍ଦ ମଧ୍ୟ ବିମୋହିତ ।।୨।।

କର୍ମ ଜଞ୍ଜାଳକୁ ପାଶୋରି ହୁଏନା
ଶ୍ରମ ବାରି ଲେପି ତୁଣ୍ଡେ,
ଶବ୍ଦ ଅଳଙ୍କାର ବିଶ୍ୱେର ପଥରେ
ଲୀନ ହୁଏନାହିଁ ଦଣ୍ଡେ ।।୩।।

କ୍ଷେତ ଠାରୁ ନେତ ପ୍ରତି ମୂହୁର୍ତ୍ତରେ
ଝରେ କ୍ଳାନ୍ତହରା ଗୀତି,
ଶ୍ଳେଷ ଅବା ବେଶ ଅଙ୍ଗେ ଆଙ୍କେ ନତି
ଆତ୍ମ ଉଲ୍ଲାସର ପ୍ରୀତି ।।୪।।

ଆଗରପଡା, ଭଦ୍ରକ

# ଉଦବୋଧନ
## ଭାଗ (୧)



କୌସ୍ତୁଭ ଜାଲ

ଆଜି ସ୍ୱାଧୀନତା ର ୭୪ତମ ବର୍ଷ | ଆଉ ବର୍ଷକପରେ ସ୍ୱତନ୍ତ୍ରତା ର ପ୍ଲାଟିନମ୍ ଜୟନ୍ତୀ ଅନୁଷ୍ଠିତ ହେବ | କିନ୍ତୁ ବିଚାର ଯୋଗ୍ୟ ବିଷୟ ଏହି କି ଯେ ସ୍ୱାଧୀନତା ରୂପକ ଏ ଯେଉଁ ସ୍ୱର୍ଗର ଅମୃତ ରସ ଆମକୁ ପ୍ରାପ୍ତ ହେଲା ତାର ସୁରକ୍ଷା କରିବା ସମସ୍ତ ଚେତନଶିଳ ଭାରତୀୟଙ୍କ ପରମ କର୍ତ୍ତବ୍ୟ | କିଛି ସମ୍ପତ୍ତି ପ୍ରାପ୍ତି ହେବା ବଡ଼କଥା ନୁହେଁ, ଅପିତୁ ତାହାର ସୁରକ୍ଷା ଏବଂ ସଦବିନିଯୋଗ ମହତ୍ୱପୂର୍ଣ୍ଣ ଅଟେ | ସ୍ୱାଧୀନତାର ପରିଭାଷା କଣ ଏବଂ ଏହାର ମୂଲ୍ୟକୁ କିଏ ହୃଦୟଙ୍ଗମ କରିଛି ? ମୋ ମତରେ ସ୍ୱାଧୀନତା ହେଉଛି ମାନବିକ ମୂଲ୍ୟବୋଧର ଶୃଙ୍ଖଳିତ ମନବିନ୍ଦୁ ଅଟେ ଏବଂ ଏହାକୁ ସିଏ ହୃଦୟଙ୍ଗମ କରିପାରେ ଯିଏ ଗୁଲାମୀର ଶିକାର ହୋଇଛି ତଥା ରାଷ୍ଟ୍ରର ଏକତା ଅଖଣ୍ଡତା ମାନ ସମ୍ମାନ ଏବଂ ରାଷ୍ଟ୍ର ର ବିକାଶ ନିମିତ୍ତ ଯିଏ ନିଜର ସର୍ବସ୍ୱ ଉତ୍ସର୍ଗୀକୃତ କରିଦେଇଛି | ଯିଏ ନିଜର ସୀମିତ ତୁଚ୍ଛ ସ୍ୱାର୍ଥପାଇଁ ରାଷ୍ଟ୍ରକୁ ଶୋଷଣ କରେ, ପ୍ରତାଡିତ କରେ, ଜାତୀୟତା ଭେଦ ସୃଷ୍ଟି କରି ରାଷ୍ଟ୍ର କୁ ଖଣ୍ଡବିଖଣ୍ଡିତ କରିବାର ହୀନ କୁତ୍ସିତ ମାନସିକତା ସମ୍ପନ୍ନ, ଅରାଜକବାଦୀ, ଅସାମାଜିକ ତତ୍ତ୍ୱଙ୍କ ସହ ସାମିଲ ହୋଇ ଦଙ୍ଗା ସୃଷ୍ଟି କରେ ଏଭଳି ଆସୁରୀ ପ୍ରବୃତ୍ତି ବ୍ୟକ୍ତି କଣ' ବା ଉପଲବ୍ଧି କରିପାରିବ ସ୍ୱାଧୀନତାର ମୂଲ୍ୟବୋଧ କୁ |

ଆମର ଅନ୍ଧ ବୁଝାମଣା, ଅନ୍ଧବିଶ୍ୱାସ, ଧର୍ମାନ୍ଧତା, ଅଜ୍ଞାନତା, ସ୍ୱାର୍ଥପରତା, ଦୂରଦୃଷ୍ଟି ହୀନତା, ତଥା ସାମାଜିକ ଭେଦଭାବ ଯୋଗୁ ଏ ଦେଶ ଶହ ଶହ ବର୍ଷ ଧରି ବିଦେଶୀ ଆକ୍ରାନ୍ତ ଙ୍କ ପରାଧୀନତା ର ଶିକୁଳ ରେ ବାନ୍ଧି ହୋଇଗଲା । ସ୍ୱାଧୀନତା ର ପ୍ରଥମସ୍ୱର ଗୁଞ୍ଜନ ହେଲା ୧୮୫୭ର ପାଇକ ବୋଦ୍ରୋହ ରୁ ଏହି କ୍ରାନ୍ତି ର ଅଲିଭା ଦୀପ ଦିନ କୁ ଦିନ ତେଜିଆନ ହେଇ ଉଠିଲା । "ମେରା ରଙ୍ଗ ଦେ ବସନ୍ତୀ ଚୋଲା ଏବଂ ବନ୍ଦେ ମାତରମ "
ପାଷାଣ ହୃଦୟରେ ଚେତନ ର ଅବିଚଳିତ ସ୍ରୋତ ପ୍ରବାହିତ ହେଲା ଜାତି ଧର୍ମ ଭୁଲି ଏକତାର ସନ୍ଧ ରେ ଆବଦ୍ଧ । ଅଗଣିତ ରାଷ୍ଟ୍ର ପ୍ରେମୀ ସେହି ସ୍ରୋତରେ ନିଜର ପ୍ରାଣ

ବିସର୍ଜନ କରିଦେଲେ । ଏହା ସେ ସମୟର ସ୍ୱାଧୀନତାର କଷଟି ଥିଲା ଏହାର ପରିଣାମ ସ୍ୱରୂପ ଭାରତୀୟଙ୍କୁ ମିଳିଲା ସ୍ୱାଧୀନତା ରୂପକ ସ୍ୱାତୀ ନକ୍ଷତ୍ରର ଜଳ ବିନ୍ଦୁ ସ୍ୱରୂପ ସ୍ୱାଧୀନତା ।

କ୍ରାନ୍ତି ର ଏହି ଦେଦିପ୍ୟ ମାନ ଦୀପ ଶିଖା ଶାନ୍ତ ହୋଇ ନଥିଲା । ଆସିଲା ୧୯୬୨ ଓ ୧୯୭୧ ମସିହାର ଭାରତ ଚୀନ ଯୁଦ୍ଧ, ଦେଶ କୁ ରକ୍ଷା କରିବା ପାଇଁ କେତେ ବୀର ସହୀଦ ହେଲେ କହିଲେ ନ ସରେ । କେତେ ମା ମାନଙ୍କର ସୌଭାଗ୍ୟ ଗ୍ଲଲିଗଲା, କେତେ ଭାଇ ଭଉଣୀ ଅସହାୟ ହୋଇ ପଡିଲେ ତ ଆଉ କେତେକ ଙ୍କର ରୋଜଗାର ଗ୍ଲଲିଗଲା କହିଲେ ନ ସରେ । ଏ ପରିସ୍ଥିତିରେ ମଧ୍ଯ ଗୋଟିଏ ଭାରତୀୟ ମାଁ ସରହଦ ରେ ଡିଉଟି କରୁଥିବା ତାର ଏକ ମାତ୍ର ସନ୍ତାନକୁ ପତ୍ର ଲେଖି କହିଛି - "ସ୍ନେହ ର ପୁତ୍ର ! ତୁ ଯଦି ମୋ ଗର୍ଭ ରୁ ବାସ୍ତବରେ ଜନ୍ମ ହୋଇଛୁ, ତୁ ଯଦି ପ୍ରକୃତରେ ମା ଭାରତୀର ପୂଜାରୀ' ତେବେ ମୋର ଏହି ଉପଦେଶ କୁ ଉପଦେଶ ରୂପେ ନୁହେଁ ଆଶୀର୍ବାଦ ରୂପେ ହୃଦୟର ସହ ଗ୍ରହଣ କରିବୁ । ପୁତ୍ର ! ଧର୍ଯ୍ୟହରା ହେବୁ ନାହିଁ, ଭୟ କରିବୁ ନାହିଁ, ପ୍ରାଣ ପଛେ ଗ୍ଲଲିଯିବ ପଛ ଘୁଞ୍ଚା ଦେବୁ ନାହିଁ ।" ଯାହା କ ତତ୍କାଳୀନ ସମୟର ଚରମ ଦେଶ ଭକ୍ତିର ବାର୍ତା ବହନ କରିଥାଏ। କନ୍ତୁ ଆଜିର ଏହି ଏକ ବିଂଶ ଶତାବ୍ଦୀ ର ପ୍ରାତଃ ବେଳାରେ ନୂତନ ଭାରତର ସ୍ଥିତି ଅତ୍ୟନ୍ତ ବିଚତ୍ର ଅଟେ ।

ଆଜି ବସ୍ତୁବାଦର ତାଣ୍ଡବ ନୃତ୍ୟ ସର୍ବତ୍ର ବିଦ୍ୟମାନ । ଏହା ମଣିଷ ହୃଦୟରେ ଆଶୁରୀ ପ୍ରବୃତ୍ତି ଭରି ଦେଇଛି । ପ୍ରତିଷ୍ଠା ଏବଂ ପ୍ରତିପତ୍ତି ର ହୀନ ଆକାଂକ୍ଷା ବ୍ୟକ୍ତିର ମାର୍ଗରେ ମାୟାର ଅପୂର୍ବ ରମଣୀୟ ନଗରୀ ପରି ଶୋଭାୟମାନ ହୋଇ ତାର ଚତ୍ତ କୁ ଏପରି ଆକୃଷ୍ଟ କରିନେଇଛି ଯେ ସେ ମିଥ୍ୟା ପ୍ରପଞ୍ଚରେ ଛନ୍ଦି ହୋଇ ତାର ପଶ୍ଚାତଧାବନ କରି ନଜର ବାସ୍ତବିକତାକୁ ଭୁଲି ଯାଇଛି । ଭୁଲି ଯାଇଛି ଆଦର୍ଶ ମାନବିକ ମୂଲ୍ୟବୋଧ, କର୍ତବ୍ୟ, ସଦଭାବ, ଶାନ୍ତି, ମୈତ୍ରୀ ଓ ଏକତାର ଭାବ ଏବଂ ରାଷ୍ଟ୍ରପ୍ରେମ ମଧ୍ଯ ଫିକା ପଡିଯାଇଛି ତା ସାମ୍ନାରେ। ଏଥିପାଇଁ ସ୍ୱାର୍ଥରେ ଅନ୍ଧ ମଣିଷ ଆଜି ନଜର ଗୋଷ୍ଠୀ ସଂଗଠନରେ କର୍ମ ତତ୍ପର । ଜାତି ଧର୍ମ ବର୍ଣ୍ଣ ମତ ପନ୍ଥ ସମ୍ପ୍ରଦାୟ ଅନୁସାରେ ଦେଶକୁ ବିଭାଜନ କରିବାର କରୁଛି କୁତ୍ସିତ ଷଡଯନ୍ତ୍ର । ଏହା ହିଁ ହେଉଛି ଆଜିକାର ଧର୍ମାନ୍ଧ ମଣିଷର ରାଷ୍ଟ୍ର ପ୍ରେମ । କନ୍ତୁ ମୋର ବିଗ୍ଭରରେ ରାଷ୍ଟ୍ରର ଏକତା ଓ ଅଖଣ୍ଡତା କୁ ବଜାୟ ରଖି ଜାତି ଧର୍ମ ବର୍ଣ୍ଣ ମତ ପନ୍ଥ ସମ୍ପ୍ରଦାୟ ଭୁଲି ଶାନ୍ତି ମୈତ୍ରୀ ସଦଭାବ ବଜାୟ ରଖି ରାଷ୍ଟ୍ରର ବିକାଶ ରେ ପୂର୍ଣ ସମର୍ପଣ ଭାବେ କର୍ମ ରତ ହେବା ବାସ୍ତବ ଦେଶ ପ୍ରେମ ଅଟେ ।

କେତେକଙ୍କ ମତରେ ବର୍ଷକୁ ଦୁଇ ଥର ତ୍ରିରଙ୍ଗା ପତାକା ଉଡାଇ ଦେବା ଦେଶ ପ୍ରେମ ଅଟେ। ମାତ୍ର ଏହା ଯଦି ଠିକ ଅଟେ ତେବେ ସେହି ବ୍ୟକ୍ତିମାନେ ଯିଏକ ଦେଶକୁ ଖଣ୍ଡ ବିଖଣ୍ଡିତ କରିବାର କୁତ୍ସିତ ଚକ୍ରବ୍ୟୁହ ରଚନା କରି ଦଙ୍ଗା ସୃଷ୍ଟି କରୁଛନ୍ତି, ସେମାନଙ୍କୁ କଣ ରାଷ୍ଟ୍ର ଭକ୍ତ କୁହାଯିବ। **footpath** ରେ ରାସ୍ତା କଡରେ ଛୋଟ ଛୋଟ ତ୍ରିରଙ୍ଗା ବିକୁଥିବା ପିଲା ମାନେ କଣ ରାଷ୍ଟ୍ର ପ୍ରେମ ଉପଲବ୍ଧି କରିଥାନ୍ତି ? ତାହା ପେଟ ରୁଖଣ୍ଡର ଶକ୍ତି ଯେଉଁଥି ପାଇଁ ସେ ବାଧ ହୋଇଥାଏ ।

ରାଷ୍ଟ୍ର ପ୍ରେମ କୁ ସେ ହିଁ ଉପଲବ୍ଧି କରିଥାଏ ଯିଏକ ଦେଶ ପ୍ରତି ପୂର୍ଣ ସମର୍ପିତ । ପ୍ରେମ ହେଉଛି ସେହି ଅନୁପମ ଆଲୌକକ ତତ୍ୱ ଯଦ୍ୱାରା କ ମାନବ ଅମରତ୍ୱ ପାଇ ଦେବତା ରୂପେ ପୂଜା ପାଇଥାଏ ମାତ୍ର ଦେଶଦ୍ରୋହ ହେଉଛି ସେହି ଘୃଣ୍ୟ ତତ୍ତ୍ୱ ଯଦ୍ୱାରା ମାନବ ଦାନବରେ ପରିଣତ ହୁଏ | କନ୍ତୁ ଦେଶ ଦ୍ରୋହୀ ଅପେକ୍ଷା ରାଷ୍ଟ୍ର ପ୍ରେମ ସେତେବେଳେ ଆହତ ହୋଇଥାଏ ଯେତେବେଳେ ବୁଢ଼ା ମା' ବାପାଙ୍କୁ ବୃଦ୍ଧାଶ୍ରମକୁ ପଠେଇ ଦିଆଯାଏ, ରାଷ୍ଟ୍ର ପ୍ରେମ ତ ସେତେବେଳେ ଆହତ ହୋଇଥାଏ ଯେତେବେଳେ କ ବିପଦ ଗ୍ରସ୍ତ ଥିବା ଜଣେ ବ୍ୟକ୍ତିକୁ ସହଯୋଗ କରିବା ପରିବର୍ତ୍ତେ ସେଲ୍ଫି ନେବାରେ ମଣିଷ ବ୍ୟ ହୋଇଥାଏ ଆଉ ରାଷ୍ଟ୍ରପ୍ରେମ ତ ସେତେବେଳେ ଆହତ ହୋଇଥାଏ ଯେତେବେଳେ ଭିକ୍ଷା ମୁଠାଏ ପାଇଁ ଦ୍ୱାରଦେଶରେ ଛିଡା ହୋଇଥିବା ଦୁର୍ବଳ ଅସହାୟ ନରୀହ ଭିକାରୀକୁ କଟୁ କଥା କହି ଫେରାଇ ଦିଆ ଯାଏ ।

ଗୋଟିଏ ଦେଶର ଉନ୍ନତି ତାର ଯୁବା ବର୍ଗଙ୍କ ଉପରେ ନର୍ଭର କରିଥାଏ । ଯେହେତୁ ସେ ହିଁ ହେଉଛି ଦେଶର ଭବିଷ୍ୟତ, ଯାହା ଉପରେ ଦେଶର ଆଶା, ଆକାଂକ୍ଷା ତଥା ଭରସା ନର୍ଭର କରିଥାଏ ଯାହାକ ସମାଜ ଏବଂ ଦେଶକୁ ଏକତାର ସୂତ୍ରରେ ବାନ୍ଧି ରଖିଥାଏ | ସେହି ଯୁବକ ଯଦି ପଥଭ୍ରଷ୍ଟ ହୋଇ କେବଳ ଫେସବୁକ, ଟ୍ୱିଟର, ୟୁଟୁବ ଆଦିରେ ଦିନରାତି ବ୍ୟସ୍ତ ରୁହେ ଏବଂ ନଜର କର୍ତ୍ତବ୍ୟ ପଥରୁ ବିରତ ହୁଏ ତେବେ ଏ ଦେଶର ଭବିଷ୍ୟତ କଣ ହେବ ? ଏହି ସଂକୀର୍ଣ୍ଣ ମାନସିକତା ଯେ ଦେଶକୁ କେଉଁ ବିନାଶର ଅନଳକୁ ଠେଲି ଦେଉଛି ନଶ୍ଚିତ ଭାବରେ ବିଚାରଣୀୟ |

ଡୁଡୁକା, ବଲାଙ୍ଗୀର

# ବ୍ୟଙ୍ଗ

ସନାତନ ଦାସ

# ଆଧୁନିକତା...

କ ଯୁଗ ଆଇଲାରେ ନତିଆ
କହି ତ ପଡୁନ ଜଣା,
ଦୁନଆର ସବୁ ଭାବ ଭଙ୍ଗୀ ଦେଖି
ଲାଗିଲାଣି ସବୁ ଅଲଣା..!!

ବାପା ବୋଉ ଛାଡ଼ି ପିଲାମାନେ ଏଠି
ଡାଡି ମମି ଡାକଲେଣି,
ପାଶ୍ଚାତ୍ୟ ରଙ୍ଗରେ କବଳତ ହୋଇ
ଜିଅନ୍ତା କୁ ଶବ କଲେଣି..!!

ଭାତ ଚୁଡ଼ା ଛାଡ଼ି ଧୀରେ ଧୀରେ ସବୁ
ପିଜା ବର୍ଗର୍ ଖାଇଲେଣି,
ଦେଶୀ ଖାଦ୍ୟ ସବୁ ପାଦରେ ଆଡେଇ
ରୋଗକୁ ନେଲେଣି କଣି..!!

ପିଲାମାନେ ଆଜି ଭଲ ବସ୍ତ୍ର ଛାଡ଼ି
ଚିରା ଫଟା ପିନ୍ଧିଲେଣି,
ଘରେ ପଗ୍ଚରିଲେ ଜବାବ୍ ଆସୁଛି ଏଇଟା
ନୂଆ ଫ୍ୟାସନ୍ ହେଲାଣି.!!

ରାସ୍ତା ଘାଟରେ ଗଳ କନ୍ଦିରେ ଆଜି
ଲାଜ ସରମ ଗଲାଣି,
ଚିରା ଫଟା ଡ୍ରେସ୍ ଦେଖି ପୁଅ ଝିଅଙ୍କ
ଭିକାରି ସରମ କଲାଣି..!!

କ ମୋବାଇଲ ଆସିଛି ହେ ଭାଇ
କମ୍ ତାର ନୁହେଁ ଭାଉ,
ନା ଖାଇବି ପଛେ ପେଟକୁ ଦାନା
ଫୋନ୍ ମୋ ପାଖେ ଥାଉ...!!

ଗର୍ଜ୍ଜ ସରିଲେ ସତେକ ଲାଗେ
ଆମ ଦେହରୁ ରକ୍ତ ସରିଲା,
କେତେ ବିକଳରେ ବ୍ୟସ୍ତ ବିବ୍ରତ
ହୁଏ ମୋବାଇଲ ବାଲା..!!

ଢୋଲ ଘଣ୍ଟ କରତାଳ ଚୁଲିକୁ ଗଲାଣି
ଡି ଜେ ର ଜମାନା ଆସିଛି,
କର୍କଶ ସ୍ୱରରେ ହୃଦୟ ଥରୁଛି
ହାର୍ଟ ଆଟାକ୍ ଆସୁଛି..!!

ଉଦଣ୍ଡ ଢ଼ିଆଁ କୁ ଅଶ୍ଳୀଳ ନାଚ
ଆଜି ଗ୍ରହି ଦିଗ ମେଲିଛି,
ପାଲା ସଙ୍କୀର୍ତ୍ତନ ଭଲ ଲାଗୁ ନାହିଁ
ରେକର୍ଡ ଡାନ୍ସ ଚାଲିଛି..!!

ହଇରେ ନଟିଆ ସୁଧୁରି ଯାଆ
ଏବେ ବି ସମୟ ଅଛି,
କଳା ସଂସ୍କୃତି କୁ ଭଲ ପାଅ ଟିକେ
ନୌକା ବୁଡି ଯାଉଛି..!!

ମାର୍ଜିତ ହୁଅ ନିଜକୁ ବଦଳାଇ
ଦୁନିଆ ବଦଳିଯିବ,
ପରେ ଭାବିଲେ କିଛି ଲାଭ ନାହିଁ
ନେଡି ଗୁଡ ବୋହିଯିବା..!!

ସଅଁରା, ଜଗତସିଂହପୁର

# ରାସ୍ତା

ପ୍ରଦୀପ କୁମାର ଷଡଙ୍ଗୀ

ବେ ଫିକର ଶୋଇ ରହିଥାଏ
ନା ଥାଏ ନଦ
ନା ଅଳସପଣ;
ଜାନବିଲି ପାଣି ଦେବାକୁ
ପଥରସମ କଙ୍କ୍ରିଟ ଛାତିକୁ
ଠକ୍ ଠକ୍ ଖୋଳଛାଡିଦିଏ
ବେଦରଦୀ ଠିକାଦାର;
ସମୟ ତ ନଜର ସମୟ ନଏ
ଶୁଖେଇ ନେବାକୁ କ୍ଷତ!
ଆଉଜଣେ ଶିକାରୀ ର ଆଖିରେ
ଛନ୍ଦି ହୋଇ ଯାଏ ବେଧଡକ
ଲୁଚିହୋଇ ରହିଥିବା ରାସ୍ତା
ପ୍ରଶସ୍ତିକରଣ ପାଇଁ ଦୁଇପାଖ
ଖୋଳ ପୁନଶ୍ଚ ବିଦାରି ଦିଏ
ଅଖଣ୍ଡ କ୍ଷମତାର ଚୌକରେ
ଅବସ୍ଥାପିତ ମୁକୁଟବିହିନ
ସମ୍ରାଟ!
ଆହା, ଝୁଡ଼ିଏ ଲଙ୍କା ଓ ଲେମ୍ବୁ
ଗୁଙ୍ଗୁଡିର ଗାଁ ବେପାରୀ ମୁଣ୍ଡରେ
ଅଦିନଆ ଚଡ଼କ
ସମ୍ଭାଳବ କଏ?

ହାୟ, ମୁଁ ମସୀଧାରୀ।
ବୁନ୍ଦାଏ ଆହା ଓ ଅଶ୍ରୁ
ଦି ପଦ ଦରଦୀ କଥା;
ମୋ ସମ୍ବଳ ବାଣ୍ଟିପାରେ।
ନଅ ଭାଇ, ଭଉଣୀ!
ଲୋଡୁଥାଅ ବରାବର
ମୁଁ ତୁମ ପଡୋଶୀ।

# ବୋଉ

ହିମାଂଶୁ ଶେଖର ଦାଶ

ତୋ ବିନା ମୁଁ ବଞ୍ଚି ପାରେନା.....

ଆଖିରୁ ନିଜକୁ ଅଲଗା କରିଦେଲେ, ନିଦରୁ ସ୍ୱପ୍ନକୁ ଅଲଗା କରିଦେଲେ, ବଞ୍ଚିବାଟା ବହୁତ କଷ୍ଟ ହୋଇଥାଏ । ଜନ୍ମ ମୃତ୍ୟୁର ଲୁଚ୍ଚକାଳି ଖେଳ ଭିତରେ ବାଟବଣା ବଣିଷଟିର ଅସ୍ତିତ୍ୱ କେବେ ପୂର୍ଣ୍ଣ ତ କେବେ ଶୂନ୍ୟ ହୋଇଯାଏ । ଆଉ ଧୀରେ ଧୀରେ ହୋଇଯାଏ ସେ ଧର୍ଯ୍ୟହରା ଓ ବେସାହାରା । ଜୀବନର ଅଙ୍କାବଙ୍କା ରାସ୍ତାରେ ଯେତେବେଳେ ସେ ତାର ପାଦ ପକାଏ । ସର୍ବତ୍ର ତାକୁ କଣ୍ଟକତ ପଥ ଦୃଶ୍ୟମାନ ହୁଏ ଓ ଲକ୍ଷ୍ୟ ସ୍ଥଳରେ ପହଞ୍ଚିବା ତା ପାଇଁ ହୋଇଯାଏ ଅଭିଶପ୍ତ ।

ପ୍ରତ୍ୟେକଙ୍କ ଜୀବନର ପ୍ରଥମ ଗୁରୁତ ତାଙ୍କ ମା ହିଁ ହୋଇଥାନ୍ତି । ନିଜ ଗର୍ଭରେ ରଖି ଅନେକ କଷ୍ଟକୁ ସହି ଏକ ସନ୍ତାନଟିକୁ ଜନ୍ମ ଦେଇଥାନ୍ତି ମା । ଦୁଃଖର କଳାବାଦଲକୁ ଦୂରେଇଦେବା ପାଇଁ ସନ୍ତାନଟିକୁ ପଣତକାନୀ ତଳେ ଘୋଡାଇ ଦିଅନ୍ତି । ସଂସାରରେ ବଞ୍ଚିବାର ରାହା ଦେଖାନ୍ତି ଓ ସବୁ ପରିସ୍ଥିତିରେ ଲଢିବାର ସାହାସ ବି ଦିଅନ୍ତି । ସଂସ୍କାରିତ କରି ନିଜ ସନ୍ତାନକୁ ଗଢି ତୋଳିବାର ପ୍ରୟାସ ବି କରନ୍ତି ଏବଂ ଅନୁଶାସନର ଡୋରିରେ ବାନ୍ଧି ଶାସନ ତଥା ଶୃଙ୍ଖଳା ବି ଶିଖାନ୍ତି । ହିଁ ସତରେ ଜୀବନର ଦୋଛକରେ ଦିଗହରା ଚଲାପଥରେ ଜଣେ ମା ହିଁ ତା ସନ୍ତାନ ପାଇଁ ଆଶାର ଆଲୋକ ସାଜି ଆଗକୁ ବଢିବାରେ ସହାୟକ ହୋଇଥାଏ । ମାର ସ୍ନେହ, ମମତାର ଅମୂଲ୍ୟ ମୂଲ କୁ କେହି ବି ବୁଝିପାରିବେନି ।

ଆଖିରେ ଲୁହର ବନ୍ୟା, ହାତ ମୋର ଥରୁଛି ତଥାପି ମନର ଭାବନାକୁ କାଗଜ ପୃଷ୍ଠାରେ ଲେଖିବାକୁ ମୁଁ ଆଜି ସାହସ ବାନ୍ଧିଛି । ବୋଉ ତୋ ପାଇଁ କଣ ଲେଖିବି ମୁଁ କିଛି ବି ଜାଣିପାରୁନି । ଯେତେ ଲେଖିଲେ ବି ଲେଖା ସରିବନି । ପିଲାଦିନରୁ କେତେ କଷ୍ଟ, ଯନ୍ତ୍ରଣା ସହି ମୋତେ ବଡ କରିଛୁ । ଆଜି ଯାହା ବି ପାଇଛି ବା ଶିଖିଛି ସେସବୁ କେବଳ ତୋର ଶିକ୍ଷା ଓ ସଂସ୍କାର ପାଇଁ । ଆଉ ଏବେ ମୋ ପାଇଁ ତୁ ତ ଆଉ ମୋ ପାଇଁ ଜଣେ ଆଦର୍ଶ । ବହୁତ କଷ୍ଟ ସହି ସହି ଆଜି ତୁ ଆମ ସମସ୍ତଙ୍କୁ ଛାଡି ଚାଲିଯାଇଛୁ । ଭାଗ୍ୟର ଏ କେମିତିକା

ବିଡମ୍ବନା ମୁଁ ନଜେ ବି ବୁଝିପାରୁନ । ତଥାପି ମୁଁ ସବୁବେଳେ ତୋ ଉପସ୍ଥିତି ଅନୁଭବ ଜରିପାରୁଛି । ଅସୁମାରୀ ସ୍ୱପ୍ନ ମୁଁ ଦେଖିଥିଲି ହେଲେ ବିଧାତାର ନଷ୍ଠୁରତାରେ ସବୁ କଛି ଭାଙ୍ଗି ଚୁରମାର୍ ହୋଇଗଲା । ତୋତେ ସେ ମୋ ପାଖରୁ ଦୂରେଇ ଦେଲେ ।

ବୋଉ, ତୋ ଛଡା ମୋର ସବୁ ଦାୟିତ୍ୱ କଏ ବୁଝୁଥିଲା କହିଲୁ? ଘର କାମଠାରୁ ଆରମ୍ଭ କରି ଡ୍ରେସ୍ ସଫା କରିବା, ଆଇରନ୍ କରିବା, ମୋର ପସନ୍ଦ ମୁତାବକ ଖାଇବା ରାନ୍ଧିବା ସବୁ କଛି ତୁ ହିଁ କରୁଥିଲୁ । ଆଜି ବି ଯେବେ ମୁଁ ମୋ ଧଳା ଡ୍ରେସ୍ ସଫା କରୁଛି, ତୋ କଥା ଭାବି ମୋ ଆଖିରୁ ଲୁହ ଝରିଆସୁଛି । କାହିଁକ କେଜାଣି ମୁଁ ତୋ ପରି ସବୁ କାମ ସଠିକ୍ ରୂପେ କରିପାରୁନ । ୬ ମାସ କେତେ ଯନ୍ତ୍ରଣା ତୁ ପାଇଲୁ ତଥାପି ତୋର ଯନ୍ତ୍ରଣା ମୁଁ କମ କରି ପାରିଲି ନାହିଁ । ତୋ ସହ ମୁଁ ପ୍ରାୟତଃ ସବୁଆଡେ ଏକାଠି ଯାଏ । ମୁଁ ତୋର ପୁଅ ସମ ସାଙ୍ଗ ବେଶୀ ଥିଲି । ପ୍ରେତ୍ୟେକ ଦିନର ସବୁ ଘଟଣା ମୁଁ ତୋତେ କହେ । ଟିଉସନ୍ ରେ ପିଲାଙ୍କୁ ବାଡେଇବୁନ ବୋଲି ସବୁବେଳେ ମୋତେ କହୁ । କନ୍ତୁ ମୁଁ ତୋ କଥା ଶୁଣେନ । ଆଜି ଏସବୁ ଲେଖିଲା ବେଳକୁ ଅଭୁଲା ଅତୀତର ପୁରୁଣା କଥା ମନେପଡି ମୋ ଆଖିରୁ ଟପ୍ ଟପ୍ ଲୁହର ଧାର ଗଡିପଡୁଛି । ପ୍ରତ୍ୟେକ କଥା ମୁଁ ତୋ ସହ ବାଣ୍ଟେ । ଆଜି ତୋ ବିନା ମୋ ଜୀବନ ଅଧା ହୋଇଯାଇଛି । ମୋ ଆଖିରେ ଖୁସିର ଚମକ ନାହିଁ । ମୋ ହସରେ ସେ ମାଧୁର୍ଯ୍ୟ ନାହିଁ । ଆଜି ମୁଁ କେମିତି ବଞ୍ଚିଛି, କେମିତି ସମୟ କାଟୁଚ ସେସବୁ ତୁ ହିଁ କେବଳ ବୁଝିପାରୁଥିବୁ ।

ମୁଁ ଗୋଟେ କଥା ବୁଝିପାରୁନ – "ବୋଉ ତୁ କେମିତି ଏତେ ଭଲ ହେଲୁ?" ଏତେ ସ୍ନେହ ତୁ କେମିତି କରିପାରୁ, ତୋ ଛାତ୍ରଛାତ୍ରୀମାନେ ଆଜିବି ତୋତେ ମନେ ରଖୁଛନ୍ତି । ତୋ ଭଲପାଇବା ଓ ସ୍ନେହ ତାଙ୍କୁ ତୋ ପାଖକୁ ଟାଣି ଆଣିଛି । ପ୍ରେତ୍ୟେକ ପିଲାଙ୍କୁ ଏତେ ଭଲ ପାଇପାରୁ କେମିତି? ତୁ ଯିବା ପରଠାରୁ ମୋ ଛାତ୍ରଛାତ୍ରୀ ବି ତୋତେ ମନେ ପକାଉଛନ୍ତି । ମୁଁ ସେମାନଙ୍କୁ ଯେତେବେଳେ "ମା" ବିଷୟରେ ପଢଉଛି, ସେତେବେଳେ ମୋ ଆଖି ଛଳଛଳ ହୋଇଯାଏ । ଭଗବାନ୍ ମୋ ଆୟୁଷ ନେଇ ତୋତେ ସବୁ ମୋ ଆୟୁଷ ଦେଇଥାନ୍ତେ କ ଅନ୍ତତଃ ମୋତେ ମା ଛେଉଣ୍ଡ ପିଲା ଶବ୍ଦ ଶୁଣିବାକୁ ମିଳନଥାନ୍ତା । ନନାଙ୍କ କଥା ତ ଜାଣିଛୁ କଣ ଆଉ କହିବି! ଆଈ ତୋତେ ମନେପକାଇ ସବୁବେଳେ କାନ୍ଦୁଛି । ମୁଁ ଛାତିରେ ପଥର ରଖି ତା କାନ୍ଦ ବନ୍ଦ କରୁଛି । କାରଣ ତା ଆଗରେ ମୁଁ କାନ୍ଦିଲେ ସେ ଧର୍ଯ୍ୟ ହରାଇବ ଓ ଆହୁରି ଭାଙ୍ଗି ପଡିବ ।

ମୁଁ ଆଜି ଗୋଟେ ଭଙ୍ଗ କଣ୍ଢେଇ ପରି । ଯାହାକୁ ସଜାଡିବା ଭି ଚେଷ୍ଟା କଲେନ ସେ ଆଉ ପୂର୍ବ ପରି ହୋଇପାରିବନ । ମୋ ଜୀବନର ସହ ଖୁସି ପାଣି ଫୋଟକା ପରି ମିଳାଇ ଗଲା । ବଜାରରୁ ଆରମ୍ଭ କରି ବାହାଘର ଭୋଜି, ବନ୍ଧୁବାନ୍ଧବଙ୍କ ଘର ସବୁଆଡେ ତୋ ସହ ଯାଉଥିଲି । ମନମୁତାବକ ଜିନଷ ତୁ ମୋ ହାତରେ ଧରେଇ ଦେଉଥିଲୁ କଣିକ । କାହିଁକି କେଜାଣି ତୋ ଯିବା ପରଠାରୁ ମୋତେ ଆଉ କୁଆଡେ ବି ଯିବାକୁ ଭଲ ଲାଗୁନ । ମୋ ପରିସ୍ଥିତି ଏବେ ମୋତେ ବାଧବାଧକତାର ସହ ବଞ୍ଚିବା ଆଉ ଅନ୍ୟଙ୍କୁ ଖୁସିରେ ରଖିବା ପାଇଁ ବାଧ କରୁଚ । ଜୀବନରେ "ବୋଉ" ଶବ୍ଦ ଗୁହିଁଲେ ବି ଡାକପାରୁନ, ଡାକଲେ ବା ଶୁଣିବ କଏ ତୋ ବିନା । ତୁ ମୋ ପାଖରେ ହିଁ ନାହୁଁ । ଏମିତି କଷ୍ଟ ଭଗବାନ କାହାକୁ ବି ନଦିଅନ୍ତୁ । ମାନ-ଅଭିମାନ, ରାଗ-ରୁଷା, ହସ-ଲୁହ, ଦୁଃଖ-ସୁଖ ବାଣ୍ଟିବା ଏ ଜନ୍ମରେ ସିନା ତୋ ସହ ଅଧାରେ ରହିଗଲା, କନ୍ତୁ ମୁଁ ଭଗବାନଙ୍କୁ କହିବି -ହେ ଠାକୁରେ ଯଦି ମୋର ଟିକଏ ବି ପୂଣ୍ୟ ଥାଏ ତେବେ ଆର ଜନ୍ମରେ ମୋତେ ପୁଣିଥରେ ମୋ ବୋଉକୁ ମୋତେ ଫେରାଇଦବ ।

କଥାରେ ଅଛି -ଯାହାର ମା ନାହିଁ, ତାର କେହି ବି ନାହିଁ । ଆଜି ମୁଁ ଅସହାୟ ହୋଇ ପଡିଛି । ପାଖରେ ପଇସା ନଥିଲେ ବି ତୁ କେବେ ମନା କରିନୁ ମୋ ଅଳ ଅଝଟ ମାନ ଜିନଷ ଆଣିବାକୁ । ଆଜି ନନା କହୁଛନ୍ତି, ସବୁକଛି କଣିକ ବୋଉ ଥୋଇଦେଇ ଗଲା ଆମପାଇଁ । ସତରେ ମୋ ଜୀବନରେ ଆଉ ଖୁସି କେବେ ଫେରିବ ସେତକ ବି ଜଣାନାହିଁ । ତଥାପି ମୁଁ ଟିଉସନ୍ କରୁଥିବା ପିଲାଙ୍କ ପରିବାର ମୋତେ ତାଙ୍କ ନଜ ପରିବାରର ସଦସ୍ୟ ପରି ଭଲପାଇବା ଦେଉଛନ୍ତି ଓ ସମ୍ମାନ ମଧ କରୁଛନ୍ତି ।

ସମୟଚକ୍ରରେ ସେଦିନ ଥାଏ ସେପ୍ଟେମ୍ବର ୧୯ ତାରିଖ ୨୦୧୯ ମସିହା । ନନାଙ୍କଠୁ ଯେତେବେଳେ ଏ ହୃଦୟବିଦାରକ ଖବର ଶୁଣିଲି ମୋ ପାଦ ତଳୁ ମାଟି ଖସିଗଲା । ମୋ ସ୍ୱପ୍ନ ସବୁ ଧୂଳିସାତ୍ ହୋଇଗଲା । ସେଦିନ ସକାଳୁ ତୋର ଆରୋଗ୍ୟ କାମନା କରିବା ପାଇଁ ଦକ୍ଷିଣକାଳୀ ମନ୍ଦିର ଓ ଶ୍ରୀଜଗନ୍ନାଥଙ୍କ ପାଖକୁ ଯାଇଥିଲି । ହେଲେ ସମୟର କାଳଚକ୍ରରେ ଏକ ଅଶୁଭ କାଳ ସବୁକଛି ପରିବର୍ତ୍ତନ କରିଦେଲା । ପରକୁ ଆପଣାର କରି ପାରୁଥିବା ମଣିଷଟିଏ ଥିଲା ମୋ ବୋଉ । ତା ଭଲ ପାଇବା, ସ୍ନେହ, ଶ୍ରଦ୍ଧା ଆଗରେ ସବୁକଛି ଫିକା ।

ଅନେକ ଲୋକ ଏ ସମାଜରେ ଏମିତି ଥାଆନ୍ତି, ଯେଉଁମାନେ ମଣିଷଟି ବଞ୍ଚିଥିବା ବେଳେ ତାର ଗୁଣ ତଥା ସ୍ୱଭାବକୁ ଚିହ୍ନି ପାରନ୍ତି ନାହିଁ ଏବଂ ଅନେକ ଚୁଗୁଲି କରି ଗ୍ଲନ୍ତି । କନ୍ତୁ

ପରେ ଯେତେବେଳେ ତାର ମୃତ୍ୟୁ ଘଟିଯାଏ ସେତେବେଳେ ପୁରୁଣା ସ୍ମୃତି ଓ ସଦକର୍ମର ଗୁଣ ଗାଇ ବୁଲନ୍ତି । ମୋ ଜୀବନରେ ଦୁଃଖ ରହିଲା ସ୍ୱାର୍ଥପର ଲୋକମାନେ ତୋତେ ଚହ୍ନି ପାରିଲେ ନାହିଁ । ଆଉ ଯେତେବେଳେ ତୋ ଭଲ ଗୁଣକୁ ଚହ୍ନି ପ୍ରଶଂସା ହୃଦୟ ଭିତରୁ କରିବେ ସେତେବେଳେ ସମୟ ବହୁତ ଆଗକୁ ଗଡିଯାଇଥିବ । ଲୋକମାନେ ଅନ୍ୟକୁ ଅଙ୍ଗୁଳ ନର୍ଦ୍ଦେଶ କରିବା ଓ ଭଲମନ୍ଦ କହିବାରେ ଟିକେ ବି ପଛଘୁଞ୍ଚା ଦିଅନ୍ତିନ କନ୍ତୁ ଯେତେବେଳେ ତଙ୍କ ସହ ଘଟିବ ସେ ନଶ୍ଚୟ ଜାଣିପାରିବେ ଦୁଃଖମୟ ପରିସ୍ଥିତିରେ ବୋଝ ଉପରେ ନଳତା ବିଡା ସତରେ କେତେ କଷ୍ଟ ।

ଆଇ ଏବେ ସମସ୍ତଙ୍କ ସହ ତୋ କଥା କହି କହି କାନ୍ଦୁଛି । ତାର ନୟନତାର୍ ଅଲିଅଳ ଝିଅ ଏତେ ଶିଘ୍ର ତାକୁ ପର କରି ଆରପାରିକୁ ଗ୍ଳଲିଯିବ ସେ କେବେବି ଭ୍ବି ନଥିଲା । କହିବାକୁ ଗଲେ ତା ଦମ୍ଭ ଭ୍ଙ୍ଗି ଯାଇଛି । ଆଖିର ଲୁହ, ମନର କୋହକୁ ଲୁଗ୍ଇ ମୁହଁରେ ମିଛ ହସ ହସିବାକୁ ପଡୁଛି କାରଣ ଏ ସଂସାରରେ ଲୋକ ତୁମ ଲୁହର ପ୍ରକୃତ ଅର୍ଥ ବୁଝି ପାରିବେନ ବରଂ ଟିକଏ ହସ ଦେଖି ଖୁସି ହୋଇଯିବେ । ସେଥିପାଇଁ ମୁଁ କାହାକୁ ଦୁଃଖ ଦେବାକୁ ଗ୍ହୁଁନ । ଲୋକଙ୍କର ଅମାନବିକ ଓ କୃର ଚନ୍ତାଧାରାକୁ ତ ମୁଁ ବଦଳାଇ ଦେଇ ପାରିବି ନାହିଁ କନ୍ତୁ ସମୟ କହିବ ଉଚତ୍ ଉତ୍ତର ।

ତୁ ଯୋଉଠିବି ଅଛୁ ବୋଉ, ମୋତେ ସବୁବେଳେ ଆଶୀର୍ବାଦ ଦେଉଥା । ମୁଁ ତୋର ଫଟୋ ପଖରେ ସବୁବେଳେ ପ୍ରଣାମ କରି ତୋ ଆଶୀର୍ବାଦ ନେଉଛି । ଏବେ ତୁ ହିଁ ମୋ ସବୁ ଆପଦ-ବିପଦର ସାହାଭରସା । ଆଜୀବନ ତୋତେ ମନେ ରଖିଥିବି ଏବଂ ଭଗବାନଙ୍କୁ କହିବି ଯଦି ମୋ ଜୀବନରେ କଛି ଚମତ୍କାର କରିବାକୁ ଗ୍ହିଁବେ ତେବେ ମୋ ବୋଉକୁ ପୁଣି ଥରେ ମୋ ସାମ୍ନାକୁ ଫେରାଇ ଦେବ ।

**I miss you a lot, Love you a lot, East or West my mother is Best.**

ପୁରୀ, ଓଡିଶା

# ପ୍ରେମର ପୂଜାରୀ



ଶ୍ରଦ୍ଧାଞ୍ଜଳୀ ପଣ୍ଡା

ଠିକ୍ ଅଛି
ଗ୍ଭଲି ଯାଅ ତୁମେ,
ମୁଁ କିଏ ?
ମନା କରିବାକୁ ।।

ତୁମେ ତ ସ୍ୱୟଂ
ପ୍ରେମର ପୂଜାରୀ,
ପୁଣି....ପ୍ରେମ ଠୁ
ଦୂରେଇ ଯାଉଛ କପରି ?

ଯଦି ଯିବାର ଥିଲା
ତେବେ..
ତୁମ ପ୍ରେମ ବନ୍ଧନରେ
ବାନ୍ଧୁଥିଲ କାହିଁକି ?

କଣ ତୁମେ
ତୁମ ପ୍ରେମକୁ
ଏତେ ଶୀଘ୍ର ଶେଷ
କରିଦେବ ?
ଭୁଲି ପାରିବ ମୋତେ ?

ଏବେ ଚୁପ୍ କାହିଁ ?
ଜବାବ ଦିଅ,
ନା...ତମେ ପାରିବନି
ମୁଁ ଜାଣିଛି ।।

କଥା ଦିଅ ମୋତେ
ଆମ ପ୍ରେମର ପ୍ରତୀକ,
ଏଇ ବଂଶୀ...
ତାକୁ ସାଇତି ରଖିବ ।।

ସେଇ ସ୍ମୃତି
ଆଉ ବଂଶୀ ସ୍ୱରରେ
ଆମ ପ୍ରେମ
ଆହୁରି ଝଟକୁ ଥିବ ।।

# ଗାନ୍ଧୀଙ୍କୁ ଝୁରେ ସାର୍ା ସଂସାର

ସରୋଜ କୁମାର ଜେନା

କରିଲ ସଂଗ୍ରାମ ସାଜି ମହା ଦ୍ରୁମ
ଅହିଂସାକୁ ଆପଣେଇ,
ତୁମେ ସେହି ସୁତ ଭାରତ ମହତ
ରଖିଗଲ ରାଷ୍ଟ୍ର ପାଇଁ ।୧।
କରି ଦାଣ୍ଡି ଯାତ୍ରା ହେ ଜାତିର ପିତା
କରିଥିଲ ସତ୍ୟାଗ୍ରହ,
ଏ ଦେଶର ବାସି ତୁମ ସଙ୍ଗେ ମିଶି
ଯୋଗଦେଲେ ଶହ ଶହ ।୨।
ସ୍ୱାଧୀନତା ପାଇଁ ଏକ ଚତ୍ତ ହୋଇ
ଦେଇଥିଲ ବଳଦାନ,
ତୁମକୁ ପାଇକ ଭାରତ କାହିଁକ
ବିଶ୍ୱବି କହେ ମହାନ ।୩।
ଦେଖେ ହେ ବାପୁଜୀ ପାଳୁ ଅଛୁ ଆଜି
ତୁମର ଜନମ ଦିନ,
ଏଇଠି ତଥାପି ବଢ଼ିଛନ୍ତି ପାପି
ଭାଙ୍ଗନ୍ତି ତୁମ ସପନ ।୪।

ହୋଇଣ ସ୍ୱାଧୀନ ଲାଗେ ପରାଧିନ
ଦେଖହେ ଟିକେ ମହାତ୍ମା,
ଆଉ ଥରେ ଆସ ଧରି ଗାନ୍ଧୀ ବେଶ
ପ୍ରବେଶୁ ଶରୀରେ ଆତ୍ମା ।୫।
ତୁମେହିଁ ମହାତ୍ମା ତୁମେ ଚର ଆତ୍ମା
ତିମେହିଁ ଚର ଅମର,
ତୁମ ପାଇଁ ଏଠି ଝୁରୁଥିବେ ନତି
ଏ ସାରା ନର ସଂସାର ।୬।

ବାଲିଝରୀ,ନରସିଂହପୁର,କଟକ

# ଯୁବ ଭାରତ ସୁସ୍ଥ ଭାରତ



କୃଷ୍ଣଚନ୍ଦ୍ର ମହାପାତ୍ର

ପ୍ରେମ ଯାର ମନ୍ତ୍ର, ଉଦାରତା ଯାର ପ୍ରାଣ, ତିତିକ୍ଷା ଯାର ଧର୍ମ ଓ ଉଦାରତା ମାନବିକତା ରେ ଯେ ମହାନତାର ସ୍ଥାନ ଅଧିକାର କରିଛି, ସେହି ଦେଶ ଆମ ଅଖଣ୍ଡ ଭାରତବର୍ଷ । ସେଥିପାଇଁ କୁହାଯାଏ –

"ଯାହା ନାହିଁ ଭାରତେ, ତାହା ନାହିଁ ମରତେ"

ଆମ୍ଭମାନଙ୍କର ପବିତ୍ର ମାତୃଭୂମି ଧର୍ମ ଓ ଦର୍ଶନର ଦେଶ । ସୁଦୂର ଅତୀତରୁ ବର୍ତ୍ତମାନ ପର୍ଯ୍ୟନ୍ତ ଭାରତ ନିଜର ମହାନତା ବଳରେ ବିଶ୍ୱବାସୀଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଛି । ବାସ୍ତବିକ ଭାରତର ଜୀବନ ଆତ୍ମା, ପ୍ରାଣଶକ୍ତି ଅଫୁରନ୍ତା, ବସ୍ତୁତଃ ଭାରତର ଜୀବନ ଆତ୍ମଭଳ ଅନାଦି, ଅନନ୍ତ ଓ ଅନିର୍ବାଣ । ସେଥିପାଇଁ ଭାରତମାତାର ସନ୍ତାନ ରୂପେ ଆମେ ପ୍ରତ୍ୟେକ ଭାରତବାସୀ ଗର୍ବ ଅନୁଭବ କରୁଥାଏ । ସେଥିପାଇଁ "ଯୁବ ଭାରତ ସୁସ୍ଥ ଭାରତ"ର ସଫଳ ରୂପାୟନ ଭାରତବାସୀଙ୍କ ଦ୍ୱାରା ହିଁ ହୋଇପାରିବ ।

ଅମାପ ସମ୍ପତ୍ତି, ଅତୁଳ ଐଶ୍ୱର୍ଯ୍ୟ, ସୁଖ ସମ୍ଭୋଗ, ପ୍ରାଣ ପ୍ରାଚୁର୍ଯ୍ୟ ମଣିଷ ଜୀବନରେ ଶାନ୍ତିର ଜାହ୍ନବୀ ସୃଷ୍ଟି କରିପାରେ ନାହିଁ ଯଦି ସେ ଏକ ସୁସ୍ଥ ସବଳ ଶରୀରରୁ ବଞ୍ଚିତ ହୋଇଥାଏ । ସମ୍ଭୋଗ ସମୁଦ୍ର ମଧ୍ୟରେ ଅହରହ ସନ୍ତରଣ କଲେ ମଧ୍ୟ ଜୀବନର ଜ୍ୱାଳା, ହୃଦୟର ବିଷାକ୍ତ ବେଦନା, ଦୂରୀଭୂତ ହୁଏନାହିଁ । ମାନସିକ ପ୍ରଶାନ୍ତି, ସରସ ତଥା ମଧୁମୟ ଜୀବନ କେବଳ ସୁସ୍ଥ ଓ ନିରାମୟ ଶରୀରରେ ହିଁ ସମ୍ଭବ । ତେଣୁ କୁହାଯାଇଛି – "The first wealth is health" । ଯୁବ ଭାରତ ସୁସ୍ଥ ଭାରତ ସେତେବେଳେ ବାସ୍ତବିକତାର ରୂପ ନେବ ଯେତେବେଳେ ମନର ପ୍ରଫୁଲ୍ଲତା ପାଇଁ ବ୍ୟାୟାମ ଏକ ଅମୋଘ ଅସ୍ତ୍ର ସାଜିବ ।

ଭାରତର ପ୍ରଧାନମନ୍ତ୍ରୀ ଶ୍ରୀଯୁକ୍ତ ନରେନ୍ଦ୍ର ମୋଦିଙ୍କ ପ୍ରଚେଷ୍ଟାରେ ଦେଶବ୍ୟାପି ପ୍ରଥମଥର ପଇଁ ନୂଆଦିଲ୍ଲିର ଇନ୍ଦିରାଗାନ୍ଧୀ ଷ୍ଟାଡିୟମ୍ ରେ ଏହାର ଲୋକାର୍ପଣ ୨୯ ଅଗଷ୍ଟ ୨୦୧୯ ରେ (ଜାତୀୟ କ୍ରୀଡା ଦିବସ) ଶୁଭାରମ୍ଭ କରାଯାଇଥିଲା । ଦୈନନ୍ଦିନ ଜୀବନଚର୍ଯ୍ୟାରେ କ୍ରୀଡା

ତଥା ଶାରୀରିକ କାର୍ଯ୍ୟର ସଫଳ ମିଶ୍ରଣରେ କଭଳ ଭାବରେ ଭାରତବାସୀ ଏକ ସୁସ୍ଥ ଓ ସମୃଦ୍ଧ ଶରୀର ବଜାୟ ରଖିବେ ଏହା ହିଁ ତାର ପ୍ରମୁଖ ଉଦ୍ଦେଶ୍ୟ । କାରଣ ଭାରତବାସୀଙ୍କ ଉଦ୍ୟମରେ ହିଁ ବୃଦ୍ଧ ଆଡକୁ ଗତିଶୀଳ ଭାରତ-ଯୁବ ଭାରତ ହୋଇ ରହିବ ଆଗାମୀ ଅନେକ ବର୍ଷ ଯାଏଁ ଓ ବାର୍ତ୍ତା ଦେବ ସମଗ୍ର ବିଶ୍ୱ ଦରବାରକୁ ।

ଯୁବ ଭାରତକୁ ସୁସ୍ଥ ଭାରତରେ ପରିଣତ କରିବାକୁ ହେଲେ ଆମକୁ ବିବେକାନନ୍ଦଙ୍କ ବାଣୀକୁ ସ୍ମରଣ କରିବାକୁ ପଡିବ । ସେ କହିଥିଲେ – "ତୁମେ ପ୍ରଥମେ ସବଳ ହୁଏ, ଧର୍ମ ପରେ ଆସିବ । ଗୀତାପାଠ ଅପେକ୍ଷା ଫୁଟବଲ୍ ଖେଳଲେ ତୁମେ ଲକ୍ଷ୍ୟର ସମୀପବର୍ତ୍ତୀ ହୋଇପାରିବ ।"

ସଫଳତାର ମୂଳ ମନ୍ତ୍ର-ସୁସ୍ଥ ଦେହ ଓ ମନ । କ୍ରୀଡା ଓ ଚଳଚ୍ଚିତ୍ର ଜଗତର ହିରୋ ଏହାର ଉଦାହରଣ । ମାନସିକ ଓ ଶାରିରୀକ ସ୍ତରରେ ସୁସ୍ଥତା ଏକାନ୍ତ ଆବଶ୍ୟକ । ବଦଳୁଥିବା ଯୁଗକୁ ତାଳ ଦେଇ ଆମ ଖାଦ୍ୟପେୟ କୁ ଠିକ୍ ରଖିବାକୁ ପଡିବ । ଶରୀର ସୁସ୍ଥ ଥିଲେ ଆମ ଶରୀରରେ କୌଣସି ପ୍ରକାର ରୋଗ ପ୍ରବେଶ କରିପାରିବନ । ଆମକୁ ମହାନ୍ କ୍ରୀଡାବିତ୍ ଧ୍ୟାନଚାନ୍ଦ ଙ୍କୁ ମନେ ପକାଇବାକୁ ହେବ । ମେସିନ୍ ମନୁଷ୍ୟ ଦ୍ୱାରା ଚାଲେ, ମନୁଷ୍ୟ ମେସିନ୍ ର ଇସାରାରେ ଚାଲିବା ଠିକ୍ ନୁହେଁ । ସୁସ୍ଥ ଜୀବନଶୈଳୀ ଏକାନ୍ତ କାମ୍ୟ ।

"ରୋଗମୁକ୍ତ ହେଉ ଭାରତ ଆମର
କ୍ରୀଡା,ବ୍ୟାୟାମର ହେଉ ପ୍ରସାର
ଲକ୍ଷ୍ୟ ପଥରୁ ନ ହେବା ବିଚ୍ୟୁତ
ଯୁବ ଭାରତ-ସୁସ୍ଥ ଭାରତ ।"

ତିଆଡି ସାହି, ପୁରୀ

# ମୋ ବିଦ୍ୟାଳୟ



ସତ୍ୟବ୍ରତ ନାୟକ

ମାଟିକୁ ଛୁଇଁବା ଦିନଠାରୁ ଆମେ,
ମାଟିରେ ମିଶିବା ଯାଏ ।
ନିତି ନୂଆ ନୂଆ ଶିଖିଥାଉ କିଛି,
ଅସରନ୍ତି ବିଦ୍ୟା ଇଏ ॥
ବିଦ୍ୟା ଯେ ଅଟଇ ମହାଧନ ବୋଲି,
ପିଲାଦିନୁ ଶୁଣିଥାଉ ।
ପିତାମାତାଙ୍କର ଶିକ୍ଷା ପରେ ଆମେ,
ଗୁରୁ ଶିକ୍ଷା ଲୋଡିଥାଉ ॥
ଶ୍ରୀରାମଙ୍କ ଠାରୁ ଶ୍ରୀକୃଷ୍ଣ ପର୍ଯ୍ୟନ୍ତ,
ଯାଉଥିଲେ ସବୁ ବନ ।
ଆଶ୍ରମରେ ରହି ଶିକ୍ଷା ନେଉଥିଲେ,
ସର୍ବେ ହୋଇ ଧ୍ୟାନମଗ୍ନ ॥
ଯାଉନାହୁଁ ଆଜି ବନ କି ଆଶ୍ରମ,
ଆଉ ଗୁରୁ ଖୋଜିବାକୁ ।
ଆମ ପାଇଁ ଅଛି ବିଦ୍ୟାଳୟ ଯହିଁ,
ପାଉ ଗୁରୁ ଗୁରୁମା ଙ୍କୁ ॥
ଆମ ବିଦ୍ୟାଳୟ ମାଟି ଯେ ଅଦ୍ଭୁତ,
ଛାତ୍ର ଯେବେ ପାଦ ଦିଏ ।
ଗୁରୁ ଗୁରୁମା ଙ୍କ ସ୍ନେହ ଆଦରରେ,
ନିଜ ଘର ଭୁଲିଯାଏ ॥

ବିଦ୍ୟାଳୟ ଅଟେ ଦ୍ୱିତୀୟ ଘର ଯେ,
ଗୁରୁ ଏଠି ବାପା ମାଆ ।
ପାଠ ପଢା ସଙ୍ଗେ କେତେ ଯେ ସଂସ୍କାର,
ଦିଅନ୍ତି ଆମକୁ ଆହା ॥
ଗୁରୁଙ୍କର ଛାଟ ଦେଖାଏ ଯେ ବାଟ,
ଆଗକୁ ବଢିବା ପାଇଁ ।
ସେ ଛାଟର ସ୍ୱର କାନେ ଗୁଞ୍ଜୁଥାଏ,
ଯେତେବଡ ହୁଏ ଭାଇ ॥
ପଢାପଢି ହେଉ ଅବା ଖେଳ କୁଦ,
ମନ କାୟା କରି ଏକ ।
ବିଦ୍ୟାଳୟ ଆମ ପାଇଁ ଯେ ମନ୍ଦିର,
ରଖିବୁ ଏହାର ଟେକ ॥
ଏହି ବିଦ୍ୟାଳୟ ଆଶୀର୍ବାଦ ପାଇ.
ସଭିଏଁ ମାରନ୍ତି ବାଜି ॥
କିଏ ଦେଶେ କିଏ ବିଦେଶରେ ରହି,
ଦୁନିଆ ଜିତନ୍ତି ଆଜି ॥
ଆମ ବିଦ୍ୟାଳୟ ଅଟେ ଆମ ଗର୍ବ,
ଯିବା ନାହିଁ କେବେ ଭୁଲି ।
ସର୍ବଶ୍ରେଷ୍ଠ ହୋଇ ସର୍ବଦା ସେ ଥାଉ,
ଜଗା ପାଶେ ଏହି ଅଳି ॥

୪୨/୧, ସୁଲତାନ୍ ଆଲମ୍ ରୋଡ୍,
ଟଲିଗଞ୍ଜ, କୋଲକତା

# ତୃତୀୟ ବିଶ୍ୱଯୁଦ୍ଧ- ମାନବ ଓ ପ୍ରକୃତି ମଧ୍ୟେ



ଲିଜନ କୁମାର ନାଏକ

ତୃତୀୟ ବିଶ୍ୱଯୁଦ୍ଧ ଟି
ଆରମ୍ଭ ଯେ ହୋଇ ଅଛି
ମାଟିରେ ଯେ ମିଶୁଛନ୍ତି କେତେ ମାନବ
ପ୍ରକୃତି ଯେ ଅରୀ ସାଜି
ମାନବ ଗରବ ଭଜି
ଦେଖାଉଛି ମାନବ କୁ ତାର ତାଣ୍ଡବ
ମାନବ ପ୍ରକୃତି କୁ କହିଲ୍
କାହିଁ କରୁଅଛୁ ଏ ତାଣ୍ଡବଲୀଳା।।

ପ୍ରକୃତି ଏ ପ୍ରଶ୍ନ ଶୁଣି
ଉତ୍ତର ଦେଲ୍ ବଖାଣି
କ୍ରୋଧରେ କହିଲ୍ ସେ ଶୁଣ ହେ ନର
ଅପମାନ ମୋତେ କଲୁ
ସୂର୍ଯ୍ୟ ଚନ୍ଦ୍ର ନ ମାନଲୁ
କୁକର୍ମ ରେ ସବୁବେଳେ ହେଲୁ ଅଗ୍ରସର
ଏବେ ଅନୁତାପ ର ଯଥାର୍ଥ ନାହିଁ
ଅଗ୍ରସର ହୋଇ ଯୁଦ୍ଧ କର ଡର କମ୍ପାଇଁ।।

ଏହା ଶୁଣି ବାହାରିଲେ ବୀର ଯୋଦ୍ଧା
ରଖିବା ପାଇଁ ପ୍ରାଣ ଓ ମର୍ଯ୍ୟାଦା
ଶୁଭ୍ର ବେଶ ପିନ୍ଧି ଯୁଦ୍ଧ କରିବା ପାଇଁ
ଜ୍ଞାନ ର ଅସ୍ତ୍ର ଧରି

କହିଲେ ସାବଧାନ ଅରୀ
ଯୁଦ୍ଧ କର ମୋ ସାଥିରେ ପ୍ରସ୍ତୁତ ମୁଁହି
ଗଲେ ପଛେ ଯାଉ ପରାଣ
ମୋ ଜାତି ଭାଇ ପ୍ରାଣ ରହୁ ଅକ୍ଷୂର୍ଣ୍ଣ।।

ପରିବାର କୁ ଛାଡ଼ି
ସମସ୍ତଙ୍କୁ ନିଜ ଭାବି
କରୁଛନ୍ତି କର୍ତ୍ତବ୍ୟ ଏକ
ନିଜକୁ ଯେ ଭୁଲି
କର୍ମ କୁ ଯେ କରିଚାଲି
ରଖୁଛନ୍ତି ଦେଶ ଜାତି ର ଟେକ
ତାଙ୍କୁ ଶତ ଶତ ନମନ
ରକ୍ଷା କରୁଛନ୍ତି ଯେ ଆମ ଜୀବନ।।

ଆହେ ଦିବ୍ୟପୁରୁଷ
ଧୋଇ ଦିଅ ଏ କଲୁଷ
ଏ ବିଶ୍ୱଯୁଦ୍ଧ କୁ କର  ଯେ ଶୀତଳ
ମାନବ କୁ ପ୍ରକୃତି ସହିତ
ସମ୍ପର୍କ ଯୋଡ଼ ଅକ୍ଷତ
ଅନୁରୋଧ କରୁଅଛୁ ହୋଇ ଆକୁଳ
କରିବା ଯେ ଆମେ ଶପଥ
ପ୍ରକୃତି କରିବୁ ଯେ ଆମେ ସୁରକ୍ଷିତ।।

ବିରାମାଳ, ଧର୍ମଗଡ, କଳାହାଣ୍ଡି

# ଆଞ୍ଚଳିକ

# ସିନ୍ଦୁର୍ ବାଲା

ସତ୍ୟନାରାୟଣ ମିଶ୍ର

ବଏଶାଖ୍ ମାସ ର୍ ଠାଏ ଖର୍ ଥି ମୁଡ଼େ ଟୁପି ଟେ ଲଗେଇ କରି ଖନ୍ଦେ ଟିନ ର୍ ବାକ୍ସ ଗୁଟେଉଲେଇଛେ ଆରୁ" ସିନ୍ଦୁରଘିନ ଗୋ ମା ମାନେ, କଲକାତା ର୍ ସିନ୍ଦୁର, ଅର୍ଜିନାଲ ସିନ୍ଦୁର ଘିନ ଘିନ" ବୋଲି ଡାକ ଡାକ ଗାଁ ଖୁଲିନେ କଲେ କଲେ ଗ୍ଲୁ ଥେ ସାଠେ ବର୍ଷିଆ ବୁଢ଼ା ସିନ୍ଦୁର ବାଲା । ତାର ଡାକ ସୁନଲେ ମା ମାନେ ଭୁଆସେନ ମାନେ ଫୁନ୍ ଘରୁ ଭଟା କେ ବାହାରି ଏସନ୍ ସିନ୍ଦୁର ଡବେ ଡବେ ଘିନ୍ ବା କା ଯେ । ବୁଢ଼ା ତାର ଟିନ ବାକ୍ସ କେ ଖନ୍ଦୁ ଉଲହାସି ଆରୁ ପଧାନ ଘର ପିଣ୍ଡା ଥି ବସସି । ମାଇ କନା ମାନେ ସିନ୍ଦୁର ପୁଡ଼େ ପୁଡ଼େ ଘିନ ନେସନ ସେନୁ । ବୁଢ଼ା ସମକୁ ମାଏନ୍ କରସି ମା ମା ବୋଲି ।କେଭେଁ କାହାକେ ଖର୍ପ ନଜର ଠି ଦେଖେ ନ କ ଅସୁହା କଥା କହେ ନାଇଁ । ତାର ବେଭ୍ର ପାତି ଥି ସାଧବା ମା ମାନେ ଖୁସି ହେସନ୍ । ବୁଢ଼ା ର୍ ତାର ଦୁଃଖର କଥା ମାନେ ସୁନସନ୍ । ମହାବାତ୍ୟା ଫାଇଲିନ ବେଳେ ତାର ଏରିଆ ନ କେନ୍ତା ଲିହିବିହି ହେଇଗଲା ଲୁକେ କେତେ ଗୁଲଗୁଲ୍ ହେଲେ ,ସେ କଥା ସବୁ ବଖାଣି ଯାଏ ବୁଢ଼ା ।ଗାଁ ମଝି ମହାଜନ ଘର ପିଂହା ନେ କରିଆ ପାରି କରି ଛନେ ସୁଇସି, ଥକା ମେଟାସି, ବେଲ ଢଲି ଆସଲେ ଘର କେ ମୁହାସି ।

ଦିନ୍ ଗୁଟେ ଦେଖଲା ଯେ କବାଟ୍ ଟିକେ ମେଲା କରିଛେ ଆରୁ ନୁଆଁବହ ଟେ ଘର ଭିତରୁ ଡାକୁଚେ ବବା ବବା "ବୋଲି କରି । ଦଶ ଟଙ୍କି ଗୁଟେ ଧରି କରି ହାତ ଲହପେଇଛେ ସିନ୍ଦୁର ନେବାକେ । ତାହାକେ ଦେଖି କରି ବୁଢ଼ାକେ ଲାଗଲା ସତେ ଜେନ୍ତା ସରଗ ନୁ ଦେବୀ ଗୁଟେ ଉତୁରି ଆସିଛେ। ପରୀ ରାଏଜର ପରୀ ଗୁଟେ ବାଟ ବହଡ଼ି କରି ଆସିଛେ ଆରୁ ଇନ୍ ରହି ଜେଇଛେ । ଏଡ଼କ ସୁନ୍ଦରି ବହ ଗୁଟେ ସେ ତାର ଚରମ ଚଖୁ ଥି କେଭେଁ ନ ଦେଖି । ସୁନା ବାଗିର ଗୁରୀ ଦିହେଁ ପାଟ କପ୍ଟା ବନେ ମାନୁ ଥେ ବହ କେ ।ସତେ ଜେନ୍ତା ମା ପଦ୍ମଳୟ ସେ, ବଡା ଗହଗହ ଉସତ ମନେ ବହ କେ କହେଲା"

ଏ ମା ଆସ ଗୋ! ତମେ କେନ୍ ଡବାର ସିନ୍ଦୁର ନେବ ଯେ ଦେଖ । ଲ୍ଜ କାହାକେ କରୁଛ, ମୁଇ ତମର ବୁଢା ପୁଓ ଟେ ପରେ, ହେଁ ହେଁ ..। ସୁନକରି ବହ ଟା ଆରୁ ଲ୍ଯେ ନ ହେଲ୍ନ, କଲେ କଲେ ପିଣ୍ଢା କେ ଆସଲ୍ ଆରୁ ବସଲ୍ ବୁଢ଼ାର ପାଶେ । ତାହାକେ ଲ୍ଗଲ୍ ସତେ ଜେନ୍ତା ବୁଢା ତାର ବବା । ହାତେ ତାର ଲେମହୁ ପାନ ଗିଲ୍ସେ । ପିଅ ବୋଲି ବୁଢ଼ାକେ ଧରେଇ ଦେଲ୍କେ ବୁଢା ତାର ମୁହୂକେ ଭକ ଭକ୍ ଦେଖୁଥେ । ପାନ କେ ଆନ କରି ଢକ ଢକ ପିଇଲ୍ ଆରୁ ଗିଲ୍ସ କେ ଧୁଇ ଯିବାକେ ବାହାରିଲ୍ କେ ବହ ମନା କଲ୍ ନଜେ ଧୁଇମି ନ ବୋଲି । ବୁଢ଼ାକେ କହେଲ୍ "ତମେ ଏତେ ଖର୍ ଝାଉ ଥି କେଁ ଯେ ସିନ୍ଦୁର ବିକ ବହାରିସ ? ଝାଉ ମାରିଦେଲେ କେନ୍ତା କରବ ? ବୁଢା ତାର ଅଭ୍ବ ଦୁଖ୍ ର୍ କଥା ମାନେ ଭିଲ୍ ବଖନୀ ଗଲ୍ । କହେଲ୍ "ମୋର ବେପାର ଲ୍ଗି କେ ଶୀତ୍, କେଁ ଖର୍, କେଁ ବର୍ଷା ଗୋ ମା ! ହାତ ଚଳାଲେ ଜାକ ଭ୍ତ ମୁଠେ ମିଲି ପାର୍ସି । କଲିକତା ନୁ ସିନ୍ଦୁର ଆନସି ଆରୁ ଗାଁ ଗାଁ ବୁଲି ବୁଲି ବିକ ନେସି ।ଯାହା ଟଙ୍କେ ସୁକେ ଲ୍ଭ ହଉଛେ ହେଡି ମୋର ଘ୍ର ପର୍ନ କୁଡୁମ ଚଲୁଛନ୍, ହଉ, ସିନ୍ଦୁର ଡବେ ନଅ ମା, ମାଖୁଥିବ । ମୁଇ ଆରୁ ଗୁଟେ ଗାଁ କେ ଜିମି ନ ଇଛେନ୍ ।"

ବୁଢ଼ାର ନୁ ସିନ୍ଦୁର ନେଲ୍ ଆରୁ ବହ କହେଲ୍ "ବବା ! ଆରୁ ପଚସ ଦିନ ଗଲେ ସା ବି ତିରି ବରତ୍, ହେ ବେଲ୍ କେ ଜିକମିକ ଲ୍ଲ ସିନ୍ଦୁର ଆଣିଦେବ ଯେ ମୁଇ ରଖମି ।ଟଙ୍କା ନେଇ ଥ" । ବୁଢା ଟଙ୍କା ନେବାକେ ମନା କଲ୍, କହେଲ୍ "ଏ ମାଆ, ଥାଉ ଗୋ ! ତମକେ ମୁଇ ସିନ୍ଦୁର ଡବେ ଦେଇ ଦେଲେ ଗରିବ ନ ହେଇ ଯାଏଁ । ହେ ଦିନ ମୁଇ ତମର କା ଯେ ବନେ ଅସଲି ସିନ୍ଦୁର ଆଣିଦେମି । ଦେଖବ ତମେ "ହଉ, ମୁଇ ଯାଉଛେ ନ ମା " । କହିକରି ପିଣ୍ଢା ନୁ ଉଠଲ୍ କ ବାକ୍ସ କେ ଖନ୍ଦେ ବୁହି କରି ବୁଢା ଘ୍ଲଲ୍ ଆରୁ ଗୁଟେ ଗାଁ ଆଡେ ।

ସବୁଦିନେ ଭିନ ଭିନ୍ ଗାଁ କେ ଜେଇକରି ସିନ୍ଦୁର ବିକେ । ମାତର୍, ନୁଆଁବହ ର୍ କଥା ଟା ତାର ମନେ ଛା ପି ହେଇ ଥେ ନ । ସୋର ପଡୁଥେ ତାର ମୁହୁଁ କେ, ଦିନ ଗନୁ ଥେ କେଭେଁ ଆସବା ଜେଠ ଉଆଁସ ??

ମା କେ ଇଥର ଜିକ ଜିକ୍ ଅର୍ଜିନାଲ ସିନ୍ଦୁର ନେଇ ଦେବାର ଅଛେ, ତ ଦିନ ଗନ୍ତେ ଗନ୍ତେ ପୁହୁଚ ଗଲ୍ ବରତ ଦିନ୍ ।ବୁଢା ବଡା ଉସ୍ନାକୀ ମନେ ପହଁଚଲ୍ ଅଧା ବେଲ୍ କେ ବହ ର୍ ଘର୍ । ଭ୍ବୁଥେ ଆଜି ମୋର ମା ତ ଗୁଟେ ଦେବୀ ଇଂତା ଦିଶୁଥିବା, ସାଧବା ମାନେ ପୂଜା

ପାଠ ଦିନେ କେତେ ସଜ ବାଜ ହେଇ ଥିସନ । ମାଲି, ମଙ୍ଗଳସୁତ ପିନ୍ଧିଥିସନ୍ । ପାଦେ ଅଳତା, ଫେର୍ ପାୟୁଲ୍ । ସିନ୍ଦୁର ମୁଡ଼େ ମାଖି ଦେବା ବେଲେ କେଁଏ ସୁନ୍ଦର ନାଇଁ ଦିସବା!!

ବୁଢ଼ା ଗଲ୍ ଆରୁ ବହ ଘର କବାଟ ପିଟି ପିଟି ଡାକଲ୍ "ଏ ମା, ସିନ୍ଦୁର ନେବ ଆସ ଗୋ ! ମୁଇ ଆଜି ତମର ଲାଗି କଲିକତା ର୍ ଅସଲି ସିନ୍ଦୁର ଅନକରି ଆସିଛେ । ମା ଆଗୋ ମା"।

ବୁଢା ଯେତେ ଡାକୁଚେ ହେଲେ କବାଟ ହିଟ ବାର୍ ନ । ଖୁଲା ଝର୍କା ଆଡୁ ବୁଢା ଡୁଙ୍ଗି ଦେଖଲ୍ । ଯାହା ଦେଖଲ୍ ସେଠି ତାର ହୋସ୍ ଉଡି ଗଲ୍ ଜେନ୍ତା । ବହ ଗୁଟକ ଧୁବଲ ଶାଢ଼ୀ ପିନ୍ଧିଚେ । ମୁଡ଼େ ସିନ୍ଦୁର ନ କ ହାତେ କାଁଚ୍ ନାଇଁ।ବେକର୍ ମଙ୍ଗଳ ସୁତ ବି ନାଇଁ। ଆଖିନୁ ତାର୍ ବୁହି ଆସୁଥେ ଲହ ଯେ ଲହ ।

ବୁଢା ବୁଝି ଗଲ୍ ସେ ଯେନ୍ ସିନ୍ଦୁର ଆନଛେ ସେଟା ଆରୁ ମା ର୍ ସିଂଥି ନେ ନ ଲାଗି ପାରେ। ବୁଢା ସେନ ରସୋ ର ସୋ କାନ୍ଦୁଥେ । କନ୍ଦିରି ଯାଉଥିଲ୍ ତାର ମୁଡ୍ । ଝାଇଁ ମାରିନେଲ୍ ତାକେ ସେନ । ରଜ୍ ର୍ଜ୍ ହିଇ ପଡିଗଲ୍ ବହ ଘର ପିଣ୍ଡା ଉପରେ । ତାର ହାତର ସିନ୍ଦୁର ଡବା ଛିତକ କରି ବିଛି ହେଇ ଥେ ସିନ୍ଦୁର୍ ପିଣ୍ଡା ନେ ।

ସିଂଧେକେଲା

"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

# ବହି



ବିଶ୍ୱନାଥ ସେଠୀ

ଆଖର୍ ମାନଙ୍କୁ ସଜେଇ ଦେଲେ
ଶବଦ୍ ଗୁଟେ ହେସି,
ଶବଦ୍ ମାନକୁ ଧାଡିଥି ସଜାଲେ
ଫରଦ୍ ଗୁଟେ ବନସି ॥
ଫରଦ୍ ମାନଙ୍କୁ ବାନ୍ଧି, ଗଥି ଦେଲେ
ବହି ଗୁଟେ ହେସି,
ପାଠର୍ ଦେବୀ ମାଁ ସରସ୍ୱତୀ
ସେନେ ଥିସନ ବସି ॥
ବହି ହଉଛେ ଜ୍ଞାନର୍ ଭନାର୍
ଝର୍‌ସି କେତେ ଜ୍ଞାନ,
ବହିର୍ ଜ୍ଞାନ୍ ଠିକସେ ପାଏଲେ
ସଭେ ହେସନ୍ ସିଆନ୍ ॥
ର୍‌ମାଣ୍, ମହାଭ୍‌ରତ୍ ପୁର୍‌ନ୍ ବହି
ଶ୍ରୀମଦ୍ ଭ୍‌ଗବତ୍, କୋର୍‌ନ୍,
ତୁଲସୀ ଦାସ୍ର୍ ତୁଲସି ର୍‌ମାଣ୍
ବେଦ୍, ନରସିଂହ୍ ପୁର୍‌ନ୍ ॥
ଆହୁରି ଏନ୍ତା କେତନ ନାମେ
ରହିଛେ ଗୁରଦୁ ବହି,

ସବୁ ବହିଥୁ ବୁଢ, ଜ୍ଞାନର୍
ଝରନା ଯାଏସି ଊହି ॥
ଋଗ, ସାମବେଦ୍, ଯଜୁ, ଅଥର୍ବ୍
ଲେଖଲେ ପରମପିତା,
ବେଦର୍ ଜ୍ଞାନକେ ଆହରନ୍ କଲେ
ହେମା ଜଗତଜୀତା ॥
ଭ୍‌ବ୍ ଥାଇକରି ପଢଲେ ବହି
ଜ୍ଞାନ ଗଙ୍ଗା ବୁହିସି,
ଭ୍‌ବ ନେ ଥାଇ ଯେତେ ପଢଲେ
ସବୁ ବେକାର୍ ହେସି ॥
ଯେ ବୁଝଲା ବହିର୍ ମହିମା
ସେ ଅସଲ୍ ଜ୍ଞାନୀ
ପାଠରୂପୀ ଧନ୍ ଯାର ନେ ଥିସି
ସେ ହିଁ ପର୍କୁତ୍ ଧନୀ ॥

ଶଙ୍କର୍, ସୁବର୍ଣ୍ଣପୁର

# ସମିଆଁ

ଡ. ସୁଧାଂଶୁ ମେହେର

ସମିଆଁ କହୁଛେ ବାଟ୍ ଦେଖିଦେଖି ଲିଭିଯିବା ଆଁଖିର୍ ଜୁଏ
ତଥାପି ମୁନୁଷ୍ ବୁଝି ନାଇଁପାରେ ମୁଇଁ କଏ ତୁଇ କଏ ।।
ଜନମ୍ ଜିବ୍‌କା ଆର୍ ଜଅଁଗି ଇଟା ସମିଆଁର୍ ନାଟ୍
ସତ୍‌ଟା ଶୁକଲ୍ ମିଛ୍‌ଟା କଲା ଇ ନାଟେ କରୁଛୁଁ ପାଟ୍ ।।
ସଁସାରର୍ ସିର୍ଜିନା ଆଘୋ କାଲର୍ ଗତି ଥିଲା
ତାର୍ ପଛେ ସିନା ପାଏନ୍ ପବନ୍ ପାହାଡ୍ ପର୍ବତ ହେଲା ।।
କାଲ୍ ଗ୍ଲଲିଛେ ତାର୍ ବାଟେ ସବୁକେ ସାଂଗେ ନେଇ
କାଲର୍ ଫାଶି ଲାଗିଛେ ବେଁକେ ପଲେଇପାର୍‌ବୁ କାହିଁ ।।
ସଁସାର୍ ଭିତ୍‌ରେ ସମିଆଁ ବଡ ଯେ ବୁଝିଛେ ଥରେ
ମୁନୁଷ୍ ଭିତ୍‌ରେ ବଡ୍‌ରି ଯାଏସି ଦୁଃଖ୍ ଜଂଜାଲ୍ ନାଇଁ ଘାରେ ।।

ଆକାଶବାଣି ଗୀତିକାର ତଥା କବି
ଅଧକ୍ଷ, ଶିକ୍ଷା ନିକେତନ
ଶିକ୍ଷକ ଶିକ୍ଷା ତାଲିମ ମହା ବିଦ୍ୟାଳୟ
ସାଲେପାଲି, ବଲାଂଗିର- ୭୬୭୦୬୭

# ବିଶ୍ୱ କର୍ମା କେ ମୋର୍ ଗୁହାରି

ମୀରା ପାଣିଗ୍ରାହୀ

ହୋଏଗୋ ଆମର୍ ମାହାପୁରୁ
ବଡ୍ କାରିଗର୍ ବିଶ୍ କରମା ।
ଗରିବ୍ ଆଉ କୃଷି ବିତ୍ରା ଆମର୍ ଲାଗି ଝାଲେ
ଭିଜୁଛେ
ପଙ୍ଖା ଗୁଟେ ଦିଅ ହେ ମହାତ୍ମା ।
ଗଲି କନ୍ଦିର୍ ମା ମାଉସି ଆମର୍
ଟିଭି ଦେଖିଟିକେ ନ ପାର୍ବାର୍
ଗୁଟେଗୁଟେ ଗାଁ ଅଛେଜେ ଲାଇନ୍ ନ ଯିବାର୍
ବିତ୍ରେ ଦିନ୍ ଯାକର୍ କରୁଛନ୍ କବାର୍ ।
ଲାଇନ୍ ଟିକେ ଦେଲେ ମନ୍ ଟିକେ
ହେତା ସେମାନଙ୍କର୍ ଉସତ୍
ବିତ୍ ବିତା ହେଇ କରି ମନ ଖୁସିର୍ ଲାଗି
ଗାଲି ଲାଗୁଛନ୍ ଜାବତ୍।
ରୋଡ୍ ତଗ୍‌ତରେ ଜେନ୍ ଛୁଆ ବୁଲୁଛନ୍
ମିଲିଯାଉ ଗୁଟେ ଘର୍
ସେ ମା ବୁଆ କେ ଆଶ୍ରମ୍ ଟେ ମିଲୁ ଯାହାର୍
ପୁଓ ବଲୁଛେ ଯେନ୍ତା କରବୁ କର୍
ମର୍ ଲେ ମର୍ ।

ଯେନ୍ କୃଷି ଭାଇ ମାନେ ରୁଣ୍ କରୁଛନ୍
ଶୁଝି ଦିଅ ଟିକେ ରୁନ୍
ଖଞ୍ଜି ଭିରେଇ ଦିଅ ବଛରକର୍ ଟିକେ
ଚାଉଲ୍, ତେଲ୍ ନୁନ୍ ।
ଯେନ୍ ମା ବୁହେନ୍ ପଡିଛନ୍ ମନ୍ଦିର୍ ବାଟେ
ଅସ୍କଟ୍ ଏଁଖ୍ ପଡୁଛେ ଅସୁରର୍
ମୁଡ୍ ଉପ୍ରେ ଛାତ୍ ଗୁଟେ ମିଲୁ ହେ
ଦେଇ ଦିଅ ଟିକେ ବର୍ ।

# ଗରିବ୍



ସହଦେବ ଧରୁଆ

ବାଂଗଟି ଟେଂଗଟି ଘୁଲି ଗୁଟାଗୁଟି
ଗୁଲଗୁଲ୍ ଖଂଜାବୁଡା,
ଝୁପୁରି କୁରିଆ ଅଢ଼ିଆ ନୁରୁଆ
ପେଟେଁ ଜୁଏ ଜଲ୍‌ପୁଡା ।୧ ।

ଖଁଡିଆ ଡଁଡିଆ ଛିତ୍‌କା କୁରିଆ
ଉପରୁ ଡୁଁଗସି ଜନ୍,
ଆଖିଁର୍ ସପନ୍ କାଚ୍ ଦରପନ୍
ଭାଂଗିରୁଜି ଚୁନା ମନ୍ ।୨ ।

ସଖାଲ୍ ପାହେଲେଁ ଦୁଖଭୁତି କଲେ
ଚୁଲି ବସସି ଖପ୍‌ର୍,
କାମବୁତା ବିନା ମନ୍ ତନାପନା
ଭୁକେ କୁଟୁମ୍ ଘବର୍ ।୩ ।

ସାହୁ ମହାଜନ୍ ବୋଲେହାକେ ମନ୍
ଛିଡିପଡେ ଗୋଡ୍ ଖୁର୍,
କାହିଁ ଠିକ୍ ଜୁଟେ ଚର୍ ମୁଠେ କୁଟେ
ଝୁରମୁରେ ମନ୍-ତୁର୍ ।୪ ।

ମନ୍ ଧର୍‌ଧରି କାମବୁତା କରି
ଜୁଟାସି ଅଢ଼ିଆ ଚର୍,
ଘରେ ଛୁଆପୁତା ଅଁଟେ ନ କସତା
ଦେଖି ହେସି ହିଆହର୍ ।୫ ।

ଯା’ର୍ କାମ୍ କରେ ସିଏ ସୁଖେ ଘରେ
ହାତେ ସୁନାଟଁକା କେର୍,
ଖଟିଖଟି ଖରେଁ ଦିହୁଁ ଖୁନ୍ ଝରେ
ଗୁଡେ କେତର୍ ଛେପର୍ ।୬ ।

ଧଏନ୍ ଦୁନଆଁ କଲୁ ଅଭ୍‌ବିଆ
ଖଟିଖଟି ଖରକସ୍,
ଯା’ର କରେ ବୁତା ତାର୍ ମୁଁଡେ ଛତା
ସିଏ ଧନେ ବରକସ୍ ।୭ ।

କରମ୍ ଆଦ୍‌ରି ଜିଇଁ ଦମଧରି
ହେଇଗଲ୍ ବଏସର୍,
ଗରିବ୍ ହଟାଅ ଡିଂଗର୍ ବଜାଅ
ଶୁନ କେଁ ଜଢ଼ା ଭଏର୍ । ୮ ।

ଆଂଚଳିକ ଶିକ୍ଷା ପ୍ରତିଷ୍ଠାନ, ଭୁବନେଶ୍ୱର

# ସପନ୍

ସୁନୀଲ କୁମାର ଅଗସ୍ତି

ଉଷୁମ୍ ଖବର୍ ମନ୍ ହୁରଦେ
ତତଲ୍ ବାଏଲ୍
ଡହ ଡହ ଥିବାର୍ ପତେ
ସଂସାର୍ ଗୁଲ୍
ହାତ୍ ମୁଠା ନେ
ଚେପେଇ ହି' ଥିସି,
"ଭମର୍" ଗେରମେଟେନ୍
ଇତାର୍ ସଙ୍ଗେ ଜଏ ଜଏ
ତାର୍ ତାର୍ ଉପରେ
ଡାକର୍ ମଗ୍ନନ୍
ଅଏଧକା ମୁନୁଷର୍ ଗ୍ବହେନ
ଘନା ହାଁଡିର୍ ଭୁଜା ପରେ,
ହେଲେ.......
ସମିଆଁର୍ ଧାର୍ ତପତ୍ ସଙ୍ଗେ
ବନେ ବରକସ୍ ବନେ ଯବର୍,
ନେସି ଘିଚ ଆଖରୀ କେ
ଛୁଗ୍ବ ହାଡ୍ ସର୍ ସର୍,,

ଟିଟିଲାଗଡ଼, ବଲାଙ୍ଗୀର

# ବିଦେଶ ଖବର

## ରାଜ୍ୟର ଶ୍ରେଷ୍ଠ ୨୦ ପ୍ରଭାବଶାଳୀ ବ୍ୟକ୍ତିତ୍ୱଙ୍କ ମଧ୍ୟରେ ସ୍ଥାନ ପାଇଲେ ଡ. ଅରୁଣ ପ୍ରହରାଜ


(Top 20 Personalities Of Odisha 2020: Exalting Odia Pride)



ଡ. ଅରୁଣ ପ୍ରହରାଜ

ବାହାରିନ ରେ ଦାଦାଭାଇ ଗ୍ରୁପ୍ ଅଫ୍ କମ୍ପାନିଜ୍ ରେ ସିଇଓ ଭାବେ କାର୍ଯ୍ୟ କରୁଥିବା ଡକ୍ଟର ଅରୁଣ କୁମାର ପ୍ରହରାଜଙ୍କୁ ରାଜ୍ୟରେ ସମ୍ମାନିତ କରାଯାଇଛି । ଏକ କାର୍ଯ୍ୟକ୍ରମରେ ରାଜ୍ୟର ଶ୍ରେଷ୍ଠ ୨୦ ଜଣ ପ୍ରଭାବଶାଳୀ ବ୍ୟକ୍ତିତ୍ୱଙ୍କ ମଧ୍ୟରେ ସ୍ଥାନ ପାଇଛନ୍ତି ଶ୍ରୀ ପ୍ରହରାଜ । ସମାଜସେବା କ୍ଷେତ୍ରରେ ତାଙ୍କର ଉଲ୍ଲେଖନୀୟ ଅବଦାନ ନିମନ୍ତେ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି । ଏକ ଭରଚୁଆଲ୍ କାର୍ଯ୍ୟକ୍ରମ ମାଧ୍ୟମରେ ଏହି ସମ୍ମାନ ଶ୍ରୀ ପ୍ରହରାଜଙ୍କୁ ପ୍ରଦାନ କରାଯାଇଥିଲା । ଡ. ପ୍ରହରାଜ, ସାଂସଦ ଶ୍ରୀ ଅଚ୍ୟୁତ ସାମନ୍ତଙ୍କଠାରୁ ଏହି ସମ୍ମାନ ଗ୍ରହଣ କରିଥିଲେ । ବାହାରିନରେ କାର୍ଯ୍ୟରତ ଥାଇ ମଧ୍ୟ ଶ୍ରୀ ପ୍ରହରାଜ କରୋନା ଜନିତ ଲକଡାଉନ୍ ସମୟରେ ସେଠାରେ ବସବାସ କରୁଥିବା ଓଡିଆଙ୍କୁ ସେମାନଙ୍କ ଘରକୁ

ପଠାଇବାରେ ବେଶ୍ ପ୍ରଶଂସନୀୟ କାର୍ଯ୍ୟ କରିଥିଲେ । ଏଥି ସହ ବିଦେଶରେ ଓଡିଆ ଭାଷା ସାହିତ୍ୟ ଓ କଳା ସଂସ୍କୃତି ର ପ୍ରଗ୍ୟତ୍ତ ପ୍ରସାର କ୍ଷେତ୍ରରେ ମଧ୍ୟ ଶ୍ରୀ ପ୍ରହରାଜ ଉଲ୍ଲେଖନୀୟ କାର୍ଯ୍ୟ ଜାରି ରଖିଛନ୍ତି ।




ଏହି ୨୦ ପ୍ରଭାବଶାଳି ବ୍ୟକ୍ତିଙ୍କ ମଧ୍ୟରେ ବହୁ ରାଜନେତା ଓ ଉଦ୍ୟୋଗୀ ମଧ୍ୟ ରହିଛନ୍ତି । ଏହି ସମ୍ମାନକୁ ଶ୍ରୀ ପ୍ରହରାଜ ତାଙ୍କ ପିତା ସ୍ୱର୍ଗତଃ ତ୍ରୈଲୋକ୍ୟନାଥ ପ୍ରହରାଜଙ୍କୁ ଉତ୍ସର୍ଗ କରିଛନ୍ତି ।

++++

# ଶିଶୁ ବିଭାଗ



# ତିନ ଆଖିଆର ଚ୍ଛେପା



ଡ଼ଃ ରଞ୍ଜିତ କୁମାର ସାହୁ

ହରି ଅଜା ବହୁତ ଥଟ୍ଟା ଟାପର୍ କରନ୍ତି । ମଣ୍ଟୁ ସେଥିପାଇଁ ତାଙ୍କ ଉପରେ ଚିଡ଼େ ଯେତିକ ଭଲ ପାଏ ସେତିକ । ଅଜା ଗାଆଁରେ ଥାଇ ମଧ୍ୟ ବହୁତ କଛି ଜାଣନ୍ତି । ସଞ୍ଜ ହେବାରୁ ଗାଆଁରେ ମଶାଙ୍କର ଉତ୍ପାତ ଆରମ୍ଭ ହେଇଗଲା । ସାଧାରଣ ଦିନରେ ଝୁଣା ଧୂପ ହୁଏ ସନ୍ଧ୍ୟା ଦୀପ ସହ, ଆଜି କନ୍ତୁ ଝୁଣା ସରି ଯାଇଛି । ବ୍ୟସ୍ତତା ଭିତରେ କାହାର ମଧ୍ୟ ମନେ ନାହିଁ । ଆଈ ତାହାର ସନ୍ଧ୍ୟାଦୀପ ସହ ଧୂପକାଠି ଜାଳକ କାମ ଶେଷ କରି ଦେଇଛି । ମଣ୍ଟୁ କଣ କରିବ ଭାବୁ ଭାବୁ ଅଜାଙ୍କ ଡାକ ଶୁଭିଲା ଦାଣ୍ଡ ଅଗଣାରୁ, "ହେଇ ଶୁଣୁଛ, ଟିକେ ତିନ ଆଖିଆର ଛାଲ ଦିଅ, ମଶା ମାନେ ଭାରି ଉପଦ୍ରବ କଲେଣି । ସେମାନଙ୍କୁ ପାନେ ଦେବି ।"

ମଣ୍ଟୁ ଚମକ ପଡିଲା, "ତିନ ଆଖିଆ କଏ? ଆଉ ତିନ ଆଖିଆର ଛାଲ ପୁଣି କଣ । ବାଘ ଛାଲ, ହରିଣ ଛାଲ, କୁଟୁରା ଛାଲ, ମେଣ୍ଢା ଛାଲ ମାନେ ତ ସେମାନଙ୍କ ଚମଡ଼ା । ଏହି ତିନ ଆଖିଆ ପଶୁଟି କଣ ଯାହାର ଛାଲ ଅଜା ମାଗୁଛନ୍ତି ?"

ପାଠ ପଢା ସମୟ, ଯଦି ବାହାରକୁ ଯାଏ ସାଙ୍ଗେ ସାଙ୍ଗେ ଆରଂଭ ହୋଇଯିବ ବୋଉର ନୀତି ବାଣୀ କେମିତି ପାଠ ନ ପଢିଲେ ଜୀବନରେ କଛି କରି ପାରିବନ ସିଏ । ଆଜି ସକାଳ ଠାରୁ ବହି ଧରିକ ବସିଛି, ଅଜାଙ୍କ ସହ କଥା ମଧ୍ୟ ହେଇ ପାରିନ ।

କେମିତି ଅଜାଙ୍କ ପାଖକୁ ଯିବ ଭାବୁ ଭାବୁ ମଣ୍ଟୁ ନାକରେ ଧୂଆଁ ବାଜିଲା । କଛି ନ ଭାବି ବାହାରି ଗଲା ଦେଖିବାକୁ କଣ ପୋଡୁଛି ! ଅଜା କଛି ଗୋଟାଏ ଜାଳକ ଧୂଆଁ କରୁଥିଲେ !

"କଣ ଗୁଡ଼ାଏ ଜାଳୁଛ ଅଜା, ଧୂଆଁ ହଉଛି, ମୁଁ ପଢି ପାରୁନ," ମଣ୍ଟୁ କହିଲା ।

"ଭଲ୍ ଏ କ କଥା, ମଶା ତୋତେ ହଇରାଣ କରୁଥିବେ ଆଉ ତୁ ପଢି ପାରୁ ନଥିବୁ ବୋଲି ମୁଁ ଏହି ଜୁଗାଡ଼ କରିଛି, ତୁ ଓଲଟା ମୋତେ ଦୋଷ ଦେଉଛୁ?" ଅଜା କହିଲେ !

"କିନ୍ତୁ ତୁମେ ଜାଳୁଛ କଣ?" ମଣ୍ଟୁ ପଚାରିଲା !

"ତିନ ଆଖିଆର ଛାଲ," ଅଜା ଉତ୍ତର ଦେଲେ ।

"ସେଇଟା ପୁଣି କଣ? ମୁଁ ତ ଶୁଣିନ ଏମିତି କିଛି?" ମଣ୍ଟୁ ପଚାରିଲା ।

'ସବୁଠାରୁ ଉପକାରୀ ଗଛଟିଏ ର ନାମ କହ, ଯାହା ଯୋଗୁଁ ବହୁତ କିଛି ପାଇ ପାରେ ମଣିଷ," ଅଜା କହିଲେ ।

"ସବୁ ଗଛ ତ ଉପକାରୀ, ଆମ ଶିକ୍ଷକ କହିଛନ୍ତି," ମଣ୍ଟୁ ଉତ୍ତର ଦେଲା, "ପ୍ରତ୍ୟେକ ଗଛ ମଣିଷର ଆଉ ପରିବେଶର ଉପକାର କରିପାରେ ।"

"ସେଇଟା ତ ସତ, କିନ୍ତୁ ଏମିତି ଗୋଟିଏ ଗଛର ନାଁ କହ ଯାହାର ପ୍ରତ୍ୟେକ ଅଂଶ କାମରେ ଲାଗି ପାରେ," ଅଜା କହିଲେ ।

ଅନେକ ଗଛର ନାଁ କହିଲା ମଣ୍ଟୁ ,କିନ୍ତୁ ଅଜାଙ୍କୁ ପସନ୍ଦ ହେଲାନି ।

ଅଜା କହିଲେ, "ଏମିତି ଗୋଟିଏ ଗଛର ନାମ କହ ଯାହା ଖାଦ୍ୟ ସହିତ ପାନୀୟ ମଧ୍ୟ ଦିଏ ଆଉ ବାସ ସ୍ଥାନ ମଧ୍ୟ ।ଏଇଟା ସେହି ଗଛର ଅଂଶ ।"

"ଓଃ ମୁଁ ତ ଭାବୁଥିଲି କୌଣସି ପଶୁର ଛାଲ ବୋଲି," ମଣ୍ଟୁ କହିଲା ।

"କେଉଁ ଗଛର ଫଳକୁ ଖାଇ ହୁଏ ଏବଂ ପିଏ ହୁଏ ମଧ୍ୟ?" ଅଜା ପଚାରିଲେ ।

"ଏଇଟା ମୁଁ ଜାଣିଛି, ନଡ଼ିଆ ଗଛର ଫଳ ଖାଇ ହୁଏ ଏବଂ ପିଇ ହୁଏ ମଧ୍ୟ," ମଣ୍ଟୁ କହିଲା।

"ହଁ, ଏହି ଗଛକୁ ଲୋକେ କଳ୍ପବୃକ୍ଷ ମଧ୍ୟ କୁହନ୍ତି । ଆଜି ମଧ୍ୟ ଅନେକ ଅଞ୍ଚଳରେ ଏହାର ଗଣ୍ଡିରୁ ଘର ତିଆରି ହୁଏ, ଏବଂ ପତ୍ରକୁ ଛପର କରା ଯାଏ। ଏହାର ଚେରକୁ ଔଷଧ ରୂପରେ ବ୍ୟବହାର କରା ଯାଏ," ଅଜା କହିଲେ ।



"ଏ ସବୁ କଥା ତ ମୁଁ ଜାଣିଛି, ନୂଆ କଛି କହୁ ନାହାନ୍ତି," ମଣ୍ଟୁ କହିଲା ।

"ଏ ଯେଉଁ ଧୂଆଁ ହେଉଛି ଏହା ନଡ଼ିଆର କତା ଜାଳକ କରୁଛି, ଏହା ମଶା ଘଉଡେଇବାର ଏକ ଭଲ ଉପାୟ," ଅଜା କହିଲେ ।

"ଏବେ ବୁଝିଲି ତିନ ଅଖିଆର ଗ୍ଲେପାର ଅର୍ଥ," ମଣ୍ଟୁ କହିଲା ।

"ନଡ଼ିଆକୁ ଆମେ ଫଳ ଭାବିଲେ ମଧ କୃଷି ବିଜ୍ଞାନରେ ଏହା ଏକ ତୈଳବୀଜ ରୂପରେ ପରିଚତ କାରଣ ଅଧିକାଂଶ ନଡ଼ିଆକୁ ତୈଳ ଉତ୍ପାଦନରେ ବ୍ୟବାହାର କରାଯାଏ," ଅଜା କହିଲେ । ନଡିଆ ତେଲର ଅନେକ ପ୍ରକାର ବ୍ୟବହାର ଅଛି, ଖାଇବା ଆଉ ପ୍ରସାଧନ ଠାରୁ ବିଭିନ୍ନ ଶିଳ୍ପରେ ମଧ ।"

"ଆଉ କଛି ରୁଚକର କଥା କୁହନ୍ତୁ," ମଣ୍ଟୁ କହିଲା ।

"କିଛି ଦେଶରେ ନଡ଼ିଆ ବା ପଇଡ ତୋଳିବାକୁ ମାଙ୍କଡ ମାନଙ୍କୁ ନିଯୁକ୍ତ କରାଯାଏ," ଅଜା କହିଲେ ।

"ଓଃ ସତରେ ଏହି ଗଛଟି ବହୁତ ଉପକାରୀ । କାହାର ଅନିଷ୍ଟ କରେ ନାହିଁ, "ମଣ୍ଟୁ କହିଲା।

"ଗଛ କାହାର ଅନିଷ୍ଟ କରେ ନାହିଁ, କିନ୍ତୁ ନିଜର ହେଳା ଯୋଗୁଁ ଲୋକେ ଏହା ଦ୍ୱାରା କ୍ଷତି ଭୋଗନ୍ତି । ତୁ ଜାଣିଛୁ, ନଡ଼ିଆ ବା ପଇଡ ମୁଣ୍ଡରେ ପଡି ଅନେକ ଲୋକ ଆହତ ହୁଅନ୍ତି ପ୍ରତିବର୍ଷ**?**" ଅଜା କହିଲେ ।

"ଓଃ, ସତରେ**?**" ମଣ୍ଟୁ ପଚାରିଲା ।

"ହଁ ସେଥିପାଇଁ ସବୁବେଳେ ନିଜ ଆଖ ପାଖରେ ଦୃଷ୍ଟି ରଖି ସତର୍କ ହୋଇ କାମ କରିବାକୁ ପଡେ," ଅଜା କହିଲେ ।

ଅଜା ଆଉ କିଛି କହିବା ପୂର୍ବରୁ, ବୋଉର ଡାକ ଶୁଣି ଦୌଡ଼ି ଗଲା ମଣ୍ଟୁ ନିଜର ପଢା ଜାଗାକୁ ।

୨୨୪୭ ସି, କୋମୋନୱେଲଥ୍ ଡ୍ରାଇଭ୍,
ଶାରଲୋଟସଭିଲେ, ଭିର୍ଜିନିଆ, ଯୁକ୍ତରାଷ୍ଟ୍ର ଆମେରିକା

# ଟୁନାର ଶୁଆ କଣା



ନୀଳମାଧବ ସାହୁ

ଘରୁ ବାହାରକୁ ଆସୁଆସୁ ଟୁନା ବାରମ୍ବାର "ମିଟୁ" ଶବ୍ଦ ଶୁଣିବାକୁ ପାଇଲ୍ | କେଉଁଠୁ ଆସୁଛି ଏ ଶବ୍ଦ ଜାଣିବାକୁ ସବୁଆଡେ ଦେଖିଲ୍ | ତାପରେ ଜାଣିଲ୍ ଯେ ପଡିଶା ଘର ଲିଲି ମାଉସୀ ଗୋଟିଏ ଶୁଆ ଆଣି ପିଞ୍ଜରାରେ ରଖିଛି | ମିଟୁ ଶୁଆଟିକୁ ଦେଖି ଖୁସି ହେଲ୍ କାହିଁକି ନା ସେ ଶୁଆକୁ ପାଖରୁ କେବେ ଦେଖିନଥିଲ୍ | ମିଟୁ ମନେମନେ ଚନ୍ତା କଲ୍, ମା'ଙ୍କୁ କହି ସେ ବି ଶୁଆ ଗୋଟେ ଆଣିବ ଓ ପୋଷିବ |

ଲିଲି ମାଉସୀଙ୍କ ପୁଅ ରବି, ଟୁନାର ଭଲ ସାଙ୍ଗ ଅଟେ | ଦୁହେଁ ମିଶି ସବୁବେଳେ ବିଦ୍ୟାଳୟ ଯାଆନ୍ତି | ଟୁନା ସବୁବେଳେ ଶୁଆ ବିଷୟରେ ରବିକୁ ପଚାରେ; ସେ କ'ଣ ଖାଏ ଓ ପିଞ୍ଜରା ଭିତରେ କେମିତି ରହେ | ରବି ବି ତା' ହିସାବରେ ଉତ୍ତର ଦିଏ | "ତୋ ମା' ଶୁଆ କୋଉଠୁ ଆଣିଲେ", ଟୁନା ଦିନେ ରବିକୁ ପଚାରିଲ୍ | ରବି ଉତ୍ତର ଦେଲ୍ ଯେ ଗୋଟେ ମେଳାରେ ଶୁଆ ବିକ୍ରି ହେଉଥିଲା, ସେଠାରୁ ଆଣିଲେ |



କିଛି ଦିନ ପରେ ବିଦ୍ୟାଳୟର ବଣଭୋଜିରେ ଟୁନା ଓ ରବି, ଶିକ୍ଷକ ଓ ସାଙ୍ଗମାନଙ୍କ ସହ ଜଙ୍ଗଲକୁ ଯାଇଥିଲେ | ଜଙ୍ଗଲରେ ସେମାନେ ବିଭିନ୍ନ ପ୍ରକାରର ଗଛଲତା, ଜୀବଜନ୍ତୁ ଓ ପକ୍ଷୀ ଦେଖିଲେ | ଟୁନା ଓ ରବି ଶୁଆକୁ ବଣରେ ଦେଖି ଖୁସି ହେଲେ ଓ ତାହାରି ବିଷୟରେ ଶିକ୍ଷକଙ୍କୁ ପଚାରିଲେ |

ଶିକ୍ଷକ ବି ପିଲାମାନଙ୍କ ଜାଣିବାର ଇଚ୍ଛା ଦେଖି ଖୁସି ହେଲେ ଓ ଗଛଲତା, ପଶୁପକ୍ଷୀ ବିଷୟରେ ଜଣେଇବେ ବୋଲି କହିଲେ | ଶୁଆ ବିଷୟରେ କହିବାକୁ ଯାଇ ସିଖାକା କହିଲେ ଯେ ଏହାକୁ ଇଂରାଜୀରେ ରୋଜ ରିଙ୍ଗ ପାରାକୀଟ ବୋଲି କୁହନ୍ତି | ଏହାର ଚଡି ଚଡ଼ା ଡାକ "କଏକ କଏକ " ଯୋଗୁଁ ଗାଁ ରେ ଲୋକମାନେ କର ବୋଲି ମଧ୍ଯ କହନ୍ତି | ଏମାନେ ଜଙ୍ଗଲରେ ଦେଖାଯିବ ସହ ଚାଷଜମି, ଘର ବାଡ଼ି ବଗିଚା ଓ ସହରର ଉଦ୍ୟାନରେ ମଧ୍ଯ ଦେଖିବାକୁ ମିଳନ୍ତି | ଏମାନେ ଗଛରେ ଥିବା ପୋଲା ଗାତ ବା କୋରଡରେ ରହିଥାନ୍ତି | ଏହି ଶୁଆମାନଙ୍କ ରଙ୍ଗ ସବୁଜ ହୋଇଥିବା ବେଳେ ଥଣ୍ଟ ନାଲି ଥାଏ ଓ ଲାଞ୍ଜ ଅନ୍ୟ ପକ୍ଷୀ ଅପେକ୍ଷା ଟିକେ ଲମ୍ବା ଥାଏ | ପୁରୁଷ ଶୁଆମାନଙ୍କ ବେକରେ କଳା ଓ ଗୋଲାପୀ ରଙ୍ଗର ଫିତା ଲାଗିଲା ପରି ଦେଖାଯାଏ |



ରବି ଶିକ୍ଷକଙ୍କୁ ପ୍ରଶ୍ନ କଲା ଯେ ପୋଷା ଶୁଆମାନେ କପରି କଥା କହିପାରନ୍ତି | ଶିକ୍ଷକ କହିଲେ ଯେ ମଣିଷମାନଙ୍କ ପାଖରେ ରହି ପୋଷା ଶୁଆମାନେ କିଛି ଶବ୍ଦର ଉଚ୍ଚାରଣ ଶିଖିଯାନ୍ତି | ପିଞ୍ଜରାରେ ଥିବା ଶୁଆ ବନ୍ଦୀ ପରି ଜୀବନ ବିତାଇଥାନ୍ତି ଓ ସେମାନଙ୍କ ସ୍ୱାଧୀନତା ବି ନଥାଏ | ଖୋଲାରେ ବୁଲୁଥିବା ଶୁଆ ଖୁସିରେ ସ୍ୱାଧୀନ ଭାବେ ବଞ୍ଚିଥାଏ |

"ସେମାନେ କ'ଣ କ'ଣ ଖାଆନ୍ତି ?" ଟୁନା ଶିକ୍ଷକଙ୍କୁ ପଚାରିଲା | ଶିକ୍ଷକ କହିଲେ, ସେମାନେ ବିଭିନ୍ନ ପ୍ରକାରର ଫଳ (ପିଜୁଳି, ସିତାଫଳ, ଇତ୍ୟାଦି), କୋଳି, ମଞ୍ଜି, ଶସ୍ୟ, ଇତ୍ୟାଦି ଖାଆନ୍ତି | ଶୁଆମାନେ ସେମାନଙ୍କ ଛୁଆଙ୍କ ପାଇଁ ଖାଦ୍ୟ ନେବା ସମୟରେ ବାଟରେ ତଳେ ପଡ଼ିଯାଏ, ଯାହାଫଳରେ ସେଗୁଡ଼ିକୁ ଅନ୍ୟ ଜୀବମାନେ ଖାଆନ୍ତି | କେତେକ ଫଳର ମଞ୍ଜି ତଳେ ପଡି ପରବର୍ତ୍ତୀ ସମୟରେ ନୂତନ ବୃକ୍ଷର ଜନ୍ମ ନେଇଥାଏ, ତେଣୁ ସେମାନେ ପ୍ରକୃତିର ମିତ୍ର ଅଟନ୍ତି |

ଶିକାରୀମାନଙ୍କ ଶିକାର ଓ ମେଳାରେ ବିକ୍ରି ଯୋଗୁଁ କେତେକ ସ୍ଥାନରେ ଶୁଆମାନଙ୍କ ସଂଖ୍ୟା କମିବାରେ ଲାଗିଛି | ତେଣୁ ବନବିଭାଗ ଦ୍ୱାରା ବିଭିନ କାର୍ଯ୍ୟକ୍ରମ ଦ୍ୱାରା ତାକୁ ରୋକାଯାଉଛି ବି | ଲୋକମାନେ ମଧ୍ୟ ବନ୍ୟ ପଶୁପକ୍ଷୀଙ୍କୁ ସେମାନଙ୍କ ନିଜ ବାସସ୍ଥାନରେ ହିଁ ଛାଡ଼ିଦେବା ଠିକ ବୋଲି ସେହି ଜଙ୍ଗଲର ଅଧିକାରୀ ପିଲାମାନଙ୍କୁ ଜଣାଇଲେ | ସେ ସମସ୍ତଙ୍କୁ, ନିଜ ବାଡ଼ିରେ ଫଳଗଛ ଲଗେଇବା ପାଇଁ ଉପଦେଶ ଦେଲେ ଓ ପ୍ରକୃତି ପ୍ରତି ଆଗ୍ରହ ଆଣିବାକୁ କହିଲେ |

ଶିକ୍ଷକ ଶୁଆ ବିଷୟରେ କହିସାରିବା ପରେ ଅନ୍ୟ ପଶୁପକ୍ଷୀ ବିଷୟରେ ଜଣାଇଲେ | ଟୁନା ଶୁଆ କିଣିବ ବୋଲି ଆଗରୁ ଭାବୁଥିଲା | ତା'ର ଶୁଆ କିଣିବା ଚିନ୍ତା ଶିକ୍ଷକଙ୍କ ଯୋଗୁ ବଦଳିଗଲା | ଜଙ୍ଗଲ ଅଧିକାରୀଙ୍କ ଉପଦେଶ ଅନୁସାରେ ସେ ପିଜୁଳି ଖାଇବା ସମୟରେ କିଛି ମଞ୍ଜି ବାଡ଼ିରେ ପକାଇଦେଲା, ଫଳରେ ତା' ପର ବର୍ଷ ନୂଆ ଗଛଟି ସୃଷ୍ଟି ହେଲା |

୪-୫ ବର୍ଷ ପରେ ଗଛ ବଡ଼ ହେଲା ପରେ ସେଠାକୁ ଶୁଆ ଆସିବା ସହ ଅନ୍ୟ କେତେକ ପକ୍ଷୀ ମଧ୍ୟ ଦେଖିବାକୁ ମିଳିଲେ | ଟୁନା ପକ୍ଷୀମାନଙ୍କୁ ବାଡ଼ିରେ ଦେଖି ବହୁତ ଖୁସି ହେଲା| ମିଟୁ ଓ ରବି ଦୁହିଁଙ୍କର ପରିବେଶ ପ୍ରତି ଆଗ୍ରହ ଅସିଯାଇଥିଲା ଓ ସେମାନେ ଅନ୍ୟମାନଙ୍କୁ ପରିବେଶ ପ୍ରତି ସଚେତନ କରୁଥିଲେ |




ସମରଝୋଳ, ଗଂଜାମ, ଓଡିଶା

ଚଳତ ସଂସ୍କରଣରେ ଯଦି କୌଣସି ତୃଟି ଥାଏ, ସେଥିପାଇଁ ଆମେ କ୍ଷମାପ୍ରାର୍ଥୀ ଏବଂ ଆମର ଚେଷ୍ଟା ରହିବ ଆଗକୁ "ବେଦାନ୍ତୀ"କୁ ଉନ୍ନତରୁ ଉନ୍ନତତର କରି ଆପଣଙ୍କ ଆଗରେ ପ୍ରସ୍ତୁତ କରିବା । ସେଥିପାଇଁ ଆପଣମାନଙ୍କ ସହଯୋଗ କାମନାପାର୍ଥୀ ।

# କୁହାଳଆ



ମହେଶ୍ୱର ସାହୁ

ଅଜୁ, ବିଜୁ ଓ ରାଜୁ ତିନି ସାଙ୍ଗ ଥିଲେ । ପାଖା ପାଖି ଘର ଓ ଗୋଟିଏ ଶ୍ରେଣୀ ରେ ପଢ଼ନ୍ତି। ଏକାଠି ଖାଇବା ଓ ଏକାଠି ଖେଳବା ପାଇଁ ସବୁବେଳେ ଚେଷ୍ଟା କରନ୍ତି । ପାଠ ଆଦୌ ହୁଏ ନାହିଁ ବୋଲି ସବୁବେଳେ ଗୁରୁଜୀ ବାଡେଇ ଥାଆନ୍ତି । ଅଜୁ କଛିନା କଛି ବାହାନା କରି ଓହରି ଯାଇଥାଏ ମାଡରୁ | ହେଲେ ବିଚରା ବିଜୁ ଓ ରାଜୁ ପ୍ରବଳ ମାଡ଼ ଖାଇଥାନ୍ତି ।

ଦିନେ ଗୁରୁଜୀ ଦେଇଥିବା ପାଠ ତିନିଜଣ ଯାକ କେହି କରି ନ ଥିଲେ । ବିଜୁ ଓ ରାଜୁ ଅଜୁକୁ କହିଲେ, "ହଇରେ ଅଜୁ ଆଜି ଘର ପାଠ କରିନାହୁଁ । ତୁ କରିଛୁ କି ?" ଅଜୁ କହିଲା, "ଏଇ କଥା ! ବିଜୁ କହିବ ଗୁରୁଜୀ ମୋ ମାଆ ବହୁତ ବେମାର ପଡିଛନ୍ତି ! ମୁଁ ତାଙ୍କ ହାତଗୋଡ଼ ଦବେଇ ଦେଉଥିଲି । ଆଉ ରାଜୁ କହିବ ମାମୁଁଘରକୁ ବାପାଙ୍କ ସାଙ୍ଗରେ ଯାଇଥିଲି । ବାସ ଏତିକି କହି ଖସିବ ।"

ବିଜୁ ଓ ରାଜୁ କହିଲେ," ହଉ ହେଲା ଯେ ତୁ କଣ ପାଠ କରିଦେଇଛୁ?" ଅଜୁ ହସି ଦେଇ, "ଧେ ତେରୀକି, ମୁଁ କେବେ କରେ ନା କରିବି ଯେ ! କହିଲୁ ଦେଖି ପାଠ ପଢି କିଏ କଣ କଲାଣି? ତୁ କହ, କହ.. ।"

ବିଜୁ କହିଲା, "ଆମ ଶ୍ରେଣୀର ଗଣେଶ କେତେ ଭଲ ପଢୁଛି । ଶ୍ରେଣୀର ପ୍ରଥମ ହେଉଛି । ହେଲେ ଆମେ ଗଧ ହେଇଗଲେଣି । ଗଣେଶକୁ କେବେ ଗୁରୁଜୀ ବାଡେଇବାର କେହି ଦେଖିଛ । ସବୁ ଭଲ ପାଉଛନ୍ତି ତାକୁ । ଗୁରୁଜୀ ଓ ଗୁରୁମା ମଧ୍ୟ ଭଲ ପାଉଛନ୍ତି ।" ରାଜୁ କହିଲା, "ଠିକ କଥା କହିଲୁ ବିଜୁ । ତାକୁ ସବୁ ଭଲ ପାଉଛନ୍ତି ।" ଅଜୁ ରାଗିଯାଇ, "ହଇରେ ତାକୁ ଯଦି ଭଲ ପାଉଛନ୍ତି ସବୁ ତେବେ ସେ ରାଷ୍ଟ୍ରପତି

ହେଇଯିବ। ତମେ ଦୁଇଜଣ ଯାଇକ ତା ପାଦ ସେବା କର । ତା ବହି ବସ୍ତାନୀ ବୁହା ବୁହି କର । ଆଶୀର୍ବାଦ ମିଳବ । ବୁଝିଲ ମୋ ପାଖରୁ ଦୁରେଇ ଯାଅ !"

ଏମିତି ଅଜୁର କୁହାଳଆ କଥା ବିଜୁ ଓ ଋଜୁକୁ ପସନ୍ଦ ହୁଏ ନାହିଁ । ହେଲେ ତିନଜଣଙ୍କ ମଧ୍ୟରେ ଘନଷ୍ଠ ବନ୍ଧୁତା ଥିବାରୁ କେହି କାହାରିକୁ ଅଲଗା କରି ରହି ପାରୁ ନ ଥିଲେ । ବିଜୁ ଓ ଋଜୁ ଯେତେବେଳେ ଟିକେ ପଢିବାକୁ ବସୁଥିଲେ ଅଜୁ ଆସିଯାଉଥିଲା ଏବଂ ଚୁଗୁଲେଇ କହୁଥିଲା ତମେ ଦୁଇଜଣ ପ୍ରଧାନମନ୍ତ୍ରୀ ହେବ ତ କେତେବେଳେ କହୁଥିଲା ଜିଲ୍ଲାପାଳ ହେବ। ଏମିତି କହି ସେମାନଙ୍କ ମନ ଭୁଙ୍ଗି ଦିଏ ଓ ଖେଳବାକୁ ଡାକନଏ । ପରୀକ୍ଷା ସମୟ ଆସିଲା । ପିଲା ଭଲ ପଢୁ ନାହାନ୍ତି ବୋଲି ବାପା ମାଆ ସେମାନଙ୍କୁ ତାଗିଦ କରୁଥାଆନ୍ତି । ବାରମ୍ବାର ଗୁରୁଜୀଙ୍କୁ ପଚ୍ଚରୁଥାଆନ୍ତି ପିଲାର ପଢ଼ା ବିଷୟରେ । ଗୁରୁଜୀ ଖ୍ରେକ ଠୋକ କହି ଦିଅନ୍ତି ଏମାନଙ୍କର ପାଠ ଠାରୁ କୁହାଳଆମୀ ଓ ମିଛ ଅଧିକ । ତେଣୁ ଏମିତି ହେଲେ ସେମାନେ ଶୂନ୍ୟ ଆଣିବେ ।

ପରୀକ୍ଷା ସମୟ ଆସିଯାଇଥାଏ । ବାପା ମାଆ ଓ ଶିକ୍ଷକ ପାଠ ପାଇଁ ସବୁବେଳେ ନଜର ରଖୁଥାଆନ୍ତି । ବିଜୁ ଓ ଋଜୁ ଟିକେ ଆକଟ ହେଉଥାନ୍ତି ହେଲେ ଅଜୁ ନ ଶୁଣିଲେ ଗଲା । ଆଜି ପରୀକ୍ଷା । ଗୁରୁଜୀ ସମସ୍ତ ପିଲାଙ୍କୁ ଧାଡିରେ ବସାଇ ଦେଲେ । ପରୀକ୍ଷାରେ ଛାଡି ଛାଡି ବସିଥାନ୍ତି ସମସ୍ତ ଛାତ୍ର ଓ ଛାତ୍ରୀ । ପ୍ରଶ୍ନପତ୍ର ଓ ଉତ୍ତର ପତ୍ର ଦିଆ ଗଲା । ଅଜୁ ଆଗ ଧାଡିରେ ବସିଥାଏ । ତା ପାଖ ଧାଡିରେ ବସିଥାଏ ଗଣେଶ । ଟିକେ ଖୁସି ହେଇଗଲା ଯାହା ହେଉ ଆଜି ଦେଖି ଦାଖି କଛି ଲେଖିଦେବି । ଏମିତି ଅନେଇ ଲେଖିବି ଯେମିତି କାହାକୁ ସନ୍ଦେହ ହେବ ନାହିଁ । ନଜ ଆଖିକୁ ଏପଟ ସେପଟ କରି ଅଭ୍ୟାସ କରିବାରେ ଲାଗିଲା ଯେମିତି ସବୁ ଭାବିବେ ନଜ ପ୍ରଶ୍ନ ଦେଖି ଉତ୍ତର ଲେଖୁଛି ।

ପ୍ରଥମ ପ୍ରଶ୍ନ ଥିଲା : ଜାତିର ପିତା କଏ ? ଅଜୁ ଭଲ ଭାବେ ଗଣେଶ ଖାତାରୁ ପଢି ନ ପାରି ଭାବିଲା ଜାତି ପାଇଁ ପିତା କଣ ଲାଗେ । କଲରା ତ ନୁହେଁ । କଲରା ଗାନ୍ଧି ଲେଖିଛି କ ଗଣେଶ? ନାଁ ସଲରା ଗାନ୍ଧି ବୋଧେ ଭାବି ଲେଖିଦେଲା ।

ଦ୍ୱିତୀୟ ପ୍ରଶ୍ନ : ସ୍ୱାଧୀନତା ପୂର୍ବରୁ ଆମ ଦେଶକୁ କଏ ଶାସନ କରୁଥିଲେ? ଉତ୍ତର ଦେଖିବାକୁ ବହୁ ଚେଷ୍ଟା କଲା କନ୍ତୁ ଇଂରେଜ ଶବ୍ଦଟି ଭଲ ଭାବେ ପଢି ନ ପାରି ବହୁତ ଚନ୍ତା କରି ଇଂରାଜୀ ଲେଖିଦେଲା । ଅର୍ଥାତ ବହିରେ ଥିବା ବିଷୟ ଜ୍ଞାନ ଆଦୌ କହିଲେ ନାହିଁ । ଯାହା ହେଉ ଏଣୁତେଣୁ ଲେଖା ଲେଖି କରି ସମସ୍ତ ପରୀକ୍ଷା ସମ୍ପୂର୍ଣ କରିଦେଲା ।

ପରୀକ୍ଷା ଫଳ ବାହାରିଲା । ଶ୍ରେଣୀରେ ପ୍ରଥମ ଗଣେଶ, ଦ୍ୱିତୀୟ ବିଜୁ ଓ ତୃତୀୟ ରାଜୁ ହେଲେ ଅଜୁ ସବୁ ବିଷୟରେ କୁହାଳଆ ହୋଇ ଲେଖିଛି ବୋଲି ଶୂନ୍ୟ | ବାପା ମାଆ ବହୁତ ବାଡେଇଲେ । ଏବେ ରାଜୁ ହୃଦୟଙ୍ଗମ କଲା ଯେ ସେମାନେ ପାଠ ପଢି ମାର୍କ ପାଉଛନ୍ତି । ମୁଁ ପାଠ ପଢ଼ାରେ ଧ୍ୟାନ ଦେଉ ନାହିଁ ବୋଲି ମୋର ଏହି ଅବସ୍ଥା । ଶପଥ କଲା ସେମାନଙ୍କ ଠାରୁ ଭଲ ପଢିବି, ସମୟ ନଷ୍ଟ କରିବି ନାହିଁ ଓ ସବୁଠାରୁ ଶ୍ରେଣୀରେ ଅଧିକ ନମ୍ବର ରଖିବି ।

ଗୋପୀବିନ୍ଧା, ବ୍ରାହ୍ମଣ ଗାଁ,
ବାଲେଶ୍ୱର(ଭଦ୍ରକ)

"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

# ଚଗୁଲୁ ହେଲା ସୁନା ପିଲା

ଜନ୍ମେଜୟ ନାୟକ

"ମନେପଡେ ସେଦିନର କଥା | ସ୍କୁଲରେ ଦେବାଶିଷ ସାରଙ୍କ ପ୍ରଥମ ଦିନ | ମନରେ ଭରିଥାଏ କେତେ ଆଶା ଆକାଂକ୍ଷା। ଅନେକ କଷ୍ଟ କରି ନିଜ ଲକ୍ଷ୍ୟ ସ୍ଥଳରେ ପହଞ୍ଚିଥାନ୍ତି ସେ। ଆଜି ନିଯୁକ୍ତି ପାଇ ଯୋଗଦେବାର ପ୍ରଥମ ଦିନ। ମନ ବହୁତ ଖୁସି ଥାଏ ବିଦ୍ୟାଳୟରେ ନୂଆନୂଆ ପିଲା ମାନଙ୍କ ସହ ମିଶିବାର ସୁଯୋଗ ମିଳବ। ପ୍ରାର୍ଥନା ପରେ ଉପସ୍ଥାନ ଖାତାଟିକୁ ହାତରେ ଧରି ମନଜିଣା ସ୍ମିତହାସ୍ୟ ବଦନରେ ନବମ ଶ୍ରେଣୀ କକ୍ଷକୁ ପ୍ରବେଶ କରି ପିଲାମାନଙ୍କୁ ଶୁଭେଚ୍ଛା ଜଣାଇଲେ। ସେହି ସମୟରେ ଶ୍ରେଣୀ କକ୍ଷରେ ଆରମ୍ଭ ହେଇଗଲା ପିଲାମାନଙ୍କ ମଧ୍ୟରେ କଥାବାର୍ତ୍ତା, ହସାହସି ଇତ୍ୟାଦି। ପିଲାମାନଙ୍କ ଏପରି ଆଚରଣରେ ନିଜକୁ ଅସହଜ ମନେ କରୁଥିଲେ ମଧ୍ୟ ବିଚଳିତ ନହୋଇ ଶିକ୍ଷାଦାନ କାର୍ଯ୍ୟରେ ମନ ଦେଲେ। ପ୍ରଥମେ ନିଜ ଉପସ୍ଥିତ ବୁଦ୍ଧି ପ୍ରୟୋଗପୂର୍ବକ ସେ ପିଲାମାନଙ୍କ ଧ୍ୟାନକୁ ନିଜ ଆଡକୁ ଆକର୍ଷିତ କରିବାକୁ ଚେଷ୍ଟା କଲେ। ନିଜର ବିଚକ୍ଷଣ ବୁଦ୍ଧି, ବାକ୍ ଚାତୁରୀ, ଆଉ ପରିଚାଳନାର ଅଭୂତପୂର୍ବ ଦକ୍ଷତା ଯୋଗୁଁ ସେ ଏଥିରେ ସଫଳ ମଧ୍ୟ ହେଲେ। ସାର ଏକ କୌତୁକିଆ ଉପାୟରେ ପିଲା ମାନଙ୍କ ଉପସ୍ଥାନ ନେଲେ। ତାପରେ ତାଙ୍କର ପ୍ରିୟ ପାଠ୍ୟ ବିଷୟ ସମ୍ପର୍କରେ ପଚାରି ବୁଝିଲେ। ତାଙ୍କ ସହ ବିଭିନ୍ନ ଶିକ୍ଷଣୀୟ ଖେଳ ଖେଳିଲେ। ସାରଙ୍କ ପ୍ରତି ପିଲାମାନଙ୍କର ଆଗ୍ରହ ବଢିଗଲା। ସେମାନେ ବେଶ୍ ଉତ୍ସୁକତାର ସହ ମନ୍ତ୍ରମୁଗ୍ଧ ହୋଇ ତାଙ୍କ କଥା ଶୁଣିବାକୁ ଲାଗିଲେ। ସମସ୍ତେ ଶାନ୍ତ ହୋଇ ଏକ ଲୟରେ ଦେବାଶିଷ ସାରଙ୍କୁ ଚାହିଁ ରହିଥିଲେ।

ହଠାତ୍ ନଜର ପଡିଲା ଦେବାଶିଷ ସାରଙ୍କର ଗୋଟେ ପିଲା ଉପରେ। ତାର କୌଣସି ଆଗ୍ରହ ନଥିଲା ଦେବାଶିଷ ସାରଙ୍କ କଥାରେ। ଦେବାଶିଷ ସାର୍ ତାକୁ ପାଖକୁ ଡାକ ତା ନାଁ ପଚାରିଲେ | ଅନେକଥର ପଚାରିବା ପରେ ମୁହଁ ତଳକୁ କରି ସେ କହିଲା "ଚଗୁଲୁ"। ହଉ ବୋଲି କହି ଦେବାଶିଷ ସାର୍ ତାକୁ ତା ସ୍ଥାନରେ ଯାଇ ବସିବାକୁ କହିଲେ | ଏହା କହି ସେ ଚଗୁଲୁ ଉପରେ ନଜର ରଖି ନିଜ କାର୍ଯ୍ୟରେ ମନ ଦେଲେ | କିଛି ସମୟ ପରେ

ଚଗୁଲୁ ପୁଣି କଛି ବଦମାସି କରୁଥିବାର ଦେଖି ପାରିଲେ ସାର୍ | ଖାତାରେ କାର୍ଟୁନଟିଏ ଆଙ୍କୁଥିଲା | ଚଗୁଲୁ ଡରିଗଲା ବହୁତ। ଭାବିଲା ଆଜି ତାକୁ ଆଉ କେହି ରକ୍ଷା କରି ପାରିବେନ। ଦେବାଶିଷ ସାର୍ ନଜାଣିବା ପରି ସ୍ମିତ ହସି ନଜ ପାଠପଢ଼ା ଜାରି ରଖିଲେ। ପୁଣି କଛି ସମୟ ପରେ ଚଗୁଲୁ ଜଣେ ସହପାଠୀର ଟିଫିନ୍ ଘେରେଇ ଖାଉଥିବାର ଦେଖିଲେ ସାର୍ |

ଖେଳଛୁଟିର ସମୟ। ସମସ୍ତେ ଖେଳକୁଦରେ ବ୍ୟସ୍ତ। ଚଗୁଲୁ ମନମାରି ଖେଳପଡିଆର ଗୋଟେ କଣରେ ବସିଛି। ହଠାତ୍ ତା ପିଠିରେ କାହା ହାତର ସ୍ନେହବୋଳା ସ୍ପର୍ଶ ସେ ଅନୁଭବ କଲା। ପଛକୁ ବୁଲି ଦେଖେ ତ ଦେବାଶିଷ ସାର୍। ହଠାତ୍ ସାରଙ୍କୁ ନଜ ପାଖରେ ପାଇଁ ଭୟରେ

କମ୍ପିବାକୁ ଲାଗିଲା ସେ। ସାର କନ୍ତୁ ହସହସ ମୁହଁ କରି ବେଶ ସ୍ୱାଭାବିକ ଭାବେ ତା ହାତକୁ ନଜର ଟିଫିନ ବାକ୍ସଟି ବଢାଇ ଦେଲେ। ଆଖି ଛଳଛଳ ହେଇଗଲା ଚଗୁଲୁର। ସେ ଆଶ୍ଚର୍ଯ୍ୟ ହେଇ ଭାବୁଥିଲା ସାର କେମିତି ଜାଣିଲେ ଯେ, ତାକୁ ଭୋକ ଲାଗୁଥିଲା ଆଉ ସେ ଆଜି ଟିଫିନ୍ ଆଣିନାହିଁ ବୋଲି। ଟିଫିନ୍ ଖୋଲି ଖାଉଖାଉ ହଠାତ ଦେବାଶିଷ ସାରଙ୍କ ହସ ଶୁଣି ସେ ବି ଜୋରରେ ହସି ଉଠିଲା। ସାର ପଢଉଥିବା ବେଳେ ଚଗୁଲୁକୁ ଖାତାରେ କଛି ଗାରଉ ଥିବାର ଦେଖିଥିଲେ। ତେଣୁ ତା ଖାତା ନେଇ ଆସି ଦେଖୁଥିଲେ। ସେଥିରେ ଦେବାଶିଷ ସାରଙ୍କର ଗୋଟିଏ ଅତି ସୁନ୍ଦର କାର୍ଟୁନ୍ ଅଙ୍କା ହେଇଥିଲା।

ସାରଙ୍କୁ ଏପରି ହସୁଥିବାର ଦେଖି ଚଗୁଲୁର କାହିଁକ କେଜାଣି ଇଚ୍ଛା ହେଲା ସାରଙ୍କୁ ଜାବୁଡ଼ି ଧରିବାକୁ। ସାର୍ ତା ପିଠି ଥାପୁଡେଇ କହିଲେ "ଆରେ ବାଃ ଚଗୁଲୁ ତୁ ଏତେ କମ ବୟସରୁ ଏମିତି କାର୍ଟୁନ କେମିତି ଆଙ୍କି ପାରୁଛୁ। ତୁ ତ ସତରେ ଗୋଟେ ବଡ ଚନ୍ଦକର ଠୁଁ ବି କମ୍ ନୁହେଁ । "

ଏହି ଘଟଣାପରେ ଚଗୁଲୁ ଭିତରେ ଆସିଲା ବହୁ ପରିବର୍ତ୍ତନ | ସାର୍ ତାର ଅନ୍ତଃସୃଜନଶୀଳତାର ପୃଷ୍ଠପୋଷକ ସାଜି ସଠିକ୍ ମାର୍ଗଦର୍ଶନ ଦେଇ ଚାଲିଲେ |

ବାସ ତା ପରଠୁ ଏ ଚଗୁଲୁ କେବେ ସୁନା ପିଲା ହେଇଗଲା ସେ ନଜେ ବି ଜାଣି ପାରିଲାନ।"

ଏତିକ କହି ଓଦା ଆଖିକୁ ଲୁଗ୍ୱଇ ନତମସ୍ତକ ହେଇ ନଜର ପ୍ରିୟ ଶିକ୍ଷକ ଦେବାଶିଷ ସାରଙ୍କୁ ଅଶେଷ ଧନ୍ୟବାଦ ଜଣାଉ ଥିଲା, ବିଶ୍ୱ ରେ ସର୍ବକନିଷ୍ଠ କାର୍ଟୁନିଷ୍ଟ ଭାବେ ନୂତନ ବିଶ୍ୱରେକର୍ଡର ଅଧିକାରୀ, ହୋଇ ଅଜସ୍ର ଶୁଭେଚ୍ଛା ସାଉଁଟୁଥିବା ଚଗୁଲୁ ଓରଫ ଚନ୍ଦ୍ରକାନ୍ତ ରାଉତ ।

ସଭାରେ ଉପସ୍ଥିତ ସମସ୍ତ ବ୍ୟକ୍ତି ବି ଦେବାଶିଷ୍ ସାର୍ ଙ୍କ ମହନୀୟତାର ଚର୍ଚ୍ଚା କରୁଥାନ୍ତି ।

ଯାଜପୁର

ବେଦାନ୍ତୀର ଆଗାମୀ ସଂଖ୍ୟା  ମାସ ୧ ତାରିଖରେ ପ୍ରକାଶ ପାଇବ । ଏହି ସଂଖ୍ୟା ପାଇଁ ଆପଣମାନଙ୍କ ଲେଖା ପଠାଇବାପାଇଁ ଅନୁରୋଧ । ଆପଣମାନଙ୍କ ଲେଖା ପ୍ରତିମାସ **5** ତାରିଖ ସୁଦ୍ଧା ଆମ ପାଖକୁ ପଠାନ୍ତୁ । ଆପଣମାନେ ଲେଖା ଇମେଲ୍ କମ୍ବା ହ୍ୱାଟସଆପ୍ ଜରିଆରେ ପଠାଇପାରିବେ ।

ଇମେଲ୍ – vedantimagazine@gmail.com / editor.vedantimagazine@gmail.com
ହ୍ୱାଟସଆପ୍ ନଂ-9594993733

# ଆମେ ହସିବୁ ଆମେ ପଢିବୁ

ଧରିତ୍ରୀ ଦାସ

ଆମେ ହସିବୁ ଆମେ ପଢିବୁ
ଖୁସି ମନରେ ଗୀତ ଗାଇବୁ ।
କଏ କହୁଛି ଆମେ ଅବଳା
ଆମେ ହୋଇବୁ ଦିନେ ଚଞ୍ଚଳା ।
ଦୁର୍ଗା ବନିବୁ ନାହିଁ ସନ୍ଦେହ
ଦୁଷ୍ଟ ବିନାଶି ନାଶି ବିରହ ।
ପଢି ପଢ଼ାଇ ହେବୁ ପଣ୍ଡିତ
ରଖି ଦେଶର ମାନ ମହତ ।
ଆମେ ଦେଖାଇ ଦେବୁ ଜଗତ
ନାରୀ ନୁହଁଇ କେବେ ଦଳିତ ।
ପୁଅ ପରିକା ଝିଅ ପଢିବେ
ଦେଶ ଜାତିର ମାନ ରଖିବେ ।
ହସି ହସାଇ ସାରା ଦୁନିଆ
ହେବୁ ଆମେରେ ଭରି ବଢିଆ ।
ବଳ କଷିବା ଆମେ ଶିଖିବୁ
ନିଜେ ନିଜକୁ ରକ୍ଷା କରିବୁ ।
ମାତୃ ଗର୍ଭରୁ ହେବୁ ସଚେତ
ଗଣ ଦୁଷ୍କର୍ମ ହେବ ଦୁରିତ ।
ମାତୃ ଜାତିର ମାନ ବଢିବ
ନାରୀ ହସିବ ନାରୀ ବଢିବ ।

ରାଉତରା ପୁର, ପହଙ୍ଗା, ଯାଜପୁର

# ବର୍ଣ୍ଣବୋଧ



ରୋହିତ ସେଠୀ

ବର୍ଣ୍ଣର ସମ୍ଭାରେ ଛବି ପସରାରେ
ପୃଷ୍ଠା ତୁମ ଭରପୁର
ଉପର ମଲାଟେ ଜଗି ବସିଅଛି
ଏକ ଧବଳ ମାର୍ଜାର ।

ଛବିଳ ମଧୁ ବର୍ଣ୍ଣବୋଧ ନାମେ
ସାରା ଓଡ଼ିଶାରେ ଖ୍ୟାତ
ଶିଶୁ ମାନଙ୍କର ଅମୂଲ୍ୟ ରତନ
ସତେ ସ୍ୱର୍ଗ ପାରିଜାତ ।

ମାତ୍ରା, ଯୁକ୍ତାକ୍ଷର, ବାରମାସ ନାମ
ପଣକଆ ଦିଗସୂଚୀ
ମହାପୁରୁଷଙ୍କ ସଂକ୍ଷିପ୍ତ ଜୀବନୀ
ପ୍ରାର୍ଥନା ପୃଷ୍ଠା ମଣ୍ଡିଛି ।

ଇଂରାଜୀ ଆଉ ହିନ୍ଦୀ ବର୍ଣ୍ଣମାଳା,
ପିଲାଙ୍କର ମନ ଜାଣି
ବର୍ଣ୍ଣବୋଧରେ ଖୁନ୍ଦି ଦେଇଛନ୍ତି
କେତେ ସୁମଧୁର ବାଣୀ ।

କୁନ ପୁସ୍ତକରେ ଲେଖି ଯାଇଛନ୍ତି
କେତେ ଯେ ମହତ କଥା
ଶିଶୁଙ୍କର ପ୍ରିୟ ଭକ୍ତକବି ଆମ
'ବର୍ଣ୍ଣବୋଧ'ର ପ୍ରଣେତା ।

ଶିକ୍ଷକ
ଦୁତୀମେଣ୍ଡି, ମଲିକସାହି
ଖଜୁରୀପଡା, କନ୍ଧମାଳ

# ସଞ୍ଜ ବେଳ



ରାଜଶେଖର ସି 'ଚମା'

ଦିନର ଶେଷରେ ହୁଏ ସଞ୍ଜବେଳ,
ଆକାଶରେ ଦିଶେ ତାରାଙ୍କ ମେଳ,
ଚନ୍ଦ୍ର ଦିଏ ରୂପେଲି କରଣର ଖେଳ,
ସୂର୍ଯ୍ୟାସ୍ତ ଦୃଶ୍ୟର ନାହିଁ କଛି ମେଳ|୧|

ସମସ୍ତ ଥକାଲୋକ ଘରକୁ ଫେରନ୍ତି ଏହିବେଳେ,
ଦଳହୋଇ ବିହଙ୍ଗ କଳରବ କରନ୍ତି ଏହିବେଳେ,
ଲମ୍ବାରାତିର ଅନ୍ଧକାର ଆରମ୍ଭହୁଏ ଏହିବେଳେ,
ବାସିବାମଲ୍ଲି ରଜନୀଗନ୍ଧା ଫୁଲ ଫୁଟନ୍ତି ଏହିବେଳେ|୨|

ସଞ୍ଜହେଲ୍ ବିଦ୍ୟାର୍ଥୀଙ୍କ ପାଠପଢ଼ିବା ସମୟ,
ସଞ୍ଜହେଲ୍ ଗୁହା ଜଳଖିଆ ସେବନର ସମୟ,
ସଞ୍ଜହେଲ୍ ହାଟରୁ ଜିନଷ କଣାକଣିର ସମୟ,
ସଞ୍ଜହେଲ୍ ଶ୍ରୀଜୀଉଙ୍କ ପାଇଁ ଶଙ୍ଖନାଦର ସମୟ|୩|

chvrajasekhar@gmail.com

# ଚିତ୍ର

ତୃପ୍ତିମୟୀ ସେଠୀ



ଶୁଷମା ଶିକ୍ଷାନିକେତନ ମଶିଣାପାଲି,
ଜିଲ୍ଲା, ସୁବର୍ଣ୍ଣପୁର

# ନଭେମ୍ବର ମାସରେ ପଡୁଥିବା ପର୍ବପର୍ବାଣୀ

| | |
|---|---|
| ୦୧/୧୧/୨୦୨୦ | କାର୍ତ୍ତିକ ବ୍ରତାରମ୍ଭ |
| ୧୧/୧୧/୨୦୨୦ | ରମା ଏକାଦଶୀ |
| ୧୨/୧୧/୨୦୨୦ | ଗୋବତ୍ସା ଦ୍ୱାଦଶୀ |
| ୧୨/୧୧/୨୦୨୦ | ଧନ୍ୱନ୍ତରୀ ଜୟନ୍ତୀ |
| ୧୪/୧୧/୨୦୨୦ | ଦୀପାବଳି ପୟାଶ୍ରାଦ୍ଧ, ଶ୍ୟାମାକାଳୀ ପୂଜା, ଶିଶୁ ଦିବସ |
| ୧୫/୧୧/୨୦୨୦ | ଅମାବାସ୍ୟା |
| ୧୬/୧୧/୨୦୨୦ | ବିଛା ସଂକ୍ରାନ୍ତି, ଗିରିଗୋବର୍ଦ୍ଧନ ପୂଜା, କାର୍ତ୍ତିକେୟ ପୂଜା |
| ୧୮/୧୧/୨୦୨୦ | ନାଗ ଚତୁର୍ଥୀ |
| ୨୧/୧୧/୨୦୨୦ | ଷୋଳଶାସନ ଅମୃତମଣୋହି ଭୋଗ |
| ୨୨/୧୧/୨୦୨୦ | ଗୋଷ୍ଠାଷ୍ଟମୀ ଓ ଜଗମୋହନ ଭୋଗ |
| ୨୩/୧୧/୨୦୨୦ | ଅଁଳା ନବମୀ, ଜଗଦ୍ଧାତ୍ରୀ ପୂଜା |
| ୨୬/୧୧/୨୦୨୦ | ଗରୁଡ ଦ୍ୱାଦଶୀ ଓ ତୁଳସୀ ବିବାହ |
| ୨୭/୧୧/୨୦୨୦ | ଶ୍ରୀଜଗନ୍ନାଥଙ୍କ ନାଗାର୍ଜୁନ ବେଶ |
| ୨୮/୧୧/୨୦୨୦ | ବଡ ଓଷା |
| ୩୦/୧୧/୨୦୨୦ | ରାସ ପୂର୍ଣ୍ଣିମା, ବାଲିଯାତ୍ରା, କାର୍ତ୍ତିକ ବ୍ରତ ସମାପନ ଓ କାର୍ତ୍ତିକେଶ୍ୱର ପୂଜା |

# ଚିତ୍ର କଥା କହେ



ଦୃଶ୍ୟ ଭିତରୁ ଭାବକୁ ବାହାର କରିବାର ପରଖ ଦୃଷ୍ଟିକୁ ୨୦-୨୫ ଶବ୍ଦ ମଧ୍ୟରେ ଆମ ପାଖକୁ ଇମେଲ୍ ମାଧ୍ୟମରେ ପଠାନ୍ତୁ । ଶ୍ରେଷ୍ଠ ବିବେଚିତ ଉତ୍ତର, ଉତ୍ତରଦାତାଙ୍କ ନାମ ସହିତ ପରବର୍ତ୍ତୀ ସଂଖ୍ୟାରେ ପ୍ରକାଶ ପାଇବ । ଆମ ଠିକଣା – vedantimagazine@gmail.com/ editor.vedantimagazine@gmail.com

## ଅକ୍ଟୋବର ମାସର ବିଜେତାଙ୍କ ନାମ



ଶାଗୁଆ ଡଂକରେ ହଳଦୀ ଫୁଲ
ମଞ୍ଜାରୁ ଝୁଲଇ କଷି କାକୁଡି,
ଖାଇବାକୁ ମନ ହୁଏ ପାଗଳ ।
କଷି କାକୁଡିର ଆଦର କେତେ,

ସୁଆଦ ବଢଇ କଞ୍ଚା ଲଂକା ଲୁଣ
ପଖାଳ ସାଥେ ।
ପାଚଲା କାକୁଡି ଗ୍ରଇ ଆମ୍ବିଳ,
ମନେ ପଡିଗଲେ ବୋଉ ହାତରନ୍ଧା
ମନଟା ସତରେ ହୁଏ ବିକଳ ।

**ବିଜେତା: ସୁମିତ୍ରା ପଣ୍ଡା, ଶ୍ରୀ ବିହାର, ପଟିଆ, ଭୁବନେଶ୍ୱର**

କଇଁଚ କାକୁଡି ନଳତା ପିତା,
କ ସୁନ୍ଦର ଆହା ଆମ ବୃକ୍ଷଲତା,
ବାଡ଼ି ଅଗଣାର ଶୋଭା ବଢ଼ାଏ
ପୌଷ୍ଟିକ ମାନର ଖାଦ୍ୟ ଯୋଗାଏ,
ନ ଭୂଲିବା କେବେ ଏ ମହତ ଗୁଣ
ଆମ ବୃକ୍ଷଲତା ଆମ ଜୀବନ।

**ବିଜେତା: ମୀନାକ୍ଷି ପାଢୀ, ଥାନେ, ମହାରାଷ୍ଟ୍ର**

କଞ୍ଚା କାକୁଡ଼ି ଖାଆନ୍ତୁ,
ଦୃଢ ସ୍ୱାସ୍ଥ୍ୟ ପାଆନ୍ତୁ,
ଅନୁକୂଳ ଆର୍ଦ୍ରତା ରଖନ୍ତୁ,
ଶରୀର ହାଲୁକା ରଖନ୍ତୁ,
ଜୀବନ ସଜୀବ କରନ୍ତୁ ।୧।

ଅଳ୍ପ ଲୁଣ ଗ୍ରଗ ଲଙ୍କା ମିଶାନ୍ତୁ,
କମ୍ବା ପିଆଜ ଦହି ସହ ଖାଆନ୍ତୁ,
ଟିକେ ଭିଜା ଚଣା ଛୁଙ୍କ ଦିଅନ୍ତୁ,
ନଗ୍ମମୟ ଅଳ୍ପାହାର ଯେ ପାଆନ୍ତୁ,
ସଦା ସଦ୍ୟ ଖାଦ୍ୟ ସେବନ କରନ୍ତୁ ।୨।

**ଶ୍ରୀ ରାଜଶେଖର ସି 'ଚମା'**

ପ୍ରକୃତିର ଜଳକୁ ଧାରଣ କରେ ସେ,
ଚର ସବୁଜ ସୁନ୍ଦର ସେ,
ବାରମାସେ ଲୋଡା ପଡ଼ େ।
ଶରୀରକୁ ଶୀତଳ ପ୍ରଦାନ କରେ ସେ,
ଫଳଥୁଆ ବୁଧିବାମନ, ଦୁତିଆ ଓଷା
ପୂଜା ପାଏ ସେ ।
ଶ୍ରୀକ୍ଷେତ୍ରେ ସେ ମାଆ ବୋଲି
"କାକୁଡି-ଖାଇ" ରୂପେ ପୂଜିତ ।
ସବୁ ଦେବୀ ଅଟନ୍ତି ତାର ସନ୍ତାନ ।
ଧନ୍ୟ ସେ.....କାକୁଡି ।

କୀର୍ତ୍ତି ଦେବୀ, ସିଭିଲ୍ ଟାଉନ୍ ସିପ୍, ରାଉରକେଲା

ଚକ୍କଣ ସବୁଜ ରଙ୍ଗଟି ସୁନ୍ଦର
ଜଳୀୟ ଅଂଶର ଗୋଟେ ଗନ୍ତାଘର
ଗାଁଠୁ ସହର ସବୁଠି ଆଦରେ
ସ୍ଥାନ ମାଡିଥାଏ ପରିବା ଡାଲାରେ
ସାଲାଡ୍ ପାଇଁ ଅଟେ ଦରକାରୀ
ପଖାଳରେ କଣେ ମନ ସବୁରୀ
ଫଳେ ଲତା ମାଡି ଆଶ୍ରା ଜାବୁଡି
ନାଁ ତା'ର ହେଉଛି ବାଡି କାକୁଡି ।

ବାଙ୍କାବିହାରି ମହାକୁର

ବୁରୁବୁଡା, ବୀରମହାରାଜପୁର, ସୁବର୍ଣ୍ଣପୁର

ବେଦାନ୍ତୀର ଅନେକ ସଂଖ୍ୟାରେ ବାହାରୁଥିବା ପ୍ରଚ୍ଛଦପଟ୍ଟ ଏବଂ "ଚିତ୍ର କଥା କହେ"ର ଛବି ହେଉଛି ବେଦାନ୍ତୀର ସଂପୂର୍ଣ୍ଣ ନିଜସ୍ୱ । ଯଦି କୌଣସି ପାଠକ/ପାଠିକା ନିଜସ୍ୱ ଉତ୍ତୋଳନ ଛବିକୁ ବେଦାନ୍ତୀ ପତ୍ରିକାର ପ୍ରଚ୍ଛଦପଟ୍ଟରେ ପ୍ରକାଶ କରିବାକୁ ଚାହାଁନ୍ତି, ତେବେ ସେମାନେ ଆମକୁ ଯୋଗାଯୋଗ କରନ୍ତୁ । ଆମକୁ ସମ୍ପର୍କ କରିବାର ଠିକଣା ହେଲା – **vedantimagazine@gmail.com**

## ବେଦାନ୍ତୀ ଇ-ପତ୍ରିକାକୁ ଲେଖା ପଠାଇବାକୁ ଚାହୁଁଥିବା ଓଡିଆପ୍ରେମୀଙ୍କ ପାଇଁ କିଛି ସନ୍ଦେଶ:

- ଲେଖାକୁ ଟାଇପ୍ କରି MS WORD ଫାଇଲରେ ଏବଂ ପି.ଡି.ଏଫ୍ ଫାଇଲରେ ପଠାନ୍ତୁ ।
- ଲେଖାକୁ ପ୍ରତି ମାସ ୫ ତାରିଖ ଭିତରେ ପଠାନ୍ତୁ ।
- ଏହି ପତ୍ରିକାରେ ଗଳ୍ପ ଏବଂ କବିତା ସମାନ ସଂଖ୍ୟାରେ ପ୍ରକାଶିତ କରାଯାଉଛି । ଯେହେତୁ ଅନେକ କବିତା ଆମପାଖକୁ ଆସୁଛି, ତେଣୁ ଏହାକୁ ପ୍ରକାଶ କରିବା ପାଇଁ କିଛି ସମୟ ଲାଗୁଛି । ଯଦି ଆପଣ ଲେଖା ପଠାଇଥିବା ମାସରେ ଏହା ନବାହାରିଲା, ତେବେ ଏହି ଲେଖା ଆସନ୍ତା ମାସରେ ପ୍ରକାଶ ପାଇବ ।
- ଚେଷ୍ଟା କରନ୍ତୁ ଲେଖାକୁ ଇ-ମେଲ୍ ଜରିଆରେ ପଠାନ୍ତୁ । ଆମ ଇ-ମେଲ୍ ହେଲା - Editor.vedantimagazine@gmail.com ଏବଂ vedantimagazine@gmail.com
- ମାସକୁ ଥରଟିଏ ହିଁ ଲେଖା ପଠାନ୍ତୁ । ବାରମ୍ବାର ଅନେକ ଲେଖା ଇ-ମେଲ୍ ଜରିଆରେ ପଠାନ୍ତୁ ନାହିଁ ।
- ଲେଖା ସହିତ ଆପଣଙ୍କର ଠିକଣା ଏବଂ ଫଟୋ ମଧ୍ୟ ପଠାନ୍ତୁ ।
- ବେଦାନ୍ତୀ ଇ-ପତ୍ରିକା ଏକ ସଂପୂର୍ଣ୍ଣ ମୁକ୍ତ ଏବଂ ପାରିବାରିକ ପତ୍ରିକା । ଏଥିପାଇଁ ଉପଯୁକ୍ତ ଲେଖା ହିଁ ପଠାନ୍ତୁ ।
- ପୁରୁଣା ସଂଖ୍ୟା ପଢିବା ପାଇଁ www.vedantimagazine.com visit କରନ୍ତୁ ।

"ବେଦାନ୍ତୀ" ଜ୍ଞାନକୁ ପରିମାର୍ଜିତ କରୁଥିବା ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ପତ୍ରିକା । ବେଦାନ୍ତୀରେ ପ୍ରକାଶିତ ସମସ୍ତ ଲେଖାରେ ଦିଆଯାଇଥିବା ବିଚାର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ । ଯଦିଓ ସମ୍ପାଦକ ସବୁ ଲେଖାକୁ ଭଲଭାବରେ ପଢିବା ଏବଂ ବୁଝିବା ପରେ ହିଁ ପ୍ରକାଶିତ କରିଥାନ୍ତି, ତଥାପି ଲେଖାର ଶତ ପ୍ରତିଶତ ସତ୍ୟତାର ଦାବି କେବଳ ଲେଖକଙ୍କର । ଏଥିରେ ସମ୍ପାଦକ କମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ନାହିଁ ।

ବେଦାନ୍ତୀ ଇ-ପତ୍ରିକା ପ୍ରତ୍ୟେକ ମାସ ୧ ତାରିଖରେ ପ୍ରକାଶିତ ହେଉଛି ଏବଂ ଏହା ସମ୍ପୂର୍ଣ୍ଣ ମାଗଣାରେ ସାରା ବିଶ୍ୱର ଓଡିଆ ପ୍ରେମୀଙ୍କୁ ପଢିବା ପାଇଁ ୱେବସାଇଟ୍, ଇ-ମେଲ୍ ଏବଂ ସୋସିଆଲ୍ ମିଡିଆ ଦ୍ୱାରା ଯୋଗାଇ ଦିଆଯାଏ । ଲେଖକ/ଲେଖିକା ମାନେ ସେମାନଙ୍କର ଲେଖା ଓଡିଆରେ ଟାଇପ୍ କରି କମ୍ବା ଭଲଭାବରେ ହାତରେ ଲେଖି ଲେଖାର ସ୍କାନ କପି ଏବଂ ସପ୍ଟକପି ଆମ ପାଖକୁ ଇମେଲ୍ ରେ ପଠାନ୍ତୁ: vedantimagazine@gmail.com । ଯଦି କୌଣସି କାରଣରୁ କୌଣସି ଲେଖକ/ଲେଖିକାଙ୍କ ଲେଖା ଚଳତ ମାସରେ ପ୍ରକାଶ ପାଇନାହିଁ, ତେବେ ତାହା ଆଗାମୀ ମାସରେ ପ୍ରକାଶିତ ହେବ ।

ବେଦାନ୍ତୀ ପତ୍ରିକାକୁ ସୋସିଆଲ୍ ମିଡିଆରେ ପଢିବା ପାଇଁ ଏବଂ ଡାଉନଲୋଡ କରିବା ପାଇଁ ନିମ୍ନଲିଖିତ ସାଇଟକୁ ପଦାର୍ପଣ କରନ୍ତୁ:-

**www.vedantimagazine.com**

**https://www.facebook.com/vedantiemagazine**

**http://vedantimagazine.wordpress.com**